# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୪/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, July 4/2019 | ★★★★★★

୪୫ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ରାୟୁଡୁଙ୍କ ଅବସର

ଭାରତୀୟ ବିଶ୍ୱକପ୍ ଦଳରୁ ବାଦ୍ ପଡ଼ିବା ପରେ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି।

୧୯

୧୪

### ‘ଖାନ୍‌ଦାନି ଶାଫାଖାନା’ରେ ସୋନାକ୍ଷୀ

ସମାଜରେ ସେକ୍ସ ସମ୍ପର୍କରେ ‘ଖାନ୍‌ଦାନି ଶାଫାଖାନା’ ଲୋକଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା କହିଛନ୍ତି ।



# ଜନ୍ମବେଦି ଯିବେ ଦାରୁଦିଅଁ

**ପୁରୀ ଅଫିସ,୩।୭**



ରଥଖଳାରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଅଣାଯାଇଥିବା ତିନିରଥ। (ଫଟୋ-ଅନୀଲ ସାହୁ)

ସିଂହଦ୍ୱାରରେ ତିନିରଥ। ଭକ୍ତିମୟ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ଅପେକ୍ଷା କେବଳ କେତେବେଳେ ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ଦାରୁଦିଅଁ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ମହାପ୍ରଭୁଙ୍କ ଦୁର୍ଲଭ ଦର୍ଶନ। ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଆଉ ରଥାରୂଢ଼ ହୋଇ ଜନ୍ମବେଦି ଯିବେ ଚତୁର୍ଦ୍ଧାବିଗ୍ରହ।

**ଶ୍ରୀଗୁଣ୍ଡିଚା ଯାତ୍ରା**
- ସିଂହଦ୍ୱାରରେ ତିନିରଥ
- ସକାଳ ୯ଟା ୩୦ରେ ପହଣ୍ଡି
- ଅପରାହ୍ଣ ୪ଟାରେ ରଥଟଣା

ଗୁରୁବାର ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଦାରୁଦିଅଁ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଯୌବନ ଦର୍ଶନ ଦେଇ ନବଦିନାତ୍ମକ ଯାତ୍ରାରେ ଯିବା ଲାଗି ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଏଥିପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ବୁଧବାର ସକାଳ ୭ଟା ୩୫ରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ରଥଖଳାରୁ ତିନିରଥଙ୍କୁ ସିଂହଦ୍ୱାର ଆଣିବା ପାଇଁ ପୂର୍ବାହ୍ଣ ସାଢ଼େ ୧୧ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହେବାକୁ ନୀତିନିର୍ଘଣ୍ଟ ହୋଇଥିଲା। ଠିକ୍ ସମୟରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଜଗନ୍ନାଥ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ଏହାପରେ ମଧ୍ୟାହ୍ନ ୧୨ଟା ୩୬ରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ରଥଟଣା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ଏହାପରେ ତିନିରଥକୁ ଫୁଲରେ ସଜ୍ଜିତ କରାଯାଇଥିବାବେଳେ ରାତିରେ ଚାର ବନ୍ଧା ଯାଇ ରଥ ଉପରକୁ ସାରଥିଙ୍କୁ ନିଆଯାଇଥିଲା।

ସେପଟେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ସମ୍ପନ୍ନ ହୋଇଥିଲା। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା ଲାଗି କରିଥିଲେ। ଗୁରୁବାର ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ୯ଟା ୩୦ରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ୧୨ଟା ୩୦ରେ ରଥକୁ ମଦନମୋହନ ବିଜେ କରିବେ। ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥଟଣା ଆରମ୍ଭ ଲାଗି ନୀତିନିର୍ଘଣ୍ଟ ହୋଇଛି।

# ଧାନର ଏମ୍‌ଏସ୍‌ପି ୬୫ ଟଙ୍କା ବଢ଼ିଲା

- ୧୪ ଖରିଫ ଫସଲର ସହାୟକ ମୂଲ୍ୟ ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

**ନୂଆଦିଲ୍ଲୀ,୩।୭**

ବିଳମ୍ବିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଯୋଗୁ ଦେଶରେ ଦୃଷ୍ଟିପାତ ହ୍ରାସ ପାଇଥିବାବେଳେ କୃଷକଙ୍କୁ ଆଶ୍ୱସ୍ତ କରିବା ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। ତଦନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଧାନ ସମେତ ୧୪ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି। ଧାନର ଏମ୍‌ଏସ୍‌ପି ୩.୭% ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା କରାଯାଇଛି। ୨୦୧୮-୧୯ରେ ଧାନର ମୂଲ୍ୟ ୧୭୫୦ ଟଙ୍କା ଥିଲା। ଅର୍ଥାତ୍ ୬୫ ଟଙ୍କା ବୃଦ୍ଧି ପାଇଛି। ସେହିପରି ଗ୍ରେଡ୍ ଏ ଧାନର ମୂଲ୍ୟକୁ ୧୭୭୦ରୁ ୧୮୩୫ ଟଙ୍କା, ଜୋଆର(ଶଙ୍କର) ମୂଲ୍ୟ ୨୪୩୦ ଟଙ୍କାରୁ ୨୫୫୦ ଟଙ୍କା, ଜୋଆର(ମାଲଡଣ୍ଡି)ର ମୂଲ୍ୟ ୨୪୫୦ ଟଙ୍କାରୁ ୨୫୭୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଅନୁରୂପ ଭାବେ ବାଜରାର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୧୯୫୦ ଟଙ୍କାରୁ ୨୦୦୦ ଟଙ୍କା, ମାଣ୍ଡିଆ ୨୮୯୭ଟଙ୍କାରୁ ୩୧୫୦ ଟଙ୍କା, ମକା ୧୭୦୦ ଟଙ୍କାରୁ ୧୭୬୦ ଟଙ୍କା, ହରଡ଼ ୫୬୭୫ ଟଙ୍କାରୁ ୫୮୦୦ ଟଙ୍କା, ମୁଗ ୬୯୭୫ ଟଙ୍କାରୁ ୭୦୫୦ ଟଙ୍କା, ବିରି ୫୬୦୦ ଟଙ୍କାରୁ ୫୭୦୦ ଟଙ୍କା, ଚିନାବାଦାମ ୪୮୯୦ ଟଙ୍କାରୁ ୫୦୯୦ ଟଙ୍କା, ସୂର୍ଯ୍ୟମୁଖୀ ମଞ୍ଜି ୫୩୮୮ ଟଙ୍କାରୁ ୫୬୫୦ ଟଙ୍କା, ସୋୟାବିନ ୩୩୯୯ ଟଙ୍କାରୁ ୩୭୧୦ ଟଙ୍କା, ରାଶି ୬୨୪୯ ଟଙ୍କାରୁ ୬୪୮୫ ଟଙ୍କା, ନାଇଗର ସିଡ୍ ୫୮୭୭ ଟଙ୍କାରୁ ୫୯୪୦ ଟଙ୍କା, କପା(ମଧ୍ୟମ) ୫୧୫୦ ଟଙ୍କାରୁ ୫୨୫୫ ଟଙ୍କା ଏବଂ କପା(ଲମ୍ବା) ୫୪୫୦ ଟଙ୍କାରୁ ୫୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର ସୂଚନା ଦେଇଛନ୍ତି। ତୋମର କହିଛନ୍ତି ଯେ, ବିଳମ୍ବରେ ମୌସୁମୀ ଆସିବା କେବଳ ଚାଷୀଙ୍କ ପାଇଁ ନୁହେଁ, ବରଂ ସରକାରଙ୍କର ମଧ୍ୟ ଚିନ୍ତା ବଢ଼ାଇ ଦେଇଛି। କିନ୍ତୁ ଆଗକୁ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ କୃଷକଙ୍କ କଷ୍ଟ ଲାଘବ କରିବା ପାଇଁ ସରକାର ୧୪ ଖରିଫ ଫସଲର ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି (ସିସିଇଏ)ରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିଲେ ରାହୁଲ

- ଦଳର ପରାଜୟ ପାଇଁ ନିଜକୁ ଦାୟୀ କଲେ
- ନୂଆ ନେତା ବାଛିବା ଦାୟିତ୍ୱ ସିଡବ୍ଲ୍ୟୁସିର



**ନୂଆଦିଲ୍ଲୀ, ୩।୭(ପି.ଟି.)**

ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି। ସେ ଏବେ ଦଳର ଅଧ୍ୟକ୍ଷ ନାହାନ୍ତି ବୋଲି ବୁଧବାର ସ୍ପଷ୍ଟ କରିଦେବା ସହ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ତୁରନ୍ତ ତାଙ୍କ ଉତ୍ତରାଧିକାରୀ ବାଛିବା ଉଚିତ ବୋଲି କହିଛନ୍ତି। ଏପରିକି ସେ ଟୁଇଟର ଆକାଉଣ୍ଟରେ ପରିଚୟ ବଦଳାଇ ନିଜକୁ କଂଗ୍ରେସ କର୍ମୀ ଓ ଏମ୍‌ପି ବୋଲି ଉଲ୍ଲେଖ କରିଛନ୍ତି।

ଖବରଦାତାମାନଙ୍କୁ ରାହୁଲ କହିଛନ୍ତି, ଲୋକ ସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ଦଳର ଅଧ୍ୟକ୍ଷ ଭାବେ ନୈତିକତା ଦୃଷ୍ଟିରୁ ସେ ନିଜକୁ ଦାୟୀ କରୁଛନ୍ତି। ଏଥିପାଇଁ ସେ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇସାରିଛନ୍ତି। ଦଳର ଭବିଷ୍ୟତ ପାଇଁ ଉତ୍ତରଦାୟିତ୍ୱ ବହନ କରିବାର ଆବଶ୍ୟକତା ଥିଲା। ନିଜେ ଅଧ୍ୟକ୍ଷ ଥାଇ ଅନ୍ୟକୁ ଉତ୍ତରଦାୟୀ କରିବା ଠିକ୍ ହୋଇ ନ ଥାନ୍ତା ବୋଲି ରାହୁଲ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ଦୁଇଦିନ ପରେ ମେ ୨୫ରେ ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ ରାହୁଲ ଇସ୍ତଫା ଦେଇଥିଲେ। ତେବେ ସିଡବ୍ଲ୍ୟୁସି ଏହାକୁ ଖାରଜ କରିଦେଇ ଦଳର ସବୁ ସ୍ତରରେ ସାଙ୍ଗଠନିକ ପରିବର୍ତ୍ତନ ଲାଗି ତାଙ୍କୁ କ୍ଷମତା ପ୍ରଦାନ କରିଥିଲା। ସବୁସ୍ତରର କଂଗ୍ରେସ ନେତାମାନେ ରାହୁଲଙ୍କୁ ତାଙ୍କ ଇସ୍ତଫା ଫେରାଇ ନେବା ଲାଗି ଅନୁରୋଧ କରିଥିଲେ। ଅଧ୍ୟକ୍ଷ ପଦ ବଜାୟ ରଖିବା ଦାବିରେ କେତେଜଣ ଦଳୀୟ ନେତା କଂଗ୍ରେସ ମୁଖ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆଉ କେତେଜଣ ନେତା ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ଦୁଇଦିନ ପୂର୍ବରୁ କଂଗ୍ରେସ ଶାସିତ ୫ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ରାହୁଲଙ୍କୁ ଭେଟି ନିଷ୍ପତ୍ତି ବଦଳାଇବା ଲାଗି ଅନୁରୋଧ କରିଥିଲେ। କିନ୍ତୁ ରାହୁଲ ଶେଷ ପର୍ଯ୍ୟନ୍ତ ତାଙ୍କ ନିଷ୍ପତ୍ତିରେ ଅଟଳ ରହିଥିଲେ। ଦଳର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ସିଡବ୍ଲ୍ୟୁସି ତୁରନ୍ତ ବୈଠକ ଡାକି ନୂଆ ଅଧ୍ୟକ୍ଷ ସମ୍ପର୍କରେ ନିଷ୍ପତ୍ତି ନେବା ଉଚିତ। ସୂଚନାଯୋଗ୍ୟ, ଗତ ନିର୍ବାଚନରେ ୫୪୨ ଆସନରୁ କଂଗ୍ରେସ ମାତ୍ର ୫୨ ଆସନରେ ବିଜୟୀ ହୋଇଥିଲା।

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ବିଚିତ୍ରା ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

ପ୍ରାଣୀ ପରିବାରରେ ଜେଜେମା

**ଆଜିର ମନ୍ତବ୍ୟ**

“ରାଷ୍ଟ୍ରବିରୋଧୀ ଓ ଆତଙ୍କବାଦୀଙ୍କୁ ଦମନ କରିବା ଲାଗି ଦେଶଦ୍ରୋହ ଆଇନ ଜରୁରୀ।

– ନିତ୍ୟାନନ୍ଦ ରାୟ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ


















“ ରାହୁଲ ଗାନ୍ଧୀ ଦଳର ନେତା ଓ ଦଳୀୟ କର୍ମୀଙ୍କ ସ୍ୱର ହୋଇ ରହିବେ।
-ସଚିନ ପାଇଲଟ, ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ

# ଶରଣାର୍ଥୀ ଶିବିରରେ ବୋମା ବର୍ଷା

## ୪୪ ନିହତ, ୧୩୦ରୁ ଉର୍ଦ୍ଧ୍ୱ ଆହତ

ତ୍ରିପୋଲି,୩।୭

ଲିବ୍ୟା ରାଜଧାନୀ ତ୍ରିପୋଲିସ୍ଥିତ ଏକ ଶରଣାର୍ଥୀ ଶିବିରରେ ବୋମାମାଡ଼ ହୋଇଛି। ମାର୍ଶାଲ ଖଲିଫା ହଫ୍ତାରଙ୍କ ଅନୁଗତ ସୈନ୍ୟଙ୍କ ପକ୍ଷରୁ ଆକାଶମାର୍ଗରୁ ତଜୌରାରେ ରାତିଅଧିଆ ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୪୪ ଶରଣାର୍ଥୀ ନିହତ ହୋଇଥିବାବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ଜାତିସଂଘ ସମର୍ଥିତ ସରକାର ବୁଧବାର ସ୍ପଷ୍ଟ କରିଛନ୍ତି। ଆକ୍ରମଣକୁ ଜାତିସଂଘ ଯୁଦ୍ଧ ଅପରାଧର ଆଖ୍ୟା ଦେଇଛି। ଅନ୍ୟପକ୍ଷରେ ହଫ୍ତାରଙ୍କ ସେନା ଏହି ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛି।

ତଜୌରା ଶରଣାର୍ଥୀ ଶିବିରରେ ୬୦୦ ଜଣ ଆଶ୍ରୟ ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହଫ୍ତାରଙ୍କ ନେତୃତ୍ୱାଧୀନ ସେନାର ଏକ ଏଫ୍-୧୬ ଫାଇଟର-ବମ୍ବର ତ୍ରିପୋଲି ଆଡ଼କୁ ଅଗ୍ରସର ହୋଇଥିଲା। ଯୁଦ୍ଧବିମାନରୁ ଆକାଶମାର୍ଗରୁ ଶରଣାର୍ଥୀ ଶିବିରକୁ ଟାର୍ଗେଟ କରି ଘନଘନ ବୋମାବର୍ଷଣ କରାଯାଇଥିଲା। ଆକ୍ରମଣରେ ୪୪ ଶରଣାର୍ଥୀ ଟଳିପଡ଼ିଥିବାବେଳେ ୧୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଉପ-ସାହାରୀୟ ଆଫ୍ରିକୀୟ ଅଛନ୍ତି, ଯେଉଁମାନେ କି ଲିବ୍ୟାରୁ ସମୁଦ୍ରପଥରେ ୟୁରୋପ ଯିବା ପାଇଁ ଉଦ୍ୟମ କରୁଥିଲେ। ଆହତଙ୍କୁ ଉଦ୍ଧାର କରିବା ପାଇଁ ଆକ୍ରମଣସ୍ଥଳରେ ରିଲିଫ୍ ଟିମ୍ ଉଦ୍ୟମ ଚଳାଇଛନ୍ତି। ଜାତିସଂଘ ସମର୍ଥିତ ତଥା ପ୍ରଧାନମନ୍ତ୍ରୀ ଫୟେଜ୍ ଅଲ୍-ସରାଜଙ୍କ ନେତୃତ୍ୱାଧୀନ ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ ଆକର୍ଡ (ଜିଏନ୍ଏ) ଏହି ଆକ୍ରମଣ ପାଇଁ ଲିବ୍ୟାନ୍ ନ୍ୟାଶନାଲ୍ ଆର୍ମି (ଏଲ୍ଏନ୍ଏ)କୁ ଦାୟୀ କରିଛି। ଜେନେରାଲ ହଫ୍ତାରଙ୍କ ଏଲ୍ଏନ୍ଏ ଦ୍ୱାରା ଏହି ଘୃଣ୍ୟ ଅପରାଧ ପ୍ରାୟୋଜିତ ଥିଲା ବୋଲି ଜିଏନ୍ଏ ପକ୍ଷରୁ କୁହାଯାଇଛି। ଲିବ୍ୟାରେ ଜାତିସଂଘ ମିଶନର ମୁଖ୍ୟ ଘସାନ୍ ସଲାମା ତଜୌରା ଆକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ବୋମାମାଡ଼ ପରେ ସମ୍ପୃକ୍ତ ଅଞ୍ଚଳ ରକ୍ତାକ୍ତ ହୋଇଯାଇଥିଲା। ଶରଣାର୍ଥୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଏଠିସେଠି ପଡ଼ିଥିଲା ବୋଲି ଲିବ୍ୟା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଖାଲିଦ୍ ବିନ୍ ଗଣହତ୍ୟାର ବର୍ବରତା ବର୍ଣ୍ଣନା କରିଛନ୍ତି।



### ରାତିଅଧିଆ ଏୟାରଷ୍ଟ୍ରାଇକ୍

- ଏଲ୍ଏନ୍ଏକୁ ଦାୟୀ କଲେ ପ୍ରଧାନମନ୍ତ୍ରୀ
- ଓଲଟା ଦୋଷ ଲଦିଲେ ହଫ୍ତାର
- ଆକ୍ରମଣକୁ ଯୁଦ୍ଧ ଅପରାଧ ଆଖ୍ୟା ଦେଲା ଜାତିସଂଘ

## ଜଟିଳ ହେଉଛି ଲିବ୍ୟା ସଙ୍କଟ

ତ୍ରିପୋଲି,୩।୭

ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଲିବ୍ୟା ସଙ୍କଟ। ଉତ୍ତର ଆଫ୍ରିକାର ଏହି ଦେଶକୁ ସର୍ବାଧିକ ସମୟ ଶାସନ କରିଥିବା ଏକଚ୍ଛତ୍ରବାଦୀ ମୁଆମାର ଅଲ୍-ଗଦ୍ଦାଫିଙ୍କ ୨୦୧୧ରେ ପତନ ହେବା ପରଠୁ ସେଠାରେ ହିଂସା ଓ ବିଭାଜନ ଲାଗିରହିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଡିଟେନ୍ଶନ ସେଣ୍ଟରଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ଶରଣାର୍ଥୀ ଆଶ୍ରୟ ନେଇଛନ୍ତି। ସେପଟେ କ୍ଷମତା ଅକ୍ତିଆର ପାଇଁ ମାର୍ଶାଲ ଖଲିଫା ହଫ୍ତାରଙ୍କ ମହତ୍ତ୍ୱାକାଂକ୍ଷା ଦେଶରେ ଅସ୍ଥିରତା ସୃଷ୍ଟିର କାରଣ ସାଜିଛି।ଏପ୍ରିଲ ୧୪ରେ ହଫ୍ତାର ନିଜକୁ ଲିବ୍ୟାର ସୁପ୍ରିମ ଲିଡର ଘୋଷଣା କରିଥିଲେ। ସମ୍ପ୍ରତି ଚାଲିଥିବା ଶାନ୍ତି ଯୋଜନାକୁ ପଣ୍ଡ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ସମୁଦାୟକୁ ଏକ ସନ୍ଦେଶ ଦେବା ପାଇଁ ସେ ତ୍ରିପୋଲିକୁ ଦଖଲ କରିନେଇଥିଲେ। ସେବେଠୁ ସେଠାରେ ବିଶେଷକରି ଦକ୍ଷିଣ ତ୍ରିପୋଲିର ଗ୍ରାମାଞ୍ଚଳରେ କ୍ରମାଗତ ଭାବେ ସଂଘର୍ଷ ଲାଗିରହିଛି। ଏଥିରେ ୬୦୦ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ୫,୦୦୦ରୁ ଉର୍ଦ୍ଧ୍ୱ ଆହତ ହେଲେଣି। ଏହାସହ ୩୦ ହଜାରରୁ ଅଧିକ ପରିବାର ବିସ୍ଥାପିତ ହୋଇ ଘର ଛାଡ଼ିବାକୁ ବାଧ ହୋଇଛନ୍ତି। ୨୦୧୫ରୁ ସେଠାରେ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ସରକାର ଚାଲିଛି। ଗୋଟିଏ ଜାତିସଂଘ ଦ୍ୱାରା ସମର୍ଥିତ ସରକାର ତ୍ରିପୋଲିରେ ଚାଲିଛି, ଯାହା ଅଧୀନରେ ରାଜଧାନୀ ଓ ପଶ୍ଚିମର କେତେକ ଛୋଟ ସହର ରହିଛି। ଅନ୍ୟ ସରକାର ହଫ୍ତାରଙ୍କ ନେତୃତ୍ୱରେ ଚାଲିଛି, ଯାହା ଦଖଲରେ ଅବଶିଷ୍ଟ ବିସ୍ତୃତ ଭୂଖଣ୍ଡ ରହିଛି। ତନ୍ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ତୈଳଭଣ୍ଡାର ରହିଛି।



ଫୟେଜ୍ ଅଲ୍-ସରାଜ



ଖଲିଫା ହଫ୍ତାର

■ ୨୧ ବର୍ଷ ପରେ କଂଗ୍ରେସକୁ ମିଳିବ ଅଣଗାନ୍ଧୀ ଅଧ୍ୟକ୍ଷ

## ସିନ୍ଧେ, ଖାର୍ଗେଙ୍କ ମଧ୍ୟରୁ ଜଣେ

ନୂଆଦିଲ୍ଲୀ,୩।୭

ରାହୁଲ ଗାନ୍ଧୀଙ୍କ ଇସ୍ତଫା ପରେ ବରିଷ୍ଠ ନେତା ସୁଶୀଲ କୁମାର ସିନ୍ଧେ କିମ୍ବା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କଂଗ୍ରେସ ଏହାର ନୂଆ ଅଧ୍ୟକ୍ଷ ଚୟନ କରିପାରେ ବୋଲି ଆଲୋଚନା ହେଉଛି। ପି.ଭି. ନରସିଂହ ରାଓ ଏବଂ ସୀତାରାମ କେଶରୀଙ୍କ ପରେ ତୃତୀୟ ଥର ଲାଗି କଂଗ୍ରେସର ନେତୃତ୍ୱ ଗାନ୍ଧୀ-ନେହେରୁ ପରିବାର ବାହାର ବ୍ୟକ୍ତିଙ୍କ ହାତକୁ ଯାଉଛି। ତେବେ ବୃତ୍ତାନ୍ତ ନିଷ୍ପତ୍ତି ରାହୁଲ, ପୂର୍ବତନ ଅଧ୍ୟକ୍ଷ ସୋନିଆ ଗାନ୍ଧୀ ଓ ଦଳର କଂଗ୍ରେସ ନେତା ଥିବା ୭୬ ବର୍ଷୀୟ ମଲ୍ଲିକାର୍ଜୁନ ଖାର୍ଗେ ସରକାରଙ୍କୁ ମୁକାବିଲା କରିବାରେ ବିରୋଧୀ ଦଳର ନେତୃତ୍ୱ ନେଇଥିଲେ। ପୂର୍ବରୁ ସେ କେନ୍ଦ୍ରରେ ମନ୍ତ୍ରୀ ମଧ୍ୟ ଥିଲେ। ସପ୍ତାହକ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ଚୟନ କରାଯିବ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ଦୀର୍ଘ ମାସେ ବ୍ୟାପୀ ରାହୁଲଙ୍କ ଇସ୍ତଫାକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାର ବୁଧବାର ଅବସାନ ଘଟିଛି। ସେ ଆନୁଷ୍ଠାନିକ ଭାବେ ଇସ୍ତଫା ଦେବା ସହ ଇସ୍ତଫା ପତ୍ରକୁ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଏହା କଂଗ୍ରେସର ନୂଆ



ମଲ୍ଲିକାର୍ଜୁନ ଖାର୍ଗେ



ସୁଶୀଲ କୁମାର ସିନ୍ଧେ

ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ନେବେ ବୋଲି ଜଣାପଡିଛି।

୭୭ ବର୍ଷୀୟ ସିନ୍ଧେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ। ସେ ପୂର୍ବରୁ କେନ୍ଦ୍ର ସରକାରରେ ମନ୍ତ୍ରୀ ମଧ୍ୟ ଥିଲେ। ୨୦୦୨ ଉପରାଷ୍ଟ୍ରପତି ନିର୍ବାଚନରେ ସେ ଦଳୀୟ ପ୍ରାର୍ଥୀ ଥିଲେ। ମହାରାଷ୍ଟ୍ରରେ ଆଗକୁ ବିଧାନସଭା ନିର୍ବାଚନ ରହିଛି। ସିନ୍ଧେ ଦଳିତମାନଙ୍କ ପ୍ରିୟ ନେତା ହୋଇଥିବାବେଳେ ଗାନ୍ଧୀ ପରିବାରର ତାଙ୍କ ଉପରେ ପୂର୍ଣ୍ଣ ଭରସା ରହିଛି। ତାଙ୍କୁ କଂଗ୍ରେସ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିବାର ଯଥେଷ୍ଟ ସମ୍ଭାବନା ଥିବା କୁହାଯାଉଛି। ଗତ ଥର ଲୋକ ସଭାରେ ଡ୍ରାମା ବୋଲି ଭାଜପା କହିଛି। ରାହୁଲ ଇସ୍ତଫା ଦେଇଥିବାରୁ ସର୍ବପୁରାତନ ଦଳରେ ଏକ ନୂଆ ଯୁଗ ଆରମ୍ଭ ହେବ ଏବଂ ଦଳ ପୁନର୍ଗଠନ ଲାଗି ସୁଯୋଗ ମିଳିବ ବୋଲି ଭାଜପା ସହଯୋଗୀ ଶିବସେନା କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲହର ରାହୁଲଙ୍କୁ ଉପାଡି ଦେଇଛି। ମୋଦିଙ୍କ ଶାସନ କାଳରେ କଂଗ୍ରେସ ଗାନ୍ଧୀ ପରିବାର ମୁକ୍ତ ହୋଇଛି ବୋଲି ଶିବସେନା ଏମ୍ପି ସଞ୍ଜୟ ରାଉତ କହିଛନ୍ତି। ରାହୁଲ ଭବିଷ୍ୟତରେ ପୁଣିଥରେ କଂଗ୍ରେସ ଅଧ୍ୟକ୍ଷ ହୋଇପାରିବେ ବୋଲି ଏନ୍ସି ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

**ବେଙ୍ଗାଲୁର, ୩।୭:** ଚିକାବଲପୁର ଜିଲାରେ ଏକ ମିନିଟ୍ରକ୍ ଓ ଗୋଟିଏ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ଜଣଙ୍କ ମୃତ୍ୟୁ ଘଟିଛି। କେଞ୍ଚର୍ଲାପଲ୍ଲୀ ଥାନା ଅଧୀନ ଚିନ୍ତାମଣି ଟାଉନ ନିକଟବର୍ତ୍ତୀ ମୁରୁଗାମଲ୍ଲଠାରେ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

### କିସ୍ତୱାରରେ ଡ୍ରୋନ୍ ଜବତ

**ଜମ୍ମୁ,୩।୭(ପି.ଟି.):** କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଥିବା ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଜେଲ୍ ଉପରେ ଡ୍ରୋନ୍ ଉଡ଼ିବା ଘଟଣା ସୁରକ୍ଷା ବାହିନୀର ଚିନ୍ତା ବଢ଼ାଇଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଡ୍ରୋନ୍‌କୁ ଜବତ କରାଯାଇଛି। ଡ୍ରୋନ୍ କେଉଁଠୁ ଓ କିପରି ଆସିଲା ତାହାର ତଦନ୍ତ କରାଯାଉଥିବା କିସ୍ତୱାର ଏସ୍ଏସ୍ପି ଶକ୍ତି ପାଠକ୍ କହିଛନ୍ତି। ତେବେ ସୋମବାର କେଶ୍ୱାନ ଅଞ୍ଚଳରେ ହୋଇଥିା ମର୍ମନ୍ତୁଦ ସଡକ ଦୁର୍ଘଟଣାର ମୃତକମାନଙ୍କୁ ଖୋଜିବା ଲାଗି ଉକ୍ତ ଡ୍ରୋନ୍‌କୁ ବ୍ୟବହାର କରାଯାଇଥିଲା ବୋଲି ପୋଲିସ ବିଶ୍ୱାସ କରୁଛି। ବୈଷୟିକ ତ୍ରୁଟି କାରଣରୁ ତଲାସୀ ଓ ଉଦ୍ଧାର କାର୍ଯ୍ୟ ବେଳେ ଗୋଟିଏ ଡ୍ରୋନ୍ ନିଖୋଜ ହୋଇଯାଇଥିଲା। ଜେଲ୍ କମ୍ପ୍ଲେକ୍ସ ନିକଟରୁ ସେହି ଡ୍ରୋନ ମିଳିଥାଇପାରେ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଆମେରିକା ରାଷ୍ଟ୍ରପତି ଦୌଡ଼
### ଡେମୋକ୍ରାଟ ଦଳର ୨ୟ ସ୍ଥାନରେ କମ୍‌ଲା ହାରିସ୍

ୱାଶିଂଟନ,୩।୭(ପି.ଟି.)

ଆମେରିକାରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ଦଳରୁ ୨୦ରୁ ଉର୍ଦ୍ଧ୍ୱ ଆଶାୟୀ ରହିଥିବାବେଳେ ସେମାନଙ୍କ ମଧ୍ୟରେ ଭାରତୀୟ ବଂଶୋଦ୍ଭବ କମ୍‌ଲା ହାରିସ୍ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ସଦ୍ୟ ପ୍ରକାଶିତ ଜନମତ ସର୍ଭେରୁ ଜଣାପଡିଛି। ପ୍ରଥମ ଡେମୋକ୍ରାଟ୍ ରାଷ୍ଟ୍ରପତି ବିତର୍କରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। କୁଇନିପିକ୍ ୟୁନିଭର୍ସିଟି ସର୍ଭେରେ ଏହି ଆମେରିକୀୟ ସିନେଟରଙ୍କୁ ୨୦ ପ୍ରତିଶତ ମାର୍କ ମିଳିଥିବାବେଳେ ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍‌ଙ୍କୁ ୨୨ ପ୍ରତିଶତ ମିଳିଛି। ଗତମାସରେ ହୋଇଥିବା ସର୍ଭେରେ ବିଡେନ୍‌ଙ୍କୁ ୩୦ ପ୍ରତିଶତ ଏବଂ ହାରିସ୍‌ଙ୍କୁ ୭ ପ୍ରତିଶତ ମାର୍କ ମିଳିଥିଲା। ଉକ୍ତ ସର୍ଭେରେ ହାରିସ୍ ଚତୁର୍ଥ ସ୍ଥାନରେ ଥିଲେ। ତେବେ ଗତ ଗୁରୁବାର ହୋଇଥିବା ବିତର୍କରେ ତାଙ୍କର ଉଚ୍ଚକୋଟୀର ପଦର୍ଶନ ଲାଗି ଅଧିକରୁ ଅଧିକ ସମର୍ଥନ ମିଳିଛି। ଯଦି ହାରିସ୍ ନିର୍ବାଚିତ ହୁଅନ୍ତି ତେବେ ସେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।



■ ଆଇଟିବିପିର ୫୦୦ଘଣ୍ଟାର ମିଶନ

## ୮ ପର୍ବତାରୋହୀଙ୍କ ମୃତଦେହ ଉଦ୍ଧାର

ପିଥୋରାଗଡ/ ନୂଆଦିଲ୍ଲୀ,୩।୭(ପି.ଟି.)

ନନ୍ଦାଦେବୀ ପୂର୍ବ ଶିଖର ଆରୋହଣ କରୁଥିବା ୮ ପର୍ବତାରୋହୀଙ୍କ ମୃତଦେହ ଦୀର୍ଘ ୫୦୦ ଘଣ୍ଟାର ଅପରେଶନ୍ ପରେ ଉଦ୍ଧାର କରାଯାଇ ବୁଧବାର ତଳକୁ ଓହ୍ଲାଇ ଅଣାଯାଇଛି। ଏଭଳି ଏକ ଦୁଃସାହସିକ ଏବଂ ଚ୍ୟାଲେଞ୍ଜିଂ କାର୍ଯ୍ୟରେ ନିୟୋଜିତ ଥିଲେ ଆଇଟିବିପି (ଇଣ୍ଡୋ ତିବ୍ବତୀୟ ବର୍ଡର ପୋଲିସ) ଏବଂ ବାୟୁସେନା ହେଲିକପ୍ଟର। ଏଥିପାଇଁ ଆଇଟିବିପି ଟିମ୍‌କୁ ୧୫ ଦିନ ଲାଗିଥିଲା। ପର୍ବତାରୋହୀଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ଏହି ବିପଜ୍ଜନକ ଉଦ୍ଧାର କାର୍ଯ୍ୟର ଅନ୍ତ ଘଟିଛି। ମୃତଦେହଗୁଡ଼ିକୁ ବାୟୁସେନା ହେଲିକପ୍ଟର ଯୋଗେ ପିଥୋରାଗଡର ନୈନୀ ସାଇନି ବିମାନବନ୍ଦରକୁ ନିଆଯାଇଥିଲା। ୮ଜଣଙ୍କ ମଧ୍ୟରେ ୭ ବିଦେଶୀ ହୋଇଥିବାବେଳେ ଜଣେ ଭାରତୀୟ। ମେ ୨୫ରେ ସେମାନେ ନିଖୋଜ ହୋଇଯିବା ରିପୋର୍ଟ ମିଳିବା ପରେ ଭାରତୀୟ ବାୟୁସେନାର ଅନୁସନ୍ଧାନକାରୀ ବିମାନ ଦ୍ୱାରା ମୃତଦେହଗୁଡିକୁ ଠାବ କରାଯାଇଥିଲା।

## ବିଏଲ୍ଏ ଆତଙ୍କବାଦୀ ସଂଗଠନ

### ଘୋଷଣା କଲା ଆମେରିକା

**ୱାଶିଂଟନ,୩।୭(ପି.ଟି.):** ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍ଏ)କୁ ଆମେରିକା ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି। ବେଲୁଚିସ୍ତାନରେ ପାକିସ୍ତାନୀ ଶାସନକୁ ବିରୋଧ କରୁଥିବା ଏହି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଆମେରିକାର ଘୋଷଣାକୁ ଅଯଥାର୍ଥ ବୋଲି କହିଛି। ୨୦୦୬ରେ ପାକିସ୍ତାନ ବିଏଲ୍ଏକୁ ନିଷିଦ୍ଧ ଘୋଷଣା କରିବା ସହ ଏହାକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବାକୁ ଆମେରିକାକୁ ଅନୁରୋଧ କରିଥିଲା। ବିଏଲ୍ଏ ଏକ ସଶସ୍ତ୍ର ବିଚ୍ଛିନ୍ନତାବାଦୀ ସଂଗଠନ ଯାହା ବାଲୋଚ ଅଞ୍ଚଳରେ ସୁରକ୍ଷା ବଳକୁ ଟାର୍ଗେଟ କରିଥାଏ। ଉକ୍ତ ସଂଗଠନର ଆତଙ୍କବାଦୀଙ୍କୁ ଆମେରିକାରେ କେହି ସହାୟତା କଲେ ଅପରାଧ ଭାବେ ଧରାଯିବ। ଆମେରିକାରେ ଏହାର କୌଣସି ସମ୍ପତ୍ତି ଥିଲେ ତାକୁ ବାଜ୍ୟାପ୍ତ କରାଯିବ ବୋଲି ପରରାଷ୍ଟ୍ର ବିଭାଗ କହିଛି।



ପାର୍ଲାମେଣ୍ଟ ପରିସରରେ ବୁଧବାର ସିଗାରେଟ ଟାଣୁଛନ୍ତି ଟିଏମ୍‌ସି ଏମ୍‌ପି ସୌଗତ ରୟ।




ଇତିହାସର ଆଇନାରେ

## ଜୁଲାଇ ୪ର ପ୍ରମୁଖ ଘଟଣା

### ନୋଜୋମି ପ୍ରୋବ୍ ଲଞ୍ଚ୍

୧୯୯୮ ଜୁଲାଇ ୪ରେ ଜାପାନ ମଙ୍ଗଳକୁ ନୋଜୋମି ପ୍ରୋବ୍ ଲଞ୍ଚ୍ କରି ମହାକାଶ ଅନୁସନ୍ଧାନକାରୀ ରାଷ୍ଟ୍ର ଆମେରିକା ଓ ରୁଷିଆ ସହ ସମକକ୍ଷ ହୋଇପାରିଥିଲା। ଏହାକୁ ଟୋକିଓ ୟୁନିଭର୍ସିଟିର ସ୍ପେସ୍ ଆଣ୍ଡ ଆଷ୍ଟ୍ରୋନଟିକାଲ୍ ସାଇନ୍ସ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ କରାଯାଇଥିଲା।

### ଇରାନ କୂଟନୀତିଜ୍ଞ ଅପହୃତ

୧୯୮୨ ଜୁଲାଇ ୪ରେ ୩ଜଣ ଇରାନୀୟ କୂଟନୀତିଜ୍ଞ ଏବଂ ଖବରଦାତାଙ୍କୁ ଫାଲାଞ୍ଜି ବାହିନୀ ଅପହରଣ କରିନେବା ପରେ ସେମାନଙ୍କର ଆଉ ପତ୍ତା ମିଳି ନ ଥିଲା। ଲେବାନନ୍‌ର ଫାଲାଞ୍ଜି ପାର୍ଟି ହେଉଛି ଏକ ଖ୍ରୀଷ୍ଟିଆନ୍ ଗଣତାନ୍ତ୍ରିକ ରାଜନୈତିକ ଦଳ। ସରକାରୀ ଭାବେ ଏହା ନିରପେକ୍ଷ ହୋଇଥିଲେ ହେଁ ମୁଖ୍ୟତଃ ମାରୋନାଇଟ୍ କ୍ୟାଥଲିକ୍ସ ଏହାକୁ ସମର୍ଥନ କରିଥାଏ।




## ଡ୍ୟାମ୍ ଭୁଶୁଡ଼ି ୧୧ ମୃତ

### ୧୪ ନିଖୋଜ

ମୁମ୍ବାଇ,୩।୭(ପି.ଟି.)

ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ରାତିରେ ଉପକୂଳବର୍ତ୍ତୀ କୋଙ୍କଣ ଅଞ୍ଚଳରେ ନଦୀବନ୍ଧ ଭୁଶୁଡ଼ି ବନ୍ୟାପାଣି ମାଡ଼ିଆସିବାରୁ ୧୧ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୧୪ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ନଦୀବନ୍ଧ ଉଚ୍ଛୁଳି ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି।

ରତ୍ନଗିରି ଜିଲାର ଚିପଲୁନ୍ ତାଲୁକ୍‌ରେ ଥିବା ତିୱାରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ୨୦ ଲକ୍ଷ ଘନମିଟର। ପ୍ରବଳ ବର୍ଷା ଯୋଗୁ ଗତ ରାତିରେ ବନ୍ଧ ଭାଙ୍ଗିଯିବାରୁ ୭ଟି ଗାଁ ଜଳାର୍ଣ୍ଣବ ହେବା ସହ ୧୨ଟି ଘର ଭସାଇ ନେଇଛି। ୩ ମହିଳାଙ୍କ ସମେତ ୧୧ଟି ମୃତଦେହ ଠାବ ହୋଇଥିଲାବେଳେ ୧୪ ଜଣ ନିଖୋଜ ଥିବା ରତ୍ନଗିରିର ଅତିରିକ୍ତ ଏସ୍‌ପି ବିଶାଲ ଗାଏକୱାଡ କହିଛନ୍ତି। ଏନ୍‌ଡିଆରଏଫ୍ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାପ୍ଲାବିତ ଗ୍ରାମଗୁଡିକରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି। ଅନ୍ଧକାର ଓ ହଠାତ୍ ବନ୍ୟାପାଣି ମାଡିଆସିବାରୁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ଲାଗି ପ୍ରଶାସନକୁ ଲିଖିତ ଅନୁରୋଧ କରାଯିବା ସତ୍ତ୍ୱେ ସରକାର ତାହା ଶୁଣି ନ ଥିଲେ ବୋଲି ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ନଦୀବନ୍ଧରେ ଫାଟ ସମ୍ପର୍କରେ ଗ୍ରାମବାସୀ ଜଣାଇଥିବା ଖବରକୁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ନିର୍ଦ୍ଦେଶ ଦେଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନଦୀବନ୍ଧ ଭାଙ୍ଗିବା ପାଇଁ ସରକାରଙ୍କ ଅବହେଳା ଦାୟୀ ବୋଲି ଏନ୍‌ସିପି କହିଛି। କେତେଜଣ ମଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ଏନ୍‌ସିପି ସଭାପତି ଜୟନ୍ତ ପାଟିଲ ପ୍ରଶ୍ନ କରିବା ସହ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

DSPL-41
10003/13/0030/1920

# ବିଶ୍ୱ ଭାତୃତ୍ୱର ପ୍ରତୀକ ପବିତ୍ର ଘୋଷଯାତ୍ରା ଆପଣଙ୍କ ପାଇଁ ଆଣିଦେଉ ଶାନ୍ତି, ପ୍ରଗତି ଓ ସମୃଦ୍ଧି



**ରଥଯାତ୍ରା ସମୟରେ ସୁସ୍ଥ ରହିବା ପାଇଁ:**

- ଖାଇବା ପୂର୍ବରୁ ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ
- ତଟକା ଖାଦ୍ୟ ଖାଆନ୍ତୁ
- ବିଶୁଦ୍ଧ ପାନୀୟ ଜଳ ପିଅନ୍ତୁ
- ପାଇଖାନା ବ୍ୟବହାର କରନ୍ତୁ
- ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ
- ତରଳ ଝାଡା ହେଲେ ଜଳଶୁଷ୍କତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍. ଘୋଳ ପିଅନ୍ତୁ

facebook.com/HFWOdisha http://www.health.odisha.gov.in/ @HFWOdisha

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**




ରୁଷିଆ ଶକ୍ତିମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

# ତୈଳ, ବାଷ୍ପ କ୍ଷେତ୍ରରେ ନିବେଶ ଲାଗି କମ୍ପାନୀଙ୍କୁ ଆହ୍ୱାନ

**ଭୁବନେଶ୍ୱର,୩-୭**

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରୁଷିଆ ଶକ୍ତିମନ୍ତ୍ରୀ ଆଲେକଜାଣ୍ଡାର ନୋଭାକଙ୍କ ସହ ଟେଲିଫୋନ ଯୋଗେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶକ୍ତି କ୍ଷେତ୍ରରେ ଭାରତ-ରୁଷିଆ ସମ୍ପର୍କ ଦୃଢ଼ୀକରଣ, ଷ୍ଟ୍ରାଟେଜିକ୍ ସହଭାଗିତା ଏବଂ ହାଇଡ୍ରୋକାର୍ବନ କ୍ଷେତ୍ରକୁ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ପ୍ରମୁଖ ସ୍ତମ୍ଭ ଭାବେ ରୂପାନ୍ତରିତ କରିବାକୁ ଧର୍ମେନ୍ଦ୍ର ନୋଭାକଙ୍କ ସହ ଆଲୋଚନା କରିଥିଲେ। ଗତ କିଛିଦିନ ଧରି ଅନ୍ତର୍ଜାତୀୟ ବଜାରରେ ବଢୁଥିବା ତୈଳ ଦର ମଧ୍ୟ ଏହି ଆଲୋଚନାର ଅଂଶ ବିଶେଷ ହୋଇଥିଲା। ବର୍ଦ୍ଧିତ ତୈଳ ଦରକୁ ନେଇ ପ୍ରଧାନ ଉଦ୍‌ବେଗ ପ୍ରକାଶ କରିଥିଲେ। ତୈଳ ବ୍ୟବହାରକାରୀ ଦେଶଗୁଡିକର ସ୍ୱାର୍ଥକୁ ରୁଷିଆ ଧ୍ୟାନ ଦେଉ ବୋଲି ପ୍ରଧାନ ଅନୁରୋଧ କରିଛନ୍ତି। ଉକ୍ତ କ୍ଷେତ୍ରରେ ରୁଷିଆ ଓପେକ୍ ଦେଶଗୁଡିକ ସହ ଭାରସାମ୍ୟ ରକ୍ଷାକରୁ ରଖୁ ବୋଲି ପ୍ରଧାନ କହିଛନ୍ତି। ତୈଳ ଏବଂ ବାଷ୍ପ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି, ରୁଷିଆରେ ଭାରତୀୟ ନିବେଶ ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଭାରତରେ ଗ୍ୟାସ ଭିତ୍ତିଭୂମି ନିର୍ମାଣ, ସିଟି ଗ୍ୟାସ୍ ପ୍ରକଳ୍ପ ସମ୍ପ୍ରସାରଣରେ ଯୋଗଦାନ ଏବଂ ତୈଳ ଓ ବାଷ୍ପ କ୍ଷେତ୍ର ନିବେଶ ଲାଗି ପ୍ରଧାନ ରୁଷିଆ କମ୍ପାନୀଗୁଡିକୁ ସେ ନିମନ୍ତ୍ରଣ କରିଛନ୍ତି।









# ଯୁକ୍ତ୨ ନାମଲେଖା ଆରମ୍ଭ

## ୨୯ରେ ପ୍ରଥମବର୍ଷ ପାଠପଢ଼ା

**ଭୁବନେଶ୍ୱର, ୩।୭(ବ୍ୟୁରୋ):** ଯୁକ୍ତ୨ ନାମଲେଖା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥର ଯୁକ୍ତ୨ ପ୍ରଥମବର୍ଷ ଲାଗି ୩ଲକ୍ଷ ୭୫ ହଜାର ୯୫୮ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୩୩ହଜାର ୫୭୩ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ପ୍ରଥମ କଟ୍ ଅଫ୍‌ରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ୬ ତାରିଖ ଯାଏ ଚାଲିବ। ଆସନ୍ତା ୧୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ସିଟ୍ ବଳକା ପଡ଼ିଲେ ସ୍ପଟ୍ ଆଡ଼ମିଶନ୍ କରାଯିବ। ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ। ତେବେ ପ୍ରଥମ ଦିନରେ ନାମଲେଖାରେ ଅବ୍ୟବସ୍ଥା ଦେଖାଦେଇଛି। ଛାତ୍ରୀଛାତ୍ରମାନେ ଇଣ୍ଟିମେଶନ ଲେଟର୍ ଡାଉନ୍‌ଲୋଡ୍ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୀର୍ଘ ସମୟ ଧରି ଛାତ୍ରୀଛାତ୍ର ଓ ଅଭିଭାବକ ଏନେଇ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବିନା ଇଣ୍ଟିମେଶନରେ ବି ଆବେଦନପତ୍ରର ନମ୍ବର ଅନୁସାରେ ବିଜେବି କଲେଜରେ ଆଡ଼ମିଶନ ହେଉଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ସିବିଏସ୍‌ଇ ଓ ଆଇସିଏସ୍‌ଇ ଛାତ୍ରୀଛାତ୍ରଙ୍କ ଆଡମିଶନ୍‌ରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଆଡ଼ମିଶନ୍ ପାଇଁ ଆବଶ୍ୟକ ପଡୁଥିବା ଆଫିଡେଭିଟ୍ ହୋଇପାରୁନି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

NECC NATIONAL EGG CO-ORDINATION COMMITTEE 03.07.2019 Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 102 | 161 | 171 |
| CTC | 99 | 157 | 167 |
| DKL | 98 | 155 | 165 |
| BDK | 95 | 152 | 162 |
| BLS | 95 | 152 | 162 |
| ANG | 99 | 157 | 167 |

Eggs Retail Price- 52/-Dozen
Issued in the Interest of Consumers
*Conditions Apply

See Career Appointment on every Wednesday & Saturday



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖୁବ୍‌ଶୀଘ୍ର କଂଗ୍ରେସରେ ଆମୂଳଚୂଳ ପରିବର୍ତ୍ତନ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ରାଜ୍ୟ କଂଗ୍ରେସର ସାଙ୍ଗଠନିକ ସ୍ତରରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ତୃଣମୂଳସ୍ତରରୁ କଂଗ୍ରେସକୁ ପୁଣିଥରେ ମଜଭୁତ କରିବାକୁ ଉଦ୍ୟମ କରାଯିବ। ସଙ୍ଗଠନରେ ନୂଆ ଲୋକଙ୍କୁ ସୁଯୋଗ ଦିଆଯାଇ ଦଳକୁ ମଜଭୁତ କରିବା ପାଇଁ ଚେଷ୍ଟା କରାଯିବ ବୋଲି କଂଗ୍ରେସ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଦଳ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରିଛି। ୨୦୧୪ ସାଧାରଣ ନିର୍ବାଚନରେ ୧୬ଟି ବିଧାନସଭା ଆସନରେ ଦଳକୁ ସଫଳତା ମିଳିଥିବା ବେଳେ କଂଗ୍ରେସ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିଲା। ହେଲେ ଦଳ ମଧ୍ୟରେ ନେତୃତ୍ୱ ବିବାଦ ଏତେ ବ୍ୟାପକ ହେଲା ଯେ, ଦଳ ୨୦୧୯ ନିର୍ବାଚନରେ ରାଜ୍ୟରେ ତୃତୀୟ ସ୍ଥାନକୁ ଖସି ଆସିଛି। ୨୦୧୪ ନିର୍ବାଚନ ପରେ ପ୍ରସାଦ ହରିଚନ୍ଦନଙ୍କୁ ପିସିସି ସଭାପତି କରାଯାଇଥିଲା। ହେଲେ ତାଙ୍କ ନେତୃତ୍ୱକୁ ନେଇ ଦଳରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ବାଧ୍ୟ ହୋଇ ନିରଞ୍ଜନ ପଟ୍ଟନାୟକଙ୍କୁ ସଭାପତି ଦାୟିତ୍ୱ ଦିଆଗଲା। ଗତ ନିର୍ବାଚନରେ ମଧ୍ୟ କଂଗ୍ରେସ ନିରଞ୍ଜନଙ୍କ ନେତୃତ୍ୱରେ ଲଢ଼ିଥିଲା। ଦାୟିତ୍ୱ ନେବା ପୂର୍ବରୁ ଦଳକୁ ମଜଭୁତ କରିବା ପାଇଁ ସେ ବ୍ୟାପକ କାର୍ଯ୍ୟକ୍ରମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ନିର୍ବାଚନରେ ଦଳ ମାତ୍ର ୯ଟି ଆସନରେ ବିଜୟୀ ହେବାପରେ ନିରଞ୍ଜନ ନିଜ ଆଡୁ ସଭାପତି ପଦରୁ ଇସ୍ତଫା ଦେଇଦେଲେ। ହେଲେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିରଞ୍ଜନଙ୍କ ଇସ୍ତଫାପତ୍ର ଗ୍ରହଣ କରିନାହିଁ। ଯେହେତୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ନେଇ ଦଳରେ ସଙ୍କଟ ଲାଗି ରହିଥିଲା ସେଥିଲାଗି ନିରଞ୍ଜନଙ୍କ କଥାକୁ ଏଆଇସିସି ସେତେଟା ଗୁରୁତ୍ୱ ଦେଇ ନ ଥିଲା। କେବଳ ନିରଞ୍ଜନ ନୁହନ୍ତି ଆଉ କେତେକ ରାଜ୍ୟର ପିସିସି ସଭାପତି ମଧ୍ୟ ଇସ୍ତଫା ଦେଇଥିବା ବେଳେ ତାଙ୍କ କ୍ଷେତ୍ରରେ ଏଆଇସିସି କୌଣସି ବିଚାର କରିନାହିଁ। ଏଭଳି ସ୍ଥିତିରେ ବୁଧବାର ରାହୁଲ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇସାରିଛନ୍ତି। ନିଜ ଇସ୍ତଫା ପତ୍ରରେ ସେ ୧୪ଟି କାରଣ ଦର୍ଶାଇ ପଦ ଛାଡ଼ିଛନ୍ତି। ଏବେ କଂଗ୍ରେସର ନୂଆ ଅଧ୍ୟକ୍ଷ ଗାନ୍ଧୀ ପରିବାରର ବାହାରୁ ଜଣଙ୍କୁ କଂଗ୍ରେସର ଅଧ୍ୟକ୍ଷ କରାଯିବ ବୋଲି ଜଣାପଡ଼ିଛି। ସେହି ଅନୁଯାୟୀ ସାରା ଦେଶରେ କଂଗ୍ରେସର ରୂପରେଖ ବଦଳିବ ବୋଲି କୁହାଯାଉଛି। ଅପରପକ୍ଷରେ ନିରଞ୍ଜନ ପଟ୍ଟନାୟକ ନିର୍ବାଚନ ଶେଷ ହେବାପରେ ପ୍ରଥମ ଥର ଲାଗି ମଙ୍ଗଳବାର ନୂଆଦିଲ୍ଲୀ ଗସ୍ତ କରିଥିଲେ। ବୁଧବାର ସେ ଜିତେନ୍ଦ୍ର ସିଂଙ୍କୁ ଭେଟିଥିବା ଜଣାପଡ଼ିଛି। ନିରଞ୍ଜନ କହିଛନ୍ତି ଯେ, ତାଙ୍କ ଇସ୍ତଫା ନେଇ ଆଲୋଚନା ହୋଇଛି। ସେମାନେ ନିଷ୍ପତ୍ତି ନେଇ ଜଣାଇବେ। ନିର୍ବାଚନ ପରାଜୟ କାରଣ ଖୋଜିବାକୁ ଗଠିତ କମିଟି ଏ ପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହିଁ।



ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ଜିତେନ୍ଦ୍ର ସିଂ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ନିର୍ବାଚନ ପ୍ରଦର୍ଶନ ନେଇ ଦୁଇଟି ପୃଥକ୍ ପୃଥକ୍ ବୈଠକ ହୋଇଥିଲା। ପ୍ରଥମ ବୈଠକରେ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ନେତାମାନେ ଯୋଗଦେଇ ଦଳର ପ୍ରଦର୍ଶନ ଖରାପ ହେବା ସମ୍ପର୍କରେ ମତ ରଖିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦଳର ବରିଷ୍ଠ ନେତାମାନଙ୍କୁ ନେଇ ଏକ ବୈଠକ ବସିଥିଲା। ଏଥିରେ ରାହୁଲଙ୍କ ଇସ୍ତଫାପତ୍ର ଗ୍ରହଣ ନ କରିବା ନେଇ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ସମୟରେ ନିରଞ୍ଜନ ମଧ୍ୟ ନିଜ ଇସ୍ତଫାପତ୍ର କିପରି ଗ୍ରହଣ କରା ନ ଯିବ ସେନେଇ ଏକ ପ୍ରସ୍ତାବ ପାରିତ କରିବାକୁ ଉଦ୍ୟମ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ପଣ୍ଡ ହୋଇଥିଲା ବୋଲି ବୈଠକରେ ଉପସ୍ଥିତ କେତେଜଣ ନେତା କହିଥିଲେ। ସେହି ବୈଠକ ପରେ ଜିତେନ୍ଦ୍ର କହିଥିଲେ ଯେ, ଆସନ୍ତା ୬ ମାସ ମଧ୍ୟରେ ସଭାପତି ପଦ ପରିବର୍ତ୍ତନ ହେବ ନାହିଁ। ଏହାପରେ ଦଳରେ ଆମୂଳଚୂଳ ପରିବର୍ତ୍ତନ ହେବ। ତେଣୁ ଏଭଳି ସମୟରେ ନିରଞ୍ଜନ ଓ ଜିତେନ୍ଦ୍ରଙ୍କ ଭେଟଘାଟକୁ ନେଇ ଦଳର କିଛି ରାଜ୍ୟ ନେତୃବୃନ୍ଦ ସନ୍ଦେହ ପ୍ରକଟ କରିଛନ୍ତି। ନିରଞ୍ଜନ ସଭାପତି ପଦ ନ ଛାଡ଼ିବାକୁ ନୂଆ ଯୋଜନା କରୁଥିବା ଚର୍ଚ୍ଚା ହେବାରେ ଲାଗିଛି।

**କିଛି ତଥ୍ୟ**

୨୦୧୮-୧୯ରେ ଦେଶର ବାସମତୀ ଚାଉଳ ରପ୍ତାନି ୪.୭୧ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। **-ବାଣିଜ୍ୟ ମନ୍ତ୍ରଣାଳୟ**

## ନୂଆ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସରଳତା ମନ୍ତ୍ର

# ଦୁର୍ନୀତିଠାରୁ ଦୂରରେ ରହିଲେ ବିଜୟ ସହଜ


ନବୀନ ନିବାସରେ ବୁଧବାର ଅନୁଷ୍ଠିତ ବିଧାୟକମାନଙ୍କ ବୈଠକ ।

- ସରଳ ଜୀବନଯାପନକୁ ଗୁରୁତ୍ୱ
- ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିବାକୁ ପରାମର୍ଶ
- ବଡ଼ ଗାଡ଼ି, ମୋଟା ଚେନ୍ ମନା

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ସାଧାରଣ ନିର୍ବାଚନ ସରିଯାଇଛି। ବିଜେଡି ଲଗାତର ୫ମ ଥର ପାଇଁ ରାଜ୍ୟରେ କ୍ଷମତାସୀନ ହୋଇଛି। ଏ ସବୁ ସତ୍ତ୍ୱେ ବି ଦଳକୁ ସଂଗଠନ ଏବଂ ତୃଣମୂଳରେ ଭାବମୂର୍ତ୍ତି ରକ୍ଷା କରିବାର ଚିନ୍ତା ଘାରିଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ହିଁ ବିଧାନସଭାରେ ଦଳ ବିଜୟର ପ୍ରମୁଖ କାରଣ। ତୃଣମୂଳରେ ବିଜେଡିର ବହୁ ନେତା ଲୋକପ୍ରିୟତା ହରାଇଥିଲେ । ଏହି କାରଣରୁ ଦଳ ଅଧିକାଂଶ ଆସନରେ ନିଜ ପ୍ରାର୍ଥୀ ବଦଳାଇବାକୁ ବାଧ୍ୟ ହୋଇଥିଲା। ବହୁ ନୂଆ ବିଧାୟକ ନିର୍ବାଚନ ଜିତି ଷୋଡଶ ବିଧାନସଭାକୁ ଆସିଛନ୍ତି। ସେମାନେ ତୃଣମୂଳସ୍ତରରେ ଦଳର ଚେହେରା ହୋଇଥିବାରୁ ବିଜେଡି ସଭାପତି ନୂଆ ବିଧାୟକମାନଙ୍କୁ ସରଳତାର ପାଠ ପଢାଇଛନ୍ତି। ନୂଆ କରି କ୍ଷମତାକୁ ଆସିଥିବା ନେତୃବୃନ୍ଦ ଯେପରି ପୂର୍ବ ନେତାମାନଙ୍କ ଭୁଲ୍ ନ ଦୋହରାଇବେ, ସେଥିପ୍ରତି ସେମାନଙ୍କୁ ଆଗୁଆ ସତର୍କ କରାଯାଇଥିବା ସମୀକ୍ଷକମାନେ ମତ ରଖିଛନ୍ତି।

ବୁଧବାର ପୂର୍ବାହ୍ନ ୯ଟାରେ ନବୀନ ନିବାସକୁ ସମସ୍ତ ନୂତନ ବିଧାୟକଙ୍କୁ ଡକାଯାଇଥିଲା। ସେହି ଅନୁସାରେ ବିଧାୟକ କାଳବିଳମ୍ବ ନ କରି ସେଠାରେ ପହଞ୍ଚିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଳପାନ ଦେଇ ସରଳତାର ମନ୍ତ୍ର ପଢାଇଥିଲେ। ବୈଠକରେ ବିଜେଡି ସଭାପତି ନବୀନ କହିଥିଲେ ଯେ, ୨୦୦୦ ମସିହାରେ ପ୍ରଥମକରି ବିଧାୟକ ଭାବେ ନିର୍ବାଚିତ ହେବା ପରେ ନିଜ ନିର୍ବାଚନ ମଣ୍ଡଳୀର ବିଡିଓମାନଙ୍କୁ ଡକାଇଥିଲି। ସେମାନେ କାର୍ଯ୍ୟକ୍ଷେତ୍ରରେ କୌଣସି ଭୟ ଓ ଅନୁଗ୍ରହ ପ୍ରଦର୍ଶନ ନ କରି ସବୁ ଲୋକଙ୍କ ପାଇଁ କାମ କରନ୍ତୁ। ଦଳୀୟ ଭିତ୍ତିରେ କୌଣସି ବାଛବିଚାର କରନ୍ତୁ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଧାୟକ ଭାବେ ହେଉ ବା ମୁଖ୍ୟମନ୍ତ୍ରୀ ଭାବେ ହେଉ, ସେ ସବୁବେଳେ ନିଷ୍ଠାର ସହିତ ସରଳତାର ନୀତିକୁ ପାଳନ କରି ଆସୁଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ବିଧାୟକମାନେ ସବୁବେଳେ ସେହି ନୀତିକୁ ଅନୁସରଣ କରନ୍ତୁ। ବିଜୁବାବୁ ଯେପରି ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ସବୁ ବର୍ଗର ଲୋକମାନଙ୍କୁ ସାହାଯ୍ୟ କରୁଥିଲେ, ସେଥିରୁ ପ୍ରେରଣା ନେବାର ଆବଶ୍ୟକତା ଥିବା ନବୀନ କହିଥିଲେ। ତାଙ୍କ ନିଜସ୍ୱ ଅନୁଭୂତି ଅନୁଯାୟୀ ଦୁର୍ନୀତିଠାରୁ ଦୂରରେ ରହି ଲୋକଙ୍କ ପାଇଁ କାମ କଲେ, ନିର୍ବାଚନ ବିଜୟ ସହଜ ହେବ। ସେହିଭଳି ଯଦି କେବଳ ନିର୍ବାଚନକୁ ଦୃଷ୍ଟିରେ ରଖି ନେତାମାନେ କାମ କରନ୍ତି ତେବେ ତାହା ବିପରୀତ ହେବ । ସାଧାରଣ ଜୀବନରେ ସରଳତା ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଲୋକମାନେ ସରଳତାକୁ ପସନ୍ଦ କରିଥାନ୍ତି। ଯଦି ଜଣେ ଅହଂକାରୀ ଓ ବିଳାସପୂର୍ଣ୍ଣ ଜୀବନଯାପନ କରେ ତେବେ ଏହା ସାଧାରଣ ଲୋକ ଏବଂ ତାଙ୍କ ପ୍ରତିନିଧିଙ୍କ ମଧ୍ୟରେ ଏକ ଦୂରତା ସୃଷ୍ଟି କରିବ ବୋଲି ବିଜେଡି ସଭାପତି ଚେତାଇ ଦେଇଛନ୍ତି। ତେଣୁ ସେ ଦେଉଥିବା ସରଳତାର ପରାମର୍ଶକୁ ଗୁରୁମନ୍ତ୍ର ଭାବେ ଗ୍ରହଣ କରି ଲୋକମାନଙ୍କ ଆସ୍ଥା ଓ ବିଶ୍ୱାସକୁ ଅତୁଟ ରଖି ପରିଶ୍ରମ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ବାଚନମଣ୍ଡଳୀ ସମେତ ବିଧାନସଭାରେ କିପରି ସମସ୍ତେ ସକାରାତ୍ମକ ଭୂମିକା ଗ୍ରହଣ କରିବେ, ସେ ନେଇ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ରାଜ୍ୟ ମନ୍ତ୍ରୀ ପରିଷଦର କେତେଜଣ ସଦସ୍ୟ ନୂଆ ବିଧାୟକଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏପରି କି ନୂଆ ବିଧାୟକମାନେ ଦାମୀ ଗାଡି ଚଢିବା, ମୋଟା ସୁନାଚେନ୍ ନ ପକାଇବା ପାଇଁ ଜଣୈକ ମନ୍ତ୍ରୀ କହିଥିଲେ। ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ସୁଦୃଢ କରିବା ପାଇଁ ନିୟମିତ କାର୍ଯ୍ୟ କରିବା, ସରକାରୀ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ନିର୍ବାଚନ ସମୟର ପ୍ରତିଶ୍ରୁତି ପାଳନ କରିବା ପାଇଁ ନୂଆ ବିଧାୟକଙ୍କୁ ପରାମର୍ଶ ଦିଆଯାଇଛି। ରାଜନୈତିକ ସମୀକ୍ଷକଙ୍କ ମତ ଅନୁଯାୟୀ, ନିର୍ବାଚନ ପରେ ପାଟଣାଗଡ ବିଧାୟକ ସରୋଜ ମେହେର ଜେଇଙ୍କୁ ଉଠ୍‌ବସ କରିବା ଘଟଣା ଶାସକ ଦଳକୁ ଅଡୁଆରେ ପକାଇଥିଲା। ତେଣୁ ଏପରି କାର୍ଯ୍ୟର ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ବିଜେଡିର ଶୀର୍ଷ ନେତା ନବୀନଙ୍କୁ ଛାଡିଦେଲେ ଦଳର ସର୍ବମାନ୍ୟ ନେତୃତ୍ୱ ନାହାନ୍ତି। ବିଧାୟକମାନଙ୍କ କାର୍ଯ୍ୟକଳାପ ହିଁ ତୃଣମୂଳରେ ଦଳର ଦର୍ପଣ ସଦୃଶ। ତେଣୁ ପଞ୍ଚମ ପାଳି ପ୍ରାରମ୍ଭରେ ଅହଂକାର ଏବଂ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପଦକ୍ଷେପ ନିଆଯାଇଛି।

## ରେମୁଣା, ଲକ୍ଷ୍ମୀପୁର ବିଧାୟକଙ୍କ ବିରୋଧରେ ହାଇକୋର୍ଟରେ ମାମଲା

କଟକ ଅଫିସ, ୩।୭- ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ାଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ପରାଜିତ ପ୍ରାର୍ଥୀ ଗୋବିନ୍ଦ ଚନ୍ଦ୍ର ଦାସ ଏହି ମାମଲା ରୁଜୁ କରିଛନ୍ତି। ଗୋବିନ୍ଦ ନିଜ ପିଟିଶନରେ ଦର୍ଶାଇଛନ୍ତି, ବିଧାୟକ ପରିଡ଼ା ନିଜ ସତ୍ୟପାଠରେ ସମ୍ପୂର୍ଣ୍ଣ ସମ୍ପତ୍ତି ତାଲିକା ପ୍ରଦାନ କରିନାହାନ୍ତି। ତେଣୁ ବିଧାୟକଙ୍କ ପଦବୀକୁ ରଦ୍ଦ କରିବାକୁ ସେ ନିବେଦନ କରିଛନ୍ତି। ସେହିପରି ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକ ପ୍ରଭୁ ଜାନିଙ୍କ ବିରୋଧରେ ପରାଜିତ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୁଲେସିକା ନିଜ ପିଟିଶନରେ ଦର୍ଶାଇଛନ୍ତି, ବିଧାୟକଙ୍କ ନାମାଙ୍କନପତ୍ର ବେଆଇନ। ଭୋଟ ଗ୍ରହଣ ଓ ଗଣତି ଦିନ ବିଧାୟକ ଅସାଧୁ ଉପାୟ ଅବଲମ୍ବନ କରିବାରୁ ଅଳ୍ପ ଭୋଟରେ ସେ ପରାଜିତ ହୋଇଛନ୍ତି। ତେଣୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ କୁଲେସିକା ହାଇକୋର୍ଟରେ ନିବେଦନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସ୍ୱରାଶିସ୍ଥ ଚନ୍ଦ୍ର ରାଶ୍ୟାଧିପତିଙ୍କ ସହିତ ଚତୁର୍ଥଭାବସ୍ଥ ଯୋଗୁ ପରିବାର, ବନ୍ଧୁ ଗହଣରେ ସମୟ ଅତିବାହିତ କରିବେ। ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ପୂର୍ବସ୍ଥିରୀକୃତ କାମରେ କୌଣସି ଅସୁବିଧା ହେବନାହିଁ। ସାମୟିକ ଭାବେ ଗୃହ, ଭୂମି, ଗାଡି, ମୋଟର, ସହକର୍ମୀ, ଟଙ୍କା ପଇସା ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କା ରହିଛି।

**ବୃଷ**
ଧନ ସ୍ଥାନରେ ରବି ଓ ରାହୁ ଅବସ୍ଥାନ କରିଥିବା କାରଣରୁ ଧନହାନି କିମ୍ବା କଳହର ଆଶଙ୍କା ରହିଛି। ମଙ୍ଗଳ ସହ ବୁଧ ପ୍ରଭାବରେ ରୁକ୍ଷ ଓ କଠୋର ଭାଷାର ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ଆନୁଷ୍ଠାନିକ କାମ, ସଭାସମିତି, କଳା, କ୍ରୀଡ଼ା ତଥା ସଙ୍ଗୀତାଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିପାରେ।

**ମିଥୁନ**
ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ଅବଶ୍ୟ ବ୍ୟବସାୟିକ କ୍ଷେତ୍ରରେ ନିଜର ବୁଦ୍ଧିବଳ ଖଟାଇ ଅର୍ଥଲାଭ କରିବେ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ**
ଏକାଧାରାରେ ଚନ୍ଦ୍ର, ବୁଧ ଓ ମଙ୍ଗଳଙ୍କ ସଂଯୋଗ ହେତୁ ଆଜି ବନ୍ଧୁ ଗହଣରେ ହସଖୁସି ଆନନ୍ଦ ମଧ୍ୟରେ ସମୟ ଅତିବାହିତ କରିବେ। କାମର ଚାପ ବଢିଯିବା କାରଣରୁ ଭଲରୂପେ ଖାଇବା ସକାଶେ ମଧ୍ୟ ସମୟ ପାଇବେ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ**
ବ୍ୟୟଭାବସ୍ଥ ଗ୍ରହମାନଙ୍କ ପ୍ରଭାବରୁ କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। ଅପରାହ୍ନ ସମୟରେ କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ସାମୟିକ ଖୁସି ହୋଇଯାଇପାରେ। ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। କଳା, କ୍ରୀଡ଼ା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି।

**କନ୍ୟା**
ଆଜିର ଦିନଟି ପ୍ରାୟତଃ ଭଲରେ ଯିବ, ବିଶେଷ ଅସୁବିଧାର ସୂଚନା ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳିନେବେ।

**ତୁଳା**
ମୁଖଭାବସ୍ଥ ବୃହସ୍ପତି ଆପଣଙ୍କୁ ଯୁକ୍ତିସଂଗତ ପ୍ରକାଶଭଙ୍ଗୀ ମାଧ୍ୟମରେ ଜନାଦୃତ କରାଇପାରନ୍ତି। ଯାହା ଆଶା କରୁଛନ୍ତି ସେଥିରେ ନୈରାଶ୍ୟ ଅନୁଭବ କରିବେ ନାହିଁ। ନୂତନ ବନ୍ଧୁସମ୍ପର୍କ ସ୍ଥାପନ ହେବା ସହ ପାରିବାରିକ ସୁଖ, ସୁବିଧାକୁ ଅଗ୍ରାଧିକାର ଦେଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ।

**ବିଛା**
ଅଷ୍ଟମ ଓ ନବମସ୍ଥ ଗ୍ରହ ପ୍ରଭାବରେ ସମସ୍ୟା ମଧ୍ୟରେ କାମ ହାସଲ କରିବେ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି। ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭକରି ଏକପ୍ରକାର ଖୁସି ଅନୁଭବ କରିବେ।

**ଧନୁ**
ଆଜି ପୂର୍ବ ଯୋଜନାନୁଯାୟୀ ବନ୍ଧୁମେଳରେ ଯାତ୍ରା କରିବେ। ଦିନଟିରେ ବିବାଦରୁ ଦୂରେଇ ରହିବା ଭଲ ନଚେତ୍ ଅଯଥା ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ଆପଣଙ୍କ ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ଅବଶ୍ୟ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମକର**
ସ୍ୱଗୃହୀ ଚନ୍ଦ୍ର ଅନ୍ୟ ଦୁଇଗ୍ରହଙ୍କୁ ନେଇ ଆପଣଙ୍କ କାର୍ଯ୍ୟ ସାଧନ ଦିଗରେ ଉତ୍ତମ ପରିବେଶ ସୃଷ୍ଟି କରିବେ। ଘରକୁ ଆସିଥିବା ନୂଆ ବନ୍ଧୁମାନଙ୍କୁ ମଧୁର ବ୍ୟବହାର ଦ୍ୱାରା ଆପ୍ୟାୟିତ କରିବା ସକାଶେ ବାଧ୍ୟ ହେବେ। ସାମାନ୍ୟ ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ।

**କୁମ୍ଭ**
ପ୍ରିୟଜନଙ୍କ ସହ ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ଶନିଙ୍କ ପ୍ରଭାବରେ ସଜ୍ଜନସଂଗତି ଲାଭ କରିବାର ସୁଯୋଗ ପାଇପାରିବେ। ନୂତନ କର୍ମାରମ୍ଭ କ୍ଷେତ୍ରରେ ପାଖପଡ଼ୋଶୀ ଏବଂ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଭଲ ହେବ।

**ମୀନ**
ଗ୍ରହାବସ୍ଥାନ ପୃଷ୍ଠଭୂମିରେ ଆଜି ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ ଓ ସମସ୍ୟା ସମାଧାନ ବଦଳରେ ବଢ଼ାଇ ଦେଇପାରନ୍ତି। ବ୍ୟବସାୟ, ବାଣିଜ୍ୟ, ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସାଧାରଣ ସମସ୍ୟା ଦେଖାଦେଇପାରେ।

ଆଜି ଶ୍ରୀକ୍ଷେତ୍ରସ୍ଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା, ଶ୍ରୀଗୁଣ୍ଡିଚା, ଆଷାଢ଼ ଶୁକ୍ଳ ଦ୍ୱିତୀୟା ଗୁରୁବାର, ଜୁଲାଇ ୪ ତାରିଖ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, ଅଦ୍ୟ ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୭ମି. ଗତେ ଘ୧୨।୪୬ମି. ମଧ୍ୟେ, ଘ୨।୨୫ମି. ଗତେ ଘ୪।୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୪୯ମି. ମଧ୍ୟେ ଘ୨।୨୫ମି. ଗତେ, ଘ୩।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୩୦ମି. ଗତେ ଘ୩।୦୯ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

Two gharabari plots near IIT Argul are for sale:- One plot:199 decimals, 2nd plot: 350 decimals, interested party may contact: 8328832384, 9668399401. D-56647

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

**BDA**ର **Southcity**ରେ ନିର୍ମିତ ବୃହତ୍ତମ **IIT Arugul**ଠାରେ ପିଚୁରାସ୍ତା ଏବଂ **Electric** ସୁବିଧାଥାଇ ଘରବାରି **plot** ଶସ୍ତାରେ କିଣନ୍ତୁ। **7978773097.** D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste** ଘରବାରି ପାଚେରି ପ୍ଲଟ ପିଚୁରୋଡ **side**ରେ ଅରଗୁଳ **Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/- 9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

Puri plot sale near Lokanath Temple sthitiban patta plot sqft Rs. 1000. Contact: 9438422888. D-66595

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଛାରୁ ବିକ୍ରିହେବ। 9178660666. D-66586

Readymade 3BHK flat 3rd floor (TOP) at Palasuni Canal Road, Rasulgarh, 1652 sqft. 7978584549. D-66597




"2500 Sqft (1st floor) Commercial office space (Hall Type) with adequate Parking, Main road facing, 3phase electricity available for rent at M.J. Plaza, Cuttack Road, Bhubaneswar In front of Reliance Fresh. Contact No. 9937495825". D-13221

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

A well furnished room with toilet and kitchen available in Kalyani Market Complex, Unit: VIII, Bhubaneswar for locating technical/ digital service on individual or partnership basis. Contact: 9437412877, 7437009009. D-64979

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (ex-pert). Call: 7377048581, 0674- 2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

Summer special mesmerizing offer expert therapeutic refreshing massage appointment: 9668374480. D-66593

ପାଠକଙ୍କ ପାଇଁ ସୂଚନା:
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୪ ଜୁଲାଇ, ୨୦୧୯



ରାଜନୈତିକ ଦଳଗୁଡ଼ିକ ପାଇଁ ନିର୍ବାଚନୀ ଖର୍ଚ୍ଚର ସୀମା ଧାର୍ଯ୍ୟ କରିବା ଲାଗି ନିର୍ବାଚନ କମିଶନ (ଇସି) ଦେଇଥିବା ଏକ ପ୍ରସ୍ତାବ ଉପରେ ସରକାର ଅନୁଧ୍ୟାନ କରୁଥିବା ବୁଧବାର ଲୋକ ସଭାରେ ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି। ଏକ ଲିଖିତ ଉତ୍ତରରେ ପ୍ରସାଦ କହିଥିଲେ, ପ୍ରାର୍ଥୀମାନଙ୍କ ଲାଗି ଯେପରି ଖର୍ଚ୍ଚସୀମା ଧାର୍ଯ୍ୟ ହୋଇଛି, ସେହିପରି ଦଳ ପାଇଁ ମଧ୍ୟ ସୀମା ନିର୍ଦ୍ଧାରଣ କରିବା ଲାଗି ଇସି ପ୍ରସ୍ତାବ ଦେଇଛନ୍ତି।





## ଜିଲ୍ଲା ଚିଠି ଗଞ୍ଜାମ

# ପୋଲିସ ଗୁଳି ଫେଲ୍

ଗଞ୍ଜାମ ଜିଲାରେ ଅପରାଧ କମୁନି। ବ୍ରହ୍ମପୁର ଏବଂ ଗଞ୍ଜାମ ଦୁଇଟି ପୋଲିସ ଜିଲାରେ ଦୁଇଜଣ ଏସ୍‌ପି ଏବଂ ମାଳମାଳ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରାଟ ଟିମ୍ ଥିବା ସତ୍ତ୍ୱେ ଆପରାଧିକ କାର୍ଯ୍ୟକଳାପ ବଢୁଛି। କମ୍ ବୟସର ଯୁବକମାନେ ଅପରାଧ ଦୁନିଆରେ ପାଦ ଦେଇ ପୋଲିସର ଅପାରଗତାର ସୁଯୋଗ ନେଇ, ଅଳ୍ପଦିନରେ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହେଉଛନ୍ତି। ଅପରାଧୀଙ୍କୁ କାବୁ କରିବା ପାଇଁ ମଝିରେ ମଝିରେ ଉଭୟ ଜିଲା ପୋଲିସ ପକ୍ଷରୁ ଏନ୍‌କାଉଣ୍ଟର୍ କରାଯାଉଛି। ପ୍ରଥମେ ପ୍ରଥମେ ଏହି ଏନ୍‌କାଉଣ୍ଟରର ସଫଳତା ମିଳୁଥିଲା। ପୋଲିସ ଗୁଳି ପରେ ଅପରାଧୀମାନେ ନୀରବି ଯାଉଥିଲେ। କିନ୍ତୁ ଏବେ ଦେଖିବାକୁ ମିଳୁଛି, ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବାରେ ପୋଲିସ ଗୁଳି ବି କାମ କରୁନି, ଫେଲ୍ ହୋଇଯାଇଛି। କାରଣ ଏନ୍‌କାଉଣ୍ଟର ପରେ ମଧ୍ୟ କେତେକ ପେସାଦାର ଅପରାଧୀ ପୁଣିଥରେ ଆପରାଧିକ କାଣ୍ଡ ଭିଆଉଛନ୍ତି।

ଟିକେ ପଛକୁ ଦୃଷ୍ଟିଦେଲେ ଜଣାଯାଏ, ଗଞ୍ଜାମ ଜିଲାକୁ ଅପରାଧୀଙ୍କ କବଳରୁ ମୁକୁଳାଇବା ପାଇଁ ୨୦୧୫ରେ 'କ୍ରିମିନାଲ୍ କ୍ଲିନ୍' ଆରମ୍ଭ ହୋଇଥିଲା। ଗଞ୍ଜାମ ଏବଂ ବ୍ରହ୍ମପୁର ଜିଲା ପୋଲିସ ପ୍ରାୟ ୩ଶହ ଦୁର୍ଦ୍ଦାନ୍ତ ଅପରାଧୀଙ୍କର ଏକ ତାଲିକା ପ୍ରସ୍ତୁତ କରିଥିଲା। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ କାବୁ କରିବା ପାଇଁ ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ବହୁ ହାର୍ଡକୋର୍ ଅପରାଧୀଙ୍କୁ ଧରାଗଲା। ଯେଉଁମାନେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କଲେ, ସେମାନଙ୍କୁ ଏନ୍‌କାଉଣ୍ଟର କରାଗଲା। ୨୦୧୫ ଏପ୍ରିଲ ୪ ତାରିଖରେ ଖଲ୍ଲିକୋଟ ଥାନା ପୋଲିସ ଦୁର୍ଦ୍ଦାନ୍ତ ଅପରାଧୀ ଅକ୍ଷୟ ନାୟକଙ୍କୁ ଏନ୍‌କାଉଣ୍ଟର କରିବା ଥିଲା ଜିଲାରେ ପ୍ରଥମ। ଗଞ୍ଜାମ ଏବଂ ବ୍ରହ୍ମପୁର ପୋଲିସ ଜିଲାରେ କେବଳ ୨୦୧୫ରେ ୩, ୨୦୧୬ରେ ୧୪, ୨୦୧୭ରେ ୧୭ ଏବଂ ୨୦୧୮ରେ ୧୭ଟି ଏନ୍‌କାଉଣ୍ଟର ହୋଇଛି। ୨୦୧୯ରେ ଏବେ ସୁଦ୍ଧା ୪ଟି ଏନ୍‌କାଉଣ୍ଟର ହେଲାଣି। ଏଥିରେ ଆସିକା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇଜଣ ଅପରାଧୀ ବୁଲୁ ଓରଫ ଗଣେଶ ନାୟକ ଏବଂ ହୃଷୀକେଶ ପାତ୍ରଙ୍କୁ ମେ' ୩୧ତାରିଖରେ ଏନ୍‌କାଉଣ୍ଟର ହୋଇଥିଲା।

ଉଭୟ ପୋଲିସ ଜିଲାରେ ପ୍ରାୟ ୬୦ ଏନ୍‌କାଉଣ୍ଟର ହୋଇ ସାରିଲାଣି। ପୋଲିସ ଗୁଳିରେ ୩ଜଣ ଅପରାଧୀଙ୍କର ମୃତ୍ୟୁ ମଧ୍ୟ ହୋଇଛି। ତଥାପି ଗଞ୍ଜାମ ଜିଲାରେ ଅପରାଧ କମୁନି। ଦାଦାବଟି, ଡକାୟତି ଏବଂ ଚୋରି ବଢ଼ିଚାଲିଛି। ଗ୍ୟାଙ୍ଗୱର୍ ଥମୁନି। ପୋଲିସ ଏନ୍‌କାଉଣ୍ଟରକୁ ମଧ୍ୟ ଅପରାଧୀମାନେ ଆଉ ଭୟ କରୁନାହାନ୍ତି। ଗଣେଶ, ଚକା, ଚେରୁ ନାମକ ୩ ଜଣ ପେସାଦାର ଅପରାଧୀଙ୍କୁ ବିଭିନ୍ନ ସମୟରେ ପୋଲିସ ଏନ୍‌କାଉଣ୍ଟର କରିଛି। ହେଲେ ପରବର୍ତ୍ତୀ ସମୟରେ ସେମାନେ ଜେଲ୍‌ରୁ ମୁକୁଳି ପୁଣି ଆପରାଧିକ ସାମ୍ରାଜ୍ୟ ଚଳାଇଥିଲେ। ଏପରିକି ଗଣେଶଙ୍କୁ ଦୁଇଥର ଏନ୍‌କାଉଣ୍ଟର କରାଯାଇଛି। କେବଳ ଏହି ୩ ଜଣ ନୁହନ୍ତି, ପୋଲିସର ଏନ୍‌କାଉଣ୍ଟର ତାଲିକାରେ ଏମିତି ଅନେକ ଅପରାଧୀଙ୍କ ନାମ ରହିଛି, ଯେଉଁମାନେ ଜେଲ୍‌ରୁ ମୁକୁଳିବା ପରେ ନିଜ ଗ୍ୟାଙ୍ଗ୍‌କୁ ସକ୍ରିୟ କରି ପୂର୍ବବତ୍ ଅପରାଧ ଘଟାଉଛନ୍ତି। ଅନ୍ୟପଟେ ପୋଲିସ ଯେଉଁ ଅପରାଧୀଙ୍କୁ ଗିରଫ କରୁଛି, ସେମାନଙ୍କ ଟ୍ରାକ୍ ରଖୁନି। କେଉଁ ଅପରାଧୀ, କେଉଁ ଦିନ ଜାମିନରେ ମୁକୁଳୁଛନ୍ତି, ସେନେଇ ପୋଲିସ ସୂଚନା ରଖୁନି। ଫଳରେ ପୋଲିସ ଅଜାଣତରେ ଅପରାଧୀମାନେ ଜେଲ୍‌ରୁ ମୁକୁଳି ଆପରାଧିକ କାର୍ଯ୍ୟକଳାପରେ ସକ୍ରିୟ ରହି ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି।

– ଆଶୀର୍ବାଦ ରାଉତ

## ମଦ ଚାଲାଣବେଳେ ଗୋଡ଼ାଇଲେ ଅବକାରୀ କର୍ମଚାରୀ

# ବ୍ରାହ୍ମଣୀକୁ ଡେଇଁ ଯୁବକ ମୃତ

ପରଜଙ୍ଗ, ୩।୭(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ମଦଚାଲାଣ କରୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ କବଳରୁ ବର୍ତ୍ତିବା ପାଇଁ ବ୍ରାହ୍ମଣୀ ନଦୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଆମ୍ବପଳାସ ଗ୍ରାମର ଶାନ୍ତନୁ ମହାପାତ୍ର। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶାନ୍ତନୁ ବୁଧବାର ଭୋର୍ ସାଢେ ୫ଟା ବେଳେ ୫୩ନଂ. ଜାତୀୟ ରାଜପଥରେ ବାଇକ୍ (ଓଡ଼ି ୧୯ ଏଚ୍ ୧୭୮୩) ଯୋଗେ ମହୁଲି ମଦ ନେଇ ଆମ୍ବପଳାସରୁ ତାଳଚେର ଆଡ଼କୁ ଯାଉଥିଲେ। ଏହି ସମୟରେ ଏକ ସ୍କର୍ପିଓରେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ପିଛା କରିଥିଲେ। ଗିରଫ ଭୟରେ ସେ ବାଇକ୍‌କୁ ବ୍ରିଜ୍ ପାର୍ଶ୍ୱରେ ରଖିଦେଇ କିଛି ବାଟ ଦୌଡ଼ିଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ନିକଟତର ହୋଇଯିବାରୁ ସେ ନଦୀକୁ ଡେଇଁ ପଡ଼ିଥିଲେ। ପାଣି ପରିବର୍ତ୍ତେ ବାଲିରେ ପଡ଼ିବାରୁ ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଳଚେର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଅବକାରୀ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ମଧ୍ୟ ସେଠାରୁ ପଳାଇ ଆସିଥିବା ଅଞ୍ଚଳବାସୀ କହିଛନ୍ତି।

ଅନ୍ୟପଟେ ଏହି ଘଟଣା ପାଇଁ ଅବକାରୀ ବିଭାଗକୁ ଦାୟୀ କରିଛନ୍ତି ଶାନ୍ତନୁଙ୍କ ଭାଇ ମୁନୁ ମହାପାତ୍ର। ଅବକାରୀ ଏଏସ୍‌ଆଇ ବଟକୃଷ୍ଣ ରାଉଳ ମଦ ଚାଲାଣ କରାଯାଉଥିବା ବାଇକ୍‌କୁ ପିଛା କରୁଥିବା ସ୍ୱୀକାର କରିଛନ୍ତି। ହେଲେ ଯୁବକ ଜଣକ ନଦୀକୁ ଡେଇଁ ପଡ଼ିଥିବା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ତାଳଚେର ଥାନାରେ ନଂ. ୧୬୦/୧୯ରେ ଏକ ମାମଲା ରୁଜୁ କରାଯାଇଛି।

# ଗୁରୁବାର, ଶୁକ୍ରବାର ହାଇକୋର୍ଟ ଛୁଟି

**କଟକ ଅଫିସ, ୩।୭:** ଗୁରୁବାର ରଥଯାତ୍ରା ଏବଂ ତା' ପରଦିନ ହାଇକୋର୍ଟ ଛୁଟି ରହିବ। ମାତ୍ର ଶନିବାର ହାଇକୋର୍ଟରେ କାର୍ଯ୍ୟଦିବସ ରଖାଯାଇଛି। ସାଧାରଣତଃ ଶନିବାର ହାଇକୋର୍ଟରେ କାର୍ଯ୍ୟଦିବସ ସଂକ୍ଷିପ୍ତ ଥାଏ। ମାତ୍ର ରଥଯାତ୍ରା ଦିନ ଛୁଟି ପଡୁଥିବାରୁ ଶୁକ୍ରବାରକୁ ଡେ ଫଲୋଇଙ୍ଗ୍ ହିସାବରେ ଛୁଟି ଘୋଷଣା କରାଯାଇଛି।

# ବ୍ରହ୍ମପୁର, କେନ୍ଦୁଝରରେ ୨ କଏଦୀ ମୃତ

ବ୍ରହ୍ମପୁର ଅଫିସ/କେନ୍ଦୁଝର(ସ୍ୱ.ପ୍ର.) ୩।୭

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଦାମୀ ଗ୍ରାମର ଦଣ୍ଡୁଆ ଦିଗାଲ। ବୁଧବାର ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୩୫୩/୧୯) ରୁଜୁ କରିଛି। ଦଣ୍ଡୁଆ ୨୦୧୭ ମେ ୧ ତାରିଖରୁ ଫୁଲବାଣୀ ଜିଲା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ଗତ ୨୮ ତାରିଖରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି।

ସେହିପରି କେନ୍ଦୁଝର ଜିଲା ମୁଖ୍ୟ କାରାଗାରରେ ଜେଲଦଣ୍ଡ ଭୋଗୁଥିବା ସୁନୀଲ ମୁଣ୍ଡା ନାମକ ଜଣେ ବନ୍ଦୀଙ୍କ ବୁଧବାର କଟକ ଏସସିବି ମେଡିକାଲରେ ମୃତ୍ୟୁ ଘଟିଛି। ତାଙ୍କ ଘର ଯୋଡା ଥାନା ଅନ୍ତର୍ଗତ ଆଜାଦ ବସ୍ତିରେ। ୨୦୦୭ ମସିହାରେ ଏକ ହତ୍ୟା ଘଟଣାରେ ସେ ଗିରଫ ହୋଇଥିଲେ। ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୦୮ରୁ ସଜା କାଟୁଥିଲେ। ଗତ କିଛି ମାସ ହେବ ତାଙ୍କର ମାନସିକ ସ୍ଥିତି ବିଗିଡି ଯାଇଥିଲା। ଜୁନ ୨୬ ତାରିଖରେ ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରାପଡ଼ାକୁ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କର

ଭୁବନେଶ୍ୱର, ୩।୭(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ କରି ହରିଦାସପୁର-ପାରାଦୀପ ରେଳଲାଇନ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ହରିଦାସପୁରଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହରିଦାସପୁରରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ୪୭ କି.ମି. ରେଳଲାଇନ ନିର୍ମାଣର ଅଗ୍ରଗତିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଲାଇନରେ ପରୀକ୍ଷାମୂଳକ ଭାବେ ଏକ ଟାୱାର କାର ମଧ୍ୟ ସଫଳ ଭାବେ ଚାଲିଛି। ରେଳ ଲାଇନର ସମସ୍ତ ସ୍ଥାନରେ ନିରବଚ୍ଛିନ୍ନ ଭାବେ କାମ ଜାରି ରଖିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରାପଡ଼ା ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାର୍ଯ୍ୟ ମଧ୍ୟ ସେପ୍ଟେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଶକ୍ତି ବିଭାଗ ଏବଂ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ରେଳ ଲାଇନ ସମ୍ପୂର୍ଣ୍ଣ ହେବାର ପ୍ରଥମ ଦିନରୁ ହିଁ ଇଲେକ୍ଟ୍ରିକ ଟ୍ରେନ୍ ଯାତାୟାତ କରିପାରିବ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନେ ମଧ୍ୟ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ରେଳ ଲାଇନରେ ପାସେଞ୍ଜର ଟ୍ରେନ୍ ଯାତାୟାତ କରିବା ଲାଗି ସମସ୍ତ ଆବଶ୍ୟକୀୟ ପ୍ରାଥମିକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବ୍ୟବସ୍ଥା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ରେଳଲାଇନ ନିର୍ମାଣ ହେବା ଦ୍ୱାରା କେନ୍ଦ୍ରାପଡ଼ାବାସୀଙ୍କର ବହୁ ଦିନର ସ୍ୱପ୍ନ ପୂରଣ ହୋଇପାରିବ। କେନ୍ଦ୍ରାପଡ଼ା ଜିଲାକୁ ପ୍ରଥମ ଥର ପାଇଁ ରେଳ ଯୋଗାଯୋଗ ବ୍ୟବସ୍ଥା ଆରମ୍ଭ ହୋଇପାରିବ।




# ରଥଯାତ୍ରା ଉପଲକ୍ଷେ ଧର୍ମେନ୍ଦ୍ରଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୩।୭:** ପବିତ୍ର ରଥଯାତ୍ରା ଉପଲକ୍ଷେ କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ଆଜି କୁସୁମିତ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ଯେ, ଆଜିର ଅବସରରେ ମହାପ୍ରଭୁ ବଡ ଦେଉଳର ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ବାହାରି କୋଟି କୋଟି ଭକ୍ତଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି। ଏହା ସାମାଜିକ ସମରସତାର ଅନନ୍ୟ ପରମ୍ପରା। ଏହି ଧାର୍ମିକ ଅନୁଷ୍ଠାନ ଅନାଦି ଅନନ୍ତ କାଳରୁ ମହାପ୍ରଭୁଙ୍କ ଯୋଜନାରେ ଚାଲି ଆସିଛି ବୋଲି ସେ କହିଛନ୍ତି। ୧୩୦ କୋଟି ଭାରତୀୟ ତଥା ସାଢେ ୪ କୋଟି ଓଡ଼ିଆଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶୀର୍ବାଦ ରହିଛି ଓ ରହିବ ବୋଲି ପ୍ରଧାନ କାମନା କରିଛନ୍ତି।

With Best Compliments From:-
HOTTA ASSOCIATES
Deals in : ALL TYPES OF TEAK WOOD, SAL WOOD, OTHER WOODS, PLYWOOD, FANCY WOOD AT WHOLESALE RATE
Plot No.G-43, V.S.S. Nagar, Near Water Tank, Bhubaneswar-751007
Mob : 7381207700, 7381208800, 7381203300, Email : hotta.bbsr@gmail.com
Our Branches
HOTTA FURNITURE : Plot No.1582, Palasuni, Opp. Saptasati Temple, N.H.-5, Bhubaneswar-10, Mob : 8114789383
HOTTA TIMBER & FURNITURE : Plot No. 5/1274, Khandagiri, Near Barabhuja Complex, Bhubaneswar-30, Mob : 7381209900, 7381203300
HOTTA TIMBER & FURNITURE : Plot No. 131/3473, Infront of Restaurant Mellony, Nandan Kanan Road, Patia, Bhubaneswar-751024, Mob : 7381205500
HOTTA TIMBER & FURNITURE : Plot No. 4565, Tankapani Road, Near Sai Temple, Bhubaneswar-751018, Mob : 7381206600

# ୬ ଯାଏ କାଁ ଭାଁ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩।୭(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇ ଯାଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲଗାଣ ବର୍ଷା ହେବାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁରରେ ସର୍ବାଧିକ ୩୫.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡାରେ ୨୬.୨, ସୁନ୍ଦରଗଡରେ ୨୫, ହୀରାକୁଦରେ ୨୫.୫, ଭବାନୀପାଟଣାରେ ୧୬.୨, ବଲାଙ୍ଗୀର ୧୯, କୋରାପୁଟରେ ୯.୮, ଫୁଲବାଣୀରେ ୪.୬, ଟିଟଲାଗଡ ୧୮, ମାଲକାଗିରି ୧୫ ଏବଂ ସୋନପୁରରେ ୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆକାଉଣ୍ଟ ହ୍ୟାକ୍ କରି ନେଇଗଲେ ୧୮ଲକ୍ଷ

**ବରଗଡ଼ ଅଫିସ,୩।୭:** ବରଗଡ଼ସ୍ଥିତ ଆକାଶ ମୋଟର୍ସର ଡାଇରେକ୍ଟର ଆକାଶ କୁମାର ଅଗ୍ରୱାଲଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି।ଏ ନେଇ ଅଗ୍ରୱାଲ ଟାଉନ ଥାନାରେ ଏତଲା ଦେଇଛନ୍ତି । ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ତନାଘନା ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଆକାଶ ମୋଟର୍ସର ଡାଇରେକ୍ଟର ଅଗ୍ରୱାଲଙ୍କ ବ୍ୟାଙ୍କ ଅଫ ବରୋଦାରେ ସିସି ଆକାଉଣ୍ଟ ନଂ.୩୨୫୫୦୫୦୦୦୦୧୪୪ ଏବଂ କରେଣ୍ଟ ଆକାଉଣ୍ଟ (ନଂ.୩୨୫୫୦୨୦୦୦୦୦୦୩୧) ରହିଛି। ମଙ୍ଗଳବାର ଏହି ୨ଟି ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇ ଯାଇଥିବା ସେ ଅଭିଯୋଗ କରିଛନ୍ତି। ବ୍ୟାଙ୍କ ଅଫ୍ ବରୋଦାର ସ୍ଥାନୀୟ ଶାଖାକୁ ଯାଇ ଡାଇରେକ୍ଟର ଅଗ୍ରୱାଲ ପଚରାଉଚୁରା କରିବା ପରେ ତାଙ୍କ ଆକାଉଣ୍ଟ ନମ୍ବରରୁ ଆଇସିଆଇସିଆଇ ବ୍ୟାଙ୍କର ଜଣେ ଆକାଉଣ୍ଟ ହୋଲଡର୍ ସୁନୀଲ ଯାଦଭ(ଆକାଉଣ୍ଟ ନଂ.୦୨୩୫୦୧୫୬୧୮୩୫) ଏବଂ କାନାଡ଼ା ବ୍ୟାଙ୍କର ଅନ୍ୟ ଜଣେ ଆକାଉଣ୍ଟ ହୋଲଡର୍ ଲିଷ୍ଟନ ସରକାର(ଆକାଉଣ୍ଟ ନଂ.୩୭୧୨୧୦୧୦୦୬୫୨୫)କୁ ଉକ୍ତ ଟଙ୍କା ଟ୍ରାନ୍ସଫର କରାଯାଇଥିବା ଜଣାପଡିଛି।



ଯେଉଁମାନେ ଧନାକାଂକ୍ଷୀ ବା ଧନର ରକ୍ଷକ –ସେମାନେ ପ୍ରାୟ ଯେତେ ଧନର ଅଧିକାରୀ ନୁହନ୍ତି–ଧନ ହିଁ ସେତେ ସେମାନଙ୍କୁ ଅଧିକାର କରିରଖିଥାଏ । ଅସୁରମାନେ ଦୀର୍ଘକାଳ ଧନକୁ ସେମାନଙ୍କ କବଳରେ ରଖି ଆସିଛନ୍ତି – ଅପବ୍ୟବହାର କରି ଚାଲିଛନ୍ତି । ତା'ଫଳରେ ଧନ ଉପରେ ଯେଉଁ ଦୂଷିତ ପ୍ରଭାବର ଛାଗ ରହିଛି ସେଥିରୁ ଖୁବ୍ ଅଳ୍ପ ଲୋକ ହିଁ ନିଜକୁ ପୂର୍ଣ୍ଣଭାବରେ ରକ୍ଷା କରିପାରିଛନ୍ତି । –ଶ୍ରୀଅରବିନ୍ଦ



# ପ୍ରାଣୀ ପରିବାରରେ ଜେଜେମା



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଆମେ ଛୋଟ ଥିବାବେଳେ ବର୍ଷରେ ଦୁଇମାସ ଭୋପାଳ ନିକଟବର୍ତ୍ତୀ ଅଜାଘର ଗାଁରେ ତାଙ୍କ ଫାର୍ମହାଉସ୍‌ରେ କଟାଉ । ବଗିଚାରେ ଆମେ ଖଟରେ ମଶାରି ଟାଙ୍ଗି ଶୋଉ । ଚଣା ଓ ମଟର ମଞ୍ଜିକୁ ନେଇ ଆମେ ବିଭିନ୍ନ ପ୍ରକାର ଖେଳ ଖେଳୁ । ସବୁବେଳେ ଆମେ ଖାଲି ଖାଉଥାଉ । ମୋ ଆଈକୁ ମୁଁ ଦୁଜାମା ବୋଲି ଡାକୁଥିଲି ଏବଂ ୨୦ ବର୍ଷ ପରେ ତାଙ୍କ ନାଁ କ'ଣ ଜାଣିଲି । କିନ୍ତୁ ମୁଁ ଅଜାଙ୍କ ସହ କଥାବାର୍ତ୍ତା କରିବାକୁ ଲାଜ ଓ ଭୟ କରୁଥିଲି ।

ମୋ ନାତୁଣୀଟି ଭାରି ଲାଜକୁଳୀ । ଯେତେବେଳେ ଟିକେ ଖୋଲାହୃଦୟ ହୋଇଯାଏ, ମୋ ଆଗରେ ତା' ଜଗତର କଥା କହେ । କିନ୍ତୁ ସେ ମୋ ପିଲାଦିନ ଭଳି, ମୁଁ ଯାହା ବା ମୋର ଯାହା ପ୍ରତି ଆଗ୍ରହ ଅଛି, ସେଥି ପ୍ରତି ସେ ଆଗ୍ରହ ଦେଖାଏ ନାହିଁ । ମୁଁ ତା'ର ଜେଜେମା, ସେତିକି ତା'ପାଇଁ ଯଥେଷ୍ଟ । ମୁଁ ମଲା ପରେ ମୋ ନାତୁଣୀ କ'ଣ ମୋତେ ମନେପକାଇବ ? ସେ ଏବେ ବହୁତ ଛୋଟ କିନ୍ତୁ ମୁଁ ଯାହା ଜାଣିଛି– ମୋ ପରିବାର ଓ ଏ ଦୁନିଆ ବିଷୟରେ ଏବଂ ଦୁନିଆରେ କିପରି ବଞ୍ଚିବାକୁ ହୁଏ, ସେ ବିଷୟରେ ତାକୁ ଶିଖାଇବାକୁ ଚେଷ୍ଟା କରିବି ।

କିନ୍ତୁ ଆମେ କ'ଣ ଏକମାତ୍ର ଅଜା, ଆଈ, ଜେଜେ ବା ଜେଜେମା ? ମଣିଷଙ୍କ ପରି ପ୍ରାଣୀମାନେ କ'ଣ ତାଙ୍କ ଅଜା, ଆଈ, ଜେଜେ ବା ଜେଜେମାଙ୍କ ବିଷୟରେ ଜାଣନ୍ତି ? ଅଧିକାଂଶ ପ୍ରଜାତି ପାଇଁ ଏହାର ଉତ୍ତର ହେଉଛି 'ନା' । କୀଟପତଙ୍ଗମାନେ ଅଳ୍ପ ସମୟ ଭିତରେ ବ୍ୟାପିଯାନ୍ତି । କିନ୍ତୁ ଯେଉଁମାନେ ପିମ୍ପୁଡ଼ି ଓ ମହୁମାଛିଙ୍କ ପରି ଗୋଷ୍ଠୀ ଆବାସରେ ରହନ୍ତି, ସେମାନେ ଗୋଷ୍ଠୀଗତ ଭାବେ ଧାଈମାନଙ୍କ ତତ୍ତ୍ୱାବଧାନରେ ନର୍ସରୀଗୁଡ଼ିକରେ ବଢ଼ନ୍ତି । ୨୦୧୦ରେ ଗବେଷକମାନେ 'କରେଣ୍ଟ ବାୟୋଲୋଜି'ରେ ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଆଫିଡ (ଜଉପୋକ) କଲୋନୀଗୁଡ଼ିକରେ ବୟସ୍କ ମାଈମାନେ ପ୍ରଜନନ କ୍ଷମତା ହରାଇଥିବା ମାଈ ଜଉପୋକଗୁଡ଼ିକୁ ପ୍ରତିରୋଧ କରନ୍ତି ।

ଅଧିକାଂଶ ପକ୍ଷୀ ବର୍ଷକର ହୋଇଗଲା ପରେ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଚିହ୍ନିପାରନ୍ତି ନାହିଁ । ଏହାର ବ୍ୟତିକ୍ରମ ବି ଅଛି, ବିଶେଷତଃ ବଗ, କୁଆ, ନୀଳକଣ୍ଠ ପ୍ରଭୃତି ସାମାଜିକ ପକ୍ଷୀଙ୍କ କ୍ଷେତ୍ରରେ । ଇଭଲ୍ୟୁଶନ ପତ୍ରିକାରେ ପ୍ରକାଶିତ ୨୦୦୭ ମସିହାର ଏକ ଅନୁଧ୍ୟାନ ଅନୁସାରେ ସିଚେଲ୍‌ସ ଦ୍ୱୀପପୁଞ୍ଜରେ ଦେଖାଯାଉଥିବା ୱାର୍ବଲର (ଗାୟକ ପକ୍ଷୀ ବିଶେଷ)ମାନଙ୍କ ଭିତରୁ ବୟସ୍କାମାନେ ମାଆ ପକ୍ଷୀମାନଙ୍କୁ ସେମାନଙ୍କ ଛୁଆ ପାଳିବାରେ ସାହାଯ୍ୟ କରନ୍ତି । କାନାଡ଼ା ରାଜହଂସୀ ମଧ୍ୟ ସେମାନଙ୍କ ଜେଜେବାପା ଓ ଜେଜେମାମାନଙ୍କୁ ମନେ ରଖିଥାନ୍ତି ଏବଂ ଶୀତଋତୁରେ ପରିବ୍ରାଜନ ସମୟରେ ସେମାନଙ୍କ ମାଆବାପା, ଜେଜେବାପା ଓ ଜେଜେମାଙ୍କ ସହ ଯୋଗ ଦିଅନ୍ତି । ସନ୍ତାନ ଜନ୍ମ ଓ ପାଳନରେ ପ୍ରାୟ ୨୦୦ ପକ୍ଷୀ ପ୍ରଜାତିରେ ସହଯୋଗ ଦେଖିବାକୁ ମିଳେ । କିନ୍ତୁ ସେମାନଙ୍କ ସହ ଆଈମାନେ ଅନ୍ତର୍ଭୁକ୍ତ ହେବା ଜରୁରୀ ନୁହେଁ ।

କେତେକ କ୍ଷେତ୍ରରେ ବନ୍ୟ ସ୍ତନ୍ୟପାୟୀଙ୍କ ଜୀବନ ଏତେ ସଂକ୍ଷିପ୍ତ ଯେ, ନାତିନାତୁଣୀମାନେ ବଡ଼ ହୋଇ ଜେଜେ, ଜେଜେମାଙ୍କୁ ଚିହ୍ନିବା ବୟସର ହେଲା ବେଳକୁ ସେମାନେ ମରିଯାଇଥାନ୍ତି । ପୁଣି କେତେକ କ୍ଷେତ୍ରରେ ଖାଦ୍ୟ ଉତ୍ସକୁ ନେଇ ପ୍ରତିଯୋଗିତାର ସମ୍ମୁଖୀନ ନ ହେବା ଲାଗି ପିଲାମାନେ ଦୂରଦୂରାନ୍ତରେ ଯାଇ ବାସ କରନ୍ତି । ଉଦାହରଣସ୍ୱରୂପ ଅଣ୍ଡିରା ବାଘ । ତେଣୁ ଜେଜେ ଜେଜେମାଙ୍କ ସଂସ୍ପର୍ଶରେ ସେମାନେ ଆସିବାର ସମ୍ଭାବନା କମିଯାଇଥାଏ । ଅନେକ ପ୍ରଜାତିରେ ଖାଦ୍ୟ ଉତ୍ସକୁ ନେଇ ମାଆ ଓ ଜେଜେମାଙ୍କ ଭିତରେ ଲଢ଼େଇ ହୁଏ, ଯଦି ସେମାନେ ଏକା ଅଞ୍ଚଳରେ ରହୁଥାନ୍ତି । କିନ୍ତୁ ଆହୁରି ବି ଅନେକ ପ୍ରଜାତି ଅଛନ୍ତି ଯେଉଁମାନେ ପାରିବାରିକ ଓ ସାମାଜିକ ବନ୍ଧନରେ ବାନ୍ଧି ହୋଇ ଚଳନ୍ତି । ମଣିଷ, ତିମି ଓ ଡଲ୍‌ଫିନ ସନ୍ତାନ ଜନ୍ମ କରିବା ସମୟ ଗଡ଼ିଗଲା ପରେ ମଧ୍ୟ ଏକତ୍ର ବାସ କରନ୍ତି । କାରଣ ଏହାଦ୍ୱାରା ଛୋଟ ପିଲାମାନଙ୍କୁ ବଞ୍ଚାଇବା ଓ ସେମାନଙ୍କ ଲାଳନପାଳନରେ ସୁବିଧା ହୁଏ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡ. ରୋନାଲ୍ଡ ଲି ପ୍ରୋସିଡିଙ୍ଗ୍‌ସ ଇନ୍ ଦ ନ୍ୟାଶ୍‌ନାଲ ଏକାଡେମୀ ଅଫ୍ ସାଇନ୍ସେସ୍ ପତ୍ରିକାରେ ଲେଖିଛନ୍ତି ଯେ କେତେକ ପ୍ରଜାତିରେ ଉତ୍ପାଦନକ୍ଷମ ବୟସ ଗଡ଼ିଗଲା ପରେ ମାଈମାନେ ମାଆ ପରି ବା ଜେଜେମା ପରି ସନ୍ତାନ ପାଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ବୟସ୍କା ବଟଲନେକ୍ ଡଲ୍‌ଫିନ ଓ ପାଇଲଟ୍ ତିମିମାନେ ଧାଈ ପରି ଶିଶୁମାନଙ୍କର ଯତ୍ନ ନିଅନ୍ତି, ସେମାନଙ୍କୁ ସୁରକ୍ଷା ଦିଅନ୍ତି, ଏପରି କି ସ୍ତନ୍ୟପାନ ବି କରାନ୍ତି । ଅନେକ ତିମି ପ୍ରଜାତି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବାର ସହ ପ୍ରବ୍ରଜ୍ୟା କରନ୍ତି, ଯେଉଁମାନଙ୍କ ଭିତରେ ନାତିନାତୁଣୀ, ଜେଜେବାପା ଓ ଜେଜେମା ବି ଥାନ୍ତି । ଓର୍କାସ ଏବଂ ଶର୍ଟ–ଫିନ୍ଡ ପାଇଲଟ୍ ହ୍ୱେଲ, ବେଲୁଗା ଓ ନର୍‌ହ୍ୱାଲମାନଙ୍କ ମଣଷ ପରି ଋତୁବିରତି ହୁଏ । ସନ୍ତାନ ଜନ୍ମ କରିବା କ୍ଷମତା ଚାଲିଗଲା ପରେ ଜେଜେମାମାନେ ଆଉ ମେଟିଂ ପାଇଁ ପ୍ରତିଯୋଗିତା କରନ୍ତି ନାହିଁ । ଫଳରେ ସେମାନେ ପରିବାରରେ ସମସ୍ତଙ୍କ ସହ ମିଳିମିଶି ଚଳନ୍ତି । ପରିବାରରେ ବୟସ୍କମାନଙ୍କର ମଧ୍ୟ ଉପଯୋଗିତା ରହିଛି କାରଣ କେଉଁଠି ଭଲ ଖାଦ୍ୟ ମିଳିବ ତାହା ସେମାନେ ଜାଣିଥାନ୍ତି ।

ଗ୍ରେଟ୍ ଏପ୍‌ମାନେ ସେମାନଙ୍କ ନାତିନାତୁଣୀଙ୍କ ପ୍ରତି ସଚେତନ ଥାନ୍ତି । ଯଦି କୌଣସି କ୍ଷେତ୍ର ବାପାମା' ମରିଯାଇଥାନ୍ତି ବା ଅକର୍ମଣ୍ୟ ହୋଇଯାଇଥାନ୍ତି, ତେବେ ସନ୍ତାନପାଳନ ଦାୟିତ୍ୱ ଜେଜେମା ଓ ଜେଜେବାପାଙ୍କ ଉପରେ ପଡ଼େ, ଠିକ୍ ମଣିଷଙ୍କ ପରି । ରେସସ ମାଙ୍କଡ଼ ଓ ଲଙ୍ଗୁରମାନେ ସେମାନଙ୍କ ପୁଅଝିଅ ଓ ନାତିନାତୁଣୀଙ୍କ ସହ ବାସକରନ୍ତି । ଜେଜେମା ହିଁ ସେମାନଙ୍କ ମୁରବି । ମଣିଷ, କୁକୁର ବା ଅନ୍ୟ ମାଙ୍କଡ଼ଙ୍କ ଆକ୍ରମଣରୁ ଜେଜେମା ପିଲାମାନଙ୍କୁ ରକ୍ଷା କରନ୍ତି । ଜେଜେମା ନାତିନାତୁଣୀଙ୍କୁ ଶୃଙ୍ଖଳା ଓ ବିଭିନ୍ନ କୌଶଳ ଶିଖାନ୍ତି । ହାତୀ ପରିବାରରେ ବୁଢ଼ା, ବୁଢ଼ୀ, ଛୁଆ, ଯୁବକ ଓ ମାଆମାନେ ଥାନ୍ତି । ସେମାନଙ୍କ କ୍ଷେତ୍ରରେ ବି ଜେଜେମା ହେଉଛି ମୁରବି । ଛୁଆମାନଙ୍କ ଲାଳନପାଳନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ଜେଜେମା ପାଖରେ ଥିଲେ ଛୁଆମାନଙ୍କର ବଞ୍ଚିବା ସମ୍ଭାବନା ଆଠଗୁଣ ବଢ଼ିଯାଏ । ବିପଦ ସମୟରେ କିପରି ବଞ୍ଚିବାକୁ ହେବ ସେ ବିଷୟରେ ମାଆମାନଙ୍କ ଅପେକ୍ଷା ଜେଜେମାମାନେ ନିଜ ଅଭିଜ୍ଞତାରୁ ଅଧିକ ଜାଣିଥାନ୍ତି । ସେମାନେ ଖାଦ୍ୟ ଓ ପାନୀୟ ପାଇଁ ପରିବାରକୁ ଉପଯୁକ୍ତ ସ୍ଥାନକୁ ନେଇଯାନ୍ତି । ବଣ ବିରାଡ଼ିମାନଙ୍କ କ୍ଷେତ୍ରରେ ମାଆ ଓ ଜେଜେମାମାନେ ହିଁ ସନ୍ତାନ ପାଳନ ଦାୟିତ୍ୱ ନିଅନ୍ତି । ଅଣ୍ଡିରା ବଣବିରାଡ଼ିଙ୍କର ଏଥିରେ କିଛି ଭୂମିକା ନ ଥାଏ । ଗୃହପାଳିତ ବିରାଡ଼ିମାନଙ୍କ କ୍ଷେତ୍ରରେ ବି ସେଇଆ ଘଟେ ।

Email: gandhim@nic.in

## ଏଇ ଭାରତରେ

ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନ ଭିନ୍ନ ପରମ୍ପରା ପ୍ରଚଳିତ । ଏସବୁ ପରମ୍ପରା ଲୋକଙ୍କ ଶ୍ରଦ୍ଧା ତଥା ବିଶ୍ୱାସ ଯୋଗୁ କରାଯାଇଥାଏ । ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପରେ ଠାକୁରଙ୍କ ପାଖରେ ଭୋଗ ଲାଗି କରିଥାନ୍ତି । ତେବେ ଏମିତି ଏକ ମନ୍ଦିର ଅଛି ଯେଉଁଠି ମାନସିକ ପୂରଣ ପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଉଦ୍ଦେଶ୍ୟରେ ହାତକଡ଼ି ଚଢ଼ାନ୍ତି । ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ । ମଧ୍ୟପ୍ରଦେଶ ରାଜ୍ୟର ନିଚମ୍ ଜିଲା ମୁଖ୍ୟାଳୟଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ଥିବା ଜାଲିନେର୍ ଗାଁରେ ରହିଛି ଖାଖର ଦେବଙ୍କ ମନ୍ଦିର । ଏଠାରେ ପ୍ରଭୁ ନାଗଦେବତାଙ୍କୁ ପୂଜା କରାଯାଏ । ବିଚାରାଧୀନ ବନ୍ଦୀ ଜାମିନ ପାଇଲେ କିମ୍ବା ନିର୍ଦ୍ଦୋଷରେ ଖଲାସ ହେଲେ ରାତିରେ ଏଠାକୁ ପୂଜା କରିବାକୁ ଆସିଥାନ୍ତି । ମାନସିକ ପୂରଣ ହେଲେ ସେମାନେ ପୁଣି ଏଠାକୁ ପୂଜା କରିବାକୁ ଆସି ନାଗଦେବତାଙ୍କୁ ହାତକଡ଼ି ଭେଟି ଦେଇଥାନ୍ତି । ଅନେକ ବର୍ଷ ଧରି ଏଠାରେ ଏହି ପରମ୍ପରା ଜାରି ରହିଛି । ମନ୍ଦିର ବାହାରେ ଅନେକ ହାତକଡ଼ି ଝୁଲୁଥିବାର ଦେଖିବାକୁ ମିଳେ ।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି ?
ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଲାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର ।
ହୋଇଛି ଶୀତଳ ପୂତ ବିରଚି
ବିରାଟ ଇତିହାସ
ସଂଖ୍ୟାହୀନ ସ୍ମୃତିସ୍ତମ୍ଭ ଯୁଗାନ୍ତ
ସଞ୍ଚିତ ଅଭିଳାଷ ।

(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | | | | | 5 | | | | | 3 | | |
| | 3 | 6 | | | D | 4 | | | | | | | | |
| 5 | A | 8 | | | 0 | E | | | 7 | 9 | | 1 | | |
| E | 0 | | | | | 1 | | C | | | 2 | 8 | | |
| | | | | | | | | D | 8 | 5 | | 9 | 7 | B |
| | E | | | 7 | | 3 | | | 1 | | | | 8 | C |
| | | | | 5 | | | | A | | | 6 | | | |
| C | 8 | | | | | 0 | 4 | | | | | | A | 1 |
| 1 | | | | | | | | | | | A | | | D |
| | 6 | | | | | C | | | | 8 | 7 | | B | |
| | | | | | A | 8 | | 6 | | | C | | 2 | 5 |
| | 7 | | | | | | | 1 | E | | | | | 3 |
| D | 2 | | | | 9 | A | | | | 7 | 8 | | C | 0 |
| | | | | B | | | 0 | 2 | | D | | E | | |
| | 1 | | 6 | C | 5 | D | | E | | | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | E | A | 2 | 8 | 9 | 0 | 4 | C | 1 | 5 | 3 | B | D | 6 |
| D | 1 | 9 | 6 | B | 0 | E | 8 | 5 | 2 | C | 4 | A | 7 | 3 |
| 4 | 3 | B | 7 | 5 | C | 2 | 9 | 1 | A | 6 | D | 8 | 0 | E |
| C | 0 | 2 | 3 | E | 1 | 6 | D | A | 7 | 8 | B | 9 | 4 | 5 |
| 8 | 6 | 5 | A | 4 | D | 7 | B | 3 | E | 9 | 0 | 1 | C | 2 |
| 5 | 7 | D | C | 6 | 2 | 1 | 3 | 4 | B | A | E | 0 | 9 | 8 |
| 0 | 9 | 6 | 1 | A | E | C | 7 | D | 5 | 4 | 8 | 3 | 2 | B |
| A | 4 | 8 | B | 3 | 5 | 9 | 2 | 0 | 6 | D | C | E | 1 | 7 |
| 2 | C | E | 0 | 9 | 8 | B | 5 | 6 | 3 | 1 | 7 | 4 | A | D |
| 1 | B | 3 | 4 | D | 7 | 8 | A | E | 0 | 2 | 9 | 5 | 6 | C |
| 6 | 8 | 7 | 5 | 2 | 4 | A | E | B | D | 0 | 1 | C | 3 | 9 |
| B | 2 | 0 | E | 7 | A | D | 1 | 9 | C | 3 | 5 | 6 | 8 | 4 |
| 3 | A | 4 | D | C | 6 | 5 | 0 | 8 | 9 | E | 2 | 7 | B | 1 |
| E | D | C | 9 | 1 | 3 | 4 | 6 | 7 | 8 | B | A | 2 | 5 | 0 |
| 9 | 5 | 1 | 8 | 0 | B | 3 | C | 2 | 4 | 7 | 6 | D | E | A |

ଗତକାଲିର ଉତ୍ତର

# ଓଡ଼ିଶାରେ ରେଳ ବିକାଶର ବାସ୍ତବତା



ସବ୍ୟସାଚୀ ଅମିତାଭ

ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ରେଳପଥ ବିକାଶରେ ପଛରେ ପଡ଼ିଛି । ରାଜ୍ୟ ମଧ୍ୟ ଦେଇ ଯାଇଥିବା ସମୁଦାୟ ରେଳପଥର ଲମ୍ବ ୨୫୭୨ କିମି । ଅନ୍ୟ ରାଜ୍ୟ ତୁଳନାରେ ଏଠାରେ ରେଳ ଭିତ୍ତିଭୂମି ବିକାଶର ଗତି ମନ୍ଥର । ଭାରତୀୟ ରେଲୱେ ଯେତିକି ସାମଗ୍ରୀ ପରିବହନ କରୁଛି, ସେଥିମଧ୍ୟରୁ କେବଳ ଓଡ଼ିଶାରୁ ପରିବହନ ହେଉଛି ୧୨ ଶତାଂଶ । ଭାରତୀୟ ରେଲୱେ ଓଡ଼ିଶାରୁ ବାର୍ଷିକ ୧୫ ହଜାର କୋଟିରୁ ଅଧିକ ରାଜସ୍ୱ ପାଉଛି । ସାମଗ୍ରୀ ପରିବହନ ଓ ରାଜସ୍ୱକୁ ହିସାବ କଲେ, ଓଡ଼ିଶାର ରେଳ ବିକାଶ ଯେତିକି ହେବା କଥା, ତାହା ଏଯାଏ ହୋଇପାରିନି ।

ଏଥର ଅନ୍ତରୀଣ ବଜେଟରେ ତାଳଚେର–ଅନୁଗୋଳ ମଧ୍ୟରେ ୧୪.୫ କିମି ନୂଆ ଲାଇନ ବିଛାଯିବା ପାଇଁ ଯୋଜନା ରହିଛି । କିଛିବର୍ଷ ହେଲା ବ୍ୟୟବରାଦ ବଢୁଥିଲେ ବି ସେ ତୁଳନାରେ ପ୍ରକଳ୍ପଗୁଡିକର କାମରେ ଅଗ୍ରଗତି ହେଉନାହିଁ । ପ୍ରକୃତ କ୍ଷେତ୍ରରେ କେତେ ଅର୍ଥ ଖର୍ଚ୍ଚ ହେଉଛି, ତା'ର ସମୀକ୍ଷା ମଧ୍ୟ ଠିକ୍ ସମୟରେ କରାଯାଉନାହିଁ । ଆମେ ଯଦି ଅତୀତର ବଜେଟଗୁଡିକୁ ଦେଖିବା, ଷ୍ଟେଶନର ଆଧୁନିକୀକରଣ, ଭୁବନେଶ୍ୱରରେ ବିଶ୍ୱସ୍ତରୀୟ ରେଳଷ୍ଟେଶନ ନିର୍ମାଣ, ବହୁଚର୍ଚ୍ଚିତ ଖୋର୍ଦ୍ଧା–ବଲାଙ୍ଗୀର ରେଳଲାଇନ ସମେତ ଓଡ଼ିଶା ଦୀର୍ଘଦିନ ଧରି ଦାବି କରିଆସୁଥିବା ଏବଂ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିବା କେତୋଟି ରେଳ ପ୍ରକଳ୍ପ ବର୍ଷ ବର୍ଷ ପରେ ବି ଯେମିତି ଥିଲା ସେମିତି ରହିଛି । ରେଳ ବିଭାଗ ତଥ୍ୟ ଅନୁସାରେ, ରାଜ୍ୟରେ ପାଖାପାଖି ୫ ହଜାର କିମି ରେଳଲାଇନ ନିର୍ମାଣ ଚାଲୁଥିବା ଦର୍ଶାଯାଉଥିବା ବେଳେ ରେଳ ମନ୍ତ୍ରଣାଳୟର ୱେବ୍‌ସାଇଟ ତଥ୍ୟ କହୁଛି, ରାଜ୍ୟରେ ମାତ୍ର ୨୯୩୬ କିଲୋମିଟର ରେଳଲାଇନ ନିର୍ମାଣ ଚାଲିଛି ।

ଗତ ୨ ବର୍ଷ ମଧ୍ୟରେ ଅନୁମୋଦନ ନାଁରେ ରେଳ ବିଭାଗ ବହୁ ପ୍ରକଳ୍ପ ଘୋଷଣା କରିଛି, ହେଲେ ପରବର୍ତ୍ତୀ ସମୟରେ ଏହା ବଜେଟରୁ ବାଦ୍ ପଡ଼ିଛି । ରାଜ୍ୟ ସରକାର ବାରମ୍ବାର ବ୍ରହ୍ମପୁର–ସମ୍ବଲପୁର, ପୁରୀ–କୋଣାର୍କ, ବରଗଡ଼–ନୂଆପଡ଼ା, ତାଳଚେର–ଗୋପାଳପୁର, ଭଦ୍ରାଚଳମ୍–ବିମଳାଗଡ଼, ପାରାଦୀପ–ଧାମରା ସମେତ ଅତି କ୍ଷୁଦ୍ର ଓ ଗୁରୁତ୍ୱପୂର୍ଣ୍ଣ ରେଳଲାଇନ ଯଥା: ତାଳଚେର–ଏଫ୍‌ସିଆଇ–ଅନୁଗୋଳ, ବଡ଼ବିଲ–ବାଂଶପାଣି, ବରସୁଆଁ–ବାଂଶପାଣି–ବାଦାମପାହାଡ଼ ପ୍ରକଳ୍ପ ପାଇଁ ଦାବି କରୁଥିଲେ ବି କୌଣସି ଗୋଟିଏ ପ୍ରକଳ୍ପକୁ ଗମ୍ଭୀରତାର ସହ ନିଆଯାଇନି, ଯାହା ରାଜ୍ୟବାସୀଙ୍କ ସ୍ୱାର୍ଥବିରୋଧୀ । ସେହିପରି ଦୁଇବର୍ଷ ତଳେ ନୂଆପଡ଼ା–ବରଗଡ଼–ବିଜେପୁର ରେଳଲାଇନ ପ୍ରକଳ୍ପ ପାଇଁ ଘୋଷଣା ହୋଇଥିଲେ ବି ଏହି ପ୍ରକଳ୍ପ ଲାଗି ବଜେଟରେ ବ୍ୟୟବରାଦ ହୋଇପାରିନି । ଅନ୍ତରୀଣ ବଜେଟରେ ଅନୁଗୋଳ–ସୁକିନ୍ଦା ରୋଡ୍ ରେଳ ପ୍ରକଳ୍ପ ପାଇଁ ୨୫୦ କୋଟି, ହରିଦାସପୁର–ପାରାଦୀପ ପ୍ରକଳ୍ପ ବାବଦକୁ ୪୦୦ କୋଟି, ଖୋର୍ଦ୍ଧାରୋଡ୍–ବଲାଙ୍ଗୀର ପାଇଁ ୩୦୦ କୋଟି, ତାଳଚେର–ବିମଳାଗଡ଼ ପ୍ରକଳ୍ପ ଲାଗି ୧୫୦ କୋଟି, ଜୟପୁର–ମାଲକାନଗିରି ପାଇଁ ୭୦ କୋଟି, ଜୟପୁର–ନବରଙ୍ଗପୁର ରେଳ ପ୍ରକଳ୍ପ ଲାଗି ୧୦ କୋଟି ଅନୁଦାନ ମିଳିଛି ।

ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ରେଳସେବା ସମ୍ପୂର୍ଣ୍ଣ ଅବହେଳିତ ହୋଇଥିବା ବେଳେ ବହୁ ଦାବି ପରେ ବି ବିମଳାଗଡ଼–ତାଳଚେର ରେଳପଥ, ଖୋର୍ଦ୍ଧା–ବଲାଙ୍ଗୀର ରେଳପଥ, କୋରାପୁଟ–ମାଲକାନଗିରି ରେଳପଥ ଏଯାଏଁ ସରିପାରିନି । ବିମଳାଗଡ଼–ତାଳଚେର ରେଳପଥ ସମ୍ପୂର୍ଣ୍ଣ ହେଲେ ସିଧାସଳଖ ପାରାଦୀପକୁ ରେଳ ସଂଯୋଗ ହୋଇପାରିବ । ଫଳରେ ହଳଦିଆ ପରିବର୍ତ୍ତେ ପାରାଦୀପକୁ ମାଲ୍ ପରିବହନ ସହଜ ହେବ । ତେଣୁ ହଳଦିଆ ବନ୍ଦରର ଗୁରୁତ୍ୱ କମିବା ଆଶଙ୍କା ଥିବାରୁ ଜାଣିଶୁଣି ଦୀର୍ଘଦିନ ହେଲା ବିମଳାଗଡ଼–ତାଳଚେର ରେଳପଥକୁ ସମ୍ପୂର୍ଣ୍ଣ କରିବାକୁ ଦିଆଯାଉନାହିଁ ।

ସେହିପରି ଦକ୍ଷିଣପୂର୍ବ ରେଳପଥ ଡିଭିଜନରୁ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାକୁ ବାଦ୍ ଦେଇ ଏହାକୁ ପୂର୍ବତଟ ରେଳପଥରେ ସାମିଲ କରିବା ପାଇଁ ହେଉଥିବା ଦାବିକୁ ଏଯାଏ କାର୍ଯ୍ୟକାରୀ କରାଯାଉନାହିଁ । ଦକ୍ଷିଣପୂର୍ବ ରେଳପଥ ଅଧୀନରେ ଥିବା ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲାରୁ ବିପୁଳ ରାଜସ୍ୱ ଆଦାୟ ହେଉଥିବାରୁ ଗାର୍ଡେନ ରିଚ୍ କର୍ତ୍ତୃପକ୍ଷ କୌଣସି ମୂଲ୍ୟରେ ଏହି ଦୁଇ ଜିଲାକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି । ଖୋର୍ଦ୍ଧା–ବଲାଙ୍ଗୀର ରେଳପଥକୁ ୫ ବର୍ଷରେ ସାରିବେ ବୋଲି ୨୦୦୪ରେ ରେଳ ବଜେଟ ଆଗତ ବେଳେ ଘୋଷଣା କରିଥିଲେ ତତ୍‌କାଳୀନ ରେଳମନ୍ତ୍ରୀ ନୀତୀଶ କୁମାର । ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଏହି ୨୮୯ କିଲୋମିଟର ରେଳଲାଇନ ଅଧାରେ ଅଟକିଛି । ନୟାଗଡ଼ ଜିଲାର ୧୪୭ ଏକର ଓ ବୌଦ୍ଧ–ସୋନପୁର ଜିଲାର ୧୪୦୦ ଏକର ଜଙ୍ଗଲ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଅଟକିଛି । ଏକା ଅବସ୍ଥା ହରିଦାସପୁର–ପାରାଦୀପ ରେଳପଥର । ୧୯୯୫–୯୬ରେ ଏହି ୮୨ କିମି ରେଳପଥ ଲାଗି ଘୋଷଣା ହୋଇଥିଲେ ମଧ୍ୟ ୨୨ ବର୍ଷ ପରେ ବି ଶେଷ ହୋଇପାରିନି । ୨୦୧୬ରେ ଏହି ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ମଞ୍ଜୁର ହେବା ପରେ ହିଁ କାମ ଆରମ୍ଭ ହୋଇଥିଲା । ହେଲେ ଷ୍ଟେଜ୍–୧ ପରିବେଶ କ୍ଲିୟରାନ୍ସ ମିଳିବାରେ ବିଳମ୍ବ ତଥା ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରର ୪୦ଟି ଗାଁରୁ ଜମି ଅଧିଗ୍ରହଣରେ ସମସ୍ୟା କାରଣରୁ ଏହାର ସମୟସୀମା ଲମ୍ବିବାରେ ଲାଗିଛି । ପ୍ରକଳ୍ପ ପାଇଁ ଯେଉଁ ଅର୍ଥ ବଜେଟରେ ବ୍ୟବସ୍ଥା କରାଯାଉଛି, ତାହା ସମୁଦ୍ରକୁ ଶଙ୍ଖେ ପରି । ବର୍ଷ ପରେ ବର୍ଷ ବିତିସାରିଥିଲେ ବି ତାଳଚେର–ବିମଳାଗଡା ପ୍ରସ୍ତାବିତ ୧୪୯.୭୮ କିମି ରେଳପଥ ଆଗେଇପାରିନି । ଅନୁଗୋଳ ଓ ଦେବଗଡ଼ ଜିଲାରେ ଜମି ଅଧିଗ୍ରହଣରେ ସମସ୍ୟା ଏହି ପ୍ରକଳ୍ପ ପାଇଁ କାଳ ହୋଇଛି ।

କୋଲକାତା ଓ ନୂଆଦିଲ୍ଲୀ ପରି ମେଟ୍ରୋ କିମ୍ବା ମୁମ୍ବାଇରେ ଲୋକାଲ ଟ୍ରେନ୍ ବ୍ୟବସ୍ଥା ପରି ଭୁବନେଶ୍ୱର–କଟକ ସହର ପାଇଁ ରେଳ ବିଭାଗ ଏଯାଏ ଚିନ୍ତା କରିନି । ପରିବହନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଖୋର୍ଦ୍ଧା–ଭୁବନେଶ୍ୱର–କଟକ ଅଞ୍ଚଳ ପାଇଁ ରେଳଭିତ୍ତିକ ଏମ୍‌ଆର୍‌ଟିଏସ୍ ପ୍ରତି ରେଳ ମନ୍ତ୍ରଣାଳୟ ଗୁରୁତ୍ୱ ଦେବା ଦରକାର । ଗଞ୍ଜାମରେ ଶୀତଳପଲ୍ଲୀ ରେଳ ୱାଗନ ତିଆରି କାରଖାନା ତିଆରି ପ୍ରସ୍ତାବରୁ ରେଳ ବିଭାଗ ଓହରିଯାଇଛି । କଳାହାଣ୍ଡି ନର୍ଲାରେ ପ୍ରସ୍ତାବିତ ୱାଗନ ମରାମତି କାରଖାନାକୁ ବିଶାଖାପାଟଣାକୁ ସ୍ଥାନାନ୍ତର କରି ରାଜ୍ୟ ପ୍ରତି ରେଳ ବିଭାଗ ଅବହେଳା କରିଛି । ଜୁଲାଇ ୫ରେ ମୋଦି ସରକାରଙ୍କ ୨ୟ ପାଳିର ପ୍ରଥମ ସମ୍ପୂର୍ଣ୍ଣ କେନ୍ଦ୍ରୀୟ ବଜେଟ ଆଗତ ହେବାକୁ ଯାଉଛି । ରେଳ କ୍ଷେତ୍ରରେ ଓଡ଼ିଶାକୁ ଅଧିକ ଫୋକସ୍ କରିବା ପାଇଁ ଦାବି ଜୋର୍‌ଦାର ହେବା ଦରକାର ।

ଭୁବନେଶ୍ୱର, ମୋ– ୯୪୩୮୨୯୬୫୧୯

## ପାଠକ ଶ୍ରେଷ୍ଠ ବିଚାରକ

### ପାଠକଙ୍କ ଅଭିମତକୁ ଗୁରୁତ୍ୱ ଦିଆଯାଉ

ମହାଶୟ,

ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ପାଠକମାନେ ବିଭିନ୍ନ ଅଞ୍ଚଳରୁ ଚିଠିଟିଏ ଲେଖି କୌଣସି ଲେଖା ଉପରେ କିମ୍ବା ସେମାନଙ୍କ ଅଞ୍ଚଳରେ ଥିବା ସମସ୍ୟା ବିଷୟରେ ମତାମତ ଜଣାଇଥାନ୍ତି । ସମ୍ପାଦକମାନେ ମଧ୍ୟ ସୀମିତ ସ୍ଥାନରେ ସେହି ଲେଖାଗୁଡିକୁ ପ୍ରକାଶ କରିଥାନ୍ତି । ଦେଖାଯାଉଛି, ସେହି ଲେଖାକୁ କୌଣସି ବିଭାଗୀୟ କର୍ମଚାରୀ, ଅଫିସର ବା ନେତା, ମନ୍ତ୍ରୀ ଆଉଆଖିରେ ଅନାନ୍ତି ନାହିଁ କି ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ନାହିଁ । ତେଣୁ ସରକାରଙ୍କୁ ଅନୁରୋଧ ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶ ପାଉଥିବା ଅଭିମତ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଲେଖକ ବା ଖବରକାଗଜ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସରକାର ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଲୋକଙ୍କ ସମସ୍ୟାର ସମାଧାନ କରନ୍ତୁ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ବିଳମ୍ବ କର ବାଧୁଛି

ଜଟଣୀ ଜନସ୍ୱାସ୍ଥ୍ୟ ବିଭାଗ ପ୍ରତି ମାସ ୧୫ ତାରିଖ ମଧ୍ୟରେ ଜଳକର ନେଇଥାନ୍ତି । କିନ୍ତୁ ଅନେକ ମାସ ହେଲା ଖାଉଟିମାନେ ଯଥାସମୟରେ ସେମାନଙ୍କ ଜଳକର ପଇଠ ପାଇଁ ଯାଉଥିଲେ ମଧ୍ୟ ଅଫିସରେ ରସିଦ୍ ବହି ନାହିଁ ବୋଲି ଫେରି ଆସୁଛନ୍ତି । ପୁନରାୟ ଦଶଦିନ ପରେ ଜଳକର ପଇଠ କରି ରସିଦ୍ କାଟିଲେ ବିଳମ୍ବ ଟ୍ୟାକ୍ସ ଦେବାକୁ ପଡୁଛି । ଏହା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା । ଜନସ୍ୱାସ୍ଥ୍ୟ ବିଭାଗର ନିଜସ୍ୱ ଅସୁବିଧା କିମ୍ବା ଦାୟିତ୍ୱହୀନତା ପାଇଁ ଖାଉଟିମାନେ କାହିଁକି ଅଧିକ ଟଙ୍କା ପଇଠ କରିବେ ? ଜଟଣୀ ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ଠିକ୍ ସମୟରେ ପାଣି ନ ଦେବା, ପାଣିରେ ପୋକଜୋକ ବାହାରିବା ନେଇ ଅନେକ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଲୋକଙ୍କୁ ଏଭଳି ବିଳମ୍ବ କର ବାଧୁଛି । ବିଭାଗୀୟ କର୍ତ୍ତପକ୍ଷ ଏହାର ପ୍ରତିକାର କରନ୍ତୁ ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଲୌକିକ ଦେବତା



ଡ. ତ୍ରିନାଥ ପଟ୍ଟନାୟକ

ଓଡ଼ିଆ ଜାତିଓ ଉତ୍କଳୀୟ ସଂସ୍କୃତିର ଚିର ନମସ୍ୟ ଶ୍ରୀଜଗନ୍ନାଥ । କଳିଙ୍ଗ ସାଗର ଉପକୂଳରେ ଅବସ୍ଥିତ ନୀଳଶୈଳ ଉପରେ ଶ୍ରୀଜଗନ୍ନାଥଙ୍କ ସୁଦୃଶ୍ୟ ମନ୍ଦିର ପ୍ରତିଷ୍ଠିତ । ଏଠାରେ ଦେବତା ବଡ ଠାକୁର । ମନ୍ଦିର ଶ୍ରୀମନ୍ଦିର । କ୍ଷେତ୍ର ଶ୍ରୀକ୍ଷେତ୍ର ରୂପେ ପରିଚିତ ।

ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ସମସ୍ତ ତତ୍ତ୍ୱ ଉଦ୍‌ଘାଟନ କରିବା ଶକ୍ତି କାହାରି ପାଖରେ ନାହିଁ । ବିଭିନ୍ନ ଶ୍ରୁତିରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ବିଷୟରେ ମାତ୍ର ଗୋଟିଏ ପଦ କୁହାଯାଇଛି–ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ ଦେବାଃ ନ ଜାନନ୍ତି କୁତୋ ମନୁଷ୍ୟାଃ ? ଯେଉଁ ପୁରୁଷୋତ୍ତମଙ୍କର ରହସ୍ୟ ଦେବତାମାନେ ଜାଣିନାହାନ୍ତି, ମନୁଷ୍ୟ କି ଛାର !

ଦର୍ଶନ ଶାସ୍ତ୍ରରେ 'ପୁରୁଷ' ଶବ୍ଦ ପରମାତ୍ମା ଅର୍ଥରେ ପ୍ରୟୋଗ କରାଯାଇଛି । ଋକ୍‌ବେଦ ସେହି ପୁରୁଷଙ୍କ କଥା ପୁରୁଷ ସୂକ୍ତରେ ପ୍ରତିପାଦନ କରିବାକୁ ଯାଇ କହିଛନ୍ତି– ସେ ପୁରୁଷଙ୍କର ସହସ୍ର ଶୀର୍ଷ, ସହସ୍ରାକ୍ଷ, ସହସ୍ରପାଦ ଇତ୍ୟାଦି ରହିଛି । ସେହି ପୁରୁଷ ହିଁ ଶ୍ରୀଜଗନ୍ନାଥ, ଯିଏ କି ସମଗ୍ର ଜଗତର ନାଥ । ଗୌତମ ବୁଦ୍ଧଙ୍କୁ ମଧ୍ୟ ଜଗନ୍ନାଥ ବୋଲି କୁହାଯାଇଛି । ମାତ୍ର ଏଠାରେ କେବଳ ଜଗତ ରୂପ ପୁରୁଷ ହେଉଛନ୍ତି ଶ୍ରୀଜଗନ୍ନାଥ । ଜଗତ ହେଉଛି ଉପାସ୍ୟ ପୁରୁଷ । ଜୈନମାନେ ମଧ୍ୟ ସେମାନଙ୍କ ଉପାସ୍ୟ ପୁରୁଷଙ୍କୁ ନାଥ ବୋଲି କୁହନ୍ତି । ବୌଦ୍ଧ ଓ ଜୈନ ଧର୍ମର ଛାୟା ମଧ୍ୟ ଜଗନ୍ନାଥ ଧର୍ମ ଉପରେ ପଡିଥିବା କଥା ବହୁ ପଣ୍ଡିତ କହୁଛନ୍ତି । ମାତ୍ର ଜଗନ୍ନାଥ ଧର୍ମର ଲକ୍ଷ୍ୟ ହେଉଛି ବିଶ୍ୱମୈତ୍ରୀ । ଏଣୁ ବିଶ୍ୱମୈତ୍ରୀର ପରମ ପୀଠ ହେଲା ଶ୍ରୀଜଗନ୍ନାଥ ଧାମ ।

ପୁରାଣ ମତରେ ଶ୍ରୀଜଗନ୍ନାଥ ହିଁ ଶ୍ରୀକୃଷ୍ଣ । ବଳରାମ ବଳଭଦ୍ର ରୂପରେ, ବ୍ରହ୍ମା ଭଗିନୀ ସୁଭଦ୍ରା ରୂପରେ ଶ୍ରୀମନ୍ଦିରରେ ଅବସ୍ଥାନ କରିଛନ୍ତି । ଭଗବାନ ଶ୍ରୀକୃଷ୍ଣ ଦ୍ୱାରକାକୁ ଜଳରେ ବୁଡାଇ ଦେବା ପରେ କଳିଙ୍ଗସାଗର କୂଳରେ ପୁରୀ କ୍ଷେତ୍ରର ମାହାତ୍ମ୍ୟ ବୃଦ୍ଧି ପାଇଲା । ଏଣୁ କଳିଯୁଗରେ ପୁରୀକୁ ଦ୍ୱିତୀୟ ଦ୍ୱାରକା କୁହାଯାଏ । କେହି କେହି ପୁରାଣକାର କୁହନ୍ତି, ଶ୍ରୀକୃଷ୍ଣଙ୍କ ଅପୋଡା ଶରୀରାଂଶ ପୁରୀରେ ପୂଜା ପାଉଛନ୍ତି । ପ୍ରଥମେ ଭଗବାନ ଶ୍ରୀକୃଷ୍ଣ ନୀଳମାଧବ ରୂପେ ଶବରମାନଙ୍କ ଦ୍ୱାରା ପୂଜା ପାଉଥିଲେ । ନୀଳମାଧବ ଅନ୍ତର୍ଦ୍ଧାନ ହେବା ପରେ ଶ୍ରୀକ୍ଷେତ୍ରରେ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସହିତ ଶ୍ରୀକୃଷ୍ଣ ଜଗନ୍ନାଥ ରୂପରେ ଆବିର୍ଭୂତ ହୋଇଛନ୍ତି । ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ଶିବ, ବ୍ରହ୍ମା ଓ ବିଷ୍ଣୁ ରୂପରେ ଗ୍ରହଣ କରାଯାଇଛି ।

ପ୍ରେମଭକ୍ତି ଗୀତାରେ ଯଶୋବନ୍ତ ଦାସ ଉଲ୍ଲେଖ କରିଛନ୍ତି– ପୂର୍ବେ ବ୍ରହ୍ମା ଅଭିଶାପ ଯୋଗୁ ଦ୍ୱାପର ଯୁଗରେ ସୁଭଦ୍ରା ରୂପ ଗ୍ରହଣ କରିଛନ୍ତି । ସୃଷ୍ଟିର ଆରମ୍ଭ ପୂର୍ବରୁ ଯୋଗମାୟାଙ୍କଠାରୁ ବ୍ରହ୍ମା, ବିଷ୍ଣୁ, ଶିବ ଜନ୍ମଗ୍ରହଣ କଲେ । ବ୍ରହ୍ମା ପୃଥ୍ୱୀ ସ୍ଥାପନା କଲେ । ବିଷ୍ଣୁ ସର୍ବତ୍ର ବ୍ୟାପିଲେ । ରୁଦ୍ର ଯୋଗମୁଦ୍ରାରେ ବହୁ କାଳ ରହିଲେ । ଏହିପରି କିଛି ସମୟ ଗତ ହେବା ପରେ ବାଳସ୍ୱରୂପ ରୁଦ୍ରଙ୍କ ସହିତ ଯୋଗମାୟା ରତିକ୍ରୀଡା ରଚନା କଲେ । ଏହି କୁତ୍ସିତ କାର୍ଯ୍ୟ ନିମନ୍ତେ ବ୍ରହ୍ମା ଓ ବିଷ୍ଣୁ ମାତାଙ୍କୁ ନିନ୍ଦା କଲେ । ମାତା ଯୋଗମାୟା କ୍ରୋଧରେ ଏ ଦୁହିଁଙ୍କୁ ଅଭିଶାପ ଦେଲେ । ଯେଉଁ ଯୋନିରୁ ଜନ୍ମଲାଭ କରିଛ, ତାହାକୁ ନିନ୍ଦା କରୁଥିବା ଯୋଗୁ, ସେହି ଯୋନିରେ ଯୁଗ ଯୁଗ ଧରି ଜନ୍ମଗ୍ରହଣ କରୁଥାଅ । ବ୍ରହ୍ମା ସ୍ତ୍ରୀ ଯୋନି ହେବେ ଓ ଅପୂଜା ରହିବେ । ଏହାପରେ ତିନି ଭ୍ରାତା ଏକାନ୍ତରେ ଗୁପ୍ତରେ ନିତ୍ୟରାସ ସ୍ଥଳୀ ପୁରୁଷୋତ୍ତମ କ୍ଷେତ୍ରରେ ରହିଲେ ।

ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଏହି ମୂର୍ତ୍ତିଚତୁଷ୍ଟୟ ବିଷ୍ଣୁଙ୍କର ରୂପ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି । ଏହି ଚାରି ମୂର୍ତ୍ତିକୁ ଚାରି ଦେବ ବୋଲି ବଳରାମ ଦାସ ଗୁପ୍ତଗୀତାରେ ଉଲ୍ଲେଖ କରିଛନ୍ତି । ଗୁପ୍ତରେ ନିତ୍ୟ ରାସସ୍ଥଳୀ ପୁରୁଷୋତ୍ତମ କ୍ଷେତ୍ରରେ ରହିଲେ–

ବଳଭଦ୍ର ଯେ ସାମ ହୋଇ । ଋକ ଯେ ସୁଭଦ୍ରା ଅଟଇ ।
ଯଜୁର୍ବେଦ ଶ୍ରୀଜଗନ୍ନାଥ । ଅଥର୍ବ ସୁଦର୍ଶନ ପାର୍ଥ ।

ବିଷ୍ଣୁ ପୁରାଣ, କୂର୍ମ ପୁରାଣ, ନାରଦ ପୁରାଣ, ସ୍କନ୍ଦ ପୁରାଣ ଓ ନୀଳାଦ୍ରି ମହୋଦୟ, କ୍ଷେତ୍ରମାହାତ୍ମ୍ୟ ପ୍ରଭୃତି ପୁରାଣରେ ଶ୍ରୀଜଗନ୍ନାଥଙ୍କ ପ୍ରଶସ୍ତି ବର୍ଣ୍ଣନା କରାଯାଇଛି ।

ଶ୍ରୀଜଗନ୍ନାଥ ମନ୍ଦିର, ମୂର୍ତ୍ତି ପ୍ରତିଷ୍ଠାରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭୂମିକା ଅବର୍ଣ୍ଣନୀୟ । ସେ ପ୍ରଭୁଙ୍କୁ ତିନିଗୋଟି ବର ମାଗିଥିଲେ, ଯାହାକି ସର୍ବ ଜନାଦୃତ ଓ ଅଲୌକିକ ମଧ୍ୟ ।

୧ –ପ୍ରତିବର୍ଷ ନୂତନ ରଥ ନିର୍ମାଣ ହେବ ।
''ବୁଢ଼ା ବଢ଼େଇ ସନ୍ତାନ ଯୁଗେ ଯୁଗେ ଥିବ,
ବରଷକେ ତିନିରଥ ନିର୍ମାଣ ହୋଇବ ।''
୨– ସର୍ବଦା ମହାପ୍ରସାଦ ଜନସାଧାରଣଙ୍କୁ ମିଳିବ ।
''ରାତ୍ର ଅର୍ଦ୍ଧମାନେ ତୋ କବାଟ ପଡିଥିବ,
ରାତ୍ର ପାଞ୍ଚ ଘଡି ଥାଉ କବାଟ ଫିଟିବ ।
ସବୁ ହୋଇ ତିନି ଘଡି ଶୟନ କରିବ,
ଖାଉ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ ।
ଦିନକ ଯାକର ଭୋଗ ଭୁଞ୍ଜୁଥିବ ରହି,
ଏହି ବର ମୋତେ ଦିଅ ତ୍ରୈଲୋକ୍ୟ ଗୋସେଇଁ ।''
୩–ଗର୍ବ କରିବା ପାଇଁ ମୋ ବଂଶରେ କେହି ନ ଥିବେ ।
''ତୁମେ ଯେବେ ବର ଦେବ ମାଗୁଅଛି ମୁହିଁ,
ମୋହ ବଂଶରେ କେହି ନ ଥିବେ ଗୋସାଇଁ ।
ଠାକୁର ବୋଇଲେ ଏହା ମାଗୁ କାହିଁ ପାଇଁ,
ତୋତେ ଘେନି ଯୁଗ ରାଜ୍ୟ କରୁଥିବି ମୁହିଁ ।
ଇନ୍ଦ୍ରଦ୍ୟୁମ୍ନ ବୋଲେ ମୋରେ ତେଣେ କାର୍ଯ୍ୟ ନାହିଁ,
ସବୁ ଦିନେ କୀରତି ମୋହର ଥିବ ରହି ।
ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର,
ଆମ୍ଭର ବୋଇଲେ ଧର୍ମ ଯିବ ଯେ ମୋହର ।''

ସମନ୍ୱୟୀ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ । ଜାତି ଧର୍ମ ବର୍ଣ୍ଣର ଭେଦ ତାଙ୍କ ପାଖରେ ନାହିଁ । ଜନସାଧାରଣଙ୍କ ନିକଟକୁ ଦେବତା ସ୍ୱୟଂ ବାହାରି ଆସନ୍ତି ସୁଖଦୁଃଖ ବାଣ୍ଟିବା ପାଇଁ । ଧନ୍ୟ ଜଗନ୍ନାଥ, ଧନ୍ୟ ତୁମର ଲୀଳା ।

ଆଲୋକ ନଗର, ନିଆଳି, କଟକ, ମୋ–୯୯୩୭୮୪୦୩୮୭

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୯୪

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଶ୍ରମିକମାନଙ୍କର ମଜୁରିକୁ ଶତକଡା ୪୦ ଭାଗ ବୃଦ୍ଧି ନେଇ ଏକ ନୂତନ ଆଇନରେ ସ୍ୱାକ୍ଷର କରିଛନ୍ତି ।
- ଆମେରିକାର ଗୋଟିଏ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୦ଜଣ ବିମାନଯାତ୍ରୀଙ୍କର ପ୍ରାଣହାନିଘଟିଛି ।



ଶିଳ୍ପୀ ଏଲ୍‌. ଈଶ୍ୱର ରାଓ ୬୩୫ଟି ଦିଆସିଲି କାଠିରେ ତିଆରି କରିଥିବା କ୍ଷୁଦ୍ର ରଥକୁ ବୁଧବାର ଭୁବନେଶ୍ୱର ସୂଚନା ଭବନଠାରେ ପ୍ରଦର୍ଶନ କରୁଛନ୍ତି।



# ଫୁଲରେ ଝଲସୁଛି ଶ୍ରୀମନ୍ଦିର

**ପୁରୀ ଅଫିସ, ୩।୭**

ପ୍ରଥମଥର ପାଇଁ ଫୁଲରେ ଝଲସୁଛି ଶ୍ରୀମନ୍ଦିର। ବିଭିନ୍ନ ପର୍ବପର୍ବାଣିରେ ବଡ଼ଦେଉଳକୁ ସଜାଯାଏ। ହେଲେ ଏଥର ରଥଯାତ୍ରା ପାଇଁ ମନ୍ଦିରକୁ ଯେଉଁପରି ଭାବେ ଗୋଲାପ, ଗେଣ୍ଡୁ, ରଜନୀଗନ୍ଧା ଆଦି ଫୁଲରେ ସଜାଯାଇଛି ତାହା ଆଖି ଝଲସାଇ ଦେବା ଭଳି। ନବବଧୂଟିଏ ଭଳି ସଜେଇ ହୋଇଛି ଶ୍ରୀମନ୍ଦିର। ତିନିରଥ ବି ଫୁଲରେ ସଜାଯିବ। ସେହିପରି ଆଉ ଦିନକ ପରେ ଫୁଲରେ ଝଲସି ଉଠିବ ଶ୍ରୀଗୁଣ୍ଡିଚା ମନ୍ଦିର।

କୋଟିପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ସେବା କରିବାକୁ ଅନେକ ଇଚ୍ଛା କରିଥାନ୍ତି। ହେଲେ କାହାକୁ ସୁଯୋଗ ମିଳେ ତ ପୁଣି କେହି ଏଥିରୁ ବଞ୍ଚିତ ହୁଅନ୍ତି। ଦିଲ୍ଲୀର କେ.କେ. ଶର୍ମା ରଥଯାତ୍ରା ସମୟରେ ତିନିରଥ ଏବଂ ଶ୍ରୀମନ୍ଦିରକୁ ସଜାଇବା ଲାଗି ଆଗ୍ରହ ପ୍ରକାଶ କରି ଶ୍ରୀମନ୍ଦିର ପ୍ରଶାସନକୁ ଅନୁମତି ମାଗିଥିଲେ। ଅନୁମତି ପାଇବା ପରେ ନିଜସ୍ୱ ଖର୍ଚ୍ଚରେ ପ୍ରାୟ ୨୫୦ କାରିଗରଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ଫୁଲରେ ସଜାଇଛନ୍ତି। ଏଥିରେ ପ୍ରାୟ ୧୨ରୁ ୧୪ ଟ୍ରକ୍ ଫୁଲ ଲାଗିଥିବା ଜଣାପଡ଼ିଛି। ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର, ମେଘନାଦ ପାଚେରି, ସିଂହଦ୍ୱାର, ଦକ୍ଷିଣ ଦ୍ୱାର, ଉତ୍ତର ଦ୍ୱାର ଫୁଲରେ ଝଲସିବ। କେ.କେ. ଶର୍ମା ହେଉଛନ୍ତି ଏକ ଫାର୍ମାସ୍ୟୁଟିକାଲ କମ୍ପାନୀର ମାଲିକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ। ସେ ଦୀର୍ଘ ୨୦ବର୍ଷ ହେବ ବୈଷ୍ଣୋଦେବୀରେ ଫୁଲ ସଜାଉଛନ୍ତି। ଏହାବ୍ୟତୀତ ବମ୍ବେର ସିଦ୍ଧି ବିନାୟକ, ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ ମଧ ସେ ଫୁଲରେ ସଜାଇଥାନ୍ତି। ଏଥର ଶ୍ରୀମନ୍ଦିର ସଜେଇବାକୁ ଇଚ୍ଛା ରଖିଥିଲେ। ବୁଧବାର ଶ୍ରୀକ୍ଷେତ୍ର ଆସିଥିବା ବାଲେଶ୍ୱରର ମୁକ୍ତା ସାହୁ କହିଛନ୍ତି, ବାତ୍ୟାରେ ପୁରୀ ସହର ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରଥଯାତ୍ରାରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଭାବିଥିଲି। ହେଲେ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରକୁ ଏମିତି ଭାବେ ଫୁଲରେ ସଜାଯାଇଥିବା ଦେଖି ମୁଁ ଅଭିଭୂତ ହୋଇପଡ଼ିଲି।






ଶ୍ରୀମନ୍ଦିରକୁ ଫୁଲରେ ସଜାଯାଇଛି।



ନୂଆ ରୂପରେ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର।

# ବିଦେଶରେ ରଥଯାତ୍ରା

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ଦେଶ ଓ ବିଦେଶ ମାଟିରେ ଗଡୁଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ। ରଥଯାତ୍ରା କେବଳ ପୁରୀ କି ଓଡ଼ିଶା ମଧ୍ୟରେ ସୀମିତ ନ ରହି ଏବେ ସମଗ୍ର ବିଶ୍ୱବାସୀଙ୍କ ନିକଟରେ ପହଞ୍ଚିଛି। ଜାତି, ଧର୍ମ, ବର୍ଣ୍ଣ ଭେଦଭାବକୁ ଭୁଲିଯାଇ ମହାବାହୁଙ୍କ ନିକଟରେ ଭକ୍ତ ନିଜକୁ ସମର୍ପଣ କରୁଛନ୍ତି। ଆମେରିକାରୁ ଆରମ୍ଭକରି ରୁଷିଆ ପର୍ଯ୍ୟନ୍ତ, ଇଟାଲୀରୁ ଆରମ୍ଭକରି ସ୍ପେନ୍ ପର୍ଯ୍ୟନ୍ତ, ସମଗ୍ର ବିଶ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବେଶ୍ ଧୁମ୍‌ଧାମରେ ପାଳିତ ହେଉଛି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରଥମ ହିନ୍ଦୁପର୍ବ ଭାବେ ପାଳିତ ହେବା ସହ ସର୍ବାଦୃତ ହୋଇଛି ରଥଯାତ୍ରା।

ଜଗନ୍ନାଥ ସୋସାଇଟି ଅଫ ଆମେରିକା ଦ୍ୱାରା ପ୍ରତିଷ୍ଠା ହୋଇଥିବା ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥମ ଜଗନ୍ନାଥ ମନ୍ଦିରରେ ଏଥର ମଧ ସମସ୍ତ ରୀତିନୀତି ଅନୁଯାୟୀ ରଥଯାତ୍ରା ପାଳନ କରାଯିବ। ଆମେରିକାର ନାସ୍‌ଭିଲ୍ଲେଠାରେ ଥିବା ଏହି ଜଗନ୍ନାଥ ମନ୍ଦିର ସେଠାକାର ସର୍ବପୁରାତନ ଜଗନ୍ନାଥ ମନ୍ଦିର ବୋଲି ବିଶ୍ୱାସ ରହିଥିବା ବେଳେ ଏଠାରେ ଗୁଣ୍ଡିଚା କି ବାହୁଡ଼ା ଯାତ୍ରା ନୁହେଁ, ନେତ୍ରୋତ୍ସବ, ଦେବସ୍ନାନ ପୂର୍ଣ୍ଣିମା, ଅଣସର ଭଳି ପୂଜା ପରମ୍ପରା ମଧ ରହିଛି। ଆମେରିକାର ଅନେକ ସହରରେ ବର୍ଷ ବର୍ଷ ଧରି ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେଉଛି। ଦକ୍ଷିଣ କାଲିଫର୍ନିଆର ଅରେଞ୍ଜ କଣ୍ଟ୍ରି ଭାବେ ପରିଚିତ ଇର୍‌ଭାଇନ ସହରରେ ହେଉଥିବା ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବେଶ୍ ପ୍ରସିଦ୍ଧ। କାଲିଫର୍ନିଆର ଓଡ଼ିଆ ସମାଜ ସହଯୋଗରେ ଏଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ୨୦୧୨ରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଇରଭାଇନ, ଏହାର ଆଖପାଖ ଅଞ୍ଚଳରେ ରହୁଥିବା ବହୁ ଭାରତୀୟ ସେମାନଙ୍କ ପରିବାର ଓ ବିଦେଶୀ ବନ୍ଧୁମାନଙ୍କ ସହ ମିଶି ଏହି ରଥଯାତ୍ରାରେ ସାମିଲ ହୋଇଥାନ୍ତି। ସେହିଭଳି ସାନ୍‌ଫ୍ରାନ୍‌ସିସ୍କୋରେ ଇସ୍କନ ସଦସ୍ୟମାନଙ୍କ ଦ୍ୱାରା ଆୟୋଜିତ ରଥଯାତ୍ରା ସ୍ଥାନୀୟ ବିଦେଶୀମାନଙ୍କ ମଧ୍ୟରେ ଏକ ଲୋକପ୍ରିୟ ପର୍ବ। ଚଳିତବର୍ଷ ଏଠାରେ ଜୁନ୍ ୧୬ ରେ ରଥଯାତ୍ରା ଆୟୋଜିତ ହୋଇଥିବା ବେଳେ ଏଥିରେ ଆମେରିକୀୟଙ୍କ ସହ ଭାରତୀୟମାନେ ଯୋଗଦେଇ ମହାପ୍ରଭୁଙ୍କ ରଥ ଟାଣିବା ସହ ମନ ଖୋଲି ନାଚଗୀତରେ ହଜି ଯାଇଥାନ୍ତି। ଲସ୍ ଏଞ୍ଜେଲସ୍‌ରେ ଭେନିସ୍ ବିଚ୍ କୂଳରେ ପ୍ରତିବର୍ଷ ରଥଯାତ୍ରା ଆୟୋଜିତ ହେଉଥିବା ବେଳେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

ଏହାବ୍ୟତୀତ ୟୁନାଇଟେଡ୍ ଆରବ୍ ଏମିରେଟ୍ସ(ୟୁଏଇ) ବା ଦୁବାଇରେ ଓଡ଼ିଶା ସମାଜ ଅଫ ୟୁଏଇ ପକ୍ଷରୁ ରଥଯାତ୍ରା ପାଳିତ ହୋଇଥାଏ। ପାରମ୍ପରିକ ପଦ୍ଧତି ଅନୁଯାୟୀ, ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହାଛଡ଼ା ଦକ୍ଷିଣଆଫ୍ରିକାର ଡର୍ବାନ ସହର, ଇଟାଲୀର ରୋମ୍, ଭେନିସ୍, ଅଷ୍ଟ୍ରେଲିଆର ବ୍ରିସ୍‌ବେନ୍, ରୁଷିଆର ମସ୍କୋ ସହର, ଇଂଲଣ୍ଡର ଲଣ୍ଡନ, ଆମେରିକାର ଫ୍ଲୋରିଡ଼ା, ବାଂଲାଦେଶ ଏବଂ ନ୍ୟୁଜଲାଣ୍ଡର ଅକ୍‌ଲ୍ୟାଣ୍ଡ ସହରରେ ମଧ ଚଳିତବର୍ଷ ଧୁମ୍‌ଧାମରେ ରଥଯାତ୍ରା ପାଳନ କରାଯିବ।



ସାନ୍‌ଫ୍ରାନ୍‌ସିସ୍କୋରେ ଇସ୍କନ ସଦସ୍ୟମାନଙ୍କ ଦ୍ୱାରା ହେଉଥିବା ରଥଯାତ୍ରା।(ଫାଇଲ ଫଟୋ)

# ୨୩ ଅଣ୍ଡର ସେକ୍ରେଟାରୀଙ୍କୁ ପଦୋନ୍ନତି

**ଭୁବନେଶ୍ୱର,୩।୭(ବ୍ୟୁରୋ)**

ରାଜ୍ୟ ସରକାର ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୩ ଜଣ ଅଣ୍ଡର ସେକ୍ରେଟାରୀଙ୍କୁ ଡେପୁଟି ସେକ୍ରେଟାରୀ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଅଣ୍ଡର ସେକ୍ରେଟାରୀ ଅଭୟ କୁମାର ମହାପାତ୍ରଙ୍କୁ ଡେପୁଟି ସେକ୍ରେଟାରୀ ର୍‍ୟାଙ୍କକୁ ବଦଳି କରାଯାଇଥିବା ବେଳେ ଗୃହ ବିଭାଗର ମାଖର କେତନ ସ୍ୱାଇଁ, ରମେଶ ଚନ୍ଦ୍ର ଦାଶ, ସମରେନ୍ଦ୍ର ଧଳ, ଭକ୍ତ ପ୍ରସାଦ ମହାନ୍ତି, ଗୌର ପ୍ରସାଦ ଦାସ, ଅର୍ଥ ବିଭାଗର ପ୍ରଫୁଲ୍ଲ କୁମାର ପଣ୍ଡା, ସାଧାରଣ ପ୍ରଶାସନ ବିଭାଗର ଶ୍ରୀକାନ୍ତ କୁମାର ମିଶ୍ର, ସମବାୟ ବିଭାଗର ବିଭୁତି ଭୂଷଣ ପାତ୍ରଙ୍କୁ ଡେପୁଟି ସେକ୍ରେଟାରୀ ର୍‍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ସେହିପରି ଅଣ୍ଡର ସେକ୍ରେଟାରୀ ଲକ୍ଷ୍ମୀଧର ଆଚାର୍ଯ୍ୟ, ବିପିନ ବିହାର ପାତ୍ର, ମନୋଜ କୁମାର ବେହେରା, ମନୋରଞ୍ଜନ ସ୍ୱାଇଁ, ବୈକୁଣ୍ଠ ନାଥ ସାମଲ, ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ବିଶ୍ୱଜିତ୍ କୁମାର ସାହୁ, ନୃସିଂହ ଚରଣ ମିଶ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି, ଅଜୟ କୁମାର ମହାନ୍ତି, ଚନ୍ଦ୍ରକାନ୍ତ ମିଶ୍ର ଏବଂ ପ୍ରିୟରଞ୍ଜନ ପ୍ରଧାନଙ୍କୁ ଡେପୁଟି ସେକ୍ରେଟାରୀ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।


**ବ୍ରତୋପନୟନ ଶୁଭେଚ୍ଛା**



ଅବିନାଶ ଆଚାର୍ଯ୍ୟ(ସାନୁ)
ଆଜି ତୋର ବ୍ରତୋପନୟନ ଉପଲକ୍ଷେ ଏବଂ (ପବିତ୍ର ରଥଯାତ୍ରା ଉପଲକ୍ଷେ) ଅଭିନନ୍ଦନ ଓ ଶୁଭେଚ୍ଛା।
ତୋର ଚଲାପଥ କୁସୁମିତ ତଥା ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ
ଶ୍ରୀରାମଚନ୍ଦ୍ର ମିଶ୍ର (ଅଜା), ଶ୍ରୀମତୀ ଶାନ୍ତିମଣି ମିଶ୍ର (ଆଈ), ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ସମେଇ ଗାଡ଼ିଆ, ଭୁବନେଶ୍ୱର।
ଧ-୧୩୨୩୬

**55th Birthday Wish**



HAPPY BIRTHDAY MAMA
(Namita Pattanaik)
Bank Colony,Brahmeswar
Patna
"MAY GOD GIVE YOU EVERYTHING"
From:
GUDU
D-13234

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



ପ୍ରତୀକ୍ଷା ପାତ୍ର
ସାଇବାବାଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ଜେଜେବାପା, ଜେଜେ ମା' ଓ ପରିବାରବର୍ଗ।
ଧ-୫୩୬୪୪

**୬୯ତମ ଜନ୍ମବାର୍ଷିକ ଶୁଭେଚ୍ଛା**



ମହନ୍ତ ଶ୍ରୀ ଗୋପୀନାଥ ଦାସ ମହାରାଜ
ନରୋତ୍ତମ ଆଶ୍ରମ, ଦାମୋଦର ରୋଡ, ପୁରୀ
ପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ଆପଣଙ୍କର ଲଡୁ ଗୋପାଳ ଦାସ,ଲତିକା ସେନ, ଅକ୍ଷୟ କୁମାର, ଗୋବିନ୍ଦ ଚନ୍ଦ୍ର, ସୁଦାମ, ସମୀର, ଗଣେଶ, କାଳୁ ଓ ଶିଷ୍ୟବୃନ୍ଦ।
ଧ-୩୪୯୦୦

**ଗୁଗୁଲ'ର ଜନ୍ମବାର୍ଷିକ ଶୁଭେଚ୍ଛା**



ଶୁଭଶ୍ରୀ ପୃଷ୍ଟି
କାକଟପୁର, ପୁରୀ
ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ଶ୍ରୀରାଧାରାଣୀ ତୋ ଚଲାପଥ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଈ, ବୁବୁଲ, ଡିଡୁଲ ଓ ସାଙ୍ଗସାଥୀ।
ଧ-୩୪୮୯୯

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



ଶିବାଂଶୀ (ସିଦ୍ଧି)
ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଘର ନଂ: ଏଲଆଇଜି-୫୬୫
ଜନ୍ମ ତା. ୨୫।୦୬।୨୦୧୭
ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା।
ଶୁଭେଚ୍ଛାସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ବଡ଼ବାପା: ସ୍ମୃତି, ମଡ଼ମା: ଲୋପାମୁଦ୍ରା, ଅପା: ରିଦ୍ଧି ଓ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୩୧୨୩

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ରଦ୍ଦୀକରଣ**
ଟେଣ୍ଡର ବିଜ୍ଞପ୍ତି ନଂ.: ୪୧ - ଏସ୍‌ଏନ୍‌ଟି - ପିଆର୍‌ଓଜେ - ଟେଣ୍ଡର-୨୦୧୯, ତାରିଖ: ୨୮।୦୬।୨୦୧୯
ଟେଣ୍ଡର ସମାପ୍ତି ତାରିଖ: ତା।୧୦।୦୭।୨୦୧୯ରିଖ ୧୫.୧୫ ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିକୁ ପ୍ରଶାସନିକ କାରଣବଶତଃ ବାତିଲ କରାଯାଇଛି। ରଦ୍ଦୀକରଣ ବିଜ୍ଞପ୍ତି ଆମ ୱେବ୍‌ସାଇଟ୍ https://www.ireps.gov.inରେ ଅପଲୋଡ୍ କରିଦିଆଯାଇଛି।
ଡେପୁଟି ଚିଫ୍ ଏସ୍ ଆଣ୍ଡ ଟି ଇଞ୍ଜିନିୟର/ପ୍ରୋଜେକ୍ଟ
CPR/10/159 ଏସ୍.ଇ.ସି. ରେଳପଥ, ଭିଳାଇ
ସ୍ୱଚ୍ଛ ଭାରତ ଅଭିଯାନ

**ଆଜିର ଆହ୍ୱାନ**
କର ପର୍ଯ୍ୟାପ୍ତ ବୃକ୍ଷ ରୋପଣ
ପାନୀୟ ଜଳର ସଂରକ୍ଷଣ।
ସୁସ୍ଥ ରହିବ ବାତାବରଣ
ଜଗତ ମଙ୍ଗଳ କାରଣ।
ରୋଟାରୀ କ୍ଲବ, ପୁରୀ
ଇନରହ୍ୱିଲ କ୍ଲବ, ପୁରୀ

ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ଭକ୍ତମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।





ଭକ୍ତଚରଣ ଦାସ
ପୂର୍ବତନ ପୌର ସଦସ୍ୟ, ପୁରୀ

**THE ADITYA BIRLA PUBLIC SCHOOL, BHUBANESWAR**
ADITYA BIRLA GROUP
ABPS
Near OEC (Sundarpada-Jatni Road)
CBSE Affiliation No.:1530269
*Warm Greetings to The People of Odisha on the Occasion of Rath-Yatra!*



The Aditya Birla Public School, Bhubaneswar is an English Medium, co-educational school, sprawling over 25 acres of picturesque estate situated in NIjigarh Kurki, Pipili, Puri. It is from LKG to Class-IX. One class will be added every year to take it up to class XII. The school has been designed to be of International calibre.
**ADMISSIONS OPEN**
For Classes LKG to IX for Session 2019-20.
For admission enquiry contact Principal Email: abpsbhubaneswar@gmail.com
Phone: 8280716884, 7978492354, 7978400378, 8895765154, 9723555853
Visiting Hours: 8:00 AM to 4:00 PM.Website :www.abpsbhubaneswar.com







**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ମହେଶ୍ୱର ପରିଡ଼ା
ଦଦରାକୁଣ୍ଡ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୨।୦୨।୧୯୪୩
ତିରୋଧାନ: ୨୪।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତରଞ୍ଜନ ପରିଡ଼ା, ଦେବରାଜ ପରିଡ଼ା, ଆର୍ତ୍ତ, ଗଦାଧର, ଝିଅଜ୍ୱାଇଁ, ନାତି ନାତୁଣୀ ମାନେ।
ଧ-୧୩୨୩୫

**୨୯ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ୧୨।୦୪।୧୯୪୫
ତିରୋଧାନ: ୦୪।୦୭।୧୯୯୦
ଆମେ ଆଜିର ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହା ହିଁ କାମନା କରୁଛୁ।
Director and Staff "x" Security Service (P) Ltd.
ଧ-୧୩୨୩୩

**ଅଷ୍ଟାଦଶତମ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତ ଚିତ୍ତରଞ୍ଜନ ଦାସ
ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ତୁମର ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର ଆମ ପାଇଁ ଆଦର୍ଶ। ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୬୬୫୯୬

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଦିଲୀପ ମିଶ୍ର
୧୮୫, ଜନପଥ, ଭୁବନେଶ୍ୱର
ଆବିର୍ଭାବ: ୨୧ ସେପ୍ଟେମ୍ବର ୧୯୪୦
ତିରୋଧାନ: ୨୭ ଜୁନ ୨୦୦୬
(ଶ୍ରୀଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ
ଧ-୧୩୨୩୧

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତି
Senior Advocate, Odisha High Court
ଆବିର୍ଭାବ: ୧୯୪୭ ମସିହା ସରସ୍ୱତୀ ପୂଜା
ତିରୋଧାନ: ୨୦୧୬ ମସିହା ଶ୍ରୀଗୁଣ୍ଡିଚା
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୨୩୭

# ଶ୍ରୀକ୍ଷେତ୍ରରେ ବୈକୁଣ୍ଠ

ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଅନେକ ନାମ ମଧ୍ୟରୁ ଗୋଟିଏ ନାମ ହେଉଛି 'ମର୍ତ୍ତ୍ୟ ବୈକୁଣ୍ଠ'। ଏହି ଶବ୍ଦଟି ପ୍ରଥମେ ସଂସ୍କୃତ ପୁରାଣ 'ବ୍ରହ୍ମ ବୈବର୍ତ୍ତ' ପୁରାଣରେ ବ୍ୟବହାର ହୋଇଛି। ଯେଉଁଠାରେ ମର୍ତ୍ତ୍ୟଲୋକରେ ଦାରୁବ୍ରହ୍ମ ସ୍ୱୟଂ ବିଜେ କରିଛନ୍ତି ତାହା ମର୍ତ୍ତ୍ୟ ବୈକୁଣ୍ଠ। ଏହି ମର୍ତ୍ତ୍ୟ ବୈକୁଣ୍ଠରେ ନଅଟି ବୈକୁଣ୍ଠ ଥିବା ବିଶ୍ୱାସ ରହିଛି।

**ନୀଳାଦ୍ରି ବୈକୁଣ୍ଠ:** ନୀଳାଦ୍ରି ଶବ୍ଦ ପ୍ରଥମେ ତାମିଲନାଡୁର ଆଲୱାର ଭକ୍ତମାନେ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଉଦ୍ଦେଶ୍ୟରେ ପ୍ରୟୋଗ କରିଥିବା ଗବେଷଣାରୁ ଜଣାପଡିଛି। ମହାପ୍ରଭୁ ଜଗନ୍ନାଥ ଯେଉଁ ରତ୍ନସିଂହାସନରେ ବିଜେ କରିଛନ୍ତି ତାହାକୁ ନୀଳାଦ୍ରି ବୈକୁଣ୍ଠ କୁହାଯାଏ। ଏହା ଅତ୍ୟନ୍ତ ପବିତ୍ର। ଏହି ବୈକୁଣ୍ଠ ଦର୍ଶନ କଲେ ମଣିଷକୁ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

**ଲୀଳା ବୈକୁଣ୍ଠ:** ନୀଳାଦ୍ରି ବୈକୁଣ୍ଠ ବା ରତ୍ନବେଦିର ସମ୍ମୁଖରେ ଗରୁଡ ସ୍ତମ୍ଭଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଜଗମୋହନକୁ ଲୀଳା ବୈକୁଣ୍ଠ କୁହାଯାଏ। ମହାପ୍ରଭୁଙ୍କ ପ୍ରତିନିଧି ଅର୍ଚ୍ଚା ବିଗ୍ରହମାନେ ଏହିଠାରେ ଲୀଳା କରିଥାନ୍ତି। ମହାପ୍ରଭୁ ଘୋଷଯାତ୍ରାରେ ଆଡପମଣ୍ଡପରୁ ଆସିଲା ବେଳେ ଏହି ବୈକୁଣ୍ଠରେ ଦଣ୍ଡାୟମାନ ହୋଇ ବନ୍ଦାପନା ଲୀଳା ହୋଇଥାଏ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଏବେ ମଧ୍ୟ ରଥଯାତ୍ରାରେ ଶ୍ରୀଜୀଉ ରତ୍ନବେଦୀକୁ ଫେରିଲାବେଳେ ଏହି ବୈକୁଣ୍ଠରେ ମହାପ୍ରଭୁଙ୍କ ଲୀଳା ହେଉଛି।

**ପୂର୍ବ ବୈକୁଣ୍ଠ:** ଶ୍ରୀମନ୍ଦିର ପରିସରରେ ଦୁଇଟି ବୈକୁଣ୍ଠ ଥିବାସ୍ଥଳେ ବାହାର ବେଢ଼ାରେ ସିଂହଦ୍ୱାର ଗୁମୁଟ ହେଉଛି ପୂର୍ବ ବୈକୁଣ୍ଠ। ଯେଉଁଠାରେ ଶ୍ରୀପତିତପାବନ ବିଜେ କରିଛନ୍ତି। ମହାପ୍ରଭୁ ଏହି ଦ୍ୱାର ଦେଇ ରଥଯାତ୍ରାକୁ ବିଜେ କରିଥାନ୍ତି ଏବଂ ନୀଳାଦ୍ରି ମହୋଦୟ ଅବସରରେ ରତ୍ନବେଦିକୁ ଫେରିଥାନ୍ତି। ଏହା ହେଉଛି ପ୍ରଥମ ପ୍ରବେଶ ପଥ। ଏହି ବୈକୁଣ୍ଠରେ ଭକ୍ତଙ୍କ ମାନସିକତାରେ ପରିବର୍ତ୍ତନ ଘଟିଥାଏ।

**ବ୍ରହ୍ମ ବୈକୁଣ୍ଠ:** ଶ୍ରୀମନ୍ଦିର ପରିସରକୁ ସିଂହଦ୍ୱାର ଦେଇ ପ୍ରବେଶ କରି ବାମପଟେ ଆଗେଇଲେ ଏକ ମଣ୍ଡପ ପରିଦୃଷ୍ଟ ହୋଇଥାଏ। ଏହା ମୁକ୍ତିମଣ୍ଡପ ଭାବେ ପରିଚିତ। ଏହି ମୁକ୍ତିମଣ୍ଡପକୁ ହିଁ ବ୍ରହ୍ମ ବୈକୁଣ୍ଠ କୁହାଯାଏ। ଏହାର ଅନ୍ୟନାମ ବ୍ରହ୍ମାସନ। ଶ୍ରୀମନ୍ଦିର ପ୍ରତିଷ୍ଠା କାଳରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆମନ୍ତ୍ରଣ କ୍ରମେ ପ୍ରଜାପତି ବ୍ରହ୍ମା ମର୍ତ୍ତ୍ୟଲୋକକୁ ଆସି ଏହି ମଣ୍ଡପରେ ଅବସ୍ଥାନ କରିଥିଲେ। ଯେଉଁଠାରେ ମୁଣ୍ଡଲଗାଇ ସମର୍ପିତ ହେଲେ ବ୍ରହ୍ମା ଆଶୀର୍ବାଦ କରିଥାନ୍ତି।

**ପଶ୍ଚିମ ବୈକୁଣ୍ଠ:** ଶ୍ରୀମନ୍ଦିରର ପଶ୍ଚିମରେ ପାର୍ଶ୍ୱ ଦେବତା ଭାବେ ବସିଛନ୍ତି ଶ୍ରୀନୃସିଂହ। ତା'ର ତଳ ଅଂଶ ନିଶାତଳ ଭାବେ ପ୍ରସିଦ୍ଧ। ଏହି ନିଶାତଳଠାରୁ ମହାଲକ୍ଷ୍ମୀ ମନ୍ଦିରର ଜଗମୋହନ ମଣ୍ଡପ ପର୍ଯ୍ୟନ୍ତ ଅଞ୍ଚଳକୁ ପଶ୍ଚିମ ବୈକୁଣ୍ଠ କୁହାଯାଏ। ଏହି ମଣ୍ଡପରେ ଶ୍ରୀଦେବୀ ଓ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନଙ୍କ ଗୁପ୍ତଲୀଳା (ଏକାନ୍ତଲୀଳା) ହୋଇଥାଏ। ୮୦୦ ବର୍ଷ ତଳେ ଏହି ମଣ୍ଡପକୁ ଦୃଷ୍ଟିରେ ରଖି ବର୍ତ୍ତମାନର ମା'ମହାଲକ୍ଷ୍ମୀଙ୍କ ମନ୍ଦିର ତିଆରି ହୋଇଥିଲା।

**ପାତାଳ ବୈକୁଣ୍ଠ:** ଶ୍ରୀମନ୍ଦିରର ଉତ୍ତରପାର୍ଶ୍ୱ ବେଢ଼ାରେ ଆନନ୍ଦବଜାର ପ୍ରବେଶ ପଥ ଅଞ୍ଚଳକୁ ପାଟ ଅଗଣା କୁହାଯାଏ। ଏହି ପାଟ ଅଗଣାର ଉତ୍ତର ପାର୍ଶ୍ୱରେ ମହାପ୍ରଭୁ ବାମନ ରୂପେ ବଳି ରାଜାଙ୍କୁ ପାତାଳ କରାଇଥିଲେ ବୋଲି ବିଶ୍ୱାସ ରହିଛି। ସେହିଠାରେ ପାତାଳେଶ୍ୱର ମନ୍ଦିର ରହିଛି। ଏହାକୁ ପାତାଳି ବୈକୁଣ୍ଠ କୁହାଯାଏ।

**ଅମର ବୈକୁଣ୍ଠ :** ଏହି ବୈକୁଣ୍ଠଟି ଶ୍ରୀମନ୍ଦିର ବାହାରେ ତୀର୍ଥରାଜ ମହୋଦଧି କୂଳରେ ସ୍ୱର୍ଗଦ୍ୱାର ଭାବେ ପରିଚିତ। ଏହା ମୁକ୍ତିର ମାର୍ଗ ପୁଣି ମୋକ୍ଷର ମାର୍ଗ। ବିଶ୍ୱାସ ରହିଛି ମନୁଷ୍ୟକୁ ମୃତ୍ୟୁ ପରେ ଏହି ମହାଶ୍ମଶାନରେ ଦାହ କରାଗଲେ ପୁନର୍ଜନ୍ମରୁ ମୁକ୍ତି ଲାଭ ମିଳିଥାଏ।



ଶ୍ରୀମନ୍ଦିର କୈବଲ୍ୟ ବୈକୁଣ୍ଠର ପ୍ରାଚୀନ ରେଖାଚିତ୍ର।

**କୋଇଲି ବୈକୁଣ୍ଠ**

ଶ୍ରୀମନ୍ଦିର ଉତ୍ତରପାର୍ଶ୍ୱ ବେଢ଼ାରେ ଏହା ଅବସ୍ଥିତ। ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ମହାପ୍ରଭୁ ନବକଳେବର ଅବସରରେ ଏହିଠାରେ ଥିବା ଶିଆଳିଲଟା ମୂଳରେ କୈବଲ୍ୟ ଲୀଳା କରୁଥିବାରୁ ଏହାକୁ କୈବଲ୍ୟ ବୈକୁଣ୍ଠ କୁହାଯାଏ। ନବକଳେବର ସମୟରେ ମହାପ୍ରଭୁ ଏଠାରେ ପାତାଳି ଲୀଳା କରିଥାନ୍ତି। ଏହିଠାରେ କାରୁଶାଳାରେ ଚତୁର୍ଦ୍ଧା ବିଗ୍ରହଙ୍କ ଦାରୁ ଚିହ୍ନଟ ହୋଇ ଆସି ପୂଜା ପାଇଥାନ୍ତି। ସେଠାରେ ଗୁପ୍ତନୀତି ପରେ ମହାପ୍ରଭୁଙ୍କର ନୂତନ ଶ୍ରୀ ବିଗ୍ରହ ନ୍ୟାସ ହୁଏ। ତାନ୍ତ୍ରିକମାନେ ଏହି ସ୍ଥାନକୁ ମହାଶ୍ମଶାନ ବୈକୁଣ୍ଠ ବୋଲି ଗ୍ରହଣ କରନ୍ତି।

**ଅନନ୍ତ ବୈକୁଣ୍ଠ**

ମହାପ୍ରଭୁଙ୍କ ଆବିର୍ଭାବର ସ୍ଥାନ ହେଉଛି ଏହି ଅନନ୍ତ ବୈକୁଣ୍ଠ। ଯେଉଁଠାରେ ଅପୌରୁଷେୟ ଦାରୁରୁ ଚତୁର୍ଦ୍ଧା ବିଗ୍ରହ ନିବୁଜ ସ୍ଥାନରେ ଆବିର୍ଭୂତ ହୋଇଥିଲେ। ମାଧ୍ୟମ ଥିଲେ ସ୍ୱୟଂ ନିଜେ। ନିଜେ ଆସିଥିଲେ ବିଶ୍ୱକର୍ମା ଭାବେ, ଯେଉଁଠି ମହପ୍ରଭୁ ଅପାର ମହିମା ପ୍ରଦାନ କରନ୍ତି। ଅର୍ଥାତ୍ ଯେଉଁ ମହିମାର ଅନ୍ତ ନାହିଁ। ସେହି ଅନନ୍ତ ମହିମା ବିତରଣ ପାଇଁ ପ୍ରତିବର୍ଷ ସେଠାରେ ବିଜେ ହୋଇ ଅନନ୍ତ ମହିମା ଭକ୍ତଜନଙ୍କୁ ବିତରଣ କରୁଛନ୍ତି। ତାହା ହିଁ ଅନନ୍ତ ମଣ୍ଡପ–ଅନନ୍ତ ବୈକୁଣ୍ଠ–ଆଡପ ମଣ୍ଡପ–ଜନ୍ମ ମଣ୍ଡପ।




## ଭାଇ ଭଉଣୀଙ୍କ ସହ ନନ୍ଦିଘୋଷରେ ଯାଆନ୍ତି ଜଗନ୍ନାଥ

**କେନ୍ଦୁଝରରେ ରଥଯାତ୍ରା**

ଶ୍ରୀଜଗନ୍ନାଥ ସଂସ୍କୃତିରେ ଆଦିବାସୀ ସଂସ୍କୃତିର ରହିଛି ନିବିଡ ସମ୍ପର୍କ । ଆଦିବାସୀ ବହୁଳ କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଘୋଷଯାତ୍ରାରେ ଆଦିବାସୀ ପରମ୍ପରା ଓ ସଂସ୍କୃତିର ଛାପ ପ୍ରତିଫଳିତ ହୋଇଥାଏ । ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଶ୍ୱର ସର୍ବୋଚ୍ଚ ରଥ ଭାବେ ମାନ୍ୟତା ପାଇଥିବା ନନ୍ଦିଘୋଷ ରଥରେ ଶ୍ରୀଜଗନ୍ନାଥ,ବଳଭଦ୍ର ଓ ଦେବୀ ସୁଭଦ୍ରା ମାଉସୀମା' ମନ୍ଦିରକୁ ଯାତ୍ରା କରନ୍ତି । ୧୬ ଚକ ବିଶିଷ୍ଟ ଶ୍ରୀବଳଦେବ ଜୀଉଙ୍କ ଏହି ରଥର ଉଚ୍ଚତା ୭୨ ଫୁଟ । ଏହି ରଥକୁ ଶାଳକାଠ ବ୍ୟତୀତ ଧଉରା, ଗମ୍ଭାରି, ଶିମିଳି, ବାଉଁଶ, ଜାମୁ ଆଦି କାଠରେ ନିର୍ମାଣ କରାଯାଇଥାଏ । ରଥ ଟାଣିବା ପାଇଁ ଭୂୟାଁ ଓ ଜୁଆଙ୍ଗମାନଙ୍କ ଦ୍ୱାରା ପ୍ରସ୍ତୁତ ଶିଆଳି ଲତାର ଦଉଡି ବ୍ୟବହାର ହେଉଥିଲା । ଏବେ ଶିଆଳି ଦଉଡି ପ୍ରସ୍ତୁତ ସମୟସାପେକ୍ଷ ଓ ବ୍ୟୟବହୁଳ ହେଉଥିବାରୁ ଏହା ସହିତ ନଡିଆ କତା ଓ ପ୍ଲାଷ୍ଟିକ ଦଉଡି ବ୍ୟବହାର କରାଯାଉଛି। ୧୬୬୧ ମସିହାରେ କେନ୍ଦୁଝର ରାଜ୍ୟର ତତ୍କାଳୀନ ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜଦେବ ସ୍ୱପ୍ନାଦେଶ ପାଇ ନଦୀ ପଠାରୁ ଶ୍ରୀବଳଦେବ ଜୀଉଙ୍କୁ ଆଣି ଏକ ମନ୍ଦିର ନିର୍ମାଣ କରି ସ୍ଥାପନ କଲେ । ସେହିଦିନଠାରୁ ରଥଯାତ୍ରା ପାଳନ ହୋଇଆସୁଛି। ଆଗରୁ ରଥଯାତ୍ରା ସମୟରେ ବଣପାହାଡରୁ ଆଦିବାସୀମାନେ ଆସି ଏଥିରେ ସାମିଲ ହୋଇଥାନ୍ତି ।

ରଥ ଟାଣିବା ସହ ୯ ଦିନ ବ୍ୟାପୀ ବଡ଼ଦାଣ୍ଡରେ ନାଚଗୀତ କରି ରାତି କଟାନ୍ତି ଆଉ ବାହୁଡ଼ା ପରେ ଫେରନ୍ତି। କୁହାଯାଏ, ତତ୍କାଳୀନ କେନ୍ଦୁଝର ରାଜ୍ୟରେ ରାଜରାଜୁଡା ଶାସନର ଆରମ୍ଭ କରିଥିବା ଭୂୟାଁମାନେ ସୁଶାସନ ପାଇଁ ଜିଲାର ରାଜପୁତ୍ରଙ୍କୁ ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରୁ ଚୋରାଇଆଣି ଏଠାରେ ଲୁଚାଇ ରଖି ବଡ଼ ହେବା ପରେ ସେମାନଙ୍କୁ ସିଂହାସନରେ ଅଧିଷ୍ଠିତ କରନ୍ତି। ଏଣୁ ରାଜରାଜୁଡା ଶାସନ ବେଳେ ଜିଲାର ପୁରାତନ ଜନଜାତି ଭୂୟାଁ ଓ ଜୁଆଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା । ସେ ସମୟରେ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ବିଭିନ୍ନ ପ୍ରକାରର ହାତବୁଣା ଧଡିଲଗା ବସ୍ତ୍ର, ରୁଞ୍ଜି ଓ ପୋହଳା ମାଳ,ଖଡୁ,ବାଙ୍କିଆ,କୋଳା ଆଦି ପିନ୍ଧି ରଥଯାତ୍ରାରେ ସମାଗମ ହେଉଥିଲେ । ରାତି ତମାମ ଖୁସିରେ ବଡଦାଣ୍ଡରେ ନାଚଗୀତ କରି କଟାଉଥିଲେ । ଧାଙ୍ଗଡା ଓ ଧାଙ୍ଗଡି ଦଳ ଦଳ ହୋଇ ଅଣ୍ଟାକୁ ଅଣ୍ଟା ଧରି ପାରମ୍ପରିକ ଗୀତ ଗାଇ ଚାଙ୍ଗୁ ଓ ମାଦଳ ବାଦ୍ୟର ତାଳେ ତାଳେ ନାଚ କରୁଥିଲେ । ସେମାନେ ଜଙ୍ଗଲ ଓ ପାହାଡରୁ ସଂଗୃହୀତ ଫଳ, ଫୁଲ, କୀଟ ପତଙ୍ଗ, ପନିପରିବା ଆଦି ଆଣି ବଡ଼ଦାଣ୍ଡରେ ବିକ୍ରିବଟା କରୁଥିଲେ । ଆଉ ଏବେ ସେସବୁ ଆଦିବାସୀ ପରମ୍ପରା ଓ ସଂସ୍କୃତି ରଥଯାତ୍ରାରେ ପରିଲକ୍ଷିତ ହୋଇପାରୁନାହିଁ । ରଥଯାତ୍ରା ସମୟରେ ଆଦିବାସୀଙ୍କ ପାରମ୍ପରିକ ଝିଙ୍କା ବିବାହ ଅନୁଷ୍ଠିତ ହୋଇଥାଏ । ଏହି ପ୍ରଥାରେ ସେମାନେ ନିଜପାଇଁ କନ୍ୟା ପସନ୍ଦ କରିଥାନ୍ତି ଏବଂ ପସନ୍ଦ ମୁତାବକ କନ୍ୟା ମୁଣ୍ଡରେ ସିନ୍ଦୂର ଲଗାଇ ଟାଣି ନିଅନ୍ତି ବା ଝିଙ୍କି ନିଅନ୍ତି । ତା' ପରେ କନ୍ୟା ସଦସ୍ୟମାନେ ନୀତି ନିୟମ ମୁତାବକ ଗୋଡାଇ ଛଡାଇବାକୁ ଚେଷ୍ଟା କରିଥାନ୍ତି । ଏଭଳି ବହୁ ଆଦିବାସୀ ପରମ୍ପରା ହଜି ଗଲାଣି ବୋଲି ଗବେଷକ ଡ. ବିଦ୍ୟାଧର ବେହେରା କୁହନ୍ତି ।

–ନରେଶ ପଟ୍ଟନାୟକ, କେନ୍ଦୁଝର









# ଶୟନ କଲେ ହରି

ସନାତନ ପରମ୍ପରାରେ ସୁନାବେଶ ଦିନ ଅର୍ଦ୍ଧରାତ୍ରରୁ ଚତୁର୍ମାସ୍ୟା ଆରମ୍ଭ ହୁଏ। ଏହିଦିନ ଠାରୁ ମହାପ୍ରଭୁ ଶୟନ ଯାଇଥାନ୍ତି। ଏହାକୁ ହରିଶୟନ ଏକାଦଶୀ କୁହାଯାଏ। ଚାରି ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ଠାକୁରଙ୍କର ଏହି ଶୟନ କାଳରେ ବାନପ୍ରସ୍ଥ, ଋଷି, ମୁନି, ସାଧୁସନ୍ଥ, ମହାପୁରୁଷ, ସନ୍ନ୍ୟାସ ଧର୍ମ ଆଚରଣ କରୁଥିବା ଲୋକମାନେ ଚତୁଃର୍ମାସ୍ୟା ବ୍ରତ ପାଳନ କରନ୍ତି। ଗୋଟିଏ ସ୍ଥାନରେ ରହି ଶାସ୍ତ୍ର ମୁତାବକ ନିୟମ ପାଳନ କରି ଠାକୁରଙ୍କୁ ସ୍ମରଣ କରିଥାନ୍ତି। ମହାପ୍ରଭୁଙ୍କ ଶୟନ କାଳ ମଣିଷମାନଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ସୂର୍ଯ୍ୟ ଦକ୍ଷିଣାୟନ ଗତି କରନ୍ତି। ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ସମୟରେ



କୌଣସି ଶୁଭକାର୍ଯ୍ୟ ଅର୍ଥାତ୍ ଯଜ୍ଞ, ବିବାହ, ଗୋଦାନ ଆଦି ହୁଏ ନାହିଁ। ସୂର୍ଯ୍ୟଙ୍କର ଉତ୍ତରାୟଣ ହେଲେ ପୁଣି ଶୁଭକାର୍ଯ୍ୟ ଆରମ୍ଭ ହୁଏ। ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଓ ଲାଗି ପରେ ଚନ୍ଦନ ଲାଗି, ବଡ ସିଂହାର ବେଶ, ଭୋଗ ହୋଇଥାଏ। ମହାସ୍ନାନ ପୂଜାପାଠ ପରେ ଠାକୁର ରଥକୁ ବିଜେ ହୋଇଥାନ୍ତି। ରଥରେ ନୀତି ସରିବା ପରେ ଅଧରାତିରେ ମହାପ୍ରଭୁଙ୍କ ଠାରୁ ଆଜ୍ଞା ନେଇ ଶୟନ ଯାଇଥାନ୍ତି। ଭାଦ୍ରବ ଶୁକ୍ଳ ଏକାଦଶୀ ଦିନ ଠାକୁର ପାର୍ଶ୍ୱ ପରିବର୍ତ୍ତନ ଅର୍ଥାତ୍ କଡ ଲେଉଟାଇ ଥାନ୍ତି। ତେଣୁ ଏହାକୁ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ କୁହାଯାଏ। କାର୍ତ୍ତିକ ମାସ ବଡ଼ ଏକାଦଶୀରେ ଠାକୁର ନିଦ୍ରା ତ୍ୟାଗ କରି ଉଠିଥାନ୍ତି। ଏହାକୁ ଦେବ ଉତ୍ଥାପନ ଏକାଦଶୀ ବୋଲି କୁହାଯାଏ। ଆଷାଢ଼ ଶୁକ୍ଳ ପକ୍ଷରେ ପଡୁଥିବା ଏକାଦଶୀକୁ ହରିଶୟନ ଏକାଦଶୀ କୁହାଯାଏ। ଶାସ୍ତ୍ର ଅନୁସାରେ ଯେଉଁମାନେ ପବିତ୍ର ମନରେ ଏହି ଏକାଦଶୀ ବ୍ରତ ପାଳନ କରିଥାନ୍ତି ତାଙ୍କର ମନୋସ୍କାମନା ପୂର୍ଣ୍ଣ ହେବା ସହ ସମସ୍ତ ପାପ ମଧ୍ୟ କ୍ଷୟ ହୋଇଥାଏ। ଅନ୍ୟପକ୍ଷରେ ହରିଶୟନ ଏକାଦଶୀ କଥା ପଢିବା ଓ ଶୁଣିବା ଦ୍ୱାରା ସହସ୍ର ଗୋଦାନ ତୁଲ୍ୟ ଫଳ ପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

## ପ୍ରଭୁଙ୍କର ପ୍ରିୟ ଅରୁଆ ପଖାଳ

'ଯଥା ଦେହେ ତଥା ଦେବେ' କର୍ମକାଣ୍ଡ ବିଜ୍ଞାନର ଏହି ରହସ୍ୟକୁ ଆଧାର କରି ମହାପ୍ରଭୁଙ୍କର ଉପାସନା ପ୍ରଚଳିତ। ଏହା ମଧ୍ୟ ଆମର ସନାତନ ପରମ୍ପରା ସ୍ୱୀକୃତ। ଓଡିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତାହା ମଧ୍ୟରୁ ପଖାଳ ଅନ୍ୟତମ। ଲୋକଜୀବନରେ ଉଷୁନା ପଖାଳ ଓ ଅରୁଆ ପଖାଳ ପାଞ୍ଚଟି ନାମ ଧାରଣ କରିଛି। ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ପ୍ରଚଳନର ବ୍ୟବସ୍ଥା ରହିଛି। ଆଠକାଳୀ ବାରମାସୀ ପଖାଳ ପରମ୍ପରା ପ୍ରଚଳିତ ଥିବା ବେଳେ ମହାପ୍ରଭୁଙ୍କ ସେବାରେ ମଧ୍ୟ ସବୁ ଋତୁରେ ବାରମାସ ଏହି ପରମ୍ପରା ଦେଖାଯାଏ। ସାଧାରଣ ଲୋକଟିଏ ଯେପରି ପଖାଳ ପ୍ରିୟ, ମହାପ୍ରଭୁଙ୍କ ଉପାସନାକୁ ଲକ୍ଷ୍ୟ କଲେ ଜଣାପଡୁଛି ମହାପ୍ରଭୁ ମଧ୍ୟ ପଖାଳ ପ୍ରିୟ। ସାଧାରଣ ଜୀବନରେ ଆବଶ୍ୟକତା ଅନୁଯାୟୀ ମଣିଷଟିଏ ଦିନରେ ଓ ରାତିରେ ପଖାଳ ଗ୍ରହଣ କରୁଥିବାବେଳେ ମହାପ୍ରଭୁ କେବଳ ସନ୍ଧ୍ୟା ଧୂପରେ ପଖାଳ ଭୋଗ ଗ୍ରହଣ କରନ୍ତି। ପ୍ରକାରଭେଦରେ ଏଗୁଡିକ ବିଭିନ୍ନ ପ୍ରକାରର ହୋଇଥାଏ। ଅଦା ପକାଯାଇ ଚିପୁଡା ପଖାଳ,ଟଭାରେ ଟଭା ପଖାଳ, ଜୀରା ଅଦା ଓ ମସଲା ଦ୍ୱାରା ପ୍ରସ୍ତୁତ ସୁବାସିତ ପଖାଳ ଓ ଦହିରେ ହୋଇଥାଏ ଦହି ପଖାଳ। ଶ୍ରୀଗୁଣ୍ଡିଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିନରେ ଦାରୂଦିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାନ୍ତି।

### ବର୍ତ୍ତମାନର ଶ୍ରୀମନ୍ଦିର

# ମହାପ୍ରଭୁଙ୍କ ଅଷ୍ଟମ ମନ୍ଦିର

ବର୍ତ୍ତମାନ ପରିଦୃଶ୍ୟମାନ ଶ୍ରୀମନ୍ଦିର ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଐତିହାସିକ ମତ। ତେବେ ଏହାର ବହୁ ପୂର୍ବରୁ ମହାପ୍ରଭୁ ଏଠାରେ ଉପାସିତ ହେଉଥିବା ଇତିହାସ କହେ। ତେଣୁ ପୂର୍ବରୁ ମହାପ୍ରଭୁଙ୍କ ମନ୍ଦିର ବିଷ୍ଣୁପ୍ରସାଦ, ଦେବାଳୟ, ଦେବାୟତନ, ପୁରୁଷୋତ୍ତମ ଆୟତନ, ପଟୋଳ ପୁରୁଷୋତ୍ତମ ମନ୍ଦିର, ଶ୍ରୀମନ୍ଦିର ଆଦି ନାମରେ ବିଦିତ ଥିବା ଜଣାଯାଏ। ତେବେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠାର ଇତିହାସ ଆଲୋଚନା କରିବାକୁ ହେଲେ ଆମକୁ ଦୁଇଟି ଦିଗକୁ ଗ୍ରହଣ କରିବାକୁ ହେବ। ପ୍ରଥମଟି ଶାସ୍ତ୍ରୀୟ ଓ ଦ୍ୱିତୀୟଟି ଐତିହାସିକ।

### ଐତିହାସିକ ଦିଗ

ଏବର ପରିଦୃଶ୍ୟମାନ ଶ୍ରୀମନ୍ଦିର ନିର୍ମାଣର ଇତିହାସ ଆଲୋଚନା କଲେ ସମ୍ରାଟ ଚୋଡ଼ଗଙ୍ଗଦେବଙ୍କ ସିଂହାସନ ଆରୋହଣ ପୂର୍ବର ଇତିହାସକୁ ମାନକ ରୂପେ ଗ୍ରହଣ କରାଯାଇପାରେ। ଛ'ଶହ ବର୍ଷ ପୂର୍ବ ଅର୍ଥାତ୍ ୬୦୦ରୁ ୧୨୦୦ ମସିହାର ମଧ୍ୟବର୍ତ୍ତୀ ଇତିହାସ। ଇତିମଧ୍ୟରେ ୩ ଟି ରାଜବଂଶ ଦ୍ୱାରା ଓଡ଼ିଶା ଶାସିତ ହୋଇଥିଲା। (୧) ଶୈଳୋଦ୍ଭବ, (୨) ଭୌମକର ଏବଂ (୩) ସୋମବଂଶ। ଏମାନଙ୍କ ପରେ ଗଙ୍ଗବଂଶର ଶାସନ ଆରମ୍ଭ। ଏବର ମନ୍ଦିର ଚୋଡ଼ଗଙ୍ଗଦେବ ନିର୍ମାଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ ବୋଲି ଐତିହାସିକମାନେ ମତ ଦେଇଥିଲେ। ମାତ୍ର ପରେ ନଗରୀ ତାମ୍ରଶାସନ ଉପଲବ୍ଧ ହେବା ପରେ ମତ ବଦଳିଥିଲା। ଐତିହାସିକମାନେ ସ୍ଥିର କଲେ ଯେ, ୧୨୩୦ ମସିହାରେ ଅନଙ୍ଗଭୀମଦେବ (୩ୟ) ମନ୍ଦିର ତଥା ଶ୍ରୀବିଗ୍ରହକୁ ପ୍ରତିଷ୍ଠା କରିଥିଲେ।

ଅନଙ୍ଗଭୀମଦେବଙ୍କ ପୂର୍ବପୁରୁଷ ଚୋଡ଼ଗଙ୍ଗଦେବ ବର୍ତ୍ତମାନର ଶ୍ରୀମନ୍ଦିରର ନିର୍ମାଣ ଆରମ୍ଭ କରିଥିଲେ। ଏହି ପ୍ରସଙ୍ଗରେ ଐତିହାସିକ ତଥ୍ୟର ଆଲୋଚନା ପ୍ରାସଙ୍ଗିକ ମନେହୁଏ। ଚୋଡ଼ଗଙ୍ଗ ଦେବଙ୍କର ପ୍ରଥମ ଅଙ୍କ ୧୧୨୮ ମସିହାରେ ଶ୍ରୀକ୍ଷେତ୍ରରେ ଶ୍ରୀପୁରୁଷୋତ୍ତମଙ୍କ ସମ୍ମୁଖରେ ପ୍ରଚଳନ ହେବା ପ୍ରଥା ଇତିହାସ ସ୍ୱୀକୃତ। ତାମ୍ରଶାସନର ତଥ୍ୟ ଅନୁଯାୟୀ ୧୧୪୨ ମସିହାରେ ସେ ବଡ଼ପୁଅ କାମାର୍ଣ୍ଣବଦେବଙ୍କର ମୂର୍ଦ୍ଧାଭିଷେକ କରାଇଥିଲେ। ଏହି ଅଭିଷେକ ପୁରୀରେ ହୋଇଥିଲା। ସେତେବେଳେ ଦୁଇଟି କାର୍ଯ୍ୟ ଏକାଦିନକେ ଏକାଠି ହୋଇଥିଲା। ଗୋଟିଏ ହେଲା ବଡ଼ ପୁଅର ମୂର୍ଦ୍ଧାଭିଷେକ ଏବଂ ଅନ୍ୟଟି ଗର୍ଭଗୃହର ପ୍ରତିଷ୍ଠା। ଏଇଠି ସ୍ମରଣଯୋଗ୍ୟ ଯେ, ପୁରୀରେ ପୂର୍ବରୁ ଥିବା ମନ୍ଦିରର ଜୀର୍ଣ୍ଣ ସଂସ୍କାର କରିବାକୁ ଚୋଡ଼ଗଙ୍ଗ ଦେବ ପ୍ରଥମେ ଚେଷ୍ଟା କରିଥିଲେ। ମାତ୍ର ଶେଷକୁ ଜୀର୍ଣ୍ଣ ସଂସ୍କାର ପରିବର୍ତ୍ତେ ଶ୍ରୀଜଗନ୍ନାଥଙ୍କର ନୂତନ ପ୍ରାସାଦ ନିର୍ମାଣ ଆରମ୍ଭ କରିଥିଲେ। ଅତଏବ ପ୍ରଥମ ଅଙ୍କ ପ୍ରଚଳନ ହେଲା ବେଳେ ଅର୍ଥାତ୍ ୧୧୨୮ ମସିହାରେ ସେ ପୁରାତନ ମନ୍ଦିରରେ ପୂଜା ପାଉଥିବା ଶ୍ରୀପୁରୁଷୋତ୍ତମଙ୍କ ସାମ୍ନାରେ ନିଜର ପ୍ରଥମ ଅଙ୍କ ପ୍ରଚଳନ କରିଥିଲେ। ଚଉଦ ବର୍ଷ ପରେ ଅର୍ଥାତ୍ ୧୧୪୨ ମସିହାରେ ନୂତନ ମନ୍ଦିର ଗର୍ଭଗୃହ ପ୍ରତିଷ୍ଠା କରିବା ସହିତ ବଡ଼ପୁଅର ମୂର୍ଦ୍ଧାଭିଷେକ କରାଇଥିଲେ। ଏଥିରୁ ଦୁଇଟି କଥା ଜଣାପଡୁଛି, ଯଥା– (୧) ଚୋଡ଼ଗଙ୍ଗ ଦେବଙ୍କ ପ୍ରଥମ ଅଙ୍କ ପ୍ରଚଳନ ବେଳରେ ପୁରୀରେ ମନ୍ଦିର ଥିଲା, ଯେଉଁ ମନ୍ଦିରରେ ଶ୍ରୀପୁରୁଷୋତ୍ତମ ଉପାସିତ ହେଉଥିଲେ ଏବଂ (୨) ଚଉଦ ବର୍ଷ ପରେ ବଡ଼ପୁଅର ମୂର୍ଦ୍ଧାଭିଷେକ ବେଳକୁ ନୂତନ ମନ୍ଦିରର ଗର୍ଭଗୃହ ତୋଳା ସରିଥିଲା ଏବଂ ସେହି ଗର୍ଭ ଗୃହକୁ ପ୍ରତିଷ୍ଠା କରିଥିଲେ। ଅବଶିଷ୍ଟାଂଶ ୧୨୩୦ ମସିହାରେ ଅନଙ୍ଗଭୀମଦେବ ସମ୍ପୂର୍ଣ୍ଣ କରିଥିଲେ।

ଏହି ମନ୍ଦିର ନିର୍ମାଣ ପୂର୍ବରୁ ସୋମବଂଶୀ ରାଜା ଏକ ମନ୍ଦିର ନିର୍ମାଣ କରିଥିଲେ। ଉକ୍ତ ମନ୍ଦିରଟି ବର୍ତ୍ତମାନର ମୁକ୍ତିମଣ୍ଡପର ପଶ୍ଚିମ ପାର୍ଶ୍ୱରେ ଥିବା ଶ୍ରୀନୃସିଂହ ମନ୍ଦିରରେ ପରିଣତ ହୋଇଥିଲା ବୋଲି ଡ. ସତ୍ୟନାରାୟଣ ରାଜଗୁରୁ ମତ ଦେଇଛନ୍ତି। ସେହି ସୋମବଂଶୀ ରାଜା ହେଉଛନ୍ତି ଯଯାତି କେଶରୀ (୨ୟ) ବୋଲି ଐତିହାସିକମାନେ ସ୍ଥିର କରିଛନ୍ତି। ଅର୍ଥାତ୍ ମାଦଳା ପାଞ୍ଜି ବର୍ଣ୍ଣିତ ଯଯାତି କେଶରୀଙ୍କୁ ଐତିହାସିକମାନେ ମହାଶିବଗୁପ୍ତ ଯଯାତି (୧ମ)ଙ୍କ ନାତି ଯଯାତି (୨ୟ) ବୋଲି ଚିହ୍ନିତ କରିଛନ୍ତି। ଯେ କି ପରମେଶ୍ୱରଙ୍କ ପାଇଁ ୩୮ ହାତ 'ପଟୋଳ' ନିର୍ମାଣ କରି ମହାପ୍ରଭୁଙ୍କୁ ସୋନପୁରରୁ ଆଣି ପ୍ରତିଷ୍ଠା କରିଥିଲେ।

ଏହା ପୂର୍ବରୁ ମଧ୍ୟ ଗୋଟିଏ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାର ସୂଚନା ଇତିହାସରୁ ମିଳେ। ଭୌମକରବଂଶର ଜଣେ ମାତ୍ର ତ୍ରିଭୁବନ ମହାଦେବୀ ବା ପୃଥ୍ୱୀ ମହାଦେବୀ ବୈଷ୍ଣବୀ ଥିଲେ। ତାଙ୍କର ଦୁଇଟି ଅଭିଲେଖରେ 'ପରମ ବୈଷ୍ଣବୀ' ଭାବରେ ନିଜକୁ ସେ ପରିଚୟ ଦେଇଛନ୍ତି। ବୈଷ୍ଣବ ଧାରାରେ ଦୀକ୍ଷିତା ହେବା ପରେ ପୃଥ୍ୱୀ ମହାଦେବୀ ପୁରୀରେ ଶ୍ରୀପୁରୁଷୋତ୍ତମଙ୍କର ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ପଶ୍ଚିମରୁ ଚେଦୀବଂଶ ଓ ପୂର୍ବରୁ ପାଳବଂଶର ଆକ୍ରମଣ ଆରମ୍ଭ ହୋଇଯିବା ପରେ ଉକ୍ତ ମନ୍ଦିର ନିର୍ମାଣ ସଫଳ ହୋଇଥିଲା କି ନାହିଁ ତାହା ଇତିହାସରେ ସ୍ପଷ୍ଟ ହୋଇନାହିଁ। ଅତଏବ ଇତିହାସରେ ଉପର ବର୍ଣ୍ଣିତ ତିନୋଟି ମନ୍ଦିର ନିର୍ମାଣର କ୍ରମାନୁପାତିକ ଧାରା ହେଉଛି :

(୧) ଗୋଟିଏ ଯଯାତି କେଶରୀଙ୍କ ନିର୍ମିତ ୩୮ ହାତର ପଟୋଳ। ଯାହାକୁ ଐତିହାସିକ ରାଜଗୁରୁ ମୁକ୍ତିମଣ୍ଡପ ପଶ୍ଚିମ ପାର୍ଶ୍ୱରେ ଥିବା ଶ୍ରୀନୃସିଂହ ମନ୍ଦିର ଭାବରେ ଚିହ୍ନିତ କରନ୍ତି।

(୨) ଦ୍ୱିତୀୟ ମନ୍ଦିରଟି ଭୌମକରବଂଶର ରାଣୀ ପୃଥ୍ୱୀ ମହାଦେବୀ ଆରମ୍ଭ କରିଥିଲେ, ମାତ୍ର ସମ୍ପୂର୍ଣ୍ଣ କଲେ କି ନାହିଁ ଜଣାଯାଉ ନାହିଁ।

(୩) ଅନ୍ୟଟି ବର୍ତ୍ତମାନର ପରିଦୃଶ୍ୟମାନ ମନ୍ଦିର।

### ଶାସ୍ତ୍ରୀୟ ଦିଗ

**ଇନ୍ଦ୍ରଦ୍ୟୁମ୍ନ କୃତ ବିଷ୍ଣୁପ୍ରାସାଦ:** ପୁରାଣଶାସ୍ତ୍ରରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କ ପାଇଁ ପ୍ରଥମ ମନ୍ଦିର ନିର୍ମାଣ କରିଥିବା ଜାଣିବାକୁ ମିଳେ। ବ୍ରହ୍ମପୁରାଣ ଅନୁଯାୟୀ, ଇନ୍ଦ୍ରନୀଳମଣି ବିଗ୍ରହ ଗୁମ୍ଫାରେ ପୂଜିତ ହେଉଥିଲେ। ମହାରାଜା ଇନ୍ଦ୍ରଦ୍ୟୁମ୍ନ ଉତ୍କଳ, କଳିଙ୍ଗ ଓ କୋଶଳର ରାଜ୍ୟଗୁଡ଼ିକ ସହ ଆଲୋଚନା କରି ମିଳିତ ସହଯୋଗରେ ମନ୍ଦିର ନିର୍ମାଣ କିପରି ସଫଳ ହେବ, ସେଥିପାଇଁ ପଦକ୍ଷେପ ନେଇଥିଲେ (୪୭/୭-୮)। ସ୍କନ୍ଦପୁରାଣ ବର୍ଣ୍ଣନା ଅନୁଯାୟୀ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶିଳ୍ପଶାସ୍ତ୍ର ବିଶାରଦ ଓ ଶିଳ୍ପୀମାନଙ୍କୁ ଧନ ଦାନକରି ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ ଏବଂ ଏକ ସୁମନୋହର ବିଷ୍ଣୁପ୍ରାସାଦ ନିର୍ମାଣ କରାଇ ତାହାର ଗର୍ଭପ୍ରତିଷ୍ଠା କରିଥିଲେ (ସ୍କ.ପୁ. ୨୧/୩୭)।

ତେବେ ଏଠାରେ ପ୍ରଶ୍ନଉଠେ କେଉଁ ଇନ୍ଦ୍ରଦ୍ୟୁମ୍ନ ଏହି ସୁମନୋହର 'ବିଷ୍ଣୁପ୍ରାସାଦ' ନିର୍ମାଣ କରାଇଥିଲେ। କାରଣ, ପୁରାଣ ତଥା ଉପନିଷଦରୁ ଏକାଧିକ ଇନ୍ଦ୍ରଦ୍ୟୁମ୍ନଙ୍କ କଥା ଜାଣିବାକୁ ମିଳେ।

(୧) ଉପନିଷଦ ଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ଗୃହସ୍ଥ ବେଦଜ୍ଞ ଋଷି ଥିଲେ (ଛ.ଗ. ୫।୧୧) ଯେ କି ଅନ୍ୟ ୪ଜଣ ଋଷିଙ୍କ ସହ ମିଶି ମହର୍ଷି ଉଦ୍ଦାଳକଙ୍କ ପାଖକୁ ଯାଇ ବିଶ୍ୱାତ୍ମାଙ୍କର ପରିଚୟ ଜାଣିବାକୁ ଚାହିଁଥିଲେ।

(୨) କେବଳ 'ମହାଭାରତ'ର ବନପର୍ବରେ ତିନିଜଣ ଇନ୍ଦ୍ରଦ୍ୟୁମ୍ନଙ୍କ କଥା କୁହାଯାଇଛି। ଜଣେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଶ୍ରୀକୃଷ୍ଣ ବଧ କରିଥିଲେ। ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଥିଲେ ଜଣେ ମହର୍ଷି। ପାଣ୍ଡବମାନେ ଦ୍ୱୈତବନରେ ଥିବାବେଳେ ଏହି ମହର୍ଷି ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ଭେଟିଥିଲେ। ତୃତୀୟ ଇନ୍ଦ୍ରଦ୍ୟୁମ୍ନ ଥିଲେ ଜନକ ନାମକ ଜଣେ ରାଜାଙ୍କର ପିତା। ଚତୁର୍ଥ ଇନ୍ଦ୍ରଦ୍ୟୁମ୍ନ ହେଉଛନ୍ତି ଜଣେ ମହାକୀର୍ତ୍ତିବାନ ରାଜା।

ପୌରାଣିକ ତଥ୍ୟକୁ ଯଦି ପର୍ଯ୍ୟାଲୋଚନା କରାଯାଏ ତା'ହେଲେ ଏହି ଚତୁର୍ଥ ଇନ୍ଦ୍ରଦ୍ୟୁମ୍ନ 'ବିଷ୍ଣୁପ୍ରାସାଦ' ନିର୍ମାଣ କରିଥିଲେ ବୋଲି ଏକ ନିଶ୍ଚିତ ଧାରଣାରେ ପହଞ୍ଚି ହେବ। ପାଣ୍ଡବମାନେ ମାର୍କଣ୍ଡ ମହର୍ଷିଙ୍କୁ ସେମାନେ ପଚାରିଥିଲେ– ଆପଣଙ୍କଠାରୁ ପ୍ରାଚୀନ କିଏ ? ମାର୍କଣ୍ଡ ମହର୍ଷି କହିଥିଲେ– ମୋଠାରୁ ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ ପ୍ରାଚୀନ। ସେଇଠି ସେ ପାଣ୍ଡବମାନଙ୍କୁ କହିଥିଲେ ଯେ, ଦିନେ ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତି କ୍ଷୟ ହେବାରୁ ତାଙ୍କୁ ସ୍ୱର୍ଗରୁ ବିଚ୍ୟୁତ କରାଗଲା। ସେ ମର୍ତ୍ତ୍ୟକୁ ଆସି ମହର୍ଷି ମାର୍କଣ୍ଡେୟଙ୍କୁ ପ୍ରଥମେ ପଚାରିଥିଲେ– ହେ ମହର୍ଷି ! ଆପଣ ମତେ ଚିହ୍ନିପାରୁଛନ୍ତି କି ? ମହର୍ଷି ମାର୍କଣ୍ଡେୟ କହିଲେ– ନା, ଚିହ୍ନିପାରୁନାହିଁ। ହିମାଳୟରେ ବାସ କରୁଥିବା ପ୍ରାବରକର୍ଣ୍ଣ ଭଲ୍ଲୁକ ମୋଠାରୁ ପ୍ରାଚୀନ। ହୁଏତ ସେ ଆପଣଙ୍କୁ ଚିହ୍ନିପାରନ୍ତି। ଇନ୍ଦ୍ରଦ୍ୟୁମ୍ନ ହିମାଳୟ ଗଲେ। ମାତ୍ର ପ୍ରାବରକର୍ଣ୍ଣ ତାଙ୍କୁ ଚିହ୍ନି ନ ପାରି ତାଙ୍କଠୁ ପ୍ରାଚୀନ ଗନ୍ଧମାର୍ଦ୍ଦନ ପର୍ବତ ସ୍ଥିତ 'ଇନ୍ଦ୍ରଦ୍ୟୁମ୍ନ ସରୋବର' ନିକଟରେ ରହୁଥିବା ନାଡ଼ିଜଙ୍ଗ ନାମକ ବଗ ନିକଟକୁ ପଠେଇଦେଲେ। ନାଡ଼ିଜଙ୍ଗ ବି ଚିହ୍ନି ପାରିଲେ ନାହିଁ। ନାଡ଼ିଜଙ୍ଗ କହିଲେ– ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ 'ଅକୁପାର' ନାମକ ଏକ କଇଁଛ ଅଛି। ସେ ମୋଠୁ ପ୍ରାଚୀନ। ସେ ହୁଏତ ଆପଣଙ୍କୁ ଚିହ୍ନିପାରେ। ଶେଷରେ 'ଅକୁପାର' କଇଁଛ ହିଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଚିହ୍ନି ପାରିଲେ। କହିଲେ, ତୁମେ ଯେଉଁ ଯଜ୍ଞ କରିଥିଲ ସେହି ଯଜ୍ଞ କାଳରେ ଏହି ପୋଖରୀ ସୃଷ୍ଟି ହୋଇଥିଲା। ସେବେଠୁ ମୁଁ ଏଇଠି ଅଛି।

ପୂର୍ବରୁ କୁହାଗଲା ଯେ, ଇନ୍ଦ୍ରଦ୍ୟୁମ୍ନଙ୍କ କୀର୍ତ୍ତି କ୍ଷୟ ହେଲା। ତା'ହେଲେ କେଉଁ କୀର୍ତ୍ତି ? ଆଧ୍ୟାତ୍ମିକ କୀର୍ତ୍ତି ତ ନଷ୍ଟହୁଏନା। ଲୌକିକ କୀର୍ତ୍ତି କ୍ଷୟଶୀଳ। ତେବେ କ'ଣ ତାଙ୍କ କୃତ 'ବିଷ୍ଣୁପ୍ରାସାଦ' କୀର୍ତ୍ତିଟି ନଷ୍ଟ ହୋଇଯାଇଥିଲା ? ନା ସେ କୀର୍ତ୍ତିଟି ପଛରୁ ୟାଙ୍କର ନାମ ନ ରହି ଆଉ କାହାର ନାମ ଯୋଡ଼ି ହୋଇ ପ୍ରସିଦ୍ଧି ହୋଇଯାଇଥିଲା ? ଯାହାକୁ ପ୍ରମାଣ କରିବା ପାଇଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଥିବା ଅକୁପାର କଇଁଛ ପାଖରେ ପହଞ୍ଚିବାକୁ ପଡ଼ିଲା ? ଅକୁପାର କଇଁଛ ଯେଉଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ରହୁଥିଲା ତାହା ହୁଏତ ପୁରୀର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ହୋଇଥାଇପାରେ। କାରଣ ଅକୁପାର କହିଥିଲେ– ଆପଣଙ୍କ ଯଜ୍ଞରେ ଦାନ କରାଯାଇଥିବା ଗୋରୁମାନଙ୍କ ଖୁରାରେ ଏହି ପୁଷ୍କରିଣୀର ସୃଷ୍ଟି ଏବଂ ସେହିଦିନଠାରୁ ମୁଁ ଏଠାରେ ବାସ କରୁଛି। ଏକଥା ଅନ୍ୟାନ୍ୟ କେତେକ ମହାପୁରାଣରେ ମଧ୍ୟ ବର୍ଣ୍ଣିତ ଅଛି। ଯଜ୍ଞକୁଣ୍ଡଟି ହିଁ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ ରୂପେ ପ୍ରସିଦ୍ଧ ହୋଇଥିବା କଥା ଅନ୍ୟ କେତେକ ଗ୍ରନ୍ଥରେ ଅଛି।



**ପୁରୁଷୋତ୍ତମ ଆୟତନ:** ବିଷ୍ଣୁପୁରାଣରୁ ପୁରୁଷୋତ୍ତମ ଆୟତନ ବା 'ବିଷ୍ଣୋରାୟନଂ' ବୋଲି ଏକ ଶବ୍ଦ ପଢ଼ିବାକୁ ମିଳେ। ସେହିପରି ବ୍ରହ୍ମପୁରାଣରେ ମହର୍ଷି କଣ୍ଡୁଙ୍କର ପ୍ରସଙ୍ଗ ପୁରୁଷୋତ୍ତମ କ୍ଷେତ୍ର ସହିତ ଜଡିତ ଅଛି। ଏଥିରେ ଦକ୍ଷିଣ ସାଗର ତୀରରେ ବାଲୁକାରାଶି ଓ କେତକୀ ବଣ ପରିଶୋଭିତ ହୋଇ ପୁରୁଷୋତ୍ତମ କ୍ଷେତ୍ର ରହିଛି ବୋଲି ଉଲ୍ଲେଖ ଅଛି। ତେଣୁ ବ୍ରହ୍ମପୁରାଣର ''ସୁରମ୍ୟଂ ବାଲୁକାକୀର୍ଣ୍ଣ କେତକୀ ବନଶୋଭିତଂ ପୁରୁଷୋତ୍ତମାଖ୍ୟଂ....ବିଷ୍ଣୋରାୟତନଂ'' ନିଶ୍ଚିତ ଭାବରେ ବିଷ୍ଣୁପୁରାଣର ପୁରୁଷୋତ୍ତମ ନାମକ ବିଷ୍ଣୁ ଆୟତନ ଏଥିରେ ସନ୍ଦେହ ରହୁନାହିଁ।

ଆମର 'ପୁରୁଷୋତ୍ତମ ଆୟତନ' ହିଁ ପ୍ରମୁଖ ଆଲୋଚନାର ବିଷୟ। ଶାସ୍ତ୍ରରେ ବହୁ ପ୍ରାମାଣିକ ତଥ୍ୟ ରହିଛି, ପୁରୁଷୋତ୍ତମ କ୍ଷେତ୍ରର ଅଧିପତି ଶ୍ରୀପୁରୁଷୋତ୍ତମ। ଉପାସ୍ୟ ଓ ଉପାସନା କ୍ଷେତ୍ରର ନାମ ଉଭୟ ସମାନ। 'ପୁରୁଷୋତ୍ତମ' ନାମରେ ଅନ୍ୟତ୍ର କୌଣସି କ୍ଷେତ୍ର ବା ଧାମ ଦେଖିବାକୁ ମିଳେନାହିଁ। ଅତଏବ ପୁରୁଷୋତ୍ତମ ନାମକ ଆୟତନ ଯେ ସେ ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ ଥିଲା। ଆଉ ସେହି କ୍ଷେତ୍ର ହେଉଛି ଆଜିର ପୁରୀ ଏଥିରେ ସନ୍ଦେହ ରହୁନାହିଁ। ତେଣୁ ଶ୍ରୀପୁରୁଷୋତ୍ତମ ବିଜେ କରିଥିବା ମନ୍ଦିର ସେତେବେଳେ 'ଆୟତନ' ଶବ୍ଦରେ ବର୍ଣ୍ଣିତ ହୋଇଥିଲା। ଏହା ମହାପ୍ରଭୁଙ୍କର ଦ୍ୱିତୀୟ ମନ୍ଦିର।

**ଶ୍ରୀପୁରୁଷୋତ୍ତମ ମନ୍ଦିର :** ପୂର୍ବ ଆଲୋଚନାରୁ ଅନ୍ତତଃ ଉପଲବ୍ଧ ଶାସ୍ତ୍ରୀୟ ପ୍ରମାଣ ଆଧାରରେ 'ବିଷ୍ଣୁପ୍ରାସାଦ' ଓ 'ଶ୍ରୀପୁରୁଷୋତ୍ତମ ଆୟତନ' ନାମରେ ଦୁଇଟି ମନ୍ଦିର ଥିବାର ଜଣାଯାଉଛି। ଯଦିଓ 'ମନ୍ଦିର' ଶବ୍ଦ ଏହି ଦୁଇଟିରେ ବ୍ୟବହାର କରାଯାଇ ନାହିଁ। ତଥାପି ସୁ ଅବବୋଧ ପାଇଁ ଆମେ ତା'ର ବର୍ତ୍ତମାନର ମାନକ ଶବ୍ଦ 'ମନ୍ଦିର' ଉଲ୍ଲେଖ କରିଅଛୁ। ବାସ୍ତବରେ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀରେ 'ମନ୍ଦିର' ଶବ୍ଦର ଉଲ୍ଲେଖ ମିଳେ। ପଦ୍ମପୁରାଣର ପାତାଳଖଣ୍ଡ (୨୧/୪)ରେ ସ୍ପଷ୍ଟ ଭାବରେ ଶ୍ରୀପୁରୁଷୋତ୍ତମ ମନ୍ଦିର ଭାବରେ ମହାପ୍ରଭୁଙ୍କ ମନ୍ଦିରର ନାମ ଉଲ୍ଲେଖ ରହିଛି। 'ଗନ୍ତୁ ପ୍ରଚକ୍ରମେ ରାଜା ପୁରୁଷୋତ୍ତମମନ୍ଦିରମ୍।' ବର୍ତ୍ତମାନ ସୁଦ୍ଧା ପୁରାଣଗୁଡିକର ହୋଇଥିବା କାଳ ନିର୍ଣ୍ଣୟ ଦୃଷ୍ଟିରୁ ମନ୍ଦିର ଶବ୍ଦ ଏହି ପୁରାଣରେ ପ୍ରଥମେ ପ୍ରଦତ୍ତ ହୋଇଅଛି। କେବଳ ସେତିକି ନୁହେଁ–ଏହି ପୁରାଣରୁ ଜଣାଯାଇଛି ଉକ୍ତ ମନ୍ଦିରରେ ଏକ ରତ୍ନଖଚିତ ସିଂହାସନ ଥିଲା। 'ରତ୍ନ ସିଂହାସନ' ଶବ୍ଦ ମଧ୍ୟ ଏହି ପୁରାଣରେ ପ୍ରଥମେ ବ୍ୟବହୃତ ହୋଇଅଛି। ଯେଉଁ ରତ୍ନ ସିଂହାସନରେ ଶ୍ରୀପୁରୁଷୋତ୍ତମ ବିଜେ କରିଥିଲେ।

ପଦ୍ମପୁରାଣର ସମୟ ନିରୂପଣ ବିଶ୍ୱସ୍ତରରେ ହୋଇସାରିଛି। ମହାକବି କାଳିଦାସଙ୍କ ପୂର୍ବରୁ ଏହି ପୁରାଣର ପାତାଳଖଣ୍ଡ ରଚିତ ହୋଇସାରିଥିଲା। ଏଥିରୁ ଜଣାପଡୁଛି ଖ୍ରୀ.ପୂ. ପ୍ରଥମ ଶତାବ୍ଦୀ ପୂର୍ବରୁ ଥିବା ଶ୍ରୀପୁରୁଷୋତ୍ତମ ଆୟତନର ନିର୍ମାଣକାର୍ଯ୍ୟ ମନ୍ଦିର ଶୈଳୀରେ ସମ୍ପୂର୍ଣ୍ଣ କରାଯାଇଥିଲା। ଏହା ମହାପ୍ରଭୁଙ୍କର ବର୍ତ୍ତମାନ ସୁଦ୍ଧା ଗବେଷଣା ତଥ୍ୟ ଅନୁଯାୟୀ ଶାସ୍ତ୍ରୀୟମାର୍ଗ ଦୃଷ୍ଟିରୁ ତୃତୀୟ ମନ୍ଦିର।

**ଶ୍ରୀମନ୍ଦିର :** ମହର୍ଷି ଶାଣ୍ଡିଲ୍ୟଙ୍କ ରଚିତ 'ଶାଣ୍ଡିଲ୍ୟ ସଂହିତା'ର ପଞ୍ଚମ ଖଣ୍ଡର ନାମ ହେଉଛି ହରିଭକ୍ତିଖଣ୍ଡ। ଏହି ଖଣ୍ଡଟି 'ଶାଣ୍ଡିଲ୍ୟ ସଂହିତା' ଗ୍ରନ୍ଥରେ ସ୍ଥାନିତ ହୋଇ 'ଶାଣ୍ଡିଲ୍ୟ ସଂହିତା' ନାମରେ ପ୍ରକାଶ ପାଇଛି। ସମ୍ପାଦନା କରିଛନ୍ତି ବାରାଣସୀର ମହାମହୋପାଧ୍ୟାୟ ଗୋପୀନାଥ କବିରାଜ। ସମ୍ପୂର୍ଣ୍ଣାନନ୍ଦ ବିଶ୍ୱବିଦ୍ୟାଳୟ ଏହି ପୁସ୍ତକଟିକୁ ପ୍ରକାଶ କରିଛନ୍ତି। ପଞ୍ଚମ ଶତାବ୍ଦୀରେ ମହର୍ଷି ଶାଣ୍ଡିଲ୍ୟ ଏହାକୁ ରଚନା କରିଥିଲେ ବୋଲି କୁହାଯାଏ। ଏହି ଗ୍ରନ୍ଥରେ ଶ୍ରୀପୁରୁଷୋତ୍ତମଙ୍କୁ ଶ୍ରୀପତି ଓ ଶ୍ରୀମାନ୍ କୁହାଯିବା ସଙ୍ଗେସଙ୍ଗେ ସେ ଚତୁର୍ଭୁଜ ରୂପରେ ବିରାଜିତ ଅଛନ୍ତି ବୋଲି ବର୍ଣ୍ଣନା କରାଯାଇଛି (ଶା.ସଂ.୧/୧୮/୧୨)। ମହର୍ଷି ଶାଣ୍ଡିଲ୍ୟ କ୍ଷେତ୍ରର ଦୁଇଟି ନାମ ଉଲ୍ଲେଖ କରିଛନ୍ତି। ପୁରୁଷୋତ୍ତମ କ୍ଷେତ୍ର ଓ ସତ୍‌କ୍ଷେତ୍ର। ପୁରୁଷୋତ୍ତମ କ୍ଷେତ୍ରରେ ଭଗବତ୍ ସେବା ବର୍ଣ୍ଣନା ପ୍ରସଙ୍ଗରେ 'ଶ୍ରୀମନ୍ଦିର' ଶବ୍ଦ ବ୍ୟବହାର କରାଯାଇଛି (୨/୬/୧)।

ମହର୍ଷି ଶାଣ୍ଡିଲ୍ୟଙ୍କ ସମୟ ସର୍ବଭାରତୀୟ ସ୍ତରରେ ପଞ୍ଚମ ଶତାବ୍ଦୀ ବୋଲି ନିର୍ଣ୍ଣୟ କରାଯାଇଛି। ତାଙ୍କ ରଚିତ ସଂହିତାରେ 'ଶ୍ରୀମନ୍ଦିର' ଶବ୍ଦର ଉଲ୍ଲେଖ ରହିଥିବାରୁ ୫ମ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ଭାବରେ ପରିଚିତ ହୋଇସାରିଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ କହିବାରେ ସଙ୍କୋଚ ନାହିଁ ଯେ ଶ୍ରୀମନ୍ଦିର ଶବ୍ଦ ପ୍ରଥମେ ଏହି ଗ୍ରନ୍ଥରେ ଆସିଅଛି। ତେଣୁ ଶ୍ରୀମନ୍ଦିର ହେଉଛି ଶାସ୍ତ୍ରମାର୍ଗ ଦୃଷ୍ଟିରୁ ଚତୁର୍ଥ ମନ୍ଦିର।

**ଶ୍ରୀପୁରୁଷୋତ୍ତମ ଆଳୟ:** ଆଳୱାର ସମ୍ପ୍ରଦାୟର ତୃତୀୟ ଯୋଗୀ ମହଦ୍‌ଯୋଗୀ ନୀଳାଦ୍ରି କ୍ଷେତ୍ରକୁ ଆସିବା କଥା ଜଣାଯାଏ। ଏହି ଯୋଗୀ 'ମହଦାହ୍ୱୟ ଯୋଗୀ' ବା ଭ୍ରାନ୍ତଯୋଗୀ ଭାବରେ ଦକ୍ଷିଣଭାରତରେ ପରିଚିତ ଥିଲେ। ଭାର୍ଗବ ଉପପୁରାଣ ମତରେ ଏହି ଯୋଗୀ ସମଗ୍ର ଭାରତବର୍ଷର ବାଇଶଟି କ୍ଷେତ୍ର ପରିକ୍ରମା କରିବା ପରେ ପୁରୁଷୋତ୍ତମ କ୍ଷେତ୍ରକୁ ଆସିଥିଲେ। ମହଦ୍‌ଯୋଗୀ ପୁରୁଷୋତ୍ତମ କ୍ଷେତ୍ରକୁ ପ୍ରବେଶ କରିବା ପୂର୍ବରୁ 'ନୀଳାଦ୍ରି' ଶବ୍ଦ କ୍ଷେତ୍ର ଅର୍ଥରେ ବ୍ୟବହାର କରିଛନ୍ତି। କ୍ଷେତ୍ର ପ୍ରବେଶ ପୂର୍ବରୁ ମନ୍ଦିର ଶିଖର ପ୍ରବେଶର ପତାକା ଦର୍ଶନ କରି ବାରମ୍ବାର ପ୍ରଣାମ କରିଛନ୍ତି। ଶେଷରେ କ୍ଷେତ୍ରକୁ ଆସି ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କରିଛନ୍ତି।

ସପ୍ତମ ଶତାବ୍ଦୀର ଶେଷ ଦଶକ ବେଳକୁ ଆଉ ଜଣେ ଆଳୱାର ଯୋଗୀ ନୀଳାଦ୍ରି କ୍ଷେତ୍ରକୁ ଆସିଥିଲେ। ସେ ହେଉଛନ୍ତି ଶ୍ରୀବିଷ୍ଣୁଚିତ୍ତ ଯୋଗୀ। ସେ ସ୍ପଷ୍ଟ ମତ ଦେଇଛନ୍ତି ଶ୍ରୀ ପୁରୁଷୋତ୍ତମ ହେଉଛନ୍ତି ପତିତମାନଙ୍କର ପ୍ରଭୁ ଏବଂ ଶ୍ରୀମାନ ପତିତପାବନ।

୬. ପଟୋଳ : ବର୍ତ୍ତମାନ ପରିଦୃଶ୍ୟମାନ ମନ୍ଦିରର ପୂର୍ବ ମନ୍ଦିରଟି ପଟଳ ନାମରେ ବିଦିତ ଥିଲା। ଦୁଇଟି ଶବ୍ଦ ଏଥିପାଇଁ ବ୍ୟବହାର ହୋଇଥିବାର ଦେଖାଯାଏ– ପଟୋଳ ଏବଂ ପୋଟଳ। ସମ୍ରାଟ ଯଯାତିଙ୍କ ସମୟ ହାରାହାରି ନବମ ଶତାବ୍ଦୀ ପୂର୍ବାର୍ଦ୍ଧ। ମାଦଳା ପାଞ୍ଜିରେ ଭିତର ପଟୋଳ ଶବ୍ଦ ଭିତର ପୋଖରିଆ ଅର୍ଥରେ ମଧ୍ୟ ବ୍ୟବହୃତ ହୋଇଅଛି। ସମ୍ରାଟ ଯଯାତି ଯେଉଁ ପଟୋଳଟିକୁ ନିର୍ମାଣ କରିଥିଲେ ତାହା ୩୮ ହାତ ଉଚ୍ଚତାର ଥିଲା।

ଆମ୍ଭର ପ୍ରସଙ୍ଗ ଶ୍ରୀଜଗନ୍ନାଥଙ୍କ ଷଷ୍ଠ ମନ୍ଦିରର ପରିଚୟ। ତେଣୁ ଯଯାତିଙ୍କ ପଟୋଳ ବର୍ତ୍ତମାନର ଶ୍ରୀନୃସିଂହ ମନ୍ଦିର କି ନୁହେଁ, ଆମେ ସିଆଡକୁ ଯିବା ନାହିଁ। ପ୍ରଥମେ ନିଶ୍ଚିତ ହେବା–

୧. ମାଦଳାପାଞ୍ଜିର ଯଯାତି ହେଉଛନ୍ତି ସୋମବଂଶର ଯଯାତି ମହାଶିବଗୁପ୍ତ ବା ଯଯାତି (୧ମ)ଙ୍କ ନାତି ଯଯାତି ଦ୍ୱିତୀୟ।

୨. ସେ ୧୪୪ ବର୍ଷ ପରେ ସୋନପୁରରୁ ଶ୍ରୀବିଗ୍ରହମାନଙ୍କୁ ଆଣି ପୁରୀରେ ନିଜେ ନିର୍ମିତ କରିଥିବା ୩୮ ହାତ ପଟୋଳର ବିଜେ କରାଇଥିଲେ।

୩. ସେହି ପଟୋଳ (ମନ୍ଦିର) ୧୦୧୦–୧୦୨୦ ମସିହା ମଧ୍ୟରେ ନିର୍ମିତ ହୋଇଥିଲା।

ଏଇଠି ସନ୍ଦେହରେ ପଡିବାକୁ ହୁଏ ଯେ, ସୋନପୁରରୁ ମହାପ୍ରଭୁ ପୁରୀକୁ ପ୍ରତ୍ୟାବର୍ତ୍ତନର ସମୟ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରସଙ୍ଗ, ପ୍ରସଙ୍ଗ ଦୃଷ୍ଟିରୁ ୮୧୦–୮୨୦ ମସିହା। ଅର୍ଥାତ୍ ଯଯାତି (୨ୟ)ଙ୍କ ମନ୍ଦିର ନିର୍ମାଣର ୨୦୦ ବର୍ଷ ପୂର୍ବ। ଯଯାତି ୨ୟଙ୍କ ଜେଜେବାପା ଯଯାତି (୧ମ) ୯୫୦ ମସିହାରେ ସୋନପୁରରୁ ରାଜଧାନୀ ଉଠାଇ ଆଣିଥିଲେ ଅର୍ଥାତ୍ ତାଙ୍କର ଜନ୍ମ ହୋଇ ନ ଥିଲା ୮୧୯–୮୨୦ ମସିହା ବେଳକୁ। ତେଣୁ ତାଙ୍କର ଦି'ପୁରୁଷ ପୂର୍ବ କଥା। ତା ହେଲେ କ'ଣ ତାଙ୍କ ଦି' ପୁରୁଷ ପୂର୍ବରୁ କେହି ରାଜା ଯଯାତି ନାମରେ ଥିଲେ। ଯିଏ କି ୬୦୦–୬୧୫ ମସିହା ମଧ୍ୟରେ ନିର୍ମିତ ହୋଇଥିବା ୫ମ ମନ୍ଦିର ପରେ ହାରାହାରି ୧୪୪ ବର୍ଷ ପରେ ୮୧୯–୮୨୦ ମସିହାରେ ଷଷ୍ଠ ମନ୍ଦିର ନିର୍ମାଣ କରିଥିଲେ। ଏଇ ମଝି ୧୪୪ ବର୍ଷ ମହାପ୍ରଭୁ ମନ୍ଦିରରେ ନ ଥିବାରୁ ବୋଧହୁଏ ମନ୍ଦିରଟି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା, ଯାହାକି ୮୧୯–୮୨୦ ମସିହା ବେଳକୁ ମହାପ୍ରଭୁ ବିଜେ କରିବା ପାଇଁ ଅଳ୍ପ ସମୟ ମଧ୍ୟରେ ପଟୋଳ ଆକାରର ମନ୍ଦିରଟିଏ ନିର୍ମାଣ କରିବାକୁ ସେତିକି ବେଳର ରାଜା ଯଯାତି ନିର୍ଦ୍ଦେଶ ଦେଇଥିଲେ।

ଏଠାରେ ଦୁଇଟି କଥା ଉଠେ–

୧. ମାଦଳାପାଞ୍ଜି ଉଲ୍ଲେଖ କରିଥିବା ଯଯାତିଙ୍କୁ ଆମେ ଇତିହାସ ଦୃଷ୍ଟିରୁ ଚିହ୍ନିତ କରିପାରିନାହୁଁ।

୨. ଯଯାତି (୨ୟ)ଙ୍କ ପୂର୍ବ ୫ମ ପୁରୁଷରେ କେହି ରାଜା ପୁରୀର ଏହି ପଟୋଳକୁ ୮୧୯–୮୨୦ରେ ନିର୍ମିତ କରିଥିଲେ। ମାଦଳା ପାଞ୍ଜିରେ ତାଙ୍କୁ 'ଯଯାତି' ନାମରେ ବ୍ୟକ୍ତ କରାଯାଇଛି।

୩. କିମ୍ବା ପୂର୍ବରୁ ତିନି ପୁରୁଷରେ ନାଁ ବଦଳିବା ପରମ୍ପରା ଥିଲା, ଯଯାତି (୨ୟ)ଙ୍କ ଜେଜେବାପା ଯଯାତି (୧ମ) ହେଲା ଭଳି ତାଙ୍କ ଜେଜେବାପା ଯଯାତି (୨ୟ) ଥିଲେ ୮୧୯–୮୨୦ ମସିହା ବେଳକୁ;

୪. କିମ୍ବା ମହାପ୍ରଭୁ ସୋନପୁରରୁ ଆସିବା ବେଳେ ଆଦିଶଙ୍କରାଚାର୍ଯ୍ୟ ମୋଟେ ପୁରୀକୁ ଆସି ନ ଥିଲେ ?

ଏସବୁର ତର୍ଜମା କଲେ ଯଦି ୮୧୯–୮୨୦ ମସିହାରେ ପଟୋଳଟି ନିର୍ମିତ ହୋଇଥିବ ତାହା ବର୍ତ୍ତମାନର ମୂଳ ମନ୍ଦିର ସ୍ଥାନରେ ହୋଇଥିବ ଏବଂ ତାହା ଥିବ ମହାପ୍ରଭୁଙ୍କର ଷଷ୍ଠ ମନ୍ଦିର।

ମୂଳ ଜରାଜୀର୍ଣ୍ଣ ମନ୍ଦିରରେ ଶ୍ରୀପୁରୁଷୋତ୍ତମଙ୍କ ଆଗରେ ଚୋଡ଼ଗଙ୍ଗଦେବ ୧୧୨୮ ମସିହାରେ ନିଜର ପ୍ରଥମ ଅଙ୍କ ପ୍ରଚଳନ କରିଥିଲେ। ତେଣୁ ୧୦୧୦–୧୦୨୦ ମସିହା ମଧ୍ୟରେ ଯେଉଁ ମନ୍ଦିରଟି ନିର୍ମାଣ ହେବା କଥା ଡ. ରାଜଗୁରୁ ସମ୍ଭାବନା କରିଛନ୍ତି, ତାହା ସପ୍ତମ ମନ୍ଦିର। ଏହି ସପ୍ତମ ମନ୍ଦିରର ହାରାହାରି ୧୧୦ ବର୍ଷ ପରେ ଚୋଡ଼ଗଙ୍ଗଦେବ ତାହା ଦେଖି ମରାମତି କରିବାକୁ ଇଚ୍ଛା କରିଛନ୍ତି। ପରେ ମରାମତି ନ କରି ପୁନଃ ନିର୍ମାଣ ଆରମ୍ଭ କରିଛନ୍ତି। ସେହି ମନ୍ଦିରଟି ବର୍ତ୍ତମାନର ପରିଦୃଶ୍ୟମାନ ମନ୍ଦିର। ଏହା ମହାପ୍ରଭୁଙ୍କର ଅଷ୍ଟମ ମନ୍ଦିର।

–ଡ. ସୁରେନ୍ଦ୍ର କୁମାର ମିଶ୍ର



# ୩୭ଥର ବାହାର ଯାତ୍ରା କରନ୍ତି ଶ୍ରୀଦେବୀ ଓ ଭୂଦେବୀ



ଶ୍ରୀଦେବୀ

ଶ୍ରୀମନ୍ଦିର ରତ୍ନବେଦୀରେ ଉପାସିତ ହେଉଛନ୍ତି ଶ୍ରୀଦେବୀ ଓ ଭୂଦେବୀ। ଶ୍ରୀଜଗନ୍ନାଥଙ୍କ ଉପାସନାରେ ତାଙ୍କର ଭୂମିକା ଗୁରୁତ୍ୱଲାଭ କରିଛି। ମହାପ୍ରଭୁଙ୍କ ବାମପଟେ ଶ୍ରୀଦେବୀ ଓ ଡାହାଣପଟେ ଭୂଦେବୀ ବିଜେ କରିଛନ୍ତି। ରତ୍ନସିଂହାସନରେ ବିଜେ କରିଥିବା ଶ୍ରୀମାଧବ ଶାରଦୀୟ ଦୁର୍ଗାପୂଜା ଅବସରରେ ମହାପ୍ରଭୁଙ୍କ ଅନୁମତି (ଆଜ୍ଞାମାଳ) ନେଇ ରତ୍ନବେଦୀ ଛାଡ଼ିଥାନ୍ତି। ସେହିପରି ଶ୍ରୀଦେବୀ ଓ ଭୂଦେବୀ ମହାପ୍ରଭୁଙ୍କ ଅନୁମତି ନେଇ ୩୭ଥର ରତ୍ନବେଦୀ ଛାଡ଼ନ୍ତି। ମହାପ୍ରଭୁ ଶ୍ରୀମନ୍ଦିରରେ ନ ଥିଲାବେଳେ ଅର୍ଥାତ୍ ବାହାର ବିଜେ କଲାବେଳେ ବିନା ଅନୁମତିରେ ଶ୍ରୀଦେବୀ ଦୁଇଥର ରତ୍ନବେଦୀ ଛାଡି ବାହାରକୁ ବାହାରିଥାନ୍ତି।

ଚନ୍ଦନଯାତ୍ରା ସମୟରେ ୨୧ଦିନ ଧରି ଶ୍ରୀଦେବୀ ଓ ଭୂଦେବୀ ଚନ୍ଦନ ପୋଖରୀକୁ ମଣି ବିମାନରେ ଯାତ୍ରା କରିଥାନ୍ତି। ସରସ୍ୱତୀ ପୂଜାଦିନ ଆଜ୍ଞାମାଳ ପାଇବା ପରେ ଶ୍ରୀଦୋଳଗୋବିନ୍ଦଙ୍କ ସହିତ ଜଗନ୍ନାଥବଲ୍ଲଭ ମଠକୁ ଶ୍ରୀଦେବୀ ବିଜେ କରିଥାନ୍ତି। ସେଇଠି ଫଗୁଖେଳ ନୀତିରେ ସେ ସାମିଲ ହୁଅନ୍ତି। ଫଗୁ ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ୪ଦିନ ଏହି ମଠକୁ ବିଜେ କରି ଚାଚେରି ଲୀଳା କରିଥାନ୍ତି। ଚୈତ୍ର ମାସ ପ୍ରତିପଦା ତିଥିରେ ମହାପ୍ରଭୁଙ୍କର ଅନ୍ୟତମ ପ୍ରତିନିଧି ଶ୍ରୀମଦନମୋହନଙ୍କ ସହିତ ବେଣ୍ଟ ଯାତ୍ରା କରିବା ପାଇଁ ନରେନ୍ଦ୍ର ପୋଖରୀକୁ ବିଜେ କରିଥାନ୍ତି। ଝୁଲଣ ଯାତ୍ରାବେଳେ ଝୁଲଣ ମୁଣ୍ଡି(ମଣ୍ଡପ)କୁ ୭ଦିନ ଧରି ଶ୍ରୀମଦନମୋହନଙ୍କ ସହ ବିଜେ କରନ୍ତି। ବ୍ରହ୍ମାସନ କୁହାଯାଉଥିବା ମୁକ୍ତିମଣ୍ଡପ ସ୍ଥାନଟି ଝୁଲଣବେଳେ ଝୁଲଣ ମଣ୍ଡପ ରୂପେ ବ୍ୟବହୃତ ହୋଇଥାଏ। ମାର୍ଗଶୀର ମାସ ଅମାବାସ୍ୟା ଶ୍ରୀମନ୍ଦିରରେ ଦେବ ଦୀପାବଳି ଭାବେ ପ୍ରସିଦ୍ଧ। ଏହା ତିନିଦିନ ଧରି ପାଳିତ ହୁଏ। ଶେଷଦିନ ଶ୍ରୀମଦନମୋହନଙ୍କ ସହିତ ଜଗନ୍ନାଥବଲ୍ଲଭ ମଠକୁ ବିଜେ କରି ଜଗତ ମଙ୍ଗଳ ପାଇଁ କେତେକ ଲୀଳା କରିଥାନ୍ତି। ଏଥିମଧ୍ୟରେ ଜୀବିତ ଓ ମୃତ ମଣିଷଙ୍କ ମୁକ୍ତି ପାଇବାର ରହସ୍ୟ ଜଡ଼ିତ ଅଛି।



ଭୂଦେବୀ

# ଉପାସନାରେ ଜାତୀୟ ସଂହତି

ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ଉପାସନା ମାନବିକ ମୂଲ୍ୟବୋଧକୁ ଆଧାରକରି ବିକାଶ ଲାଭ କରିଛି। ଜଗତ ଓ ଜଗନ୍ନାଥଙ୍କ ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ, ଜଗତରେ ଦେହ ଧାରଣ କରିଥିବା ମଣିଷ ଓ ମହାପ୍ରଭୁଙ୍କ ମଧ୍ୟରେ ସେପରି କିଛି ପ୍ରଭେଦ ନାହିଁ। ଏହା ହିଁ ତାଙ୍କ ଉପାସନାର ସାମାଜିକ ବାର୍ତ୍ତା। ଯଥା ଦେହେ ତଥା ଦେବେ ଭାରତୀୟ ସନାତନ ପରମ୍ପରାରେ ପ୍ରତିଫଳିତ। ଏହି ଯାନିଯାତ୍ରା ହିଁ ଜାତୀୟ ସଂହତିର ଆଧାର ସ୍ତମ୍ଭ। ଏଥିରେ ଗହଣାଠାରୁ ପୋଷାକ, ହସ୍ତଶିଳ୍ପ, ଯାନବାହନ, କାଠର କାରୁକାର୍ଯ୍ୟ, ବାସନକୁସନ, ଫୁଲ, ପତ୍ର ଓ ପାରମ୍ପରିକ ଖାଦ୍ୟପେୟ



ମହାପ୍ରଭୁଙ୍କ ବସ୍ତ୍ର

ଜଡ଼ିତ ରହିଛି। ଜଡ଼ିତ ରହିବାର ରହସ୍ୟ ହେଉଛି ସମାଜରେ ସବୁ ବର୍ଗର ଲୋକେ ଉପାସନାର ନିକଟତର ହୋଇରହିବେ। ସମାଜରେ ସଂହତି ଓ ସହାବସ୍ଥାନ ପରମ୍ପରାର ଏହା ହେଉଛି ମୌଳିକ ସୂତ୍ର।

**ଜାନୁୟାରୀ: ପୋଷାକ–** ଭାରତରେ ଋତୁ ଅନୁଯାୟୀ ବେଶପୋଷାକ ପରିଧାନ ପରମ୍ପରା ବହୁ ପ୍ରାଚୀନ। ଗୋଟିଏ ସଭ୍ୟ, ସଂସ୍କୃତିସମ୍ପନ୍ନ ଜାତିର ଆଭିଜାତ୍ୟ ଓ ସଂସ୍କାରର ସ୍ମାରକ ହେଉଛି ପୋଷାକ। କେବଳ ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟକରି ଏହା ପ୍ରଚଳିତ ନୁହେଁ। ଏହା ପଛରେ ବୈଜ୍ଞାନିକ ଭିତ୍ତିଭୂମି ମଧ୍ୟ ରହିଛି। ମଣିଷଟିର ଶୀତରେ ଶୀତ ପୋଷାକ ଓ ଗରମରେ ହାଲ୍‌କା ପୋଷାକ ମର୍ଯ୍ୟାଦାର ସୀମା ମଧ୍ୟରେ ପରିଧାନ କଲାପରି ମହାପ୍ରଭୁ ମଧ୍ୟ ପରିଧାନ କରିଥାନ୍ତି।

**ଫେବୃୟାରୀ: ଗହଣା–** ଭାରତୀୟ ସଂସ୍କୃତିରେ ସୌନ୍ଦର୍ଯ୍ୟବୋଧ ପରମ୍ପରା ଖୁବ୍ ପ୍ରାଚୀନ। ଶାରୀରିକ ସୌନ୍ଦର୍ଯ୍ୟବୋଧ ପାଇଁ ପୋଷାକ ସହ ଗହଣା ବ୍ୟବହାର କରାଯାଏ। ସୁନା, ରୁପା, ହୀରା, ଲୀଳା, ମୋତି ଓ ମାଣିକ ପ୍ରଭୃତି ବିଭିନ୍ନ ଧାତୁରେ ଗହଣା ବିଭିନ୍ନ ରଙ୍ଗର ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଇଥାଏ। ମହାପ୍ରଭୁ ବର୍ଷକ ଭିତରେ ୫ଟି ସୁନାବେଶ ମଧ୍ୟରେ ଏବଂ ଅନ୍ୟାନ୍ୟ କେତେକ ବେଶରେ ବିଭିନ୍ନ ଧାତୁର ଗହଣା ପିନ୍ଧିଥାନ୍ତି।

**ମାର୍ଚ୍ଚ: ପାରମ୍ପରିକ ଖାଦ୍ୟ–** ଭାରତବର୍ଷର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଚଳନ ରହିଛି। ଆଶ୍ଚର୍ଯ୍ୟ କଥା ଭାରତର ସବୁ ଅଞ୍ଚଳର ସାତ୍ତ୍ୱିକ ଖାଦ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାରେ ସାମିଲ ରହିଥିବା ଦେଖାଯାଏ। ପ୍ରତ୍ୟେକ ପ୍ରଦେଶର ଗୋଟିଏ ଗୋଟିଏ ପାରମ୍ପରିକ ଖାଦ୍ୟକୁ ଯଦି ଉଦାହରଣ ଭାବରେ ଗ୍ରହଣ କରି ଆଲୋଚନା କରିବା ତେବେ ଜାଣିହେବ ମହାପ୍ରଭୁଙ୍କ ପାଖରେ ପ୍ରଚଳିତ ଖାଦ୍ୟ ପରମ୍ପରା ମଧ୍ୟ ଜାତୀୟ ସଂହତିର ପ୍ରତୀକ।

**ଏପ୍ରିଲ:ଶୀତଳ ଭୋଗ–** ଶ୍ରୀଜଗନ୍ନାଥଙ୍କ ବାଳଭୋଗ ପରମ୍ପରାର ଐତିହ୍ୟ ଭକ୍ତି ଓ ଭାବର ନିଚ୍ଛକ ଉଦାହରଣ। ଏହି ଭୋଗରେ ରନ୍ଧାହୋଇଥିବା ଖାଦ୍ୟ ବଢ଼ାଯାଏ ନାହିଁ। ଶୁଖିଲା ବା ଶୀତଳ ଭୋଗ ବଢ଼ାଯାଏ। ଏଥିରେ କେତେକ ନିର୍ଦ୍ଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଅର୍ପଣ କରାଯାଏ। ଯାହା ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ ସମର୍ଥିତ।

**ମେ: ବାସନକୁସନ–** ମହାପ୍ରଭୁଙ୍କ ଉପାସନାରେ ପାକଶାଳାରେ, ସ୍ନାନଯାତ୍ରାରେ, ରଥଯାତ୍ରା ଅବସରରେ, କୋଠଭୋଗ ବାଢ଼ିବା ବେଳରେ ଏବଂ ବିଜେ ପ୍ରତିମାମାନଙ୍କ ବାହାର ବିଜେ ସମୟରେ ସ୍ୱତନ୍ତ୍ର



ଶ୍ରୀଜୀଉଙ୍କ ଅଳଙ୍କାର

ଧରଣର ବାସନ ବ୍ୟବହାର କରାଯାଏ। ଏହି ବାସନଗୁଡ଼ିକ ପିତ୍ତଳ, କଂସା, ରୁପା ଓ ସୁନାରେ ନିର୍ମିତ ହୋଇଅଛି। ପ୍ରାଚୀନ ଭାରତୀୟ ପରମ୍ପରାରେ ବାସନ ମଧ୍ୟ ଏଥିରେ ଦେଖିବାକୁ ମିଳେ।

**ଜୁନ୍: କାଠର କାରୁକାର୍ଯ୍ୟ–** ଶ୍ରୀଜଗନ୍ନାଥଙ୍କର ପୋଷାକଠାରୁ ଅଳଙ୍କାର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ କାରୁକାର୍ଯ୍ୟର ପରାକାଷ୍ଠା ଦେଖାଯାଏ। ତାଙ୍କ ଉପାସନାରେ ବ୍ୟବହୃତ କାଠ ସାମଗ୍ରୀରେ ମଧ୍ୟ କାରୁକାର୍ଯ୍ୟ ଲକ୍ଷ୍ୟ କରାଯାଏ। ସେ ସ୍ୱୟଂ ଦାରୁବିଗ୍ରହ ରୂପ ଧାରଣ କରିଛନ୍ତି। ତାଙ୍କ ବ୍ୟବହାର ପାଇଁ ଶାସ୍ତ୍ର ଅନୁଯାୟୀ ନିର୍ଦ୍ଦିଷ୍ଟ କାଠରେ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ସ୍ୱତନ୍ତ୍ର ନାମ ବହନ କରିଥାଏ।

**ଜୁଲାଇ: ଯାନବାହନ–** ଭାରତରେ ମନ୍ଦିରରୁ ମୂଳ ବିଗ୍ରହ ବାହାରକୁ ଯାନିଯାତ୍ରା କାଳରେ ଆସିବା ବିଶେଷ ଦେଖାଯାଏ ନାହିଁ। କିନ୍ତୁ ଶ୍ରୀଜଗନ୍ନାଥ ଧାମରେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ସ୍ୱୟଂ ରତ୍ନସିଂହାସନ ତ୍ୟାଗକରି ଜନଗଣଙ୍କ ମେଳକୁ ଓହ୍ଲାଇ ଆସନ୍ତି। ସେଥିପାଇଁ ସେ ବ୍ୟବହାର କରନ୍ତି ଯଥଯାନ। ତାଙ୍କ ବିଜେ ପ୍ରତିମାମାନେ ଚନ୍ଦନଯାତ୍ରାରେ ବ୍ୟବହାର କରନ୍ତି ମଣିବିମାନ ଓ ପାଲିଙ୍କି। ଅନ୍ୟ ବାହାର ବିଜେ କାଳରେ ମହାପ୍ରଭୁଙ୍କ ବିଜେପ୍ରତିମା ଚଉଦୋଳରେ ବିଜେ କରନ୍ତି।

**ଅଗଷ୍ଟ: କାରୁକାର୍ଯ୍ୟ–** ସୋଲର କାରୁକାର୍ଯ୍ୟ ଭାରତୀୟ ସୌନ୍ଦର୍ଯ୍ୟବୋଧର ଅନ୍ୟତମ ବିଭବ। ଦେଶରେ ଅନେକ ଅଞ୍ଚଳରେ ସୋଲ କାରୁକାର୍ଯ୍ୟ ଦେଖାଯାଏ। ଓଡ଼ିଶାର ପାରମ୍ପରିକ ସୋଲର କାରୁକାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ବେଶରେ ଦେଖାଯାଏ।

**ସେପ୍ଟେମ୍ବର: ହସ୍ତଶିଳ୍ପ କଳା–** ହାତତିଆରି ଶିଳ୍ପକଳାର ଚାତୁରି ଆଜି ବି ବିଶ୍ୱର ସୌନ୍ଦର୍ଯ୍ୟପିପାସୁଙ୍କୁ ଆସିବାକୁ ବାଧ୍ୟକରେ ଭାରତକୁ। ଭାରତର ହସ୍ତଶିଳ୍ପ କଳା ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଚିନ୍ତାନାୟକମାନଙ୍କୁ ବିମୁଗ୍ଧ



ପାଲିଙ୍କିରେ ମଦନମୋହନ

କରିଆସିଛି। ମହାପ୍ରଭୁଙ୍କ ଉପାସନାରେ ହସ୍ତଶିଳ୍ପ କଳାର ଶ୍ରେଷ୍ଠ କୃତିମାନ ସାମିଲ ହୋଇଥିବା ଦେଖାଯାଏ।

**ଅକ୍ଟୋବର: କୋଠ ଭୋଗ:** ଶ୍ରୀଜଗନ୍ନାଥଙ୍କ ପୂଜା ଅବସରରେ 'କୋଠଭୋଗ' ପରମ୍ପରା ରହିଥିବା ଜଣାଯାଏ। ଓଡ଼ିଶାର ଗଜପତି ମହାରାଜାମାନେ ନିଜ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସ୍ଥାବର ସମ୍ପତ୍ତି ଖଞ୍ଜାଦେଇ ଏହି ଭୋଗକୁ ପ୍ରଚଳନ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ସେବକ ବ୍ୟବସ୍ଥା ମଧ୍ୟ କରିଥିଲେ। ସେମାନଙ୍କୁ 'କୋଠଭୋଗ ସୁଆର' ଓ କୋଠଭୋଗ ମହାସୁଆର କୁହାଯାଉଛି।

**ନଭେମ୍ବର: ଫୁଲ ଓ ପତ୍ର–** ଫୁଲ ହେଉଛି ଉପାସନାର ଅବିଚ୍ଛେଦ୍ୟ ଅଙ୍ଗ। ଷୋଡ଼ଶ ଉପଚାରର ପୂଜା କାଳରେ କେବଳ ଯେ ଫୁଲର ଆବଶ୍ୟକତା ଥାଏ, ତାହା ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପାଇଁ ଫୁଲ ହେଉଛି ମୁଖ୍ୟ ଆଧାର। ଦୈନିକ ନୀତି ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ପହଡ଼ ପର୍ଯ୍ୟନ୍ତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଫୁଲର ଆବଶ୍ୟକତା ରହିଛି। ଝୁଡ଼ାଫୁଲ ସହିତ ଫୁଲମାଳ, ହସ୍ତପଦକ, ହୃଦପଦକ, ଝୁମ୍ପା ପ୍ରଭୃତି ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଏ। ଏଥିରେ ପତ୍ରର ବ୍ୟବହାର ମଧ୍ୟ ଦେଖାଯାଏ। ତୁଳସୀ, ଦୟଣା ଓ ମରୁଆପତ୍ର ମହାପ୍ରଭୁଙ୍କ ପୁଷ୍ପ ସମ୍ଭାରର ଗୁରୁତ୍ୱପୂର୍ଣ୍ଣ ବିଭବ। ସ୍ୱତନ୍ତ୍ର ପୁଷ୍ପ ବେଶ ମଧ୍ୟ ଖୁବ୍ ମନୋମୁଗ୍ଧକର।

**ଡିସେମ୍ବର: ମାଟି ନିର୍ମିତ ପାତ୍ର–** ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ବାଇହାଣ୍ଡି, ସମାଧିହାଣ୍ଡି, ମଠକୁଡୁଆ, ସରା, ଓଳି ଓ ତାଡ଼ ବ୍ୟବହୃତ ହୋଇଥାଏ। ଏଗୁଡ଼ିକ ମାଟିରେ ତିଆରି। ଏହା ଏକ ସ୍ୱତନ୍ତ୍ର ଶୈଳୀ ଓ ମାପରେ କୁମ୍ଭାର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥଏ। ରଥ ଉପରେ ସମର୍ପଣ ହେଉଥିବା ଅଧରପଣା ପାଇଁ ଏକ ସ୍ୱତନ୍ତ୍ର ହାଣ୍ଡି ନିର୍ମାଣ ହୁଏ,ଯାହାକୁ ଅଧରହାଣ୍ଡି କୁହାଯାଏ। ପ୍ରତ୍ୟେକ ମାଟି ନିର୍ମିତ ପାତ୍ର ପଛରେ ଗୋଟିଏ ଗୋଟିଏ ଐତିହ୍ୟ ରହିଛି।



ଠାକୁରଙ୍କ ପଲଙ୍କ ଓ ଶେଯ

ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଦୀର୍ଘତମ ରଥପଥ ଛତିଆ ରଥଦାଣ୍ଡ

# ୧୧ କି.ମି. ଗଡ଼ି ଚାଲେ ମହାପ୍ରଭୁଙ୍କ ରଥ

ଦ୍ୱିତୀୟ ଶ୍ରୀକ୍ଷେତ୍ରଭାବେ ପରିଚିତ ଛତିଆଠାରେ ହେଉଥିବା ମହାପ୍ରଭୁଙ୍କ ରଥଯାତ୍ରା ଏକ ସ୍ୱତନ୍ତ୍ରତା ବହନ କରେ। ଛତିଆଠାରେ ଥିବା ରଥଦାଣ୍ଡ ଦେଶର ଦୀର୍ଘତମ ରଥଦାଣ୍ଡର ଆଖ୍ୟା ବହନ କରେ। ୧୧ କି.ମି. ପର୍ଯ୍ୟନ୍ତ ରଥ ଚାଲୁଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଯେତିକି ଆବେଗ ଥାଏ ଏହାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ତରଫରୁ ପ୍ରସ୍ତୁତି ମଧ୍ୟ ସେତିକି ଜୋରଦାର ରହିଥାଏ।

ଛତିଆସ୍ଥିତ ଜଗନ୍ନାଥ ମନ୍ଦିରରୁ ବଡଘୁମୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ୧୧ କି.ମି. ରଥ ଟଣା ହେଉଥିବାରୁ ଏଠାରେ ଘୋଷଯାତ୍ରା ଶୀଘ୍ର ଆରମ୍ଭ ହୋଇଥାଏ। ପୁରୀ ଘୋଷ ଯାତ୍ରା ଆରମ୍ଭ ହେବାର ଦୁଇ ଘଣ୍ଟା ପୂର୍ବରୁ ଏଠାରେ ରଥଟଣା ଆରମ୍ଭ ହୋଇଥାଏ। ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ଛତିଆ ଜଗନ୍ନାଥ ମନ୍ଦିରରୁ ପୂର୍ବରୁ ଚମ୍ପାପୁର ପର୍ଯ୍ୟନ୍ତ ରଥଯାତ୍ରା ଅନୁଷ୍ଠିତ ହେଉଥିଲା। ତେବେ ଏହା ବନ୍ଦ ହେବା ପରେ ପୁନର୍ବାର ରଥଯାତ୍ରା କରିବା ପାଇଁ ଛତିଆ ଓଝା ପରିବାରକୁ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ସ୍ୱପ୍ନାଦେଶ ପରେ ୧୯୯୩ ମସିହାରେ ପୁରୀରୁ ଚତୁର୍ଦ୍ଧାମୂର୍ତ୍ତି

### ଗୋଟିଏ ରଥରେ ବିଜେ ହୁଅନ୍ତି ୩ ଠାକୁର

ପୁନର୍ବାର ଅଣାଯାଇ ଆରମ୍ଭ ହୋଇଥିଲା ରଥ ନିର୍ମାଣ। ତେବେ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଦୀର୍ଘ ୬ବର୍ଷ ପୂଜା ପାଇଥିଲେ ମଧ୍ୟ ରଥ ଗଡି ନ ଥିଲା। ୧୯୯୯ ମସିହାରେ ପ୍ରଥମ କରି ଏହି ରଥଯାତ୍ରା ଆରମ୍ଭ ହେଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିର୍ଦ୍ଦେଶ ଓ ସ୍ୱପ୍ନାଦେଶ ପରେ ଏହା ସବୁଠାରୁ ଦୀର୍ଘପଥ ରଥଯାତ୍ରାରେ ପରିଣତ ହେଲା। ସେହିଦିନଠାରୁ ଛତିଆଠାରୁ ବଡଘୁମୁରୀ ପର୍ଯ୍ୟନ୍ତ ଏହି ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ତେବେ ୧୯୯୯ରେ ୩ଟି ରଥରେ ପ୍ରଭୁ ଜଗନ୍ନାଥ, ବଳଦେବ ଓ ଭଉଣୀ ସୁଭଦ୍ରାଙ୍କୁ ଧରି ଘୋଷଯାତ୍ରା କରାଯାଉଥିଲା। ୩ ବର୍ଷପରେ ଆର୍ଥିକ ତଥା ସରଞ୍ଜାମର ଅଭାବ ଯୋଗୁ ୨୦୦୨ରୁ ୩ ଦିଅଁଙ୍କୁ ଗୋଟିଏ ରଥରେ ବସାଯାଇ ଘୋଷଯାତ୍ରା କରାଗଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଗୋଟିଏ ରଥ ଦୀର୍ଘ ୧୧ କି.ମି. ଅତିକ୍ରମ କରୁଥିବା କହିଛନ୍ତି ଏହାର ମୁଖ୍ୟ ପୁରୋଧା ଉପେନ୍ଦ୍ର ଓଝା।



ତେବେ ଏହାର ବିଶେଷତ୍ୱ ହେଲା ଏଠାରେ ପୂଜା ପାଉଥିବା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିକୁ କୌଣସି ବ୍ରାହ୍ମଣ ପୂଜା କରି ନ ଥାନ୍ତି। ଏହା କେବଳ ସେହି ଓଝା ପରିବାରର ସଦସ୍ୟ ହିଁ ପୂଜା କରିଥାନ୍ତି। କେବଳ ରଥଯାତ୍ରା ସମୟରେ ବ୍ରାହ୍ମଣମାନେ ହିଁ ପୂଜା କରିଥାନ୍ତି। ପୁରୀରେ ମହାପ୍ରଭୁଙ୍କ ଘୋଷଯାତ୍ରା ଓ ବାହୁଡା ଯାତ୍ରା ଯେଉଁଭଳି ପାଳନ କରାଯାଏ ଏଠାରେ ମଧ୍ୟ ଠିକ୍ ସେହିଭଳି ପାଳନ କରାଯାଇଥାଏ। ମହାପୁରୁଷ ହାଡିଦାସଙ୍କ ମାଳିକାର ବର୍ଣ୍ଣନା ଅନୁଯାୟୀ ମହାପ୍ରଭୁ ଜଗନ୍ନାଥ ଶ୍ରୀକ୍ଷେତ୍ର ଛାଡି ଆସିବେ ଏବଂ ଛତିଆରେ ତାଙ୍କର ଲୀଳା ଖେଳା ଆରମ୍ଭ କରିବେ। ସେହିଭଳି ଛତିଆଠାରୁ ବଡଘୁମୁରୀ ପର୍ଯ୍ୟନ୍ତ ବୃହତ୍ ବଡଦାଣ୍ଡରେ ହଜାର ହଜାର ଭକ୍ତ ସମାଗମ ହୋଇ ଏଠାରେ ରଥଯାତ୍ରା କରାଇବେ। ସେହି ମାଳିକା ଓ ପୌରାଣିକ କଥା କାହାଣୀକୁ ଆଧାର କରି ଦୀର୍ଘଦିନ ହେବ ଏଠାରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ଏହି ରଥଯାତ୍ରା ପାଇଁ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ଯାଜପୁର ଉପଜିଲାପାଳ

### ପୁରୀ ଘୋଷଯାତ୍ରାର ଦୁଇ ଘଣ୍ଟା ପୂର୍ବରୁ ଆରମ୍ଭ ହୁଏ ରଥ ଟଣା

ଓ ଦର୍ପଣ ତହସିଲଦାରଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି ପାହ୍ୟାର ଅଧିକାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିୟୋଜିତ ହେବାକୁ ପ୍ରଶାସନିକ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଥିଲା। ତିନି ଜଣ ଇନ୍ସପେକ୍ଟରଙ୍କ ସମେତ ଦେଢ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ପ୍ରଶାସନ ତରଫରୁ ସୂଚନା ମିଳିଛି।

– ପ୍ରଦୀପ୍ତ କୁମାର ପୃଷ୍ଟି, ସୌମ୍ୟରଞ୍ଜନ ସାହୁ




## ଛେରା ପହଁରା କରନ୍ତି ଗାଁ ମୁଖିଆ

ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବୋଲାଉଥିବା କୋରାପୁଟ ସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ପାଳିତ ହେଉଥିବା ରଥଯାତ୍ରାର ସ୍ୱତନ୍ତ୍ରତା ରହିଛି । ଏହି ରଥଯାତ୍ରାରେ ଆଦିବାସୀ ସଂସ୍କୃତିର ମହାମିଳନ ଦେଖିବାକୁ ମିଳେ, ଯେଉଁଠି ଗ୍ରାମ ମୁଖିଆ ତଥା ନାୟକଙ୍କୁ ରାଜାର ସମ୍ମାନ ଦିଆଯାଇଥାଏ । ପୁରୀ ଶ୍ରୀକ୍ଷେତ୍ର ଧାମରେ ଯେପରି ଗଜପତି ମହାରାଜା ରଥରେ ଛେରାପହଁରା କରନ୍ତି, ଠିକ୍ ସେହିପରି ଶାବର ଶ୍ରୀକ୍ଷେତ୍ରରେ କୁମ୍ଭା ଗ୍ରାମର ମୁଖିଆଙ୍କୁ ରାଜାଙ୍କ ଭଳି ସମ୍ମାନ ଦିଆଯାଇଥାଏ । ସେ ରାଜାଙ୍କ ଭଳି ରଥରେ ଛେରାପହଁରା କରନ୍ତି। ଶାବର ଶ୍ରୀକ୍ଷେତ୍ର ରଥଯାତ୍ରାରେ ଯୋଗଦେବା ପାଇଁ କୋରାପୁଟ ଜିଲାର ସମସ୍ତ ଆଦିବାସୀ ଗ୍ରାମକୁ ମନ୍ଦିର ପରିଚାଳନା କମିଟି ସ୍ୱତନ୍ତ୍ର ଗୁଆ ନିମନ୍ତ୍ରଣ ପଠାଇଥାଏ । ରଥଟଣା ପୂର୍ବରୁ ସମସ୍ତ ଗ୍ରାମ ମୁଖିଆଙ୍କୁ ଜିଲାପାଳ ଶିରୋପା ବାନ୍ଧି ସମ୍ମାନିତ କରିଥାନ୍ତି। ଏଠାକାର ରଥଯାତ୍ରାରେ ରାଜ୍ୟର ସବୁଠାରୁ ଅଧିକ ଆଦିବାସୀ ଭକ୍ତଙ୍କ ସମାଗମ ହୋଇଥାଏ। ଆଦିବାସୀମାନେ ନିଜ ବାଡିରୁ ଅମଳ ହୋଇଥିବା ଫଳ, ଫୁଲ ଧରି ରଥଯାତ୍ରାରେ ପହଞ୍ଚି ପ୍ରଥମେ ଶ୍ରୀଜୀଉଙ୍କୁ ସମର୍ପଣ କରିବା ପରେ ଅନ୍ୟ ଭୋଗ ଲାଗି ହୋଇଥାଏ। ସେହିପରି ବାହୁଡ଼ା ଦିନ ବଡ଼ଦାଣ୍ଡ ଅଧାବାଟରେ ଟାଉନ ଥାନା ପୋଲିସ ଅଧିକାରୀଙ୍କ ପୁରୁଣା ବାସଭବନଠାରେ ରଥ ରହିବା ପରେ ଶ୍ରୀଜୀଉଙ୍କୁ ଛେନାପୋଡ଼ ଓ ପଣା ଭୋଗ ଦିଆଯିବାର ଅନନ୍ୟ ପରମ୍ପରା ରହିଛି। ସବୁଥର ଶାବର ଶ୍ରକ୍ଷେତ୍ରରେ ଗୋଟିଏ ରଥ ତିଆରି କରାଯାଉଥିବାବେଳେ ସେଥିରେ ଚତୁର୍ଦ୍ଧା ମୂରତିଙ୍କୁ ବିଜେ କରାଯାଇ ରଥ ଟଣାଯାଏ। କିନ୍ତୁ ଚଳିତ ବର୍ଷ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରଥମର ଥର ପାଇଁ ୩ଟି ରଥ କରାଯାଇଛି। ଏଥର ସୁଭଦ୍ରାଙ୍କ ରଥ କେବଳ ମହିଳାମାନେ ଟାଣିବେ। ସେହି ରଥରେ ୨ ଜଣ ମହିଳା ଡାହୁକ ରହିବେ। ସେହିପରି ଜଗନ୍ନାଥଙ୍କ ରଥରେ ଆଦିବାସୀ ରଙ୍ଗବାଲି କୁମ୍ଭାର ଦାସୀ ନାୟକ ଛେରାପହଁରା କରିବାକୁ ଥିବାବେଳେ ବଳଭଦ୍ରଙ୍କ ରଥରେ ଜିଲାପାଳ ଓ ସୁଭଦ୍ରାଙ୍କ ରଥରେ ଏସ୍‌ପି ଛେରାପହଁରା କରିବେ ବୋଲି ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି ।

–ଅମିତାଭ ବେହେରା, କୋରାପୁଟ







## ମହାପ୍ରଭୁଙ୍କ ମାନବୀୟ ଲୀଳା...

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ଅନ୍ୟତମ । ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ଏହି ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ନିଜ ଜନ୍ମଭୂମିକୁ ଯାଇଥାନ୍ତି । ହେଲେ ସାଙ୍ଗରେ ପ୍ରାଣପ୍ରିୟା ମହାଲକ୍ଷ୍ମୀଙ୍କୁ ନେଇ ନ ଥାନ୍ତି । ଅଭିମାନିନୀ ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇଉଠନ୍ତି । ତେଣୁ ରଥଯାତ୍ରାର ପଞ୍ଚମ ଦିନରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି । ମା' ମହାଲକ୍ଷ୍ମୀଙ୍କର ଏହି ଯାତ୍ରାକୁ ହେରାପଞ୍ଚମୀ ଯାତ୍ରା କୁହାଯାଏ । ହେରାପଞ୍ଚମୀ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ ।

ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଏହିଦିନ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ । ଭଣ୍ଡାର ଘରେ ବିଜେ କରିଥିବା ଲକ୍ଷ୍ମୀ ଠାକୁରାଣୀଙ୍କୁ ମାଜଣା କରାଯାଏ । ମାଜଣା ବଢି ବନକଲାଗି ସରିବା ପରେ ମହାଲକ୍ଷ୍ମୀ ପାଟ ପିନ୍ଧି ଅଳଙ୍କାରରେ ବିଭୂଷିତ ହୁଅନ୍ତି । ଏହାପରେ ପନ୍ତି ଭୋଗ ହୋଇଥାଏ । ଭୋଗ ବଢିବା ପରେ ଲକ୍ଷ୍ମୀ ଠାକୁରାଣୀ ବଟବୃକ୍ଷ ମୂଳରେ ରଖାଯାଇଥିବା ବିମାନରେ ବିଜେ ହୁଅନ୍ତି । ଆଡମ୍ବର ସହକାରେ ବିମାନକୁ ସିଂହଦ୍ୱାର ଦେଇ ବଡ଼ଦାଣ୍ଡ ବାଟେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟକୁ ନିଆଯାଏ । ସେଠାରେ ପତିମହାପାତ୍ର ସେବକଙ୍କ ଦ୍ୱାରା ମା'ଙ୍କ ପାଖରେ ପ୍ରସାଦ ଲାଗି ବନ୍ଦାପନା ଓ ଚାମର ଆଲଟ ବିଧି ଅନୁଷ୍ଠିତ ହୋଇଥାଏ । ଏଥିସହ ଘଷା ବିଡ଼ିଆ ଓ ଦହିପଟି ମଣୋହି ହୋଇଥାଏ । ଏହି ସମୟ ମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ଦିଅଁମାନଙ୍କର ମଧ୍ୟାହ୍ନ ଧୂପ ବଢି ଶାଢି ଲାଗି ହୋଇ ଆଳତି ସରିଥାଏ । ଏହାପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ପଞ୍ଚାମୃତ ମହାସ୍ନାନ ବଢିବା ପରେ ତିନିବାଡ଼ରେ ସର୍ବାଙ୍ଗ ହୋଇ ବେଶ ବଢ଼େ । ମହାପ୍ରଭୁଙ୍କର ସନ୍ଧ୍ୟା ଧୂପ ପୂଜା ବସିଥିବା ସମୟରେ ମହାଲକ୍ଷ୍ମୀ ଠାକୁରାଣୀ ରଥପାର୍ଶ୍ୱରେ ନୀତି ସମାପନ କରି ଜଗମୋହନ ଜୟବିଜୟ ଦ୍ୱାର ନିକଟକୁ ଆସିଥାନ୍ତି । ମହାଲକ୍ଷ୍ମୀ ବିମାନରେ ଥାଇ ମହାପ୍ରଭୁଙ୍କୁ ଦର୍ଶନ କରୁଥିବା ସମୟରେ ପତିମହାପାତ୍ର ସେବକ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ମହାଲକ୍ଷ୍ମୀଙ୍କୁ ପ୍ରଦାନ କରିଥାନ୍ତି । ପୂଜା ବଢିବା ପରେ ମା'ଙ୍କ ବିମାନ ଜଗମୋହନରୁ ବାହାରି ନାକଚଣା ଦ୍ୱାର ପାଖରେ ରଖାଯାଏ । ସେଠାରେ ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ମଣୋହି ବଢ଼ାନ୍ତି । ଏସବୁ ନୀତି ବଢ଼ିବା ପରେ ମହାଲକ୍ଷ୍ମୀ ଠାକୁରାଣୀଙ୍କ ବିମାନକୁ ଶ୍ରୀଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଇ ରଥ କାଠ ଖଣ୍ଡିଏ ଭାଙ୍ଗି ଦିଆଯିବା ପରେ ହେରାଗୋହିରୀ ସାହି ବାଟଦେଇ ଶ୍ରୀମନ୍ଦିରକୁ ନିଆଯାଏ ।

ହେରାପଞ୍ଚମୀ ଯାତ୍ରା ସମ୍ବନ୍ଧରେ ଆଖ୍ୟାୟିକାଟିଏ ବି ରହିଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରେ ଗୁଣ୍ଡିଚା ମନ୍ଦିରକୁ ମହାଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ସେ ତାଙ୍କ ଦୁଃଖକୁ ଭଉଣୀ ଦେବୀ ବିମଳାଙ୍କୁ ଜଣାଇଛନ୍ତି । ଏହାଶୁଣି ଦେବୀ ବିମଳା କହିଲେ–ତୁମେ ମୋ କଥା ଶୁଣ । ଯଦି ସ୍ୱାମୀ କେବେ ବିବେକଶୂନ୍ୟ କର୍ମ କରନ୍ତି ତେବେ ତାଙ୍କ ପାଇଁ ଉଚ୍ଚାଟନ କର୍ମ କରିବା ସର୍ବତ୍ର ପ୍ରସିଦ୍ଧ ଓ ଏହା ମଧ୍ୟ ଯୁକ୍ତିଯୁକ୍ତ । ତେଣୁ ହେ ସୁରେଶ୍ୱରୀ ! ତୁମେ ତୁମ ସ୍ୱାମୀ ଥିବା ସ୍ଥାନକୁ ଗମନ କର । ମହାପ୍ରଭୁଙ୍କୁ ବାହୁଡେଇ ନେବା ପାଇଁ ମହାଲକ୍ଷ୍ମୀ ଠାକୁରାଣୀ ରଥଯାତ୍ରାର ପଞ୍ଚମ ଦିନରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୁପ୍ତରେ ଯାଇ ପ୍ରଭୁଙ୍କୁ ଦର୍ଶନ କରି ମୋହାଞ୍ଜନ ନିକ୍ଷେପ ପୂର୍ବକ ବଶୀଭୂତ କରିଥିବାରୁ ତା' ପରଦିନ ରଥକୁ ଦକ୍ଷିଣାଭିମୁଖୀ କରିବା ପାଇଁ ସ୍ୱୟଂ ମହାପ୍ରଭୁ ଆଦେଶ ଦିଅନ୍ତି ।

–ପ୍ରସ୍ତୁତି: ବୀରଭଦ୍ର ବିଶ୍ୱାଳ, ହେମନ୍ତ ନାୟକ, ପ୍ରଭାତ ପାଣିଗ୍ରାହୀ
–ଅଳଙ୍କରଣ: ନବକୃଷ୍ଣ ସାହୁ














ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନା କେନ୍ଦ୍ରର ୧୪ତମ ବାର୍ଷିକ ଉତ୍ସବ, ଫରେଷ୍ଟ ପାର୍କ ନିକଟ, ସକାଳ ୫ଟା ୩୦।
- ଶ୍ରୀ ଜଗନ୍ନାଥ ଅନ୍ନବ୍ରହ୍ମ ସେବା ସଂସ୍ଥାନ ଟ୍ରଷ୍ଟ ଓ ଶ୍ରୀ ରାଧାକୃଷ୍ଣ ପରମାର୍ଥ ସଂଘ ପକ୍ଷରୁ ରଥଯାତ୍ରା, ଜଗନ୍ନାଥ ମନ୍ଦିର, ରାଜୀବ ଭବନ ନିକଟ, ୟୁନିଟ-୫, ପୂର୍ବାହ୍ନ ୧୦ଟା ୩୦।
- ଲିଟିଲ ଷ୍ଟାର ଗ୍ରୁପର ୧୭ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା, ସି-୧୨୨, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ଓ ସେବା ସଂସ୍କୃତି ପରିଷଦ ପକ୍ଷରୁ ଘୋଷ ଯାତ୍ରା, ଭିଏସ୍‌ଏସ୍ ନଗର, ଡିଏଲ୍ କଲୋନୀ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**
- ଶ୍ରୀ ପତିତପାବନ ଦେବଙ୍କ ଶ୍ରୀ ଗୁଣ୍ଡିଚାଯାତ୍ରା, କାକରୁଦ୍ରପୁର, ପହଣ୍ଡି, ସକାଳ ୯ଟା, ରଥଟଣା, ଅପରାହ୍ନ ୩ଟା।
- ବାଲିଅନ୍ତାପାଟଣା, ଅଟଳା, ବେଣୁପୁର ଶ୍ରୀପତିତପାବନ ବାନା ଗୋସାଇଁ ମଠ, ଖୁଣ୍ଟିଆ ସାହି, ଜଗନ୍ନାଥ ଛକ, ଭିଙ୍ଗାରପୁର, ଅଣ୍ଡିଲୋ, ନହରକଣ୍ଟା, ବଇଁଚୁଆ ଓ କେନ୍ଦୁଲିରେ ରଥଯାତ୍ରା, ଅପରାହ୍ନ ୩ଟା।

**ବାଲକାଟୀ**
- ରଥଯାତ୍ରା ଉତ୍ସବ ପାଳନ, ନାଗପୁର, ଅପରାହ୍ନ ୨ଟା।

# ଶ୍ରୀଜୀଉଙ୍କ ଅପେକ୍ଷାରେ ରଥ, ଭକ୍ତ

ଭୁବନେଶ୍ୱର,୩।୭(ବ୍ୟୁରୋ)

ଭକ୍ତ ଓ ଭଗବାନଙ୍କୁ ଦୀର୍ଘ ବର୍ଷକର ପ୍ରତୀକ୍ଷା ପରେ ପୁଣିଥରେ ଏକାଠି କରିବାକୁ ପ୍ରସ୍ତୁତ ହୋଇଛି ମନ୍ଦିରମାଳିନୀ ନଗର ଭୁବନେଶ୍ୱର। ରଥଯାତ୍ରା ଲାଗି ଚଳଚଞ୍ଚଳ ହୋଇଉଠିଛି ସମଗ୍ର ଏକାମ୍ର କ୍ଷେତ୍ର। ରାଜଧାନୀରେ ଥିବା ପ୍ରମୁଖ ଜଗନ୍ନାଥ ମନ୍ଦିରଗୁଡିକରେ ପ୍ରସ୍ତୁତି ପର୍ବ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରଥଗୁଡିକୁ ମନ୍ଦିର ନିକଟକୁ ଅଣାଯିବା ସହ ଅନ୍ୟ ନୀତି ନିର୍ଘଣ୍ଟ ସ୍ଥିର ସରିଛି। ଗୁରୁବାର ପୂର୍ବାହ୍ନରେ ଠାକୁରଙ୍କ ପହଣ୍ଡି ବିଜେ ହେବା ପରେ ଛେରାପହଁରା ଏବଂ ଅପରାହ୍ନରେ ରଥଟଣା ଆରମ୍ଭ କରିବାକୁ ମନ୍ଦିର କମିଟିଗୁଡିକ ନିଷ୍ପତ୍ତି ନେଇଛନ୍ତି। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି ହୋଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସହରର ସମସ୍ତ ଛକ ବଜାରରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।



କିସ୍‌ଠାରେ ପ୍ରସ୍ତୁତ ହୋଇ ରହିଥିବା ରଥ।

### ଇସ୍କନ ମନ୍ଦିର

ରାଜଧାନୀର ପ୍ରସିଦ୍ଧ ରଥଯାତ୍ରା ଭାବେ ଇସ୍କନ ମନ୍ଦିର ରଥଯାତ୍ରାର ନାମ ରହି ଆସିଛି। ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିବାକୁ ଏଠାକୁ ପ୍ରତିବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ତେଣୁ ଏହାକୁ ଦୃଷ୍ଟିରେ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ଗୁରୁବାର ସକାଳ ସାଢ଼େ ୭ଟାରେ ରଥ ପ୍ରତିଷ୍ଠା ହେବ। ପରେ ୧୦ଟାରେ ଠାକୁର ପହଣ୍ଡି ବିଜେ କରି ରଥାରୂଢ଼ ହେବେ। ଦିନ ୨ଟାରେ ଛେରାପହଁରା ଅନୁଷ୍ଠିତ ହୋଇ ୩ଟାରୁ ରଥଟଣା ଆରମ୍ଭ ହେବ। ଇସ୍କନରୁ ରଥ ବାହାରି ସିଆର୍‌ପି ଛକ ଏବଂ ଡିଏଭି ସ୍କୁଲ୍ ଦେଇଯିବ। ସନ୍ଧ୍ୟା ପ୍ରାୟ ୬ଟାରେ ଶ୍ରୀଜୀଉମାନେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବେ ବୋଲି ଯୋଜନା ରହିଛି। ସନ୍ଧ୍ୟା ସାଢ଼େ ୬ଟାରେ ଆଳତୀ ପରେ ଭଜନ, କୀର୍ତ୍ତନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### କିସ୍ ଜଗନ୍ନାଥ ମନ୍ଦିର

ଗୁଣ୍ଡିଚା ଯାତ୍ରା ଲାଗି କିସ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପୁରୀ ରଥଯାତ୍ରା ତଥା ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ଏଠାରେ ସମାନ ରୀତିରେ ରଥଯାତ୍ରା ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରୁ ୧୦ଟା ମଧ୍ୟରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଆରମ୍ଭ ହେବା ସହ ରଥ ପ୍ରତିଷ୍ଠା ନୀତି ସମ୍ପାଦିତ ହେବ। ପରେ ଅପରାହ୍ନରେ ଛେରାପହଁରା ପରେ ୪ଟାରେ ରଥଟଣା ଆରମ୍ଭ ହେବ। ଶିଖରଚଣ୍ଡୀ ନିକଟସ୍ଥ ମାଉସୀ ମା' ମନ୍ଦିରକୁ ଶ୍ରୀଜୀଉ ଯାତ୍ରା କରିବେ। ରଥଯାତ୍ରା କିଭଳି ସୁରୁଖୁରୁରେ ଶେଷ ହେବ ତାହାକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ପ୍ରସ୍ତୁତ ଏକାମ୍ର କ୍ଷେତ୍ର**

### ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର

ଚନ୍ଦ୍ରଶେଖରପୁରସ୍ଥିତ ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ଓ ରଥଟଣା କେବଳ ମହିଳାମାନଙ୍କ ଦ୍ୱାରା ସମ୍ପାଦିତ ହେବ। ମଧ୍ୟାହ୍ନ ୧୨ଟାରୁ ଏଠାରେ ଶ୍ରୀଜୀଉ ପହଣ୍ଡି ବିଜେ ଆରମ୍ଭ କରିବେ। ପରେ ଆର୍‌ସିଏମ୍ ନିର୍ଦ୍ଦେଶକଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମ୍ପାଦିତ ହେବ। ଅପରାହ୍ନ ୩ଟାରୁ ଏଠାରେ ରଥ ଟଣା ଆରମ୍ଭ ହେବ। ଗଜପତି ନଗରସ୍ଥିତ ଦକ୍ଷିଣକାଳୀ ମନ୍ଦିରକୁ ଶ୍ରୀଜୀଉ ୯ ଦିନ ପାଇଁ ଯାତ୍ରା କରିବେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଗୁଣ୍ଡିଚା ଯାତ୍ରା ସମୟରେ ପାରମ୍ପରିକ ଓ ଲୋକନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଭକ୍ତଙ୍କ ପାଇଁ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ କରିବାକୁ ପରିଚାଳନା କମିଟି ସମସ୍ତ ପ୍ରସ୍ତୁତି ଶେଷ କରିଛି।

### ୟୁନିଟ-୮ ଜଗନ୍ନାଥ ମନ୍ଦିର

ଓୟୁଏଟି ୟୁନିଟ-୮ ଜଗନ୍ନାଥ ମନ୍ଦିର ରଥଯାତ୍ରା ଭୁବନେଶ୍ୱରର ଅନ୍ୟତମ ଏବଂ ପୁରାତନ ରଥଯାତ୍ରା। ଏଠାକାର ସୁଉଚ୍ଚ ରଥ ହଜାର ହଜାର ଭକ୍ତଙ୍କୁ ଆକର୍ଷିତ କରିଥାଏ। ଅପରାହ୍ନ ପ୍ରାୟ ୩ଟାରୁ ଏଠାରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ସୁଦ୍ଧା ସିରିପୁରସ୍ଥିତ ଜାଡେଶ୍ୱରୀ ମନ୍ଦିରରେ ପହଞ୍ଚିବ ବୋଲି ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏହାବ୍ୟତୀତ ବାଣୀବିହାର, ପୁରୁଣା ଭୁବନେଶ୍ୱର ଜମ୍ବେଶ୍ୱର ପାଟଣାସ୍ଥିତ ଜମ୍ବେଶ୍ୱର ମନ୍ଦିର, କୋଳଥିଆ ଶିବାନନ୍ଦ ବିହାରସ୍ଥିତ ଜଗନ୍ନାଥ ମନ୍ଦିର, ପଟିଆଗଡ଼, ରସୁଲଗଡ, ପାତ୍ରପଡା, ରେଣ୍ଟାଲ କଲୋନୀ, ଶୈଳଶ୍ରୀ ବିହାର, ବରମୁଣ୍ଡା, ଭିଏସ୍‌ଏସ୍ ନଗର, ଖଣ୍ଡଗିରି, ଶହୀଦନଗରରେ ରହିଥିବା ଜଗନ୍ନାଥ ମନ୍ଦିରଗୁଡିକରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ।

## ଓଡ଼ିଶା ଏମ୍‌ପି ଧାନ କୁଇଣ୍ଟାଲ ୨୯୩୦ ଟଙ୍କା ଦାବି କରନ୍ତୁ: ସମାଜବାଦୀ ପାର୍ଟି

ଭୁବନେଶ୍ୱର,୩।୭(ବ୍ୟୁରୋ)

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ କୁଇଣ୍ଟାଲ ପିଛା ୬୫ ଟଙ୍କା ବୃଦ୍ଧି କରିଛନ୍ତି। ଏହା ଚାଷୀଙ୍କ ଲାଗି ଧର୍ମକୁ ଆଖିଠାର ବୋଲି ସମାଜବାଦୀ ପାର୍ଟି କହିଛି। ଦଳର ରାଜ୍ୟ ସଭାପତି ରବି ବେହେରା ବୁଧବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ରବି ଧାନ ଉତ୍ପାଦନରେ ଚାଷୀକୁ କୁଇଣ୍ଟାଲ ପିଛା ୨୧ ଶହରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସେଥିପାଇଁ ୨ ବର୍ଷ ହେବ ଓଡ଼ିଶା ବିଧାନସଭା କୁଇଣ୍ଟାଲ ପିଛା ୨୯୩୦ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। କିନ୍ତୁ କେନ୍ଦ୍ର ସରକାର ମାତ୍ର ୬୫ ଟଙ୍କା ଧାନର ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ଏହା ଚାଷୀମାନଙ୍କ ପ୍ରତି ଏକ ଉପହାସ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସେ କହିଛନ୍ତି। ଏଥିସହ ସଂସଦରେ ଓଡ଼ିଶାର ଏମ୍‌ପିମାନେ ଧାନର ସହାୟକ ମୂଲ୍ୟ ୨୯୩୦କୁ ବୃଦ୍ଧି କରିବା ଦାବି ଉଠାନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଧାନ ଅଧିକ ହେଉଥିବା ରାଜ୍ୟ ଆନ୍ଧ୍ର, ତେଲେଙ୍ଗାନା, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ଏମ୍‌ପିମାନଙ୍କ ସହାୟତା ନେଇ ଏହି ଦାବି ଉଠାନ୍ତୁ ବୋଲି ସେ କହିଛନ୍ତି।

## ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ

**ଭୁବନେଶ୍ୱର,୩।୭(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଅଞ୍ଚଳର ରଞ୍ଜିତ ରାଉତ। ସୂଚନା ମୁତାବକ, ବୁଧବାର ଅପରାହ୍ନ ୩ଟାରେ ରଞ୍ଜିତ ଘରୁ ହଷ୍ଟେଲକୁ ଫେରିଥିଲେ। ହେଲେ କିଛି ଘଣ୍ଟା ପରେ ଛାତର ଲୁହା କଡ଼ାରେ ଗାମୁଛାରେ ତାଙ୍କ ନିସ୍ତେଜ ଶରୀର ଝୁଲୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ସହ ରହୁଥିବା ଅନ୍ୟ ଛାତ୍ରମାନେ ତଳକୁ ଓହ୍ଲାଇ ହସ୍ପିଟାଲ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ହେଲେ ରଞ୍ଜିତଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଅନ୍ୟଛାତ୍ରମାନେ ଘରେ ଥିବାବେଳେ ସେ କିପରି ଆତ୍ମହତ୍ୟା କଲେ। ତାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦେବାକୁ ଝୁଲାଇ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

## ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୩।୭(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ସିଆର୍‌ପି କ୍ୟାମ୍ପସରେ ଜଣେ ୧୦ ବର୍ଷ ବୟସର ନାବାଳକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏମ.ଭି.ଆର୍ ମୂର୍ତ୍ତିଙ୍କ ପୁତ୍ର ଏମ୍.ଏଲ୍. ମୁନ୍ନି। ସୂଚନା ମୁତାବକ, ଏମଭିଆର୍ ମୂର୍ତ୍ତି ଭୋପାଳରେ ଡ୍ୟୁଟିରେ ଥିବାବେଳେ ମୁନ୍ନି ମା'ଙ୍କ ସହ ଭୁବନେଶ୍ୱର ସିଆର୍‌ପିଏଫ କ୍ୟାମ୍ପସରେ ରୁହନ୍ତି। ବୁଧବାର ମଧ୍ୟାହ୍ନରେ ଘରର ଏକ କୋଠରିର ବାହାରପଟୁ କବାଟ ବନ୍ଦ ଥିବା ଦେଖିବାକୁ ମିଳିଥିଲା। କବାଟ ଭାଙ୍ଗାଯିବା ପରେ ମୁନ୍ନି ତଳେ ପଡ଼ିଥିବା ଓ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଖବର ପାଇ ପୋଲିସ ୮୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ନରାଜ,୩।୭(ବ୍ୟୁରୋ):** ବାରଙ୍ଗ ଜିଆର୍‌ପି ପୋଲିସ ବୁଧବାର ସନ୍ଧ୍ୟାରେ ବାରଙ୍ଗ-ନରାଜ ରେଳଧାରଣାରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତଦେହର ପରିଚୟ ମିଳିପାରି ନ ଥିବାବେଳେ ବୟସ ୩୫ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ ନିକଟରୁ କିଛି ମିଳି ନ ଥିବା ଜିଆର୍‌ପି ପୋଲିସ ଅଧିକାରୀ ରାମଚନ୍ଦ୍ର ହାତୀ କହିଛନ୍ତି। ଲୋକଟି ଗୋଟିଏ କଳାରଙ୍ଗର ପ୍ୟାଣ୍ଟ ଓ ଆକାଶୀ ରଙ୍ଗର ଶାର୍ଟ ସହିତ ଭିତରେ ଏକ ବାଇଗଣିଆ ହାପ ପ୍ୟାଣ୍ଟ ପିନ୍ଧିଛି। ତାଙ୍କର ବାମ ହାତ, ଡାହାଣ ଗୋଡ କଟିଯାଇଥିବା ବେଳେ ମୁଣ୍ଡଖପୁରିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚଳନ୍ତା ଟ୍ରେନରୁ ଖସିପଡି ଥିବା ଜିଆରପି ପୋଲିସ ଅନୁମାନ କରୁଛି। ପୋଲିସ ଏକ ୫୨/୧୯ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

## ରଥଯାତ୍ରାରେ ବନ୍ଦ ହେବନି ପିପିଲି ଟୋଲ୍ ଫି' ଆଦାୟ

ଭୁବନେଶ୍ୱର (ବ୍ୟୁରୋ)

**ଏନ୍‌ଏଚ୍‌ଏଆଇ ଶୁଣାଇଲା ନିଷ୍ପତ୍ତି**

ଗୁଣ୍ଡିଚା, ବାହୁଡ଼ା ଏବଂ ସୁନାବେଶରେ ପୂର୍ବଭଳି ପିପିଲି ଟୋଲ୍ ଗେଟ୍‌ରୁ ଫି' ଆଦାୟ କରାଯିବ। ଏନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ସ୍ପଷ୍ଟ କରିଛନ୍ତି। ଫଳରେ ଶ୍ରୀମନ୍ଦିର ପ୍ରଶାସନ ନେଇଥିବା ନିଷ୍ପତ୍ତିକୁ ଝଟ୍‌କା ଲାଗିଛି। ପ୍ରକାଶ ଯେ, ପବିତ୍ର ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ପୁରୀ ଅଭିମୁଖେ ଯାତ୍ରା କରିବେ। ଭକ୍ତଙ୍କ ସୁବିଧାକୁ ଲକ୍ଷ୍ୟରେ ରଖି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଗୁଣ୍ଡିଚା, ବାହୁଡ଼ା ଏବଂ ସୁନାବେଶ ଦିନ ପିପିଲି ନିକଟସ୍ଥ ଟୋଲ୍ ଗେଟ୍‌ରେ ଫି' ଆଦାୟ କରାଯିବ ନାହିଁ ବୋଲି ଘୋଷଣା କରାଯାଇଥିଲା। ଏନେଇ ଏନ୍‌ଏଚ୍‌ଏଆଇକୁ ଅବଗତ କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗତ ୨୮ ତାରିଖରେ ସୂଚନା ଦେଇଥିଲେ। ମାତ୍ର ଶ୍ରୀମନ୍ଦିର ପ୍ରଶାସକଙ୍କ ଏଭଳି ନିଷ୍ପତ୍ତିକୁ ଜାତୀୟ ରାଜପଥ ଗ୍ରହଣ କରି ନାହାନ୍ତି। ଟୋଲ୍ ଗେଟ୍‌ରୁ ଫି' ଆଦାୟ ଏକ ଘରୋଇ ସଂସ୍ଥା ହାତକୁ ନେଇଛି। ଗାଡ଼ିମୋଟର ଯାତାୟତ ଅନୁଯାୟୀ ଉକ୍ତ ସଂସ୍ଥା ଏନ୍‌ଏଚ୍‌ଏଆଇ ନିକଟରେ ଅର୍ଥ ପୈଠ କରିଥାଏ। ଯଦି ୩ ଦିନ ଧରି ଶୁଳ୍କ ଆଦାୟ ବନ୍ଦ ହୁଏ ତେବେ ଏନ୍‌ଏଚଏଆଇକୁ ବହୁ କ୍ଷତି ସହିବାକୁ ପଡ଼ିବ। ଏପରିକି ଶ୍ରୀମନ୍ଦିର ପ୍ରଶାସନ ଟୋଲ୍ ଫି' ଛାଡ଼ ନିଷ୍ପତ୍ତି ନେବା ପୂର୍ବରୁ ଏନ୍‌ଏଚ୍‌ଏଆଇର କୌଣସି ପରାମର୍ଶ ଲୋଡ଼ି ନ ଥିଲା। ତେଣୁ ଉପରୋକ୍ତ ୩ଦିନ ସ୍ୱାଭାବିକ ଭାବେ ପିପିଲି ଟୋଲ୍ ଗେଟ୍‌ରୁ ଫି' ଆଦାୟ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଛି।



ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ବୁଧବାର 'ନାଟ୍ୟଧାରା' ପକ୍ଷରୁ ପରିବେଷିତ ଏକ ନାଟକର ଦୃଶ୍ୟ।

## ଦରମା ନ ମିଳିବାରୁ ବିଏସ୍‌ଏନ୍‌ଏଲ୍ କର୍ମଚାରୀଙ୍କ ଧାରଣା

ଭୁବନେଶ୍ୱର,୩।୭(ବ୍ୟୁରୋ)

**୧୪ ଯାଏ ସମୟ ଦେଲା କର୍ମଚାରୀ ସଂଘ**

ତଳିଆ କର୍ମଚାରୀଙ୍କୁ ଦରମା ଦେଉନି ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ)। ଏନେଇ ବିଏସ୍‌ଏନ୍‌ଏଲ କର୍ମଚାରୀ ସଂଘ ଗତ ତିନିଦିନ ଧରି କାର୍ଯ୍ୟାଳୟ ସମ୍ମୁଖ ଧାରଣା ଦେଇଛି। ମୁଖ୍ୟ କର୍ପୋରେଟ ଅଫିସ୍ ଦିଲ୍ଲୀରୁ ଦରମା ଆସୁନାହିଁ ବୋଲି ଉଚ୍ଚ ଅଧିକାରୀ କହିବା ପରେ ବୁଧବାର ଧାରଣାରତ କର୍ମଚାରୀମାନେ କାର୍ଯ୍ୟାଳୟର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା ପରେ ଗତ ତିନିଦିନ ଧରି ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଆନ୍ଦୋଳନରତ କର୍ମଚାରୀଙ୍କ କହିବାନୁଯାୟୀ, ଜିଓ ସିମ୍ ବଜାରକୁ ଆସିବା ପରେ ବିଏସ୍‌ଏନ୍‌ଏଲର ବ୍ୟବସାୟ ପୂର୍ବପରି ହେଉନାହିଁ। ଫଳରେ ନିୟମିତ ଭାବେ କିଛିଦିନ ହେବ ସେମାନଙ୍କ ଦରମା ମାସକୁ ମାସ ଆସିପାରୁ ନ ଥିଲା। ଏପରିକି ଗତ ୬ମାସ ହେବ ତଳିଆ କର୍ମଚାରୀଙ୍କ ଦରମା ସମ୍ପୂର୍ଣ୍ଣ ଆସିନାହିଁ। କିନ୍ତୁ କାର୍ଯ୍ୟରତ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ସେମାନଙ୍କ ମୋଟା ଅଙ୍କର ଦରମା ମିଳୁଛି। ସେଥିପାଇଁ ଛୋଟ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଗତ ୧ତାରିଖ ଠାରୁ ସେମାନେ ଧାରଣାରେ ବସି ରହିଥିଲେ। ଉଚ୍ଚପଦସ୍ଥ କର୍ମଚାରୀମାନେ ସବୁ ଦେଖି ନ ଦେଖିବା ପରି ବ୍ୟବହାର କରିବା ଫଳରେ ବୁଧବାର ସେମାନଙ୍କୁ ଗେଟ ଭିତରକୁ ଛଡାଯାଇ ନଥିଲା। ବାହାର ପଟୁ ତାଲା ପକାଯାଇ ଦାବିପୂରଣ କରିବାକୁ କୁହାଯାଇଥିଲା। ପରେ ସେମାନେ ଆଲୋଚନା କରିବା ପରେ ଆସନ୍ତା ୧୪ ତାରିଖ ଯାଏଁ ସମୟ ମାଗିଛନ୍ତି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହୁଏ, ତେବେ ବିଏସ୍‌ଏନ୍‌ଏଲର ସବୁ ସିଜିଏମ୍ ଅଫିସ୍ ସମ୍ମୁଖରେ ୧୫ରୁ କର୍ମଚାରୀମାନେ ଧାରଣାରେ ବସି ରହିବେ ବୋଲି କର୍ମଚାରୀ ସଂଘ ପକ୍ଷରୁ ପ୍ରକାଶ ପାଇଛି।



## ଭିକ୍ଷା ମାଗିଲେ ମହିଳା ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର,୩।୭(ବ୍ୟୁରୋ)

**ଦାବି ପୂରଣ ନ ହେଲେ ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମାହୁତି**

ରାଜରାସ୍ତାରେ ଭିକ୍ଷା ମାଗିଲେ ଓଡ଼ିଶାର ମହିଳା ସ୍ୱାସ୍ଥ୍ୟକର୍ମୀ। ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ଶତାଧିକ ମହିଳା ସ୍ୱାସ୍ଥ୍ୟକର୍ମୀ ୧ ଦଫା ଦାବି ନେଇ ବୁଧବାର ରାଜଧାନୀ ରାଜରାସ୍ତାରେ ଭିକ୍ଷା ମାଗୁଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ପାଇଁ ପ୍ରତିବାଦ ସ୍ୱରୂପ ରାସ୍ତାରେ ଯାଉଥିବା ଅଟୋ, କାର୍, ବାଇକ୍ ଚାଳକ ଓ ପଥଚାରୀମାନଙ୍କଠାରୁ ଭିକ୍ଷା ମାଗିଥିଲେ। ଦାବି ପୂରଣ ନ ହେଲେ ଗୁରୁବାର ନବୀନ ନିବାସ ସମ୍ମୁଖରେ ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସମସ୍ତ ସଭ୍ୟା ସମୂହ ଆତ୍ମାହୁତି ଦେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ରାଜ୍ୟ ସରକାର ରାଜନୀତିରେ ମହିଳାଙ୍କ ପାଇଁ ସଂରକ୍ଷଣ କରି ଚର୍ଚ୍ଚାରେ ରହିଛନ୍ତି। ହେଲେ ଏହାର ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ବୋଲି ଅଭିଯୋଗ କରିଛି ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ। ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ଏକ ସମ୍ପୂର୍ଣ୍ଣ ମହିଳା ସଙ୍ଗଠନ। ୨୦୦୬ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୧୩ ବର୍ଷ ହେବ ୧୭ ହଜାରରୁ ଅଧିକ ମହିଳା ସ୍ୱାସ୍ଥ୍ୟକର୍ମୀ ନିଜର ଅଧ୍ୟୟନ ଶେଷ କରି ବିନା ଚାକିରିରେ ବସିଛନ୍ତି। ବିଭିନ୍ନ ସରକାରୀ ଓ ବେସରକାରୀ ତାଲିମ କେନ୍ଦ୍ରରୁ ଏମାନେ ତାଲିମ ଗ୍ରହଣ କରିଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଜଣେ ତାଲିମପ୍ରାପ୍ତଙ୍କୁ ସରକାରୀସ୍ତରରେ ନିଯୁକ୍ତି ମିଳିନି। ଏପରିକି ରାଜ୍ୟ ସରକାରଙ୍କ ଅଧୀନରେ ବହୁ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଏମାନଙ୍କୁ ନିଯୁକ୍ତି ଦିଆଯାଉନାହିଁ। ସମସ୍ତ ସ୍ୱାସ୍ଥ୍ୟକର୍ମୀ ମହିଳା ହୋଇଥିଲେ ମଧ୍ୟ ସରକାର ସେମାନଙ୍କୁ ଆତ୍ମନିଯୁକ୍ତି ଦେବାକୁ ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ଶୁଣୁ ନ ଥିବା କହିଛନ୍ତି ସଂଘ ସଭାପତି ପାର୍ଥସାରଥି ଜେନା। ବାରମ୍ବାର ରାଲି, ଧାରଣା ସତ୍ତ୍ୱେ ମଧ୍ୟ ସରକାର କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ହୋଇ ବସି ପଡୁଛନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ସଂଘର କର୍ମକର୍ତ୍ତାମାନେ ଆଲୋଚନା କରିଥିବା ବେଳେ ୧୭ ହଜାର ମହିଳାଙ୍କୁ ଏକକାଳୀନ ଆତ୍ମନିଯୁକ୍ତି ଦେବା ସରକାରଙ୍କ ପକ୍ଷେ ଅସମ୍ଭବ ବୋଲି ସେ କହିଥିଲେ। ତେବେ ଯଦି ପ୍ରତିବର୍ଷ ଖାଲିଥିବା ପଦବୀରେ ନିଯୁକ୍ତି ଦିଆଯାଉଥାନ୍ତା ତାହା ହେଲେ ଆଜି ଏଭଳି ଅବସ୍ଥା ହୋଇ ନ ଥାନ୍ତା ବୋଲି ସଂଘ ପକ୍ଷରୁ କୁହାଯାଇଥିଲା।

## ଛାତ୍ର, ସିକ୍ୟୁରିଟି ଗାର୍ଡଙ୍କୁ ମାଡ଼

ଭୁବନେଶ୍ୱର,୩।୭(ବ୍ୟୁରୋ)

**ବାଣୀବିହାରରେ ଅଣଛାତ୍ରଙ୍କ ଦୌରାତ୍ମ୍ୟ**

ଉତ୍କଳ ବିଶ୍ୱବିଦ୍ୟାଳୟ ସାରା ଓଡ଼ିଶାର ଶିକ୍ଷାର ସ୍ତମ୍ଭ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରଥିବାବେଳେ କ୍ୟାମ୍ପସର ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ହଷ୍ଟେଲରୁ ମୋବାଇଲ ଲୁଟଠାରୁ ଆରମ୍ଭ କରି କ୍ୟାମ୍ପସରେ ନିଶାଡିଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ମଙ୍ଗଳବାର ରାତିରେ ୬ନମ୍ବର ଛାତ୍ରାବାସ ବାହାରେ ଜଣେ ଛାତ୍ରଙ୍କୁ କେତେକ ଅଣଛାତ୍ର ମାଡ ମାରିବାବେଳେ ଜଣେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଅଟକାଇବାରୁ ତାଙ୍କୁ ମଧ୍ୟ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଘଟଣାସ୍ଥଳରେ ଅନ୍ୟ ଛାତ୍ର ଏବଂ ସିକ୍ୟୁରିଟି ଗାର୍ଡ ପହଞ୍ଚିବାରୁ ସେମାନେ ଗୋଟିଏ ବାଇକ ଛାଡି ଫେରାର ହୋଇଯାଇଛନ୍ତି। ଏନେଇ ସିକ୍ୟୁରିଟି ଗାର୍ଡ ବୁଧବାର ଶହୀଦ ନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟରାତ୍ର ପ୍ରାୟ ୨ଟାରେ ୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ୬ନଂ ଛାତ୍ରାବାସକୁ ଆସି ସେଠାରେ ରହୁଥିବା ଜଣେ ଛାତ୍ରଙ୍କୁ କୌଣସି କାରଣରୁ ଗାଳିଗୁଲଜ କରିଥିଲେ। ଏହାଦେଖି କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ହୃଦାନନ୍ଦ ନାୟକ ସେମାନଙ୍କୁ ଅଟକାଇଥିଲେ। ଉକ୍ତ ୨ଯୁବକ ସେଠାରୁ ଫେରିଯାଇ କିଛି ସମୟ ପରେ ୩ଟି ବାଇକରେ ୭ଜଣ ଯୁବକ ମାରଣାସ୍ତ୍ର ଧରି ଆସି ହଷ୍ଟେଲ ସମ୍ମୁଖରେ ହୋହାଲ୍ଲା କରିଥିଲେ। ପରେ ଭିତରକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ସେଠାରେ ଥିବା ଜଣେ ଛାତ୍ର ମନା କରିବାରୁ ତାଙ୍କୁ ମାଡମାରି ମୁଣ୍ଡ ଫଟାଇ ଦେଇଥିଲେ। ଫଳରେ ପୁଣି ସିକ୍ୟୁରିଟି ଗାର୍ଡ ହୃଦାନନ୍ଦ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡମାରି ହାତ ଭାଙ୍ଗି ଦେଇଥିଲେ। ହୋହାଲ୍ଲା ଶୁଣି ପାଖ ହଷ୍ଟେଲରେ କାର୍ଯ୍ୟରତ ଅନ୍ୟ ସିକ୍ୟୁରିଟି ଗାର୍ଡ ଏବଂ ଛାତ୍ରମାନେ ସେଠାରେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ପରେ ଆହତ ସିକ୍ୟୁରିଟି ଗାର୍ଡ ଓ ଛାତ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ସୂଚନା ମିଳିଛି।

■ ଓଲାର ନିଜସ୍ୱ କାର ଚାଳକଙ୍କ ଗୁଣ୍ଡାରାଜ

# ଆନ୍ଦୋଳନରେ ସାମିଲ ନ ହେବାରୁ ଆକ୍ରମଣ

ଭୁବନେଶ୍ୱର,୩।୭(ବ୍ୟୁରୋ)



- ମହିଳା ଯାତ୍ରୀ ଗାଡ଼ିରେ ବସିଥିବା ବେଳେ କାଚ ଭାଙ୍ଗିଲେ
- କାର୍ଯ୍ୟାଳୟ ଭାଙ୍ଗିଲେ
- ଥାନାରେ ୧୫ ଅଟକ

ଓଲା ଟ୍ୟାକ୍ସି ଚଲାଉଥିବା କେତେଜଣ ଡ୍ରାଇଭରଙ୍କ ଗୁଣ୍ଡାରାଜ ଚରମସୀମାରେ ପହଞ୍ଚିଛି। ବିଭିନ୍ନ ଦାବି ନେଇ ୬ ଦିନ ଧରି 'ଓଲା'ର ନିଜସ୍ୱ କାର ଚାଳକମାନେ ଧାରଣାରେ ବସିଛନ୍ତି। ତେବେ ଜଣେ ଚାଳକ ଓଲା କର୍ତ୍ତୃପକ୍ଷଙ୍କୁ ସମର୍ଥନ ନ କରିବା ତାଙ୍କୁ ମହଙ୍ଗା ପଡିଛି। ବୁଧବାର ଅପରାହ୍ନ ୪ଟା ବେଳେ ଶହୀଦନଗର ଓଲା କାର୍ଯ୍ୟାଳୟ ସମ୍ମୁଖରେ କେତେଜଣ କର୍ମଚାରୀ ତାଙ୍କୁ ମାଡ଼ ମାରି ରାସ୍ତାରେ ଆଣ୍ଟେଇବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହି ସମୟରେ ଗାଡ଼ିରେ ଦୁଇଜଣ ମହିଳା ଯାତ୍ରୀ ଥିଲେ। ଚାଳକ ଜଣକ ହେଲେ କଟକ ବିଡାନାସୀ ଅଞ୍ଚଳର ଅଜୟ କୁମାର ସାସମଲ। ଅଜୟ ଯାତ୍ରୀ ନେଇ ଶହୀଦନଗରରୁ କଟକ ଯାଉଥିବା ବେଳେ ଉକ୍ତ ସ୍ଥାନରେ ତାଙ୍କୁ ଆକ୍ରମଣ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଜୟଙ୍କୁ ଉଦ୍ଧାର କରି କାର ସହ ଥାନାକୁ ପଠାଇଥିଲା। ପରେ ଓଲା ଅଫିସ ପରିସରରେ ପୋଲିସ ଉପସ୍ଥିତିରେ କେତେଜଣ ଡ୍ରାଇଭର ଚେୟାର, ଟେବୁଲ, କମ୍ପ୍ୟୁଟର ଏବଂ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏ ନେଇ ଓଲା କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

ପୋଲିସ ସୂଚନା ମୁତାବକ, ଓଲାର ନିଜସ୍ୱ ଗାଡି ଚଳାଉଥିବା ଡ୍ରାଇଭର ଆସୋସିଏଶନ ଦାବି ପୂରଣ ନେଇ ୬ଦିନ ଧରି ଧାରଣାରେ ବସିବା ସହ ଗାଡି ଚାଳନା ବନ୍ଦ କରିଛନ୍ତି। ଓଲା କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, ଡ୍ରାଇଭରମାନେ ଛୁଟି ପାଇଁ ଯେଉଁ ଦାବି କରୁଛନ୍ତି ତାହା କମ୍ପାନୀ ନିୟମ ବିରୋଧୀ, ଗାଡି ଚଳାଇବା ସମୟରେ ସେମାନେ ଏ ନେଇ ଚୁକ୍ତି କରିଥିଲେ। ପରେ ସେମାନଙ୍କୁ ଗାଡି ଚାଳନା ପାଇଁ ଦିଆଯାଇଛି। ଏ ନେଇ ବୁଧବାର ସନ୍ଧ୍ୟାରେ ଥାନାରେ ଘଟଣାର ବୁଝାମଣା ପାଇଁ ଡକାଯାଇଥିବା ବେଳେ ଏପରି କାଣ୍ଡ ଭିଆଇଛନ୍ତି। ବୁଧବାର ଅଜୟ ଶହୀଦନଗରରୁ ଦୁଇ ମହିଳା ଯାତ୍ରୀ ସାଙ୍ଗରେ ଧରି କଟକ ଫେରୁଥିଲେ। ଓଲା ଅଫିସ ନିକଟରେ ଆନ୍ଦୋଳନରତ ଡ୍ରାଇଭରମାନେ ତାଙ୍କୁ ଦେଖି ଘେରି ଯାଇଥିଲେ। କାର ଭିତରେ ଦୁଇ ମହିଳା ବସିଥିବା ବେଳେ ଅଜୟଙ୍କୁ ମାଡ ମାରି ଆଣ୍ଟେଇ ଦେବା ସହ ତାଙ୍କ କାର କାଚ ଭାଙ୍ଗି ଦେଇଥିଲେ। ଉଭୟ ମହିଳା ଡ଼ରି ଚାଲି ଯାଇଥିଲେ। ଖବରପାଇ ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ପତି ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ଥାନାକୁ ପଠାଇବା ସହ ଉତ୍ତ୍ୟକ୍ତ ଚାଳକଙ୍କୁ ବୁଝାଶୁଝା କରିଥିଲେ। ଅପରପକ୍ଷରେ ଅଜୟ କହିଛନ୍ତି, ପ୍ରତିଦିନ ଓଲାଠାରୁ ଗାଡି ଲିଜ୍‌ରେ ଆଣିଥିବାରୁ ୮୮୦ ଟଙ୍କା ଦେବାକୁ ପଡୁଛି। ଏଥିସହ ଅଫିସ ପକ୍ଷରୁ କୌଣସି ସମର୍ଥନ ନ କରି ଗାଡି ଚାଳନା କରିବାକୁ କୁହାଯାଉଛି। ତେଣୁ ସେ ଗାଡି ନେଇ ଆସିଥିଲେ। ଏ ନେଇ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ପୋଲିସ ନଂ. ୨୯୩/୧୯ରେ ମାମଲା ରୁଜୁ କରାଯିବା ସହ ୧୫ ଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କୁ ପଚରାଉଚରା ପରେ ଯେଉଁମାନଙ୍କ ଗଣ୍ଡଗୋଳରେ ସମ୍ପୃକ୍ତି ରହିଛି ସେମାନଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପତି କହିଛନ୍ତି।




ଅନୁଚିତ ଲାଭ ଆଶା ରଖି ଏଚ୍-୧ବି ଭିଜା ଜାଲିଆତି କରିବା ଅଭିଯୋଗରେ ଦୁଇଟି ଆଇଟି କମ୍ପାନୀର ୪ ଭାରତୀୟ-ଆମେରିକୀୟ କାର୍ଯ୍ୟନିର୍ବାହୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନ୍ୟୁ ଜର୍ସିରୁ ବିଜୟ ମାନେ (୩୯), ଭେଙ୍କଟରମଣ ମାନାମ୍(୪୭), ଫର୍ନାଣ୍ଡୋ ସିଲ୍ଭା(୫୩) ଏବଂ କାଲିଫର୍ନିଆରୁ ସତୀଶ ଭେମୁରି(୫୨)।

## ସଂକ୍ଷେପରେ

ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା

### ସତ୍ୟପାଠରେ ତଥ୍ୟ ଲୁଚାଇଛନ୍ତି

**କଟକ ଅଫିସ, ୩।୭:** ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଗତ ସାଧାରଣ ନିର୍ବାଚନ ସମୟରେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମନ୍ତରାୟ ପିଟିଶନରେ ଦର୍ଶାଇଛନ୍ତି, ମୋକିମଙ୍କ ବିରୋଧରେ ଯେଉଁସବୁ ଫୌଜଦାରି ମାମଲା ରହିଛି ସେ ସବୁକୁ ସତ୍ୟପାଠରେ ଦର୍ଶାଇନାହାନ୍ତି। ଏପରି କି ସେ ତାଙ୍କର ସମ୍ପୂର୍ଣ୍ଣ ସମ୍ପତ୍ତି ତାଲିକା ମଧ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ତେଣୁ ମୋକିମଙ୍କ ସତ୍ୟପାଠ ଅର୍ଦ୍ଧସତ୍ୟ ଉପରେ ପର୍ଯ୍ୟବସିତ। ନିର୍ବାଚନ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଯୋଗୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବା ସହିତ ବାରବାଟୀ-କଟକରେ ସାନି ନିର୍ବାଚନ କରିବାକୁ ସାମନ୍ତରାୟ ପିଟିଶନରେ ନିବେଦନ କରିଛନ୍ତି। ମାମଲାରେ ସେ ରାଜ୍ୟ ଓ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମୋକିମ କୁହନ୍ତି, ଗଣମାଧ୍ୟମରୁ ମୁଁ ଏହି କଥା ଶୁଣିବାକୁ ପାଉଛି। କୋର୍ଟ ପକ୍ଷରୁ ମୋତେ ଏ ସମ୍ପର୍କରେ କୌଣସି ନୋଟିସ କରାଯାଇନାହିଁ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଚନ୍ଦ୍ର ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ଯୋଡ଼ା ଶିଶୁଙ୍କ ଚିକିତ୍ସା ଜାରି

### ଏସ୍‌ସିବିରେ ହେଲା ସିଟି ସ୍କାନ

**କଟକ ଅଫିସ, ୩।୭:** ଢେଙ୍କାନାଳ ଯୋଡାଶିଶୁଙ୍କ ଚିକିତ୍ସା ଶିଶୁଭବନରେ ଜାରି ରହିଛି। ବୁଧବାର ଏସ୍‌ସିବି ମେଡିକାଲରେ ଏହି ଯୋଡା ଶିଶୁଙ୍କ ଇକୋ କାର୍ଡିଓଗ୍ରାଫି ଓ ସିଟି ସ୍କାନ କରାଯାଇଛି। ସିଟି ସ୍କାନ ରିପୋର୍ଟରୁ



ଉଭୟଙ୍କ ଛାତିରେ ଅନେକ ସମସ୍ୟା ରହିଥିବା ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କହିଛନ୍ତି। ଏହାପରେ ଶିଶୁ ଦ୍ୱୟଙ୍କ ଚିକିତ୍ସା ପାଇଁ ଗଠିତ ୭ ଜଣିଆ ଡାକ୍ତରୀ ଦଳର ବୈଠକ ବସିବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ଚିକିତ୍ସା କରାଯିବ ବୋଲି ଡା. ଶତପଥୀ କହିଛନ୍ତି।

### ଜେଡ୍ ଇନ୍‌ଫ୍ରା ନିର୍ଦ୍ଦେଶକଙ୍କୁ ହାଇକୋର୍ଟରୁ ଜାମିନ

**କଟକ ଅଫିସ, ୩।୭:** ନିର୍ମାଣକାରୀ ସଂସ୍ଥା ଜେଡ୍ ଇନ୍‌ଫ୍ରା କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ରଶ୍ମିତା ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଲୋକଙ୍କଠାରୁ ଠକି ନେଇଥିବା ୧୯ ଲକ୍ଷ ଟଙ୍କାରୁ ପାତ୍ର ୧୦ ଲକ୍ଷ ଟଙ୍କା କୋର୍ଟରେ ଜମା କରିଛନ୍ତି। ବାକି ୯ ଲକ୍ଷ ୩ଟି କିସ୍ତିରେ କୋର୍ଟରେ ଜମା ଦେବାକୁ ସର୍ତ୍ତ ରହିଛି। ମାମଲାର ବିଚାର ପରେ ଯଦି ମାମଲା ପାତ୍ରଙ୍କ ସପକ୍ଷରେ ଯାଏ ତେବେ ଉକ୍ତ ୧୯ ଲକ୍ଷର ସୁଧ ମୂଳ ସହିତ ସେ ଫେରି ପାଇବେ, ଅନ୍ୟଥା ଉକ୍ତ ଟଙ୍କା ବାଜ୍ୟାପ୍ତ ହେବ ବୋଲି ବିଚାରପତି ରାୟରେ କହିଛନ୍ତି। ସୂଚନାଥାଉ କି, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଲୋକଙ୍କୁ ଜମି ଯୋଗାଇଦେବା ନାଁରେ ଜେଡ୍ ଇନ୍‌ଫ୍ରା ଟଙ୍କା ଆଦାୟ କରିଥିଲା। ପାଖାପାଖି ୩୦୦ ଲୋକ ପ୍ଲଟ ପାଇବା ନାଁରେ ଠକେଇର ଶିକାର ହୋଇଥିଲେ। ଏ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ନିକଟରେ ଅଭିଯୋଗ ହେବା ପରେ ରଶ୍ମିତାଙ୍କୁ ଗତ ଜାନୁୟାରୀ ୨୮ ତାରିଖରେ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା। ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ଏସ୍‌ସିବିରେ ରୋଗୀଙ୍କୁ ଦିଆଗଲାନି

# ୪୨ ପ୍ରକାର ଔଷଧ ହେବ ଏକ୍ସପାଏରି

**କଟକ ଅଫିସ, ୩।୭**

- ଗଞ୍ଜାମ ଗଲା ୩ ପ୍ରକାର ଔଷଧ
- ଏସ୍‌ସିବି ଅଧୀକ୍ଷକଙ୍କୁ ୱେର ହାଉସର ଚିଠି

ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକ୍ସପାଏରି ଔଷଧ ଦିଆଯିବାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଗତ ୩ ଦିନ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ୨ ଜଣ ରୋଗୀଙ୍କୁ ଏକ୍ସପାଏରି ମେଡିସିନ ଦିଆଯାଇଥିବା ଘଟଣା ନଜରକୁ ଆସିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଘଟଣା ସମ୍ପର୍କରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଛନ୍ତି। ଭିଟାମିନ ଏ, ଡି ଓ ଭିଟାମିନ ବି କମ୍ପ୍ଲେକ୍ସ ସିରପ ଏବଂ ବଟିକାର ଅବଧି ଶେଷ ହୋଇଯାଇଥିବା ଯୋଗୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏଭଳି ପରିସ୍ଥିତି ଉପୁଜିଛି। ତେଣୁ ଏସ୍‌ସିବି ମେଡିକାଲରେ ଏହି ମେଡିସିନର ଷ୍ଟକ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ଅଧୀକ୍ଷକଙ୍କଠାରୁ ସବିଶେଷ ତଥ୍ୟ ଲୋଡିଛନ୍ତି।

ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଏସ୍‌ସିବିରେ ମହଜୁଦ ଥିବା ଭିଟାମିନ ବି କମ୍ପ୍ଲେକ୍ସ ସିରପର ଅବଧି ଅଗଷ୍ଟ ମାସ ପର୍ଯ୍ୟନ୍ତ ରହିଛି। ତେଣୁ ଆହୁରି ହାତରେ ଗୋଟିଏ ମାସ ରହୁଥିବାରୁ ରୋଗୀଙ୍କୁ ଏହି ମେଡିସିନ ଦେବାରେ କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ ଏକ୍ସପାଏରି ମେଡିସିନକୁ ନେଇ ଖୋଳତାଡ଼ ହେବା ପରେ ଆଉ ଏକ ବଡ଼ ଘଟଣା ନଜରକୁ ଆସିଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ମେଡିସିନ ମଧ୍ୟରୁ ୪୨ ପ୍ରକାର ଔଷଧର ଅବଧି ଆସନ୍ତା ଫେବୃୟାରୀ ମଧ୍ୟରେ ଶେଷ ହେବାକୁ ଯାଉଛି। ସେଥିମଧ୍ୟରୁ କେତେକ ଔଷଧର ଅବଧି ଜୁଲାଇ ଓ ଅଗଷ୍ଟ ରହିଥିବା ୱେର ହାଉସ ପକ୍ଷରୁ ବୁଧବାର ଏସ୍‌ସିବି ଅଧୀକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଉଦାହରଣ ଭାବେ ପଲିପ୍ରୋପିଲେନ ମେଡିସିନର ଅବଧି ଜୁଲାଇ ୩୧ରେ ସରୁଥିବା ବେଳେ ୬୧୬ଟି ଏହି ଔଷଧ ମେଡିକାଲରେ ମହଜୁଦ ଥିବା ୱେର ହାଉସ ପକ୍ଷରୁ କୁହାଯାଇଛି। ସେହିପରି କୋଟ୍ରିମୋଜୋଲ ମାଉଥ୍ ପେଣ୍ଟ, ବୁଡେ ସୋନାଇଡ ଇନହେଲର ଓ ଭିଟାମିନ-ଏ ୫୦ହଜାର କ୍ୟାପସୁଲ ଏସ୍‌ସିବି ମେଡିକାଲରେ କାର୍ଯ୍ୟରେ ନ ଲାଗିବାରୁ ତାହାକୁ ଗଞ୍ଜାମ ଜିଲାକୁ ପଠାଯାଇଥିବା ୱେର ହାଉସ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଏହାବାଦ ଅବଧି ଶେଷ ହେବାକୁ ଯାଉଥିବା ମେଡିସିନଗୁଡ଼ିକ ଏସ୍‌ସିବି ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଉଦାହରଣ ଭାବେ ସେଫ୍ଟ୍ରିଆଜୋନ ଇଞ୍ଜେକ୍ସନ ଆସନ୍ତା ସେପ୍ଟେମ୍ବରରେ ଏକ୍ସପାଏରି ହେବାକୁ ଥିବାବେଳେ ୪୧୬୦ଟି ଇଞ୍ଜେକ୍ସନ ଓୟାର ହାଉସରେ ମହଜୁଦ ରହିଛି। ସେହିପରି ସେଫେପାଇମ ଇଞ୍ଜେକ୍ସନର ଅବଧି ଆସନ୍ତା ନଭେମ୍ବରରେ ଶେଷହେବାକୁ ଥିବାବେଳେ ସେଥିରୁ ୩୧୮୦ଟି ମେଡିକାଲରେ ମହଜୁଦ ଅଛି। ଟେନୋଫୋବିର ଡିସୋପ୍ରୋକ୍ସିଲ ବଟିକାର ଅବଧି ନଭେମ୍ବରରେ ପୂରିବାକୁ ଥିବାବେଳେ ଏଥିରୁ ୩୬,୪୮୦ଟି ୱେର ହାଉସରେ ମହଜୁଦ ଥିବା ସୂଚନା ମିଳିଛି। ମୁଖ୍ୟତଃ ଏହି ମେଡିସିନଗୁଡ଼ିକର ଚିଠା ଡାକ୍ତରଙ୍କ ପାଖରୁ ଆସୁନାହିଁ। ଫଳରେ ଏଗୁଡ଼ିକ ନିରାମୟ କେନ୍ଦ୍ରକୁ ନ ଯାଇ ୱେର ହାଉସରେ ପଡ଼ି ରହୁଥିବା ୱେର ହାଉସର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି। ତେବେ ଏହି ମେଡିସିନଗୁଡ଼ିକ ରୋଗୀଙ୍କୁ ନ ଦିଆଯାଇ ଏତେ ସଂଖ୍ୟକ ଗଦା ହୋଇ ରହିବା କାରଣ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ରୋଗ ଅନୁଯାୟୀ ଔଷଧ ଦିଆଯିବ। ତେଣୁ ଯେଉଁ ଔଷଧଗୁଡ଼ିକର ଆବଶ୍ୟକତା ପଡୁନାହିଁ ସେଗୁଡ଼ିକ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ଏ କ୍ଷେତ୍ରରେ ସାମାଜିକ କର୍ମୀମାନଙ୍କ ମତ ଭିନ୍ନ ରହିଛି। ସାମାଜିକ କର୍ମୀ ମଳୟ ରଞ୍ଜନ ଷଡଙ୍ଗୀ କୁହନ୍ତି, ଡାକ୍ତରମାନେ ଘରୋଇ ମେଡିସିନ ଦୋକାନୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଚିଠା ଲେଖୁଛନ୍ତି। ତେଣୁ ସରକାର ଯେଉଁ ଔଷଧ ସବୁ ମାଗଣାରେ ଯୋଗାଇଛନ୍ତି, ସେଗୁଡ଼ିକ ରୋଗୀଙ୍କ କ୍ଷେତ୍ରରେ ନ ଲାଗି ଏହିଭଳି ଭାବେ ଏକ୍ସପାଏରି ହେଉଛି।

## 'ଖାନ୍‌ଦାନି ଶାଫାଖାନା'ରେ ସାମାଜିକ ଅଙ୍ଗୀକାରବଦ୍ଧତା ରହିଛି: ସୋନାକ୍ଷୀ



**ନୂଆଦିଲ୍ଲୀ:** ସମାଜରେ ସେକ୍ସ ଏକ ନିଷିଦ୍ଧ ବିଷୟବସ୍ତୁ ହୋଇ ରହିଛି। ସେ ସମ୍ପର୍କରେ ଆଗାମୀ ଫିଲ୍ମ 'ଖାନ୍‌ଦାନି ଶାଫାଖାନା' ଲୋକଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି। ଶିଳ୍ପୀ ଦାସଗୁପ୍ତାଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମରେ ଜଣେ ତରୁଣୀଙ୍କ ଜୀବନଯାତ୍ରା ବିଷୟ ବର୍ଣ୍ଣନା କରାଯାଇଛି, ଯିଏ ନିଜ ଅଙ୍କଲ୍‌ଙ୍କ ମୃତ୍ୟୁ ପରେ ଏକ ସେକ୍ସ କ୍ଲିନିକ୍‌ର ଉତ୍ତରାଧିକାରୀ ସାଜିଛନ୍ତି। ଫିଲ୍ମର ସମ୍ପୂର୍ଣ୍ଣ ବିଷୟବସ୍ତୁ ଶୁଣିବା ପରେ ଏଥିରେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ ସୋନାକ୍ଷୀ। ଏଥିରେ ସାମାଜିକ ପରିବର୍ତ୍ତନର ବାର୍ତ୍ତା ରହୁଥିବାରୁ ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଆଲୋଚନାର ଅପେକ୍ଷା ରଖୁଥିବା ସୋନାକ୍ଷୀ ପ୍ରକାଶ କରିଥିଲେ। ସେକ୍ସକୁ ନେଇ ସମାଜରେ ଯେଉଁଭଳି କଟକଣା ରହିଛି ତାହା ଏହି ଫିଲ୍ମ ଦ୍ୱାରା ଦୂରେଇ ପାରିବ କି ପ୍ରଶ୍ନରେ ସୋନାକ୍ଷୀ କହିଲେ, 'ସେ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ଭାବୁଛି।' ଉକ୍ତ ଫିଲ୍ମର ମିଳିତ ପ୍ରଯୋଜନା କରୁଛନ୍ତି ଭୂଷଣ କୁମାର, ମହାବୀର ଜୈନ, ମ୍ରିଘଦୀପ ସିଂ ଲାମ୍ବା ଏବଂ ଦିବ୍ୟ ଖୋସ୍‌ଲା କୁମାର। ଏହା ଅଗଷ୍ଟ ୨ରେ ରିଲିଜ ହେବାର ଅଛି।

## ମହାନଦୀ ଜଳ ବିବାଦର ଚାହାନ୍ତି ସମାଧାନ

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସାଇକେଲ ଯାତ୍ରା

**ଅନୁଗୋଳ ଅଫିସ,୩।୭**

- ଅଗଷ୍ଟ ୪ ସୁଦ୍ଧା ପହଞ୍ଚିବେ ଦିଲ୍ଲୀରେ
- ଅତିକ୍ରମ କରିବେ ୧୬ଶହ କି.ମି.
- ବିଭିନ୍ନ ସ୍ଥାନରେ ୨ ଛାତ୍ରଙ୍କୁ ବିପୁଳ ସ୍ୱାଗତ

ମହାନଦୀ ଜଳ ବିବାଦର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବା ଲକ୍ଷ୍ୟରେ ଦୁଇ ଛାତ୍ର କଟକ ମାହାଙ୍ଗା ଅଞ୍ଚଳର କ୍ରିଷ୍ଣାକାନ୍ତ ଷଡ଼ଙ୍ଗୀ ଓ କେନ୍ଦୁଝର ଆନନ୍ଦପୁରର ଶୁଭ୍ରଜିତ ବାରିକ କଟକରୁ ସାଇକେଲ୍‌ରେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ଗତ ୧ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ଏହିଦୁଇ ଛାତ୍ର ବୁଧବାର ଅନୁଗୋଳ ଜିଲା ବଣ୍ଟାଠାରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ଅଗଷ୍ଟ ୪ ତାରିଖ ମଧ୍ୟରେ ଦୁହେଁ ୧୬ଶହ କିମି ରାସ୍ତା ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ସ୍ଥିର କରିଥିବା ପ୍ରକାଶ କରିଛନ୍ତି।

ନିଜର ଏହି ଯାତ୍ରା ସମ୍ପର୍କରେ ବିଟେକ ଛାତ୍ର କ୍ରିଷ୍ଣାକାନ୍ତ ଓ ସ୍ନାତକ ଛାତ୍ର ଶୁଭ୍ରଜିତ କହିଛନ୍ତି ଯେ, ଓଡ଼ିଶାର ଜୀବନ ରେଖା ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇପାରୁ ନାହିଁ। ଏହି ଆନ୍ତଃରାଜ୍ୟ ମାମଲା ଏବେ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ରହିଛି। ଏଣେ ମହାନଦୀରେ ଜଳପ୍ରବାହ ଦ୍ରୁତଗତିରେ ହ୍ରାସ ପାଉଥିବାରୁ ଏହାକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିବାରେ ଲାଗିଛି। ମହାନଦୀ ସହ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ଜଡ଼ିତ ଥିବାରୁ ଏହି ବିବାଦର ସମାଧାନ ଶୀଘ୍ର ହେଉ ବୋଲି ଓଡ଼ିଶାବାସୀ ଚାହାନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାର ଯେପରି ତ୍ୱରିତ ପଦକ୍ଷେପ ନେବା କଥା ତାହା ନେଇ ନ ଥିବା ବେଳେ କେନ୍ଦ୍ର ସରକାର ଧୃତରାଷ୍ଟ୍ରଙ୍କ ପରି କାର୍ଯ୍ୟ କଲା ଭଳି ଅନୁଭବ ହେଉଛି। ତେଣୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ସେମାନଙ୍କ ଏପରି ଉଦ୍ୟମକୁ ବିଭିନ୍ନ ସ୍ଥାନରେ ବିପୁଳ ସମର୍ଥନ ମିଳୁଛି। ଅନୁଗୋଳରେ ମଧ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି କ୍ରିଷ୍ଣାକାନ୍ତ ଓ ଶୁଭ୍ରଜିତ୍ ପ୍ରକାଶ କରିଛନ୍ତି।

### ଧାନର ଏମ୍‌ଏସ୍‌ପି ବୃଦ୍ଧିକୁ ଭାଜପାର ପ୍ରଶଂସା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

୨୦୧୯-୨୦ ଆର୍ଥିକବର୍ଷ ପାଇଁ ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଦେଢ଼ଗୁଣା କରିଛନ୍ତି। ଧାନ ସହ ୧୩ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ରାଜ୍ୟ ଭାଜପା ପକ୍ଷରୁ କୁହାଯାଇଛି । ଧାନର ଏମ୍‌ଏସ୍‌ପି ୬୫ ଟଙ୍କା ବୃଦ୍ଧି କରାଯାଇ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୧୫ ଏବଂ ଗ୍ରେଡ୍ ଏ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଦିଆଯାଇଛି । ସେହିପରି ମୁଗ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୭୫, ବାଦାମ କୁଇଣ୍ଟାଲ ପିଛା ୨୦୦, ସୋୟାବିନ ୩୧୧, କପା ୧୦୫, ମକା ୬୦ ଟଙ୍କା ବୃଦ୍ଧି ହୋଇଛି । ମୋଦି ସରକାର ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିବା ନିଷ୍ପତ୍ତି ଯୋଗୁ ସାରା ଦେଶରେ ଓଡ଼ିଆ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ କହିଛନ୍ତି।

## ୟୁନିୟନ ବ୍ୟାଙ୍କ ନୟାପଲ୍ଲୀ ଶାଖାରେ ଋଣ ଠକେଇ

# ୩ ପୂର୍ବତନ ଅଧିକାରୀ, ୬ ବିଲ୍ଡରଙ୍କ ନାମରେ ମାମଲା ରୁଜୁ କଲା ସିବିଆଇ

**ଭୁବନେଶ୍ୱର,୩।୭(ବ୍ୟୁରୋ)**

- ଗୃହଋଣ ବାବଦକୁ ଦିଆଯାଇଥିଲା ୨୪ କୋଟି ୧୭ ଲକ୍ଷ
- ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା ବ୍ୟାଙ୍କ

ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ୟୁବିଆଇ) ଶାଖାରେ ୨୪ କୋଟି ୧୭ ଲକ୍ଷ ଟଙ୍କାର ଋଣ ଠକେଇ ହୋଇଛି। ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ ସମୟରେ ବିଲଡର ସଂସ୍ଥାକୁ ଅନୁକମ୍ପା ଦେଖାଇ ବେଆଇନ ଭାବେ ଏହି ଗୃହଋଣ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜଣାପଡିବା ପରେ ବ୍ୟାଙ୍କ ପକ୍ଷରୁ ସିବିଆଇରେ ଅଭିଯୋଗ କରାଯାଇଥିଲା। ତଦନ୍ତ ପରେ ସିବିଆଇ ପକ୍ଷରୁ ୩ଜଣ ପୂର୍ବତନ ବ୍ୟାଙ୍କ ଅଧିକାରୀ, ୬ ବିଲ୍ଡର ଓ ୪୪ ଜଣ ଋଣଗ୍ରହୀତାଙ୍କ ବିରୋଧରେ ୩ଟି ମାମଲା ରୁଜୁହୋଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ବ୍ୟାଙ୍କର ଚିଫ୍ ମ୍ୟାନେଜର ଭୁବନେଶ୍ୱର ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଅଶ୍ୱିନୀ କୁମାର ପାତ୍ର, ବ୍ୟାଙ୍କ ମ୍ୟାନେଜର ରାଜେଶ କୁମାର ପତଙ୍ଗ, ବିଲ୍ଡର ଉମାଶଙ୍କର ପାତ୍ର, ବିଶ୍ୱନାଥ ଜେନା, କମଳାରାଣୀ ଜେନା,ଅନୁରାଧା ପାତ୍ର, ପୁଷ୍ପାଞ୍ଜଳି ପାତ୍ର ଓ ଅନ୍ୟମାନେ ଋଣଗ୍ରହୀତା।

ସୂଚନା ମୁତାବକ, ୨୦୧୭ରେ ବିଲଡର ସଂସ୍ଥା ଜାଲ କାଗଜପତ୍ର ବଳରେ ବ୍ୟାଙ୍କରୁ ୨୪ କୋଟି ୧୭ ଲକ୍ଷ ଟଙ୍କା ଋଣ ନେଇଥିଲା। ବିଲ୍ଡର ସଂସ୍ଥା ଯେଉଁ ଘର କ୍ରେତାଙ୍କ ଆୟକର ପୈଠ କରିଥିଲେ ତାହାର କାଗଜପତ୍ରକୁ ଜାଲିଆତି କରାଯାଇ ଋଣ ନିଆଯାଇଥିଲା। ସେହିଭଳି ଘର ନିର୍ମାଣ ସରି ନ ଥିବାବେଳେ ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଅନୁକମ୍ପା ଦେଖାଇ ସମସ୍ତ ଋଣ ଅର୍ଥ ବିଲ୍ଡରଙ୍କୁ ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ପରେ ବିଭାଗୀୟ ତଦନ୍ତ କରି ୬ ମାସ ତଳେ ସମ୍ପୃକ୍ତ ୩ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ବୋଲି ୟୁବିଆଇ ଆସିଷ୍ଟାଣ୍ଟ ବ୍ରାଞ୍ଚ୍ ମ୍ୟାନେଜର ପ୍ରକାଶ ଚନ୍ଦ୍ର ପତି ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ବନ ମହୋତ୍ସବ

# ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଗଛ ହିଁ ଜୀବନ। ଗଛ ରହିଲେ ଆମ ପରିବେଶ ସୁରକ୍ଷିତ ରହିବ। ପରିବେଶ ସୁରକ୍ଷିତ ରହିଲେ ଆମେ ସମସ୍ତେ ଭଲ ରହିବା। ତେଣୁ ଆମେ ଗଛର ଯତ୍ନ ନେଲେ ଗଛ ଆମକୁ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବୁଧବାର ରାଜଭବନ ୟୁପି ସ୍କୁଲରେ ରାଜ୍ୟସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ଏହା କହିବା ସହ ଏଭଳି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମିଲ ହୋଇ ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଫନୀ' ବାତ୍ୟା ଯୋଗୁ ଆମର ଉପକୂଳ ଅଞ୍ଚଳରେ ବହୁତ କ୍ଷତି ହୋଇଛି। ୨୨ଲକ୍ଷ ଗଛ ନଷ୍ଟ ହୋଇଛି। ସେଥିପାଇଁ ଆମେ 'ପୋଷ୍ଟ ଫନୀ କୋଷ୍ଟାଲ ବେଲ୍ଟ ଆଣ୍ଡ ଆଫରେଷ୍ଟେଶନ ମିଶନ' ଆରମ୍ଭ କରିଛୁ। ଏଥିରେ ଚଳିତ ବର୍ଷ ୮୦ଲକ୍ଷ ଗଛ ଲଗାଯିବ। ଏହାସହିତ ଫନୀ ଅଞ୍ଚଳରେ ୫୦ଲକ୍ଷ ଚାରା ବିଭିନ୍ନ ଇନ୍‌ଷ୍ଟିଚ୍ୟୁଶନ ଓ ଜନସାଧାରଣଙ୍କୁ ମାଗଣାରେ ଦିଆଯିବ। ସେହିପରି ଗ୍ରୀନ୍ ମହାନଦୀ ମିଶନ, ଆମ ଜଙ୍ଗଲ ଯୋଜନା, ପବିତ୍ର ଉପବନ, ସବୁଜ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସହ ଆହୁରି ଅନେକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ଚଳିତ ବର୍ଷା ଋତୁରେ ରାଜ୍ୟ ଜଙ୍ଗଲ ବିଭାଗ ୬ କୋଟି ଗଛ ଲଗାଇବ। ୪କୋଟି ଗଛ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ଓ ଜନସାଧାରଣଙ୍କୁ ଦିଆଯିବ। ତେଣୁ ଜନସାଧାରଣ ବିଶେଷ କରି ସବୁ ପିଲା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂ ସବୁଜ ସୁନ୍ଦର ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହିଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବନ ସଂରକ୍ଷଣ ସମିତି ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଏକ ବଉଳ ଗଛ ଲଗାଇବା ସହିତ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର-ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହାଇକୋର୍ଟରେ ଜଜ୍ ଚୟନ ବିବାଦ

### ୧୨ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ



**କଟକ ଅଫିସ, ୩।୭**

ଜୁନ୍ ୧୭ରୁ ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନ ଚଳାଇଛି। ଆନ୍ଦୋଳନ ସ୍ୱରୂପ ଓକିଲମାନେ ହାଇକୋର୍ଟରେ ନିର୍ଦ୍ଦିଷ୍ଟ କେତୋଟି କୋର୍ଟଙ୍କୁ ବର୍ଜନ କରି ଆସୁଛନ୍ତି। ଏହି ବର୍ଜନ କାର୍ଯ୍ୟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜୁଲାଇ ୧୨ରେ ପୁଣିଥରେ ସାଧାରଣ ପରିଷଦ ବୈଠକ ବସିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ବୁଧବାର ହାଇକୋର୍ଟ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି, ହାଇକୋର୍ଟ ବାହାରୁ ଜଜ୍ ଚୟନ କରାଯାଇଥିବା ଅଭିଯୋଗ କରି ହାଇକୋର୍ଟ ବାର୍ ପକ୍ଷରୁ ହାଇକୋର୍ଟର ୩ ଜଣ ବରିଷ୍ଠ ବିଚାରପତିଙ୍କ କୋର୍ଟକୁ ଜୁନ ୧୭ରୁ ବର୍ଜନ କରି ଆସିଛନ୍ତି। ଇତିମଧ୍ୟରେ ବାର୍‌ର ଏକ ପ୍ରତିନିଧି ମଣ୍ଡଳୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଇଥିଲେ। ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହାଇକୋର୍ଟ ବାର୍‌କୁ ପରାମର୍ଶ ଦେଇଥିଲେ। ମାତ୍ର ଏହାକୁ ବାର୍ ଗ୍ରହଣ କରି ନ ଥିଲା।

### ପ୍ରଫେସର ଗୌରକିଶୋର ଦାସଙ୍କ ପରଲୋକ



ପ୍ରଫେସର ଗୌରକିଶୋର ଦାସ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ବିଶିଷ୍ଟ ଶିକ୍ଷାବିତ୍ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୌରକିଶୋର ଦାସଙ୍କର ବୁଧବାର ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ପ୍ରଫେସର ଦାସ ଦିଲ୍ଲୀର ନୋଏଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଗତ ୩ଦିନ ହେଲା ଚିକିତ୍ସାଧୀନ ଥିଲେ। ତେବେ ବୁଧବାର ସକାଳେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ତଥା ସୁପ୍ରିମକୋର୍ଟର ଓକିଲ ବୁଲ୍‌ବୁଲ୍ ଦାସ ଓ ସାନଝିଅ ଗୀତାଞ୍ଜଳି ଦାସ ଉପସ୍ଥିତ ଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୯୫-୯୮ ପର୍ଯ୍ୟନ୍ତ କୁଳପତି ଭାବେ କାର୍ଯ୍ୟ କରିଥିଲେ।

## ଦଳୀୟ ବୈଠକରେ ବରିଷ୍ଠ ବିଜେଡି ବିଧାୟକଙ୍କ କ୍ଷୋଭ

# ପୋଲିସ, ବିଡିଓ ଆମ କଥା ଶୁଣୁନାହାନ୍ତି

**ଭୁବନେଶ୍ୱର,୩।୭(ବ୍ୟୁରୋ)**

**ମନ୍ତ୍ରୀପଦ ଯିବା ପରେ ବିଦ୍ରୋହର ସ୍ୱର**

ପୋଲିସ, ବିଡିଓ ଆମ କଥା ଶୁଣୁନାହାନ୍ତି। କେମିତି ରାଜନୀତି କରିବୁ। ନବୀନ ନିବାସରେ ବସିଥିବା ବିଜେଡି ବୈଠକରେ ଜଣେ ବରିଷ୍ଠ ବିଧାୟକ ଏଭଳି କଥା କହିଛନ୍ତି। ସେହି ବରିଷ୍ଠ ନେତାଙ୍କ ଏପରି ଉକ୍ତି ଦଳ ମଧ୍ୟରେ ଚର୍ଚ୍ଚାର କାରଣ ହୋଇଛି। ଏହି ବିଧାୟକ ଜଣଙ୍କ ପୂର୍ବ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ହେଲେ ସମ୍ପୂର୍ଣ୍ଣ ୫ ବର୍ଷ କାର୍ଯ୍ୟକାଳ ପୂରଣ କରିପାରି ନ ଥିଲେ। ଉପକୂଳ ଓଡ଼ିଶାର ଏକ ବିଧାନସଭା ଆସନରୁ ନେତା ଜଣଙ୍କ ୭ ଥର ବିଜୟୀ ହୋଇଛନ୍ତି। ଏହି ପୂର୍ବତନ ମନ୍ତ୍ରୀ ଜନତା ଦଳରୁ ଦୁଇଥର ଏବଂ ବିଜେଡିରୁ ୫ ଥର ବିଜୟୀ ହୋଇଛନ୍ତି। କିଛିଦିନ ତଳେ ନିଜ ନିର୍ବାଚନମଣ୍ଡଳୀର ଫନୀ ପରବର୍ତ୍ତୀ ପୁନରୁଦ୍ଧାରକୁ ନେଇ ମଧ ସେହି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ଜଣେ ଶାସକ ଦଳ ବିଧାୟକଙ୍କୁ ସ୍ଥାନୀୟ ପୋଲିସ, ବିଡିଓ ଖାତିର ନ କରିବା ଭିନ୍ନ ସୂଚନା ଦେଉଛି।

କେତେକ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ସେହି ସ୍ଥାନରେ ବିଜେଡି ନୂଆ ନେତୃତ୍ୱ ସନ୍ଧାନରେ ରହିଛି। ତେଣୁ ବରିଷ୍ଠ ବିଧାୟକଙ୍କୁ ଅଣଦେଖା ଆରମ୍ଭ ହୋଇଛି। ବିଜେଡିର ବରିଷ୍ଠ ନେତୃବୃନ୍ଦଙ୍କ ସହ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ବୁଧବାର ଆଲୋଚନା କରିଛନ୍ତି। ନବୀନ ନିବାସରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ପରିଷଦର ସଦସ୍ୟ ଏବଂ ଦଳୀୟ ବରିଷ୍ଠ ପଦାଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପଞ୍ଚମଥର କ୍ଷମତାସୀନ ହୋଇଥିବା ବରିଷ୍ଠ ବିଜେଡି ନେତାମାନଙ୍କ ମଧ୍ୟରେ ମତଭେଦ ଦୂର କରିବା, ନୂଆ-ପୁରୁଣାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆଗକୁ ଦଳର ସାଂଗଠନିକ ପରିବର୍ତ୍ତନ ହେଉଥିବାରୁ ଏପରି କାର୍ଯ୍ୟକ୍ରମ ନିଆଯାଉଥିବା ଆଲୋଚନା ହେଉଛି।

ସେହିଭଳି ବିଜେଡି ସଭାପତି ନବାଗତଙ୍କ ଭଳି ବରିଷ୍ଠମାନଙ୍କୁ ମଧ୍ୟ ବିଳାସବ୍ୟସନରୁ ଦୂରେଇ ରହିବା ପାଇଁ କହିଛନ୍ତି। ଦଳର ଭୋଟ ହାର ସଂସଦୀୟ କ୍ଷେତ୍ରଗୁଡିକରେ ହ୍ରାସ ପାଇବା ଏବଂ ପୂର୍ବାପେକ୍ଷା ବିଜୟ ବ୍ୟବଧାନ କମିବାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ଏପରି କି ଚଳିତ ଥର ଭୋଟକୁ ୨୦୦୯ ଏବଂ ୨୦୧୪ ସହ ତୁଳନା କରି କାରଣ ଖୋଜିବାକୁ ନବୀନ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ଭାଜପାର ଉତ୍‌ଥାନ ବିଜେଡି ଚିନ୍ତାର କାରଣ ବୋଲି ଜଣାପଡ଼ିଛି। ଆଗକୁ ପୌର ନିର୍ବାଚନ ରହିଛି, ଜାତୀୟସ୍ତରର ରାଜନୀତିକୁ ଅନୁଶୀଳନ କଲେ ସହରାଞ୍ଚଳ ଭୋଟ ଭାଜପା ସପକ୍ଷରେ ରହୁଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଚଳିତଥର ପ୍ରତ୍ୟକ୍ଷ ଭାବେ ମେୟର ଏବଂ ଅନ୍ୟାନ୍ୟ ପଦପଦବୀ ଲାଗି ଭୋଟ ଗ୍ରହଣ ହେବ। ରାଜ୍ୟସ୍ତରୀୟ ନିର୍ବାଚନ ପରି ଏହା ନ ହୋଇ ସ୍ଥାନୀୟ ସମସ୍ୟାକୁ ନେଇ ଲଢାଯିବ। ତେଣୁ ତୃଣମୂଳସ୍ତରରେ କ୍ଷମତାରେ ଥିବା ନେତୃତ୍ୱଙ୍କ ଭାବମୂର୍ତ୍ତି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡିଛି। ଏସବୁକୁ ଦୃଷ୍ଟିରେ ରଖି ବରିଷ୍ଠଙ୍କୁ ତାଗିଦ କରାଯାଇଥିବା ଜଣାପଡ଼ିଛି।

ପାଟକୁରା ନିର୍ବାଚନ ଯେକୌଣସି ସମୟରେ ଘୋଷଣା ହୋଇପାରେ। ବିଜେପୁରରେ ମଧ ଉପନିର୍ବାଚନ ହେବାର ରହିଛି। ନବାଗତ ଏବଂ ବରିଷ୍ଠ ବିଧାୟକଙ୍କ ବୈଠକ ପରେ ଅଲଗା ଭାବେ ପାଟକୁରା ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ପାଟକୁରା ନିର୍ବାଚନ ଦାୟିତ୍ୱରେ ଥିବା ନେତାମାନେ ହିଁ ଏହି ବୈଠକରେ ଯୋଗ ଦେଇଥିଲେ। ବ୍ଲକୱାରି ତଥା ପଞ୍ଚାୟତୱାରି ଦଳର ସାଂଗଠନିକ କାର୍ଯ୍ୟର ସମୀକ୍ଷା କରାଯାଇଥିବା ଜଣାପଡ଼ିଛି।



ଭେଡ଼େନ ବିଡିଓ ମୁରଲୀଧର ନାୟକ

# କମ୍ ମାର୍କ ପାଇଁ ମାଟ୍ରିକ ବେଷ୍ଟଟେନ୍‌ରୁ ବଞ୍ଚିତ ହୋଇଥିଲି

ଭେଡ଼େନ ବିଡିଓ ମୁରଲୀଧର ନାୟକ। ଜଣେ ଆଶୁକବି। ବିଭିନ୍ନ ସଭାସମିତିରେ ସୁନ୍ଦର କବିତା, ଗୀତ ମାଧମରେ ନିଜର ବକ୍ତବ୍ୟ ରଖୁଥିବା ମୁରଲୀଧରଙ୍କ ଜନ୍ମ ଅନୁଗୋଳ ଜିଲା କଣିହା ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଡ୍ୟାମ ନିକଟସ୍ଥ ସୁଣୁବା ଗ୍ରାମରେ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା, ଜନତା ହାଇସ୍କୁଲ ବଜ୍ରକୋଟ, ପରେ ଅନୁଗୋଳ ସାଇନ୍ସ କଲେଜ, ଭୁବନେଶ୍ୱର ବିଜେବି କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ଏମ୍‌ଏ କରିଛନ୍ତି ସେ। ଅଫିସ କାମ ସହ ଭଜନ, ସଂକୀର୍ତ୍ତନ, ସତ୍‌ସଙ୍ଗ, ପ୍ରବଚନରେ ତାଙ୍କର ରୁଚି ରହିଛି। ଏଥର ନିଜ କଥା ସ୍ତମ୍ଭରେ ତାଙ୍କ କଥା..।

## ନିଜ କଥା

**ପ୍ରଥମ ଚାକିରି କେଉଁଠି ?**

▶ ଭୁବନେଶ୍ୱର କେନ୍ଦ୍ର ଏକ୍ସାଇଜ୍ ଡିପାର୍ଟମେଣ୍ଟରେ ଆକାଉଣ୍ଟାଣ୍ଟ ଭାବେ ପ୍ରଥମେ ଚାକିରି କରିଥିଲି। ୧୯୮୮ ମସିହାରେ ଓଏଏସ୍ ପାଇଲି। ସେହିବର୍ଷ ଅକ୍ଟୋବର ୧୪ ତାରିଖରେ କୋରାପୁଟ ଜିଲାରେ ପ୍ରଶାସନିକ ଅଧିକାରୀ ଜୀବନ ଆରମ୍ଭ ହୋଇଥିଲା। ୨୦୧୮ ଅକ୍ଟୋବର ୩ ତାରିଖରେ ଭେଡ଼େନ ବିଡ଼ିଓ ଭାବେ ଯୋଗ ଦେଇଥିଲି।

**କବିତା ପ୍ରତି କିପରି ଆକୃଷ୍ଟ ହେଲେ ?**

▶ ସ୍କୁଲରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତାରେ ଅନ୍ୟ ପ୍ରତିଯୋଗୀମାନେ ଭାଷଣ ଦେଉଥିବା ବେଳେ ମୁଁ କବିତା ମାଧମରେ ବକ୍ତବ୍ୟ ରଖୁଥିଲି। ଯେକୌଣସି ବିଷୟରେ ସଙ୍ଗେ ସଙ୍ଗେ କବିତାଟିଏ ପ୍ରସ୍ତୁତ କରି ଗାଇ ପାରୁଥିଲି। ଯାହା ଏପର୍ଯ୍ୟନ୍ତ ଜାରି ରହିଛି।

**ଆପଣଙ୍କ କେତୋଟି କବିତା ବହି ପ୍ରକାଶିତ ହୋଇଛି ?**

▶ ଏ ପର୍ଯ୍ୟନ୍ତ ମୋର ୧୩ ଖଣ୍ଡ ବହି ପ୍ରକାଶିତ ହୋଇଛି। ୧୪ତମ ବହି ପ୍ରକାଶନ ଅପେକ୍ଷାରେ ରହିଛି।

**ନିଜ ଦାୟିତ୍ୱ ସହିତ କବିତା,ସତ୍‌ସଙ୍ଗ କିପରି ସମ୍ଭବ ହୁଏ ?**

▶ ସମୟ ବାହାର କରି ସତ୍‌ସଙ୍ଗ, ନାମଯଜ୍ଞ, ପ୍ରବଚନରେ ଯୋଗ ଦେଇଥାଏ। ଗୀତ ଗାଇ ଥାଏ। ଡ୍ୟୁଟିରେ ଅବହେଳା କରେ ନାହିଁ। ଅଫିସ କାମ ସହ ଆଡ୍‌ଜଷ୍ଟ କରେ। ରାତି ୧୦ଟା ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କବିତା ଲେଖିଥାଏ।

**ଟିଭି,ସିନେମା ଦେଖନ୍ତି?**

▶ ସିନେମା ଦେଖେ ନାହିଁ। ଟିଭିରେ ନ୍ୟୁଜ ସହ ପାଲା, ଦାଶକାଠିଆ, ଆଧ୍ୟାତ୍ମିକ ପ୍ରବଚନ ଦେଖେ।

**କିଛି ଅବଶୋଷ ଅଛି କି ?**

▶ ମାଟ୍ରିକ ପରୀକ୍ଷାରେ ବେଷ୍ଟ ଟେନରେ ଆସିବି ବୋଲି ଆଶା କରିଥିଲି। କିନ୍ତୁ ମାତ୍ର ଅଳ୍ପ ମାର୍କ ଯୋଗୁ ସେହି ସଫଳତାରୁ ବଞ୍ଚିତ ହୋଇଥିଲି।

**ପରିବାର ବିଷୟ କିଛି କହିବେ ?**

▶ ସ୍ତ୍ରୀ,ତିନି ଝିଅଙ୍କୁ ନେଇ ମୋର ସଂସାର। ବଡ଼ ଝିଅ ଅଧ୍ୟାପିକା, ମଝିଆ ଜୁଡିସିଆଲ ଲାଇନ ଏବଂ ସାନଝିଅ ବ୍ୟାଙ୍କିଙ୍ଗ୍ ଲାଇନକୁ ଯିବ ବୋଲି ଆଶା କରିଛନ୍ତି।

**ରୋଷେଇ ଜାଣନ୍ତି?**

▶ ହଁ, କିନ୍ତୁ କେବଳ ନିରାମିଷ ଖାଏ ଓ ନିରାମିଷ ରୋଷେଇ କରେ।

–ନିର୍ମଳ କୁମାର ମେହେର

# ବିଦେଶୀଙ୍କ ଗୀତଗୋବିନ୍ଦ ଆବୃତ୍ତି ତାଜୁବ କରିଥିଲା



ମୀରା ଦାସ

୨୦୦୩ ମସିହା କଥା। ଜର୍ମାନୀର ହାନୋଭର ସହରରେ ଇଣ୍ଡିଆନ ଏକ୍ସପୋ ଭାବେ ଗୋଟେ ବିଶାଳ କାର୍ଯ୍ୟକ୍ରମ ହେଉଥାଏ। ସକାଳ ୧୦ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲେ। ସେଠାରେ ଦିନ ୧୧.୩୦ରୁ ମଧ୍ୟାହ୍ନ ୧.୩୦ ଓ ସନ୍ଧ୍ୟାରେ ୫.୩୦ରୁ ୭.୩୦ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିଲା। ୯ଦିନର କାର୍ଯ୍ୟକ୍ରମ ଭିତରେ ଗୀତ ଗୋବିନ୍ଦକୁ ନେଇ ୪ରୁ ୫ଥର ନୃତ୍ୟ ପରିବେଷଣ କରିଥିଲି। ସବୁବେଳେ ଦେଖେ ଜଣେ ବିଦେଶୀ ମଞ୍ଚ ପରର ପ୍ରଥମ ଧାଡ଼ିରେ ବସନ୍ତି। ଦ୍ୱିପହର ହେଉ କି ସନ୍ଧ୍ୟା, ଉଭୟ ସମୟର କାର୍ଯ୍ୟକ୍ରମରେ ସେ ଉପସ୍ଥିତ ଥାନ୍ତି। ଯେଉଁଦିନ କାର୍ଯ୍ୟକ୍ରମର ଶେଷ ସନ୍ଧ୍ୟା ଥିଲା, ସେଦିନ ମଞ୍ଚକୁ ଓହ୍ଲାଇବା ପରେ ଅନେକ ଲୋକ ମୋତେ ପ୍ରଶଂସା କରୁଥାନ୍ତି। ସେହି ବ୍ୟକ୍ତିଜଣଙ୍କ ମଧ ମୋ ପାଖକୁ ଆସିଲେ। ତାଙ୍କ ମୁହଁରୁ ପ୍ରଶଂସା ଦିଧାଡ଼ି ଶୁଣିବା ପରେ ପଚାରିଥିଲି ଯେ କେଉଁ ନୃତ୍ୟ ବିଶେଷକରି ଭଲ ଲାଗିଲା ବୋଲି। ଭାବିଥିଲି ବିଦେଶୀମାନେ ଭାରତୀୟ ସଂସ୍କୃତିକୁ ବୁଝିବା କଷ୍ଟକର। ସେମାନେ କାହିଁକି ବୁଝିବେ ଆମର ଏ ସଂସ୍କୃତ ଭାଷା ? ହେଲେ ସେ ମୁଁ ପରିବେଷଣ କରୁଥିବା ଗୀତ ଗୋବିନ୍ଦର ୨ଟି ଅଧ୍ୟାୟକୁ ସମ୍ପୂର୍ଣ୍ଣ ସଂସ୍କୃତ ଭାଷାରେ ମୋ ଆଗରେ ଅର୍ନଗଳ ଆବୃତ୍ତି କରି ଚାଲିଲେ। ଏହା ଦେଖି ମୁଁ ତାଜୁବ। ବିଶ୍ୱାସ ହୋଇ ନଥିଲା ଯେ ଜଣେ ବିଦେଶୀ ବ୍ୟକ୍ତି ଭାରତୀୟ ସଂସ୍କୃତି ସହ ଏତେ ଜଡ଼ିତ ବୋଲି। ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ମୀରା ଦାସଙ୍କ ଅନୁଭୂତିରୁ କିଛି। ଏହାକୁ ନେଇ ଗୁରୁ ମୀରା ଏକଥା ବି କୁହନ୍ତି, ଜର୍ମାନୀରେ ସେଦିନ ମୋତେ ଏକ ବିଶେଷ ଶିକ୍ଷା ମଧ ମିଳିଥିଲା। ସାଧାରଣତଃ ଆମେ ବିଚାରକରୁ ଯେଉଁମାନେ ଆମ ଭାଷା କିମ୍ବା ଆମ ନୃତ୍ୟ ସମ୍ପର୍କରେ ଏତେ ଅବଗତ ନୁହଁନ୍ତି ସେମାନଙ୍କ ସମ୍ମୁଖରେ ଯାହା ବି ପ୍ରଦର୍ଶନ କଲେ ତାହା ଫରକ ପଡ଼ିବ ନାହିଁ। ହେଲେ ନିଜ ନୃତ୍ୟ, ଶିକ୍ଷା ପ୍ରତି ସବୁବେଳେ ଆନୁଗତ୍ୟ ରହିବାର ଶିକ୍ଷା ଉକ୍ତ ବିଦେଶୀଙ୍କୁ ଭେଟିବା ପରେ ପାଇଛି।

## ମୋ ଅନୁଭୂତି

କେନ୍ଦୁଝରର ଆନ୍ଦପୁର ଅଞ୍ଚଳରେ ଜନ୍ମିତ ଗୁରୁ ମୀରା ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଶିଷ୍ୟା। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ରାଜ୍ୟରେ ଜଣେ ବେଶ ପରିଚିତ ଚେହେରା ଗୁରୁ ମୀରା ଏବେ ସୁଦ୍ଧା ୬୩ଟି ବିଦେଶୀ ରାଷ୍ଟ୍ରରେ ନୃତ୍ୟ ପରିବେଷଣ କରି ସାରିଲେଣି। ତେବେ କଣ ସଫଳତା ପାଇଛନ୍ତି ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଗୁରୁ କେଳୁଚରଣ ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ ଉପାଧି ପାଇଛନ୍ତି। ତଥାପି ଜୀବନର ଶେଷ ପର୍ଯ୍ୟନ୍ତ ସେ ନୃତ୍ୟ ସହ ଜଡ଼ିତ ଥିଲେ। ଯଦି ଉପାଧି ପାଇଁ ନୃତ୍ୟ କରିଥାନ୍ତେ ହୁଏତ ସେ କିମ୍ବଦନ୍ତୀ ହୋଇ ପାରି ନଥାନ୍ତେ। ଏଣୁ ମୁଁ ଯେତେ ବଡ଼ ମଞ୍ଚରେ ନୃତ୍ୟ ପରିବେଷଣ କଲେ ବି ଏହା କେବଳ ମୋ ନୃତ୍ୟ ଜୀବନର ଏକ ଯାତ୍ରା ବୋଲି ବିଚାର କରେ। ସଫଳତା କେବଳ ଏହି ଯାତ୍ରାର ଏକ ଅଂଶ। ସଫଳତାର ଅର୍ଥ କଣ ଏ କଥା ବି ମୁଁ ବୁଝେ ନାହିଁ ବୋଲି ଗୁରୁ ମୀରା କହିଛନ୍ତି।

ରିପୋର୍ଟ– କୁମାରଶ୍ରୀ ସାହୁ

## ଖାଦ୍ୟରୁଚି

# ଲେମନ ଗାର୍ଲିକ ଫିଶ

ସୁଲଭ ଦରରେ ସୁସ୍ୱାଦୁ ଖାଦ୍ୟ ପାଇଁ ରେଶମ ସହର ବ୍ରହ୍ମପୁର ବେଶ୍ ପରିଚିତ। ତେଣୁ ରାଜ୍ୟ ତଥା ବାହାରୁ ଗଞ୍ଜାମ ଜିଲାକୁ ଆସୁଥିବା ପର୍ଯ୍ୟଟକମାନେ ସହରର ବିଭିନ୍ନ ରେଷ୍ଟୁରାଣ୍ଟରେ ଖାଇବାକୁ ପସନ୍ଦ କରିଥାନ୍ତି। ଗ୍ରାହକଙ୍କ ଚାହିଦା ଅନୁଯାୟୀ ସହରରେ ରହିଥିବା ରେଷ୍ଟୁରାଣ୍ଟଗୁଡିକ ମଧ ବିଭିନ୍ନ ନୂତନ ଡିଶ୍ ପ୍ରସ୍ତୁତ କରୁଛନ୍ତି। ପର୍ଯ୍ୟଟକ ତଥା ବାହାରୁ ଆସୁଥିବା ଗ୍ରାହକଙ୍କ ମନପସନ୍ଦ ମୁତାବକ ଓଡିଆ ଖାଦ୍ୟ ସମେତ ଅନ୍ୟ ରାଜ୍ୟ ତଥା ଦେଶର ଖାଦ୍ୟକୁ ମଧ ପ୍ରସ୍ତୁତ କରୁଛନ୍ତି। ଗ୍ରାହକଙ୍କୁ ଆକର୍ଷିତ କରିବାକୁ ରାଜ୍ୟ ତଥା ଅନ୍ୟ ଦେଶର ସ୍ୱତନ୍ତ୍ର କାରିଗରଙ୍କ ଦ୍ୱାରା ଉଭୟ ଅମିଷ ଓ ନିରାମିଷର ବିଭିନ୍ନ ଡିଶ୍ ପ୍ରସ୍ତୁତ କରୁଛନ୍ତି। ଏଭଳି ଏକ ରେଷ୍ଟୁରାଣ୍ଟ ହେଉଛି ବ୍ରହ୍ମପୁରର ଟାଟାବେଞ୍ଜି ଛକ ନିକଟସ୍ଥ ଏସ୍‌ବିଆଇ ହାଇଟେକ ବ୍ରାଞ୍ଚ ପାର୍ଶ୍ୱରେ ରହିଥିବା ବ୍ରୋକୋଲି ରେଷ୍ଟୁରାଣ୍ଟ। ନିରାମିଷ ତଥା ଆମିଷର ବିଭିନ୍ନ ଦେଶୀୟ ଓ ବିଦେଶୀ ଡିଶ୍ ପାଇଁ ଏହି ରେଷ୍ଟୁରାଣ୍ଟ ସହରରେ ସ୍ୱଳ୍ପ ସମୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ଚାହିଦାଯୁକ୍ତ ଖାଦ୍ୟ ତଥା ଡିଶ୍ ମଧ୍ୟରୁ ଲେମନ ଗାର୍ଲିକ ଫିଶ୍ ଡିଶ୍‌କୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି। ଏହି ଡଶ୍‌ର ପ୍ଲେଟ ପିଛା ମୂଲ୍ୟ ୧୯୯ ଟଙ୍କା ରହିଛି। ଏହି ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ରେଷ୍ଟୁରାଣ୍ଟର କୁକ୍ ମୌସମ୍ ଥାପା କହନ୍ତି.....

### ଆବଶ୍ୟକ ସାମଗ୍ରୀ

- ବାସା ଫିଶ୍ (କଣ୍ଟା ନ ଥିବା ଏକ ସାମୁଦ୍ରିକ ମାଛ)– ୬ ଖଣ୍ଡ
- ରସୁଣ –୨୦ ଗ୍ରାମ
- ଲେମ୍ବୁ ଜୁସ୍–ଏକ ଚାମଚ
- ରେଡ୍ ୟେଲୋ କ୍ୟାପ୍‌ସିକମ– ୧୦ ଗ୍ରାମ
- ପିଆଜ–୨୦ ଗ୍ରାମ
- ଗ୍ରିନ୍ କ୍ୟାପ୍‌ସିକମ– ୫ ଗ୍ରାମ
- ଲୁଣ–ଅଧା ଚାମଚ
- ଧଳା ସୋରିଷ – ଅଧା ଚାମଚ
- ଚିନି–ଏକ ଚାମଚ
- ତେଲ–ଏକ ଚାମଚ





କୁକ ମୌସମ ଥାପା

ପ୍ରସ୍ତୁତିଃ ଦୀପକ କୁମାର ପଣ୍ଡା

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବାସା ଫିଶ୍‌କୁ ଭଲ ଭାବେ ଧୋଇ ଛୋଟ ଛୋଟ ପିସ୍ କରିରଖିବେ। ଚୁଲା ଉପରେ କଡେଇ ବସାଇ ଏକ ଚାମଚ ତେଲ ପକାଇବେ। ତେଲ ଗରମ ହେବା ପରେ ରସୁଣ, କଟା ପିଆଜ, ରେଡ୍ ୟେଲୋ କ୍ୟାପ୍‌ସିକମକୁ ପକାଇ କିଛି ସମୟ ଫ୍ରାଏ କରିବେ। ଭଲଭାବେ ଫ୍ରାଏ ହେବା ପରେ ସେଥିରେ ଆବଶ୍ୟକ ପରମାଣର ଚିନି, ଲୁଣ, ଧଳା ସୋରିଷ ପକାଇ ଫ୍ରାଏ କରିବେ। ଏହାପରେ ସେଥିରେ ଲେମ୍ବୁ ଜୁସକୁ ପକାଇବେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା ବାସା ଫିଶ୍‌କୁ ପକାଇ ଫ୍ରାଏ କରିବେ। ଏକ ମିନିଟ ପରେ ତାହାକୁ ପ୍ଲେଟକୁ ବାହାର କରି ସବୁଜ କ୍ୟାପ୍‌ସିକମ୍ ଓ ପିଆଜ ସଜାଇ ଖାଇବାକୁ ପରଷିବେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବାଦଲ



ନରେଶ



ରାହୁଲ



ବାସୁଦେବ



ସନାୟନା



ଟୁଟୁ



ସ୍ମୃତି



ଦେବାଶିଷ



ବିଶ୍ୱ



ସୁଶାନ୍ତ

| Dollar | Sensex | Nifty | Gold | Silver |
|---|---|---|---|---|
| 68.89 (6) | 39,839.25 (▲ 22.77) | 11,916.75 (▲ 6.45) | 34,380.00 (▲ ₹260) | 38,650.00 (▲ ₹150) |

"କମର୍ସିଆଲ ଭେହିକିଲ ଋଣ ପ୍ରଦାନ ଲାଗି ଇଣ୍ଡୋଷ୍ଟାର୍ କ୍ୟାପିଟାଲ ସହ ଆଇସିଆଇସିଆଇ ବ୍ୟାଙ୍କ ହାତ ମିଳାଇଛି। ଟିୟର-୨,୩,୪ ସହରରେ କମର୍ସିଆଲ ଗାଡ଼ିର ଗ୍ରାହକ ଖୋଜିବା ଏହାଦ୍ୱାରା ସହଜ ହେବା।
– ରବି ନାରାୟନନ, ଆଇସିଆଇସିଆଇ ବ୍ୟାଙ୍କ ସିକ୍ୟୁର୍ଡ ଆସେଟ ମୁଖ୍ୟ



"କେନ୍ଦ୍ର ସରକାର ଏୟାର ଇଣ୍ଡିଆରୁ ପୁଞ୍ଜି ପ୍ରତ୍ୟାହାର ଲାଗି ପ୍ରତିଶ୍ରୁତିବଦ୍ଧ। ତେବେ ଏଥିପୂର୍ବରୁ କମ୍ପାନୀକୁ ଲାଭ ମାର୍ଗରେ ଆଣିବାକୁ ପ୍ରୟାସ କରାଯାଉଛି।
– ହରଦୀପ ସିଂ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



## ସଂକ୍ଷେପରେ

### ଆଜି ଆସିବ ଆର୍ଥିକ ସର୍ଭେ ରିପୋର୍ଟ

**ନୂଆଦିଲ୍ଲୀ,୩-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଶୁକ୍ରବାର ଉପସ୍ଥାପନ କରିବେ। ପରମ୍ପରା ଅନୁଯାୟୀ ଏହାର ଦିନକ ପୂର୍ବରୁ ଗୁରୁବାର ଅର୍ଥମନ୍ତ୍ରୀ ସୀତାରାମନ୍ ୨୦୧୯-୨୦ର ଆର୍ଥିକ ସର୍ଭେ ରିପୋର୍ଟ ସଂସଦରେ ଉପସ୍ଥାପନ କରିବେ। ଦେଶର ମୁଖ୍ୟ ଆର୍ଥିକ ଉପଦେଷ୍ଟା କେ.ଭି.ସୁବ୍ରମଣ୍ୟନଙ୍କ ନେତୃତ୍ୱରେ ପ୍ରସ୍ତୁତ ଏହି ରିପୋର୍ଟରୁ ହିଁ ଚଳିତ ଆର୍ଥିକ ବର୍ଷର ବଜେଟ ରୂପରେଖ ସ୍ପଷ୍ଟ ହୋଇଯିବ। ଚଳିତ ଆର୍ଥିକ ବର୍ଷରେ ଅର୍ଥ ମନ୍ତ୍ରଣାଳୟ ଓ କେନ୍ଦ୍ର ସରକାର କିପରି ଯୋଜନା ପ୍ରସ୍ତୁତ କରିବେ ସେ ସଂକ୍ରାନ୍ତରେ ସର୍ଭେ ରିପୋର୍ଟରେ ଦର୍ଶାଯାଇଥାଏ। ସାଧାରଣତଃ ଗତ ଆର୍ଥିକ ବର୍ଷରେ ଦେଶର ଅର୍ଥନୀତିର ଗତି କେଉଁଆଡେ ରହିଥିଲା, ସେସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ କରାଯିବା ସହ ଚଳିତ ଆର୍ଥିକ ବର୍ଷରେ ସରକାର କ'ଣ କରିବାକୁ ଚାହୁଁଛନ୍ତି, ସେ ବିଷୟରେ ଦର୍ଶାଯାଇଥାଏ। ଅର୍ଥନୀତିର ପୂର୍ଣ୍ଣାଙ୍ଗ ଦୃଶ୍ୟପଟକୁ ପରିସଂଖ୍ୟାନ ତଥ୍ୟ ମାଧ୍ୟମରେ ସର୍ଭେ ରିପୋର୍ଟରେ ପ୍ରଦର୍ଶନ କରାଯାଇଥାଏ। ସମ୍ଭବତଃ ମଧ୍ୟାହ୍ନ ୧୨ଟାରେ ଏହି ଆର୍ଥିକ ସର୍ଭେ ରିପୋର୍ଟକୁ ଉପସ୍ଥାପନ କରାଯିବ ବୋଲି ଆଶାକରାଯାଉଛି।

### ବାଙ୍ଗା, ପ୍ରେମ୍‌ଜୀଙ୍କୁ ମିଳିବ ଗ୍ଲୋବାଲ ଏକ୍ସଲେନ୍ସ ଆୱାର୍ଡ

**ନୂଆଦିଲ୍ଲୀ,୩-୭:** ଆମେରିକା-ଭାରତ ଷ୍ଟ୍ରାଟେଜିକ ପାର୍ଟନରଶିପ୍ ଫୋରମ (ୟୁଏସ୍‌ଆଇଏସ୍‌ପିଏଫ୍) ମାଷ୍ଟରକାର୍ଡ ସିଇଓ ତଥା ପ୍ରେସିଡେଣ୍ଟ ଅଜୟ୍ ବାଙ୍ଗା ଏବଂ ୱିପ୍ରୋ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀଙ୍କୁ ଚଳିତବର୍ଷ ଲାଗି ଗ୍ଲୋବାଲ ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୧୧ରେ ୱାଶିଂଟନରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ସମ୍ମିଳନୀରେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ଫୋରମ ପକ୍ଷରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତା ଜାରେଡ କୁଶନେଟ ଏହି ପୁରସ୍କାର ପ୍ରଦାନ କରିବେ ବୋଲି ୟୁଏସ୍‌ଆଇଏସ୍‌ପିଏଫ୍ ବୋର୍ଡ ଅଧ୍ୟକ୍ଷ ଜନ୍ ଚାମ୍ବର୍ସ କହିଛନ୍ତି। ଏହି ଆୱାର୍ଡ ପାଇବା ଲାଗି ମନୋନୀତ ହୋଇଥିବା ଅଜିମ ପ୍ରେମ୍‌ଜୀ ଧନ୍ୟ ମନେ କରିଛନ୍ତି।

## ■ ମୋଦି ୨.୦ର ପ୍ରଥମ ବଜେଟ

# ନିର୍ମଳାଙ୍କ ସମ୍ମୁଖରେ ବିକାଶ ବୃଦ୍ଧିର ଆହ୍ୱାନ

ନୂଆଦିଲ୍ଲୀ,୩-୭

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବଜେଟ ଉପସ୍ଥାପନ କରିବେ। ସେ ଏଭଳି ସମୟରେ ଦେଶର ଅର୍ଥମନ୍ତ୍ରୀ ପଦଭାର ଗ୍ରହଣ କରିଛନ୍ତି ଯେତେବେଳେ ଦେଶର ଅର୍ଥନୀତି ବିକାଶ ହାର ହ୍ରାସ ପାଇଛି। ନିଯୁକ୍ତି,ସଞ୍ଚୟ ଓ ଉପଭୋକ୍ତା ସାମଗ୍ରୀ କ୍ରୟ କ୍ଷମତା ହ୍ରାସ ସାଙ୍ଗକୁ ଆରମ୍ଭରୁ ମୌସୁମୀ ଧୋକା ଦେବା, ଟ୍ରେଡ ୱାର ସମସ୍ୟା ଅର୍ଥନୀତି ଅଭିବୃଦ୍ଧି କ୍ଷେତ୍ରରେ ବାଧକ ସାଜିଛି। ଏହାର ସମାଧାନ ଲାଗି ସୀତାରାମନ୍‌ଙ୍କ ସମ୍ମୁଖରେ ବହୁ ସାହସିକ ପଦକ୍ଷେପ ନେବାର ଆହ୍ୱାନ ରହିଛି।



ନିର୍ମଳା ସୀତାରାମନ୍

### ବିକାଶ ହାର

ଅର୍ଥମନ୍ତ୍ରୀ ତାଙ୍କର ବଜେଟ ମାଧ୍ୟମରେ ଦେଶର ଅର୍ଥନୀତି ବିକାଶ ହାରକୁ କିପରି ବୃଦ୍ଧି କରିବେ, ତାହା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ଦେଶର ବିକାଶ ହାର ୨୦୧୫ରେ ୭.୫% ଥିବା ବେଳେ ୨୦୧୮-୧୯ରେ ଏହା ୬.୮%କୁ ଖସି ଆସିଛି। ଜିଡିପି ୫ ବର୍ଷର ସର୍ବନିମ୍ନ ସ୍ତରରେ ରହିଥିବା ବେଳେ ଏହାର ଅଭିବୃଦ୍ଧି ଲାଗି ନିର୍ମଳା ଏକାଧିକ ବଡ଼ ପଦକ୍ଷେପ ଘୋଷଣା କରିପାରନ୍ତି।

### ବିତ୍ତୀୟ ନିଅଣ୍ଟ ରୋଡମ୍ୟାପ୍‌ରେ ସଂଶୋଧନ

ବିକାଶ ପ୍ରୋତ୍ସାହନ ପ୍ରଦାନ କରିବାକୁ ଯାଇ ବିତ୍ତୀୟ ନିଅଣ୍ଟ ରୋଡମ୍ୟାପ୍‌କୁ ସଂଶୋଧିତ କରାଯାଇପାରେ। ଆର୍ଥିକ ବର୍ଷ ୨୦୨୦ ଲାଗି ଅନ୍ତରୀଣ ବଜେଟରେ ରାଜସ୍ୱ ନିଅଣ୍ଟ ପରିମାଣ ଜିଡିପିର ୩.୪% ନିର୍ଦ୍ଧାରିତ କରାଯାଇଥିଲା। ଯାହା କି ଆର୍ଥିକ ବର୍ଷ ୨୦୧୭ ଓ ୨୦୧୮ରେ ୩.୫% ରହିଥିଲା।

### ଟିକସ ଛାଡ

ଅର୍ଥମନ୍ତ୍ରୀ ସୀତାରାମନ ଉପଭୋକ୍ତା ବ୍ୟୟ ବଢ଼ାଇବା ଉଦ୍ଦେଶ୍ୟରେ ଟିକସ ଛାଡ ଘୋଷଣା କରିପାରନ୍ତି। ଏହି କ୍ରମରେ ଟିକସ ଛାଡ଼ ସୀମାକୁ ୨.୫ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଏହାବ୍ୟତୀତ କମ୍ପାନୀଙ୍କ ଲାଗି ୟୁନିଫର୍ମ କର୍ପୋରେଟ ଟିକସ ପରିମାଣକୁ ୨୫%କୁ ହ୍ରାସ ଘୋଷଣା ହୋଇପାରେ।

### ସଞ୍ଚୟ ବୃଦ୍ଧି ଉପାୟ

ବ୍ୟାଙ୍କ, ପୋଷ୍ଟ ଅଫିସରେ ସଞ୍ଚୟ କ୍ରମାଗତ ହ୍ରାସ ପାଉଛି। ସରକାର ଏହାକୁ ରୋକିବାକୁ ଯାଇ ସଞ୍ଚୟ ବୃଦ୍ଧି ଉଦ୍ଦେଶ୍ୟରେ କେତେକ ନୂଆ ଉପାୟ ଗ୍ରହଣ କରିପାରନ୍ତି। ପରିବାର ଯେପରି ଅଧିକ ସଞ୍ଚୟ କରିବେ, ସେଥିନେଇ ଟିକସ ପ୍ରୋତ୍ସାହନ ସମ୍ପର୍କରେ ବଜେଟରେ ଘୋଷଣା ହୋଇପାରେ। ଆର୍ଥିକ ବର୍ଷ ୨୦୧୪ରେ ସଞ୍ଚୟ ଆକାଉଣ୍ଟରେ ଜିଡିପିର ୩୨.୧% ଅର୍ଥ ରହିଥିଲା। ଏହା ଆର୍ଥିକ ବର୍ଷ ୨୦୧୮ରେ ହ୍ରାସ ପାଇ ୩୦.୫% ହୋଇଛି।

### ପୁଞ୍ଜି ପ୍ରତ୍ୟାହାର ବୃଦ୍ଧି

ଅର୍ଥମନ୍ତ୍ରୀ ସୀତାରାମନ ପୁଞ୍ଜି ପ୍ରତ୍ୟାହାର ରାସ୍ତାରେ ଯାଇପାରନ୍ତି। ଆର୍ଥିକ ବର୍ଷ ୨୦୧୭ରେ ୪୬,୨୪୬ କୋଟି ଟଙ୍କା ପୁଞ୍ଜି ପ୍ରତ୍ୟାହାର ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୦୧୮ରେ ଏହାକୁ ୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଅନ୍ତରୀଣ ବଜେଟରେ ୯୦ ହଜାର କୋଟି ଟଙ୍କା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା।

### ନିଯୁକ୍ତି ବୃଦ୍ଧି ଲାଗି ଶ୍ରମ ସୁଧାର

ନିଯୁକ୍ତି ବୃଦ୍ଧି ଲାଗି ଦୀର୍ଘ ଦିନ ହେଲା ଅଟକି ରହିଥିବା ଶ୍ରମ ସୁଧାରକୁ ଆଗକୁ ବଢ଼ାଯାଇପାରେ। ନିଯୁକ୍ତିଦାତାଙ୍କ ପକ୍ଷରୁ ଚାକିରି ଦେବା ଓ ହଟାଇବା ନିୟମରେ ପରିବର୍ତ୍ତନ ହୋଇପାରେ। ଟିକସ ପ୍ରୋତ୍ସାହନ ଦେଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରେ।

### ଗ୍ରାମୀଣ ଭାରତ ଲାଗି ପ୍ୟାକେଜ୍

କେନ୍ଦ୍ର ଅର୍ଥମନ୍ତ୍ରୀ ଗ୍ରାମାଞ୍ଚଳରେ ଖର୍ଚ୍ଚ ବୃଦ୍ଧି କରିବା ଲାଗି କେତେକ ଉପାୟ ଘୋଷଣା କରିପାରନ୍ତି। ଚାଷୀଙ୍କ ଲାଗି ଋଣ ଉପରେ ସୁଧ ହାର ହ୍ରାସ କରାଯାଇପାରେ। ସାର ସବ୍‌ସିଡିକୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବା ନେଇ ଘୋଷଣା ହୋଇପାରେ। ଅନ୍ତରୀଣ ବଜେଟରେ ଏମ୍‌ଜିଏନ୍‌ଆର୍‌ଜିଏ ଲାଗି ସରକାର ୬୦ ହଜାର କୋଟି ଟଙ୍କା ଆବଣ୍ଟିତ କରିଥିଲେ, ଯାହା କି ଆର୍ଥିକ ବର୍ଷ ୨୦୧୭ରେ ୩୮,୫୦୦ କୋଟି ଟଙ୍କା ଥିଲା।

### ଜଳସଙ୍କଟ ଲାଗି ପ୍ୟାକେଜ୍

ଦେଶରେ ଜଳସଙ୍କଟ କ୍ରମାଗତ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି 'ଜଳ ଶକ୍ତି' ନାମରେ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ କରାଯାଇଛି। ସରକାର ଚଳିତ ବଜେଟରେ ଜଳ ଲାଗି ସ୍ୱତନ୍ତ୍ର ଭାବେ ଏକ ପାଣ୍ଠି ଘୋଷଣା କରିପାରନ୍ତି। ଏହି ପାଣ୍ଠିରେ ବଡ଼ ଧରଣର ଅର୍ଥ ଆବଣ୍ଟନ କରାଯାଇପାରେ। ୨୦୦୧ରେ ପ୍ରତି ବ୍ୟକ୍ତିଙ୍କ ଲାଗି ୧୮୧୬ କ୍ୟୁବିକ୍ ମିଟର ପାଣି ଉପଲବ୍ଧ ଥିଲା, ଯାହା କି ୨୦୨୫ରେ ୧୩୪୦ ଓ ୨୦୫୦ ସୁଦ୍ଧା ୧୧୪୦ କ୍ୟୁବିକ ମିଟର ରହିଯିବ ବୋଲି ଆଶଙ୍କା କରାଯାଉଛି।

### ଭିତ୍ତିଭୂମି ଉପରେ ଜୋର୍

ଭିତ୍ତିଭୂମି ସେକ୍ଟରରେ ଖର୍ଚ୍ଚ ବୃଦ୍ଧି କରାଯାଇପାରେ। ଏଥିଲାଗି କେତେକ ବଡ଼ ପ୍ରୋଜେକ୍ଟ ଘୋଷଣା ହୋଇପାରେ। ପାଣ୍ଠି ଯୋଗାଡ ଲାଗି ବଣ୍ଡ ଅଣାଯାଇପାରେ।

### ନୂଆ ଟିକସ ଘୋଷଣା

ସରକାର ରାଜସ୍ୱ ବଢ଼ାଇବା ଲାଗି ଲଙ୍ଗ୍ ଟର୍ମ କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ ହାର ବୃଦ୍ଧି କରାଯାଇପାରେ। ସେହିପରି ସରକାର ଦୀର୍ଘ ୩୪ ବର୍ଷ ପରେ ଇନ୍‌ହେରିଟେନ୍ସ ବା ଉତ୍ତରାଧିକାରୀ ଟିକସ ଲାଗୁ କରିପାରନ୍ତି। ସେହିପରି ବ୍ୟାଙ୍କିଙ୍ଗ୍ ଟ୍ରାଞ୍ଜାକ୍ସନ ଟିକସ ବଢ଼ାଇ ରାଜସ୍ୱ ଆଦାୟ ବୃଦ୍ଧି କରାଯାଇପାରେ।

# ଭୁବନେଶ୍ୱରରେ ଖୋଲିଲା ହୋମ୍ ଟାଉନ




ସିଇଓ ସୁମୀତ ମିଧା (ମଝି) ନୂଆ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୩-୭(ବ୍ୟୁରୋ)

ପ୍ରମୁଖ ହୋମ୍ ଷ୍ଟୋର 'ହୋମ୍ ଟାଉନ' ପକ୍ଷରୁ ସ୍ଥାନୀୟ ସତ୍ୟନଗର, ଜନପଥଠାରେ ନୂଆ ଷ୍ଟୋରର ଶୁଭାରମ୍ଭ ଘୋଷଣା ହୋଇଛି। ଏହା ରାଜ୍ୟରେ ହୋମ୍ ଟାଉନର ପ୍ରଥମ ଷ୍ଟୋର। ୪ ଜୁଲାଇରେ ଆନୁଷ୍ଠାନିକ ଭାବେ ଏହା ଖୋଲିବ। ବୁଧବାର ଏହି ଅବସରରେ ଅନୁଷ୍ଠିତ ଖବରଦାତା କାର୍ଯ୍ୟକ୍ରମରେ ପ୍ରାକ୍ସିସ ହୋମ୍ ରିଟେଲ ଲିମିଟେଡର ସିଇଓ ସୁମିତ ମିଧା, ପୂର୍ବାଞ୍ଚଳ ସାଧାରଣ ପ୍ରବନ୍ଧକ ସୌମ୍ୟଜିତ୍ ବାନାର୍ଜୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ୩୫,୦୦୦ ବର୍ଗଫୁଟ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଏଠାରେ ଗୋଟିଏ ଛାତ ତଳେ ଡିଜାଇନର ଉପକରଣ, ହୋମ୍‌ୱେର, ଇଲେକଟ୍ରୋନିକ୍ସ, ମଡ୍ୟୁଲାର କିଚେନ୍, ମଡ୍ୟୁଲାର ୱାର୍ଡରୋବ୍‌ଗୁଡିକର ବିସ୍ତୃତ ସମ୍ଭାର ରହିଛି। ବିସ୍ତୃତ ରେଞ୍ଜ ଲିଭିଂ ରୁମ୍, ଡାଇନିଂ ରୁମ୍, ବେଡ୍‌ରୁମ ଉପକରଣ ଏଠାରେ ଉପଲବ୍ଧ।

### କଷ୍ଟମାଇଜ୍ ସଲ୍ୟୁଶନ ପାଇଁ ଗ୍ରାହକଙ୍କ ନିକଟତର ହୋଇଛୁ: ସିଇଓ

*ଫ୍ୟୁଚର ଗ୍ରୁପର ଏକ ଅଂଶ ଭାବେ ହୋମ୍ ଟାଉନ ବର୍ତ୍ତମାନ ଦେଶର ୨୩ ସହରର ୪୬ ଷ୍ଟୋର ସହ ସେବା ଯୋଗାଉଛି। ଭୁବନେଶ୍ୱର ଷ୍ଟୋର୍ ଆରମ୍ଭ ଅବସରରେ ସିଇଓ ସୁମିତ ମିଧା ଧରିତ୍ରୀକୁ ଦେଇଥିବା ସାକ୍ଷାତ୍କାର....*

**✪ଟାୟାର-୨ ସହରଗୁଡିକରେ ଗ୍ରାହକ ଚାହିଦାରେ କିଭଳି ପରିବର୍ତ୍ତନ ଦେଖୁଛନ୍ତି?**

☆ ଗତ ୧୨ ବର୍ଷ ତଳେ ପ୍ରଥମେ ହୋମ୍ ଟାଉନ ଷ୍ଟୋର ଖୋଲିଥିଲୁ। ପ୍ରାୟ ବଡ ସହରଗୁଡିକରେ ଆମର ଉପସ୍ଥିତି ରହିଛି। ଟାୟାର-୨ ସହରଗୁଡିକରେ ମଧ୍ୟବିତ୍ତ ପରିବାରଗୁଡିକର ଚାହିଦା ବଢିଛି। ଏ କ୍ଷେତ୍ରରେ ସଙ୍ଗଠିତ ବଜାର ଅଂଶ ଏବେ ମଧ୍ୟ କମ୍ ରହିଛି। ମାତ୍ର ଏଥିରେ ଦ୍ରୁତ ପରିବର୍ତ୍ତନ ହେଉଥିବାରୁ ଟାୟାର-୨ ସହରଗୁଡିକ ଉପରେ ଏବେ ଫୋକସ୍ କରିଛୁ। ଏ କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ସହର ହୋଇଥିବାରୁ ଷ୍ଟୋର ଖୋଲିବା ନେଇ ନିଷ୍ପତ୍ତି ନେଇଥିଲୁ।

**✪ବର୍ତ୍ତମାନ ଅନ୍ୟ ବ୍ରାଣ୍ଡଗୁଡିକ ଓଡିଶାରେ ସେମାନଙ୍କ ସ୍ଥିତି ଜାହିର କରିଛନ୍ତି। ନୂଆ ପ୍ଲେୟାର ଭାବେ କିଭଳି ଲୋକଙ୍କର ନିକଟତର ହେବେ?**

☆ ଗତ ୧୨ ବର୍ଷ ହେବ ଆମେ ଗ୍ରାହକଙ୍କୁ ସେବା ଯୋଗାଇ ଆସୁଛୁ। ଏଠାରେ ନୂଆ। ହେଲେ ମଧ୍ୟ କଷ୍ଟମାଇଜ ସଲ୍ୟୁଶନ, ସମନ୍ୱିତ ସେବା ଆମକୁ ଗ୍ରାହକଙ୍କ ନିକଟତର କରିଛି। ଗ୍ରାହକ ଆମ ଷ୍ଟୋରରୁ ଥରେ ସାମଗ୍ରୀ କିଣିବା ପରେ ପୁଣି ଥରେ ଆସୁଛନ୍ତି। ଭୁବନେଶ୍ୱରର ଗ୍ରାହକଙ୍କଠାରୁ ଭଲ ରେସପନ୍ସ ପାଇବା ନେଇ ଆଶାବାଦୀ। ଆମର ନିରନ୍ତର ଗ୍ରାହକଙ୍କ ପ୍ରତିଶତ ହେଉଛି ପ୍ରାୟ ୩୫%। ଭଲ ସେବା ପାଇବା ପରେ ସେହି ଗ୍ରାହକଙ୍କ ରେଫରେନ୍ସ ଦ୍ୱାରା ଅନ୍ୟ ଗ୍ରାହକ ଆସୁଛନ୍ତି। ଏଣ୍ଡ-ଟୁ-ଏଣ୍ଡ ସର୍ଭିସ ଦେଉଛୁ। ଘର ସାମଗ୍ରୀର କୌଣସି ଗୋଟିଏ ସେଗ୍‌ମେଣ୍ଟରେ ଫୋକସ୍ ନ କରି ସମ୍ପୂର୍ଣ୍ଣ ଆବଶ୍ୟକତାକୁ ପ୍ରାଥମିକତା ଦେଉଛୁ।

**✪କେଉଁ କେଉଁ ସ୍ୱତନ୍ତ୍ର ସେବା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି?**

☆ ଷ୍ଟୋର ଆରମ୍ଭ ଉପଲକ୍ଷେ ୫୦ରୁ ୬୦% ପର୍ଯ୍ୟନ୍ତ ଅଫର ରହିଛି। ଆମର ନିଜସ୍ୱ ଡିଜାଇନରମାନଙ୍କ ଦ୍ୱାରା ଗ୍ରାହକଙ୍କ ସ୍ୱେଶ ଆବଶ୍ୟକତା ଅନୁସାରେ କିଚେନ୍, ୱାର୍ଡରୋବ ଏବଂ ମଡ୍ୟୁଲାର ସମାଧାନ କରୁଛୁ। ୧ ବର୍ଷର ୱାରେଣ୍ଟି, ମାଗଣା ସର୍ଭିସ କ୍ୟାମ୍ପ, ସେମ୍ ଡେ ଇନଷ୍ଟାଲେଶନ, ଡେଲିଭରି ସେବା , କମ୍ପିଟିଟିଭ ମୂଲ୍ୟ, ଏକ୍ସଚେଞ୍ଜ ଅପ୍‌ଗ୍ରେଡ, ସ୍ୱତନ୍ତ୍ର 'ମାନେ ୟା ନା ମାନେ' ସେଲ, ସର୍ବୋତମ ବିକ୍ରି ପରବର୍ତ୍ତୀ ସେବା, ଦୀର୍ଘକାଳୀନ ମେଣ୍ଟେନାନ୍ସ ସୁବିଧା ଦେଉଛୁ। ସେହିଭଳି ଫାଇନାନ୍ସ ସୁବିଧା ମଧ୍ୟ ଗ୍ରାହକ ପାଇପାରିବେ।

**✪ସମ୍ପ୍ରସାରଣ ନେଇ କ'ଣ ଯୋଜନା ରହିଛି?**

☆ଚଳିତ ବର୍ଷ ବିହାରର ପାଟନା, ସିଲିଗୁଡି ଏବଂ ହାଇଦ୍ରାବାଦରେ ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛୁ। ଆଉ କିଛି ଷ୍ଟୋର ଖୋଲିବା ନେଇ ସ୍ଥାନ ଚୟନ କରାଯାଉଛି। ସମ୍ପ୍ରସାରଣ ଧାରା ଜାରି ରହିବ।

# ଏସ୍‌ପ୍ଲାନେଡ୍ ୱାନ୍‌ର ପୂର୍ତ୍ତି ଅଫର

ଭୁବନେଶ୍ୱର,୩-୭

ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୫,୬ ଏବଂ ୭ ତାରିଖରେ ମଲ୍‌ରୁ କ୍ରୟ କ୍ରୟରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ବ୍ରାଣ୍ଡ ଉପରେ ଗ୍ରାହକମାନେ ଫ୍ଲାଟ ୫୦% ରିହାତି ପାଇ ପାରିବେ। ମଲ୍‌ରେ ବର୍ତ୍ତମାନ 'ଅସ୍‌ଲି ହାପିନେସବାଲା ସେଲ୍' ଚାଲୁ ରହିଛି। ଏହା ସହିତ ୪ ତାରିଖରେ ରଥଯାତ୍ରା ପାଳନ ସହ ଅଫରର ଲାଭ ନେବାକୁ ଗ୍ରାହକଙ୍କୁ ସୂଚନା ରହିଛି। ଗୋଟିଏ ବର୍ଷ ମଧ୍ୟରେ ଏସ୍‌ପ୍ଲାନେଡ ବହୁ ଲୋକପ୍ରିୟତା ହାସଲ କରିବାକୁ ସକ୍ଷମ ହୋଇଥିବା ଏହା ସୂଚନା ଦେଇଛି। ରଥଯାତ୍ରା ପାଳନ ସହ ଫ୍ୟାଶନ, ଫୁଡ ଏବଂ ଫନ୍ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଏଠାରେ ପାଳନ କରାଯାଉଛି। ଗତ ଗୋଟିଏ ବର୍ଷ ମଧ୍ୟରୁ ଲୋକଙ୍କଠାରୁ ବହୁତ ଭଲ ପାଇବା ଏବଂ ସହଯୋଗ ଲାଭ କରିଛୁ ବୋଲି ଏସ୍‌ପ୍ଲାନେଡ ୱାନର ସେଣ୍ଟର ନିର୍ଦ୍ଦେଶକ ପାର୍ଥ ପ୍ରତିମ ନାୟକ କହିଛନ୍ତି। 'ଅସ୍‌ଲି ହାପିନେସବାଲା ସେଲ୍' ୧୫ ଅଗଷ୍ଟ ପର୍ଯ୍ୟନ୍ତ ଚାଲୁ ରହିବ। ୨୫୦୦ ଟଙ୍କାର କ୍ରୟ ଉପରେ ଗ୍ରାହକମାନେ ନିଶ୍ଚିନ୍ତ ଗିଫ୍ଟ ଭାଉଚର ଜିତିବାର ସୁଯୋଗ ପାଇପାରିବେ।

### ଶିଳ୍ପପତି ବି.କେ.ବିର୍ଲାଙ୍କ ପରଲୋକ

ନୂଆଦିଲ୍ଲୀ,୩-୭

ଶିଳ୍ପପତି କୁମାର ମଙ୍ଗଳମ ବିର୍ଲାଙ୍କ ଜେଜେବାପା ତଥା ବି.କେ.ବିର୍ଲା ଗ୍ରୁପ୍ ଅଫ୍ କମ୍ପାନୀର ଅଧ୍ୟକ୍ଷ ବି.କେ.ବିର୍ଲାଙ୍କର ୯୮ ବର୍ଷରେ ବୁଧବାର ମୁମ୍ବାଇରେ ପରଲୋକ ହୋଇଯାଇଛି। ୧୯୨୧ ଜାନୁୟାରୀ ୧୨ରେ ଜନ୍ମିତ ବସନ୍ତ କୁମାର ବିର୍ଲା ଶିଳ୍ପ ଜଗତରେ ବି.କେ. ନାମରେ ପରିଚିତ ଥିଲେ। ବିଶିଷ୍ଟ ଉଦ୍ୟୋଗପତି ଘନଶ୍ୟାମ ବିର୍ଲାଙ୍କର ସେ ସର୍ବକନିଷ୍ଠ ପୁତ୍ର ଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ବ୍ୟବସାୟ ସହ ଜଡ଼ିତ ହୋଇଥିଲେ। ତାଙ୍କର ତିନି ସନ୍ତାନଙ୍କ ମଧ୍ୟରୁ ଏକମାତ୍ର ପୁତ୍ର ଆଦିତ୍ୟ ବିକ୍ରମ ବିର୍ଲାଙ୍କର ୧୯୯୫ରେ ପରଲୋକ ହୋଇଯାଇଛି। କେସୋରାମ ଇଣ୍ଡଷ୍ଟ୍ରିଜର ୮୮ତମ ବାର୍ଷିକ ସାଧାରଣ ବୈଠକରେ ଯୋଗ ଦେଇ ସେ କହିଥିଲେ ଯେ, ୯୦ ବର୍ଷବୟସରେ ଅବସର ନେବେ।

**PARADIP PORT TRUST**
CORRIGENDUM TO E-TENDER CALL NOTICE NO. EM/MM/P/IOHP/17/2019/1906TDR110 DT. 04/06/2019 FOR SUPPLY OF NYLON CONVEYOR BELT.
The due date of submission of Tender & opening of EMD Bid is hereby further extended as below.
1. Last Date of submission of tender up to 5.00 PM of **Dt. 17/07/2019.** 2. Opening of EMD Bid at 3.30 PM of **Dt. 19/07/2019.** All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
Sr. Dy. Materials Manager
PPT/PR/164/19-20 Dt. 02/07/2019

**COLLEGE OF ENGINEERING & TECHNOLOGY (Autonomous)**
NAAC 'A'
(A Constituent College of Biju Patnaik University of Technology, Odisha)
Techno Campus, P.O.- Mahalaxmi Vihar, Bhubaneswar - 751029, Odisha, India
No. 1700/CET Date: 03.07.2019
ADDENDUM TO ADMISSION NOTICE
(ADMISSION INTO REGULAR TWO-YEAR MASTER OF SCIENCE (M.SC.) PROGRAMME – 2019; PUBLISHED VIDE THIS OFFICE LETTER NO. 1547/CET DATED 31.05.2019)
The last date for admission into **REGULAR TWO-YEAR MASTER OF SCIENCE (M.SC.) PROGRAMME – 2019** is hereby extended to **July 15, 2019.** For detailed information visit our college website **www.cet.edu.in**
Sd/-
PRINCIPAL

**GOVERNMENT POLYTECHNIC, SONEPUR**
At- Badajhinki, Dist.- Subarnapur, PIN- 767017
E-mail: principalgpsonepur@rediffmail.com
Web: www.govtpolysonepur.org
**DIPLOMA ENGINEERING ADMISSION FOR 2019-20**
Candidates desire to take admission in Diploma Engineering in **Civil / Electrical / Mechanical / Metallurgy** Branch at Govt. Polytechnic, Sonepur may apply online through **http://www.dtetodisha.gov.in** or **http://skill.samsodisha.gov.in/diploma.aspx for registration**.
*For any query please contact:*
Office: 06654-220622, Principal: 94380-76622
Admission in-charge: 98746-15765
DEO: 95567-37087
*Sd./- Principal*
*Govt. Polytechnic, Sonepur*

**Sambalpur University Institute of Information Technology**
**SPOT ADMISSION: 2019-20**
Advt. No.: 730 / SUIIT Dated: 03/07/2019
*Few General and Reserved (ST & SC) seats are available for admission in to the following programmes of SUIIT. Interested candidates (in person) are required to report the Administrative Officer, SUIIT on 11th July, 2019 (Thursday) within 8.30 AM to 10.30 AM (positively) for spot admission.*

| Sl. No. | Programme Name | Amount required at the time of admission (including 1st Sem fees) |
|---|---|---|
| 1 | ◆ Master in Computer Application | Rs. 37,000.00 |
| 2 | ◆ M. Sc Electronics<br>◆ M. Sc Computer Science | Rs. 32,000.00 |
| 3 | ◆ M. Tech Computer Science and Engg.<br>◆ M. Tech Communication System Engg.<br>◆ M. Tech Embedded Systems Design | Rs. 47,000.00 |
| 4 | ◆ M. Phil Electronics *(ST & SC only)*<br>◆ M. Phil Computer Science *(ST & SC only)* | Rs. 37,000.00 |

Come prepared with all testimonials (in original & two sets of photocopy), 6 passport size coloured photographs, CLC & Conduct certificate in original. If selected you have to pay the required amount (as mentioned against each) in shape of Demand Draft or can deposit in the SBI A/C directly.
**INSTRUCTIONS**
Interested candidates should report to the Administrative Officer, SUIIT within 8.30 AM to 10.30 AM (positively) and submit the filled in application form (available at website and office) along with photocopy of all testimonials and a sum of Rs. 500.00 (cash) as processing fee. There will be a written examination at 11.00 AM for all programmes. Selection will be done on same day, as per rule.
**FOR DETAIL INFORMATION AND ELIGIBILITY CRITERIA**
**Visit: www.suiit.ac.in**
*Contact:*
*Dr. S. Jena, HOD, CSE&A – 8247679467,*
Dr. N. K. Barpanda, HOD, EL – 9438074077, Mrs. S. Kar, HOD, ECE – 9439657668
Email: admin.office@suiit.ac.in/director@suiit.ac.in Director, SUIIT

**CENTRAL UNIVERSITY OF ORISSA**
(Established Under the Act of Parliament, 2009)
Sunabeda, Dist.Koraput, Odisha. PIN-763004
No.CUO/Admn./EGF/116 Dtd. 1st July 2019
**WALK-IN-INTERVIEW FOR EMPANELMENT OF GUEST FACULTY**
The Central University of Orissa, Koraput is going to conduct 'walk-in-interview' for empanelment of Guest Faculty in various Departments for one semester for the academic session 2019-20. The engagement of Guest Faculty will be made from the panel prepared through walk-in-interview. The engagement is purely temporary, likely to be extended for another semester on satisfactory performance. However, the engagement will be terminated on the joining of a regular faculty in between. Minimum eligibility (Qualifications) shall be as per UGC Regulations on Minimum Qualifications for appointment of Teachers, 2018. The selected candidates shall be paid an honorarium of ₹1500 per lecture subject to maximum of ₹50,000 per month. The Guest Faculty will not be given the benefit of allowances, pension, gratuity and leave etc. as admissible to the regular teachers.
The superannuated teachers will also be considered for engagement as Guest Faculty subject to maximum age limit of 70 years.
The candidates seeking empanelment as Guest Faculty are requested to appear in the walk-in-interview on the date, time and venue specified along with filled in application form and original certificates, mark-sheets and testimonials with one set of photocopy.

| Sl. No. | Subject | Date and Reporting Time | Venue |
|---|---|---|---|
| 1 | Hindi, Sanskrit and Statistics | 10.07.2019, 9:00 AM | CUO Camp Office, New Govt. Colony, Type-C, Block-4, Gajapati Nagar, Bhubaneswar |
| 2. | English and Sociology | 11.07.2019, 9:00 AM | |
| 3. | Economics, Mathematics and Computer Science | 12.07.2019, 9:00 AM | |
| 4. | Education and Business Administration | 13.07.2019, 9:00 AM | |

For details of eligibility, terms and conditions prescribed for the posts, see the Central University of Orissa website (www.cuo.ac.in). The University reserves the right to withdraw partial or full notification without assigning any reason.
Sd/-
Registrar

# ସେମିଫାଇନାଲରେ ଇଂଲଣ୍ଡ

**ଚେଷ୍ଟର- ଲି- ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଆୟୋଜକ ଇଂଲଣ୍ଡ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଭାରତ ସେମିରେ ପ୍ରବେଶ କରିସାରିଛନ୍ତି। ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ବୃହତ୍ ୧୧୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ୧୯୯୨ ପରେ ପ୍ରଥମଥର ପାଇଁ ବିଶ୍ୱକପ୍ ସେମିକୁ ଉଠିଛି। ତେବେ ପରାସ୍ତ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ପାଇଁ ଏବେ ମଧ୍ୟ ସେମିଫାଇନାଲର ଆଶା ଉଜ୍ଜୀବିତ ରହିଛି। ଶୁକ୍ରବାର ଲର୍ଡ୍ସରେ ଖେଳାଯିବାକୁ ଥିବା ପାକିସ୍ତାନ- ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସବୁକିଛି ନିର୍ଭର କରୁଛି। ଏହାର ଉପରେ ଚତୁର୍ଥ ସେମିଫାଇନାଲିଷ୍ଟ କିଏ ହେବ ତାହା ସ୍ପଷ୍ଟ ହେବ। ସେମିକୁ ଉଠିବାକୁ ହେଲେ ପାକିସ୍ତାନକୁ ବୃହତ୍ ବ୍ୟବଧାନରେ ବିଜୟୀ ହେବାକୁ ପଡିବ। ୧୯୮୩ ପରେ ଇଂଲଣ୍ଡ ବିଶ୍ୱକପ୍‌ରେ କେବେବି ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରି ନ ଥିବା ବେଳେ ଏଥର କିନ୍ତୁ ସଫଳ ହୋଇଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଓପନର ଜନି ବେୟାରଷ୍ଟୋଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୫ ରନ ସଂଗ୍ରହ କରିଛି। ଜବାବରେ ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ରନ କରି ଅଲଆଉଟ୍ ହେବା ସହ ଆତ୍ମସମର୍ପଣ କରିଥିଲା। ଶତକ ହାସଲ କରିଥିବା ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୦୬ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୧୪ ରନରେ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ହେନେରୀ ନିକୋଲ୍ସଙ୍କୁ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ହେନେରୀ ଖାତା ଖୋଲିବା ପୂର୍ବରୁ କ୍ରିସ୍ ୱୋକ୍ସଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପରି ୮ ରନ କରିଥିବାବେଳେ ଗୁପ୍ଟିଲ ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଜୋସ ବଟଲରଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ୨୭ ରନ କରିଥିବା ବେଳେ ମାର୍କ ଉଡ୍‌ଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଏହାପରେ ଅଭିଜ୍ଞ ରସ୍ ଟେଲର ମଧ୍ୟ ଅନୁରୂପ ଭାବେ ପ୍ୟାଭିଲିୟନ ଫେରିଥିଲେ। ୨୮ ରନ କରିଥିବାବେଳେ ଆଦିଲ ରସିଦଙ୍କ ଥ୍ରୋରେ ସେ ଉଇକେଟକିପର ଜୋସ ବଟଲରଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ଦୁଇ ତାରକା ବ୍ୟାଟ୍ସମ୍ୟାନ ରନ୍ ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ଇନିଂସ ଦୋହଲିଯାଇଥିଲା। ଏହାପରେ ଜିମ୍ମି ନିଶାମ ୧୯ ଓ କଲିନ ଡି ଗ୍ରାଣ୍ଡହୋମ ୩ ରନ କରି ଯଥାକ୍ରମେ ଉଡ୍ ଓ ଷ୍ଟୋକ୍ସଙ୍କ ଦ୍ୱାରା ଆଉଟ ହୋଇଥିଲେ। ନିଶାମ ବୋଲ୍ଡ ହୋଇଥିବା ବେଳେ ଗ୍ରାଣ୍ଡହୋମ ରୁଟଙ୍କୁ କ୍ୟାଚ୍ ଦେଇଥିଲେ। ଉଇକେଟକିପର ଟମ୍ ଲଥାମ ଲଢୁଆ ପ୍ରଦର୍ଶନ କରି ୬୫ ବଲର ସମ୍ମୁଖୀନ ହୋଇ ୫ ଚୌକା ସହ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ଲିୟମ ପ୍ଲଙ୍କେଟଙ୍କ ବଲରେ ଉଇକେଟ ପଛରେ ବଟଲରଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ପଞ୍ଚମ ଉଇକେଟରେ ଲଥାମ ଓ ନିଶାମ ୫୪ ରନ ସଂଗ୍ରହ କରିଥିଲେ। ଏହାପରେ ମିଚେଲ ସାଣ୍ଟନର ୧୨ ରନ କରି ଉଡ୍‌ଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୭ ରନ କରିଥିବାବେଳେ ମ୍ୟାଟ୍ ହେନେରୀ ବୋଲ୍ଡ ହୋଇ ଉଡ୍‌ଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷରେ ଟ୍ରେଣ୍ଟ ବୋଲ୍ଟ ସ୍ପିନର ଆଦିଲ ରସିଦଙ୍କ ବଲ୍‌ରେ ବଟଲରଙ୍କୁ କ୍ୟାଚ୍ ଦେଇଥିଲେ। ଟିମ୍ ସୌଦି ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଉଡ୍ ୩, ୱୋକ୍ସ, ଆର୍ଚର, ପ୍ଲଙ୍କେଟ, ରସିଦ ଓ ଷ୍ଟୋକ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଜବରଦସ୍ତ ଆରମ୍ଭ କରିଥିଲା। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୯ ଓଭର ପୂର୍ବରୁ ୧୨୩ ରନ ସଂଗ୍ରହ କରିନେଇଥିଲେ। ତେବେ ରୟ ୮ ଚୌକା ସହ ୬୧ ବଲରୁ ୬୦ ରନ କରି ଜିମ୍ମି ନିଶାମଙ୍କ ବଲ୍‌ରେ ମିଚେଲ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ୨୫ଟି ବଲ୍ ଖେଳି ୨୪ ରନ କରିଥିବା ବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଉଇକେଟ ପଛରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇଥିଲେ ଓ ସେ ପୁଣିଥରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛନ୍ତି। ଏଥିସହିତ ରୁଟ୍ ଚଳିତ ବିଶ୍ୱକପ୍‌ରେ ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ୫୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ପୁଣି ସେ ପ୍ରଥମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଛନ୍ତି। ଏହାପରେ ଇନ୍‌ଫର୍ମ ଓପନର ବେୟାରଷ୍ଟୋ ୯୯ଟି ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୧ ଛକା ସହାୟତାରେ ୧୦୬ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ମ୍ୟାଟ୍ ହେନେରୀଙ୍କ ବଲ୍‌ରେ ସେ ଲାଇନ ମିସ୍ କରି ପ୍ଲେଡ ଅନ୍ ହୋଇଥିଲେ। ବଲ୍ ବ୍ୟାଟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ବେୟାରଷ୍ଟୋ ପ୍ରଥମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ କ୍ରମାଗତ ଦୁଇଟି ଶତକ ଅର୍ଜନ କରିବାର ଗୌରବ ଅର୍ଜନ କରିଛନ୍ତି। ଏହାପୂର୍ବରୁ ସେ ଭାରତ ବିପକ୍ଷରେ ୧୧୧ରନର ଶତକୀୟ ଇନିଂସ ଖେଳିଥିଲେ।

ଇଂଲଣ୍ଡ ଏକଦା ଗୋଟିଏ ଉଇକେଟ ହରାଇ ୧୯୪ ରନ କରି ଦୃଢ଼ ସ୍ଥିତିରେ ଥିଲା। ତେବେ ଏହାପରେ ଉଇକେଟ ମନ୍ଥର ହୋଇଥିଲା। ଫଳରେ ପ୍ରତ୍ୟାବର୍ତ୍ତନ କରି ନ୍ୟୁଜିଲାଣ୍ଡ ବୋଲରମାନେ ଗୋଟିଏ ପରେ ଗୋଟିଏ ଉଇକେଟ ହାସଲ କରିଥିଲେ। ଫଳରେ ଇଂଲଣ୍ଡକୁ ୩୦୦ ରନ ପାର କରିବାକୁ ସଂଘର୍ଷ କରିବାକୁ ପଡିଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ବିଫଳ ହୋଇଥିଲେ। ସେ ୧୧ ରନ କରି ବୋଲ୍ଟଙ୍କ ବଲ୍‌ରେ କେନ ୱିଲିୟମସନଙ୍କୁ କ୍ୟାଚ୍ ଦେଇଥିଲେ। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମନ୍ଥର ବ୍ୟାଟିଂ କରି ୨୭ଟି ବଲର ସମ୍ମୁଖୀନ ହୋଇ ମାତ୍ର ୧୧ ରନ କରି ସ୍ପିନର ସାଣ୍ଟନରଙ୍କ ବଲ୍‌ରେ ହେନେରୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି କ୍ରିସ୍ ୱୋକ୍ସ ୪ ରନ କରିଥିବା ବେଳେ ନିଶାମଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ଇଅନ ମୋର୍ଗାନ ୪୦ ବଲରୁ ୫ ଚୌକା ସହ ୪୨ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ହେନେରୀଙ୍କ ବଲ୍‌ରେ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ଆଦିଲ ରସିଦ ୧୬ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିଲେ। ଲିଅମ ପ୍ଲଙ୍କେଟ ୧୫ ଓ ଜୋଫ୍ରା ଆର୍ଚର ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବୋଲ୍ଟ, ହେନେରୀ, ନିଶାମ ୨ଟି ଲେଖାଏ, ସାଉଦି ଓ ସାଣ୍ଟନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ଦ୍ରୁତ ବୋଲର ଲୋକି ଫର୍ଗୁସନ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ସାଉଦିଙ୍କୁ ଖେଳିବାକୁ ସୁଯୋଗ ମିଳିଛି। ଟୁର୍ନାମେଣ୍ଟରେ ସେ ୯ ଓଭରରେ ୭୦ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଂଲଣ୍ଡ ୫୦ ଓଭରରେ ୩୦୫/୮ (ବେୟାରଷ୍ଟୋ- ୧୦୬, ରୟ- ୬୦, ମୋର୍ଗାନ- ୪୨, ରୁଟ୍- ୨୪, ବୋଲ୍ଟ- ୨/୫୬, ହେନେରୀ- ୨/ ୫୪, ନିଶାମ- ୨/୪୧)

ନ୍ୟୁଜିଲାଣ୍ଡ ୪୫ ଓଭରରେ ୧୮୬ ଅଲଆଉଟ୍ (ଲଥାମ- ୫୭, ଟେଲର- ୨୮, ୱିଲିୟମସନ- ୨୭, ଉଡ୍- ୩/୩୪)।


ଶତକ ହାସଲ ପରେ ଜନି ବେୟାରଷ୍ଟୋ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୮** | **୬** | **୧** | **୦** | **୧** | **୧୩** | **+୦.୮୧୧** |
| ଇଂଲଣ୍ଡ | ୯ | ୬ | ୩ | ୦ | ୦ | ୧୨ | +୧.୧୫୨ |
| ନ୍ୟୁଜିଲାଣ୍ଡ | ୯ | ୫ | ୩ | ୦ | ୧ | ୧୧ | +୦.୧୭୫ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୮ | ୩ | ୪ | ୦ | ୧ | ୭ | -୦.୧୯୫ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | -୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

# ବାଂଲାଦେଶକୁ ୩୧୬ ରନରେ ହରାଇଲେ ସେମିରେ ପହଞ୍ଚିବ ପାକିସ୍ତାନ

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୩।୭**

ବିଶ୍ୱକପ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ୧୧୯ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ୩ୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛି। ଇଂଲଣ୍ଡର ଏହି ବିଜୟ ଏବେ ପାକିସ୍ତାନର ସେମିଫାଇନାଲ ଖେଳିବା ଆଶାକୁ ଏକପ୍ରକାର ମଉଳାଇ ଦେଇଛି। ନ୍ୟୁଜିଲାଣ୍ଡ ବର୍ତ୍ତମାନ ୧୧ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି କିନ୍ତୁ ସେମିଫାଇନାଲରେ ସ୍ଥାନ ପକ୍କା କରିନାହିଁ। ଅପରପକ୍ଷରେ ପାକିସ୍ତାନ ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍‌ରୁ ୯ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ତେବେ ସେମିଫାଇନାଲରେ ପ୍ରବେଶ ପାଇଁ ସର୍ଫରାଜ ଅହମ୍ମଦଙ୍କ ଦଳ ନିକଟରେ ଏକ ଅସମ୍ଭବ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି। ପାକିସ୍ତାନ ଏହାର ଅନ୍ତିମ ମ୍ୟାଚ୍‌ରେ ଶୁକ୍ରବାର ବାଂଲାଦେଶକୁ ଭେଟିବ। ଯଦି ଏହି ମ୍ୟାଚ୍‌ରେ ଦଳ ୩୧୬ ରନରେ ବାଂଲାଦେଶକୁ ପରାସ୍ତ କରେ ତେବେ ରନ୍‌ରେଟ୍ ବ୍ୟବଧାନରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ସେମିଫାଇନାଲରେ ପ୍ରବେଶ କରିବ। ଏହାର ଅର୍ଥ ଏହି ମ୍ୟାଚ୍‌ରେ ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ କରି ୪୦୦ ରନ ସ୍କୋର କରିବା ନିହାତି ଆବଶ୍ୟକ। ଏବଂ ଏହାପରେ ବାଂଲାଦେଶକୁ ୮୪ ରନରେ ଅଲ୍‌ଆଉଟ୍ କରିପାରିଲେ ସେମିଫାଇନାଲରେ ପହଞ୍ଚିପାରିବ। ଯଦି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରିବ ତେବେ ପାକିସ୍ତାନ ବିଶ୍ୱକପ୍‌ରୁ ବିଦାୟ ନେବ।

# ବିଶ୍ୱକପ୍ ପରେ ଅବସର ନେଇପାରନ୍ତି ଧୋନୀ

**ବର୍ମିଂହାମ,୩।୭(ପିଟି)**



ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅନ୍ତିମ ମ୍ୟାଚ୍ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇପାରେ। ଯଦି ଭାରତୀୟ ଦଳ ଫାଇନାଲକୁ ଉନ୍ନୀତ ହୁଏ ଓ ବିଶ୍ୱକପ୍ ଜିତେ, ତେବେ ଏହା କିମ୍ବଦନ୍ତୀ ଭାରତୀୟ କ୍ରିକେଟରଙ୍କ ଶ୍ରେଷ୍ଠ ବିଦାୟୀ ହେବ। ଧୋନୀଙ୍କ ବିଷୟରେ କିଛି କହି ହେବ ନାହିଁ। କିନ୍ତୁ ବିଶ୍ୱକପ୍ ପରେ ଧୋନୀ ଭାରତୀୟ ଦଳରେ ଖେଳିବାର ସମ୍ଭାବନା ଖୁବ କମ୍। ସେ ଯେଉଁଭଳି ଅଧିନାୟକତ୍ୱରୁ ଅବସର ନେଇଥିଲେ, ତାହା ଦେଖିଲେ ଧୋନୀଙ୍କ ସମ୍ପର୍କରେ ଭବିଷ୍ୟବାଣୀ କରିହେବ ନାହିଁ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଧୋନୀଙ୍କୁ ଆଉ ୨ ବର୍ଷ ଅର୍ଥାତ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ସମୟ ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଥର ଧୋନୀଙ୍କ ପ୍ରଦର୍ଶନ ସେତେଟା ଭଲ ନ ଥିଲେ ମଧ୍ୟ ଭାରତୀୟ ଦଳ ସେମିଫଇନାଲରେ ପ୍ରବେଶ କରିଛି। ଏଣୁ କୌଣସି ପରିସ୍ଥିତିରେ ତାଙ୍କୁ କେହି ଅବସର ଲାଗି ପଚାରି ପାରିବେ ନାହିଁ ବୋଲି ଜଣେ ସିନିୟର ବିସିସିଆଇ ଅଫିସିଆଲ କହିଛନ୍ତି। ବର୍ତ୍ତମାନ କାର୍ଯ୍ୟକାରୀ ଚୟନ କମିଟି ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବ। ଏହାପରେ ଅଷ୍ଟ୍ରେଲିଆରେ ଆଗାମୀ ବର୍ଷ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ଲାଗି ଦଳକୁ ପ୍ରସ୍ତୁତ କରାଯିବ। ଏଣୁ ଦଳରେ କିଛି ପରିବର୍ତ୍ତନ ହୋଇପାରେ। ଧୋନୀ ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୯୩ ଷ୍ଟ୍ରାଇକ ରେଟ୍‌ରେ ୨୨୩ ରନ୍ କରିଛନ୍ତି। ଧୋନୀଙ୍କ ଷ୍ଟ୍ରାଇକ ପରିବର୍ତ୍ତନ କରିବା ଓ ବଡ଼ ଶର୍ଟ ଖେଳିବା ଦକ୍ଷତା ଉପରେ ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ଭଳି ଖେଳାଳି ପ୍ରଶ୍ନ ଉଠାଇଛନ୍ତି।

# ୫୦୦ ରନ୍ କ୍ଲବରେ ରୁଟ୍

**୫୦୦ ରନ, କେଉଁ ବିଶ୍ୱକପରେ କେତେଜଣ**

- ୧୯୯୬: ୧
- ୨୦୦୩: ୧
- ୨୦୦୭: ୩
- ୨୦୧୧: ୧
- ୨୦୧୫: ୨
- ୨୦୧୯: ୫*



**ଚେଷ୍ଟର- ଲି- ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପରେ ୫ମ ଖେଳାଳିଭାବେ ଇଂଲଣ୍ଡର ଜୋ ରୁଟ୍ ୫୦୦ ରନ ପୂରଣ କରିଛନ୍ତି। ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସେ ୨୪ ରନ ସ୍କୋର କରି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ପୂର୍ବରୁ ଭାରତର ରୋହିତ ଶର୍ମା (୫୪୪), ବାଂଲାଦେଶର ସାକିବ ଅଲ ହାସନ (୫୪୨), ଅଷ୍ଟ୍ରେଲିଆର ଡେଭିଡ ୱାର୍ନର (୫୧୬) ଓ ଆରୋନ ଫିଞ୍ଚ୍ (୫୦୪) ଏହି କ୍ଲବର ସଦସ୍ୟ ଅଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୧ ରନ କରି ଅଭିଯାନ ଆରମ୍ଭ କରିଥିବା ରୁଟ୍ ପାକିସ୍ତାନ ବିପକ୍ଷରେ ୧୦୭, ବାଂଲାଦେଶ ୨୧, ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦୦*, ଆଫଗାନିସ୍ତାନ ବିପକ୍ଷରେ ୮୮, ଶ୍ରୀଲଙ୍କା ବିପକ୍ଷରେ ୫୭, ଅଷ୍ଟ୍ରେଲିଆ ବିପକ୍ଷରେ ୮, ଭାରତ ବିପକ୍ଷରେ ୪୪ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ରନ ସ୍କୋର କରିଛନ୍ତି। ଫଳରେ ଇଂଲଣ୍ଡର ଲିଗ୍ ମ୍ୟାଚ୍ ଶେଷରେ ରୁଟ୍‌ଙ୍କ ରନ ସଂଖ୍ୟା ୫୦୦ ସ୍ପର୍ଶ କରିଛି।

# ସମ୍ମାନ ପାଇଁ ଲଢ଼େଇ

**ଲିଡ୍ସ,୩।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦୁଇ ଦଳ ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ସେମାନଙ୍କ ଶେଷ ଲିଗ୍ ମ୍ୟାଚ୍‌ରେ ଗୁରୁବାର ପରସ୍ପରକୁ ଭେଟିବେ। ଲିଡ୍ସର ହେଡିଂଲେ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ଏହି ୪୨ତମ ମ୍ୟାଚ୍‌ରେ ଆଫଗାନିସ୍ତାନ ମନସ୍ତାତ୍ତ୍ୱିକ ଭାବେ ଆଗରେ ଥିବା ଭଳି ମନେହେଉଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଟେବୁଲର ଦଶମ ତଥା ଅନ୍ତିମ ସ୍ଥାନରେ ରହିଛି। ସେହିପରି ୱେଷ୍ଟଇଣ୍ଡିଜ ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୬ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଟେବୁଲର ନବମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ପ୍ରଥମ ବିଜୟ ହାସଲ କରି ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ଗତବର୍ଷ ହରାରେଠାରେ ଆଫଗାନିସ୍ତାନ ତାରକା ଖଚିତ ୱେଷ୍ଟଇଣ୍ଡିଜକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ଦୁଇଥର ପରାସ୍ତ କରିଛି। ସେତେବେଳେ ୱେଷ୍ଟଇଣ୍ଡିଜ ଦଳରେ କ୍ରିସ୍ ଗେଲ୍, କାର୍ଲୋସ ବ୍ରାଥୱେଟ୍ ଓ ସାଇ ହୋପଙ୍କ ଭଳି ତାରକା ଖେଳୁଥିଲେ। ଟୁର୍ନାମେଣ୍ଟରେ ସବୁ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଆଫଗାନିସ୍ତାନ ଏକାଧିକ ଶକ୍ତିଶାଳୀ ଦଳକୁ ପାଣି ପିଆଇଛି। ତେଣୁ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ମନେହେଉଥିଲେ ମଧ୍ୟ ଆଫଗାନିସ୍ତାନ ବାଜି ମାରିବା ଲକ୍ଷ୍ୟରେ ରହିଛି। ଆଗଭଳି ଆଫଗାନିସ୍ତାନ ଏକ ଦୁର୍ବଳ ଦଳ ହୋଇ ରହିନାହିଁ। ଏହି ଦଳ ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ହେଭିୱେଟ୍ ଦଳଗୁଡିକୁ ସମସ୍ୟାରେ ପକାଇଛି। ଆଫଗାନିସ୍ତାନ ବିପକ୍ଷରେ ଏହି ୩ ଦଳ ବେଶ୍ ସଂଘର୍ଷ କରିବାର ଦେଖାଯାଇଛି। ମହମ୍ମଦ ନବୀ, ମୁଜିବ ଉର ରହମାନ ଓ ରସିଦ ଖାଁଙ୍କ ଭଳି ସ୍ପିନର ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ।

ତୃତୀୟଥର ପାଇଁ ଟୁର୍ନାମେଣ୍ଟରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ୱେଷ୍ଟଇଣ୍ଡିଜ ବିଜୟର ନିକଟଥର ହୋଇଥିଲେ ମଧ୍ୟ ପରାସ୍ତ ହୋଇଥିଲା। ଏହାପୂର୍ବରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦଳ ବିପକ୍ଷରେ ମଧ୍ୟ ୱେଷ୍ଟଇଣ୍ଡିଜ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ କାର୍ଲୋସ ବ୍ରାଥୱେଟ୍ ଧୂଆଁଧାର ବ୍ୟାଟିଂ କରି ଶତକ ହାସଲ କରିବା ପରେ ବିଜୟସୂଚକ ଛକା ମାରିବାକୁ ଯାଇ ବାଉଣ୍ଡାରିରେ ଧରା ପଡିଥିଲେ। ବିଜୟର ନିକଟର ହୋଇ କେତୋଟି ମ୍ୟାଚ୍‌ରେ ଆମେ ପରାସ୍ତ ହୋଇଛୁ ଓ ଏହା ନୈରାଶ୍ୟଜନକ ଥିଲା ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ୧୯୭୫ ଓ ୧୯୭୯ରେ ବିଶ୍ୱକପ୍ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ପାକିସ୍ତାନକୁ ତା'ର ପ୍ରଥମ ମ୍ୟାଚ୍‌ରେ ୭ ଉଇକେଟରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହାପରେ ୱେଷ୍ଟଇଣ୍ଡିଜ ଗୋଟିଏ ହେଲେ ବି ମ୍ୟାଚ୍‌ରେ ବିଜୟୀ ହୋଇ ପାରିନାହିଁ। ତେଣୁ ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ୱେଷ୍ଟଇଣ୍ଡିଜ ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁବ। ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବ ମଧ୍ୟ ଦଳର ବିଜୟ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ପୁଣିଥରେ ସ୍ପିନରମାନେ କମାଲ କରିବେ ଓ ଦଳକୁ ବିଜୟୀ କରାଇବେ ବୋଲି ସେ କହିଛନ୍ତି। ସେମି ଦୌଡ଼ରୁ ଦୁଇ ଦଳ ବାଦ୍ ପଡିସାରିଥିବାରୁ ଏହି ମ୍ୟାଚ୍ ଗୁରୁତ୍ୱ ହରାଇଛି। ତେବେ ବିଜୟ ସହ ଚଳିତ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ଦୁଇ ଦଳ ରହିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ଜାସନ ହୋଲ୍ଡର ଓ ଗୁଲବଦିନ ନାଇବ

**ଆଜିର ମ୍ୟାଚ୍**

**ଆଫଗାନିସ୍ତାନ**

**ବନାମ**

**ୱେଷ୍ଟଇଣ୍ଡିଜ**

ସ୍ଥାନ
ଲିଡ୍ସ
ସମୟ ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ମଞ୍ଜରେକରଙ୍କୁ ଜାଡେଜାଙ୍କ ଜବାବ

**ବର୍ମିଂହାମ, ୩।୭ (ପି.ଟି.)**



ସଞ୍ଜୟ ମଞ୍ଜରେକର ଓ ରବୀନ୍ଦ୍ର ଜାଡେଜା

ଚଳିତ ବିଶ୍ୱକପ୍‌ରେ ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତୀୟ କ୍ରିକେଟ୍ ଦଳର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ବୁଧବାର ପ୍ରାକ୍ତନ କ୍ରିକେଟର୍ ତଥା ଭାଷ୍ୟକାର ସଞ୍ଜୟ ମଞ୍ଜରେକରଙ୍କ ଉପରେ ଖୁବ୍ ବର୍ଷିଛନ୍ତି। ନିକଟରେ ଇଂଲଣ୍ଡ ନିକଟରୁ ପରାଜୟବରଣ କରିବା ପରେ ମଞ୍ଜରେକର ଅଭିଜ୍ଞ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଓପନର୍ ଲୋକେଶ ରାହୁଲଙ୍କୁ ସମାଲୋଚନା କରିଥିଲେ। ସେହିଭଳି ଜାଡେଜାଙ୍କୁ 'ଅଳ୍ପ ଅଳ୍ପ ପ୍ରଦର୍ଶନ କରୁଥିବା ଖେଳାଳି' ବୋଲି ଅଭିହିତ କରିଥିଲେ। ଏହି ଟିପ୍ପଣୀରେ ନାରାଜ ଥିବା ଜାଡେଜା ଟୁଇଟର୍‌ରେ ମଞ୍ଜରେକରଙ୍କ ଉପରେ ବର୍ଷିଛନ୍ତି। 'ମୁଁ ଆପଣଙ୍କଠାରୁ ଦୁଇଗୁଣା ମ୍ୟାଚ୍ ଖେଳିସାରିଛି ଏବଂ ବର୍ତ୍ତମାନ ବି ଖେଳ ଜାରି ରଖିଛି। ଯେଉଁମାନେ ସଫଳତା ହାସଲ କରିଛନ୍ତି ସେମାନଙ୍କୁ ସମ୍ମାନ କରିବା ଶିଖନ୍ତୁ। ମୁଁ ଆପଣଙ୍କ ଫାଲ୍‌ତୁ କଥା ବହୁତ୍ ଶୁଣି ସାରିଲିଣି' ବୋଲି ଜାଡେଜା ନିଜ ଟୁଇଟର୍ ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ଜାଡେଜା ୧୫୧ ମ୍ୟାଚ୍ ଖେଳି ସାରିଛନ୍ତି। ଯେଉଁଥିରେ ସେ ୨୦୩୫ ରନ ସଂଗ୍ରହ କରିବା ସହିତ ୧୭୪ ଉଇକେଟ୍ ଅକ୍ତିଆର କରିଛନ୍ତି। ଅପରପକ୍ଷରେ ପ୍ରାକ୍ତନ ମଧ୍ୟକ୍ରମ ଭାରତୀୟ ବ୍ୟାଟ୍ସମ୍ୟାନ ମଞ୍ଜରେକର ୩୭ ଟେଷ୍ଟ ଓ ୭୪ ଦିନିକିଆ ଖେଳିଛନ୍ତି। ଟେଷ୍ଟରେ ୨୦୪୩ ଓ ଦିନିକିଆରେ ୧୯୯୪ ରନ୍ କରିଛନ୍ତି।

ଚଳିତ ବିଶ୍ୱକପରେ ଭାରତ ବର୍ତ୍ତମାନ ସୁଦ୍ଧା ୮ ମ୍ୟାଚ୍ ଖେଳିସାରିଥିବାବେଳେ ଜାଡେଜାଙ୍କୁ ଗୋଟିଏ ମ୍ୟାଚରେ ବି ସୁଯୋଗ ମିଳିନାହିଁ। କିନ୍ତୁ ବଦଳ ଖେଳାଳିଭାବେ ସେ ବହୁବାର ଫିଲ୍ଡିଂ କରି ଚମତ୍କାର କ୍ୟାଚ୍ ଧରି ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜାସନ ରୟଙ୍କୁ ପ୍ୟାଭିଲିୟନ ପଠାଇଥିଲେ।



“ ବାଂଲାଦେଶ ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନିଂସ ଗୁରୁତ୍ୱପୂର୍ଣ୍ଣ ଥିଲା। ଦଳର ଆବଶ୍ୟକତା ଅନୁସାରେ ସେ ଖେଳିଥିଲେ ।

–ସଚିନ ତେନ୍ଦୁଲକର, କ୍ରିକେଟ କିମ୍ବଦନ୍ତୀ



“ ରିଷଭ ପନ୍ତଙ୍କ ଫିଲ୍ଡିଂରେ ଉନ୍ନତି ଆବଶ୍ୟକ। ବିଶେଷକରି ତାଙ୍କ ଥ୍ରୋଇଂ ଟେକ୍ନିକ୍‌ରେ ସୁଧାର ଆଣିବାକୁ ହେବ ।

–ଆର. ଶ୍ରୀଧର, ଭାରତୀୟ ଫିଲ୍ଡିଂ କୋଚ୍

**ସଂକ୍ଷେପରେ**

## ଲଙ୍କାଶାୟରକୁ ହର୍‌ମିତ୍‌ଙ୍କ ପ୍ରତ୍ୟାବର୍ତ୍ତନ



ମାଞ୍ଚେଷ୍ଟର, ୩।୭ (ପି.ଟି.)- ଭାରତୀୟ ମହିଳା କ୍ରିକେଟ୍ ଦଳର ଅଧିନାୟିକା ହର୍‌ମିତ୍ କୌର ବୁଧବାର ଲଙ୍କାଶାୟର ଥଣ୍ଡର୍ସ ସହ ଚୁକ୍ତି କରିଛନ୍ତି। ଫଳରେ କୌର କିଆ ସୁପର୍ ଲିଗ୍‌ରେ କୌରଙ୍କ ଏହା ଲଗାତର ୨ୟ ସିଜନ ହେବ। ଚଳିତ ବର୍ଷ ଲାଗି ଲଙ୍କାଶାୟର ପାଇଁ ପ୍ରଥମ ବିଦେଶୀ ଖେଳାଳିଭାବେ ହର୍‌ମିତ୍ ଚୁକ୍ତି କରିଛନ୍ତି। ‘କିଆ ସୁପର୍ ଲିଗ୍‌ରେ ଲଙ୍କାଶାୟର ଥଣ୍ଡର୍ସ ସହ ପୁଣିଥରେ ଚୁକ୍ତି କରି ବହୁତ ଖୁସି ରହିଛି। ପ୍ରଥମ ସିଜନରେ ଲଙ୍କାଶାୟର ସହିତ ବହୁତ ସ୍ମରଣୀୟ ମୁହୂର୍ତ୍ତ ବିତାଇଛି। ସମସ୍ତେ ମୋତେ ପୁଣିରେ ସ୍ୱାଗତ କରିଛନ୍ତି ଏବଂ ଡ୍ରେସିଂରୁମରେ ମୋର ଭଲ ବନ୍ଧୁ ମଧ୍ୟ ସୃଷ୍ଟି ହୋଇଛନ୍ତି’ ବୋଲି ହର୍‌ମିତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଗତ ବର୍ଷ ଥଣ୍ଡର୍ସ ପକ୍ଷରୁ ସରେ ବିପକ୍ଷରେ ହରମିତଙ୍କ ପଦାର୍ପଣ ବେଶ୍ ସ୍ମରଣୀୟ ରହିଥିଲା। ପଦାର୍ପଣ ମ୍ୟାଚ୍‌ରେ ସେ ମ୍ୟାଚ୍ ବିଜୟୀ ୩୪ ରନର ଇନିଂସ ଖେଳିଥିଲେ। ଯେଉଁଥିରେ ଅନ୍ତିମ ଓଭରରେ ମାରିଥିବା ୬ ଅନ୍ତର୍ଭୁକ୍ତ ରହିଛି। ସେହି ସିଜନରେ ସେ ୩୨ ଆଭରେଜରେ ମୋଟ୍ ୧୬୪ ରନ ସଂଗ୍ରହ କରିଥିଲେ। ତାଙ୍କ ଷ୍ଟ୍ରାଇକରେଟ୍ ୧୫୧.୮୫ ରହିଥିଲା।

# ଅମ୍ବାତି ରାୟୁଡୁଙ୍କ ଅବସର



ନୂଆଦିଲ୍ଲୀ,୩।୭(ପି.ଟି.)

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳରୁ ବାଦ୍ ପଡ଼ିବା ପରେ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିନେଇ ସେ କୌଣସି କାରଣ ଦର୍ଶାଇ ନ ଥିବା ବିସିସିଆଇ ଅଫିସିଆଲ କହିଛନ୍ତି। ୩୩ ବର୍ଷୀୟ ଆନ୍ଧ୍ରପ୍ରଦେଶ ଖେଳାଳିଙ୍କୁ ବିଶ୍ୱକପ୍ ଲାଗି ଷ୍ଟାଣ୍ଡବାଇ ରଖାଯାଇଥିଲା। ହେଲେ ଅଲରାଉଣ୍ଡର ବିଜୟ ଶଙ୍କର ଆହତ ସମସ୍ୟା ଯୋଗୁ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ମଧ୍ୟ ରାୟୁଡୁଙ୍କୁ ଉପେକ୍ଷା କରାଯାଇ ଓପନର ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଏଥିଯୋଗୁ ରାୟୁଡୁ ଦୁଃଖିତ ଥିଲେ। ଅବସର ସମ୍ପର୍କରେ ସେ ଖୁବ ଶୀଘ୍ର ଘୋଷଣା କରିବେ। କିନ୍ତୁ ନିଜ ନିଷ୍ପତ୍ତି ବିଷୟରେ ବିସିସିଆଇକୁ ଯୋଗାଯୋଗ କରି ଜଣାଇ ଦେଇଛନ୍ତି। ଆମେ ସକାଳେ ତାଙ୍କର ଏକ ମେଲ୍ ପାଇଥିଲୁ। ଅବସର ଲାଗି ନିର୍ଦ୍ଦିଷ୍ଟ କାରଣ ଦେଇନାହାନ୍ତି। ଯେଉଁ ଅଧିନାୟକଙ୍କ ନେତୃତ୍ୱରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଛି, ସେମାନଙ୍କୁ ଓ ବିସିସିଆଇକୁ ରାୟୁଡୁ ଧନ୍ୟବାଦ ଜଣାଇଛନ୍ତି ବୋଲି ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦେଶ ପାଇଁ ୫୫ ଦିନିକିଆ ଖେଳି ୪୭.୦୫ ଆଭରେଜରେ ମୋଟ ୧୬୯୪ ରନ୍ କରିଛନ୍ତି। ତାଙ୍କୁ ଟେଷ୍ଟ ଦଳରେ କଦାପି ସ୍ଥାନ ମିଳିନାହିଁ। ପୂର୍ବରୁ ଶଙ୍କର ୩ ଡାଇମେନସନାଲ ଖେଳାଳି ହୋଇଥିବାରୁ ତାଙ୍କୁ ଦଳରେ ସ୍ଥାନ ଦିଆଯାଇଥିବା ଏମ୍.ଏସ୍.କେ. ପ୍ରସାଦ କହିଥିଲେ। ରାୟୁଡୁଙ୍କୁ ଷ୍ଟାଣ୍ଡବାଇ ଖେଳାଳିଙ୍କ ତାଲିକାରେ ରଖାଯାଇଥିଲା। ସେ ଦିନିକିଆ ଫର୍ମାଟକୁ ଗୁରୁତ୍ୱ ଦେବା ଲାଗି ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇସାରିଛନ୍ତି। ଘଟଣାକ୍ରମେ ବାସନ୍ଦ ୭୯ ଖେଳାଳିଙ୍କ ମଧ୍ୟରେ ରାୟୁଡୁ ସାମିଲ ଥିଲେ। ତାଙ୍କୁ ୨୦୦୯ରେ ବିସିସିଆଇ କ୍ଷମା କରିଥିଲା। ଏହାପରେ ୨୦୧୩ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ।

## ସେହ୍ୱାଗଙ୍କ ଦରଦ, ଚୟନକର୍ତ୍ତାଙ୍କୁ ଗମ୍ଭୀରଙ୍କ ସମାଲୋଚନା

ଭାରତୀୟ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଅବସର ନେବା ପରେ ତାଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ଭାରତୀୟ ଓପନର ତଥା ଏମ୍‌ପି ଗୌତମ ଗମ୍ଭୀର ଓ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ। ଚଳିତ ବିଶ୍ୱକପ୍‌ରେ ଚୟନକର୍ତ୍ତାଙ୍କ ଅବହେଳାର ଶିକାର ହେବା ପରେ ରାୟୁଡୁ ଅବସର ନେଇଛନ୍ତି। ଏଥିପାଇଁ ଗମ୍ଭୀର ଚୟନକର୍ତ୍ତାଙ୍କୁ ଦାୟୀ କରିଛନ୍ତି। ଭାରତୀୟ କ୍ରିକେଟ ପାଇଁ ଏହା ଦୁଃଖଦାୟକ ବୋଲି ସେ କହିଛନ୍ତି। ଦେଶ ପାଇଁ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ରାୟୁଡୁ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ରାୟୁଡୁ ୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଅବସର ନେବାକୁ ପଡିଲା। ଏଥିପାଇଁ ଦୁଃଖିତ ବୋଲି ସେ କହିଛନ୍ତି। ଆଘାତ ସମସ୍ୟା କାରଣରୁ ବିଶ୍ୱକପ୍ ମଝିରେ ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସୁଯୋଗ ଦିଆଗଲା। ରାୟୁଡୁଙ୍କ ସ୍ଥାନରେ ଯିଏ ବି ଥିଲେ ସେ ନିରାଶ ହୋଇଥାନ୍ତା। ଚୟନକର୍ତ୍ତାଙ୍କ କାରଣରୁ ରାୟୁଡୁ ଅବସର ନିଷ୍ପତ୍ତି ନେଲେ ବୋଲି ଗମ୍ଭୀର କହିଛନ୍ତି। ଉଲ୍ଲେଖଥାଉ କି, ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଫିଟ୍ ବୋଲି ଅଧିନାୟକ ବିରାଟ କୋହଲି ଏକଦା କହିଥିଲେ। କିନ୍ତୁ ବିଶ୍ୱକପ୍‌ରେ ଚୟନକର୍ତ୍ତା ତାଙ୍କୁ ନ ନେଇ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ଦଳରେ ସାମିଲ କରିଥିଲେ। ରାୟୁଡୁ ମଧ୍ୟ ସେତେବେଳେ ଚୟନକର୍ତ୍ତାଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

ଅବସର ନେବା ପରେ ସେହ୍ୱାଗ ରାୟୁଡୁଙ୍କୁ ସହାନୁଭୂତି ଜଣାଇଛନ୍ତି। ବିଶ୍ୱକପ୍‌ରୁ ବାଦ୍ ପଡିବା ରାୟୁଡୁଙ୍କ ପାଇଁ ନିଶ୍ଚିତ ଭାବେ ଯନ୍ତ୍ରଣାଦାୟକ। ଚଳିତ ବିଶ୍ୱକପ୍‌ରେ ତାଙ୍କୁ ଦୁଇଥର ଅଣଦେଖା କରାଯିବା ପରେ ରାୟୁଡୁ ଏଭଳି କଡ଼ା ନିଷ୍ପତ୍ତି ନେଇଛନ୍ତି। ତେବେ ଅବସର ପରେ ରାୟୁଡୁ ନିଜ ଜୀବନକୁ ଉପଭୋଗ କରନ୍ତୁ ଓ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ରାୟୁଡୁ ଭାରତ ପାଇଁ ୫୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି ଓ ୪୭. ୦୫ ହାରରେ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ରେ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଥିଲେ ମଧ୍ୟ ଶେଷରେ ତାଙ୍କୁ ଉପେକ୍ଷା କରାଯାଇଛି।

## ଭାରତ ଏ’ ଦଳରେ ଋତୁରାଜ, ଅନମୋଲପ୍ରୀତ, ଇଶାନ

ନୂଆଦିଲ୍ଲୀ,୩।୭(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଏ’ ଦଳ ଘୋଷଣା କରିଛି। ଏହି ଦଳରେ କେତୋଟି ପରିବର୍ତ୍ତନ କରାଯାଇଛି। ଆଗାମୀ ୱେଷ୍ଟଇଣ୍ଡିଜ ଏ’ ଗସ୍ତ ପାଇଁ ବୁଧବାର ଏକ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ମହାରାଷ୍ଟ୍ରର ୨୨ ବର୍ଷୀୟ ବ୍ୟାଟ୍ସମ୍ୟାନ ଋତୁରାଜ ଦଳରେ ସ୍ଥାନ ପାଇଛନ୍ତି। ପୃଥ୍ୱୀ ଶ ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଋତୁରାଜଙ୍କୁ ସୁଯୋଗ ମିଳିଛି। ସେହିପରି ମୟଙ୍କ ଅଗ୍ରୱାଲ ଓ ରିଷଭ ପନ୍ତଙ୍କ ସ୍ଥାନରେ ଅନମୋଲପ୍ରୀତ ଓ ଇଶାନ କିଷନଙ୍କୁ ଦଳରେ ସାମିଲ କରାଯାଇଛି। ମୟଙ୍କ ଓ ରିଷଭ ଏବେ ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ମନୀଷ ପାଣ୍ଡେଙ୍କୁ ଭାରତ ଏ’ ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଭାରତ ଏ’ ଦଳ ୫ଟି ଅନ୍‌ଅଫିସିଆଲ ଦିନିକିଆ ଓ ୩ଟି ଟେଷ୍ଟ ଖେଳିବ। ଜୁଲାଇ ୧୧ ତାରିଖରୁ ଭାରତ ଏ’ ଦଳ ଅଭିଯାନ ଆରମ୍ଭ କରିବ।

**ପରିବର୍ତ୍ତିତ ଭାରତ ଏ ଦଳ:** ମନୀଷ ପାଣ୍ଡେ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅନମୋଲପ୍ରୀତ ସିଂ, ଶୁବମନ ଗିଲ, ଶ୍ରେୟାସ ଆୟାର, ହନୁମା ବିହାରୀ, ଇଶାନ କିଷନ (ଉଇକେଟ କିପର), ରାହୁଲ ଚହର, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କ୍ରୁନାଲ ପାଣ୍ଡ୍ୟା, ଦୀପକ ଚହର, ଖଲିଲ ଅହମଦ, ଆଭେସ ଖାଁ ଓ ନବଦୀପ ସଇନି।

# ଫାଇନାଲରେ ଆମେରିକା

ଲିଓନ,୩।୭(ଏଏଫ୍‌ପି)



ଆମେରିକା ଖେଳାଳିଙ୍କ ସେଲିବ୍ରେଶନ।

**ଫିଫା ମହିଳା ବିଶ୍ୱକପ୍**

ଆଲେକ୍ସ ମୋର୍ଗାନଙ୍କ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଚଳିତ ମହିଳା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ଥାନ ପକ୍କା କରିଛି। ସେମିଫାଇନାଲରେ ଆମେରିକା ୨-୧ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍ ଆରମ୍ଭରୁ କ୍ରିଷ୍ଟେନ ପ୍ରେସ (୧୦ମ ମିନିଟ୍) ହେଡର ଜରିଆରେ ଗୋଲ ଦେଇ ଆମେରିକାକୁ ୧-୦ ଗୋଲରେ ଆଗୁଆ କରାଇଥିଲେ। ଏହାର ୯ ମିନିଟ୍‌ରେ ଇଲେନ ହ୍ୱାଇଟ୍‌ଙ୍କ ଗୋଲ ଯୋଗୁ ଇଂଲଣ୍ଡ ମ୍ୟାଚ୍‌କୁ ଫେରିଥିଲା। ମ୍ୟାଚ୍‌ର ୩୧ ତମ ମିନିଟ୍‌ରେ ମୋର୍ଗାନଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଇଂଲଣ୍ଡ ପକ୍ଷରୁ ୬୯ତମ ମିନିଟ୍‌ରେ ଗୋଲ କରାଯାଇଥିଲା। ଏହାକୁ ଅଫ୍‌ସାଇଡ୍ ଦର୍ଶାଇ ରେଫିର ଏଡିନା ଆଲଭେସ ବାତିସ୍ତା ଗୋଲକୁ ନାକଚ କରିଥିଲେ। ମ୍ୟାଚ୍‌ରେ ଇଂଲଣ୍ଡକୁ ଫେରିବା ଲାଗି ପେନାଲ୍ଟି ଦ୍ୱାରା ୮୪ ତମ ମିନିଟ୍‌ରେ ଆଉ ଏକ ସୁଯୋଗ ମିଳିଥିଲା। କିନ୍ତୁ ଅଧିନାୟିକା ଷ୍ଟିଫ ହଗଟନ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ତେବେ ଇଂଲଣ୍ଡ ଦଳ ଷ୍ଟାର ଖେଳାଳି ମେଗନ ରାପିନୋଙ୍କ ଅନୁପସ୍ଥିତି ଅନୁଭବ କରିଥିଲା। ଲିଗ୍ ଓ କ୍ୱାର୍ଟର ଫାଇନାଲରେ ମେଗନ ମୋଟ ୪ ଗୋଲ ଦେଇଥିଲେ। କିନ୍ତୁ ୩୩ ବର୍ଷୀୟ ଫରୱାର୍ଡ ମାଂସପେଶୀ ସମସ୍ୟା ଯୋଗୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖେଳି ପାରି ନ ଥିଲେ। ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ସ୍ୱିଡେନ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ।

## ଅଜୟ,ସୌରଭ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

କାଲଗାରୀ,୩।୭(ପିଟି)

ଭାରତୀୟ ଶଟଲର ଅଜୟ ଜୟରାମ, ସୌରଭ ବର୍ମା ଓ ଲକ୍ଷ୍ୟ ସେନ ଏଠାରେ ଚାଲିଥିବା କାନାଡା ଓପନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଜୟରାମ ୨୧-୧୫, ୨୦-୨୨, ୨୧-୧୫ ଗେମ୍‌ରେ ହୁଆଙ୍ଗ ଗୁକ୍ସିଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ଆଗାମୀ ମୁକାବିଲାରେ ଇଂଲଣ୍ଡର ରାଜୀବ ଓସେଫଙ୍କୁ ଭେଟିବେ। ଜାତୀୟ ଚାମ୍ପିୟନ ସୌରଭ ଓ ପୂର୍ବତନ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟଙ୍କ ବିଜୟ ଲାଗି ଅଧିକ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ସୌରଭ ୨୧-୧୮, ୨୧-୧୩ରେ କାନାଡାର ଆଣ୍ଟିନୋଙ୍କୁ ପରାସ୍ତ କରିଥିବାବେଳେ ଲକ୍ଷ୍ୟ ଇଂଲଣ୍ଡର ଟୁନ କର ଲୁଙ୍ଗଙ୍କୁ ୨୧-୭, ୨୧-୮ ବ୍ୟବଧାନରେ ପ୍ରଥମ ରାଉଣ୍ଡ ମ୍ୟାଚ୍‌କୁ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଯଥାକ୍ରମେ କାନାଡାର ବି.ଆର୍. ସନକିର୍ଥ ଓ ଚାଇନାର ୱେଙ୍ଗ ହଙ୍ଗ ୟାଙ୍ଗଙ୍କ ସହ ମୁକାବିଲା କରିବେ।

# ସେମିରେ ବ୍ରାଜିଲ: ଆର୍ଜେଣ୍ଟିନା ବିଦା







ଗୋଲ ସ୍କୋର ପରେ ବ୍ରାଜିଲର ଗାବ୍ରିଏଲ ଜିସସ। ପରାଜୟ ଗ୍ଲାନିରେ ଆର୍ଜେଣ୍ଟିନାର ଲିଓନେଲ ମେସି।

**କୋପା ଆମେରିକା**

ବେଲୋ ହରିଜୋଣ୍ଟେ,୩।୭(ଏଏଫ୍‌ପି)

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ବ୍ରାଜିଲ ପ୍ରବେଶ କରିଛି। ଗାବ୍ରିଏଲ ଜିସସ ଓ ରବର୍ଟ ଫିର୍ମିନୋଙ୍କ ଗୋଟିଏ ଲେଖାଏ ଗୋଲ ବଳରେ ଆୟୋଜକ ଦଳ ତା’ର ଚିର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନାକୁ ୨-୦ ଗୋଲରେ ହରାଇ ଦେଇଛି। ଚିଲି ଓ ପେରୁ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲର ବିଜେତାକୁ ବ୍ରାଜିଲ ଫାଇନାଲରେ ଭେଟିବ। ବିଶ୍ୱର ଲୋକପ୍ରିୟ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି କୋପା ଆମେରିକା ଟୁର୍ନାମେଣ୍ଟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରଥମାର୍ଦ୍ଧରେ ମେସି ସ୍କୋର ଦେବାର ନିକଟତର ହୋଇଥିଲେ। କିନ୍ତୁ ତାଙ୍କ ଶଟ୍ ଗୋଲ ବାରରେ ବାଜିଥିଲା। ତାଙ୍କ ସାଥୀ ଫରୱାର୍ଡ ସେର୍ଗିଓ ଅଗୁରୋଙ୍କୁ ମଧ୍ୟ ସମାନ ଅବସ୍ଥା ଭୋଗ କରିବାକୁ ପଡ଼ିଥିଲା। ୨୦୦୭ ପରେ ପ୍ରଥମ ଥର ପାଇଁ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ କୌଣସି ବଡ଼ ଟୁର୍ନାମେଣ୍ଟରେ ପରସ୍ପରକୁ ଭେଟିଥିଲେ। ଗତ ଥର ୨୦୦୭ କୋପା ଆମେରିକା ଫାଇନାଲରେ ବ୍ରାଜିଲ ୩-୦ ଗୋଲରେ ଆର୍ଜେଣ୍ଟିନାକୁ ମାତ୍ ଦେଇଥିଲା।

## ଟିକେଟ୍ ଦେବାକୁ କୋହଲିଙ୍କ ପ୍ରତିଶ୍ରୁତି



ଚାରୁଲତା ପଟେଲଙ୍କ ସହ ବିରାଟ କୋହଲି।

ବର୍ମିଂହାମ,୩।୭(ପିଟି)

ବାଂଲାଦେଶ ବିପକ୍ଷରେ ଏଠାରେ ଖେଳାଯାଇଥିବା ମ୍ୟାଚ୍ ଦେଖିବା ଲାଗି ଚାରୁଲତା ପଟେଲ ନାମ୍ନୀ ଜଣେ ବୃଦ୍ଧା (୮୭) ଷ୍ଟାଡିୟମରେ ଉପସ୍ଥିତ ରହି ଭାରତୀୟ ଦଳକୁ ଉତ୍ସାହିତ କରିଥିଲେ। ଚାରୁଲତାଙ୍କୁ ଭାରତୀୟ ଦଳର ବଳକା ବିଶ୍ୱକପ୍ ମ୍ୟାଚ୍ ଲାଗି ବିରାଟ କୋହଲି ଟିକେଟ ପ୍ରଦାନ କରିବେ। ଏ ନେଇ ଅଧିନାୟକ କୋହଲି ପ୍ରତିଶ୍ରୁତି ଦେଇଥିବା ଚାରୁଲତା କହିଛନ୍ତି। ଭାରତୀୟ ଦଳର ପ୍ରତ୍ୟେକ ଚୌକାରେ ସେ ଭାରତୀୟ ପତାକା ଉଠାଉ ଦେଖାଉଥିଲେ। ଏହା କୋହଲିଙ୍କ ଧ୍ୟାନ ଆକର୍ଷଣ କରିଥିଲା। ମ୍ୟାଚ୍ ପରେ କୋହଲି ଓ ଉପଅଧିନାୟକ ରୋହିତ ଶର୍ମା ବୃଦ୍ଧା ଫ୍ୟାନଙ୍କ ଆଶୀର୍ବାଦ ନେଇଥିଲେ। ମ୍ୟାଚ୍ ପରେ କୋହଲି ମୋତେ ଭେଟିଥିଲେ। ମୁଁ ତାଙ୍କୁ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଜିତିବାକୁ କହିଛି। ମୋତେ ଦଳର ବଳକା ଦୁଇରୁ ୩ଟି ମ୍ୟାଚ୍ ଉପଭୋଗ କରିବା ଲାଗି କୋହଲି କହିଥିଲେ। ହେଲେ ମୋ ପାଖରେ ଟିକେଟ୍ ନ ଥିବା ଜଣାଇଥିଲି। ଏହାପରେ ସେ ମୋତେ ଟିକେଟ୍ ସମ୍ପର୍କରେ ଚିନ୍ତା ନ କରିବାକୁ କହିଥିଲେ। ଏହି ଭାରତୀୟ ଦଳର ବଡ଼ ପ୍ରଶଂସକ ରାତାରାତି ସୋସିଆଲ ମିଡିଆରେ ପରିଚିତ ହୋଇଯାଇଛନ୍ତି।

# ୱାରିଙ୍କାଙ୍କୁ ହରାଇଲେ ଓପେଲ୍‌କା

ଲଣ୍ଡନ, ୩।୭(ଏଏଫପି)



ମ୍ୟାଚ୍ ପରେ ରିଲି ଓପେଲ୍‌କା ଓ ଷ୍ଟାନ୍ ୱାରିଙ୍କା।

**ୱିମ୍ବେଲଡନ ଓପନ ଟେନିସ**

ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଷ୍ଟାନ୍ ୱାରିଙ୍କାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ରିଲି ଓପେଲ୍‌କା। ୩ ଥର କ୍ୱାର୍ଟର ଫାଇନାଲିଷ୍ଟ ୩୪ ବର୍ଷୀୟ ୱାରିଙ୍କାଙ୍କୁ ୬ ଫୁଟ ୧୧ ଇଞ୍ଚ ଉଚ୍ଚତା ବିଶିଷ୍ଟ ଓପେଲ୍‌କା ୭-୫, ୩-୬, ୪-୬, ୬-୪, ୮-୬ ସେଟ୍‌ରେ ପରାସ୍ତ କରିଛନ୍ତି। ୱାରିଙ୍କାଙ୍କଠାରୁ ୧୩ ବର୍ଷ ସାନ ଆମେରିକାର ଓପେଲ୍‌କା ପ୍ରଥମଥରପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟଏକ ମ୍ୟାଚରେ ମିଲୋସ ରାଓନିକ୍ ୭-୬(୭/୧), ୭-୫, ୭-୬(୭/୪) ସେଟ୍‌ରେ ରବିନ ହସାଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଡେଭିଡ ଗଫିନ ୬-୨. ୬-୪, ୬-୩ ସେଟ୍‌ରେ ଜେରେମି ଚାର୍ଡିଙ୍କୁ ହରାଇଥିବାବେଳେ ଥୋମାସ ଫାବିଆନୋ ୬-୩, ୬-୭(୬/୮), ୬-୩, ୬-୭(୪/୭), ୬-୪ ସେଟ୍‌ରେ ଇଭୋ କାର୍ଲୋଭିଚ୍‌ଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଚେକ୍ ରିପବ୍ଲିକର ତୃତୀୟ ସିଡ୍ କାରୋଲିନା ପିସକୋଭା ୬-୦, ୬-୪ ସେଟ୍‌ରେ ପୁର୍ଟୋରିକୋର ଅଲିମ୍ପିକ୍ ଚାମ୍ପିୟନ ମୋନିକା ପୁଇଗ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ସିମୋନା ହାଲେପ ୬-୨, ୪-୬, ୬-୨ ସେଟ୍‌ରେ ମିହାଲା ବିଜାର୍ନେସ୍କୁଙ୍କୁ, କାରୋଲିନା ପ୍ଲିସ୍‌କୋଭା ୬-୦, ୬-୪ ସେଟ୍‌ରେ ମୋନିକା ପୁଇଗ୍, ଭିକ୍ଟୋରିଆ ଆଜାରେଙ୍କା ୬-୨, ୬-୦ ସେଟ୍‌ରେ ଆଜଲା ଟୋମଲଜାନୋଭିଚ୍‌ଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**■ ବିସିସିଆଇ ଘରୋଇ କାର୍ଯ୍ୟସୂଚୀ**

# ଏଥର ୨୦୩୬ ମ୍ୟାଚ୍

ନୂଆଦିଲ୍ଲୀ, ୩।୭(ପି.ଟି.)

ଆଗାମୀ ଘରୋଇ ସେସନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ତା’ର ଘରୋଇ କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସୁଧାର ଅଣାଯାଇଛି। ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମ ପୂର୍ବରୁ ଜାତୀୟ ଟି୨୦ ଟୁର୍ନାମେଣ୍ଟ ତଥା ସୟଦ ମୁସ୍ତାକ ଅଲି ଟ୍ରଫି ଆୟୋଜନ ହେବ। ୨୦୧୯-୨୦ ଘରୋଇ କାର୍ଯ୍ୟସୂଚୀରେ ଏହି ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇଛି। ଏଥର ଘରୋଇ ସିଜନରେ ମୋଟ ୨୦୩୬ଟି ମ୍ୟାଚ୍ ଖେଳାଯିବ। ମୁସ୍ତାକ ଅଲି ଟୁର୍ନାମେଣ୍ଟ ନଭେମ୍ବର ୮ରୁ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖରେ ଶେଷ ହେବ। ଗତଥର ଏହି ଟୁର୍ନାମେଣ୍ଟ ଫେବୃୟାରୀ-ମାର୍ଚ୍ଚରେ ଖେଳାଯାଇଥିଲା। ଆଇପିଏଲ୍ ଖେଳାଳିନିଲାମ ସାଧାରଣତଃ ଡିସେମ୍ବର-ଜାନୁୟାରୀରେ ଆୟୋଜନ ହୋଇଥାଏ।

ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଡିସେମ୍ବର ୯ରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହେବ। ରଣଜୀ ଟ୍ରଫି ଫାଇନାଲ ମାର୍ଚ୍ଚ ୧୩ ତାରିଖରେ ଖେଳାଯିବ। ଗତ ସେସନ ଭଳି ଏଥରର ଫର୍ମାଟ ସମାନ ରହିଛି। ପ୍ଲେଟ ଗ୍ରୁପ୍‌ରୁ କ୍ୱାର୍ଟର ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡିକ ଏଲିଟ ଗ୍ରୁପ୍ ସି’କୁ ଉତ୍ତୀର୍ଣ୍ଣ ହେବେ। ସେହିପରି ଏଲିଟ୍ ଗ୍ରୁପ୍ ସି’ରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଶ୍ରେଷ୍ଠ ଦୁଇଟି ଦଳ ଏଲିଟ୍ ଗ୍ରୁପ୍ ଏ’ ଓ ଏଲିଟ୍ ଗ୍ରୁପ୍ ବି’କୁ ଆଗାମୀ ସେସନରେ ଉତ୍ତୀର୍ଣ୍ଣ ହେବେ। ପୂର୍ବପରି ଦୁଲୀପ୍ ଟ୍ରଫିରୁ ହିଁ ସେସନ ଆରମ୍ଭ ହେବ। ଏହାପରେ ବିଜୟ ହଜାରେ ୫୦ ଓଭର ଟ୍ରଫି, ଦେଓଧର ଟ୍ରଫି, ରଜଣୀ ଟ୍ରଫି ଓ ଇରାନୀ ଟ୍ରଫି ଖେଳାଯିବ।

ସେହିପରି ସିନିୟର ମହିଳା ଘରୋଇ ସେସନ ଟି୨୦ ଲିଗ୍ ସହିତ ଅକ୍ଟୋବରରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳର ମୁଖ୍ୟ କାର୍ଯ୍ୟ ହେଲା ଖେଳାଳିଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରିବା। ଗତ ସଂସ୍କରଣରେ ବିସିସିଆଇ ୯ଟି ନୂଆ ଦଳ ସାମିଲ କରିବା ଫଳରେ ମୋଟ ମ୍ୟାଚ୍ ସଂଖ୍ୟା ୨୦୧୭ରେ ପହଞ୍ଚିଥିଲା। ଚଳିତବର୍ଷ ୧୯ଟି ମ୍ୟାଚ୍ ଅଧିକ ଖେଳାଯିବ ବୋଲି ପ୍ରକାଶିତ କାର୍ଯ୍ୟସୂଚୀରୁ ସ୍ପଷ୍ଟ ହୋଇଛି।




## ■ ସିୱାଇଏସ୍‌ଡିର ବଜେଟ ବ୍ୟବଚ୍ଛେଦ

# ପୂର୍ବ ଘୋଷିତ ଯୋଜନା ପାଇଁ ସାମାଜିକ ବିକାଶକୁ ଅଣଦେଖା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ବ୍ୟୟବରାଦ ଗତ ବର୍ଷ ତୁଳନାରେ ୧୫.୭ ପ୍ରତିଶତ ବୃଦ୍ଧି ଘଟିଛି। ସେହି ଅନୁସାରେ ସାମାଜିକ କ୍ଷେତ୍ରର ବ୍ୟୟ ବରାଦ ମଧ୍ୟ ବଢ଼ିଛି। ମାତ୍ର କାଳିଆ, ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ, ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ମହିଳା ସଶକ୍ତୀକରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ବସୁଧା ଓ ପାନୀୟ ଜଳ ଯୋଗାଣ ଭଳି ପୂର୍ବ ଘୋଷିତ ଯୋଜନା ବାବଦକୁ ବ୍ୟୟ ବରାଦ ଚଳିତ ବଜେଟ୍‌ର ସିଂହ ଭାଗ ଅକ୍ତିଆର କରିଛି। ସାମାଜିକ ବିକାଶର ଅନ୍ୟ ଦିଗଗୁଡ଼ିକର ବ୍ୟୟବରାଦରେ ବିଶେଷ ଫରକ ନାହିଁ। ଅନେକ କ୍ଷେତ୍ରରେ ବ୍ୟୟବରାଦ କମିଛି ଏବଂ ପୂର୍ବ ଘୋଷିତ ଯୋଜନା ପାଇଁ ସାମାଜିକ କ୍ଷେତ୍ରକୁ ଅଣଦେଖା କରାଯାଇଛି ବୋଲି ସେଣ୍ଟର ଫର୍ ୟୁଥ୍ ଆଣ୍ଡ୍ ସୋସିଆଲ ଡେଭେଲପ୍‌ମେଣ୍ଟ (ସିୱାଇଏସ୍‌ଡି) ନିଜ ଇସ୍ତାହାରରେ ପ୍ରକାଶ କରିଛି।

ବୁଧବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ସିୱାଇଏସ୍‌ଡିର ଓଡିଶା ବଜେଟ୍ ଆଣ୍ଡ୍ ଏକାଉଣ୍ଟେବିଲିଟି ସେଣ୍ଟର ପକ୍ଷରୁ ରାଜ୍ୟ ବଜେଟ ୨୦୧୯-୨୦ ପରବର୍ତ୍ତୀ ବିତର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଅର୍ଥନୀତିଜ୍ଞ ପ୍ରଫେସର ଭାଗବତ ପାତ୍ର, ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ବିଶ୍ୱାଳ, ରମାଦେବୀ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଅପରାଜିତା ବିଶ୍ୱାଳ, ଅର୍ଥ ବିଭାଗ ଉପ ସଚିବ ସତ୍ୟପ୍ରିୟ ରଥ, ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ଓ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ସମାଜ ରିଲିଫ୍ କମିଟିର ସୁରେଶ ମନ୍ତ୍ରୀ ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଚଳିତ ବର୍ଷର ମୋଟ ରାଜ୍ୟ ବଜେଟ୍ ୧ ଲକ୍ଷ ୩୯ ହଜାର କୋଟି ଟଙ୍କା ରହିଛି। ଏହା ଗତ ଆର୍ଥିକ ବର୍ଷର ବଜେଟରୁ ୧୫.୭ ପ୍ରତିଶତ ଅଧିକ। ଚଳିତ ବର୍ଷ ୧୮ ହଜାର ୮୭୭ କୋଟି ଟଙ୍କାର ବିତ୍ତୀୟ ନିଅଣ୍ଟ ରହିବ ବୋଲି ଆକଳନ କରାଯାଇଛି, ଯାହାକି ୨୦୧୭-୧୮ ଆର୍ଥିକ ବର୍ଷର ବିତ୍ତୀୟ ନିଅଣ୍ଟ (୯୩୫୯.୩୯ କୋଟି ଟଙ୍କା)ର ଦୁଇ ଗୁଣ। ବଜେଟର ଆକାର ବୃଦ୍ଧି ସହ ବିତ୍ତୀୟ ନିଅଣ୍ଟ ଚିନ୍ତାଜନକ ବୋଲି ଅର୍ଥନୀତିଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ୨୦୧୯-୨୦ରେ କେନ୍ଦ୍ରୀୟ ରାଶି (କେନ୍ଦ୍ରୀୟ ଟିକସରେ ରାଜ୍ୟ ଅଂଶଧନ ଓ କେନ୍ଦ୍ରୀୟ ସହାୟତା) ୬୯ହଜାର ୭୬୬ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି। ଏହା ୨୦୧୮-୧୯ ସଂଶୋଧିତ ବଜେଟ୍ ଆକଳନ ରାଶି ୬୧୩୮୨.୩୨ କୋଟି ଟଙ୍କାଠାରୁ ଅଧିକ। ମାତ୍ର ରାଜ୍ୟର ନିଜସ୍ୱ ଆୟ ୨୦୧୫-୧୬ରେ ୪୫ ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ୩୯ ପ୍ରତିଶତ ହ୍ରାସ ପାଇଛି। ତେଣୁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠି ବୃଦ୍ଧି ପ୍ରତି ଧ୍ୟାନ ଦେବା ଜରୁରୀ ବୋଲି ଉପସ୍ଥିତ ବକ୍ତାମାନେ ମତ ପୋଷଣ କରିଛନ୍ତି।



ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

ରାଜ୍ୟର ଅନେକ ବିଭାଗରେ ବଜେଟ୍ ବ୍ୟୟବରାଦ ଓ ବାସ୍ତବ ଖର୍ଚ୍ଚ ମଧ୍ୟରେ ଫରକ ରହୁଛି। ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା ପାଇଁ ୨୦୧୫-୧୮ ତିନିଟି ଆର୍ଥିକ ବର୍ଷ ପାଇଁ ଯଥାକ୍ରମେ ୧୮୭୫, ୨୦୦୩ ଓ ୨୨୯୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ବର୍ଷଗୁଡିକରେ ବାସ୍ତବ ଖର୍ଚ୍ଚ ଯଥାକ୍ରମେ ୧୬୩୯, ୧୯୨୭ ଓ ୧୯୮୦ କୋଟି ଟଙ୍କା ରହିଛି। ପ୍ରତିବର୍ଷ ୧୨ ରୁ ୧୩ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇ ନ ପାରିବାକୁ ନେଇ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୧୨୩୨.୯୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହାକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମୋଟ ବଜେଟ୍‌ର ୧୮ ପ୍ରତିଶତ। ଏହି ଯୋଜନା ପାଇଁ ରାଜ୍ୟର ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ଅଣଦେଖା କରାଯାଉଛି ବୋଲି ଅର୍ଥନୀତିଜ୍ଞମାନେ ପ୍ରଶ୍ନ କରିଛନ୍ତି। ତେଣୁ ଅଭିବୃଦ୍ଧି, ସମାନତା, ଆଞ୍ଚଳିକ ସମାନତା ଓ ନିଯୁକ୍ତି ଆଦି କ୍ଷେତ୍ରଗୁଡ଼ିକ ଲକ୍ଷ୍ୟ ରଖି ସରକାର ଏହାର ଗୁଣାତ୍ମକ ଫଳାଫଳ ଉପରେ ଧ୍ୟାନ ଦେବା ଉଚିତ। ଏଥିସହ ସାମାଜିକ କ୍ଷେତ୍ରରେ ଅଧିକ ବିନିଯୋଗ ଆବଶ୍ୟକତା ରହିଛି ବୋଲି ସେମାନେ କହିଛନ୍ତି। ଏହି ଅବସରରେ 'ବଜେଟ୍ ଟକ୍ସ ଆୱାର ପ୍ରାଇଅରିଟି: ରେସପନ୍ସ ଟୁ ଷ୍ଟେଟ୍ ବଜେଟ୍ ୨୦୧୯-୨୦' ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବୈଠକରେ ବହୁ ଅର୍ଥନୀତିଜ୍ଞଙ୍କ ସମେତ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ନାଡ୍ ଜାତୀୟ ସମୀକ୍ଷା ବୈଠକ ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ମନୋନୀତ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗ (ୟୁ.ଜି.ସି), ନାଡ୍‌ର (ଜାତୀୟ ପାଠ୍ୟକ୍ରମ ପୈଠଗୃହ)ର ଜାତୀୟ ସମୀକ୍ଷା ବୈଠକକୁ ଆସନ୍ତା ଶୁକ୍ରବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କରିବାକୁ ନିଷ୍ପତ୍ତି କରିଛନ୍ତି। ଏଥିରେ କେନ୍ଦ୍ର ମାନବ ସମ୍ବଳ ବିଭାଗ ମନ୍ତ୍ରାଳୟ ତଥା ୟୁଜିସିର ଜାତୀୟ ପ୍ରତିନିଧି ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଯୋଗଦେବେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକକୁ ନିମନ୍ତ୍ରିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତର ରାଷ୍ଟ୍ରପତି ଏହି ନାଡ୍ କାର୍ଯ୍ୟକ୍ରମକୁ ୨୦୧୭ ଜୁଲାଇରେ ଆରମ୍ଭ କରିଥିଲେ। ଏହା ଏକ ଅନ୍‌ଲାଇନ୍ ପୈଠଗୃହ। ଯେଉଁଥିରେ ଛାତ୍ରୀଛାତ୍ରମାନଙ୍କ ସମସ୍ତ ସାର୍ଟିଫିକେଟ ମାର୍କସିଟ ଆଦି ପୈଠ ରହିବ। ଛାତ୍ରୀଛାତ୍ରମାନେ ଯେକୌଣସି ସମୟରେ ଏହାକୁ ବ୍ୟବହାର କରିପାରିବେ। ଏହା ନିରାପଦ ଓ ସ୍ୱଚ୍ଛ ବ୍ୟୟ ସାପେକ୍ଷ। ଏ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବା ଲାଗି ଏହି ବୈଠକ ୟୁଜିସି ଦ୍ୱାରା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ କରାଯିବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ତେଲ କଡ଼େଇରେ ପଡ଼ି ମହିଳା ଗୁରୁତର

**ତିଗିରିଆ,୩।୭(ଡି.ଏନ.ଏ.):** ତେଲ କଡ଼େଇରେ ପଡ଼ି ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ତିଗିରିଆ ତହସିଲ ଅନ୍ତର୍ଗତ ପୁରୁଣା ତିଗିରିଆ ଗ୍ରାମର କବି ମହାନ୍ତିଙ୍କ ସ୍ତ୍ରୀ ରେଖା ମହାନ୍ତି(୪୫)। ତାଙ୍କୁ ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବାରୁ ପରେ କଟକ ବଡ଼ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ରେଖା ତାଙ୍କର ଜଣେ ପଡ଼ିଶାଙ୍କ ଘରେ ପିଠା ତିଆରି ହେଉଥିବା ବେଳେ ଦେଖିବାକୁ ଯାଇଥିଲେ। ସେଠାରେ ଚୁଲି ପାଖରେ ଚଳପ୍ରଚଳ ବେଳେ କୌଣସି ପ୍ରକାରେ ଭାରସାମ୍ୟ ହରାଇ ତେଲ କଡ଼ାଇରେ ଖସି ପଡ଼ିଥିଲେ। ତାଙ୍କ ଶରୀରର ପ୍ରାୟ ୪୦% ପୋଡ଼ି ଯାଇଥିବା ଡାକ୍ତରଙ୍କ ସୂତ୍ରରୁ ଜଣାପଡ଼ିଛି।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବନମହୋତ୍ସବ

**ବାଙ୍କୀ,୩।୭(ସ୍ୱ.ପ୍ର.):** ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୌତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧକ୍ଷ ସତ୍ୟନାରାୟଣ ସାହୁ, ଉପଦେଷ୍ଟା ଅଖିଳ ବୀରବର ହରିଚନ୍ଦନ, କୌଶିକ ନାୟକ, ଉମେଶ ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବୃକ୍ଷହିଁ ଜୀବନ ସମ୍ପର୍କରେ ସଚେତନ କରାଇଥିଲେ। ଶିକ୍ଷାକେନ୍ଦ୍ର ପରିସର ଓ ନିଜ ବଗିଚାରେ ଚାରାରୋପଣ କରାଗଲେ ମଣିଷ ଜୀବନ ସୁରକ୍ଷିତ ହୋଇପାରିବ ବୋଲି ଅତିଥି ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଏହି ସପ୍ତାହ କିପରି ବିଶ୍ୱପାଇଁ ପାଇଁ ଉପଯୋଗୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ଓ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ସାମାଜିକ କର୍ମୀ ମିଶ୍ର ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ।

### ଗୋପବନ୍ଧୁଙ୍କ ଶ୍ରାଦ୍ଧବାର୍ଷିକୀ

**ରଘୁନାଥପୁର, ୩।୭ (ଡି.ଏନ.ଏ.):** ଜାତୀୟ ଭାଷା ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡ଼ିଶା ପକ୍ଷରୁ ରଘୁନାଥପୁର ପ୍ରୋଜେକ୍ଟ ପାଇଲଟ ଉପ୍ରା ବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଡ. ପ୍ରଦୀପ୍ତ ରଥ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଇଂ. ପ୍ରକାଶ ଚନ୍ଦ୍ର ଜେନା ଯୋଗଦେଇ ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ବକ୍ତବ୍ୟ ରଖିଥିଲେ। ଆଗାମୀ ଓଡ଼ିଶା ସଭାପତି ବିଜୟ ସ୍ୱାଇଁ, ସମ୍ମାନିତ ଅତିଥି ମନୋରଞ୍ଜନ ମିଶ୍ର, ରଘୁନାଥ ପୃଷ୍ଟି, ସରପଞ୍ଚ ପ୍ରମୋଦ ଜେନା, ରବୀନ୍ଦ୍ର ମହାପାତ୍ର, ଅଜୟ ଦାସ, ନରହରି ମିଶ୍ର, ପଣ୍ଡିତ ଶ୍ରୀବତ୍ସ ଦାସ ମହାପାତ୍ର, ବାବାଜୀ ଚରଣ ସାହୁ, ପଣ୍ଡିତ ପ୍ରଭାତ କିରଣ ମିଶ୍ର, କଲ୍ୟାଣ ସେନ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

■ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ବଢୁଛି ଚୋରି, ଲୁଟ୍, ଡକାୟତି

# ଅପରାଧୀଙ୍କୁ ସୁହାଉଛି ଢିଲା ତଦନ୍ତ

**ନିଶ୍ଚିନ୍ତକୋଇଲି,୩।୭(ସ୍ୱ.ପ୍ର.)**

■ଅସୁରକ୍ଷିତ ହୋଇପଡ଼ିଛି ଧନ ଜୀବନ
■ପୋଲିସ ଉପରୁ ଭରସା ତୁଟୁଛି
■ଭିନ୍ନ କୌଶଳ ଆପଣାଉଛନ୍ତି ଅପରାଧୀ

ଦିନକୁ ଦିନ ଅପରାଧୀମାନେ ଭିନ୍ନ କୌଶଳ ଆପଣାଇ ଆପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି। ପୋଲିସ ବିଭାଗ ମଧ୍ୟ ଅପରାଧୀଙ୍କୁ ଧରିବା ପାଇଁ ଅତ୍ୟାଧୁନିକ କୌଶଳ ପ୍ରୟୋଗ କରୁଛି। ତେବେ କେତେଜଣ କର୍ମଚାରୀଙ୍କ ଢିଲା ତଦନ୍ତ ଯୋଗୁ ଅପରାଧୀ ବେଧଡ଼କଭାବେ ଅପରାଧ ଘଟାଇ ଚାଲୁଛନ୍ତି। ଫଳରେ ପୋଲିସ ଉପରୁ ଲୋକଙ୍କ ଭରସା ତୁଟୁଛି। ଅସୁରକ୍ଷିତ ହୋଇପଡ଼ିଛି ସେମାନଙ୍କ ଧନଜୀବନ। ଯାହାକିଦେଖିବା ମିଳିଛିକଟକ ଜିଲାର ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ।

ଏହି ଅଞ୍ଚଳରେ ଏବେ ଅପରାଧୀ କାୟା ବିସ୍ତାର କରିଛନ୍ତି। ଗତ ମଙ୍ଗଳବାର ଦୁର୍ବୃତ୍ତ ଥାନା ଅଧୀନ କଟିକଟା ବଜାର ଓ ସାଲେପୁର ଥାନା ଅଧୀନ ଜହ୍ନିଆ ନିକଟରେ ବନ୍ଧୁକ ଦେଖାଇ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ହେଲେ ଏ ପର୍ଯ୍ୟନ୍ତ ପୋଲିସ ସେହି ଘଟଣାର ପତ୍ତା ପାଉନାହିଁ। ଏ ନେଇ ମଧ୍ୟ ଉଭୟ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଘଟଣାରେ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗର ହାତ ଥିବା କୁହାଯାଉଛି। ଲୁଟ୍‌ର ଶିକାର ହୋଇଥିବା ଦୁଇ ବ୍ୟବସାୟୀ କେନ୍ଦ୍ରାପଡ଼ାରୁ କଟକ ଆସୁଥିଲେ। ତେବେ ଦୁଇ ବ୍ୟବସାୟୀଙ୍କୁ ଯୋଜନାବଦ୍ଧ ଭାବେ ଲୁଟ୍ କରାଯାଇଥିବା କୁହାଯାଉଛି। କେବଳ ସେତିକି ନୁହେଁ ଜାନୁୟାରୀରେ ଦୁଇଟି ଚୋରି ହୋଇଥିବା ବେଳେ ଫେବ୍ରୁୟାରୀରେ ଗୋଟିଏ, ମାର୍ଚ୍ଚରେ ୩ଟି, ମେ'ରେ ଗୋଟିଏ ଓ ଜୁନରେ ଦୁଇଟି ଚୋରି ମାମଲା ରୁଜୁ ହୋଇଛି। ହେଲେ ଏ ସବୁ ଘଟଣାର କେହି ଅପରାଧୀ ଗିରଫ ହୋଇନାହାନ୍ତି।

ସେହିପରି କଟିକଟା ବଜାରରେ ଏଟିଏମ ଲୁଟ ଉଦ୍ୟମ ଓ ଟାୱାର ନିକଟରୁ ଲୁଟ ଉଦ୍ୟମ ମାମଲାରେ ସ୍ଥାନୀୟ ବ୍ୟବସାୟୀ ଅଭିଯୁକ୍ତଙ୍କୁ ଧରି ପୋଲିସ ଜିମା ଦେଇଥିବବେଳେ ନିଶ୍ଚିନ୍ତକୋଇଲି ହାଟରୁ ଜାନୁୟାରୀ ଓ ଫେବ୍ରୁୟାରୀରେ ହୋଇଥିବା ବାଇକ ଚୋରି ମାମଲାରେ ପୋଲିସ ଏଯାବତ୍ କାହାରିକୁ ଗିରଫ କରିନାହିଁ। ନିଶ୍ଚିନ୍ତକୋଇଲି ତହସିଲ ଛକରୁ ସଟର ଚୋରି ମାମଲା, ତରତ ବଜାର ସାର ଦୋକାନରୁ ଚୋରି, ଶୁକରପଡା କପଡା ଦୋକାନରୁ ହୋଇଥିବା ଚୋରି ଓ ନିଶ୍ଚିନ୍ତକୋଇଲି ବାରମାଣିଆ ଗ୍ରାମର ଦୀପାଞ୍ଜଳି ମିଶ୍ରଙ୍କ ଘରୁ ହୋଇଥିବା ଚୋରିର ତଦନ୍ତ ହୋଇଥିବା ଜଣାଯାଇଛି। ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ ଯଦି ବେଳହୁଁ ସାବଧାନ ନ ହୁଏ ଆଗାମୀ ଦିନରେ ଅଞ୍ଚଳରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଶୁଣିବାକୁ ମିଳୁଛି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭେନ୍ଦୁ ଶେଖର ପରିଡ଼ାଙ୍କୁ ପଚାରିବାରେ ସେ କହିଛନ୍ତି, କଟିକଟାରେ ହୋଇଥିବା ଲୁଟ ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ କରୁଛି। ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଶୀଘ୍ର ଅପରାଧୀଙ୍କୁ ଧରାଯିବ। ଅନ୍ୟ ମାମଲାରେ କେତେଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଚାଲିଛି। ଯଥାଶୀଘ୍ର ଏ ସବୁ ଘଟଣାର ଅପରାଧୀ ଗିରଫ ହେବେ। ଏବେ ଦେଖିବାକୁ ଅପେକ୍ଷା କେବେ ପୋଲିସ ଏହି ଘଟଣାର ଅପରାଧୀଙ୍କୁ ଗିରଫ କରିବାରେ ସକ୍ଷମ ହେଉଛି।



ପ୍ରସନ୍ନମଣିଙ୍କ ପୀଠରେ ପ୍ରସ୍ତୁତ ତିନିରଥ।

ତିଗିରିଆ ପ୍ରସନ୍ନମଣିଙ୍କ ନିଆରା ଘୋଷଯାତ୍ରା

## ଗୋଟିଏ ଦିନ ପରେ ଗଡ଼ିବ ରଥ

**ତିଗିରିଆ,୩।୭(ଡି.ଏନ.ଏ.)**

ତିଗିରିଆର ଆରାଧ୍ୟ ନିଜିଗଡ଼ସ୍ଥିତ ରାଜବାଟୀରେ ବିଜେ ପ୍ରଭୁ ପ୍ରସନ୍ନମଣିଙ୍କ ପବିତ୍ର ଘୋଷଯାତ୍ରା ଲାଗି ସମସ୍ତ ପ୍ରସ୍ତୁତି ବୁଧବାର ସନ୍ଧ୍ୟା ସୁଦ୍ଧା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୀଠ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ରଥଯାତ୍ରା ପରି ଚଳିତ ବର୍ଷ ମଧ୍ୟ ଗୋଟିଏ ଦିନ ବିଳମ୍ବରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ। ଗୁରୁବାର ରାଜ୍ୟ ସମେତ ଦେଶ ବିଦେଶରେ ଜଗନ୍ନାଥଙ୍କ ଘୋଷଯାତ୍ରା ହେଉଥିବା ବେଳେ ଏଠାରେ ପୀଠର ଚତୁର୍ଦ୍ଧା ବିଗ୍ରହ ପହଣ୍ଡି ଯାତ୍ରା କରିବାପରେ ରଥାରୂଢ଼ ହୋଇ ରହିବେ। ପରଦିନ ଅର୍ଥାତ୍ ଶୁକ୍ରବାର ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥ ଟଣାଯିବ ବୋଲି ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଗୁରୁବାର ପ୍ରତ୍ୟୁଷରୁ ପୀଠର ସମସ୍ତ ପରମ୍ପରା ଓ ସେବାନୀତିକୁ ପାଳନ କରାଯାଇ ଅପରାହ୍ନ ୩ଟାପରେ ପୀଠର ଚତୁର୍ଦ୍ଧା ବିଗ୍ରହ ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଓ ଜଗନ୍ନାଥ ମହାପ୍ରଭୁ ପହଣ୍ଡି ଯାତ୍ରା ଓ ରଥାରୋହଣ କରିବେ। ଏହାପରେ ରାଜାଙ୍କ ଦ୍ୱାରା ଛେରା ପହଁରା ସହ ରାତ୍ରି ପର୍ଯ୍ୟନ୍ତ ରହିଥିବା ଅନ୍ୟ ସେବା ନୀତି ସମ୍ପନ୍ନ କରାଯିବ। ଶୁକ୍ରବାର ଅପରାହ୍ନ ୩ଟାପରେ ପ୍ରଭୁ ଜନ୍ମବେଦୀ ନିଜିଗଡ଼ସ୍ଥ ଥାନାଛକ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବେ।

ପୀଠର ଐତିହ୍ୟ ଗଡ଼ଜାତ ଅମଳରୁ ରାଜାମାନେ ପୁରୀ ଶ୍ରୀକ୍ଷେତ୍ରରେ ଘୋଷଯାତ୍ରା ସାରି ପରଦିନ ଏଠାରେ ଘୋଷଯାତ୍ରା କରିଥାନ୍ତି। ସେହି ପରମ୍ପରା ଏବେବି ଏହି ପୀଠରେ ବେଶ ଶ୍ରଦ୍ଧା ଓ ଭକ୍ତି ସହାକରେ ତିଗିରିଆବାସୀ ପାଳନ କରୁଛନ୍ତି। ଏଭଳି ଏକ ନିଆରା ପରମ୍ପରାରେ ଏହି ପୀଠର ସ୍ୱାତନ୍ତ୍ର୍ୟ ରହିଆସିଛି। ସେହିପରି ତିଗିରିଆର ଅନ୍ୟ ତିନି ପ୍ରମୁଖ ଜଗନ୍ନାଥ ପୀଠ ଶୁଣ୍ଡିପାଳସ୍ଥ ଦଧିବାମନଜୀଉ, ନୂଆପାଟଣାସ୍ଥ ପତିତପାବନଜୀଉ ଏବଂ ପାଞ୍ଚଗାଁ ଦଧିବାମନଜୀଉଙ୍କ ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହେବା ଲାଗି ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଚାଲୁ ରହିଥିବା ପୀଠ ପରିଚାଳନା କମିଟିଗୁଡ଼ିକ ପକ୍ଷରୁ ପ୍ରକାଶ ପାଇଛି।

■ ଦେବଭୂଇଁ ପଞ୍ଚାୟତରେ ବିଏସ୍ଏନ୍ଏଲ ସେବା ଠପ୍

# ରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ



ନୂଆଗଡ଼ଠାରେ ରାସ୍ତାରୋକୋ କରିଥିବା ଗ୍ରାମବାସୀ।

**ନରସିଂହପୁର,୩।୭(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ଦେବଭୂଇଁ ପଞ୍ଚାୟତରେ ଥିବା ବିଏସ୍ଏନ୍ଏଲ୍ ଟାୱାର ଦୀର୍ଘ ଦିନଧରି ଅଚଳ ହୋଇପଡ଼ିଛି। ଫଳରେ ଲୋକଙ୍କୁ ଉପଯୁକ୍ତ ସେବା ମିଳି ପାରୁନାହିଁ। ଏ ନେଇ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବାରୁ ବୁଧବାର ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀ ନୂଆଗଡ଼ଠାରେ ଅନୁଗୋଳ-ନରସିଂହପୁର ରାସ୍ତାରୋକୋ କରିଥିଲେ। ଫଳରେ ଶହଶହ ଗାଡ଼ି ମୋଟର ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ପରେ ସ୍ଥାନୀୟ ତହସିଲଦାର ଓ ବିଏସ୍ଏନ୍ଏଲର କର୍ତ୍ତୃପକ୍ଷ ପହଞ୍ଚି ଏହାର ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ବହୁ ବର୍ଷ ତଳୁ ଏ ଅଞ୍ଚଳ ପାଇଁ ବିଏସ୍ଏନ୍ଏଲ୍ ପକ୍ଷରୁ ଏକ ଟାୱାର ନିର୍ମାଣ କରାଯାଇଥିଲା। କିଛିଦିନ ହେବ ଟାୱାରକୁ ନେଇ ବିଭିନ୍ନ ସମସ୍ୟା ଉପୁଜିଥିବାରୁ ମୋବାଇଲ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ବାରମ୍ୱାର ବିଏସ୍ଏନ୍ଏଲ୍ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଏହାର କୌଣସି ସ୍ଥାୟୀ ସମାଧାନ କରିବାରେ ବିଭାଗ ସାମର୍ଥ ହୋଇ ପାରି ନ ଥିଲା। ଫଳରେ ବାଧ ହୋଇ ଜିଲା ପରିଷଦ ସଭ୍ୟ ନିର୍ମଳ ଜେନା, ସ୍ଥାନୀୟ ସରପଞ୍ଚ ସ୍ୱପ୍ନେଶ୍ୱର ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋର ଦୀର୍ଘ ସମୟପରେ ନରସିଂହପୁର ତହସିଲଦାର ରାଜକିଶୋର ଜେନା ବିଏସ୍ଏନ୍ଏଲ୍‌ର ଉଚ୍ଚ କର୍ତ୍ତୃପକ୍ଷ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସହିତ ଧାରଣାରତ ଗ୍ରାମବାସୀଙ୍କ ନିକଟରେ ପହଞ୍ଚି ଶୀଘ୍ର ଟାୱାର ଚାଲୁ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### ଫନୀ ବିପନ୍ନ ଚୟନରେ ଅନିୟମିତତା ଅଭିଯୋଗ

**ସାଲେପୁର,୩।୭(ଡି.ଏନ.ଏ.)**

ସାଲେପୁର ତହସିଲ ଅଧୀନ ପିକୋଳ ପଞ୍ଚାୟତରେ ଫନୀ ବିପନ୍ନ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତର ବିପନ୍ନ ଚୟନ ଦାୟିତ୍ୱରେ ଭୀମଦାସପୁର ରାଜସ୍ୱ ନିରୀକ୍ଷକ ରହିଥିଲେ। ସେ ଉକ୍ତ ପଞ୍ଚାୟତରେ ଚଞ୍ଚକତା କରି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସଂଶ୍ଳିଷ୍ଟ ନ କରି କେତେକ ଅଯୋଗ୍ୟ ହିତାଧିକାରୀଙ୍କୁ ସଂଶ୍ଳିଷ୍ଟ କରିଥିଲେ। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସମସ୍ତ ବିପନ୍ନ ଆସି ଘଟଣା ସମ୍ପର୍କରେ ସରପଞ୍ଚ ରଞ୍ଜିତ୍ ଦାସଙ୍କୁ ଜଣାଇଥିଲେ। ସରପଞ୍ଚ ଏ ନେଇ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏପରି କି ତଦନ୍ତକାରୀ ଅଧିକାରୀ କୋଠା ଥିବା ଏବଂ ଗୋଟିଏ ପରିବାରର ବାପ, ପୁଅଙ୍କୁ ବିପନ୍ନ ସହାୟତା ତାଲିକାରେ ସଂଶ୍ଳିଷ୍ଟ କରିଥିବା ଅଭିଯୋଗ ହୋଇଛି। ସରପଞ୍ଚ ଦାସ ଉକ୍ତ ପଞ୍ଚାୟତରେ ଅନ୍ୟ ଜଣେ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍ ଅଭିଯୋଗ

**ଆଠଗଡ଼,୩।୭(ସ୍ୱ.ପ୍ର.)**

ବୁଧବାର ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ୮୦ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ଆଠଗଡ଼ ଥାନାରେ ଅଭିଯୋଗ ହୋଇଛି। ଘଟଣାଟି ଆଠଗଡ ଓ ଢେଙ୍କାନାଳର ସୀମାନ୍ତ ହୋଇଥିବାରୁ ଅଭିଯୋଗ ପଞ୍ଜୀକୃତ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁସାରେ, ସଂସ୍ଥାର କର୍ମଚାରୀ ଶ୍ରୀଧର ମଲ୍ଲିକ ଓ ଶୁଭେନ୍ଦୁ ଶେଖର ପଟ୍ଟନାୟକ ଅପରାହ୍ନରେ ଆଠଗଡ ଥାନା ଅନ୍ତର୍ଗତ କୁଆଁଳ ଗ୍ରାମରୁ ଟଙ୍କା ଆଦାୟ କରି କୋରଙ୍ଗା ଗ୍ରାମକୁ ଯାଉଥିଲେ। ଏହି ସମୟରେ ରାସ୍ତାରେ ଅପରପକ୍ଷରୁ ଏକ ବାଇକରେ ୨ଜଣ ଦୁର୍ବୃତ୍ତ ଆସି ସେମାନଙ୍କୁ ଅଟକାଇ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ କର୍ମଚାରୀ ଦ୍ୱୟ ରାସ୍ତା ଉପରେ ପଡି ଯାଇଥିଲେ। ଏହାପରେ ସମ୍ପୃକ୍ତ ଦୁର୍ବୃତ୍ତ ଦ୍ୱୟ ସଂସ୍ଥାର କର୍ମଚାରୀଙ୍କ ଟଙ୍କା ବ୍ୟାଗ୍ ଓ ବାୟୋମେଟ୍ରିକ ମେଶିନ୍ ଲୁଟି ନେଇ ଢେଙ୍କାନାଳ ଅଭିମୁଖେ ପଳାଇଥିଲେ। ସେମାନେ ମୁହଁରେ କଳା କପଡା ବାନ୍ଧିଥିଲେ। ଏପରିକି ତାଙ୍କ ସହ ଗାଡିର ନମ୍ବର ପ୍ଲେଟ ଉପରେ ରଙ୍ଗ ବୋଳି ଦେଇଥିଲେ ବୋଲି କର୍ମଚାରୀମାନେ ଅଭିଯୋଗରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ଆଠଗଡ ଅଞ୍ଚଳରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଏକାଧିକ ବାର ଲୁଟ୍ ହୋଇଥିବା ଥାନାରେ ମାମଲା ଦାୟାର ହେଉଛି, ମାତ୍ର ଏଯାବତ୍ ଲୁଟ୍ ଅର୍ଥ ଜବତ ହୋଇ ପାରନାହିଁ। ସେହିପରି ଅଭିଯୁକ୍ତ ମଧ୍ୟ ଧରା ପଡୁନାହାନ୍ତି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ପୋଲିସ ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଘରଭଙ୍ଗା ସହାୟତା ଦାବିରେ ତହସିଲ ଅଫିସ ଆଗରେ ଧାରଣା

**ନିଆଳି,୩।୭(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ ନିଆଳି ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଥିଲା। ବାତ୍ୟାର ଦୁଇ ମାସ ପରେ ବି ବିପନ୍ନମାନେ ସରକାରୀ ସାହାଯ୍ୟରୁ ବଞ୍ଚିତ ହୋଇଛନ୍ତି। ଘରଭଙ୍ଗା ସହାୟତା ଦାବିରେ ବୁଧବାର ନିଆଳି ନିର୍ମାଣ ମଞ୍ଚ ପକ୍ଷରୁ ନିଆଳି ତହସିଲ ଅଫିସ୍ ସମ୍ମୁଖରେ ଧାରଣା ଦିଆଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷାଙ୍କ ସ୍ୱାମୀ ଆଦିତ୍ୟ ପାଣି, ପ୍ରଦୀପ ଦାସ, ନିଆଳି ବ୍ଲକ ଯୁବବାହିନୀର ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ, ବିଜେଡି ବ୍ଲକ ଉପସଭାପତି ଅନ୍ତର୍ଯ୍ୟାମୀ ବଡୁ, ପ୍ରକାଶ ମହାନ୍ତିଙ୍କ ସମେତ ସମସ୍ତ ବିଜେଡି ସମର୍ଥିତ ସରପଞ୍ଚ ଉପସ୍ଥିତ ରହି ଦାବିପତ୍ର ତହସିଲଦାରଙ୍କୁପ୍ରଦାନ କରିଥିଲେ। ସମସ୍ତ ବିପନ୍ନଙ୍କୁ ଘରଭଙ୍ଗା ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ଦାବି କରିଥିଲେ। ପରେ ତହସିଲ ପକ୍ଷରୁ ଘରଭଙ୍ଗା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବା ୩,୨୩୨ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଆଂଶିକ ଘର ଭାଙ୍ଗିଥିବା ୧୬,୩୨୭ଟି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ତହସିଲ ସମ୍ମୁଖରେ ଭାଜପା ପକ୍ଷରୁ ଗତ ଜୁନ ୧୯ରେ ଧାରଣା ଦିଆଯାଇଥିଲା।

## ଖୋଲିଲାନି ୱେବ୍‌ସାଇଟ୍, ଛାତ୍ରୀଛାତ୍ର ହୀନସ୍ତା

**ମାହାଙ୍ଗା,୩।୭(ସ୍ୱ.ପ୍ର.)**

**ଯୁକ୍ତ ୨ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଆରମ୍ଭ**

ବୁଧବାରଠାରୁ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଆରମ୍ଭ ହୋଇଛି। ତେବେ ଆରମ୍ଭ ଦିନଠାରୁ ହିଁ ଛାତ୍ରୀଛାତ୍ରଙ୍କୁ ହୀନସ୍ତା ହେବାକୁ ପଡ଼ିଛି। ନାମ ଲେଖା ସମୟରେ ଇଣ୍ଟିମେଶନର ଆବଶ୍ୟକତା ଥିବାରୁ ତାହାକୁ ଛାତ୍ରୀଛାତ୍ର ସାମ୍‌ସ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ଆଣିବା କଥା। ହେଲେ ଦିନ ତମାମ ୱେବ୍‌ସାଇଟ୍ ନ ଖୋଲିବାରୁ ଅନେକ ଛାତ୍ରୀଛାତ୍ର ନାମ ଲେଖାଇ ନ ପାରି ଫେରି ଯାଇଛନ୍ତି। ଏପରି ଦୃଶ୍ୟ ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା କଲେଜ ଗୁଡ଼ିକରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ମାହାଙ୍ଗା ବ୍ଲକ୍ ଅଞ୍ଚଳରେ ଥିବା ଜେ.ଏନ କଲେଜ କୁଆଁପାଳ, ପୁଷ୍ପଗିରି କଲେଜ ଏରକଣା, ମାହାଙ୍ଗା ମହିଳା ମହାବିଦ୍ୟାଳୟ ପଲ୍ଲୀସାହି, ଦୁର୍ଗାଚରଣ ମେମୋରିଆଲ ହଳଦିଆ, ଖାଡେଶ୍ୱରପୁର ମହାବିଦ୍ୟାଳୟ ଗୁଡିକରେ ନାମ ଲେଖାଇବାକୁ ଥିବା ଛାତ୍ରୀଛାତ୍ର ସରଭର ଡାଉନ ଯୋଗୁ ଇଣ୍ଟିମେଶନ ଡାଉନଲୋଡରେ ଅସୁବିଧା ଭୋଗ କରିଥିଲେ। ଫଳରେ ବହୁ ସ୍ଥାନରେ ଅର୍ଦ୍ଧାଧିକ ଛାତ୍ରୀଛାତ୍ର ନାମ ଲେଖାଇ ନ ପାରି ଖର୍ଚ୍ଚାନ୍ତ ହୋଇ ଘରକୁ ଫେରିଥିଲେ। ଜେ.ଏନ କଲେଜ ସାମସ୍ ସେଣ୍ଟରକୁ ନାମ ଲେଖାଇବାକୁ ଆସିଥିବା ସାଲେପୁର ଅଞ୍ଚଳର ଜସ୍ମିନ ସାମନ୍ତରାୟ, ଧନଞ୍ଜୟ ସିଂହ, ନୁର୍ତ୍ତାଙ୍ଗ ଗ୍ରାମର ସୌମ୍ୟଶ୍ରୀ ମଲିକ, ଚାୟାଁପାଳ ଗ୍ରାମର ଅମୀୟ ରଞ୍ଜନ ଦାସ, ଧାରପୁର ଅଞ୍ଚଳର ମନୋଜ କୁମାର ପ୍ରମୁଖଙ୍କୁ ପଚାରିବାରୁ ସେମାନେ କହିଥିଲେ, ମଙ୍ଗଳବାର ହଠାତ୍ ନାମ ଲେଖାଇବା ପାଇଁ ଆଜିକୁ ମେସେଜ ଆସିଥିଲା। ତେଣୁ ଆମେ ଦୁରଦୂରାନ୍ତରୁ ଖର୍ଚ୍ଚାନ୍ତ ହୋଇ ଏଠାକୁ ଆସିବା ପରେ ଶିକ୍ଷାବିଭାଗର ୱେବସାଇଟ ସରଭର ଡାଉନ ଥିବାରୁ ଦୀର୍ଘ ସମୟ ଧରି ଅପେକ୍ଷା କରି ଫେରୁଛୁ। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥିତ ସାମସ୍ ସେଣ୍ଟର ସହ ଯୋଗାଯୋଗ କରିବାରୁ ଜଣେ ଅଧିକାରୀ ନାମ ଗୋପନ ରଖି କହିଥିଲେ, ସେ ଅଞ୍ଚଳରେ ସରଭର ଡାଉ ନ ଥିବା କଥା ଆମ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ଏହା ସ୍ଥାନୀୟ ଅଞ୍ଚଳରେ ସମସ୍ୟା ବୋଲି କହି କଥାଟିକୁ ଏଡାଇ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠେ ପିଲାଙ୍କ ପାଇଁ ସରକାରଙ୍କ ଏତେ ଅବହେଳା କ'ଣ ପାଇଁ। ଏଥିପ୍ରତି ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ଦୃଷ୍ଟିଦେବାକୁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି।



ମାହାଙ୍ଗା ଅଞ୍ଚଳର ଏକ ମହାବିଦ୍ୟାଳୟରେ ଛାତ୍ରୀମାନେ ନାଁ ଲେଖାଉଛନ୍ତି।

■ ୪୯ ଦିନରେ ବଡ଼ମ୍ବା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

# ୫ରେ ଚରମ ନିଷ୍ପତ୍ତି ପାଇଁ ସର୍ବସାଧାରଣ ବୈଠକ

**ବଡ଼ମ୍ବା,୩।୭(ଡି.ଏନ.ଏ.)**

ବଡ଼ମ୍ବାରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଓ ଅନ୍ୟାନ୍ୟ ଦାବିନେଇ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ଚାଲିଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ବୁଧବାର ୪୯ ଦିନରେ ପହଞ୍ଚିଛି। ଏହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସଂଘ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସଂଘ ପକ୍ଷରୁ ଏକ ବୈଠକ କରାଯାଇ ଘଟଣାକୁ କଡ଼ା ସମାଲୋଚନା କରାଯାଇଛି। ଏଥିସହିତ ଆସନ୍ତା ୫ ତାରିଖ ଶୁକ୍ରବାର ଏହାର ଚରମ ନିଷ୍ପତ୍ତି ପାଇଁ ଏକ ସର୍ବସାଧାରଣ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ବଡ଼ମ୍ବାର ୩୮ ପଞ୍ଚାୟତର ଜନସାଧାରଣଙ୍କୁ ସାମିଲ କରାଯିବ। ଦରକାର ପଡ଼ିଲେ ବଡ଼ମ୍ବା ବନ୍ଦ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ବୈଠକରେ ମତ ପ୍ରକାଶ ପାଇଛି।

ପ୍ରକାଶ ଯେ, ବଡ଼ମ୍ବାରେ ସବ୍‌ଜଜ କୋର୍ଟ ପ୍ରତିଷ୍ଠା, ବଡ଼ମ୍ବାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା, ମାଣିଆବନ୍ଧ ଫାଣ୍ଡିକୁ ଥାନା ମାନ୍ୟତା ଦାବି ସହିତ ବଡ଼ମ୍ବା କୋର୍ଟ ପାଇଁ ଜମି ପ୍ରଦାନ ଦାବି ନେଇ ଓକିଲ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଛି। ଏହାକୁ ଭିତ୍ତିକରି ଜିଲା ଦୌରାଜଜ୍ ଓ କଟକ ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ବଡମ୍ବା କୋର୍ଟ ପରିଦର୍ଶନ କରିବା ସହିତ କୋର୍ଟ ପାଇଁ ଜମି ପ୍ରଦାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ଜଣାଇଥିଲେ। ଏହାପରେ ଜମି ଚିହ୍ନଟ ପ୍ରକ୍ରିୟାରେ ଅଗ୍ରଗତି ହୋଇଛି। ଇତିମଧ୍ୟରେ ଓକିଲ ସଂଘର ଏକ ପ୍ରତିନିଧି ଦଳ ପ୍ରୋଟୋକଲ ଜଜ୍, ଜିଲା ଦୌରା ଜଜ୍, ରେଜିଷ୍ଟ୍ରାର ସିଭିଲ୍ କୋର୍ଟଙ୍କ ସହିତ ସାକ୍ଷାତ କରିବା ସହିତ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ଜରିଆରେ ଆଇନମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଆରଟିଆଇ ଯୋଗେ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ବଡ଼ମ୍ବା ଉପକାରାଗାର ବନ୍ଦ ହୋଇଯିବ। ଏହାକୁ ନେଇ ସଂଘରେ କ୍ଷୋଭ ପ୍ରକାଶ ପାଇଛି। ଉକ୍ତ ପ୍ରସଙ୍ଗକୁ ନେଇ ୫ ତାରିଖରେ ଆଲୋଚନା କରାଯିବବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଠାରେ ପ୍ରଶ୍ନଉଠେ ବଡମ୍ବାରେ ସବ୍‌ଜଜ୍‌କୋର୍ଟ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ଥିବାବେଳେ କାହିଁକି ଅବହେଳା କରାଯାଇଛି। ସଂଘ ସଭାପତି କୈଳାସଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପରେଶ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।



ବୈଠକରେ ଓକିଲ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ ଉପସ୍ଥିତ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଉଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ: ଜେଲ୍ ଗଲେ ସେସୁ ଅଧିକାରୀ

**କଟକ ଅଫିସ, ୩।୭:** ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ)ର ପାରାଦୀପ ଡିଭିଜନ ଦାୟିତ୍ୱରେ ଥିବା କନିଷ୍ଠ ପରିଚାଳକ (ଅର୍ଥ) ଧନେଶ୍ୱର ସାହୁ ଜେଲ୍ ଯାଇଛନ୍ତି। ଭିଜିଲାନ୍ସ ସେଲ୍ ପକ୍ଷରୁ ସାହୁଙ୍କୁ ବୁଧବାର ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା(ନଂ.୭/୨୦୧୯) ରୁଜୁ ହୋଇଛି। ସୂଚନାଥାଉ କି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସେଲ୍ ପକ୍ଷରୁ ଗତ ମଙ୍ଗଳବାର ସାହୁଙ୍କ ପାରାଦୀପଠାରେ ଥିବା ସରକାରୀ କ୍ୱାର୍ଟର, ଅଫିସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁରଠାରେ ଥିବା ଜେରୋଧା ବ୍ରୋକିଂ ଲିମିଟେଡ୍‌ର ଅଫିସ, କଟକ ଜିଲା କିଶନନଗର ଥାନା ଅଧୀନ ବରଦା ଗ୍ରାମରେ ଥିବା ଘର ଓ ମଙ୍ଗାଦେଇପୁର ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଏକକାଳୀନ ଯାଞ୍ଚ କରିଥିଲା। ଯାଞ୍ଚରୁ ମୋଟ ୨ କୋଟି ୫୮ ଲକ୍ଷ ୯୬ହଜାର ୮୧୩ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ସାହୁ ଶେୟାର ମାର୍କେଟରେ ୨ କୋଟି ୧୪ଲକ୍ଷ ୫୮ହଜାର ୬୬୦ ଟଙ୍କା ଜମା ରଖିଥିବା ଜଣାପଡ଼ିଛି।

### ପରିମଳ ବ୍ୟବସ୍ଥାକୁ ନେଇ ଦାବିପତ୍ର

**କଟକ ଅଫିସ, ୩।୭:** କଟକ ମହାନଗର ନିଗମ (ସିଏମ୍‌ସି)ରେ ଦିନକୁ ଦିନ ପରିମଳ, ରାସ୍ତାଘାଟ, ନାଳନର୍ଦ୍ଦମା ଓ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଯାହାକୁ ନେଇ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଲେ ସିଏମ୍‌ସି ପକ୍ଷରୁ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନି। ଏ ନେଇ ବୁଧବାର କଟକ-ବାରବାଟୀ ଯୁବ କଂଗ୍ରେସ ପକ୍ଷରୁ କମିଶନରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ଚଳିତ ମୌସୁମୀ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳରେ ପାଣି ଜମି ରହୁଛି। ସିଏମ୍‌ସି ପକ୍ଷରୁ ଡ୍ରେନେଜ ସଫେଇ କାର୍ଯ୍ୟରେ ଅବହେଳା ଯୋଗୁ ଏହି ସମସ୍ୟା ଦେଖାଦେଇଥିବା କଂଗ୍ରେସ କର୍ମୀମାନେ କହିଛନ୍ତି। ସେହିପରି ଜାଇକା ପକ୍ଷରୁ ସହରର ବିଭିନ୍ନ ଅଣଓସାରିଆ ଅଞ୍ଚଳରେ ଏ ପର୍ଯ୍ୟନ୍ତ କାମ ସରିନାହିଁ। ଯାହାଫଳରେ ଯାତାୟାତରେ ସମସ୍ୟା ହେଉଛି। ଲିଙ୍କ୍‌ରୋଡଠାରୁ ବାଦାମବାଡ଼ି ପର୍ଯ୍ୟନ୍ତ ଜାଇକା ପକ୍ଷରୁ ରାସ୍ତା ମରାମତି କରାଯାଇ ନ ଥିବାରୁ ଅନେକ ସମୟରେ ଲୋକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି ପକ୍ଷରୁ ଆବର୍ଜନା ଓ ପଙ୍କ ଉଦ୍ଧାର କାର୍ଯ୍ୟ ହେଉ ନ ଥିବାରୁ ମୁଖ୍ୟରାସ୍ତା ସମେତ ସହରର ବିଭିନ୍ନ ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସହରର କେତେକ ସ୍ଥାନରେ ଜଣ୍ଡିସ, ଡେଙ୍ଗୁ ବ୍ୟାପିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଖୁବ୍‌ଶୀଘ୍ର ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯିବାକୁ ନେଇ ଦାବିପତ୍ର ଦିଆଯାଇଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଆମେ ସବୁଦିନ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରୁଛୁ। ଯେଉଁ ଜାଗାରେ ପଙ୍କ ଉଦ୍ଧାର ହୋଇନି ତାହାକୁ ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ଏଥିରେ ସମସ୍ତଙ୍କର ସହଯୋଗ ଦରକାର। ଦାବିପତ୍ର ପ୍ରଦାନବେଳେ କଂଗ୍ରେସ ପକ୍ଷରୁ ରାକେଶ ମହାରଣା, ମହମ୍ମଦି ଅଲି, ଆର୍ଯ୍ୟବୀର ଲେଙ୍କା, ସୁକାନ୍ତ ସାହାଣୀ, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରସ୍ତୁତି ଶେଷ, ଆଜି ରଥଯାତ୍ରା

କଟକ ଅଫିସ,୩।୭- ଗୁରୁବାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଭାଇଚାରାର ସହର କଟକରେ ରଥଯାତ୍ରା ଆନନ୍ଦଉଲ୍ଲାସରେ ପାଳନ କରାଯାଏ। ଏଥିପାଇଁ ସହରର ସମସ୍ତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଅଧିକାଂଶ ସ୍ଥାନରେ ସହର ବାହାରୁ କାରିଗରମାନେ ଆସି ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ରଥର ଚକ, ଚାରି ନାହାକା, ଚଉଦ ନାହାକା, ଦୁଆରବେଢ଼ା, ଉପରଭୂମି, ପ୍ରଭା, ପାରାଭାଡ଼ି, ପୋଟଳ ଓ ଦଧିନଉତି ଓ କପଡା ଲଗାଯିବା କାମ ବୁଧବାର ସୁଦ୍ଧା ଶେଷ ହୋଇଛି। ଗୁରୁବାର ଭୋରରୁ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି କରାଯିବା ପରେ, ମଇଲମ, ତଡ଼ପ ଲାଗି, ଅବକାଶ ନୀତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ ସହ ଖେଚୁଡ଼ି ଭୋଗ କରାଯିବ। ଏଥିସହ ରଥ ପ୍ରତିଷ୍ଠା କରାଯାଇ ଟାହିଆଲାଗି, ପନ୍ତିଭୋଗ କରାଯିବ। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ରଥ ଉପରକୁ ଅଣାଯିବ। ରଥରେ ଛେରାପହଁରା କରାଯିବ। ଏହାପରେ ଚାରମାଳ ଫିଟାଯିବା ସହ ଘୋଡା, ସାରଥି ଲାଗିବା ପରେ ଆରମ୍ଭ ହେବ ରଥଟଣା।



### ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର

ସହରର ପ୍ରମୁଖ ଜଗନ୍ନାଥ ମନ୍ଦିର ଭାବେ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରର ଖ୍ୟାତି ରହିଛି। ଏଠାକାର ଶ୍ରୀଜୀଉଙ୍କ ମାଉସୀ ମା' ମନ୍ଦିର ଭାବେ ସ୍ଥାନୀୟ କାଫଲା ଫାଣ୍ଡି ଠାରେ ଏକ ଅସ୍ଥାୟୀ ମଣ୍ଡପ ନିର୍ମାଣ କରାଯାଏ। ଉକ୍ତ ମନ୍ଦିରର ରଥ ଯାତ୍ରା ନିମନ୍ତେ ଜୁଡିସିଆଲ ଏକାଡେମୀ ସମ୍ମୁଖ କାଠଯୋଡ଼ି ନଦୀକୂଳରେ ରଥଖଳା ହୋଇଛି। ରଥଗୁଡ଼ିକର ଉଚ୍ଚତା ୨୫ଫୁଟ। ଅକ୍ଷୟ ତୃତୀୟାରୁ କାରିଗର ସାଗର ମହାରଣାଙ୍କ ନେତୃତ୍ୱରେ ରଥ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରଥ ନିର୍ମାଣ କାର୍ଯ୍ୟରେ ପୁରୀର ୧୧ଜଣ କାରିଗର ନିୟୋଜିତ ହୋଇଥିବା ସାଗର କହିଛନ୍ତି।

### ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର

ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି କାରିଗର ରବୀନ୍ଦ୍ର ଭୋଇ କହିଛନ୍ତି। ଅକ୍ଷୟ ତୃତୀୟା ଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ବୁଧବାର ଦୁଆରବେଢ଼ା ଓ ଦଧିନଉତି ଲଗାଯାଇଥିଲା। ଚଳିତବର୍ଷ ବିଛଣାପଟା ଓ ରଥର ଅନ୍ୟ କିଛି ଅଂଶରେ ନୂତନ କାଠ ଲଗାଯାଇଛି ବୋଲି ରବୀନ୍ଦ୍ର କହିଥିଲେ। ବଳଭଦ୍ରଙ୍କ ରଥ ସବୁଠାରୁ ଅଧିକ ଉଚ୍ଚ ତଥା ୨୪ଫୁଟ। ୬ ଇଞ୍ଚ ଲେଖାଏ କମ୍ କରାଯାଇ ଜଗନ୍ନାଥ ଓ ସୁଭଦ୍ରାଙ୍କ ରଥ ନିର୍ମାଣ ହୋଇଛି। ଜେଜେବାପାଙ୍କ ଅମଳରୁ ସେ ରଥ ନିର୍ମାଣ କରି ଆସୁଛନ୍ତି ବୋଲି ରବୀନ୍ଦ୍ର କହିଥିଲେ।

### ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର, ରାଣୀହାଟ

ଗତ ୫ବର୍ଷ ହେବ ଏଠାରେ ରଥଯାତ୍ରା ପାଳନ ହୋଇଆସୁଛି। ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତି ରଥଯାତ୍ରାରେ ଯାଆନ୍ତି। ରାଣୀହାଟ ଦୁର୍ଗାଘର ହେଉଛି ଗୁଣ୍ଡିଚା ମନ୍ଦିର। ତେବେ କଟକର ଜିଲାପାଳ ଏହି ରଥଯାତ୍ରାରେ ଛେରାପହଁରା କରନ୍ତି। ଯାହା ଏକ ନିଆରା ପରମ୍ପରା। ଏଠାକାର ରଥର ଉଚ୍ଚତା ୨୫ଫୁଟ। ପୁରୀ ଜିଲା ପିପିଲି ଅଞ୍ଚଳର କାରିଗର ପ୍ରହଲ୍ଲାଦ ମହାରଣାଙ୍କ ନେତୃତ୍ୱରେ ରଥ ନିର୍ମାଣ ହୋଇଛି ବୋଲି ରଥଯାତ୍ରା ପରିଚାଳନା କମିଟି ସଭାପତି ବିଜୟ କୁମାର ସାହୁ କହିଛନ୍ତି।

### ଶ୍ରୀଶ୍ରୀ ଜୟ ଜଗନ୍ନାଥ କଲୋନୀ, ଖପୁରିଆ

୨୦୦୦ରେ ଏଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା। ପ୍ରଥମେ ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତି ରଥଯାତ୍ରାରେ ଯାଉଥିଲେ। ପରେ ୨୦୦୭ରୁ ତିନିଟି ରଥ ହୋଇ ଏହି ଯାତ୍ରା ଚାଲିଛି। ବଳଭଦ୍ରଙ୍କ ରଥ ୨୧ଫୁଟ ହୋଇଥିବା ବେଳେ ଅନ୍ୟ ଦୁଇଟି ରଥ ଏହାଠାରୁ କମ୍ ଉଚ୍ଚତା ବିଶିଷ୍ଟ। କାରିଗର ସାଗର ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ ହୋଇଥିବା ରଥଯାତ୍ରା ପରିଚାଳନା କମିଟିର ଆଦିକନ୍ଦ ରାଉତ କହିଛନ୍ତି।

### ମହିମା ନ ଥିଲେ କାମ ସରନ୍ତାନି



ଶ୍ରୀଜଗନ୍ନାଥଙ୍କ ମହିମା ଅଛି। ମୁଁ ଅଙ୍ଗେ ମଧ୍ୟ ନିଭାଇଛି। ନ ହେଲେ ଏହି ଘୋଷଯାତ୍ରା ପୂର୍ବରୁ ମୋ ଦ୍ୱାରା ସମସ୍ତ କାମ କେବେ ବି ସରନ୍ତା ନାହିଁ। ଅନେକ ବର୍ଷ ଭିତରେ ଅନେକ ଘଟଣା ମୋ ସହ ଘଟିଛି, ଯାହା ଭାବିଲେ ମୋ ଆଖିରେ ଲୁହ ଆସିଯାଏ। ତାଙ୍କୁ ସ୍ମରଣ କରି ସବୁବେଳେ କାମ ଆରମ୍ଭ କରେ। କାର୍ଯ୍ୟରେ ସିଦ୍ଧି ପାଇବାକୁ ହେଲେ ତାଙ୍କ ମହିମା ନିହାତି ଲୋଡା ବୋଲି ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ରଥର କପଡ଼ା କାରିଗର ପତିତପାବନ ଲାହା କହିଛନ୍ତି। ୧୯୮୮ରୁ ପତିତପାବନ ଏହି ରଥର ନିୟମିତ କପଡ଼ା କାରିଗର ଅଛନ୍ତି। ଏ ନେଇ ପତିତପାବନ କହିଛନ୍ତି, ସ୍ୱର୍ଗତ ବଳରାମ ମୂଳିଆ ରଥରେ କପଡ଼ା କାମ କରିବାକୁ ମୋତେ ଡାକି ଆଣିଥିଲେ। ସେତେବେଳେ ରଥରେ କେମିତି କପଡ଼ା ଲଗାଯାଏ ସେ ସମ୍ପର୍କରେ ମୋତେ ଜଣା ନ ଥିଲା। ସମୟକ୍ରମେ ରଥରେ କପଡ଼ା ଲଗା କାର୍ଯ୍ୟରେ ପାରଙ୍ଗମ ହୋଇଛି। ତେବେ ଅନେକ ଥର ଜଗନ୍ନାଥଙ୍କ କୃପାରୁ ମୁଁ ମରଣମୁହଁରୁ ବଞ୍ଚିଛି ବୋଲି ସେ କହିଛନ୍ତି।

## ଅବହେଳିତ ଅବସ୍ଥାରେ ଶ୍ରୀଜୀଉଙ୍କ ମୂର୍ତ୍ତି

କଟକ ସଦର,୩।୭(ଡି.ଏନ୍.ଏ.)

ରଥଯାତ୍ରା ପାଇଁ ସାରା ରାଜ୍ୟ ଚଳଚଞ୍ଚଳ ହୋଇଉଠିଛି। ରଥ ଉପରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଦେଖିବା ପାଇଁ ଶ୍ରଦ୍ଧାଳୁ ଅନାଇ ବସିଛନ୍ତି। ମାତ୍ର କଟକ ସହରର ଏକ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ପୂଜା ପାଉଥିବା କାଠରେ ନିର୍ମିତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ଏବେ ଅବହେଳିତ ଅବସ୍ଥାରେ ରହିଛି। ପ୍ରାୟ ଏକ ସପ୍ତାହ ହେବ ଏହି ମୂର୍ତ୍ତିକୁ ପୂଜା କରାଯାଉନାହିଁ। ଏପରିକି ମୂର୍ତ୍ତିଗୁଡିକୁ କାଠଯୋଡି ନଦୀକୁ ଫିଙ୍ଗିଦେବା ପାଇଁ ମଧ୍ୟ ଅଧିକାରୀ ଜଣକ ମୌଖିକ ନିର୍ଦ୍ଦେଶ ଷ୍ଟାଫ୍‌ମାନଙ୍କୁ ଦେଇସାରିଛନ୍ତି। ସୂଚନା ଥାଉକି, ଏହି ମୂର୍ତ୍ତିଗୁଡିକ ୨୦୧୫ରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପାଇଁ ସଂଗୃହୀତ ଦାରୁର ବଳକା କାଠରୁ ନିର୍ମିତ ହୋଇଥିଲା। ଏହି ମୂର୍ତ୍ତିକୁ ନେବା ପାଇଁ କଟକ ସହରରେ ଥିବା ଜଗନ୍ନାଥ ମନ୍ଦିରଗୁଡିକ ଆଗ୍ରହ ପ୍ରକାଶ କରିଛନ୍ତି।




ରଥଯାତ୍ରା ଉପଲକ୍ଷେ ସିଡ଼ିଏ ନେତାଜୀ ସେତୁ ପାର୍ଶ୍ୱରେ ବାଲୁକା ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାକୃତି।

## ୮ ହାଇୱା, ଟ୍ରାକ୍ଟର ଜବତ

କଟକ ଅଫିସ, ୩।୭

ଓଭରଲୋଡିଂ ବେଳେ କଟକ ଟ୍ରାଫିକ ପୋଲିସ ପକ୍ଷରୁ ଚଢାଉ କରାଯାଇ ବାଲି ବୋଝେଇ ୮ଟି ହାଇୱା ଏବଂ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ସେଥିମଧ୍ୟରୁ ଗୋଟିଏର ବାଲି ଉଠାଇବା ପାଇଁ ଆଇନଗତ ଅଧିକାର ନ ଥିବା ହାଇୱା ରହିଛି। ତେବେ ଅଧିକ ତଦନ୍ତ ପାଇଁ ହାଇୱାଗୁଡ଼ିକୁ ପୋଲିସ କଟକ ଆର୍‌ଟିଓ ଜିମା ଦେଇଛି। ବୁଧବାର ସକାଳେ ସିଡିଏ ଅଞ୍ଚଳର କାଠଯୋଡିରୁ ଗାଡ଼ିଗୁଡ଼ିକ ଓଭରଲୋଡିଂ କରି ଆସୁଥିବା ସୂଚନା ପାଇବା ପରେ ଟ୍ରାଫିକ ପୋଲିସର ଏକ ଟିମ୍ ଚଢାଉ କରି ସେଗୁଡିକ ଜବତ କରିଥିଲା। ପରେ ଗାଡି ମାଲିକଙ୍କଠାରୁ ୧ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପଚରାଉଚରା ପରେ ଗୋଟିଏ ଗାଡିର ନମ୍ବର ନ ଥିବା ଜଣାପଡ଼ିଥିବାବେଳେ ଜଣେ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ନ ଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ, ପ୍ରତିଦିନ ମହାନଦୀ ଏବଂ କାଠଯୋଡିରୁ ଗାଡ଼ିଗୁଡ଼ିକ ଓଭରଲୋଡିଂ କରି ବାଲି ବିଭିନ୍ନ ସ୍ଥାନକୁ ନେଉଛନ୍ତି।

## ୧୪୪ ପେଟି ଅମୂଲସ୍ପ୍ରେ ଜବତ: ୩ ଗିରଫ

ଟାଙ୍ଗୀ(କଟକ),୩।୭(ଡି.ଏନ୍.ଏ.)

ନିର୍ଗୁଣ୍ଡି ନିକଟ ଏକ ଅମୂଲ ଗୋଦାମରୁ ଅମୂଲସ୍ପ୍ରେ ନେଇ ଠିକଣା ସ୍ଥାନରେ ନ ପହଞ୍ଚାଇ ବିକ୍ରି କରିଦେବା ଘଟଣାରେ ବୁଧବାର ଟାଙ୍ଗୀ ପୋଲିସ ୩ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାଲେପୁର ଥାନା ଓଡାସିଂ ଗ୍ରାମର ସ୍ମୃତିରଞ୍ଜନ ସାମଲ, ଚୌଦ୍ୱାର ହାଉସିଂ ବୋର୍ଡର ରଞ୍ଜନ କୁମାର ଦାସ ଓ ଭୁବନେଶ୍ୱର ସାଲିଆସାହିର ଦୁର୍ଗାପ୍ରସାଦ ମହାରଣା। ଏହି ଘଟଣାରେ ସମ୍ପୃକ୍ତ ନୟାଗଡ଼ର ପ୍ରଶାନ୍ତ ଦାସ ଫେରାରଥିବା ଥାନା ଅଧିକାରୀ ବିମଳ ବାରିକ କହିଛନ୍ତି। ୧୪୪ପେଟି ଅମୂଲସ୍ପ୍ରେ ଓ ବ୍ୟବହୃତ ଟ୍ରକ୍ (ଓଆର ୦୫ଏକେ ୯୦୨୭)କୁ ଜବତ କରାଯାଇଛି। ଗତ ଜୁନ ୨୨ରେ ଅମୂଲ ଗୋଦାମରୁ ଉକ୍ତ ଟ୍ରକ୍‌ରେ ୨୫୭ପେଟି ଅମୂଲ ସ୍ପ୍ରେ ସହ ଅମୂଲ ତିଆରି ସାମଗ୍ରୀ ନିମାପଡ଼ାର ନ୍ୟାଶନାଲ ଟ୍ରେଡର୍ସକୁ ପଠାଯାଇଥିଲା। ଏହି ଟ୍ରକ୍‌କୁ ସ୍ମୃତିରଞ୍ଜନ ନିଜକୁ ପ୍ରତାପ ପାତ୍ର, ଘର ଗୁଡୁମ ଗ୍ରାମ ଖୋର୍ଦ୍ଧା ନାମରେ ଜାଲ୍ ଡିଏଲ୍ କରି ଚଳାଉଥିବା ବେଳେ ସାଥିରେ ଅନ୍ୟ ୩ଜଣଙ୍କୁ ନେଇଥିଲେ। କିନ୍ତୁ ଟ୍ରକ୍ ନିମାପଡ଼ା ନ ଯାଇ ଚୌଦ୍ୱାର ହାଉସିଂ ବୋର୍ଡର ଏକ ତେଜରାତି ଦୋକାନ ଓ ଆଗ୍ରାହାଟ ରୋଡ୍‌ରେ ଥିବା ଏକ ତେଜରାତି ଦୋକାନରେ ସମସ୍ତ ଅମୂଲସ୍ପ୍ରେ ଅଭିଯୁକ୍ତମାନେ ବିକ୍ରି କରିଦେଇଥିଲେ। ମାଲ ନ ପହଞ୍ଚିବାରୁ ନ୍ୟାଶନାଲ ଟ୍ରେଡର୍ସ ନିର୍ଗୁଣ୍ଡି ଗୋଦାମକୁ ଖବର କରିଥିଲେ। ଏ ନେଇ ୨୪ତାରିଖରେ ତାରେଣୀ କ୍ୟାରିୟର ସଂସ୍ଥାର ପରିଚାଳକ ସନ୍ତୋଷ କୁମାର ହୋତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୩/୧୯)ରୁଜୁ କରିଥିଲା। ଚୌଦ୍ୱାର ଥାନା ଅଞ୍ଚଳରେ ସମସ୍ତ ଅମୂଲସ୍ପ୍ରେ ବିକ୍ରି ହୋଇଥିବା ଟାଙ୍ଗୀ ପୋଲିସ ଜାଣିବାକୁ ପାଇଥିଲା। ୧୪୪ ପେଟି ଅମୂଲସ୍ପ୍ରେ ଚୌଦ୍ୱାର ହାଉସିଂ ବୋର୍ଡ ଅଞ୍ଚଳରୁ ଜବତ କରିଥିଲେ ମଧ୍ୟ ମାଲ ରଖିଥିବା ଦୁଇ ବ୍ୟବସାୟୀଙ୍କୁ ଧରି ପାରି ନ ଥିଲା। ଫେରାରଥିବା ପ୍ରଶାନ୍ତଙ୍କ ପାଖରେ ୧୧୩ ପେଟି ଅମୂଲସ୍ପ୍ରେ ଥିବା ଥାନା ଅଧିକାରୀ କହିଛନ୍ତି। ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ କୁହନ୍ତି, ଚୋରା ଜିନିଷ ରଖିଥିବା ବ୍ୟକ୍ତିଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ।

## ମାଟିର ମଣିଷ ଭାରତୀୟ ସାହିତ୍ୟରେ ଅନବଦ୍ୟ କୃତି

କଟକ ଅଫିସ, ୩।୭

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ପ୍ରଥିତଯଶା ସାରସ୍ୱତ ସାଧକ ପଦ୍ମଭୂଷଣ ଡ. କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାଳିନ୍ଦୀ ଚରଣଙ୍କୁ ସବୁଜ ଯୁଗର ଶ୍ରେଷ୍ଠ କବି ରୂପେ ବର୍ଣ୍ଣନା କରିଥିଲେ। ସେ କାଳିନ୍ଦୀ ଚରଣଙ୍କୁ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଶିଶୁ ସାହିତ୍ୟିକ, ପ୍ରାବନ୍ଧିକ ରୂପେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କାଳିନ୍ଦୀ ଚରଣଙ୍କ 'ମାଟିର ମଣିଷ' ଉପନ୍ୟାସ ଭାରତୀୟ ସାହିତ୍ୟରେ ଏକ ଅନବଦ୍ୟ କୃତି ବୋଲି କହିଥିଲେ। ତାଙ୍କ ରଚିତ ଲୁହାର ମଣିଷ, ଆଜିର ମଣିଷ, ମୁକ୍ତାଗଡ଼ର କ୍ଷୁଧା, ଅମରଚିତା ପ୍ରଭୃତି ଉପନ୍ୟାସ ଓଡ଼ିଆ ସାହିତ୍ୟର ମାଇଲ ସ୍ତମ୍ଭ ସଦୃଶ। ସଭାପତି ସ୍ୱାଇଁ କାଳିନ୍ଦୀ ଚରଣଙ୍କ 'ମାଂସର ବିଳାପ' ଗଳ୍ପ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ୧୯୮୨ ଜାନୁୟାରୀରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କରକମଳରେ ସାରଳା ସାହିତ୍ୟ ସଂସଦ ଜନ୍ମ ନେଇଥିଲା। ସେ ଏହାର ଆଜୀବନ ସଭାପତି ରହି ସଂସଦକୁ ଗଢିବାରେ ବହୁ ପ୍ରେରଣା ଓ ଦିଗଦର୍ଶନ ତାଙ୍କୁ ଦେଇଥିଲେ ବୋଲି ସ୍ୱାଇଁ କହିଥିଲେ। ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ଡା. ନିମାଇଁ ଚରଣ ପରିଜା, ଡା. ନୀରଦ କୁମାର ଗଚ୍ଛାୟତ, କବି ପ୍ରସନ୍ନ ଜେନା, ଇଂ. ଶିଶିର ସାହୁ, ଗୋଲାପ ଦାସ, ଚୌଧୁରୀ ସତ୍ୟ ଦାସ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବିଭୂ ପ୍ରସାଦ ରାଉତ ପ୍ରମୁଖ କାଳିନ୍ଦୀ ଚରଣଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କୁ ସାହିତ୍ୟର ଯୁଗସ୍ରଷ୍ଟା ରୂପେ ଅଭିହିତ କରିଥିଲେ। ବିଜୟ ସ୍ୱାଇଁ, ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରଭଙ୍ଗା ସହାୟତା ଦାବିରେ ତହସିଲ ଅଫିସ ଆଗରେ ଧାରଣା

ନିଆଳି,୩।୭(ଡି.ଏନ୍.ଏ.)

ବାତ୍ୟାର ଦୁଇ ମାସ ପରେ ବି ନିଆଳି ଅଞ୍ଚଳର ବିପନ୍ନମାନେ ସରକାରୀ ସାହାଯ୍ୟରୁ ବଞ୍ଚିତ ହୋଇଛନ୍ତି। ଘରଭଙ୍ଗା ସହାୟତା ଦାବିରେ ବୁଧବାର ନିଆଳି ନିର୍ମାଣ ମଞ୍ଚ ପକ୍ଷରୁ ତହସିଲ ଅଫିସ୍ ସମ୍ମୁଖରେ ଧାରଣା ଦିଆଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସ୍ୱାମୀ ଆଦିତ୍ୟ ପାଣି, ପ୍ରଦୀପ ଦାସ, ନିଆଳି ବ୍ଲକ ଯୁବବାହିନୀର ସଂଯୋଜକ ବିଷ୍ଣୁଚରଣ ସ୍ୱାଇଁ, ବିଜେଡି ବ୍ଲକ ଉପସଭାପତି ଅନ୍ତର୍ଯ୍ୟାମୀ ବଡୁ, ପ୍ରକାଶ ମହାନ୍ତି ପ୍ରମୁଖ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ସମସ୍ତ ବିପନ୍ନଙ୍କୁ ଘରଭଙ୍ଗା ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଚାଷୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ଦାବି କରିଥିଲେ। ପରେ ତହସିଲ ପକ୍ଷରୁ ଘରଭଙ୍ଗା ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଥିବା ୩୨୩୨ଜଣ ଓ ଆଂଶିକ ଘର ଭାଙ୍ଗିଥିବା ୧୬,୩୨୭ଟି ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି।

## ବୃଦ୍ଧାଙ୍କଠାରୁ ୪ ଲକ୍ଷ ଠକେଇ: ସମ୍ପର୍କୀୟ ଗିରଫ

କଟକ ଅଫିସ,୩।୭

ବୃଦ୍ଧାଙ୍କ ଠାରୁ ୪ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ମର୍କତନଗର ପୋଲିସ ବୁଧବାର ଜଣେ ସମ୍ପର୍କୀୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ସାକ୍ଷୀଗୋପାଳ ଅଞ୍ଚଳର ଅମର ନନ୍ଦ(୫୭)। ପୋଲିସ ତାଙ୍କଠାରୁ ୧୨ ହଜାର ଟଙ୍କା ଜବତ କରିବା ସହ ଏ ନେଇ ଏକ ମାମଲା(ନଂ.୧୦୧/୧୯) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ମହାଲକ୍ଷ୍ମୀ ମିଶ୍ର(୭୨) ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳରେ ରହୁନ୍ତି। ତାଙ୍କର ଜଣେ ଦୂରସମ୍ପର୍କୀୟ ହେଉଛନ୍ତି ଅମର। ବୃଦ୍ଧାଙ୍କର ଜଣେ ବିବାହିତ ଝିଅ ଅଛନ୍ତି। ହେଲେ ମହାଲକ୍ଷ୍ମୀ ତାଙ୍କ ପାଖରେ ରହିବାକୁ ପସନ୍ଦ କରୁ ନ ଥିବାରୁ ସେ ଅମରଙ୍କୁ ତାଙ୍କ ପାଖରେ ରଖିଥିଲେ। ସୁବିଧା ଅସୁବିଧାରେ ସେ ଅମରଙ୍କୁ ଆର୍ଥିକ ସାହାଯ୍ୟ କରନ୍ତି। ଗତ ମେ'ରେ ଅମର ତାଙ୍କୁ ବ୍ୟାଙ୍କକୁ ନେଇ ଏକ କାଗଜରେ ଦସ୍ତଖତ କରିବାକୁ କହିଥିଲେ। ଫଳରେ ମହାଲକ୍ଷ୍ମୀ ଉକ୍ତ କାଗଜରେ ଦସ୍ତଖତ କରିଥିଲେ। ଏହାର କିଛିଦିନ ପରେ ମହାଲକ୍ଷ୍ମୀଙ୍କ ଆକାଉଣ୍ଟରୁ ୪ ଲକ୍ଷ ଟଙ୍କା ଉଠାଯାଇଥିବା ତାଙ୍କ ଝିଅ କହିଥିଲେ। ସେ ବ୍ୟାଙ୍କକୁ ଯାଇ ପଚାରିବାରୁ ଜଣାପଡିଲା ଯେ, ତାଙ୍କ ଆକାଉଣ୍ଟରେ ୪ ଲକ୍ଷ ଟଙ୍କାର ଏକ ଫିକ୍ସ ଡିପୋଜିଟ୍ କରିଥିଲେ। ପରେ ବୃଦ୍ଧା ତାଙ୍କର ଉକ୍ତ ବଣ୍ଡଟି ହଜିଯାଇଥିବା ନେଇ ଅଭିଯୋଗ କରିଥିଲେ, ଯେଉଁଥିରେ ତାଙ୍କର ଦସ୍ତଖତ ରହିଥିଲା। ଏହାପରେ ଏକ ଚେକ୍ ମାଧ୍ୟମରେ ୪ ଲକ୍ଷ ଟଙ୍କା ଜଣେ ବ୍ୟକ୍ତି ଉଠାଇ ନେଇଥିଲେ। ଏ ନେଇ ମହାଲକ୍ଷ୍ମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅମରଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ଜଣାପଡିଥିଲା ଯେ, ଯେହେତୁ ଉକ୍ତ ବଣ୍ଡ ପେପରଟି ମହାଲକ୍ଷ୍ମୀଙ୍କ ଝିଅଙ୍କ ପାଖରେ ଥିଲା ଅମର ପ୍ରଥମେ ମହାଲକ୍ଷ୍ମୀଙ୍କୁ ବ୍ୟାଙ୍କ ନେବା ସହ ତାଙ୍କର ବଣ୍ଡ ପେପର ହଜିଯାଇଥିବା ନେଇ ଅଭିଯୋଗ କରିଥିଲେ। ପରେ ବୃଦ୍ଧାଙ୍କ ଏକ ଚେକ୍‌ରେ ତାଙ୍କର ଦସ୍ତଖତ କରି ଏହା ମାଧ୍ୟମରେ ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିବା ସେ ମାନିଥିଲେ।



କଟକ ଏସ୍.ବି. ୱୁମିନ୍ସ କଲେଜରେ ବୁଧବାର ଛାତ୍ରୀଛାତ୍ରମାନେ ଯୁକ୍ତ ୨ରେ ନାମ ଲେଖାଉଛନ୍ତି।

## ଡେଙ୍ଗୁ: ସହରବାସୀ ଆତଙ୍କିତ

କଟକ ଅଫିସ, ୩।୭

କଟକ ସହରରେ ଜଣ୍ଡିସ ପରେ ଏବେ ଡେଙ୍ଗୁ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଏହାକୁ ନେଇ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ସହରରେ ବିଶୁଦ୍ଧ ପାନୀୟଜଳର ଅଭାବ ଓ ବିପର୍ଯ୍ୟୟ ପରିମଳ ବ୍ୟବସ୍ଥା ଯୋଗୁ ବିଭିନ୍ନ ସମୟରେ ସଂକ୍ରାମକ ରୋଗ ବଢିବାରେ ଲାଗିଛି। ଗତ କିଛି ବର୍ଷ ଧରି କଟକ ସହରରେ ଡେଙ୍ଗୁ, ଜଣ୍ଡିସ ଭଳି ସଂକ୍ରାମକ ରୋଗ ବ୍ୟାପିବା ଦ୍ୱାରା ଅତୀତରେ କେତେକ ଜନସାଧାରଣ ପ୍ରାଣ ହରାଇଥିବାର ନଜିର ମଧ୍ୟ ରହିଛି। ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି)ର ୫୨ନଂ. ୱାର୍ଡ ରାଜେନ୍ଦ୍ରନଗରରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଉକ୍ତ ୱାର୍ଡର ଲଲାଟେନ୍ଦୁ ମହାପାତ୍ରଙ୍କ ପୁଅ ସାହିଲ ମହାପାତ୍ରଙ୍କ ଦେହ ହଠାତ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ରକ୍ତ ନମୁନା ପରୀକ୍ଷା ପରେ ଡେଙ୍ଗୁ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଥିଲା।

ସହରରେ ଆବର୍ଜନା ପରିଚାଳନା, ଜଳ ନିଷ୍କାସନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବାରୁ ଏଡିସ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଏଥିପାଇଁ ପୂର୍ବରୁ ଜିଲା ପ୍ରଶାସନ, ସିଏମ୍‌ସି ପକ୍ଷରୁ ବାରମ୍ବାର ବୈଠକ ଡକାଯାଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଚଳିତବର୍ଷ ମୌସୁମୀ ବର୍ଷା ଆସିବା ପୂର୍ବରୁ ସହରରେ ଯେଭଳି ଜଳବନ୍ଦୀ ସମସ୍ୟା ନ ହେବ, ପରିବେଶ ପ୍ରଦୂଷଣ ଦୂର କରାଯିବା, ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା, ସଂକ୍ରାମକ ରୋଗର ନିରାକରଣ ନିମନ୍ତେ ଆଗୁଆ ପଦକ୍ଷେପ ଗ୍ରହଣ କରାଯିବା ଓ ଲୋକଙ୍କୁ ସଚେତନ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ହେଲେ ଏ ଦିଗରେ ପ୍ରଶାସନ ଫେଲ୍ ମାରିବାରୁ ଡେଙ୍ଗୁଭଳି ମାରାତ୍ମକ ରୋଗ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। କଟକ ସହରରେ ଡେଙ୍ଗୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଏବେଠାରୁ ତତ୍ପରତା ପ୍ରକାଶ ନ କଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ୨ ରୋଗୀ ଚିହ୍ନଟ

କଟକ ଜିଲାରେ ଗତ ଜାନୁୟାରୀରୁ ଜୁନ ମଧ୍ୟରେ ୬ଜଣ ଡେଙ୍ଗୁ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ତେବେ ସିଏମ୍‌ସି ଅଞ୍ଚଳରେ ପ୍ରଥମଥର ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ୩ ମାସ ତଳୁ ମଶା ମାରିବା ପାଇଁ ପଦକ୍ଷେପ ନେଉଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଏବେ ସହରରେ ଡେଙ୍ଗୁମଶା ବୃଦ୍ଧିପାଇବା ସିଏମ୍‌ସି ପଦକ୍ଷେପକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ଉମେଶ ପାଣିଗ୍ରାହୀଙ୍କୁ ପଚାରିବାରୁ କଟକ ସହରରେ ଡେଙ୍ଗୁ ବ୍ୟାପିବା ଘଟଣାକୁ ଅସ୍ୱୀକାର କରିବା ସହ ଏହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। କଟକ ବଡ଼ମେଡ଼ିକାଲକୁ କିଛିଦିନ ତଳେ ୨ଜଣ ଡେଙ୍ଗୁରୋଗୀ ଚିକିତ୍ସା ପାଇଁ ଆସିଥିଲେ। ମାତ୍ର ସେମାନେ କଟକ ସହରର ବାସିନ୍ଦା ନୁହନ୍ତି।

ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ





## ସଂକ୍ଷେପରେ

### ଯୁବତୀଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୩।୭:** ଏକ ତରଫା ପ୍ରେମ ନିବେଦନକୁ ଅସ୍ୱୀକାର ପରେ ହତାଶ ପ୍ରେମିକ ଯୁବତୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ସାହସପୁର ଗାଁର ଶିବ ନାୟକ ଓରଫ ଅନିଲ(୨୬)ଙ୍କୁ ବୁଧବାର ଗିରଫ କରିଛି। ପୂର୍ବାହ୍ନରେ ଶାଳିଆ କେନାଲରେ ଗାଧୋଉଥିବା ଯୁବତୀଙ୍କୁ ଜଣେ ଯୁବକ ଧରି ବିବାହ ପାଇଁ ବାଧ କରିଥିଲେ। ସେ ରାଜି ନ ହେବାରୁ ତଣ୍ଟିଚିପି ପାଣିରେ ବୁଡାଇ ମାରି ଦେବାକୁ ଚେଷ୍ଟା କରୁଥିଲେ। ଯୁବତୀ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ପରେ ଯୁବତୀଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ଯୁବତୀଙ୍କ ଅଭିଯୋଗ ପରେ ପୋଲିସ ଦଫା ୩୪୧, ୩୨୩, ୩୫୪(ଏ), ୩୫୪(ବି), ୩୦୭, ୫୦୬ ରେ ନଂ. ୧୯୪/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା।

### ଘର ଭାଙ୍ଗିବା, ମାରପିଟ୍ ଅଭିଯୋଗରେ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୩।୭:** ଘର ଭାଙ୍ଗିବା ଓ ମାରପିଟ୍ କରିବା ଅଭିଯୋଗରେ ବାଣପୁର ଥାନା ପୋଲିସ ବାଲେଡିହ ନାଗାମଠ ଗ୍ରାମର ମାଗା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ବାଣପୁର ଜେଲ ଯିବାକୁ ପଡିଛି। ପୋଲିସ ସୂଚନା ମୁତାବକ, ନାଗାମଠ ଗ୍ରାମର ଦୁଇ ପରିବାର ଶାନ୍ତି ନାୟକ ଓ ମାଗା ନାୟକଙ୍କ ମଧ୍ୟରେ ସରକାରୀ ଜମିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ସୋମବାର ଏହା ଉଗ୍ରରୂପ ନେବାରେ ଦୁଇ ପରିବାର ମଧ୍ୟରେ ବଚସାରୁ ମାରପିଟ୍ ହୋଇଥିଲା। ଏଥିରେ ମାଗା ଉତକ୍ଷିପ୍ତ ହୋଇ ଶାନ୍ତିଙ୍କ ଚାଳ ଛପର ଘରକୁ ଭାଙ୍ଗି ଦେଇଥିଲେ। ଶାନ୍ତିଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୪୪୮, ୪୨୭, ୩୫୪, ୩୨୩, ୨୯୪, ୩୭୯, ୫୦୬, ୩୪ ଆଇପିସିରେ ନଂ. ୧୯୨/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**କୃଷ୍ଣପ୍ରସାଦ,୩।୭(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ନନ୍ଦଳା ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ମହିଳାଙ୍କ ବୁଧବାର ମୃତ୍ୟୁ ଘଟିଛି। ମହିଳାଙ୍କ ନାମ ଅମ୍ବି ନାୟକ(୬୨) । ସେ ବୁଧବାର ସକାଳ ପ୍ରାୟ ୮ଟାରେ ନିଜ ଘର ବାଡ଼ିପଟେ ଚଲାବୁଲା କରୁଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଓ ଗ୍ରାମବାସୀଙ୍କ ସହାୟତାରେ ଚିକିତ୍ସା ନିମନ୍ତେ ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଛତ୍ରପୁର ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା ଓ ବୃକ୍ଷ ରୋପଣ

**ନିରାକାରପୁର,୩।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅଚ୍ୟୁତପୁର ପଞ୍ଚାୟତସ୍ଥିତ ଅଚ୍ୟୁତପୁର ହାଇସ୍କୁଲ ପରିସରରେ 'ଚିଲିକା କୂଳେ ବନୀକରଣ' ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଛଣଗିରୀ ଷ୍ଟେଟ୍‌ବ୍ୟାଙ୍କ୍ ଶାଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନ ଶିକ୍ଷକ ପୌରୋହିତ୍ୟ କରିଥିବାବେଳେ ବ୍ୟାଙ୍କ ଶାଖା ପରିଚାଳକ ସୁବାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଓ ଓଳସିଂହ କଲେଜ ଅଧକ୍ଷ ସୁଧାଂଶୁ ଭୂଷଣ ଦାସ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଧନାର ସମ୍ପାଦିକା ଉଷାରାଣୀ ପଟ୍ଟନାୟକ, ସାମାଜିକ କର୍ମୀ ଭବାନୀ ଶଙ୍କର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଛଣଗିରି, ହଜ, ରମାବିଲି, ସରପାରୀ ଓ ଅଚ୍ୟୁତପୁରର ୫ ସ୍କୁଲ ଏବଂ ଓଳସିଂହ କଲେଜର ମୋଟ ୨୧ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜୟୀ ପ୍ରତିଯୋଗୀ ଓ ସାଧନା ସମ୍ପାଦିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସୌଭାଗିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲା।

# ଗଜା ହେଉନି ସରକାରୀ ଧାନ ବିହନ

**ଖୋର୍ଦ୍ଧା ଅଫିସ,୩। ୭**



ଖୋର୍ଦ୍ଧା ପଳାସପୁର ଅଞ୍ଚଳର ଜଣେ ଚାଷୀ ଗଜା ହୋଇ ନ ଥିବା ବିହନ ଦେଖାଉଛନ୍ତି।

- ■ ଅଭିଯୋଗ ସତ୍ତ୍ୱେ ପ୍ରତିକାର ନାହିଁ
- ■ ଆନ୍ଦୋଳନ ପାଇଁ ଚାଷୀ ସଜବାଜ

ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ଧାନ ବିହନ ତଳି ପକାଇଲେ ସ୍ୱଳ୍ପସଂଖ୍ୟକ ଗଛ ଉଠୁଛି। ଧାନ ବୁଣିଲେ ଭଲ ଗଛ ହୋଇ ନ ଥିବାର ପୂର୍ବରୁ ଅନୁରୂପ ଅଭିଯୋଗ ମଧ୍ୟ ହୋଇଆସୁଛି। ବିହନ ଖରାପ ବାହାରିଲେ ଫେରାଇଲେ ପ୍ୟାକ୍ସର କର୍ମଚାରୀ ନେଉନାହାନ୍ତି। ବିହନ ବିକ୍ରି କରିବା ପରେ ପ୍ୟାକ୍ସଗୁଡିକ ନିଜ ମୁଣ୍ଡରୁ ଦୋଷ ଖସାଇ ସହକାରୀ କୃଷି ଅଧିକାରୀ, ଜିଲା କୃଷି ଅଧିକାରୀ ଓ ଉପ କୃଷି ନିର୍ଦ୍ଦେଶକଙ୍କୁ ପଚାରି ସମାଧାନ କରିବାକୁ ପରାମର୍ଶ ଦେଉଛନ୍ତି। ଏପଟେ ପୁଣି ବିହନ ଚିନ୍ତା, ସେପଟେ କ୍ଷତିପୂରଣ ଭରଣା ପାଇଁ ସରକାରୀ ପଦକ୍ଷେପ ଶୂନ। ସରକାର ଏ ଦିଗରେ ତୁରନ୍ତ ପ୍ରତିକାର ନ କଲେ ଚାଷୀ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ବାଛିନେବେ ବୋଲି ଚେତାବନୀ ଦେଲେଣି। ଅନ୍ୟପକ୍ଷେ କେତେଜଣ ଭାଗଚାଷୀ ନାମ ପଞ୍ଜୀକରଣ କରି ନ ଥିବାରୁ ଦେଶୀ ବିହନ ଉପରେ ନିର୍ଭର କରି ଚାଷକୁ ଆଗେଇ ନେଇଛନ୍ତି। ଏପରିସ୍ଥଳେ ଚଳିତବର୍ଷ ସରକାରୀ ଧାନ ବିହନ ଧୋକା ଦେବାରୁ ଚାଷ ପଛେଇଗଲା ବୋଲି କୁହାଯାଉଛି।

▶▶ ଭାଗଚାଷ କରିଥିବାରୁ ସରକାରୀ ଧାନ ବିହନ ମିଳିବ କି ନାହିଁ ମୁଁ ପ୍ରଥମରୁ ସନ୍ଦେହରେ ଥିଲି। ପୁଣି ସରକାରୀ ବିହନ ପାଇବାକୁ ନାନା ପ୍ରକାରର ଝମେଲା। ନାମ ପଞ୍ଜୀକରଣ କରାଅ। ପ୍ୟାକ୍ସକୁ ଯାଇ ବିହନ ଆସିଲାଣି କି କ'ଣ ବୁଝ। ଚାହିଦା ମୁତାବକ କିସମର ବିହନ ମିଳୁନାହିଁ। ପୁଣି ବିହନ ଗଜା ହେଉନାହିଁ ବୋଲି ଅଭିଯୋଗ ପ୍ରତିବର୍ଷ ହେଉଛି। ଏଣୁ ସରକାରୀ ଧାନ ବିହନ ଉପରେ ଭରସା କରି ନ ପାରି ଦେଶୀ ବିହନ ବୁଣିଲି। ମୋର ଭଲ ଗଛ ଉଠିଛି। ତେବେ ମୋ ସାଙ୍ଗରେ ସରକାରୀ ବିହନ ବୁଣିଥିବା ଚାଷୀ କ୍ଷତିରେ ପଡିଛନ୍ତି। ଜମିରେ ଧାନଗଛ ନାହିଁ। ପୁଣିଥରେ ରୋଇବାକୁ ପଡିବ। ଏଭଳିସ୍ଥଳେ ଭଲ ଧାନଗଛ ହୋଇଥିବାରୁ ଦେଖାଯାଉ ଆଗକୁ କ'ଣ ହେବ। ତେବେ ବର୍ତ୍ତମାନର ଚାଷୀଙ୍କ ସମସ୍ୟାକୁ ଦେଖି କହିଥିଲେ, ସରକାରୀ ଧାନ ବିହନ ବୁଣିଥିଲେ ଚାଷ ଆରମ୍ଭରୁ ଅପଦସ୍ଥ ହେବାକୁ ପଡିଥାନ୍ତା।

*– ଉଦ୍ଧବ ପ୍ରଧାନ, ବାଣପୁର, ଚାଷୀ*

▶▶ ମୋର ସାଢ଼େ ୩ ମାଣ ଜମି ଅଛି। ସବୁ ଜମିରେ ସରକାରୀ ବିହନ ବୁଣିଛି। ହେଲେ ୨୦ରୁ ୨୫ ପ୍ରତିଶତ ଗଛ ଉଠିଛି।

*–ରଘୁନାଥ ଦାଶ, ଛଣଗିରି, ଟାଙ୍ଗୀ ବ୍ଲକ*

▶▶ ୨ରୁ ୩ ବର୍ଷ ଧରି ସରକାରୀ ଧାନ ବିହନ ଚାଷ କରି କ୍ଷତିର ସମ୍ମୁଖୀନ ହେବା ପରେ ଚଳିତବର୍ଷ ଦେଶୀ ଧାନ ବିହନ ଜମିରେ ବୁଣିଛି। ଜମିରେ ଭଲ ଗଛ ମଧ୍ୟ ଉଠିଛି। ଗଜା ମରୁଡି ଯୋଗୁ କିଛି ଧାନ ଗଛ ମରିଯାଇଛି। ତଥାପି ଭଲ ଫସଲ ହେବାର ଆଶା ରହିଛି। ତେବେ ସରକାରୀ ବିହନ ବୁଣିଥଲେ କ୍ଷତିରେ ପଡିଥାନ୍ତି। ଏଯାବତ ବେଗୁନିଆ ଅଞ୍ଚଳର ଚାଷୀମାନେ ସରକାରୀ ବିହନକୁ ଅନାଇ ବସିଛନ୍ତି।

*–ହାଲୁ ସୁବୁଦ୍ଧି , ଗଡମାଣତୀର, ବେଗୁନିଆ ବ୍ଲକ*

▶▶ ସରକାରୀ ବିହନ ଠିକ୍ ଭାବେ ଗଜା ହେଉନି। କେଉଁଠି ୧୫ ପ୍ରତିଶତ ଗଜା ଉଠୁଛି ତ ଆଉ କେଉଁଠି ୨୫ ପ୍ରତିଶତ। ଶତପ୍ରତିଶତ ଗଜା ଆଦୌ ନାହିଁ। ଏଭଳି ସମସ୍ୟା ଖୋର୍ଦ୍ଧା ଜିଲାର ପ୍ରାୟତଃ ସବୁ ବ୍ଲକରେ ହୋଇଛି। ଚାଷୀ କ୍ଷତିର ସମ୍ମୁଖୀନ ହୋଇ ପୁଣି ବିହନ ଖୋଜୁଛି। କୃଷି ବିଭାଗ ଓ ପ୍ୟାକ୍ସ ଅଭିଯୋଗ କର କହି ଦାୟିତ୍ୱ ଶେଷ କରିଦେଉଛି। ଏଭଳିସ୍ଥଳେ ସରକାର ଚାଷୀଙ୍କୁ ତୁରନ୍ତ ବିହନ ଯୋଗାଇବା ସହ କ୍ଷତିର ଭରଣା କରନ୍ତୁ। ନଚେତ ଚାଷୀ ବାଧହୋଇ ଆନ୍ଦୋଳନ କରିବେ।

*–ସୁରେଶ ମାନସିଂ, ନବନିର୍ମାଣ କୃଷକ ସଙ୍ଗଠନର ଖୋର୍ଦ୍ଧା ଜିଲା ସଂଯୋଜକ*

# ପ୍ରସ୍ତୁତି ଶେଷ: ଆଜି ରଥଟଣା

**କୃଷ୍ଣପ୍ରସାଦ,୩।୭(ଡି.ଏନ୍.ଏ.)**

ପ୍ରସିଦ୍ଧ ରଥଯାତ୍ରା ଗୁରୁବାର ସମଗ୍ର ବିଶ୍ୱରେ ପାଳିତ ହେବ। ଏଥିପାଇଁ ପୁରୀ ବ୍ୟତୀତ ଓଡିଶାର ପୁରପଲ୍ଲୀ ଏବେ ଚଳଚଞ୍ଚଳ ହୋଇଉଠିଛି। ପୁରୀ ଜିଲାର ଅନ୍ୟ ଏକ ତୀର୍ଥଭୂମି ଭାବେ ପରିଚିତ କୃଷ୍ଣପ୍ରସାଦର ବିଭିନ୍ନ ଅଞ୍ଚଳସ୍ଥ ଜଗନ୍ନାଥ ମନ୍ଦିର ଓ ମଠଗୁଡ଼ିକରେ ମଧ୍ୟ ଘୋଷଯାତ୍ରା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜଗନ୍ନାଥ ତଥ୍ୟ ସମ୍ପର୍କିତ ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାପଡ଼େ ଯେ, ଏକଦା ହିନ୍ଦୁ ବିରୋଧୀ ସାଜିଥିବା କଳାପାହାଡ଼ ଭୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ବାରମ୍ବାର ଓ ବର୍ଷ ବର୍ଷ ଧରି କୃଷ୍ଣପ୍ରସାଦ ଅଞ୍ଚଳରେ ଗୋପନ ଭାବେ ପୂଜାର୍ଚ୍ଚନା କରାଯାଉଥିଲା। ଏହି ବ୍ଲକ ଅନ୍ତର୍ଗତ ଗୁରୁବାଇ, ଗୋରାପୁର, ଚିଲିକା ଟାପୁସ୍ଥିତ ବ୍ରହ୍ମପୁର ନିକଟସ୍ଥ ଚକାନାସୀ ସାଗର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉମାନେ ଆତ୍ମଗୋପନ କରିଥିଲେ। ସେହି ପୀଠରେ ମନ୍ଦିର ନିର୍ମାଣ କରାଯାଇ ପରବର୍ତ୍ତୀ ସମୟରେ ୩ ମୂର୍ତ୍ତିଙ୍କୁ ପୂଜା କରାଯାଉଛି । ରଥଯାତ୍ରା ଅବସରରେ ଏହି ପୀଠର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ସେହିପରି ପାରିକୁଦ ଗଡ଼, ଶିଆଳଗାଁରେ ପିଲାରଥ, ଦେଉଳପଡ଼ା, ତିଡିପ ଆଦି ଗ୍ରାମରେ ଆଡ଼ମ୍ବର ସହିତ ରଥଯାତ୍ରା ପାଳନ କରାଯାଉଛି । ଏଥିପାଇଁ ଶ୍ରୀଜୀଉଙ୍କ ରଥ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ମାଲୁଦ ଦଧିବାମନ ଦେବଙ୍କ ପୀଠରେ ରଥଟଣା ହେଉ ନ ଥିବାବେଳେ ଏକ ପଟୁଆରରେ ମନ୍ଦିରରୁ ଗୁଣ୍ଡିଚା ଘର ପର୍ଯ୍ୟନ୍ତ ପହଣ୍ଡିରେ ଠାକୁରଙ୍କୁ ନିଆଯାଇଥାଏ ।

# କୁହୁଡ଼ିରେ ବନ ମହୋତ୍ସବ

**ଟାଙ୍ଗୀ(ଖୋର୍ଦ୍ଧା),୩।୭(ଡି.ଏନ୍.ଏ)**

କୁହୁଡ଼ି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ୭୦ ତମ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରା ରୋପଣ କରାଯାଇଛି। କୁହୁଡି କ୍ଷେତ୍ରବାସୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ନାୟକ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ, ପ୍ରକୃତିବନ୍ଧୁ ସନ୍ତୋଷ ଚନ୍ଦ୍ର କର, ଟାଙ୍ଗୀ ବନପାଳ ମେରିନା ଗିରି, ବନରକ୍ଷୀ ବିକ୍ରମ କେଶରୀ ଜେନା, ଶିକ୍ଷୟିତ୍ରୀ ବିଶ୍ୱ କଲ୍ୟାଣୀ ପଣ୍ଡା, ସୁପ୍ରୀତି ପଟ୍ଟନାୟକ, ସୁବାସିନୀ ଦେଈ, ବାସୁଲତା ମହାପାତ୍ର, ଶିକ୍ଷକ ହେମନ୍ତ କୁମାର ଜେନା ପ୍ରମୁଖ ଔଷଧୀୟ ଓ ବିଭିନ୍ନ ଚାରା ରୋପଣ କରିଥିଲେ।

# ସହରର ରାସ୍ତାଘାଟ ଖାଲଖମା



ଖୋର୍ଦ୍ଧା ସହର ନୂଆ ବସ୍‌ଷ୍ଟାଣ୍ଡ୍ ଟ୍ରାଫିକ୍ ଛକ ରାସ୍ତା ।

**ଖୋର୍ଦ୍ଧା ଅଫିସ,୩।୭**

ଲଘୁଚାପ ବର୍ଷାରେ ଖୋର୍ଦ୍ଧା ସହର ରାସ୍ତାଘାଟ ଖାଲଖମା ବଢ଼ିଛି। ପୂର୍ବରୁ ରାସ୍ତାଘାଟ ଖାଲଖମା ହୋଇ ରହିଥିଲେ ମଧ୍ୟ ମରାମତି କରାଗଲାନି। ବର୍ଷା ହେବା ପରେ ଏଗୁଡିକ ବଡ ବଡ ଗର୍ତ୍ତରେ ପରିଣତ ହୋଇଛି। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଟ୍ରାଫିକ ଛକ ପାଖ ଜିଲାପାଳ ଓ ବ୍ଲକ କାର୍ଯ୍ୟାଳୟକୁ ପଡିଥିବା ରାସ୍ତାରେ ଏକ ଡ୍ରେନ ହୋଇଯାଇଥିଲା। ସ୍ୱେରେଜ ପାଣି ପାଇପ ପଡିବା ଯୋଗୁ ଏହି ଖାଲ ହୋଇଥିଲେ ହେଁ ଏହାକୁ ମରାମତି କରାଯାଇ ନ ଥିଲା। କେବଳ ଡଷ୍ଟ ପକାଯାଇ କାମ ଚଳାଇ ଦିଆଯାଇଥିଲା। ମଙ୍ଗଳବାର ପୁଣି ସମ୍ପୃକ୍ତ ଡ୍ରେନକୁ ଡଷ୍ଟ ପକାଯାଇ ଅପରାହ୍ନରେ ତରବରିଆ ଭାବେ ପୋତି ଦିଆଯାଇଛି। ବର୍ଷା ହେଲେ ପୁଣି ଏହା ଖାଲ ହୋଇ ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିବ। ଅନ୍ୟପକ୍ଷେ ନୂଆ ବସଷ୍ଟାଣ୍ଡଠାରୁ ଚଣ୍ଡି ଚୁଆ ରାସ୍ତା ନିର୍ମାଣ କାର୍ଯ୍ୟ ଧିମେଇ ଚାଲିଛି। କାମ ଶେଷ ହୋଇ ନ ଥିବାବେଳେ ରାସ୍ତା ଖାଲଖମା ଆରମ୍ଭ ହେଲାଣି। ମାରୱାଡିପଟି ନିକଟସ୍ଥ ଟ୍ରାଫିକ ଛକଠାରୁ ସମବାୟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମା ହୋଇ ରହିଥିଲେ ମଧ୍ୟ ମରାମତି କରା ନ ଯିବାରୁ ପ୍ରତ୍ୟହ ଏଠାରେ ଦୁର୍ଘଟଣା ଘଟୁଛି। ସେହିଭଳି ସହରର ଅନ୍ୟ ରାସ୍ତା ମରାମତି ଅଭାବରୁ ଖାଲଖମା ହୋଇରହିଛି।

# ଏସ୍‌ଏମ୍‌ସି, ଏସ୍‌ଏମ୍‌ଡିସି ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ (ଖୋର୍ଦ୍ଧା),୩।୭ (ଡି.ଏନ୍.ଏ):** ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଏକ ଦିବସୀୟ ଏସ୍‌ଏମ୍‌ସି ଓ ଏସ୍‌ଏମ୍‌ଡିସ ସଭ୍ୟମାନଙ୍କର ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। କୁହୁଡି ସରପଞ୍ଚ ବିପିନ ଉଦୟସିଂ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ପ୍ରଧାନ ଶିକ୍ଷକ ବିଦ୍ୟୁଲତା ମହାରଣା, ସର୍ବେଶ୍ୱର ପାତ୍ର, ଦୀନବନ୍ଧୁ ପରିଡ଼ା, ବିଭୂତି ଭୂଷଣ ଜୁଝାରସିଂହ ଓ ତିଳୋତ୍ତମା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର ବରିଷ୍ଠ ଯନ୍ତ୍ରୀ ଦେବଦତ୍ତ ମହାନ୍ତି ଓ ଟାଙ୍ଗୀ ବ୍ଲକ ଯନ୍ତ୍ରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ୯ଟି ବିଦ୍ୟାଳୟରୁ ୨୦ ଜଣ କମିଟି ସଦସ୍ୟ ଶିବିରରେ ଯୋଗଦେଇ ବିଦ୍ୟାଳୟରେ ଗୋଷ୍ଠୀ ସହଯୋଗ କମିଟି ଗଠନ ଓ କମିଟିରେ ଭୂମିକା ସମ୍ପର୍କରେ ସଦସ୍ୟମାନଙ୍କୁ ପ୍ରଶିକ୍ଷିତ କରିଥିଲେ। କୁହୁଡି ଜନତା ହାଇସ୍କୁଲ, କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀଧରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାଳଡିହ ପ୍ରାଥମିକ ବିଦ୍ୟାଳୟ, ରତନପୁର ପ୍ରାଥମିକ ବିଦ୍ୟାଳୟ, ଚୁଆଟାଙ୍ଗୀ ପ୍ରାଥମିକ ବିଦ୍ୟାଳୟ, ବଘେଇ ସାହି ପ୍ରାଥମିକ ବିଦ୍ୟାଳୟ, ବଧିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଦୀନବନ୍ଧୁପୁର ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ସଭ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ■ ଜଟଣୀ ବିଡିଓ ଦେଇଥିବା ଚିଠିରେ ତାରିଖ ଭୁଲ୍

# ଜୁଲାଇ ୩ ପରିବର୍ତ୍ତେ ଜୁନ୍ ୩ ଉଲ୍ଲେଖ



ଓଡ଼ିଶା ଜୀବନ ଜୀବିକା ମିଶନ ଲାଗି ଅନୁଷ୍ଠିତ ବୈଠକ।

**ଜଟଣୀ,୩।୭(ଡି.ଏନ.ଏ.)**

ବିଡିଓଙ୍କ ଭଳି ଦାୟିତ୍ୱ ସମ୍ପନ୍ନ ଅଧିକାରୀ କିପରି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ତାରିଖ ଭୁଲରେ ଉଲ୍ଲେଖ କରୁଛନ୍ତି, ତାହା ଜଟଣୀରେ ଦେଖିବାକୁ ମିଳିଛି। ଜଟଣୀ ବ୍ଲକରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଓଡ଼ିଶା ଜୀବନ ଜୀବିକା ମିଶନ ପରିପ୍ରେକ୍ଷୀରେ ବୁଧବାର ବ୍ଲକ ପରିସରରେ ଏକ ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ରହିବାକୁ ସମସ୍ତ ଲାଇନ୍ ଅଫିସରଙ୍କ ସମେତ ମିଶନ ଶକ୍ତି ସଦସ୍ୟା, ସରପଞ୍ଚ, ସମିତି ସଭ୍ୟାସଭ୍ୟ ସମସ୍ତଙ୍କୁ ବିଡିଓଙ୍କ ଦସ୍ତଖତରେ ଚିଠି କରାଯାଇଥିଲା। ଚିଠି ନଂ. ୨୧୧୬ରେ ସମସ୍ତଙ୍କୁ ଏହା ପ୍ରଦାନ କରାଯାଇ ଉପସ୍ଥିତ ରହିବାକୁ ଉଲ୍ଲେଖ କରାଯାଇଥିଲା। ଚିଠିର ଉପରକୁ ପ୍ରେରଣ କରିବା ତାରିଖ ୧।୭।୨୦୧୯ ଲେଖା ରହିଥିଲା। ତେବେ ଏହି ଓରିଏଣ୍ଟେଶନ୍ କାର୍ଯ୍ୟକ୍ରମ ଜୁଲାଇ ୩ ପରିବର୍ତ୍ତେ ଜୁନ୍ ୩।୬।୨୦୧୯ରେ ବ୍ଲକ ପରିସର ସଭାଗୃହରେ ଅନୁଷ୍ଠିତ ହେବ ବୋଲି ଚିଠିରେ ଉଲ୍ଲେଖ ରହିଥିଲା। ଏପରି ଭୁଲ୍ ତାରିଖ ଉଲ୍ଲେଖ ହେବା ଘଟଣାକୁ କେତେଜଣ ସରପଞ୍ଚ, ସମିତିସଭ୍ୟ ନାପସନ୍ଦ କରିଛନ୍ତି। ଛଣଘର ପଞ୍ଚାୟତ ସରପଞ୍ଚ ସୁନୀଲ ରାଉତରାୟ କୁହନ୍ତି, ତାରିଖ ଭୁଲ୍ ରହିବା ଘଟଣା ସହ ସରକାରଙ୍କ ବିଭିନ୍ନ ଯୋଜନା ଓ ଏ ବାବଦରେ ଆସୁଥିବା ଅନୁଦାନ ରାଶି ସଂକ୍ରାନ୍ତରେ ନିର୍ବାଚିତ ପ୍ରତିନିଧିମାନଙ୍କୁ କୌଣସି ସୂଚନା ଦିଆଯାଉନାହିଁ। ଏହାକୁ ନେଇ ଗତ ପଞ୍ଚାୟତ ସମିତି ବୈଠକରେ ଅନେକ ସରପଞ୍ଚ ଓ ସମିତିସଭ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ ବୋଲି ସେ କହିଛନ୍ତି। ତେବେ ବିଡିଓ ବାସୁଦେବ ମାହାରୀ କୁହନ୍ତି, ଭୁଲ୍ ବଶତଃ ଏପରି ତାରିଖ ଉଲ୍ଲେଖ ହୋଇଯାଇଛି।



OFFICE OF THE PANCHAYAT SAMITI, JATNI, DIST-KHORDHA
ODISHA LIVELIHOODS MISSION
Email Id: jatni.bmmu.olm@gmail.com

Letter No: ୨୧୧୬ Date: ୦୧/୦୭/୨୦୧୯

To
The AHO, IPO, AFO, WEO, BVO, AAO, CDPO, BPC, Mission Shakti, Jatni,
All the Extension Officers, Jatni
All the PEOs of Jatni Block.

Sub-Block level orientation for implementation of Intensive block activities under OLM.

Ref Lt No.238/19, dt.28.06.2019 of PD, DRDA, Khordha

Sir/Madam,

In inviting a reference to the subject citied above I am to intimate you that the implementation of Phase-I activity of CRP Round (First) is going to start in Jatni block. The process will be carried out through E-CRPs from 5th July 2019 and will be ended after the GP saturation in Phase manner time to time as per the Government guideline. Hence, a block level orientation is scheduled to be held on 03.06.2019 at block conference hall sharp at 10.30 AM. So, you are requested to attend the said meeting as per the schedule for the successful implementation of Intensive block activities under OLM.

Yours' Faithfully

ବିଡିଓ କରିଥିବା ଚିଠିର ନକଲ।

# ଘରେ ପଶି ଲୁଟିନେଲେ ସୁନା ଅଳଙ୍କାର, ମୋବାଇଲ

**ପାତ୍ରପଡା, ୩।୭ (ଡି.ଏନ.ଏ.):** ତମାଣ୍ଡୋ ଥାନା ବିଜିପୁର ଅଞ୍ଚଳରେ ମଙ୍ଗଳବାର ରାତିରେ ରଞ୍ଜିତ ମିଶ୍ରଙ୍କ ଘରୁ ଦୁର୍ବୃତ୍ତମାନେ ଟଙ୍କା, ସୁନା ଲୁଟି ନେଇଛନ୍ତି। ଏ ନେଇ ରଞ୍ଜିତ ବୁଧବାର ଥାନରେ ଅଭିଯୋଗ କରିଛନ୍ତି। ରଞ୍ଜିତ୍‌ଙ୍କ ବିଜିପୁର ପ୍ଲଟ ନଂ. ୭୨୮/୧୩ରେ ରାତିରେ ଝିଅ ଶୌଚ ପାଇଁ ବାଲକୋନି କବାଟ ଖୋଲିଥିଲେ। ହେଲେ ଫେରିବାବେଳେ କବାଟ ବନ୍ଦ କରିବାକୁ ଭୁଲିଯାଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶି ଆଲମାରିରୁ ୩ ହଜାର ଟଙ୍କା, ହଳେ ସୁନା ଚୁଡି, ସୁନା ଚେନ ସହ ମୋବାଇଲ ଲୁଟି ନେଇଥିଲେ।

# ମୌସୁମୀ ଭରସାରେ ଚାଷ ବିଳମ୍ବ

**ବୋଲଗଡ଼,୩।୭(ଡି.ଏନ.ଏ.)**



ତଳିଘେରା ପ୍ରସ୍ତୁତି ପାଇଁ ଜମି ଚାଷ ହୋଇଛି।

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷୀମାନେ ଖରିଫ ଧାନ ଚାଷ ନିମନ୍ତେ ବିଶେଷ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର ବା ଭରସା କରି ରହିଥାନ୍ତି। ତେବେ ଜଳବାୟୁ ପରିବର୍ତ୍ତନ ଜନିତ କାରଣରୁ ବର୍ଷାକୁ ଆଉ ଭରସା କରି ହେଉନାହିଁ। ଚଳିତବର୍ଷ ମୌସୁମୀ ବର୍ଷା ଆସିବାରେ ବିଳମ୍ବ ହୋଇଛି। ଜୁଲାଇ ଆରମ୍ଭ

**ବ୍ଲକ ଅଞ୍ଚଳରେ ଉତ୍ତମ ଜଳସେଚନ ବ୍ୟବସ୍ଥା ନେଇ ଦାବି**

ହୋଇଥିବାବେଳେ ଏ ପର୍ଯ୍ୟନ୍ତ ଭଲ ବର୍ଷା ହୋଇନି। ତଥାପି ସୋମବାର ଭଲ ବର୍ଷା ହୋଇଥିବାରୁ ଚାଷୀମାନଙ୍କ ମନରେ କିଛି ମାତ୍ରାରେ ଆଶାର ସଞ୍ଚାର ହୋଇଛି। ତେବେ ବୁଣାଧାନ ଜମି ପାଇଁ ବର୍ଷା ଲାଗି ରହିଲେ କିଛିଦିନ ପରେ ବେଉଷଣ କାର୍ଯ୍ୟ ହୋଇପାରିବ। ଜମି କାଦୁଅ କରାଯାଇ ତଳି ଘେରା ପ୍ରସ୍ତୁତି ପରେ ରୁଆ କାମ ମଧ୍ୟ ଆରମ୍ଭ ହେବ। ଉପଯୁକ୍ତ ବର୍ଷା ନ ହେଲେ ଏ କାର୍ଯ୍ୟରେ ବାଧା ଘଟିବ। ଚଳିତବର୍ଷ ପ୍ରଥମେ ପାଣିପାଗ ବିଭାଗ ପକ୍ଷରୁ ଜୁନ ୨ୟ ସପ୍ତାହରେ ମୌସୁମୀ ଆଗମନର ସୂଚନା ଥିଲେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଏବେ ଜୁଲାଇ ଆରମ୍ଭ ହୋଇଯାଇଛି। ଭଲ ବର୍ଷା ହେଲେ ଧାନ ରୋଇବା ଓ ତଳି ଘେରା ପ୍ରସ୍ତୁତି କରିବାକୁ ଚାଷୀମାନେ ଅପେକ୍ଷା କରିଛନ୍ତି। ତଳି ପ୍ରସ୍ତୁତି କରିବାର ପ୍ରାୟ ୨୫ଦିନରୁ ୧ ମାସ ପରେ ରୁଆ ପୋତା ହୋଇଥାଏ। ତେବେ ଗତ ୨ବର୍ଷଧରି ବୋଲଗଡ ବ୍ଲକ ଅଞ୍ଚଳରେ ଜୁନ୍‌ରେ ଭଲ ବର୍ଷା ନ ହୋଇ କେବଳ ଜୁଲାଇରେ ଠିକ୍ ବର୍ଷା ହେବା ଦ୍ୱାରା ଚାଷ କାର୍ଯ୍ୟ ବିଳମ୍ବ ହୋଇଥିଲା। ପରେ ମରୁଡି ଓ ରୋଗ ପୋକ ଆକ୍ରମଣରେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ଅମଳ ବେଳକୁ ଅଦିନିଆ ବର୍ଷା ମଧ୍ୟ ଫସଲର କ୍ଷତି କରିଥିଲା। ଏ ବର୍ଷ ମଧ୍ୟ ତଳିଘେରା ପ୍ରସ୍ତୁତ ନିମନ୍ତେ ଚାଷୀକୂଳ ଅପେକ୍ଷା କରିଥିଲେ। କିନ୍ତୁ ଆବଶ୍ୟକ ପରିମାଣ ବର୍ଷା ହେଲାନି। ତେବେ ବର୍ତ୍ତମାନ ୨ ଦିନ ହେଲା ଭଲ ବର୍ଷା ହୋଇଛି। କିନ୍ତୁ ଏହାର ଅଭାବ ଘଟିଲେ ଚାଷୀ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ବ୍ଲକ ଅଞ୍ଚଳରେ ପ୍ରତି ବର୍ଷ ପ୍ରାୟ ୧୪ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ କରାଯାଇଥାଏ । ଚଳିତବର୍ଷ ମଧ୍ୟ ୧୪ ହଜାର ୪ଶହ ୭୭ ହେକ୍ଟର ଜମିରେ ଧାନ ଚାଷ କରାଯିବାକୁ କୃଷି କାର୍ଯ୍ୟାଳୟ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଉଲ୍ଲେଖଯୋଗ୍ୟ, ବିଗତ ୭ରୁ ୮ ବର୍ଷ ଧରି ବନ୍ୟା, ବାତ୍ୟା, ମରୁଡ଼ି ଓ କୀଟପତଙ୍ଗ ଭଳି ଦୁର୍ବିପାକ ଯୋଗୁ ଏହି ଅଞ୍ଚଳର ଚାଷୀମାନେ ଭଲ ଫସଲ ଅମଳ କରି ପାରୁନାହାନ୍ତି। ତେଣୁ ବର୍ଷାର ଲୁଚକାଳି ଖେଳକୁ ପ୍ରତିହତ କରିବା ନିମନ୍ତେ କୃଷିକ୍ଷେତ୍ରରେ ଜଳସେଚନକୁ ବ୍ୟାପକ କରିବାକୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି।

# ରାମେଶ୍ୱର ହାଇସ୍କୁଲ ପ୍ରତିଷ୍ଠା ଦିବସ




ପ୍ରତିଷ୍ଠା ଦିବସରେ କୃତୀ ଛାତ୍ରୀ ଅତିଥିଙ୍କ ଗହଣରେ।

**ନିରାକାରପୁର,୩।୭(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ରାମେଶ୍ୱର ହାଇସ୍କୁଲର ୫୫ ତମ ପ୍ରତିଷ୍ଠା ଦିବସ ସ୍କୁଲ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ହିମାଂଶୁ ଭୂଷଣ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ନଗେନ୍ଦ୍ର କୁମାର ଦତ୍ତ ଏବଂ ଶିକ୍ଷାବିତ ବୀରବର ରଥ, ରାମେଶ୍ୱର ଗ୍ରାମ୍ୟ କମିଟି ସଭାପତି ନୀଳକଣ୍ଠ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ସ୍ମୃତି ସଂସଦ ପକ୍ଷରୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଶିକ୍ଷାବିତ ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚଳନା କରିଥିବା ବେଳେ ସଂସଦର ସମ୍ପାଦକ ବିଶ୍ୱମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦ ସଦସ୍ୟ ଚନ୍ଦ୍ର ମୋହନ ପଟ୍ଟନାୟକ, ବୀରେନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



"ରାହୁଲ ଗାନ୍ଧୀ ଦଳର ନେତା ଓ ଦଳୀୟ କର୍ମୀଙ୍କ ସ୍ୱର ହୋଇ ରହିବେ।
-ସଚିନ ପାଇଲଟ୍,
ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଦୁର୍ଘଟଣାରେ ୧୧ ମୃତ

**ବେଙ୍ଗାଲୁର, ୩।୭:** ଚିକାବଲପୁର ଜିଲାରେ ଏକ ମିନିଟ୍ରକ୍ ଓ ଗୋଟିଏ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ଜଣଙ୍କ ମୃତ୍ୟୁ ଘଟିଛି। କେଞ୍ଚର୍ଲାପଲ୍ଲୀ ଥାନା ଅଧୀନ ଚିନ୍ତାମଣି ଟାଉନ ନିକଟବର୍ତ୍ତୀ ମୁରୁଗାମଲ୍ଲଠାରେ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି।

### କିସ୍ତୱାରରେ ଡ୍ରୋନ୍ ଜବତ

**ଜମ୍ମୁ,୩।୭(ପି.ଟି.):** କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରହିଥିବା ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ଜେଲ୍ ଉପରେ ଡ୍ରୋନ୍ ଉଡ଼ିବା ଘଟଣା ସୁରକ୍ଷା ବାହିନୀର ଚିନ୍ତା ବଢ଼ାଇଦେଇଛି। ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହେବା ପରେ ଉକ୍ତ ଡ୍ରୋନ୍‌କୁ ଜବତ କରାଯାଇଛି। ଡ୍ରୋନ୍ କେଉଁଠୁ ଓ କିପରି ଆସିଲା ତାହାର ତଦନ୍ତ କରାଯାଉଥିବା କିସ୍ତୱାର ଏସ୍‌ଏସ୍‌ପି ଶକ୍ତି ପାଠକ୍ କହିଛନ୍ତି। ତେବେ ସୋମବାର କେଶ୍ୱାନ ଅଞ୍ଚଳରେ ହୋଇଥିା ମର୍ମନ୍ତୁଦ ସଡକ ଦୁର୍ଘଟଣାର ମୃତକମାନଙ୍କୁ ଖୋଜିବା ଲାଗି ଉକ୍ତ ଡ୍ରୋନ୍‌କୁ ବ୍ୟବହାର କରାଯାଇଥିଲା ବୋଲି ପୋଲିସ ବିଶ୍ୱାସ କରୁଛି। ବୈଷୟିକ ତ୍ରୁଟି କାରଣରୁ ତଲାସୀ ଓ ଉଦ୍ଧାର କାର୍ଯ୍ୟ ବେଳେ ଗୋଟିଏ ଡ୍ରୋନ୍ ନିଖୋଜ ହୋଇଯାଇଥିଲା। ଜେଲ୍ କମ୍ପ୍ଲେକ୍ସ ନିକଟରୁ ସେହି ଡ୍ରୋନ ମିଳିଥାଇପାରେ ବୋଲି ଜଣେ ଅଧିକାରୀ କହିଛନ୍ତି।

### ଆମେରିକା ରାଷ୍ଟ୍ରପତି ଦୌଡ଼ ଡେମୋକ୍ରାଟ ଦଳର ୨ୟ ସ୍ଥାନରେ କମ୍‌ଲା ହାରିସ୍

ୱାଶିଂଟନ,୩।୭(ପି.ଟି.)

ଆମେରିକାରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ଲାଗି ଡେମୋକ୍ରାଟ ଦଳରୁ ୨୦ରୁ ଊର୍ଦ୍ଧ୍ୱ



ଆଶାୟୀ ରହିଥିବାବେଳେ ସେମାନଙ୍କ ମଧ୍ୟରେ ଭାରତୀୟ ବଂଶୋଦ୍ଭବ କମ୍‌ଲା ହାରିସ୍ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଥିବା ସଦ୍ୟ ପ୍ରକାଶିତ ଜନମତ ସର୍ଭେରୁ ଜଣାପଡିଛି। ପ୍ରଥମ ଡେମୋକ୍ରାଟ୍ ରାଷ୍ଟ୍ରପତି ବିତର୍କରେ ସେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। କ୍ୱିନିପିକ୍ ୟୁନିଭର୍ସିଟି ସର୍ଭେରେ ଏହି ଆମେରିକୀୟ ସିନେଟରଙ୍କୁ ୨୦ ପ୍ରତିଶତ ମାର୍କ ମିଳିଥିବାବେଳେ ପୂର୍ବତନ ଉପରାଷ୍ଟ୍ରପତି ଜୋ ବିଡେନ୍‌ଙ୍କୁ ୨୨ ପ୍ରତିଶତ ମିଳିଛି। ଗତମାସରେ ହୋଇଥିବା ସର୍ଭେରେ ବିଡେନ୍‌ଙ୍କୁ ୩୦ ପ୍ରତିଶତ ଏବଂ ହାରିସ୍‌ଙ୍କୁ ୭ ପ୍ରତିଶତ ମାର୍କ ମିଳିଥିଲା। ଉକ୍ତ ସର୍ଭେରେ ହାରିସ୍ ଚତୁର୍ଥ ସ୍ଥାନରେ ଥିଲେ। ତେବେ ଗତ ଗୁରୁବାର ହୋଇଥିବା ବିତର୍କରେ ତାଙ୍କର ଉଚ୍ଚକୋଟୀର ପଦର୍ଶନ ଲାଗି ଅଧିକରୁ ଅଧିକ ସମର୍ଥନ ମିଳିଛି। ଯଦି ହାରିସ୍ ନିର୍ବାଚିତ ହୁଅନ୍ତି ତେବେ ସେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ।

# ଶରଣାର୍ଥୀ ଶିବିରରେ ବୋମା ବର୍ଷା

ତ୍ରିପୋଲି,୩।୭

## ୪୪ ନିହତ, ୧୩୦ରୁ ଊର୍ଦ୍ଧ୍ୱ ଆହତ



**ରାତିଅଧିଆ ଏୟାରଷ୍ଟ୍ରାଇକ୍**
- ଏଲ୍‌ଏନ୍‌ଏକୁ ଦାୟୀ କଲେ ପ୍ରଧାନମନ୍ତ୍ରୀ
- ଓଲଟା ଦୋଷ ଲଦିଲେ ହଫ୍‌ତାର
- ଆକ୍ରମଣକୁ ଯୁଦ୍ଧ ଅପରାଧ ଆଖ୍ୟା ଦେଲା ଜାତିସଂଘ

ଲିବ୍ୟା ରାଜଧାନୀ ତ୍ରିପୋଲିସ୍ଥିତ ଏକ ଶରଣାର୍ଥୀ ଶିବିରରେ ବୋମାମାଡ଼ ହୋଇଛି। ମାର୍ଶାଲ ଖଲିଫା ହଫ୍‌ତାରଙ୍କ ଅନୁଗତ ସୈନ୍ୟଙ୍କ ପକ୍ଷରୁ ଆକାଶମାର୍ଗରୁ ତଜୌରାରେ ରାତିଅଧିଆ ଷ୍ଟ୍ରାଇକ୍ କରାଯାଇଛି। ଏଥିରେ ୪୪ ଶରଣାର୍ଥୀ ନିହତ ହୋଇଥିବାବେଳେ ୧୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜାତିସଂଘ ସମର୍ଥିତ ସରକାର ବୁଧବାର ସ୍ପଷ୍ଟ କରିଛନ୍ତି। ଆକ୍ରମଣକୁ ଜାତିସଂଘ ଯୁଦ୍ଧ ଅପରାଧର ଆଖ୍ୟା ଦେଇଛି। ଅନ୍ୟପକ୍ଷରେ ହଫ୍‌ତାରଙ୍କ ସେନା ଏହି ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛି।

ତଜୌରା ଶରଣାର୍ଥୀ ଶିବିରରେ ୬୦୦ ଜଣ ଆଶ୍ରୟ ନେଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ହଫ୍‌ତାରଙ୍କ ନେତୃତ୍ୱାଧୀନ ସେନାର ଏକ ଏଫ୍-୧୬ ଫାଇଟର-ବମ୍ବର ତ୍ରିପୋଲି ଆଡ଼କୁ ଅଗ୍ରସର ହୋଇଥିଲା। ଯୁଦ୍ଧବିମାନରୁ ଆକାଶମାର୍ଗରୁ ଶରଣାର୍ଥୀ ଶିବିରକୁ ଟାର୍ଗେଟ କରି ଘନଘନ ବୋମାବର୍ଷଣ କରାଯାଇଥିଲା। ଆକ୍ରମଣରେ ୪୪ ଶରଣାର୍ଥୀ ଚାଲିପଡ଼ିଥିବାବେଳେ ୧୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଉପ-ସାହାରୀୟ ଆଫ୍ରିକୀୟ ଅଛନ୍ତି, ଯେଉଁମାନେ କି ଲିବ୍ୟାରୁ ସମୁଦ୍ରପଥରେ ୟୁରୋପ ଯିବା ପାଇଁ ଉଦ୍ୟମ କରୁଥିଲେ। ଆହତଙ୍କୁ ଉଦ୍ଧାର କରିବା ପାଇଁ ଆକ୍ରମଣସ୍ଥଳରେ ରିଲିଫ୍ ଟିମ୍ ଉଦ୍ୟମ ଚଳାଇଛନ୍ତି। ଜାତିସଂଘ ସମର୍ଥିତ ତଥା ପ୍ରଧାନମନ୍ତ୍ରୀ ଫୟେଜ୍ ଅଲ୍-ସରାଜଙ୍କ ନେତୃତ୍ୱାଧୀନ ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ ଆକର୍ଡ (ଜିଏନ୍‌ଏ) ଏହି ଆକ୍ରମଣ ପାଇଁ ଲିବ୍ୟାନ୍ ନ୍ୟାଶନାଲ୍ ଆର୍ମି (ଏଲ୍‌ଏନ୍‌ଏ)କୁ ଦାୟୀ କରିଛି। ଜେନେରାଲ ହଫ୍‌ତାରଙ୍କ ଏଲ୍‌ଏନ୍‌ଏ ଦ୍ୱାରା ଏହି ଘୃଣ୍ୟ ଅପରାଧ ପ୍ରାୟୋଜିତ ଥିଲା ବୋଲି ଜିଏନ୍‌ଏ ପକ୍ଷରୁ କୁହାଯାଇଛି। ଲିବ୍ୟାରେ ଜାତିସଂଘ ମିଶନର ମୁଖ୍ୟ ଘସାନ୍ ସଲାମା ତଜୌରା ଆକ୍ରମଣକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ବୋମାମାଡ଼ ପରେ ସମ୍ପୃକ୍ତ ଅଞ୍ଚଳ ରକ୍ତାକ୍ତ ହୋଇଯାଇଥିଲା। ଶରଣାର୍ଥୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଏଠିସେଠି ପଡ଼ିଥିଲା ବୋଲି ଲିବ୍ୟା ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ଖାଲିଦ୍ ବିନ୍ ଗଣହତ୍ୟାର ବର୍ବରତା ବର୍ଣ୍ଣନା କରିଛନ୍ତି।

## ଜଟିଳ ହେଉଛି ଲିବ୍ୟା ସଙ୍କଟ

ତ୍ରିପୋଲି,୩।୭



ଫୟେଜ୍ ଅଲ୍-ସରାଜ



ଖଲିଫା ହଫ୍‌ତାର

ଦିନକୁ ଦିନ ଜଟିଳ ହେବାରେ ଲାଗିଛି ଲିବ୍ୟା ସଙ୍କଟ। ଉତ୍ତର ଆଫ୍ରିକାର ଏହି ଦେଶକୁ ସର୍ବାଧିକ ସମୟ ଶାସନ କରିଥିବା ଏକଛତ୍ରବାଦୀ ମୁଆମାର ଅଲ୍-ଗଦ୍ଦାଫିଙ୍କ ୨୦୧୧ରେ ପତନ ହେବା ପରଠୁ ସେଠାରେ ହିଂସା ଓ ବିଭାଜନ ଲାଗିରହିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଡିଟେନ୍‌ଶନ ସେଣ୍ଟରଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ଶରଣାର୍ଥୀ ଆଶ୍ରୟ ନେଇଛନ୍ତି। ସେପଟେ କ୍ଷମତା ଅକ୍ତିଆର ପାଇଁ ମାର୍ଶାଲ ଖଲିଫା ହଫ୍‌ତାରଙ୍କ ମହତ୍ତ୍ୱାକାଂକ୍ଷା ଦେଶରେ ଅସ୍ଥିରତା ସୃଷ୍ଟିର କାରଣ ସାଜିଛି। ଏପ୍ରିଲ ୧୪ରେ ହଫ୍‌ତାର ନିଜକୁ ଲିବ୍ୟାର ସୁପ୍ରିମ ଲିଡର ଘୋଷଣା କରିଥିଲେ। ସମ୍ପ୍ରତି ଚାଲିଥିବା ଶାନ୍ତି ଯୋଜନାକୁ ପଣ୍ଡ କରିବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ସମୁଦାୟକୁ ଏକ ସନ୍ଦେଶ ଦେବା ପାଇଁ ସେ ତ୍ରିପୋଲିକୁ ଦଖଲ କରିନେଇଥିଲେ। ସେବେଠୁ ସେଠାରେ ବିଶେଷକରି ଦକ୍ଷିଣ ତ୍ରିପୋଲିର ଗ୍ରାମାଞ୍ଚଳରେ କ୍ରମାଗତ ଭାବେ ସଂଘର୍ଷ ଲାଗିରହିଛି। ଏଥିରେ ୬୦୦ ଲୋକଙ୍କ ପ୍ରାଣହାନି ଘଟିଥିବାବେଳେ ୫,୦୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଏହାସହ ୩୦ ହଜାରରୁ ଅଧିକ ପରିବାର ବିସ୍ଥାପିତ ହୋଇ ଘର ଛାଡ଼ିବାକୁ ବାଧ ହୋଇଛନ୍ତି। ୨୦୧୫ରୁ ସେଠାରେ ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ସରକାର ଚାଲିଛି। ଗୋଟିଏ ଜାତିସଂଘ ଦ୍ୱାରା ସମର୍ଥିତ ସରକାର ତ୍ରିପୋଲିରେ ଚାଲିଛି, ଯାହା ଅଧୀନରେ ରାଜଧାନୀ ଓ ପଶ୍ଚିମର କେତେକ ଛୋଟ ସହର ରହିଛି। ଅନ୍ୟ ସରକାର ହଫ୍‌ତାରଙ୍କ ନେତୃତ୍ୱରେ ଚାଲିଛି, ଯାହା ଦଖଲରେ ଅବଶିଷ୍ଟ ବିସ୍ତୃତ ଭୂଖଣ୍ଡ ରହିଛି। ତନ୍ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ତୈଳଭଣ୍ଡାର ରହିଛି।

# ଡ୍ୟାମ୍ ଭୁଶୁଡ଼ି ୯ ମୃତ

ମୁମ୍ବାଇ,୩।୭(ପି.ଟି.)

## ୧୬ ନିଖୋଜ

ମହାରାଷ୍ଟ୍ରରେ ପ୍ରବଳ ବର୍ଷା ଯୋଗୁ ମଙ୍ଗଳବାର ରାତିରେ ଉପକୂଳବର୍ତ୍ତୀ କୋଙ୍କଣ ଅଞ୍ଚଳରେ ନଦୀବନ୍ଧ ଭୁଶୁଡ଼ି ବନ୍ୟାପାଣି ମାଡ଼ିଆସିବାରୁ ୯ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୧୬ ଜଣ ନିଖୋଜ ଅଛନ୍ତି। ଲଗାଣ ବର୍ଷା ଯୋଗୁ ନଦୀବନ୍ଧ ଉଚ୍ଛୁଳି ତଳିଆ ଅଞ୍ଚଳଗୁଡ଼ିକରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି।

ରତ୍ନଗିରି ଜିଲାର ଚିପଲୁନ୍ ତାଲୁକ୍‌ରେ ଥିବା ତିୱାରେ ଡ୍ୟାମ୍‌ର ଜଳଧାରଣ କ୍ଷମତା ୨୦ ଲକ୍ଷ ଘନମିଟର। ପ୍ରବଳ ବର୍ଷା ଯୋଗୁ ଗତ ରାତିରେ ବନ୍ଧ ଭାଙ୍ଗିଯିବାରୁ ୭ଟି ଗାଁ ଜଳାର୍ଣ୍ଣବ ହେବା ସହ ୧୨ଟି ଘର ଭସାଇ ନେଇଛି। ୩ ମହିଳାଙ୍କ ସମେତ ୯ଟି ମୃତଦେହ ଠାବ ହୋଇଥିଲାବେଳେ ୧୬ ଜଣ ନିଖୋଜ ଥିବା ରତ୍ନଗିରିର ଅତିରିକ୍ତ ଏସ୍‌ପି ବିଶାଲ ଗାଏକୱାଡ କହିଛନ୍ତି। ଏନ୍‌ଡିଆରଏଫ୍ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବନ୍ୟାପ୍ଲାବିତ ଗ୍ରାମଗୁଡିକରୁ ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି। ଅନ୍ଧକାର ଓ ହଠାତ୍ ବନ୍ୟାପାଣି ମାଡିଆସିବାରୁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଅନ୍ୟ ଜଣେ ଅଧିକାରୀ କହିଛନ୍ତି।

ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଥିବାରୁ ମରାମତି ଲାଗି ପ୍ରଶାସନକୁ ଲିଖିତ ଅନୁରୋଧ କରାଯିବା ସତ୍ତ୍ୱେ ସରକାର ତାହା ଶୁଣି ନ ଥିଲେ ବୋଲି ସ୍ଥାନୀୟ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ନଦୀବନ୍ଧରେ ଫାଟ ସମ୍ପର୍କରେ ଗ୍ରାମବାସୀ ଜଣାଇଥିବା ଖବରକୁ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଗିରୀଶ ମହାଜନ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ନିର୍ଦ୍ଦେଶ ଦେଇଛନ୍ତି। କର୍ତ୍ତବ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନଦୀବନ୍ଧ ଭାଙ୍ଗିବା ପାଇଁ ସରକାରଙ୍କ ଅବହେଳା ଦାୟୀ ବୋଲି ଏନ୍‌ସିପି କହିଛି। କେତେଜଣ ମଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ଏନ୍‌ସିପି ସଭାପତି ଜୟନ୍ତ ପାଟିଲ ପ୍ରଶ୍ନ କରିବା ସହ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



# ବିଏଲ୍‌ଏ ଆତଙ୍କବାଦୀ ସଂଗଠନ

ୱାଶିଂଟନ,୩।୭(ପି.ଟି.)

## ଘୋଷଣା କଲା ଆମେରିକା

'ବେଲୁଚିସ୍ତାନ ଲିବରେଶନ ଆର୍ମି' (ବିଏଲ୍‌ଏ)କୁ ଆମେରିକା ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି। ବେଲୁଚିସ୍ତାନରେ ପାକିସ୍ତାନୀ ଶାସନକୁ ବିରୋଧ କରୁଥିବା ଏହି ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଆମେରିକାର ଘୋଷଣାକୁ ଅଯଥାର୍ଥ ବୋଲି କହିଛି। ୨୦୦୬ରେ ପାକିସ୍ତାନ ବିଏଲ୍‌ଏକୁ ନିଷିଦ୍ଧ ଘୋଷଣା କରିବା ସହ ଏହାକୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବାକୁ ଆମେରିକାକୁ ଅନୁରୋଧ କରିଥିଲା।

ବିଏଲ୍‌ଏ ଏକ ସଶସ୍ତ୍ର ବିଚ୍ଛିନ୍ନତାବାଦୀ ସଂଗଠନ ଯାହା ବାଲୋଚ ଅଞ୍ଚଳରେ ସୁରକ୍ଷା ବଳ ଓ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଥାଏ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ସଂଗଠନର ଆତଙ୍କବାଦୀଙ୍କୁ ଆମେରିକାରେ କେହି ସହାୟତା କଲେ ତାହାକୁ ଅପରାଧ ଭାବେ ଗ୍ରହଣ କରାଯିବ। ଏଥିସହିତ ଉକ୍ତ ସଂଗଠନର ଆମେରିକାରେ ଯଦି କୌଣସି ସମ୍ପତ୍ତି ଥାଏ ତାକୁ ବାଜ୍ୟାପ୍ତ କରାଯିବ ବୋଲି ପରରାଷ୍ଟ୍ର ବିଭାଗ କହିଛି। ବିଏଲ୍‌ଏ ଗତବର୍ଷ ଅଗଷ୍ଟରେ ଚାଇନାର କେତେଜଣ ଇଞ୍ଜିନିୟରଙ୍କୁ ଟାର୍ଗେଟ କରି ଆତ୍ମଘାତୀ ଆକ୍ରମଣ କରିଥିଲା। ସେହିବର୍ଷ କରାଚୀରେ ଥିବା ଚାଇନା ବାଣିଜ୍ୟିକ ଦୂତାବାସ ଉପରେ ଆକ୍ରମଣ କରିଥିଲା। ଚଳିତ ବର୍ଷ ମେ ମାସରେ ଗ୍ୱାଦରରେ ଥିବା ଏକ ବିଳାସପୂର୍ଣ୍ଣ ହୋଟେଲ ଉପରେ ଆକ୍ରମଣ କରିଥିଲା ବୋଲି ଆମେରିକା କହିଛି। ପ୍ରକାଶ ଯେ, ବେଲୁଚିସ୍ତାନ ଦେଇ ଗତିଶୀଳ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି)କୁ ବିଏଲ୍‌ଏ ବିରୋଧ ଓ ଟାର୍ଗେଟ କରିଆସୁଛି। ତେଣୁ ପାକିସ୍ତାନ ଏହାକୁ ପୂର୍ବରୁ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି।

■ ବେଆଇନ ଖଣି ଖନନ ରୋକିବାରେ ବିଫଳ

# ମେଘାଳୟକୁ ୧୦୦ କୋଟି ଜରିମାନା

ନୂଆଦିଲ୍ଲୀ,୩।୭
(ପି.ଟି./ଆଇଏଏନ୍‌ଏସ୍)



## ଏନ୍‌ଜିଟି ରାୟ ସୁପ୍ରିମକୋର୍ଟରେ କାଏମ

ବେଆଇନ ଖଣି ଖନନ ରୋକିବାରେ ବିଫଳ ହୋଇଥିବା ମେଘାଳୟ ସରକାରଙ୍କୁ ବୁଧବାର ସୁପ୍ରିମକୋର୍ଟ ୧୦୦ କୋଟି ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି ) ପକ୍ଷରୁ ଏହି ଜରିମାନା ଆଦେଶ ପୂର୍ବରୁ ହୋଇଥିବାବେଳେ ଏ ବାବଦ ଅର୍ଥ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ରେ ଜମା କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା କୋଇଲାକୁ କୋଲ୍ ଇଣ୍ଡିଆକୁ ହସ୍ତାନ୍ତର କରିବା ପାଇଁ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୋଲ୍ ଇଣ୍ଡିଆ ଲିଃ (ସିଆଇଏଲ୍) ସେହି କୋଇଲାକୁ ନିଲାମ କରି ଅର୍ଥ ଜମା କରିବ। ତେବେ ଘରୋଇ ଓ ସମୁଦାୟ ମାଲିକାନାରେ ଥିବା ଖଣିଗୁଡ଼ିକରେ ଖନନ ସମ୍ପୃକ୍ତ ଅଧିକାରୀଙ୍କ ଅନୁମତିରେ କରାଯାଇପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ମେଘାଳୟର ପ୍ରାୟ ୨୪,୦୦୦ ଖଣିରେ ବେଆଇନ ଭାବେ ଖନନ କରାଯାଉଥିବା ଦର୍ଶାଇ ଜଷ୍ଟିସ୍ ବି.ପି. କାକୋଟି (ଗୁଜରାଟ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି)ଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟି ଏକ ରିପୋର୍ଟ ଦାଖଲ କରିଥିଲା। ଖଣି ଖନନ କରୁଥିବା ସଂସ୍ଥାଗୁଡ଼ିକ ପାଖରେ ଲାଇସେନ୍ସ, ଲିଜ୍ କିମ୍ବା ପରିବେଶ ମଞ୍ଜୁରୀ ନାହିଁ ବୋଲି ଏଥିରେ ଦର୍ଶାଯାଇଥିଲା। ଗତ ଜାନୁୟାରୀ ୪ରେ ଏନ୍‌ଜିଟି ଉକ୍ତ ରିପୋର୍ଟ ଆଧାରରେ ମେଘାଳୟ ସରକାରଙ୍କୁ ୧୦୦ କୋଟି ଟଙ୍କା ଜରିମାନା କରିଥିଲେ।

ପ୍ରକାଶ ଯେ, ଗତ ଡିସେମ୍ବର ୧୩ରେ ମେଘାଳୟର ଇଷ୍ଟ ଜୟନ୍ତିଆ ହିଲ୍ସ ଜିଲାସ୍ଥିତ ଏକ ବେଆଇନ ଖଣିକୁ ୧୫ ଖଣି ଶ୍ରମିକ ଖନନ ପାଇଁ ଯାଇଥିଲେ। ଲିଟେଇନ୍ ନଦୀରେ ପାଣିର ସ୍ରୋତ ସୁଡ଼ଙ୍ଗ ଭିତରକୁ ମାଡ଼ିଯିବାରୁ ସେମାନେ ସେଠାରୁ ବାହାରି ପାରି ନ ଥିଲେ। ଅନେକ ଉଦ୍ୟମ ପରେ ସେମାନଙ୍କ ମଧ୍ୟରୁ ମାତ୍ର ୨ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇ ପାରିଥିଲା। ଏହା ପରେ ସୁପ୍ରିମକୋର୍ଟ ରାଜ୍ୟରୁ ଖନନ ହୋଇଥିବା କୋଇଲା ପରିବହନ ଉପରେ ରୋକ ଲଗାଇଥିଲେ।




## [ଇତିହାସର ଆଇନାରେ] ଜୁଲାଇ ୪ର ପ୍ରମୁଖ ଘଟଣା

### ନୋଜୋମି ପ୍ରୋବ୍ ଲଞ୍ଚ୍

୧୯୯୮ ଜୁଲାଇ ୪ରେ ଜାପାନ ମଙ୍ଗଳକୁ ନୋଜୋମି ପ୍ରୋବ୍ ଲଞ୍ଚ୍ କରି ମହାକାଶ ଅନୁସନ୍ଧାନକାରୀ ରାଷ୍ଟ୍ର ଆମେରିକା ଓ ରୁଷିଆ ସହ ସମକକ୍ଷ ହୋଇପାରିଥିଲା। ଏହାକୁ ଟୋକିଓ ୟୁନିଭର୍ସିଟିର ସ୍ପେସ୍ ଆଣ୍ଡ ଆଷ୍ଟ୍ରୋନଟିକାଲ୍ ସାଇନ୍ସ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ କରାଯାଇଥିଲା।

### ଇରାନ କୂଟନୀତିଜ୍ଞ ଅପହୃତ

୧୯୮୨ ଜୁଲାଇ ୪ରେ ୩ଜଣ ଇରାନୀୟ କୂଟନୀତିଜ୍ଞ ଏବଂ ଖବରଦାତାଙ୍କୁ ଫାଲାଞ୍ଜି ବାହିନୀ ଅପହରଣ କରିନେବା ପରେ ସେମାନଙ୍କର ଆଉ ପତ୍ତା ମିଳି ନ ଥିଲା। ଲେବାନନ୍‌ର ଫାଲାଞ୍ଜି ପାର୍ଟି ହେଉଛି ଏକ ଖ୍ରୀଷ୍ଟିଆନ୍ ଗଣତାନ୍ତ୍ରିକ ରାଜନୈତିକ ଦଳ। ସରକାରୀ ଭାବେ ଏହା ନିରପେକ୍ଷ ହୋଇଥିଲେ ହେଁ ମୁଖ୍ୟତଃ ମାରୋନାଇଟ୍ କ୍ୟାଥଲିକ୍ସ ଏହାକୁ ସମର୍ଥନ କରିଥାଏ।

# 'ଦେଶଦ୍ରୋହ ଆଇନ ରଦ୍ଦ ଯୋଜନା ନାହିଁ'

ନୂଆଦିଲ୍ଲୀ,୩।୭(ପି.ଟି.)

ଦେଶଦ୍ରୋହ ଆଇନ ରଦ୍ଦ କରିବାର କୌଣସି ଯୋଜନା କେନ୍ଦ୍ର ସରକାରଙ୍କର ନାହିଁ ବୋଲି ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର କହିଛନ୍ତି। ରାଷ୍ଟ୍ରବିରୋଧୀ ତତ୍ତ୍ୱ, ଆତଙ୍କବାଦୀ ଏବଂ ବିଚ୍ଛିନ୍ନତାବାଦୀଙ୍କୁ ଦମନ କରିବା ଲାଗି ଏଭଳି ଆଇନର ଆବଶ୍ୟକତା ରହିଛି ବୋଲି ଟିଆର୍‌ଏସ୍ ଏମ୍‌ପି ବଣ୍ଡା ପ୍ରକାଶଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ୱାଧୀନ ନାଗରିକମାନଙ୍କ ପାଇଁ ଉପନିବେଶୀୟ ଯୁଗର ଆଇନ ଲାଗୁ ହେଉଥିବାରୁ ଏହାକୁ ରଦ୍ଦ କରିବା ଲାଗି ସରକାର ବିଚାର କରୁଛନ୍ତି କି ବୋଲି ଟିଆର୍‌ଏସ୍ ଏମ୍‌ପି ପ୍ରଶ୍ନ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଦେଶଦ୍ରୋହ ଆଇନକୁ ରଦ୍ଦ କରିବ ବୋଲି ଏହାର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା।




# ମଦ ବୋତଲରେ ଗାନ୍ଧିଜୀଙ୍କ ଛବି

## କ୍ଷମା ମାଗିଲା ଇସ୍ରାଏଲ୍



**ଜେରୁଜେଲମ୍,୩।୭(ପି.ଟି.):** ଇସ୍ରାଏଲ୍‌ର ୭୧ତମ ସ୍ୱାଧୀନତାର ସ୍ମାରକୀ ସ୍ୱରୂପ ସ୍ଥାନୀୟ ଏକ କମ୍ପାନୀ ଏହାର ମଦବୋତଲରେ ମହାତ୍ମା ଗାନ୍ଧୀଙ୍କ ଛବି ରଖି ବିବାଦୀୟ ହୋଇପଡ଼ିଛି। ଏହାଦ୍ୱାରା ଭାରତ ସରକାର ତଥା ଭାରତୀୟଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ ସମ୍ପୃକ୍ତ କମ୍ପାନୀ କ୍ଷମାପ୍ରାର୍ଥନା କରିଛି। ରାଜ୍ୟ ସଭା ସଦସ୍ୟମାନେ ଏହି ପ୍ରସଙ୍ଗ ଉପରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଗୃହର ଅଧ୍ୟକ୍ଷ ଭେଙ୍କାୟା ନାଇଡୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଲାଗି ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ନିର୍ଦ୍ଦେଶ ଦେବାକୁ ନାଇଡୁଙ୍କୁ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ମାଲ୍‌କା ବିୟର କମ୍ପାନୀ ଭାରତ ସରକାର ତଥା ଜନସାଧାରଣଙ୍କ ଭାବାବେଗକୁ ଆଘାତ ଦେଇଥିବାରୁ କ୍ଷମାପ୍ରାର୍ଥନା କରିଥିବା କମ୍ପାନୀର ବ୍ରାଣ୍ଡ ମ୍ୟାନେଜର ଗିଲାଡ ଡ୍ରୋର ପ୍ରକାଶ କରିଛନ୍ତି। ସେ ଏକ ବିବୃତିରେ କହିଛନ୍ତି, 'ଆମେ ମହାତ୍ମା ଗାନ୍ଧୀଙ୍କୁ ଉଚ୍ଚ ସମ୍ମାନ ପ୍ରଦର୍ଶନ କରୁ। ମଦ ବୋତଲରେ ତାଙ୍କ ଛବି ରଖିଥିବାରୁ ଅତ୍ୟନ୍ତ ଦୁଃଖ ପ୍ରକାଶ କରୁଛୁ'।

ବିଶ୍ୱ ଭାତୃତ୍ୱର ପ୍ରତୀକ ପବିତ୍ର ଘୋଷଯାତ୍ରା ଆପଣଙ୍କ ପାଇଁ ଆଣିଦେଉ ଶାନ୍ତି, ପ୍ରଗତି ଓ ସମୃଦ୍ଧି
DSPL-41
10003/13/0030/1920
ରଥଯାତ୍ରା ସମୟରେ ସୁସ୍ଥ ରହିବା ପାଇଁ:
- ଖାଇବା ପୂର୍ବରୁ ଭଲଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ
- ଟଟକା ଖାଦ୍ୟ ଖାଆନ୍ତୁ
- ବିଶୁଦ୍ଧ ପାନୀୟ ଜଳ ପିଅନ୍ତୁ
- ପାଇଖାନା ବ୍ୟବହାର କରନ୍ତୁ
- ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ପକାନ୍ତୁ
- ତରଳ ଝାଡା ହେଲେ ଜଳଶୂନ୍ୟତାରୁ ରକ୍ଷା ପାଇବା ପାଇଁ ଓ.ଆର୍.ଏସ୍. ଘୋଳ ପିଅନ୍ତୁ



facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା




# ଯୁକ୍ତ୨ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୩।୭(ବ୍ୟୁରୋ)

ଯୁକ୍ତ୨ ନାମଲେଖା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥର ଯୁକ୍ତ୨ ପ୍ରଥମବର୍ଷ ଲାଗି ୩ଲକ୍ଷ ୭୫ ହଜାର ୯୫୮ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ଲକ୍ଷ ୩୩ହଜାର ୫୭୩ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ପ୍ରଥମ କଟ୍ ଅଫ୍‌ରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ୬ ତାରିଖ ଯାଏ ଚାଲିବ। ଆସନ୍ତା ୧୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ସିଟ୍ ବଳକା ପଡ଼ିଲେ ସ୍ପଟ୍ ଆଡ଼ମିଶନ୍ କରାଯିବ। ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ।

ତେବେ ପ୍ରଥମ ଦିନରେ ନାମଲେଖାରେ ଅବ୍ୟବସ୍ଥା ଦେଖାଦେଇଛି। ଛାତ୍ରୀଛାତ୍ରମାନେ ଇଣ୍ଟିମେଶନ ଲେଟର୍ ଡାଉନ୍‌ଲୋଡ୍ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୀର୍ଘ ସମୟ ଧରି ଛାତ୍ରୀଛାତ୍ର ଓ ଅଭିଭାବକ ଏନେଇ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ବିନା ଇଣ୍ଟିମେଶନରେ ବି ଆବେଦନପତ୍ରର ନମ୍ବର ଅନୁସାରେ ବିଜେବି କଲେଜରେ ଆଡ଼ମିଶନ ହେଉଥିବା କଲେଜ କର୍ତ୍ତୃପକ୍ଷ କହିଛନ୍ତି। ସେହିଭଳି ସିବିଏସ୍‌ଇ ଓ ଆଇସିଏସ୍‌ଇ ଛାତ୍ରୀଛାତ୍ରଙ୍କ ଆଡମିଶନ୍‌ରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଆଡ଼ମିଶନ୍ ପାଇଁ ଆବଶ୍ୟକ ପଡୁଥିବା ଆଫିଡେଭିଟ୍ ହୋଇପାରୁନି ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

**୨୯ରେ ପ୍ରଥମବର୍ଷ ପାଠପଢ଼ା**

ପୁଣ୍ୟ ରଥଯାତ୍ରା ଉପଲକ୍ଷେ ପ୍ରୀତି ଓ ଶୁଭେଚ୍ଛା



ପୁଣ୍ୟ ରଥଯାତ୍ରା ଉତ୍ସବ ହୋଇଉଠୁ ଆନନ୍ଦ ମୁଖର।
ଆଉ ଏହି ଦିନ ଗୁଡ଼ିକୁ ଆହୁରି ରଙ୍ଗୀନ କରି
ତୋଳନ୍ତୁ ଆଦି କେ.ସି. ପାଲର ମଜବୁତ୍ ଓ ବେଶିଦିନ
ତିଷ୍ଠୁଥିବା ଛତା ସହିତ
ଆଦି
କେ.ସି. ପାଲ୍ ଏଣ୍ଡ ସନ୍ସ
୮୪ ପଣ୍ଡିତ ପୁରୁଷୋତ୍ତମ ରାୟ ଷ୍ଟ୍ରୀଟ୍, ପ୍ରଥମ ମହଲା, କୋଲକାତା - ୭୦୦୦୦୭
Ph.: 2241 5682, 2268 7104 Mob: 9830508724,
E-mail: adikcpaul@gmail.com

See Career Appointment on every Wednesday & Saturday

# ପ୍ରଫେସର ଗୌରକିଶୋର ଦାସଙ୍କ ପରଲୋକ

ଭୁବନେଶ୍ୱର, ୩।୭(ବ୍ୟୁରୋ)


ପ୍ରଫେସର ଗୌରକିଶୋର ଦାସ

ବିଶିଷ୍ଟ ଶିକ୍ଷାବିତ୍ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଗୌରକିଶୋର ଦାସଙ୍କର ବୁଧବାର ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ପ୍ରଫେସର ଦାସ ଦିଲ୍ଲୀର ନୋଏଡ଼ାସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଗତ ୩ଦିନ ହେଲା ଚିକିତ୍ସାଧୀନ ଥିଲେ। ତେବେ ବୁଧବାର ସକାଳେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ତଥା ସୁପ୍ରିମକୋର୍ଟର ଓକିଲ ବୁଲ୍‌ବୁଲ୍ ଦାସ ଓ ସାନଝିଅ ଗୀତାଞ୍ଜଳି ଦାସ ଉପସ୍ଥିତ ଥିଲେ। ପ୍ରଫେସର ଦାସ ଆଠଗଡ଼ରେ ସ୍କୁଲ ଶିକ୍ଷା ସମାପ୍ତ ପରେ ରେଭେନ୍‌ଶା କଲେଜରେ ଅଧ୍ୟୟନ କରିଥିଲେ। ସେ ରେଭେନ୍‌ଶା କଲେଜରେ ସ୍ନାତକରେ ଟପ୍ପର ହେବା ପରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ସେ କେମ୍ବ୍ରିଜ୍‌ରେ ଇଂଲିଶରେ ଗବେଷଣା ଶେଷ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ। ପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆର୍ଟସ୍ ଆଣ୍ଡ ହ୍ୟୁମାନିଟିଜ୍ ବିଭାଗର ଡିନ୍ ହୋଇଥିଲେ। ପ୍ରଫେସର ଦାସ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସାଉଥ୍ କ୍ୟାମ୍ପସ୍‌ର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ। ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ୧୯୯୫-୯୮ ପର୍ଯ୍ୟନ୍ତ କୁଳପତି ଭାବେ କାର୍ଯ୍ୟ କରିଥିଲେ। ଇଂଲିଶ ଭାଷା ସାହିତ୍ୟରେ ସେ ଜଣେ ବିଶେଷଜ୍ଞ ଥିଲେ।

NECC NATIONAL EGG CO-ORDINATION COMMITTEE 03.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 99 | 157 | 167 |
| CTC | 99 | 157 | 167 |
| DKL | 98 | 155 | 165 |
| BDK | 95 | 152 | 162 |
| BLS | 95 | 152 | 162 |
| ANG | 99 | 157 | 167 |

Eggs Retail Price- 52/-Dozen
Issued in the Interest of Consumers
*Conditions Apply

Excellent performance by Aakashians in Odisha JEE (NEET) 2019
All Results are from our Classroom Program in General Category
Our Top Rankers as per Odisha JEE State Merit List of MBBS-2019

2 State Rank Ashutosh Dash SCORE-670
3 State Rank Biswajeet Nayak SCORE-668
4 State Rank Sohan Dinda SCORE-667
5 State Rank Dipti Ranjan Panda SCORE-664
6 State Rank K Yasaswini SCORE-664
8 State Rank Ananya Ray SCORE-660
9 State Rank Bighnesh Pradhan SCORE-660
10 State Rank Ashish Ku. Rout SCORE-660
S.RANK 11 Papun Ku. Rout Score-660
S.RANK 12 Pratyush Khuntia Score-656
S.RANK 14 B Shrabani Suman Score-654
S.RANK 15 Nandini Agarwal Score-652
S.RANK 16 Amlan Mohapatra Score-650
S.RANK 18 Bastabika Pati Score-648
S.RANK 19 Raktima Rout Score-648
S.RANK 22 Devi Pr. Sahoo Score-647
S.RANK 25 Bibekananda Prusty Score-646
...and many more

ADMISSION OPEN
Regular Medical Course NEET/AIIMS 2020 (XII Passed Students)
Power Step / Regular Course JEE (Main & Adv.) 2020 (XII Passed Students)
Class Commences From : 12th July, 2019 (Friday)
ACST ADMISSION CUM SCHOLARSHIP TEST 07th July, 2019

SCHOLARSHIP FOR THE SESSION 2019-2020
1. Upto 100% Scholarship to NTSE / Olympiad Achievers.
2. Upto 100% Scholarship for Martyr.
3. Upto 75% Scholarship to KVPY Qualifiers.
4. Upto 65% Scholarship through ACST.
5. Upto 40% Scholarship on % or grade basis of X / XII Board.
6. Upto 30% Scholarship on JEE (Main) Ranker/Qualifier.
7. Upto 20% Scholarship for Ex-Aakashian.
8. Upto 5% Scholarship for Siblings & Single Parents' Ward.
9. 50% Scholarship for > 450 Marks, 45% for > 400 Marks, 35% for > 350 Marks, 25% for > 300 Marks in NEET 2019

Aakash Medical | IIT-JEE | Foundations
(Divisions of Aakash Educational Services Ltd.)

BHUBANESWAR CENTRE (1): 10, Bhouma Nagar, Sachivalaya Marg, Unit-IV, Bhubaneswar-751001, Phone. (0674) 3945454
BHUBANESWAR CENTRE (2): 125, District Centre, Chandrasekharpur, BBSR-16 Phone. (0674) 2747010/11/12
CUTTACK CENTRE: Link Road, Madhupatna Cuttack - 753010 Phone. (0671) 3945454
Regd. Off. : Aakash Tower, 8, Pusa Road, New Delhi-05, Ph. (011) 47623456

Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746/238, Berhampur, Ganjam, Gajapati : 9337355766, Bhubaneswar : 9337355235/236/747, Bolangir, Kalahandi, Nuapada : 9337355237, Cuttack : 9337355754, Jeypore, Koraput, Rayagada : 9337355232, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Sambalpur, Sonepur, Bargarh : 9337355234


TOP IN TOWN RAINWEAR
Monsoon wala Love
RAINSUITS | SKIRT-TOPS | OVERCOATS | JACKETS | ACCESSORIES
Available in Leading Stores
Email: easternrainwear@gmail.com | Mobile: 98198 86500



## ଜିଲ୍ଲା ଚିଠି ଗଞ୍ଜାମ

# ପୋଲିସ ଗୁଳି ଫେଲ୍

ଗଞ୍ଜାମ ଜିଲାରେ ଅପରାଧ କମୁନି। ବ୍ରହ୍ମପୁର ଏବଂ ଗଞ୍ଜାମ ଦୁଇଟି ପୋଲିସ ଜିଲାରେ ଦୁଇଜଣ ଏସ୍‌ପି ଏବଂ ମାଳମାଳ ବରିଷ୍ଠ ପୋଲିସ ଅଧିକାରୀଙ୍କ ବିରାଟ ଟିମ୍ ଥିବା ସତ୍ତ୍ୱେ ଆପରାଧିକ କାର୍ଯ୍ୟକଳାପ ବଢୁଛି। କମ୍ ବୟସର ଯୁବକମାନେ ଅପରାଧ ଦୁନିଆରେ ପାଦ ଦେଇ ପୋଲିସର ଅପାରଗତାର ସୁଯୋଗ ନେଇ, ଅଳ୍ପଦିନରେ ଆପରାଧିକ ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହେଉଛନ୍ତି। ଅପରାଧୀଙ୍କୁ କାବୁ କରିବା ପାଇଁ ମଝିରେ ମଝିରେ ଉଭୟ ଜିଲା ପୋଲିସ ପକ୍ଷରୁ ଏନ୍‌କାଉଣ୍ଟର୍ କରାଯାଉଛି। ପ୍ରଥମେ ପ୍ରଥମେ ଏହି ଏନ୍‌କାଉଣ୍ଟରର ସଫଳତା ମିଳୁଥିଲା। ପୋଲିସ ଗୁଳି ପରେ ଅପରାଧୀମାନେ ନୀରବି ଯାଉଥିଲେ। କିନ୍ତୁ ଏବେ ଦେଖିବାକୁ ମିଳୁଛି, ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିବାରେ ପୋଲିସ ଗୁଳି ବି କାମ କରୁନି, ଫେଲ୍ ହୋଇଯାଇଛି। କାରଣ ଏନ୍‌କାଉଣ୍ଟର ପରେ ମଧ୍ୟ କେତେକ ପେସାଦାର ଅପରାଧୀ ପୁଣିଥରେ ଆପରାଧିକ କାଣ୍ଡ ଭିଆଉଛନ୍ତି।

ଟିକେ ପଛକୁ ଦୃଷ୍ଟିଦେଲେ ଜଣାଯାଏ, ଗଞ୍ଜାମ ଜିଲାକୁ ଅପରାଧୀଙ୍କ କବଳରୁ ମୁକୁଳାଇବା ପାଇଁ ୨୦୧୫ରେ 'କ୍ରିମିନାଲ୍ କ୍ଲିନ୍' ଆରମ୍ଭ ହୋଇଥିଲା। ଗଞ୍ଜାମ ଏବଂ ବ୍ରହ୍ମପୁର ଜିଲା ପୋଲିସ ପ୍ରାୟ ୩ଶହ ଦୁର୍ଦ୍ଦାନ୍ତ ଅପରାଧୀଙ୍କର ଏକ ତାଲିକା ପ୍ରସ୍ତୁତ କରିଥିଲା। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କୁ କାବୁ କରିବା ପାଇଁ ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ବହୁ ହାର୍ଡକୋର୍ ଅପରାଧୀଙ୍କୁ ଧରାଗଲା। ଯେଉଁମାନେ ପୋଲିସ କବଳରୁ ଖସିଯିବାକୁ ଉଦ୍ୟମ କଲେ, ସେମାନଙ୍କୁ ଏନ୍‌କାଉଣ୍ଟର କରାଗଲା। ୨୦୧୫ ଏପ୍ରିଲ ୪ ତାରିଖରେ ଖଲ୍ଲିକୋଟ ଥାନା ପୋଲିସ ଦୁର୍ଦ୍ଦାନ୍ତ ଅପରାଧୀ ଅକ୍ଷୟ ନାୟକଙ୍କୁ ଏନ୍‌କାଉଣ୍ଟର କରିବା ଥିଲା ଜିଲାରେ ପ୍ରଥମ। ଗଞ୍ଜାମ ଏବଂ ବ୍ରହ୍ମପୁର ପୋଲିସ ଜିଲାରେ କେବଳ ୨୦୧୫ରେ ୩, ୨୦୧୬ରେ ୧୪, ୨୦୧୭ରେ ୧୭ ଏବଂ ୨୦୧୮ରେ ୧୭ଟି ଏନ୍‌କାଉଣ୍ଟର ହୋଇଛି। ୨୦୧୯ରେ ଏବେ ସୁଦ୍ଧା ୪ଟି ଏନ୍‌କାଉଣ୍ଟର ହେଲାଣି। ଏଥିରେ ଆସିକା ବିଧାନସଭାର କଂଗ୍ରେସ ପ୍ରାର୍ଥୀ ମନୋଜ ଜେନାଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇଜଣ ଅପରାଧୀ ବୁଲୁ ଓରଫ ଗଣେଶ ନାୟକ ଏବଂ ହୃଷୀକେଶ ପାତ୍ରଙ୍କୁ ମେ' ୩୧ତାରିଖରେ ଏନ୍‌କାଉଣ୍ଟର ହୋଇଥିଲା।

ଉଭୟ ପୋଲିସ ଜିଲାରେ ପ୍ରାୟ ୬୦ ଏନ୍‌କାଉଣ୍ଟର ହୋଇ ସାରିଲାଣି। ପୋଲିସ ଗୁଳିରେ ୩ଜଣ ଅପରାଧୀଙ୍କର ମୃତ୍ୟୁ ମଧ୍ୟ ହୋଇଛି। ତଥାପି ଗଞ୍ଜାମ ଜିଲାରେ ଅପରାଧ କମୁନି। ଦାଦାବଟି, ଡକାୟତି ଏବଂ ଚୋରି ବଢ଼ିଚାଲିଛି। ଗ୍ୟାଙ୍ଗୱାର୍ ଥମୁନି। ପୋଲିସ ଏନ୍‌କାଉଣ୍ଟରକୁ ମଧ୍ୟ ଅପରାଧୀମାନେ ଆଉ ଭୟ କରୁନାହାନ୍ତି। ଗଣେଶ, ଚକା, ଚେରୁ ନାମକ ୩ ଜଣ ପେସାଦାର ଅପରାଧୀଙ୍କୁ ବିଭିନ୍ନ ସମୟରେ ପୋଲିସ ଏନ୍‌କାଉଣ୍ଟର କରିଛି। ହେଲେ ପରବର୍ତ୍ତୀ ସମୟରେ ସେମାନେ ଜେଲ୍‌ରୁ ମୁକୁଳି ପୁଣି ଆପରାଧିକ ସାମ୍ରାଜ୍ୟ ଚଳାଇଥିଲେ। ଏପରିକି ଗଣେଶଙ୍କୁ ଦୁଇଥର ଏନ୍‌କାଉଣ୍ଟର କରାଯାଇଛି। କେବଳ ଏହି ୩ ଜଣ ନୁହନ୍ତି, ପୋଲିସର ଏନ୍‌କାଉଣ୍ଟର ତାଲିକାରେ ଏମିତି ଅନେକ ଅପରାଧୀଙ୍କ ନାମ ରହିଛି, ଯେଉଁମାନେ ଜେଲ୍‌ରୁ ମୁକୁଳିବା ପରେ ନିଜ ଗ୍ୟାଙ୍ଗ୍‌କୁ ସକ୍ରିୟ କରି ପୂର୍ବବତ୍ ଅପରାଧ ଘଟାଉଛନ୍ତି। ଅନ୍ୟପଟେ ପୋଲିସ ଯେଉଁ ଅପରାଧୀଙ୍କୁ ଗିରଫ କରୁଛି, ସେମାନଙ୍କ ଟ୍ରାକ୍ ରଖୁନି। କେଉଁ ଅପରାଧୀ, କେଉଁ ଦିନ ଜାମିନରେ ମୁକୁଳୁଛନ୍ତି, ସେନେଇ ପୋଲିସ ସୂଚନା ରଖୁନି। ଫଳରେ ପୋଲିସ ଅଜାଣତରେ ଅପରାଧୀମାନେ ଜେଲ୍‌ରୁ ମୁକୁଳି ଆପରାଧିକ କାର୍ଯ୍ୟକଳାପରେ ସକ୍ରିୟ ରହି ପୋଲିସ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି।

– ଆଶୀର୍ବାଦ ରାଉତ

# ୬ ଯାଏ କାଁ ଭାଁ ବର୍ଷା ସମ୍ଭାବନା



**ଭୁବନେଶ୍ୱର,୩।୭(ବ୍ୟୁରୋ):** ପୂର୍ବ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇ ଯାଇଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲଗାଣ ବର୍ଷା ହେବାର ସମ୍ଭାବନା ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ କାଁ ଭାଁ ବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁରରେ ସର୍ବାଧିକ ୩୫.୯ ମିଲିମିଟର ବର୍ଷା ହୋଇଥିବା ବେଳେ ଝାରସୁଗୁଡାରେ ୨୬.୨, ସୁନ୍ଦରଗଡରେ ୨୫, ହୀରାକୁଦରେ ୨୫.୫, ଭବାନୀପାଟଣାରେ ୧୬.୨, ବଲାଙ୍ଗୀର ୧୯, କୋରାପୁଟରେ ୯.୮, ଫୁଲବାଣୀରେ ୪.୬, ଟିଟଲାଗଡ ୧୮, ମାଲକାଗିରି ୧୫ ଏବଂ ସୋନପୁରରେ ୪.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ଆକାଉଣ୍ଟ ହ୍ୟାକ୍ କରି ନେଇଗଲେ ୧୮ ଲକ୍ଷ

**ବରଗଡ଼ ଅଫିସ,୩।୭:** ବରଗଡ଼ସ୍ଥିତ ଆକାଶ ମୋଟର୍ସର ଡାଇରେକ୍ଟର ଆକାଶ କୁମାର ଅଗ୍ରୱାଲଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଗ୍ରୱାଲ ଟାଉନ ଥାନାରେ ଏତଲା ଦେଇଛନ୍ତି । ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ତନାଘନା ଆରମ୍ଭ କରିଛି ।

ମିଳିଥିବା ସୂଚନା ଅନୁଯାୟୀ, ଆକାଶ ମୋଟର୍ସର ଡାଇରେକ୍ଟର ଅଗ୍ରୱାଲଙ୍କ ବ୍ୟାଙ୍କ ଅଫ ବରୋଦାରେ ସିସି ଆକାଉଣ୍ଟ ନଂ.୩୨୫୫୦୫୦୦୦୦୧୪୪ ଏବଂ କରେଣ୍ଟ ଆକାଉଣ୍ଟ (ନଂ.୩୨୫୫୦୨୦୦୦୦୦୦୩୧) ରହିଛି । ମଙ୍ଗଳବାର ଏହି ୨ଟି ଆକାଉଣ୍ଟକୁ ହ୍ୟାକ୍ କରି ଦୁର୍ବୃତ୍ତମାନେ ୧୮ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇ ଯାଇଥିବା ସେ ଅଭିଯୋଗ କରିଛନ୍ତି । ବ୍ୟାଙ୍କ ଅଫ୍ ବରୋଦାର ସ୍ଥାନୀୟ ଶାଖାକୁ ଯାଇ ଡାଇରେକ୍ଟର ଅଗ୍ରୱାଲ ପଚରାଉଚୁରା କରିବା ପରେ ତାଙ୍କ ଆକାଉଣ୍ଟ ନମ୍ବରରୁ ଆଇସିଆଇସିଆଇ ବ୍ୟାଙ୍କର ଜଣେ ଆକାଉଣ୍ଟ ହୋଲଡର୍ ସୁନୀଲ ଯାଦଭ(ଆକାଉଣ୍ଟ ନଂ.୦୨୩୫୦୧୫୬୧୮୩୫) ଏବଂ କାନାଡ଼ା ବ୍ୟାଙ୍କର ଅନ୍ୟ ଜଣେ ଆକାଉଣ୍ଟ ହୋଲଡର୍ ଲିଷ୍ଟନ ସରକାର(ଆକାଉଣ୍ଟ ନଂ.୩୭୧୨୧୦୧୦୦୬୫୨୫)କୁ ଉକ୍ତ ଟଙ୍କା ଟ୍ରାନ୍ସଫର କରାଯାଇଥିବା ଜଣାପଡ଼ିଛି।

### ମଦ ଚାଲାଣବେଳେ ଗୋଡ଼ାଇଲେ ଅବକାରୀ କର୍ମଚାରୀ

# ବ୍ରାହ୍ମଣୀକୁ ଡେଇଁ ଯୁବକ ମୃତ

**ପରଜଙ୍ଗ, ୩।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ବାଇକ୍‌ରେ ମଦଚାଲାଣ କରୁଥିବାବେଳେ ଅବକାରୀ ବିଭାଗ କର୍ମଚାରୀଙ୍କ କବଳରୁ ବର୍ତ୍ତିବା ପାଇଁ ବ୍ରାହ୍ମଣୀ ନଦୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଆମ୍ବପଳାସ ଗ୍ରାମର ଶାନ୍ତନୁ ମହାପାତ୍ର। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶାନ୍ତନୁ ବୁଧବାର ଭୋର୍ ସାଢେ ୫ଟା ବେଳେ ୫୩ନଂ. ଜାତୀୟ ରାଜପଥରେ ବାଇକ୍ (ଓଡ଼ି ୧୯ ଏଚ୍ ୧୭୮୩) ଯୋଗେ ମହୁଲି ମଦ ନେଇ ଆମ୍ବପଳାସରୁ ତାଳଚେର ଆଡ଼କୁ ଯାଉଥିଲେ। ଏହି ସମୟରେ ଏକ ସ୍କର୍ପିଓରେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ପିଛା କରିଥିଲେ। ଗିରଫ ଭୟରେ ସେ ବାଇକ୍‌କୁ ବ୍ରିଜ୍ ପାର୍ଶ୍ୱରେ ରଖିଦେଇ କିଛି ବାଟ ଦୌଡ଼ିଥିଲେ। ଅବକାରୀ ବିଭାଗ କର୍ମଚାରୀମାନେ ନିକଟତର ହୋଇଯିବାରୁ ସେ ନଦୀକୁ ଡେଇଁ ପଡ଼ିଥିଲେ। ପାଣି ପରିବର୍ତ୍ତେ ବାଲିରେ ପଡ଼ିବାରୁ ତାଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସଙ୍କଟାପନ୍ନ ଅବସ୍ଥାରେ ତାଳଚେର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ଅବକାରୀ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ ମଧ୍ୟ ସେଠାରୁ ପଳାଇ ଆସିଥିବା ଅଞ୍ଚଳବାସୀ କହିଛନ୍ତି।

ଅନ୍ୟପଟେ ଏହି ଘଟଣା ପାଇଁ ଅବକାରୀ ବିଭାଗକୁ ଦାୟୀ କରିଛନ୍ତି ଶାନ୍ତନୁଙ୍କ ଭାଇ ମୁନୁ ମହାପାତ୍ର। ଅବକାରୀ ଏଏସ୍‌ଆଇ ବଟକୃଷ୍ଣ ରାଉଳ ମଦ ଚାଲାଣ କରାଯାଉଥିବା ବାଇକ୍‌କୁ ପିଛା କରୁଥିବା ସ୍ୱୀକାର କରିଛନ୍ତି। ହେଲେ ଯୁବକ ଜଣକ ନଦୀକୁ ଡେଇଁ ପଡ଼ିଥିବା ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ତାଳଚେର ଥାନାରେ ନଂ. ୧୬୦/୧୯ରେ ଏକ ମାମଲା ରୁଜୁ କରାଯାଇଛି।

# ବ୍ରହ୍ମପୁର, କେନ୍ଦୁଝରରେ ୨ କଏଦୀ ମୃତ

**ବ୍ରହ୍ମପୁର ଅଫିସ/କେନ୍ଦୁଝର(ସ୍ୱ.ପ୍ର.) ୩।୭**

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିବା ଜଣେ ବିଚାରାଧୀନ ବନ୍ଦୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ଦାମୀ ଗ୍ରାମର ଦଣ୍ଡୁଆ ଦିଗାଲ। ବୁଧବାର ବୈଦ୍ୟନାଥପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା(ନଂ. ୩୫୩/୧୯) ରୁଜୁ କରିଛି। ଦଣ୍ଡୁଆ ୨୦୧୭ ମେ ୧ ତାରିଖରୁ ଫୁଲବାଣୀ ଜିଲା ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ। ଛାତିରେ ଯନ୍ତ୍ରଣା ହେବାରୁ ଗତ ୨୮ ତାରିଖରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି।

ସେହିପରି କେନ୍ଦୁଝର ଜିଲା ମୁଖ୍ୟ କାରାଗାରରେ ଜେଲଦଣ୍ଡ ଭୋଗୁଥିବା ସୁନୀଲ ମୁଣ୍ଡା ନାମକ ଜଣେ ବନ୍ଦୀଙ୍କ ବୁଧବାର କଟକ ଏସସିବି ମେଡିକାଲରେ ମୃତ୍ୟୁ ଘଟିଛି। ତାଙ୍କ ଘର ଯୋଡା ଥାନା ଅନ୍ତର୍ଗତ ଆଜାଦ ବସ୍ତିରେ। ୨୦୦୭ ମସିହାରେ ଏକ ହତ୍ୟା ଘଟଣାରେ ସେ ଗିରଫ ହୋଇଥିଲେ । ଉକ୍ତ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୦୦୮ରୁ ସଜା କାଟୁଥିଲେ । ଗତ କିଛି ମାସ ହେବ ତାଙ୍କର ମାନସିକ ସ୍ଥିତି ବିଗିଡି ଯାଇଥିଲା। ଜୁନ ୨୬ ତାରିଖରେ ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

# ଗୁରୁବାର, ଶୁକ୍ରବାର ହାଇକୋର୍ଟ ଛୁଟି

**କଟକ ଅଫିସ, ୩।୭:** ଗୁରୁବାର ରଥଯାତ୍ରା ଏବଂ ତା' ପରଦିନ ହାଇକୋର୍ଟ ଛୁଟି ରହିବ। ମାତ୍ର ଶନିବାର ହାଇକୋର୍ଟରେ କାର୍ଯ୍ୟଦିବସ ରଖାଯାଇଛି। ସାଧାରଣତଃ ଶନିବାର ହାଇକୋର୍ଟରେ କାର୍ଯ୍ୟଦିବସ ସଂକ୍ଷିପ୍ତ ଥାଏ। ମାତ୍ର ରଥଯାତ୍ରା ଦିନ ଛୁଟି ପଡୁଥିବାରୁ ଶୁକ୍ରବାରକୁ ଡେ ଫଲୋଇଙ୍ଗ୍ ହିସାବରେ ଛୁଟି ଘୋଷଣା କରାଯାଇଛି।

With Best Compliments From:-
HOTTA ASSOCIATES
Deals in : ALL TYPES OF TEAK WOOD, SAL WOOD, OTHER WOODS, PLYWOOD, FANCY WOOD AT WHOLESALE RATE
Plot No.G-43, V.S.S. Nagar, Near Water Tank, Bhubaneswar-751007
Mob : 7381207700, 7381208800, 7381203300, Email : hotta.bbsr@gmail.com
Our Branches
HOTTA FURNITURE : Plot No.1582, Palasuni, Opp. Saptasati Temple, N.H.-5, Bhubaneswar-10, Mob : 8114789383
HOTTA TIMBER & FURNITURE : Plot No. 5/1274, Khandagiri, Near Barabhuja Complex, Bhubaneswar-30, Mob : 7381209900, 7381203300
HOTTA TIMBER & FURNITURE : Plot No. 131/3473, Infront of Restaurant Mellony, Nandan Kanan Road, Patia, Bhubaneswar-751024, Mob : 7381205500
HOTTA TIMBER & FURNITURE : Plot No. 4565, Tankapani Road, Near Sai Temple, Bhubaneswar-751018, Mob : 7381206600

**ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା**

# ସେପ୍ଟେମ୍ବର ସୁଦ୍ଧା କେନ୍ଦ୍ରାପଡ଼ାକୁ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କର

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକ କରି ହରିଦାସପୁର-ପାରାଦୀପ ରେଳଲାଇନ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ହରିଦାସପୁରଠାରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ରେଳ ଯୋଗାଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ହରିଦାସପୁରରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ୪୭ କି.ମି. ରେଳଲାଇନ ନିର୍ମାଣର ଅଗ୍ରଗତିରେ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଲାଇନରେ ପରୀକ୍ଷାମୂଳକ ଭାବେ ଏକ ଟାୱାର କାର ମଧ୍ୟ ସଫଳ ଭାବେ ଚାଲିଛି। ରେଳ ଲାଇନର ସମସ୍ତ ସ୍ଥାନରେ ନିରବଚ୍ଛିନ୍ନ ଭାବେ କାମ ଜାରି ରଖିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରାପଡ଼ା ବିଦ୍ୟୁତ୍ ସବ୍‌ଷ୍ଟେଶନରେ କାର୍ଯ୍ୟ ମଧ୍ୟ ସେପ୍ଟେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ଶକ୍ତି ବିଭାଗ ଏବଂ ଓପିଟିସିଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା ରେଳ ଲାଇନ ସମ୍ପୂର୍ଣ୍ଣ ହେବାର ପ୍ରଥମ ଦିନରୁ ହିଁ ଇଲେକ୍ଟ୍ରିକ ଟ୍ରେନ୍ ଯାତାୟାତ କରିପାରିବ। ସ୍ଥାନୀୟ ଏମ୍‌ପି ଏବଂ ବିଧାୟକମାନେ ମଧ୍ୟ ଏହି କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ରେଳ ଲାଇନରେ ପାସେଞ୍ଜର ଟ୍ରେନ୍ ଯାତାୟାତ କରିବା ଲାଗି ସମସ୍ତ ଆବଶ୍ୟକୀୟ ପ୍ରାଥମିକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବ୍ୟବସ୍ଥା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ରେଳଲାଇନ ନିର୍ମାଣ ହେବା ଦ୍ୱାରା କେନ୍ଦ୍ରାପଡ଼ାବାସୀଙ୍କର ବହୁ ଦିନର ସ୍ୱପ୍ନ ପୂରଣ ହୋଇପାରିବ। କେନ୍ଦ୍ରାପଡ଼ା ଜିଲାକୁ ପ୍ରଥମ ଥର ପାଇଁ ରେଳ ଯୋଗାଯୋଗ ବ୍ୟବସ୍ଥା ଆରମ୍ଭ ହୋଇପାରିବ।





ସତ୍ୟଭାମା ଟାୟାର୍ସ
ଏମ୍ ଆର୍ ଏଫ୍ ଏକ୍ସକ୍ଲୁସିଭ୍ ଶୋରୁମ୍
At/Post Office - ନେଉଳପୁର, ଚଣ୍ଡିଖୋଲ ଛକ
ଆଜି ଗୋଟିଏ ବିଶିଷ୍ଟ ଶୋ'ରୁମ୍ ଖୋଲୁଛି, ଯେଉଁଠି ଚଣ୍ଡିଖୋଲ ଯାନ ଚାଳକମାନଙ୍କ ପାଇଁ, ଟାୟାର କିଣିବାର ଏକ ନୂଆ ଅନୁଭବ ମିଳିବ । ଏହି ଶୋ'ରୁମ୍‌ରେ ଆପଣଙ୍କ ପସନ୍ଦିଆ ଏମ୍ ଆର୍ ଏଫ୍ ଟାୟାର ଓ ଟ୍ୟୁବ୍‌ସ ବ୍ୟବହାରର ସମସ୍ତ ସୂଚନା ରଖା ଯାଇଛି, ଏବଂ ଉତ୍ତମ ସେବା ଯୋଗାଇବାର ବ୍ୟବସ୍ଥା ବି ରହିଛି, ଯେପରିକି ଆପଣଙ୍କ ଟାୟାର ଦୀର୍ଘ ଦିନ ପର୍ଯ୍ୟନ୍ତ ସଫଳତା ପୂର୍ବକ ଆପଣଙ୍କ ସେବା କରିପାରିବ ।
ତେଣୁ ବିଚାରରେ ସମୟ ନଷ୍ଟ କରନ୍ତୁ ନାହିଁ । ଟାୟାର ଆବଶ୍ୟକ ହେଲେ ସତ୍ୟଭାମା ଟାୟାର୍ସ ଆଡକୁ ଗାଡି ବୁଲାନ୍ତୁ ଆଉ ତତ୍ପର ଓ ଉତ୍ସାହପୂର୍ଣ୍ଣ ଗ୍ରାହକ ସେବାର ଲାଭ ନିଅନ୍ତୁ ।
ଉଦ୍‌ଘାଟନ ଆଜି: 11:00 AM
ସତ୍ୟଭାମା ଟାୟାର୍ସ
At/Post Office - ନେଉଳପୁର, ଚଣ୍ଡିଖୋଲ ଛକ, ଏନ୍‌ଏଚ୍ - 16, ଭାୟା-ହରିଦାଶ ପୁର, ଚଣ୍ଡିଖୋଲ, ଯାଜପୁର, ଓଡିଶା - 755 024
Mobile: 94370 88554
MRF TYRES Tyres with Muscle
ଡିଲରସିପ୍, ଅନୁସନ୍ଧାନ, ଦୟାକରି ଏମ୍ ଆର୍ ଏଫ୍ ଲିମିଟେଡ ଟୋଲ୍‌ଫ୍ରୀ ନଂ 1800 419 4888 ରେ ସମ୍ପର୍କ କରନ୍ତୁ ।
www.mrftyres.com
For further assistance, contact: write2us@mrfmail.com
Like us at: https://www.facebook.com/mrfcorporate Follow us at: twitter.com/MRFWorldwide



LIVE STREAMING www.youtube.com/c/ddodisha WEB CASTING http://rathjatra.nic.in



ଦୂରଦର୍ଶନରେ ରଥଯାତ୍ରାର ସିଧାପ୍ରସାରଣ
ଜାତୀୟ ଏବଂ ଆଞ୍ଚଳିକ ଚ୍ୟାନେଲରେ
DOORDARSHAN ODIA
DD NATIONAL
ଶ୍ରୀଗୁଣ୍ଡିଚା ଯାତ୍ରା
ଜୁଲାଇ ୪, ଗୁରୁବାର, ସକାଳ ୮ଟା ୩୦ରୁ
INDIA
ବାଂଲା
ବାହୁଡା ଯାତ୍ରା
ଜୁଲାଇ ୧୨, ଶୁକ୍ରବାର ସକାଳ ୯ଟାରୁ
DD Bharati
ସୁନାବେଶ
ଜୁଲାଇ ୧୩, ଶନିବାର ଅପରାହ୍ନ ୪ଟାରୁ
ଅଧରପଣା
ଜୁଲାଇ ୧୪, ରବିବାର ସନ୍ଧ୍ୟା ୭ଟାରୁ
ନୀଳାଦ୍ରିବିଜେ
ଜୁଲାଇ ୧୫, ସୋମବାର ସନ୍ଧ୍ୟା ୪ଟାରୁ
ଶିକ୍ଷା, ସୂଚନା ଓ ମନୋରଞ୍ଜନର ଭରପୂର ସମ୍ଭାର ଆପଣଙ୍କ ପ୍ରିୟ ଡ଼ିଡ଼ି ଓଡ଼ିଆରେ
For Commercial Details Phone No. : 0674-2301870 Email ID: ddodiacom@gmail.com

# କଡ଼ା ସୁରକ୍ଷା ବଳୟରେ ପୁରୀ

■ ରଥଟଣା, ଟ୍ରାଫିକ ଓ ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

■ ୧୫୫ ପ୍ଲାଟୁନ୍ ଫୋର୍ସ ମୁତୟନ

ପୁରୀ ଅଫିସ,୩।୭

ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ ସହର। ସିସିଟିଭି କ୍ୟାମେରା ସହରକୁ ଜଗି ରହିଛି। ୧୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଶ୍ରୀମନ୍ଦିର ଦାୟିତ୍ୱରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ରହିଥିବା ବେଳେ ରଥଯାତ୍ରାର ସାମଗ୍ରିକ ଦାୟିତ୍ୱରେ ଏଡିଜି ସଞ୍ଜୀବ କୁମାର ପଣ୍ଡା ଏବଂ ଟ୍ରାଫିକ ପରିଚାଳନା ଦାୟିତ୍ୱରେ ଆଇଜି ଅମିତାଭ ଠାକୁର ରହିଛନ୍ତି। ତାଙ୍କ ସୂଚନା ଅନୁସାରେ, ରଥଯାତ୍ରା ପାଇଁ ଏସ୍‌ପି/କମାଣ୍ଡାଣ୍ଟ ୧୬, ଡିସି/ ଅତିରିକ୍ତ ଏସ୍‌ପି ୩୭, ଡିଏସପି/ ଏସି ୮୫, ଇନ୍ସପେକ୍ଟର/ଆରଆଇ/ଏଆରଆଇ ୧୦୦, ଏସ୍‌ଆଇ/ଏଏସ୍‌ଆଇ ୬୭୫, ହାବିଲଦାର (ଓପି) ୯୦, କନଷ୍ଟେବଳ ୫୫୦, ଟ୍ରାଫିକ ହାବିଲଦାର ୩୦, ଟ୍ରାଫିକ କନଷ୍ଟେବଳ ୧୦୦, ହୋମଗାର୍ଡ ୨୪୫୦, ଆରଏଏଫ ୩ କମ୍ପାନୀ, ଓଡ୍ରାଏଫ ୨ ୟୁନିଟ, ଏନ୍‌ଡିଆରଏଫ ୧ ୟୁନିଟ, ଓଏସ୍‌ଏଏଫ ୩ କମ୍ପାନୀ, ଏସ୍‌ଟିୟୁ ୩ ୟୁନିଟ ଓ ଏଇଟି ୨ କମ୍ପାନୀ ମୁତୟନ ଅଛନ୍ତି।

## ୧୮ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା

ଟ୍ରାଫିକ ନିୟନ୍ତ୍ରଣ ଲାଗି ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି ବୋଲି ଆଇଜି ଅମିତାଭ ଠାକୁର କହିଛନ୍ତି। ପୁରୀ ସହରରେ ୨୮ ଟି ଟ୍ରାଫିକ ଏଡ ପୋଷ୍ଟ କରାଯାଇଛି। ଟ୍ରାଫିକ ସୁପରିଚାଳନାକୁ ଦୃଷ୍ଟିରୁ ରଖି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦୁଇ ଚକିଆ ଓ ଚାରିଚକିଆ ଯାନ ପାର୍କିଂ ଲାଗି ୧୮ଟି ସ୍ଥାନ ଚିହ୍ନଟ ହୋଇଛି। ପୁରୀ-ବ୍ରହ୍ମଗିରି, ପୁରୀ-ଭୁବନେଶ୍ୱର ଓ ପୁରୀ-କୋଣାର୍କ ତିନି ଜାତୀୟ ରାଜପଥ ଦେଇ ବଡଦାଣ୍ଡକୁ ଆସୁଥିବା ଯାନବାହନ ପାର୍କିଂ ଲାଗି ଅଲଗା ଅଲଗା ରୁଟ୍ ପ୍ଲାନ କରାଯାଇଛି।

## ବଡ଼ଦାଣ୍ଡ ପ୍ରବେଶ ଲାଗି ଏକମୁଖୀ ରାସ୍ତା

ଭିଡ ନିୟନ୍ତ୍ରଣ ଲାଗି ୪୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ ବୋଲି ଆଇଜି ଅସିତ ପାଣିଗ୍ରାହୀ ବୁଧବାର କହିଛନ୍ତି। ରଥଟଣା ସମୟରେ ବଡଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। କୌଣସି ସ୍ଥାନରେ ଯେପରି କିଛି ଅଘଟଣ ନ ଘଟିବ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ରଥଯାତ୍ରାରେ ଅତ୍ୟଧିକ ଜନଗହଳିକୁ ଆଖି ଆଗରେ ରଖି ଗୁଣ୍ଡିଚା, ବାହୁଡା ଓ ସୁନାବେଶ ଦିନରେ ଏକ ମୁଖୀ ରାସ୍ତା ଯାତାୟାତ ବ୍ୟବସ୍ଥା କରାଯାଇଛି। ବଡଦାଣ୍ଡକୁ ସଂଯୋଗ କରୁଥିବା ଗଳିକନ୍ଦିକୁ ବନ୍ଦ କରାଯାଇଛି। ବିଭିନ୍ନ ଦିଗରୁ ବଡଦାଣ୍ଡକୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ରୁଟ ମ୍ୟାପ ହୋଇଛି। ସେହି ରାସ୍ତା ଦେଇ ଭକ୍ତମାନେ ବଡଦାଣ୍ଡରେ ପ୍ରବେଶ କରିବେ। ଏ ନେଇ ବିଭିନ୍ନ ଛକ ସ୍ଥାନରେ ପୋଲିସ ସୂଚନା ଫଳକ ଲଗାଯାଇଛି।

## ବିଭିନ୍ନ ଦାୟିତ୍ୱରେ ଆଇପିଏସ୍ ଅଫିସର

୩ ରଥ ଦାୟିତ୍ୱରେ ବହୁ ଅଭିଜ୍ଞ ପୋଲିସ ଅଫିସର ରହିଛନ୍ତି। ଏଡିଜି ସଞ୍ଜୀବ ପଣ୍ଡା ରଥଯାତ୍ରାର ସମ୍ପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ଶ୍ରୀମନ୍ଦିର ଓ ସେବାୟତ ସମନ୍ୱୟ ଦାୟିତ୍ୱରେ ଆଇଜି ପ୍ରିୟଦର୍ଶୀ ରହିଛନ୍ତି। କମାଣ୍ଡାଣ୍ଟ ବି.ବି. ରାଉତ, ପି.କେ. ଦାଶ ଓ ବି.ସିଏଚ. ପ୍ରଧାନ ସହଯୋଗୀ ରହିଛନ୍ତି। ସେହିପରି ରଥଯାତ୍ରା ଓ ବାହୁଡା ଯାତ୍ରାରେ ଜେନେରାଲ କର୍ଡନ ଦାୟିତ୍ୱରେ ଆଇଜି ଅରୁଣ ବୋଥ୍ରା ରହିଛନ୍ତି। ତାଙ୍କ ସହ କମାଣ୍ଡାଣ୍ଟ ୟୁ.କେ. ଦାଶ ସହଯୋଗ କରୁଛନ୍ତି। ସେହିପରି ଭିଡ ନିୟନ୍ତ୍ରଣ ଦାୟିତ୍ୱରେ ଆଇଜି(ହେଡକ୍ୱାର୍ଟର) ଅସିତ ପାଣିଗ୍ରାହୀ ଦାୟିତ୍ୱରେ ରହିଥିବା ବେଳେ ତାଙ୍କୁ ସହଯୋଗ ଲାଗି କମାଣ୍ଡାଣ୍ଟ(ଏସ୍‌ଓଜି) ଅନୁରିଦ୍ଧ ସିଂ, କମାଣ୍ଡାଣ୍ଟ ଏମ.କେ. ପୁରୋହିତ ଓ ଏନ. ଦୋରା ଓ କମାଣ୍ଡାଣ୍ଟ ଏନ. ସି.ଏଚ. ପ୍ରଧାନ ପ୍ରମୁଖ ରହିଛନ୍ତି। ଟ୍ରାଫିକ ନିୟନ୍ତ୍ରଣରେ ଆଇଜି (ଏସ୍‌ଏପି) ଅମିତାଭ ଠାକୁର, ତାଙ୍କୁ ସହଯୋଗ ଲାଗି ଏସ୍‌ପି(କ୍ରାଇମବ୍ରାଞ୍ଚ) ଏମ.ଏସ. ସମ୍ପତ, ଏସ୍‌ପି(ଏସ୍‌ଟିଏଫ) ରାହୁଲ. ପିଆର, କମାଣ୍ଡାଣ୍ଟ ଏସ.ସି.ଏଚ. ତ୍ରିପାଠୀ, ଏଆଇଜି ପି.ଡି. ମହାପାତ୍ର ପ୍ରମୁଖ ରହିଛନ୍ତି। ଭିଆଇପି ସିକ୍ୟୁରିଟିରେ ଓଏପିଏସ୍-୧ କମାଣ୍ଡାଣ୍ଟ ଆର.କେ. ସାହୁ, ସୁରକ୍ଷା ଓ ସ୍ୱତନ୍ତ୍ର ବ୍ୟବସ୍ଥାରେ ଆଇଜି(ଗୋଇନ୍ଦା) ଆର.କେ. ଶର୍ମା, ତାଙ୍କୁ ସହଯୋଗ ଲାଗି ଓଏପିଏସ୍-୧ ଏସ୍‌ପି(ସୁରକ୍ଷା) କେ. ସି.ଏଚ. ପଟ୍ଟନାୟକ ରହିଛନ୍ତି। ରେଲୱେରେ ସୁରକ୍ଷା ଲାଗି ଅତିରିକ୍ତ ଡିଜି ପ୍ରଣବେନ୍ଦୁ ଆଚାର୍ଯ୍ୟ ରହିଥିବା ବେଳେ କଟକ ରେଲୱେ ଏସ୍‌ପି ସହଯୋଗ କରୁଛନ୍ତି। ଯୋଗାଯୋଗ ବିଭାଗ ଦାୟିତ୍ୱରେ ଓଏପିଏସ୍-୧ ଏସ୍‌ପି(ସିଗ୍‌ନାଲ) ବି.ଏନ. ଦାଶ ରହିଛନ୍ତି। କ୍ୟାମ୍ପ କମାଣ୍ଡାଣ୍ଟ ଭାବେ କମାଣ୍ଡାଣ୍ଟ ବି.କେ. ନନ୍ଦ ଦାୟିତ୍ୱରେ ଅଛନ୍ତି।

## ତିନି ପ୍ରବେଶ ପଥରେ କଡା ସୁରକ୍ଷା

ତିନି ପ୍ରବେଶ ପଥରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି। ରଥଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ପୁରୀ ପୋଲିସ ଆପ୍‌ରୁ ପାଇ ପାରିବେ। ସୋସିଆଲ ମିଡିଆରେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ସ୍ଥାନ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

## ମଠ, ମନ୍ଦିର, ଧର୍ମଶାଳା, ହୋଟଲ ଉପରେ ନଜର

ଆଣ୍ଟି ଟେରେରିଷ୍ଟ ସ୍କାଡ୍ ୮ ଟିମ, ଗୋଟିଏ ଟିମ୍ ବୋମା ନିଷ୍କ୍ରିୟକାରୀ ରହିଥିବା ଆଇଜି ପ୍ରିୟଦର୍ଶୀ କହିଛନ୍ତି। ତିନି ଜାତୀୟ ରାଜପଥ ପ୍ରବେଶ ପଥରେ ୩ଟି ଆଣ୍ଟିଟେରୋରିଷ୍ଟ ସ୍କାଡ୍ ଟିମ୍ ମୁତୟନ ରହିଛନ୍ତି। ଅନ୍ୟ ଟିମ୍ ବିଭିନ୍ନ ମଠ, ଧର୍ମଶାଳା, ହୋଟେଲ ଉପରେ ନଜର ରଖୁଛନ୍ତି। ଏସ୍‌ପି (ସୁରକ୍ଷା) ଏହାର ପରିଚାଳନା କରୁଛନ୍ତି। ଭିଆଇପି ସୁରକ୍ଷାଙ୍କ ଲାଗି ସ୍ୱତନ୍ତ୍ର ସର୍କିଟ ହାଉସରେ ଏକ କ୍ୟାମ୍ପ ରହିଛି। ରେଲୱେ ଷ୍ଟେଶନରେ ରେଲୱେ ପୋଲିସ, ଜିଆରପି ପୋଲିସ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ତଟସୁରକ୍ଷା ସାମୁଦ୍ରିକ ଥାନା ପୋଲିସ, ନୌସେନା ଦାୟିତ୍ୱରେ ରହିଛନ୍ତି। ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ଲାଇଫ ଗାର୍ଡ ମୁତୟନ ଅଛନ୍ତି। କୌଣସି ଅଘଟଣକୁ ଏଡାଇବା ଲାଗି ଅଗ୍ନିଶମ ବାହିନୀ ଦାୟିତ୍ୱରେ ରହିଛନ୍ତି।



ରଥଯାତ୍ରାରେ ନିୟୋଜିତ ଯବାନ, ପୋଲିସ ଓ ଅନ୍ୟ ସୁରକ୍ଷା କର୍ମୀ।

# ପହଣ୍ଡି କଟକଣା

ପୁରୀ ଅଫିସ,୩।୭

ପହଣ୍ଡି ସମୟରେ ଜଗମୋହନ ଏବଂ ନାଟମଣ୍ଡପ ମଧ୍ୟକୁ କାହାରିକୁ ଛଡାଯିବ ନାହିଁ। ପହଣ୍ଡି ଟିକେଟଧାରୀମାନେ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରି ବ୍ୟାରିକେଡ ମଧ୍ୟରେ ରହି ଦର୍ଶନ କରିବେ। ପହଣ୍ଡି ଏବଂ ରଥରେ ଯେଭଳି କୌଣସି ଅନଧିକୃତ ବ୍ୟକ୍ତି ଠାକୁରଙ୍କୁ ନ ଛୁଅଁନ୍ତି ସେଥିଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯଦି କୌଣସି ବ୍ୟକ୍ତି ଛୁଅଁନ୍ତି କିମ୍ବା ଛୁଇଁବାକୁ ଚେଷ୍ଟା କରନ୍ତି ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ନିଷ୍ପତ୍ତି ହୋଇଛି। ପହଣ୍ଡି ବିଜେ ସମୟରେ ଅରୁଣ ସ୍ତମ୍ଭଠାରୁ ସିଂହଦ୍ୱାର ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅବସ୍ଥାପିତ କ୍ୟାମେରା ବ୍ୟତୀତ ଅନ୍ୟ କୌଣସି କ୍ୟାମେରା ବ୍ୟବହାର କରାଯିବ ନାହିଁ। ଏତଦ୍‌ବ୍ୟତୀତ ରଥ ଚାରମାଳ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ ନେବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

# କୁଶଭଦ୍ରା ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଗୋପ,୩।୭(ଡି.ଏନ୍.ଏ.):** କୁଶଭଦ୍ରା ନଦୀରେ ବୁଡ଼ି ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅଧୀନ ବେଦପୁର ପଞ୍ଚାୟତ ବାଲିସାହି ଗ୍ରାମର କାଶୀନାଥ ବେହେରା(୬୦)। କାଶୀନାଥ ମଇଁଷି ଚରାଇବା ଲାଗି ବଳରାମ ଗାଦିସ୍ଥିତ କୁଶଭଦ୍ରା ନଦୀ ପାର ହୋଇ ଯାଉଥିବା ବେଳେ ବୁଡ଼ି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଗୋପ ଡ଼ାକ୍ତରଖାନାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା।

# ୨୩ ଅଣ୍ଡର ସେକ୍ରେଟାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର,୩।୭(ବ୍ୟୁରୋ): ରାଜ୍ୟ ସରକାର ସଚିବାଳୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୨୩ ଜଣ ଅଣ୍ଡର ସେକ୍ରେଟାରୀଙ୍କୁ ଡେପୁଟି ସେକ୍ରେଟାରୀ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଅଣ୍ଡର ସେକ୍ରେଟାରୀ ଅଭୟ କୁମାର ମହାପାତ୍ରଙ୍କୁ ଡେପୁଟି ସେକ୍ରେଟାରୀ ର୍‍ୟାଙ୍କକୁ ବଦଳି କରାଯାଇଥିବା ବେଳେ ଗୃହ ବିଭାଗର ମାଖର କେତନ ସ୍ୱାଇଁ, ରମେଶ ଚନ୍ଦ୍ର ଦାଶ, ସମରେନ୍ଦ୍ର ଧଳ, ଭକ୍ତ ପ୍ରସାଦ ମହାନ୍ତି, ଗୌର ପ୍ରସାଦ ଦାସ, ଅର୍ଥ ବିଭାଗର ପ୍ରଫୁଲ୍ଲ ପଣ୍ଡା, ସାଧାରଣ ପ୍ରଶାସନ ବିଭାଗର ଶ୍ରୀକାନ୍ତ ମିଶ୍ର, ସମବାୟ ବିଭାଗର ବିଭୁତି ଭୂଷଣ ପାତ୍ରଙ୍କୁ ଡେପୁଟି ସେକ୍ରେଟାରୀ ର୍‍ୟାଙ୍କକୁ ପଦୋନ୍ନତି ଦିଆଯାଇଛି। ସେହିପରି ଅଣ୍ଡର ସେକ୍ରେଟାରୀ ଲକ୍ଷ୍ମୀଧର ଆଚାର୍ଯ୍ୟ, ବିପିନ ବିହାର ପାତ୍ର, ମନୋଜ କୁମାର ବେହେରା, ମନୋରଞ୍ଜନ ସ୍ୱାଇଁ, ବୈକୁଣ୍ଠ ନାଥ ସାମଲ, ପ୍ରଫୁଲ୍ଲ ଖଣ୍ଡୁଆ, ବିଶ୍ୱଜିତ୍ ସାହୁ, ନୃସିଂହ ଚରଣ ମିଶ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର, ଚିତ୍ତରଞ୍ଜନ ମହାନ୍ତି, ଅଜୟ ମହାନ୍ତି, ଚନ୍ଦ୍ରକାନ୍ତ ମିଶ୍ର ଏବଂ ପ୍ରିୟରଞ୍ଜନ ପ୍ରଧାନଙ୍କୁ ଡେପୁଟି ସେକ୍ରେଟାରୀ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
**ରଦ୍ଦୀକରଣ**
ଟେଣ୍ଡର ବିଜ୍ଞପ୍ତି ନଂ.: ୪୧ - ଏସ୍‌ଏନ୍‌ଟି - ପିଆର୍‌ଓଜେ - ଟେଣ୍ଡର-୨୦୧୯, ତାରିଖ: ୨୮।୦୬।୨୦୧୯
ଟେଣ୍ଡର ସମାପ୍ତି ତାରିଖ: ତା୧୦।୦୭।୨୦୧୯ରିଖ ୧୫.୧୫ ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିକୁ ପ୍ରଶାସନିକ କାରଣବଶତଃ ବାତିଲ କରାଯାଇଛି। ରଦ୍ଦୀକରଣ ବିଜ୍ଞପ୍ତି ଆମ ୱେବ୍‌ସାଇଟ୍ https://www.ireps.gov.inରେ ଅପ୍‌ଲୋଡ୍ କରିଦିଆଯାଇଛି।
ଡେପୁଟି ଚିଫ୍ ଏସ୍ ଆଣ୍ଡ ଟି ଇଞ୍ଜିନିୟର୍/ପ୍ରୋଜେକ୍ଟ
CPR/10/159 ଏସ୍.ଇ.ସି. ରେଳପଥ, ଭିଲାଇ
ସ୍ୱଚ୍ଛ ଭାରତ ଅଭିଯାନ

THE ADITYA BIRLA PUBLIC SCHOOL, BHUBANESWAR
ADITYA BIRLA GROUP · ABPS
Near OEC (Sundarpada-Jatni Road)
CBSE Affiliation No.:1530269
Warm Greetings to The People of Odisha on the Occasion of Rath-Yatra!



The Aditya Birla Public School, Bhubaneswar is an English Medium, co-educational school, sprawling over 25 acres of picturesque estate situated in Nijigarh Kurki, Pipili, Puri. It is from LKG to Class-IX. One class will be added every year to take it up to class XII. The school has been designed to be of International calibre.
ADMISSIONS OPEN
For Classes LKG to IX for Session 2019-20.
For admission enquiry contact Principal Email: abpsbhubaneswar@gmail.com
Phone: 8280716884, 7978492354, 7978400378, 8895765154, 9723555853
Visiting Hours: 8:00 AM to 4:00 PM.Website :www.abpsbhubaneswar.com

ବ୍ରତୋପନୟନ ଶୁଭେଚ୍ଛା
ଅବିନାଶ ଆଚାର୍ଯ୍ୟ(ସାନୁ)
ଆଜି ତୋର ବ୍ରତୋପନୟନ ଉପଲକ୍ଷେ ଏବଂ (ପବିତ୍ର ରଥଯାତ୍ରା ଉପଲକ୍ଷେ) ଅଭିନନ୍ଦନ ଓ ଶୁଭେଚ୍ଛା।
ତୋର ଚଲାପଥ କୁସୁମିତ ତଥା ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଏତିକି ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ
ଶ୍ରୀରାମଚନ୍ଦ୍ର ମିଶ୍ର (ଅଜା), ଶ୍ରୀମତୀ ଶାନ୍ତିମଣି ମିଶ୍ର (ଆଇ), ବାପା, ମା, ବନ୍ଧୁ ଓ ପରିବାରବର୍ଗ।
ସମେଇ ଗାଡ଼ିଆ, ଭୁବନେଶ୍ୱର।
ଧ-୧୩୨୩୬

55th Birthday Wish
HAPPY BIRTHDAY MAMA
(Namita Pattanaik)
Bank Colony,Brahmeswar
Patna
"MAY GOD GIVE YOU EVERYTHING"
From:
GUDU
D-13234

୪ର୍ଥ ଜନ୍ମଦିନ ଶୁଭେଚ୍ଛା
ପ୍ରତୀକ୍ଷା ପାତ୍ର
ସାଇବାବାଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛାସହ:
ବାବା, ମାମା, ଜେଜେବାପା, ଜେଜେ ମା' ଓ ପରିବାରବର୍ଗ।
ଧ-୫୩୬୪୪

୬୯ତମ ଜନ୍ମବାର୍ଷିକ ଶୁଭେଚ୍ଛା
ମହନ୍ତ ଶ୍ରୀ ଗୋପୀନାଥ ଦାସ ମହାରାଜ
ନରୋତ୍ତମ ଆଶ୍ରମ, ଦାମୋଦର ରୋଡ, ପୁରୀ
ପ୍ରଭୁ ଜଗନ୍ନାଥଙ୍କ କରୁଣାରୁ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ:
ଆପଣଙ୍କର ଲଡ୍ଡୁ ଗୋପାଳ ଦାସ,ଲତିକା ସେନ, ଅକ୍ଷୟ କୁମାର, ଗୋବିନ୍ଦ ଚନ୍ଦ୍ର, ସୁଦାମ, ସମୀର, ଗଣେଶ, କାଳୁ ଓ ଶିଷ୍ୟବୃନ୍ଦ।
ଧ-୩୪୯୦୦

ଗୁଗୁଲ'ର ଜନ୍ମବାର୍ଷିକ ଶୁଭେଚ୍ଛା
ଶୁଭଶ୍ରୀ ପୃଷ୍ଟି
କାକଟପୁର, ପୁରୀ
ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା' ଶ୍ରୀରାଧାରାଣୀ ତୋ ଚଲାପଥ ଉଜ୍ଜ୍ୱଳମୟ କରନ୍ତୁ।
ଶୁଭେଚ୍ଛା ସହ:
ଅଜା, ଆଇ, ବୁବୁଲ, ଡିଡୁଲ ଓ ସାଙ୍ଗସାଥୀ।
ଧ-୩୪୮୯୯

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା
ଶିବାଂଶୀ (ସିଦ୍ଧି)
ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଘର ନଂ: ଏଲଆଇଜି-୫୬୫
ଜନ୍ମ ତା. ୨୫।୦୬।୨୦୧୭
ଆଜି ତୋର ଦ୍ୱିତୀୟ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା।
ଶୁଭେଚ୍ଛାସହ: ଜେଜେବାପା: ଶଙ୍କର, ଜେଜେମା: ମନପ୍ରିୟା, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମା: ରଞ୍ଜିତା, ବଡ଼ବାପା: ସ୍ମୃତି, ମଝିମା: ଲୋପାମୁଦ୍ରା, ଅପା: ରିଦ୍ଧି ଓ ବନ୍ଧୁ ପ୍ରିୟଜନବର୍ଗ।
ଧ-୧୩୧୨୩

ଆଜିର ଆହ୍ୱାନ
କର ପର୍ଯ୍ୟାପ୍ତ ବୃକ୍ଷ ରୋପଣ
ପାନୀୟ ଜଳର ସଂରକ୍ଷଣ।
ସୁସ୍ଥ ରହିବ ବାତାବରଣ
ଜଗତ ମଙ୍ଗଳ କାରଣ।
ରୋଟାରୀ କ୍ଲବ, ପୁରୀ
ଇନରହ୍ୱିଲ କ୍ଲବ, ପୁରୀ

ପବିତ୍ର ରଥଯାତ୍ରା ଉପଲକ୍ଷେ ସମସ୍ତ ଭକ୍ତମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଭକ୍ତଚରଣ ଦାସ
ପୂର୍ବତନ ପୌର ସଦସ୍ୟ, ପୁରୀ







ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ମହେଶ୍ୱର ପରିଡ଼ା
ଦଦରାକୁଣ୍ଡ, ବ୍ରହ୍ମଗିରି, ପୁରୀ
ଆବିର୍ଭାବ: ୦୨।୦୨।୧୯୪୩
ତିରୋଧାନ: ୨୪।୦୬।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର: ଚିତ୍ତରଞ୍ଜନ ପରିଡ଼ା, ଦେବରାଜ ପରିଡ଼ା, ଆର୍ତ୍ତ, ଗଦାଧର, ଝିଅଜ୍ୱାଇଁ, ନାତି ନାତୁଣୀ ମାନେ।
ଧ-୧୩୨୩୫

୨୯ତମ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ୧୨।୦୪।୧୯୪୫
ତିରୋଧାନ: ୦୪।୦୭।୧୯୯୦
ଆମେ ଆଜିର ୨୯ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହା ହିଁ କାମନା କରୁଛୁ।
Director and Staff "x" Security Service (P) Ltd.
ଧ-୧୩୨୩୩

ଅଷ୍ଟାଦଶତମ ଶ୍ରାଦ୍ଧବାର୍ଷିକ
ସ୍ୱର୍ଗତ ଚିତ୍ତରଞ୍ଜନ ଦାସ
ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ତୁମର ସ୍ନେହ, ସରଳ ଜୀବନ, ନିରପେକ୍ଷ ବିଚାର ଆମ ପାଇଁ ଆଦର୍ଶ। ତୁମକୁ ଚିରଦିନ ପାଇଁ ହରାଇ ଆମେ ଶୋକାକୁଳ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୬୬୫୯୬

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ଦିଲୀପ ମିଶ୍ର
୧୮୫, ଜନପଥ, ଭୁବନେଶ୍ୱର
ଆବିର୍ଭାବ: ୨୧ ସେପ୍ଟେମ୍ବର ୧୯୪୦
ତିରୋଧାନ: ୨୭ ଜୁନ ୨୦୦୬ (ଶ୍ରୀଗୁଣ୍ଡିଚା)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶ୍ରଦ୍ଧାଞ୍ଜଳି ସହ:
ବନ୍ଧୁ ଓ ପରିବାରବର୍ଗ
ଧ-୧୩୨୩୧

୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଯତୀନ୍ଦ୍ର ମୋହନ ମହାନ୍ତି
Senior Advocate, Odisha High Court
ଆବିର୍ଭାବ: ୧୯୪୭ ମସିହା ସରସ୍ୱତୀ ପୂଜା
ତିରୋଧାନ: ୨୦୧୬ ମସିହା ଶ୍ରୀଗୁଣ୍ଡିଚା
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୨୩୭

## ସଂକ୍ଷେପରେ

ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା

### ସତ୍ୟପାଠରେ ତଥ୍ୟ ଲୁଚାଇଛନ୍ତି

**କଟକ ଅଫିସ, ୩।୭:** ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଗତ ସାଧାରଣ ନିର୍ବାଚନ ସମୟରେ ମୋକିମ ଦାଖଲ କରିଥିବା ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସାମନ୍ତରାୟ ପିଟିଶନରେ ଦର୍ଶାଇଛନ୍ତି, ମୋକିମଙ୍କ ବିରୋଧରେ ଯେଉଁସବୁ ଫୌଜଦାରି ମାମଲା ରହିଛି ସେ ସବୁକୁ ସତ୍ୟପାଠରେ ଦର୍ଶାଇନାହାନ୍ତି। ଏପରି କି ସେ ତାଙ୍କର ସମ୍ପୂର୍ଣ୍ଣ ସମ୍ପତ୍ତି ତାଲିକା ମଧ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ତେଣୁ ମୋକିମଙ୍କ ସତ୍ୟପାଠ ଅର୍ଦ୍ଧସତ୍ୟ ଉପରେ ପର୍ଯ୍ୟବସିତ। ନିର୍ବାଚନ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ଯୋଗୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବା ସହିତ ବାରବାଟୀ-କଟକରେ ସାନି ନିର୍ବାଚନ କରିବାକୁ ସାମନ୍ତରାୟ ପିଟିଶନରେ ନିବେଦନ କରିଛନ୍ତି। ମାମଲାରେ ସେ ରାଜ୍ୟ ଓ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ମୋକିମ କୁହନ୍ତି, ଗଣମାଧମରୁ ମୁଁ ଏହି କଥା ଶୁଣିବାକୁ ପାଉଛି। କୋର୍ଟ ପକ୍ଷରୁ ମୋତେ ଏ ସମ୍ପର୍କରେ କୌଣସି ନୋଟିସ କରାଯାଇନାହିଁ। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଡଭୋକେଟ ଗୋପାଳ ଚନ୍ଦ୍ର ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

ଯୋଡ଼ା ଶିଶୁଙ୍କ ଚିକିତ୍ସା ଜାରି

### ଏସ୍‌ସିବିରେ ହେଲା ସିଟି ସ୍କାନ

**କଟକ ଅଫିସ, ୩।୭:** ଢେଙ୍କାନାଳ ଯୋଡାଶିଶୁଙ୍କ ଚିକିତ୍ସା ଶିଶୁଭବନରେ ଜାରି ରହିଛି। ବୁଧବାର ଏସ୍‌ସିବି ମେଡିକାଲରେ ଏହି ଯୋଡା ଶିଶୁଙ୍କ ଇକୋ କାର୍ଡିଓଗ୍ରାଫି ଓ ସିଟି ସ୍କାନ କରାଯାଇଛି। ସିଟି ସ୍କାନ ରିପୋର୍ଟରୁ



ଉଭୟଙ୍କ ଛାତିରେ ଅନେକ ସମସ୍ୟା ରହିଥିବା ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କହିଛନ୍ତି। ଏହାପରେ ଶିଶୁ ଦ୍ୱୟଙ୍କ ଚିକିତ୍ସା ପାଇଁ ଗଠିତ ୭ ଜଣିଆ ଡାକ୍ତରୀ ଦଳର ବୈଠକ ବସିବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ଚିକିତ୍ସା କରାଯିବ ବୋଲି ଡା. ଶତପଥୀ କହିଛନ୍ତି।

### ଜେଡ୍ ଇନ୍‌ଫ୍ରା ନିର୍ଦ୍ଦେଶକଙ୍କୁ ହାଇକୋର୍ଟରୁ ଜାମିନ

**କଟକ ଅଫିସ, ୩।୭:** ନିର୍ମାଣକାରୀ ସଂସ୍ଥା ଜେଡ୍ ଇନ୍‌ଫ୍ରା କନ୍‌ଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ରଶ୍ମିତା ପାତ୍ରଙ୍କୁ ବୁଧବାର ହାଇକୋର୍ଟରୁ ଜାମିନ ମିଳିଛି। ଲୋକଙ୍କଠାରୁ ଠକି ନେଇଥିବା ୧୯ ଲକ୍ଷ ଟଙ୍କାରୁ ପାତ୍ର ୧୦ ଲକ୍ଷ ଟଙ୍କା କୋର୍ଟରେ ଜମା କରିଛନ୍ତି। ବାକି ୯ ଲକ୍ଷ ୩ଟି କିସ୍ତିରେ କୋର୍ଟରେ ଜମା ଦେବାକୁ ସର୍ତ୍ତ ରହିଛି। ମାମଲାର ବିଚାର ପରେ ଯଦି ମାମଲା ପାତ୍ରଙ୍କ ସପକ୍ଷରେ ଯାଏ ତେବେ ଉକ୍ତ ୧୯ ଲକ୍ଷର ସୁଧ ମୂଳ ସହିତ ସେ ଫେରି ପାଇବେ, ଅନ୍ୟଥା ଉକ୍ତ ଟଙ୍କା ବାଜ୍ୟାପ୍ତ ହେବ ବୋଲି ବିଚାରପତି ରାୟରେ କହିଛନ୍ତି। ସୂଚନାଥାଉ କି, ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଲୋକଙ୍କୁ ଜମି ଯୋଗାଇଦେବା ନାଁରେ ଜେଡ୍ ଇନ୍‌ଫ୍ରା ଟଙ୍କା ଆଦାୟ କରିଥିଲା। ପାଖାପାଖି ୩୦୦ ଲୋକ ପ୍ଲଟ ପାଇବା ନାଁରେ ଠକେଇର ଶିକାର ହୋଇଥିଲେ। ଏ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ନିକଟରେ ଅଭିଯୋଗ ହେବା ପରେ ରଶ୍ମିତାଙ୍କୁ ଗତ ଜାନୁୟାରୀ ୨୮ ତାରିଖରେ ଭୁବନେଶ୍ୱରରୁ ଗିରଫ କରାଯାଇଥିଲା। ଜାମିନ ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପାତ୍ରଙ୍କ ପକ୍ଷରୁ ଆଇନଜୀବୀ ଅଶ୍ୱିନୀ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

■ ଏସ୍‌ସିବିରେ ରୋଗୀଙ୍କୁ ଦିଆଗଲାନି

# ୪୨ ପ୍ରକାରର ଔଷଧ ହେବ ଏକ୍ସପାଏରି

**କଟକ ଅଫିସ, ୩।୭**

■ ଗଞ୍ଜାମ ଗଲା ୩ ପ୍ରକାର ଔଷଧ
■ ଏସ୍‌ସିବି ଅଧୀକ୍ଷକଙ୍କୁ ୱେର ହାଉସର ଚିଠି

ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକ୍ସପାଏରି ଔଷଧ ଦିଆଯିବାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଗତ ୩ ଦିନ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ୨ ଜଣ ରୋଗୀଙ୍କୁ ଏକ୍ସପାଏରି ମେଡିସିନ ଦିଆଯାଇଥିବା ଘଟଣା ନଜରକୁ ଆସିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଘଟଣା ସମ୍ପର୍କରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଛନ୍ତି। ଭିଟାମିନ ଏ, ଡି ଓ ଭିଟାମିନ ବି କମ୍ପ୍ଲେକ୍ସ ସିରପ ଏବଂ ବଟିକାର ଅବଧି ଶେଷ ହୋଇଯାଇଥିବା ଯୋଗୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏଭଳି ପରିସ୍ଥିତି ଉପୁଜିଛି। ତେଣୁ ଏସ୍‌ସିବି ମେଡିକାଲରେ ଏହି ମେଡିସିନର ଷ୍ଟକ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ଅଧୀକ୍ଷକଙ୍କଠାରୁ ସବିଶେଷ ତଥ୍ୟ ଲୋଡିଛନ୍ତି।

ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସିବିକେ ମହାନ୍ତିଙ୍କ ସୂଚନା ଅନୁଯାୟୀ, ଏସ୍‌ସିବିରେ ମହଜୁଦ ଥିବା ଭିଟାମିନ ବି କମ୍ପ୍ଲେକ୍ସ ସିରପର ଅବଧି ଅଗଷ୍ଟ ମାସ ପର୍ଯ୍ୟନ୍ତ ରହିଛି। ତେଣୁ ଆହୁରି ହାତରେ ଗୋଟିଏ ମାସ ରହୁଥିବାରୁ ରୋଗୀଙ୍କୁ ଏହି ମେଡିସିନ ଦେବାରେ କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ ଏକ୍ସପାଏରି ମେଡିସିନକୁ ନେଇ ଖୋଳତାଡ଼ ହେବା ପରେ ଆଉ ଏକ ବଡ଼ ଘଟଣା ନଜରକୁ ଆସିଛି। ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ୍ ପକ୍ଷରୁ ଏସ୍‌ସିବି ମେଡିକାଲକୁ ଯୋଗାଇ ଦିଆଯାଇଥିବା ମେଡିସିନ ମଧ୍ୟରୁ ୪୨ ପ୍ରକାର ଔଷଧର ଅବଧି ଆସନ୍ତା ଫେବୃୟାରୀ ମଧ୍ୟରେ ଶେଷ ହେବାକୁ ଯାଉଛି। ସେଥିମଧ୍ୟରୁ କେତେକ ଔଷଧର ଅବଧି ଜୁଲାଇ ଓ ଅଗଷ୍ଟ ରହିଥିବା ଓ୍ୱାର ହାଉସ ପକ୍ଷରୁ ବୁଧବାର ଏସ୍‌ସିବି ଅଧୀକ୍ଷକଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଉଦାହରଣ ଭାବେ ପଲିପ୍ରୋପିଲେନ ମେଡିସିନର ଅବଧି ଜୁଲାଇ ୩୧ରେ ସରୁଥିବା ବେଳେ ୬୯୬ଟି ଏହି ଔଷଧ ମେଡିକାଲରେ ମହଜୁଦ ଥିବା ୱେୟାର ହାଉସ ପକ୍ଷରୁ କୁହାଯାଇଛି। ସେହିପରି କୋଟ୍ରିମାଜୋଲ ମାଉଥ୍ ପେଣ୍ଟ, ବୁଡେ ସୋନାଇଡ ଇନହେଲର ଓ ଭିଟାମିନ-ଏ ୫୦ହଜାର କ୍ୟାପସୁଲ ଏସ୍‌ସିବି ମେଡିକାଲରେ କାର୍ଯ୍ୟରେ ନ ଲାଗିବାରୁ ତାହାକୁ ଗଞ୍ଜାମ ଜିଲାକୁ ପଠାଯାଇଥିବା ଓ୍ୱାର ହାଉସ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ କହିଛନ୍ତି। ଏହାବାଦ ଅବଧି ଶେଷ ହେବାକୁ ଯାଉଥିବା ମେଡିସିନଗୁଡ଼ିକ ଏସ୍‌ସିବି ମେଡିକାଲରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ଉଦାହରଣ ଭାବେ ସେଫ୍ଟ୍ରିଆଜୋନ ଇଞ୍ଜେକ୍ସନ ଆସନ୍ତା ସେପ୍ଟେମ୍ବରରେ ଏକ୍ସପାଏରି ହେବାକୁ ଥିବାବେଳେ ୪୧୬୦ଟି ଇଞ୍ଜେକ୍ସନ ଓ୍ୱାର ହାଉସରେ ମହଜୁଦ ରହିଛି। ସେହିପରି ସେଫେପାଇମ ଇଞ୍ଜେକ୍ସନର ଅବଧି ଆସନ୍ତା ନଭେମ୍ବରରେ ଶେଷହେବାକୁ ଥିବାବେଳେ ସେଥିରୁ ୩୧୮୦ଟି ମେଡିକାଲରେ ମହଜୁଦ ଅଛି। ଟେନୋଫୋବିର ଡିସୋପ୍ରୋକ୍ସିଲ ବଟିକାର ଅବଧି ନଭେମ୍ବରରେ ପୂରିବାକୁ ଥିବାବେଳେ ଏଥିରୁ ୩୬,୪୮୦ଟି ଓ୍ୱାର ହାଉସରେ ମହଜୁଦ ଥିବା ସୂଚନା ମିଳିଛି। ମୁଖ୍ୟତଃ ଏହି ମେଡିସିନଗୁଡ଼ିକର ଚିଠା ଡାକ୍ତରଙ୍କ ପାଖରୁ ଆସୁନାହିଁ। ଫଳରେ ଏଗୁଡ଼ିକ ନିରାମୟ କେନ୍ଦ୍ରକୁ ନ ଯାଇ ଓ୍ୱାର ହାଉସରେ ପଡ଼ି ରହୁଥିବା ଓ୍ୱାର ହାଉସର ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି। ତେବେ ଏହି ମେଡିସିନଗୁଡ଼ିକ ରୋଗୀଙ୍କୁ ନ ଦିଆଯାଇ ଏତେ ସଂଖ୍ୟକ ଗଦା ହୋଇ ରହିବା କାରଣ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ମହାନ୍ତି କୁହନ୍ତି, ରୋଗ ଅନୁଯାୟୀ ଔଷଧ ଦିଆଯିବ। ତେଣୁ ଯେଉଁ ଔଷଧଗୁଡ଼ିକର ଆବଶ୍ୟକତା ପଡୁନାହିଁ ସେଗୁଡ଼ିକ ଅନ୍ୟ ଜିଲାକୁ ସ୍ଥାନାନ୍ତର କରାଯାଉଛି। କିନ୍ତୁ ଏ କ୍ଷେତ୍ରରେ ସାମାଜିକ କର୍ମୀମାନଙ୍କ ମତ ଭିନ୍ନ ରହିଛି। ସାମାଜିକ କର୍ମୀ ମଳୟ ରଞ୍ଜନ ଷଡଙ୍ଗୀ କୁହନ୍ତି, ଡାକ୍ତରମାନେ ଘରୋଇ ମେଡିସିନ ଦୋକାନୀଙ୍କୁ ଲାଭ ପହଞ୍ଚାଇବା ପାଇଁ ଚିଠା ଲେଖୁଛନ୍ତି। ତେଣୁ ସରକାର ଯେଉଁ ଔଷଧ ସବୁ ମାଗଣାରେ ଯୋଗାଇଛନ୍ତି, ସେଗୁଡ଼ିକ ରୋଗୀଙ୍କ କ୍ଷେତ୍ରରେ ନ ଲାଗି ଏହିଭଳି ଭାବେ ଏକ୍ସପାଏରି ହେଉଛି।

## ‘ଖାନ୍‌ଦାନି ଶାଫାଖାନା’ରେ ସାମାଜିକ ଅଙ୍ଗୀକାରବଦ୍ଧତା ରହିଛି: ସୋନାକ୍ଷୀ



**ନୂଆଦିଲ୍ଲୀ:** ସମାଜରେ ସେକ୍ସ ଏକ ନିଷିଦ୍ଧ ବିଷୟବସ୍ତୁ ହୋଇ ରହିଛି। ସେ ସମ୍ପର୍କରେ ଆଗାମୀ ଫିଲ୍ମ ‘ଖାନ୍‌ଦାନି ଶାଫାଖାନା’ ଲୋକଙ୍କ ମନରେ ପରିବର୍ତ୍ତନ ଆଣିବ ବୋଲି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ପ୍ରକାଶ କରିଛନ୍ତି। ଶିଳ୍ପୀ ଦାସଗୁପ୍ତାଙ୍କ ନିର୍ଦ୍ଦେଶିତ ଉକ୍ତ ଫିଲ୍ମରେ ଜଣେ ତରୁଣୀଙ୍କ ଜୀବନଯାତ୍ରା ବିଷୟ ବର୍ଣ୍ଣନା କରାଯାଇଛି, ଯିଏ ନିଜ ଅଙ୍କଲ୍‌ଙ୍କ ମୃତ୍ୟୁ ପରେ ଏକ ସେକ୍ସ କ୍ଲିନିକ୍‌ର ଉତ୍ତରାଧିକାରୀ ସାଜିଛନ୍ତି। ଫିଲ୍ମର ସମ୍ପୂର୍ଣ୍ଣ ବିଷୟବସ୍ତୁ ଶୁଣିବା ପରେ ଏଥିରେ ଅଭିନୟ କରିବାକୁ ରାଜି ହୋଇଯାଇଥିଲେ ସୋନାକ୍ଷୀ। ଏଥିରେ ସାମାଜିକ ପରିବର୍ତ୍ତନର ବାର୍ତ୍ତା ରହୁଥିବାରୁ ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଆଲୋଚନାର ଅପେକ୍ଷା ରଖୁଥିବା ସୋନାକ୍ଷୀ ପ୍ରକାଶ କରିଥିଲେ। ସେକ୍ସକୁ ନେଇ ସମାଜରେ ଯେଭଳି କଟକଣା ରହିଛି ତାହା ଏହି ଫିଲ୍ମ ଦ୍ୱାରା ଦୂରେଇ ପାରିବ କି ପ୍ରଶ୍ନରେ ସୋନାକ୍ଷୀ କହିଲେ, ‘ସେ ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି ଭାବୁଛି।’ ଉକ୍ତ ଫିଲ୍ମର ମିଳିତ ପ୍ରଯୋଜନା କରୁଛନ୍ତି ଭୂଷଣ କୁମାର, ମହାବୀର ଜୈନ, ମ୍ରିଘଦୀପ ସିଂ ଲାମ୍ବା ଏବଂ ଦିବ୍ୟ ଖୋସ୍‌ଲା କୁମାର। ଏହା ଅଗଷ୍ଟ ୨ରେ ରିଲିଜ ହେବାର ଅଛି।

■ମହାନଦୀ ଜଳ ବିବାଦର ଚାହାନ୍ତି ସମାଧାନ

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସାଇକେଲ ଯାତ୍ରା

**ଅନୁଗୋଳ ଅଫିସ,୩।୭**

■ ଅଗଷ୍ଟ ୪ ସୁଦ୍ଧା ପହଞ୍ଚିବେ ଦିଲ୍ଲୀରେ
■ ଅତିକ୍ରମ କରିବେ ୧୬ଶହ କି.ମି.
■ ବିଭିନ୍ନ ସ୍ଥାନରେ ୨ ଛାତ୍ରଙ୍କୁ ବିପୁଳ ସ୍ୱାଗତ

ମହାନଦୀ ଜଳ ବିବାଦର ସମାଧାନ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବା ଲକ୍ଷ୍ୟରେ ଦୁଇ ଛାତ୍ର କଟକ ମାହାଙ୍ଗା ଅଞ୍ଚଳର କ୍ରିଷ୍ଣାକାନ୍ତ ଷଡ଼ଙ୍ଗୀ ଓ କେନ୍ଦୁଝରର ଆନନ୍ଦପୁରର ଶୁଭ୍ରଜିତ ବାରିକ କଟକରୁ ସାଇକେଲ୍‌ରେ ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ଗତ ୧ ତାରିଖରୁ ଯାତ୍ରା ଆରମ୍ଭ କରିଥିବା ଏହିଦୁଇ ଛାତ୍ର ବୁଧବାର ଅନୁଗୋଳ ଜିଲା ବଇଣ୍ଡାଠାରେ ପହଞ୍ଚି ରାତ୍ରିଯାପନ କରିଛନ୍ତି। ଅଗଷ୍ଟ ୪ ତାରିଖ ମଧ୍ୟରେ ଦୁହେଁ ୧୬ଶହ କିମି ରାସ୍ତା ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ସ୍ଥିର କରିଥିବା ପ୍ରକାଶ କରିଛନ୍ତି।

ନିଜର ଏହି ଯାତ୍ରା ସମ୍ପର୍କରେ ବିଟେକ ଛାତ୍ର କ୍ରିଷ୍ଣାକାନ୍ତ ଓ ସ୍ନାତକ ଛାତ୍ର ଶୁଭ୍ରଜିତ କହିଛନ୍ତି ଯେ, ଓଡ଼ିଶାର ଜୀବନ ରେଖା ମହାନଦୀକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇପାରୁ ନାହିଁ। ଏହି ଆନ୍ତଃରାଜ୍ୟ ମାମଲା ଏବେ ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ରହିଛି। ଏଣେ ମହାନଦୀରେ ଜଳପ୍ରବାହ ଦ୍ରୁତଗତିରେ ହ୍ରାସ ପାଉଥିବାରୁ ଏହାକୁ ନେଇ ଓଡ଼ିଶାବାସୀଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ିବାରେ ଲାଗିଛି। ମହାନଦୀ ସହ କୋଟି କୋଟି ଲୋକଙ୍କ ଜୀବନ ଜୀବିକା ଜଡ଼ିତ ଥିବାରୁ ଏହି ବିବାଦର ସମାଧାନ ଶୀଘ୍ର ହେଉ ବୋଲି ଓଡ଼ିଶାବାସୀ ଚାହାନ୍ତି। ହେଲେ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାର ଯେପରି ତ୍ୱରିତ ପଦକ୍ଷେପ ନେବା କଥା ତାହା ନେଇ ନ ଥିବା ବେଳେ କେନ୍ଦ୍ର ସରକାର ଧୃତରାଷ୍ଟ୍ରଙ୍କ ପରି କାର୍ଯ୍ୟ କଲା ଭଳି ଅନୁଭବ ହେଉଛି। ତେଣୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେମାନେ ଏହି ପଦକ୍ଷେପ ନେଇଛନ୍ତି। ସେମାନଙ୍କ ଏପରି ଉଦ୍ୟମକୁ ବିଭିନ୍ନ ସ୍ଥାନରେ ବିପୁଳ ସମର୍ଥନ ମିଳୁଛି। ଅନୁଗୋଳରେ ମଧ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି ବୋଲି କ୍ରିଷ୍ଣାକାନ୍ତ ଓ ଶୁଭ୍ରଜିତ୍ ପ୍ରକାଶ କରିଛନ୍ତି।

## ଧାନର ଏମ୍‌ଏସ୍‌ପି ବୃଦ୍ଧିକୁ ଭାଜପାର ପ୍ରଶଂସା

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

୨୦୧୯-୨୦ ଆର୍ଥିକବର୍ଷ ପାଇଁ ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)କୁ ଦେଢ଼ଗୁଣା କରିଛନ୍ତି। ଧାନ ସହ ୧୩ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ବୋଲି ରାଜ୍ୟ ଭାଜପା ପକ୍ଷରୁ କୁହାଯାଇଛି । ଧାନର ଏମ୍‌ଏସ୍‌ପି ୬୫ ଟଙ୍କା ବୃଦ୍ଧି କରାଯାଇ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୧୫ ଏବଂ ଗ୍ରେଡ୍ ଏ ଧାନ ପାଇଁ କୁଇଣ୍ଟାଲ ପିଛା ୧୮୩୫ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଦିଆଯାଇଛି । ସେହିପରି ମୁଗ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୭୫, ବାଦାମ କୁଇଣ୍ଟାଲ ପିଛା ୨୦୦, ସୋୟାବିନ ୩୧୧, କପା ୧୦୫, ମକା ୬୦ ଟଙ୍କା ବୃଦ୍ଧି ହୋଇଛି । ମୋଦି ସରକାର ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି କରିବା ନିଷ୍ପତ୍ତି ଯୋଗୁ ସାରା ଦେଶରେ ଓଡ଼ିଆ ଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିପାରିବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ କହିଛନ୍ତି।

■ ୟୁନିୟନ ବ୍ୟାଙ୍କ୍ ନୟାପଲ୍ଲୀ ଶାଖାରେ ଋଣ ଠକେଇ

## ୩ ପୂର୍ବତନ ବ୍ୟାଙ୍କ ଅଧିକାରୀ, ୬ ବିଲ୍ଡରଙ୍କ ସମେତ ୫୩ଜଣଙ୍କ ନାମରେ ମାମଲା ରୁଜୁ କଲା ସିବିଆଇ

**ଭୁବନେଶ୍ୱର,୩।୭(ବ୍ୟୁରୋ)**

■ ଗୃହଋଣ ବାବଦକୁ ଦିଆଯାଇଥିଲା ୨୪ କୋଟି ୧୭ ଲକ୍ଷ
■ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା ବ୍ୟାଙ୍କ

ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ୟୁବିଆଇ) ଶାଖାରେ ୨୪ କୋଟି ୧୭ ଲକ୍ଷ ଟଙ୍କାର ଋଣ ଠକେଇ ହୋଇଛି। ବ୍ୟାଙ୍କ ଅଧିକାରୀମାନେ ବିଭିନ୍ନ ସମୟରେ ବିଲଡର ସଂସ୍ଥାକୁ ଅନୁକମ୍ପା ଦେଖାଇ ବେଆଇନ ଭାବେ ଏହି ଗୃହଋଣ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜଣାପଡିବା ପରେ ବ୍ୟାଙ୍କ ପକ୍ଷରୁ ସିବିଆଇରେ ଅଭିଯୋଗ କରାଯାଇଥିଲା। ତଦନ୍ତ ପରେ ସିବିଆଇ ପକ୍ଷରୁ ୩ଜଣ ପୂର୍ବତନ ବ୍ୟାଙ୍କ ଅଧିକାରୀ, ୬ ବିଲ୍ଡର ଓ ୪୪ ଜଣ ଋଣଗ୍ରହୀତାଙ୍କ ବିରୋଧରେ ୩ଟି ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ହେଲେ ଉକ୍ତ ବ୍ୟାଙ୍କର ଚିଫ୍ ମ୍ୟାନେଜର ଭୁବନେଶ୍ୱର ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଅଶ୍ୱିନୀ କୁମାର ପାତ୍ର, ବ୍ୟାଙ୍କ ମ୍ୟାନେଜର ରାଜେଶ କୁମାର ପତଙ୍ଗ, ବିଲ୍ଡର ଉମାଶଙ୍କର ପାତ୍ର, ବିଶ୍ୱନାଥ ଜେନା, କମଳାରାଣୀ ଜେନା,ଅନୁରାଧା ପାତ୍ର, ପୁଷ୍ପାଞ୍ଜଳି ପାତ୍ର ଓ ଅନ୍ୟମାନେ ଋଣଗ୍ରହୀତା।

ସୂଚନା ମୁତାବକ, ୨୦୧୭ରେ ବିଲଡର ସଂସ୍ଥା ଜାଲ କାଗଜପତ୍ର ବଳରେ ବ୍ୟାଙ୍କରୁ ୨୪ କୋଟି ୧୭ ଲକ୍ଷ ଟଙ୍କା ଋଣ ନେଇଥିଲା। ବିଲ୍ଡର ସଂସ୍ଥା ଯେଉଁ ଘର କ୍ରେତାଙ୍କ ଆୟକର ପୈଠ କରିଥିଲେ ତାହାର କାଗଜପତ୍ରକୁ ଜାଲିଆତି କରାଯାଇ ଋଣ ନିଆଯାଇଥିଲା। ସେହିଭଳି ଘର ନିର୍ମାଣ ସରି ନ ଥିବାବେଳେ ବ୍ୟାଙ୍କ ଅଧିକାରୀମାନେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଅନୁକମ୍ପା ଦେଖାଇ ସମସ୍ତ ଋଣ ଅର୍ଥ ବିଲ୍ଡରଙ୍କୁ ପ୍ରଦାନ କରିଥିଲେ। ଏ ସଂକ୍ରାନ୍ତରେ ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ପରେ ବିଭାଗୀୟ ତଦନ୍ତ କରି ୬ ମାସ ତଳେ ସମ୍ପୃକ୍ତ ୩ଜଣ ବ୍ୟାଙ୍କ୍ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ବୋଲି ୟୁବିଆଇ ଆସିଷ୍ଟାଣ୍ଟ ବ୍ରାଞ୍ଚ୍ ମ୍ୟାନେଜର ପ୍ରକାଶ ଚନ୍ଦ୍ର ପତି ସୂଚନା ଦେଇଛନ୍ତି।

■ ରାଜ୍ୟସ୍ତରୀୟ ବନ ମହୋତ୍ସବ

## ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୩।୭(ବ୍ୟୁରୋ)**

ଗଛ ହିଁ ଜୀବନ। ଗଛ ରହିଲେ ଆମ ପରିବେଶ ସୁରକ୍ଷିତ ରହିବ। ପରିବେଶ ସୁରକ୍ଷିତ ରହିଲେ ଆମେ ସମସ୍ତେ ଭଲ ରହିବା। ତେଣୁ ଆମେ ଗଛର ଯତ୍ନ ନେଲେ ଗଛ ଆମକୁ ସାହାଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବୁଧବାର ରାଜଭବନ ୟୁପି ସ୍କୁଲରେ ରାଜ୍ୟସ୍ତରୀୟ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଗଦେଇ ଏହା କହିବା ସହ ଏଭଳି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମିଲ ହୋଇ ଗଛ ଲଗାଇବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ‘ଫନୀ’ ବାତ୍ୟା ଯୋଗୁ ଆମର ଉପକୂଳ ଅଞ୍ଚଳରେ ବହୁତ କ୍ଷତି ହୋଇଛି। ୨୨ଲକ୍ଷ ଗଛ ନଷ୍ଟ ହୋଇଛି। ସେଥିପାଇଁ ଆମେ ‘ପୋଷ୍ଟ ଫନୀ କୋଷ୍ଟାଲ ବେଲ୍ଟ ଆଣ୍ଡ୍ ଆଫରେଷ୍ଟେଶନ ମିଶନ’ ଆରମ୍ଭ କରିଛୁ। ଏଥିରେ ଚଳିତ ବର୍ଷ ୮୦ଲକ୍ଷ ଗଛ ଲଗାଯିବ। ଏହାସହିତ ଫନୀ ଅଞ୍ଚଳରେ ୫୦ଲକ୍ଷ ଚାରା ବିଭିନ୍ନ ଇନ୍‌ଷ୍ଟିଚ୍ୟୁଶନ ଓ ଜନସାଧାରଣଙ୍କୁ ମାଗଣାରେ ଦିଆଯିବ। ସେହିପରି ଗ୍ରୀନ୍ ମହାନଦୀ ମିଶନ, ଆମ ଜଙ୍ଗଲ ଯୋଜନା, ପବିତ୍ର ଉପବନ, ସବୁଜ ଓଡ଼ିଶା ମିଶନ କାର୍ଯ୍ୟକ୍ରମ ସହ ଆହୁରି ଅନେକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ଚଳିତ ବର୍ଷା ଋତୁରେ ରାଜ୍ୟ ଜଙ୍ଗଲ ବିଭାଗ ୬ କୋଟି ଗଛ ଲଗାଇବ। ୪କୋଟି ଗଛ ବିଭିନ୍ନ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନ ଓ ଜନସାଧାରଣଙ୍କୁ ଦିଆଯିବ। ତେଣୁ ଜନସାଧାରଣ ବିଶେଷ କରି ସବୁ ପିଲା ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ଏବଂ ସବୁଜ ସୁନ୍ଦର ଓଡ଼ିଶା ଗଠନରେ ସହାୟକ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭିନ୍ନ ବନ ସଂରକ୍ଷଣ ସମିତି ଓ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ସ୍କୁଲ ପରିସରରେ ଏକ ବଉଳ ଗଛ ଲଗାଇବା ସହିତ ଚାରା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ହାଇକୋର୍ଟରେ ଜଜ୍ ଚୟନ ବିବାଦ

## ୧୨ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ



**କଟକ ଅଫିସ, ୩।୭**

ଜୁନ୍ ୧୭ରୁ ହାଇକୋର୍ଟ ବାର୍ ଆସୋସିଏଶନ ଆନ୍ଦୋଳନ ଚଳାଇଛି। ଆନ୍ଦୋଳନ ସ୍ୱରୂପ ଓକିଲମାନେ ହାଇକୋର୍ଟର ନିର୍ଦ୍ଦିଷ୍ଟ କେତୋଟି କୋର୍ଟଙ୍କୁ ବର୍ଜନ କରି ଆସୁଛନ୍ତି। ଏହି ବର୍ଜନ କାର୍ଯ୍ୟ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜୁଲାଇ ୧୨ରେ ପୁଣିଥରେ ସାଧାରଣ ପରିଷଦ ବୈଠକ ବସିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି। ବୁଧବାର ହାଇକୋର୍ଟ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି, ହାଇକୋର୍ଟ ବାହାରୁ ଜଜ୍ ଚୟନ କରାଯାଇଥିବା ଅଭିଯୋଗ କରି ହାଇକୋର୍ଟ ବାର୍ ପକ୍ଷରୁ ହାଇକୋର୍ଟର ୩ ଜଣ ବରିଷ୍ଠ ବିଚାରପତିଙ୍କ କୋର୍ଟକୁ ଜୁନ ୧୭ରୁ ବର୍ଜନ କରି ଆସିଛନ୍ତି। ଇତିମଧ୍ୟରେ ବାର୍‌ର ଏକ ପ୍ରତିନିଧି ମଣ୍ଡଳୀ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତିଙ୍କୁ ଭେଟି ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଇଥିଲେ। ଏହି କାର୍ଯ୍ୟରୁ ନିବୃତ୍ତ ରହିବାକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହାଇକୋର୍ଟ ବାର୍‌କୁ ପରାମର୍ଶ ଦେଇଥିଲେ। ମାତ୍ର ଏହାକୁ ବାର୍ ଗ୍ରହଣ କରି ନ ଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୫ | ୨୪.୮ |
| ଚାନ୍ଦବାଲି | ୩୨.୦ | ୨୭.୦ |
| କଟକ | ୩୨.୮ | ୨୪.୪ |
| ପାରାଦ୍ୱୀପ | ୩୧.୬ | ୨୮.୯ |
| ଭୁବନେଶ୍ୱର | ୩୨.୦ | ୨୬.୪ |
| ଗୋପାଳପୁର | ୩୦.୮ | ୨୭.୭ |
| ପୁରୀ | ୩୨.୮ | ୨୮.୦ |
| ଅନୁଗୋଳ | ୩୧.୧ | ୨୧.୬ |
| ବାରିପଦା | ୩୨.୦ | ୨୬.୫ |
| ଝାରସୁଗୁଡ଼ା | ୨୯.୪ | ୨୪.୬ |
| କେନ୍ଦୁଝର | ୨୮.୫ | ୨୩.୪ |
| ସମ୍ବଲପୁର | ୨୯.୭ | ୨୩.୮ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୨୭.୭ | ୨୪.୩ |
| ତାଳଚେର | ୩୨.୧ | ୨୩.୫ |
| ଭବାନୀପାଟଣା | ୩୦.୫ | ୨୪.୫ |
| ବଲାଙ୍ଗୀର | ୩୦.୦ | ୨୪.୫ |
| କୋରାପୁଟ | ୨୩.୪ | ୨୦.୦ |
| ଫୁଲବାଣୀ | ୨୭.୮ | ୨୨.୫ |
| ଟିଟିଲାଗଡ଼ | ୩୩.୦ | ୨୧.୦ |
| ମାଲକାନଗିରି | ୨୮.୦ | ୧୯.୨ |
| ସୋନପୁର | ୩୦.୪ | ୨୧.୨ |
| ଦାରିଙ୍ଗିବାଡ଼ି | ୨୬.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ବିଶ୍ୱର ସବୁଠୁ କ୍ଷୁଦ୍ର ରଥ

**ବ୍ରହ୍ମପୁର ଅଫିସ,୩।୭**

■ ଉଚ୍ଚତା ୨.୫ ଇଞ୍ଚ, ଓସାର ୨ ଇଞ୍ଚ
■ ନ୍ୟାଶନାଲ ବୁକ ଅଫ ରେକର୍ଡରେ ସ୍ଥାନିତ



ପୁଣି ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା । ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ କାଠରେ ସେ ବିଶ୍ୱର ସବୁଠୁ କ୍ଷୁଦ୍ରରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି । ୨.୫ ଇଞ୍ଚ ଉଚ୍ଚତା, ୨ ଇଞ୍ଚ ଓସାର ବିଶିଷ୍ଟ ଅବିକଳ ନନ୍ଦିଘୋଷ ଆକୃତିର ଏହି ରଥ ନ୍ୟାଶନାଲ ରେକର୍ଡ ସେକ୍ଟରରେ ସ୍ଥାନିତ ହୋଇଛି । ଏହାକୁ ଗିନିଜ୍ ବୁକ ଅଫ ରେକର୍ଡ ସ୍ୱତନ୍ତ୍ର ମାନ୍ୟତା ଦେବ ବୋଲି ସତ୍ୟ ପ୍ରକାଶ କରିଛନ୍ତି । ଏହି ରଥରେ ୧୬ଟି ଚକ, ୪ଟି ଘୋଡା, ଦୁଇଟି ଓଲଟ ଶୁଆ, ଦଧିନଉତି, ପତିତପାବନ ବାନା ଖଞ୍ଜା ଯାଇଛି। ରଥରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିର ଉଚ୍ଚତା ମାତ୍ର ୧ ସେ.ମି. ରହିଥିବା ବେଳେ ସାରଥିଙ୍କ ଉଚ୍ଚତା ୧.୫ ସେ.ମି. ରହିଛି । ରଥର ଓଜନ ମାତ୍ର ୮ ଗ୍ରାମ। ୪ଦିନ ମଧ୍ୟରେ ସତ୍ୟ ଏହାକୁ ନିର୍ମାଣ କରିଥିବା କହିଛନ୍ତି।

ଶ୍ରୀଗୁଣ୍ଡିଚା ଯାତ୍ରା ଓ ଶ୍ରୀଜଗନ୍ନାଥଙ୍କ ମହିମାକୁ ବିଶ୍ୱସ୍ତରରେ ପହଞ୍ଚାଇବା ନିମନ୍ତେ ଏକ ନିଆରା ପ୍ରୟାସ କରି ଆସୁଛନ୍ତି ସୋରଡ଼ାର ସତ୍ୟ ମହାରଣା। ୨୦୧୬ ରଥଯାତ୍ରା ସମୟରେ ସତ୍ୟ ପ୍ରଥମେ କାଠରେ ୧୪ ଇଞ୍ଚ ଉଚ୍ଚତା ଓ ୯ ଇଞ୍ଚ ଓସାର ବିଶିଷ୍ଟ ନନ୍ଦିଘୋଷ, ୧୩.୫ ଇଞ୍ଚ ଉଚ୍ଚତା ଓ ୮.୫ ଇଞ୍ଚ ଓସାର ବିଶିଷ୍ଟ ତାଳଧ୍ୱଜ, ୧୨.୫ ଇଞ୍ଚ ଉଚ୍ଚତା ଓ ୬ ଇଞ୍ଚ ଓସାର ବିଶିଷ୍ଟ ଦର୍ପଦଳନ ଆକୃତିର ରଥ ନିର୍ମାଣ କରି ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ହୋଇଥିଲେ। ୨୦୧୭ରେ ୮.୫ ଇଞ୍ଚ ଉଚ୍ଚତା ଓ ୫ ଇଞ୍ଚ ଓସାର ବିଶିଷ୍ଟ ନନ୍ଦିଘୋଷ ନିର୍ମାଣ କରି ଗ୍ଲୋବାଲ ବୁକ ଅଫ ରେକର୍ଡ, ୱାର୍ଲଡ ରେକର୍ଡ ସେକ୍ଟରରେ ରହିଥିଲେ। ୨୦୧୮ରେ ୪.୫ ଇଞ୍ଚ ଉଚ୍ଚତା ଓ ୩ ଇଞ୍ଚ ଓସାରର ରଥ ନିର୍ମାଣ କରି ଏସିଆ ପାସିଫିକ ରେକର୍ଡ, ଗ୍ଲୋବାଲ ବୁକ ଅଫ ରେକର୍ଡ, ନ୍ୟାଶନାଲ ରେକର୍ଡରେ, ୱାର୍ଲଡ ରେକର୍ଡ ଇଣ୍ଡିଆରେ ସ୍ଥାନିତ ହୋଇଥିଲେ।

## ରଥଯାତ୍ରା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ପ୍ରାତଃ ୬ଟା |
| ମଇଲମ | ୬ଟା ୧୦ |
| ତଡ଼ପଲାଗି | ୬ଟା ୩୦ |
| ରୋଷହୋମ | ୬ଟା ୩୦ |
| ଅବକାଶ | ୭ଟା |
| ସୂର୍ଯ୍ୟପୂଜା | ୭ଟା ୧୦ |
| ଦ୍ୱାରପାଳ ପୂଜା | ୭ଟା ୩୦ |
| ବେଶ ଶେଷ | ୭ଟା ୩୦ |
| ଗୋପାଳବଲ୍ଲଭ, ସକାଳଧୂପ | ୮ଟାରୁ ୯ଟା |
| ରଥ ପ୍ରତିଷ୍ଠା | ୯ଟା |
| ମଙ୍ଗଳାର୍ପଣ | ୯ଟା ୧୫ |
| ପହଣ୍ଡି ଆରମ୍ଭ | ୯ଟା ୩୦ |
| ପହଣ୍ଡି ଶେଷ | ମଧ୍ୟାହ୍ନ ୧୨ଟା ୩୦ |
| ମଦନମୋହନ ବିଜେ | ୧୨ଟା ୩୦ରୁ ଅପରାହ୍ନ ୧ଟା |
| ଚିତାଲାଗି | ୧ଟା ୩୦ରୁ ୨ଟା |
| ବେଶ ଶେଷ | ୧ଟା ୩୦ରୁ ୨ଟା ୩୦ |
| ଛେରା ପହଁରା | ୨ଟାରୁ ୩ଟା |
| ଚାରମାଳ ଫିଟା, ଘୋଡ଼ା ଓ ସାରଥି ଲଗା | ୩ଟାରୁ ୪ଟା |
| ରଥଟଣା | ଅପରାହ୍ନ ୪ଟା |

### ତିନି ରଥରେ ଆଜ୍ଞାମାଳ ବିଜେ


ନନ୍ଦିଘୋଷ


ଦର୍ପଦଳନ


ତାଳଧ୍ୱଜ

## ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାବନାଭୂତ ବିଦା


ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ମାଜଣା କରାଯାଉଛି।

**ପୁରୀ ଅଫିସ, ୩।୭**

ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଗୌଡ଼ୀୟ ବୈଷ୍ଣବମାନେ ଗୁଣ୍ଡିଚା ମନ୍ଦିର ମାର୍ଜନା କରିଥାନ୍ତି। ପ୍ରାୟ ୫୦୦ ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି। ରଥଯାତ୍ରା ଆସିଲେ ଗୌଡ଼ୀୟ ବୈଷ୍ଣବମାନଙ୍କ ସହ ବଙ୍ଗୀୟ ଭକ୍ତ ଓ ଶ୍ରଦ୍ଧାଳୁ ଗୁଣ୍ଡିଚା ମାର୍ଜନାରେ ସାମିଲ ହୋଇଥାନ୍ତି। ପୂର୍ବକାଳରେ ଗୁଣ୍ଡିଚା ମନ୍ଦିର ପରିସର ପରିତ୍ୟକ୍ତ ଅବସ୍ଥାରେ ରହୁଥିଲା। କେବଳ ରଥଯାତ୍ରା ୯ଦିନ ଚତୁର୍ଦ୍ଧାବିଗ୍ରହ ଏଠାରେ ଅବସ୍ଥାନ କରୁଥିବାରୁ ଭକ୍ତମାନେ ଦର୍ଶନ ପାଇଁ ଆସୁଥିଲେ। ମହାପ୍ରଭୁ ବିଦାୟ ନେବା ପରେ ବର୍ଷର ଅନ୍ୟ ଦିନ ଏଠାରେ ବାବନା ଭୂତ ରହୁଥିବା ଜନଶ୍ରୁତି ରହିଛି। ତେଣୁ ରଥଯାତ୍ରା ପୂର୍ବଦିନ ଗୁଣ୍ଡିଚା ମନ୍ଦିର ପରିସରକୁ ଗୌଡ଼ୀୟ ବୈଷ୍ଣବ ସାଧୁସନ୍ଥ ଓ ଭକ୍ତମାନେ ଆସି ମାର୍ଜନା କରିଥାନ୍ତି। ଏଥିସହ ଗର୍ଭଗୃହ ପ୍ରଭୃତିକୁ ସଫା କରିଥାନ୍ତି। ଏହି ସଫା ପରେ ବାବନା ଭୂତ ଗୁଣ୍ଡିଚା ମନ୍ଦିରରୁ ବିଦା ହୋଇଥାଏ ବୋଲି ବିଶ୍ୱାସ ରହିଛି। ବୁଧବାର ରାଧାକାନ୍ତ ମଠରୁ ସାଧୁସନ୍ଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ମାର୍ଜନା କରିବା ସହ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ସ୍ନାନ କରିଥିଲେ। ଆଇତୋଟାରେ ପ୍ରସାଦ ସେବନ କରି ନାମ, ସଂକୀର୍ତ୍ତନ କରି ଫେରିଥିଲେ।

## ଫୁଲରେ ଝଲସୁଛି ଶ୍ରୀମନ୍ଦିର

ପୁରୀ ଅଫିସ, ୩।୭: ପ୍ରଥମଥର ପାଇଁ ଫୁଲରେ ଝଲସୁଛି ଶ୍ରୀମନ୍ଦିର। ବିଭିନ୍ନ ପର୍ବପର୍ବାଣିରେ ବଡ଼ଦେଉଳକୁ ସଜାଯାଏ। ହେଲେ ଏଥର ରଥଯାତ୍ରା ପାଇଁ ମନ୍ଦିରକୁ ଯେଉଁପରି ଭାବେ ଗୋଲାପ, ଗେଣ୍ଡୁ, ରଜନୀଗନ୍ଧା ଆଦି ଫୁଲରେ ସଜାଯାଇଛି ତାହା ଆଖି ଝଲସାଇ ଦେବା ଭଳି। ନବବଧୂଟିଏ ଭଳି ସଜେଇ ହୋଇଛି ଶ୍ରୀମନ୍ଦିର। ତିନିରଥ ବି ଫୁଲରେ ସଜାଯିବ। ସେହିପରି ଆଉ ଦିନକ ପରେ ଫୁଲରେ ଝଲସି ଉଠିବ ଶ୍ରୀଗୁଣ୍ଡିଚା ମନ୍ଦିର।

କୋଟିପ୍ରାଣର ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ସେବା କରିବାକୁ ଅନେକ ଇଚ୍ଛା କରିଥାନ୍ତି। ହେଲେ କାହାକୁ ସୁଯୋଗ ମିଳେ ତ ପୁଣି କେହି ଏଥିରୁ ବଞ୍ଚିତ ହୁଅନ୍ତି। ଦିଲ୍ଲୀର କେ.କେ. ଶର୍ମା ରଥଯାତ୍ରା ସମୟରେ ତିନିରଥ ଏବଂ ଶ୍ରୀମନ୍ଦିରକୁ ସଜାଇବା ଲାଗି ଆଗ୍ରହ ପ୍ରକାଶ କରି ଶ୍ରୀମନ୍ଦିର ପ୍ରଶାସନକୁ ଅନୁମତି ମାଗିଥିଲେ। ଅନୁମତି ପାଇବା ପରେ ନିଜସ୍ୱ ଖର୍ଚ୍ଚରେ ପ୍ରାୟ ୨୫୦ କାରିଗରଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ଫୁଲରେ ସଜାଇଛନ୍ତି। ଏଥିରେ ପ୍ରାୟ ୧୨ରୁ ୧୪ ଟ୍ରକ୍ ଫୁଲ ଲାଗିଥିବା ଜଣାପଡ଼ିଛି। ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର, ମେଘନାଦ ପାଚେରି, ସିଂହଦ୍ୱାର, ଦକ୍ଷିଣ ଦ୍ୱାର, ଉତ୍ତର ଦ୍ୱାର ଫୁଲରେ ଝଲସିବ। କେ.କେ. ଶର୍ମା ହେଉଛନ୍ତି ଏକ ଫାର୍ମାସ୍ୟୁଟିକାଲ କମ୍ପାନୀର ମାଲିକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତ। ସେ ଦୀର୍ଘ ୨୦ବର୍ଷ ହେବ ବୈଷ୍ଣୋଦେବୀରେ ଫୁଲ ସଜାଉଛନ୍ତି। ଏହାବ୍ୟତୀତ ବମ୍ବେର ସିଦ୍ଧି ବିନାୟକ, ଅମୃତସରର ସ୍ୱର୍ଣ୍ଣ ମନ୍ଦିରକୁ ମଧ ସେ ଫୁଲରେ ସଜାଇଥାନ୍ତି। ଏଥର ଶ୍ରୀମନ୍ଦିର ସଜେଇବାକୁ ଇଚ୍ଛା ରଖିଥିଲେ। ବୁଧବାର ଶ୍ରୀକ୍ଷେତ୍ର ଆସିଥିବା ବାଲେଶ୍ୱରର ମୁକ୍ତା ସାହୁ କହିଛନ୍ତି, ବାତ୍ୟାରେ ପୁରୀ ସହର ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ରଥଯାତ୍ରାରେ ଏହାର ପ୍ରଭାବ ଅନୁଭୂତ ହେବ ବୋଲି ଭାବିଥିଲି। ହେଲେ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରକୁ ଏମିତି ଭାବେ ଫୁଲରେ ସଜାଯାଇଥିବା ଦେଖି ମୁଁ ଅଭିଭୂତ ହୋଇପଡ଼ିଲି।










ଭକ୍ତମାନେ ରଥ ଦଉଡ଼ିକୁ ଛୁଇଁ ଭକ୍ତି ନିବେଦନ କରୁଛନ୍ତି।

## ଲାଗୁହେଲା ଯାନବାହନ ଚଳାଚଳ କଟକଣା

**ପୁରୀ ଅଫିସ, ୩।୭**

ରଥଯାତ୍ରା, ବାହୁଡ଼ା ଏବଂ ସୁନାବେଶରେ ଯାନବାହନ ଚଳାଚଳ ଓ ପାର୍କିଂ ଲାଗି ପୁରୀ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ନିୟମ ଲାଗୁ କରାଯାଇଛି। ଏହି ନିୟମ ୩ରୁ ୧୨ତାରିଖ ଯାଏ ବଳବତ୍ତର ରହିବ।

### ଆନ୍ତଃ ରାଜ୍ୟ ଟୁରିଷ୍ଟ ବସ୍

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ୨୦୩ରେ ଆସୁଥିବା ଟୁରିଷ୍ଟ ବସ ଓ ରିଜର୍ଭ ବସ୍‌ଗୁଡ଼ିକ ସମଯାଜପୁର ରେଳ ଓଭରବ୍ରିଜ ଉପରେ ଆସିବ ନାହିଁ ସେଗୁଡ଼ିକ ଓଭରବ୍ରିଜ ତଳେ ବାମ ପାର୍ଶ୍ୱ ରାସ୍ତାରେ ଆସି ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ରହିବ। ବସ୍‌ଗୁଡ଼ିକ ସତ୍ୟବାଦୀ, ପିପିଲି, ଉତ୍ତରା ଦେଇ ଫେରିବେ। ମାଳତୀପାଟପୁର ବସଷ୍ଟାଣ୍ଡ ପାର୍କିଂସ୍ଥଳ ଭର୍ତ୍ତି ହେବା ପରେ ବସ୍‌ଗୁଡ଼ିକ ନାଗପାଟଣା ପାର୍କିଂ ସ୍ଥଳରେ ରହିବ। କୋଣାର୍କ ପଟୁ ଆସୁଥିବା ଟୁରିଷ୍ଟ ବସ ନାଗପାଟଣା ପାର୍କିଂସ୍ଥଳରେ ରହିବ।

### ରେଗୁଲାର ପାସେଞ୍ଜର ବସ୍

ଦୈନନ୍ଦିନ ଯାତ୍ରୀବାହୀ ବସ, କ୍ୟାଣ୍ଟର, ଡିଟିଏସ୍ ଏବଂ ଓଏସ୍‌ଆରଟିସି ବସକୁ ପୁରୀ ମ୍ୟୁନିସିପାଲଟି ବସଷ୍ଟାଣ୍ଡକୁ ଛଡାଯିବ ନାହିଁ। ଭୁବନେଶ୍ୱର ପଟୁ ଆସୁଥିବା ଦୈନନ୍ଦିନ ଯାତ୍ରୀବାହୀ ବସ୍ ମାଳତୀପାଟପୁର ଓଭରବ୍ରିଜ-ତୋଷାଳୀ ସ୍ୟାଣ୍ଡ-ଗ୍ରୀଡ ଛକ-ଭୁଦାନ ଛକ ଦେଇ ଆସି ତାଳବଣିଆ ଅସ୍ଥାୟୀ ବସଷ୍ଟାଣ୍ଡରେ ରହିବେ। ବସ୍‌ଗୁଡ଼ିକ ଫେରିବା ବେଳେ ତାଳବଣିଆ ବସଷ୍ଟାଣ୍ଡରୁ ସେଣ୍ଟ୍ରାଲ ସ୍କୁଲ ଛକ, ଭୂଦାନ ଛକ, ଗ୍ରୀଡ ଛକ, ବାଲିଘାଟ, ଗୋପାଳପୁର ଛକ, ସମଙ୍ଗରା, ବୀରହରେକୃଷ୍ଣପୁର ଦେଇ ୨୩ ନଂ. ଜାତୀୟ ରାଜପଥକୁ ବାହାରି ଗନ୍ତବ୍ୟ ସ୍ଥଳକୁ ଯିବେ। ପାସ୍ ନ ଥିବା ବସ୍‌ଗୁଡ଼ିକୁ ବସଷ୍ଟାଣ୍ଡକୁ ଛଡାଯିବ ନାହିଁ। ବ୍ରହ୍ମଗିରି ପଟୁ ଆସୁଥିବା ରେଗୁଲାର ପାସେଞ୍ଜର ବସ ଫ୍ଲୋରିସ ଇଣ୍ଡିଆ ପାର୍କିଂରେ ରହିବ। ପୁଣି ସେହି ରୁଟ୍‌ରେ ଫେରିବ। ସେହିପରି କୋଣାର୍କ ପଟୁ ଆସୁଥିବା ବସ ତାଳବଣିଆ ପାର୍କିଂରେ ରହିବ। ସେହି ରାସ୍ତାରେ ଫେରିବ।

### ହାଲୁକା ଯାନ

ଭୁବନେଶ୍ୱର ପଟୁ ଆସୁଥିବା ହାଲୁକାଯାନ ମାଳତୀ ପାଟପୁର ଓଭରବ୍ରିଜ-ଗ୍ରୀଡଷ୍ଟେଶନ ଦେଇ ଆସି ଆଇଟିଆଇ ପାର୍କିଂରେ ରହିବ। ସେଗୁଡ଼ିକ ଗ୍ରୀଡ ଷ୍ଟେଶନ ଛକ-ବାଲିଘାଟ-ଗୋପାଳପୁର-ସମଙ୍ଗରା ବୀରହରେକୃଷ୍ଣପୁର ଦେଇ ଫେରବେ। କୋଣାର୍କ ପଟୁ ଆସୁଥିବା ହାଲୁକା ଯାନ ଆଇଟିଆଇ, କୁମ୍ଭାରପଡା ଆଉଟପୋଷ୍ଟ ସମ୍ମୁଖ, ଭୁଦାନ ଛକ ଏବଂ ଇନଡୋର ଷ୍ଟାଡିୟମରେ ପାର୍କିଂ ହେବ। ଫେରିବା ବେଳେ ଗ୍ରୀଡ ଛକ-ବାଲିଗୁଆଳି- ନାଗପାଟଣା ଓ ତୋଷାଳୀ ସ୍ୟାଣ୍ଡ ଠାରୁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭରେ ଯିବ। ବ୍ରହ୍ମଗିରୀ ପାର୍ଶ୍ୱରୁ ଆସୁଥିବା ହାଲୁକା ଯାନ ଗୁଡିକ ମଙ୍ଗଳାହାଟ ଛକ ଯାଏଁ ଆସି ଫ୍ଲୋରିସ ଇଣ୍ଡିଆ ପାର୍କିଂରେ ରହିବ। ପୁଣି ସେହି ରାସ୍ତାରେ ଫେରିବ।

### ପାସ୍‌ଧାରୀ ହାଲୁକା ଯାନ

ଭୁବନେଶ୍ୱର ପଟୁ ଆସୁଥିବା ପାସସ୍ଧାରୀ କାର ବୀରହରେକୃଷ୍ଣପୁର, ଚାରିନଳା, ଅଠରନଳା, ହସପିଟାଲ ଛକ-ନେତାଜୀ ଛକ-ହରିହରି ଛକ- ସମୁଦ୍ରକୂଳ ଛକ ଦେଇ ହଂସ କୋକୋପାମ ଓ ଲୋକନାଥ ରୋଡ ପର୍ଯ୍ୟନ୍ତ ଯାଇପାରିବ। ଲୋକନାଥ ମନ୍ଦିର ଓ ଛପନ ଛକ ପାର୍କିଙ୍ଗରେ ଯାନବାହନ ରଖିପାରିବେ। ପାସଧାରୀ କାର ଏବଂ ଭିଆଇପି କାର ଗୁଡିକ ବୃଷଭ ଛକ-ଲୋକନାଥ ରୋଡ -ହୋଟେଲ ଷ୍ଟର୍ଲିଙ୍ଗ ଦେଇ ପୁରୀ ବାଇପାସ ଦେଇ ମଙ୍ଗଳହାଟରେ ପହଁଞ୍ଚିବ। ସେଠାରୁ ବାଟଗାଁ ଦେଇ ପ୍ରତ୍ୟାବର୍ତ୍ତନ କରିବ।



ରଥଯାତ୍ରାର ଅବ୍ୟବହିତ ପୂର୍ବରୁ ବୁଧବାର ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।


ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନରେ ରଥଯାତ୍ରା।


ଶ୍ରୀଗୁଣ୍ଡିଚା ମାର୍ଜଣା ଅବସରରେ ଗୁଣ୍ଡିଚା ମନ୍ଦିର ସିଂହକୁ ଜଣେ ବିଦେଶିନୀ ମାର୍ଜଣା କରୁଛନ୍ତି।

# ବେୟାରଷ୍ଟୋଙ୍କ ଶତକ

**ଚେଷ୍ଟର– ଲି– ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପ୍‌ରେ ବୁଧବାର ଖେଳାଯାଇଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦୁଇ ଫେଭରାଇଟ ଦଳ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିଛନ୍ତି। ସେମିଫାଇନାଲକୁ ଉଠିବାକୁ ହେଲେ ଦୁଇ ଦଳ ପାଇଁ ବିଜୟ ଅପରିହାର୍ଯ୍ୟ ହୋଇପଡିଛି। ଏହି ମ୍ୟାଚ୍‌ର ବିଜୟୀ ଦଳ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିବ। ୧୯୮୩ ପରେ ଇଂଲଣ୍ଡ ବିଶ୍ୱକପ୍‌ରେ କେବେବି ନ୍ୟୁଜିଲାଣ୍ଡକୁ ପରାସ୍ତ କରିପାରି ନ ଥିବା ବେଳେ ଏଥର ଏହି ସୁଯୋଗ ପାଇଛି। ସ୍ଥାନୀୟ ରିଭରସାଇଡ ଗ୍ରାଉଣ୍ଡରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ଓପନର ଜନି ବେୟାରଷ୍ଟୋଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୫ ରନ ସଂଗ୍ରହ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଇଂଲଣ୍ଡ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଜବରଦସ୍ତ ଆରମ୍ଭ କରିଥିଲା। ଓପନିଂ ଯୋଡିରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୯ ଓଭର ପୂର୍ବରୁ ୧୨୩ ରନ ସଂଗ୍ରହ କରିନେଇଥିଲେ। ତେବେ ରୟ ୮ ଚୌକା ସହ ୬୧ ବଲରୁ ୬୦ ରନ କରି ଜିମ୍ମି ନିଶାମଙ୍କ ବଲ୍‌ରେ ମିଚେଲ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ନିର୍ଭରଯୋଗ୍ୟ ଜୋ ରୁଟ୍ ୨୫ଟି ବଲ୍ ଖେଳି ୨୪ ରନ କରିଥିବା ବେଳେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଉଇକେଟ ପଛରେ ଟମ୍ ଲଥାମଙ୍କୁ କ୍ୟାଚ୍ ଦେଇଥିଲେ ଓ ସେ ପୁଣିଥରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛନ୍ତି। ଏଥିସହିତ ରୁଟ୍ ଚଳିତ ବିଶ୍ୱକପ୍‌ରେ ପଞ୍ଚମ ବ୍ୟାଟ୍ସମ୍ୟାନ ଭାବେ ୫୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ପୁଣି ସେ ପ୍ରଥମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଛନ୍ତି। ଏହାପରେ ଇନ୍‌ଫର୍ମ ଓପନର ବେୟାରଷ୍ଟୋ ୯୯ଟି ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୧ ଛକା ସହାୟତାରେ ୧୦୬ ରନର ଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ମ୍ୟାଟ୍ ହେନେରୀଙ୍କ ବଲ୍‌ରେ ସେ ଲାଇନ ମିସ୍ କରି ପ୍ଲେଡ ଅନ୍ ହୋଇଥିଲେ। ବଲ୍ ବ୍ୟାଟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ବେୟାରଷ୍ଟୋ ପ୍ରଥମ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ କ୍ରମାଗତ ଦୁଇଟି ଶତକ ଅର୍ଜନ କରିବାର ଗୌରବ ଅର୍ଜନ କରିଛନ୍ତି। ଏହାପୂର୍ବରୁ ସେ ଭାରତ ବିପକ୍ଷରେ ୧୧୧ରନର ଶତକୀୟ ଇନିଂସ ଖେଳିଥିଲେ।

ଇଂଲଣ୍ଡ ଏକଦା ଗୋଟିଏ ଉଇକେଟ ହରାଇ ୧୯୪ ରନକରି ଦୃଢ଼ ସ୍ଥିତିରେ ଥିଲା। ତେବେ ଏହାପରେ ଉଇକେଟ ମନ୍ଥର ହୋଇଥିଲା। ଫଳରେ ପ୍ରତ୍ୟାବର୍ତ୍ତନ କରି ନ୍ୟୁଜିଲାଣ୍ଡ ବୋଲରମାନେ ଗୋଟିଏ ପରେ ଗୋଟିଏ ଉଇକେଟ ହାସଲ କରିଥିଲେ। ଫଳରେ ଇଂଲଣ୍ଡକୁ ୩୦୦ ରନ ପାର କରିବାକୁ ସଂଘର୍ଷ କରିବାକୁ ପଡିଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ ବଟଲର ବିଫଳ ହୋଇଥିଲେ। ସେ ୧୧ ରନ କରି ବୋଲ୍ଟଙ୍କ ବଲ୍‌ରେ କେନ ୱିଲିୟମସନଙ୍କୁ କ୍ୟାଚ୍ ଦେଇଥିଲେ। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ମନ୍ଥର ବ୍ୟାଟିଂ କରି ୨୭ଟି ବଲର ସମ୍ମୁଖୀନ ହୋଇ ମାତ୍ର ୧୧ ରନ କରି ସ୍ପିନର ସାଣ୍ଟନରଙ୍କ ବଲ୍‌ରେ ହେନେରୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି କ୍ରିସ ୱୋକ୍ସ ୪ ରନ କରିଥିବା ବେଳେ ନିଶାମଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ଇଓନ ମୋର୍ଗାନ ୪୦ ବଲରୁ ୫ ଚୌକା ସହ ୪୨ ରନକରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ହେନେରୀଙ୍କ ବଲ୍‌ରେ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ ଆଦିଲ ରସିଦ ୧୬ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସାଉଦିଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିଲେ। ଲିଅମ ପ୍ଲଙ୍କେଟ ୧୫ ଓ ଜୋଫ୍ରା ଆର୍ଚର ୧ ରନକରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ବୋଲ୍ଟ, ହେନେରୀ, ନିଶାମ ୨ଟି ଲେଖାଏ, ସାଉଦି ଓ ସାଣ୍ଟନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ହାମଷ୍ଟ୍ରିଙ୍ଗ ଇଞ୍ଜୁରି କାରଣରୁ ଦ୍ରୁତ ବୋଲର ଲୋକି ଫର୍ଗୁସନ ଦଳରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ସାଉଦିଙ୍କୁ ଖେଳିବାକୁ ସୁଯୋଗ ମିଳିଛି। ଟୁର୍ନାମେଣ୍ଟରେ ସେ ୯ ଓଭରରେ ୭୦ ରନ ଦେଇ ଗୋଟିଏ ଉଇକେଟ ଅକ୍ତିଆର କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ।



ଶତକ ହାସଲ ପରେ ଜନି ବେୟାରଷ୍ଟୋ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| ଭାରତ | ୮ | ୬ | ୧ | ୦ | ୧ | ୧୩ | +୦.୮୧୧ |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ଶ୍ରୀଲଙ୍କା | ୮ | ୩ | ୩ | ୦ | ୨ | ୮ | -୦.୯୩୪ |
| ବାଂଲାଦେଶ | ୮ | ୩ | ୪ | ୦ | ୧ | ୭ | -୦.୧୯୫ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୮ | ୧ | ୬ | ୦ | ୧ | ୩ | -୦.୩୩୫ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

# ୫୦୦ କ୍ଲବରେ ରୁଟ୍



**ଚେଷ୍ଟର– ଲି– ଷ୍ଟ୍ରିଟ୍, ୩।୭(ପି.ଟି)**

ଚଳିତ ଆଇସିସି ବିଶ୍ୱକପରେ ୫ମ ଖେଳାଳିଭାବେ ଇଂଲଣ୍ଡର ଜୋ ରୁଟ୍ ୫୦୦ ରନ ପୂରଣ କରିଛନ୍ତି। ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ସେ ୨୪ ରନ ସ୍କୋର କରି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ପୂର୍ବରୁ ଭାରତର ରୋହିତ ଶର୍ମା (୫୪୪), ବାଂଲାଦେଶର ସାକିବ ଅଲ ହାସନ (୫୪୨), ଅଷ୍ଟ୍ରେଲିଆର ଡେଭିଡ ୱାର୍ନର (୫୧୬) ଓ ଆରୋନ ଫିଞ୍ଚ୍ (୫୦୪) ଏହି କ୍ଲବର ସଦସ୍ୟ ଅଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୫୧ ରନ କରି ଅଭିଯାନ ଆରମ୍ଭ କରିଥିବା ରୁଟ୍ ପାକିସ୍ତାନ ବିପକ୍ଷରେ ୧୦୭, ବାଂଲାଦେଶ ୨୧, ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୦୦*, ଆଫଗାନିସ୍ତାନ ବିପକ୍ଷରେ ୮୮, ଶ୍ରୀଲଙ୍କା ବିପକ୍ଷରେ ୫୭, ଅଷ୍ଟ୍ରେଲିଆ ବିପକ୍ଷରେ ୮, ଭାରତ ବିପକ୍ଷରେ ୪୪ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୨୪ ରନ ସ୍କୋର କରିଛନ୍ତି। ଫଳରେ ଇଂଲଣ୍ଡର ଲିଗ୍ ମ୍ୟାଚ୍ ଶେଷରେ ରୁଟ୍‌ଙ୍କ ରନ ସଂଖ୍ୟା ୫୦୦ ସ୍ପର୍ଶ କରିଛି।

# ବିଶ୍ୱକପ୍ ପରେ ଅବସର ନେଇପାରନ୍ତି ଧୋନୀ

**ବର୍ମିଂହାମ,୩।୭(ପିଟି)**

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ଅନ୍ତିମ ମ୍ୟାଚ୍ ଭେଟେରାନ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇପାରେ। ଯଦି ଭାରତୀୟ ଦଳ ଫାଇନାଲକୁ ଉନ୍ନୀତ ହୁଏ ଓ ବିଶ୍ୱକପ୍ ଜିତେ, ତେବେ ଏହା କିମ୍ବଦନ୍ତୀ ଭାରତୀୟ କ୍ରିକେଟରଙ୍କ ଶ୍ରେଷ୍ଠ ବିଦାୟୀ ହେବ। ଧୋନୀଙ୍କ ବିଷୟରେ କିଛି କହି ହେବ ନାହିଁ। କିନ୍ତୁ ବିଶ୍ୱକପ୍ ପରେ ଧୋନୀ ଭାରତୀୟ ଦଳରେ ଖେଳିବାର ସମ୍ଭାବନା ଖୁବ କମ୍। ସେ ଯେଉଁଭଳି ଅଧିନାୟକତ୍ୱରୁ ଅବସର ନେଇଥିଲେ, ତାହା ଦେଖିଲେ ଧୋନୀଙ୍କ ସମ୍ପର୍କରେ ଭବିଷ୍ୟବାଣୀ କରିହେବ ନାହିଁ। ୨୦୧୭ ଚାମ୍ପିୟନ୍ସ ଟ୍ରଫି ପରେ ଧୋନୀଙ୍କୁ ଆଉ ୨ ବର୍ଷ ଅର୍ଥାତ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ସମୟ ଦେବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଚଳିତ ଥର ଧୋନୀଙ୍କ ପ୍ରଦର୍ଶନ ସେତେଟା ଭଲ ନ ଥିଲେ ମଧ୍ୟ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଏଣୁ କୌଣସି ପରିସ୍ଥିତିରେ ତାଙ୍କୁ କେହି ଅବସର ଲାଗି ପଚାରି ପାରିବେ ନାହିଁ ବୋଲି ଜଣେ ସିନିୟର ବିସିସିଆଇ ଅଫିସିଆଲ କହିଛନ୍ତି। ବର୍ତ୍ତମାନ କାର୍ଯ୍ୟକାରୀ ଚୟନ କମିଟି ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବ। ଏହାପରେ ଅଷ୍ଟ୍ରେଲିଆରେ ଆଗାମୀ ବର୍ଷ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍ ଲାଗି ଦଳକୁ ପ୍ରସ୍ତୁତ କରାଯିବ। ଏଣୁ ଦଳରେ କିଛି ପରିବର୍ତ୍ତନ ହୋଇପାରେ। ଧୋନୀ ଚଳିତ ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ୯୩ ଷ୍ଟ୍ରାଇକ ରେଟ୍‌ରେ ୨୨୩ ରନ୍ କରିଛନ୍ତି। ଧୋନୀଙ୍କ ଷ୍ଟ୍ରାଇକ ପରିବର୍ତ୍ତନ କରିବା ଓ ବଡ଼ ଶର୍ଟ ଖେଳିବା ଦକ୍ଷତା ଉପରେ ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲିଙ୍କ ଭଳି ଖେଳାଳି ପ୍ରଶ୍ନ ଉଠାଇଛନ୍ତି।



# ସମ୍ମାନ ପାଇଁ ଖେଳିବେ ଆଫଗାନିସ୍ତାନ–ୱେଷ୍ଟଇଣ୍ଡିଜ

**ଲିଡ୍ସ,୩।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିବା ଦୁଇ ଦଳ ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ସେମାନଙ୍କ ଶେଷ ଲିଗ୍ ମ୍ୟାଚ୍‌ରେ ଗୁରୁବାର ପରସ୍ପରକୁ ଭେଟିବେ। ଲିଡ୍ସର ହେଡିଂଲେ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ଏହି ୪୨ତମ ମ୍ୟାଚ୍‌ରେ ଆଫଗାନିସ୍ତାନ ମନସ୍ତାତ୍ତ୍ୱିକ ଭାବେ ଆଗରେ ଥିବା ଭଳି ମନେହେଉଛି। ଆଫଗାନିସ୍ତାନ ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଟେବୁଲର ଦଶମ ତଥା ଅନ୍ତିମ ସ୍ଥାନରେ ରହିଛି। ସେହିପରି ୱେଷ୍ଟଇଣ୍ଡିଜ ୮ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୬ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଟେବୁଲର ନବମ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଆଫଗାନିସ୍ତାନ ପ୍ରଥମ ବିଜୟ ହାସଲ କରି ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବା ଲକ୍ଷ୍ୟରେ ରହିଛି। ଗତବର୍ଷ ହରାରେଠାରେ ଆଫଗାନିସ୍ତାନ ତାରକା ଖଚିତ ୱେଷ୍ଟଇଣ୍ଡିଜକୁ ବିଶ୍ୱକପ୍ କ୍ୱାଲିଫାୟର୍ସରେ ଦୁଇଥର ପରାସ୍ତ କରିଛି। ସେତେବେଳେ ୱେଷ୍ଟଇଣ୍ଡିଜ ଦଳରେ କ୍ରିସ୍ ଗେଲ୍, କାର୍ଲୋସ ବ୍ରାଥୱେଟ୍ ଓ ସାଇ ହୋପଙ୍କ ଭଳି ତାରକା ଖେଳୁଥିଲେ। ଟୁର୍ନାମେଣ୍ଟରେ ସବୁ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଆଫଗାନିସ୍ତାନ ଏକାଧିକ ଶକ୍ତିଶାଳୀ ଦଳକୁ ପାଣି ପିଆଇଛି। ତେଣୁ ୱେଷ୍ଟଇଣ୍ଡିଜ ଶକ୍ତିଶାଳୀ ମନେହେଉଥିଲେ ମଧ୍ୟ ଆଫଗାନିସ୍ତାନ ବାଜି ମାରିବା ଲକ୍ଷ୍ୟରେ ରହିଛି। ଆଗଭଳି ଆଫଗାନିସ୍ତାନ ଏକ ଦୁର୍ବଳ ଦଳ ହୋଇ ରହିନାହିଁ। ଏହି ଦଳ ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ଭଳି ହେଭିୱେଟ୍ ଦଳଗୁଡିକୁ ସମସ୍ୟାରେ ପକାଇଛି। ଆଫଗାନିସ୍ତାନ ବିପକ୍ଷରେ ଏହି ୩ ଦଳ ବେଶ୍ ସଂଘର୍ଷ କରିବାର ଦେଖାଯାଇଛି। ମହମ୍ମଦ ନବୀ, ମୁଜିବ ଉର ରହମାନ ଓ ରସିଦ ଖାଁଙ୍କ ଭଳି ସ୍ପିନର ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ।

ତୃତୀୟଥର ପାଇଁ ଟୁର୍ନାମେଣ୍ଟରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ୱେଷ୍ଟଇଣ୍ଡିଜ ବିଜୟର ନିକଟଥର ହୋଇଥିଲେ ମଧ୍ୟ ପରାସ୍ତ ହୋଇଥିଲା। ଏହାପୂର୍ବରୁ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦଳ ବିପକ୍ଷରେ ମଧ୍ୟ ୱେଷ୍ଟଇଣ୍ଡିଜ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷରେ କାର୍ଲୋସ ବ୍ରାଥୱେଟ୍ ଧୂଆଁଧାର ବ୍ୟାଟିଂ କରି ଶତକ ହାସଲ କରିବା ପରେ ବିଜୟସୂଚକ ଛକା ମାରିବାକୁ ଯାଇ ବାଉଣ୍ଡାରିରେ ଧରା ପଡିଥିଲେ। ବିଜୟର ନିକତର ହୋଇ କେତୋଟି ମ୍ୟାଚ୍‌ରେ ଆମେ ପରାସ୍ତ ହୋଇଛୁ ଓ ଏହା ନୈରାଶ୍ୟଜନକ ଥିଲା ବୋଲି ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କହିଛନ୍ତି। ୧୯୭୫ ଓ ୧୯୭୯ରେ ବିଶ୍ୱକପ୍ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ପାକିସ୍ତାନକୁ ତା'ର ପ୍ରଥମ ମ୍ୟାଚ୍‌ରେ ୭ ଉଇକେଟରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହାପରେ ୱେଷ୍ଟଇଣ୍ଡିଜ ଗୋଟିଏ ହେଲେ ବି ମ୍ୟାଚ୍‌ରେ ବିଜୟୀ ହୋଇ ପାରିନାହିଁ। ତେଣୁ ଅନ୍ତିମ ମ୍ୟାଚ୍‌ରେ ବିଜୟୀ ହୋଇ ୱେଷ୍ଟଇଣ୍ଡିଜ ସାନ୍ତ୍ୱନାମୂଳକ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁବ। ଆଫଗାନିସ୍ତାନ ଅଧିନାୟକ ଗୁଲବଦିନ ନାଇବ ମଧ୍ୟ ଦଳର ବିଜୟ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ପୁଣିଥରେ ସ୍ପିନରମାନେ କମାଲ କରିବେ ଓ ଦଳକୁ ବିଜୟୀ କରାଇବେ ବୋଲି ସେ କହିଛନ୍ତି। ସେମି ଦୌଡ଼ରୁ ଦୁଇ ଦଳ ବାଦ୍ ପଡିସାରିଥିବାରୁ ଏହି ମ୍ୟାଚ୍ ଗୁରୁତ୍ୱ ହରାଇଛି। ତେବେ ବିଜୟ ସହ ଚଳିତ ବିଶ୍ୱକପ୍‌ରେ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ଦୁଇ ଦଳ ରହିଥିବାରୁ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

**ଆଜିର ମ୍ୟାଚ୍**
**ଆଫଗାନିସ୍ତାନ**
**ବନାମ**
**ୱେଷ୍ଟଇଣ୍ଡିଜ**
ସ୍ଥାନ
ଲିଡ୍ସ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଜାସନ ହୋଲ୍ଡର ଓ ଗୁଲବଦିନ ନାଇବ

# ସେମିରେ ପାକିସ୍ତାନକୁ ଭେଟିପାରେ ଭାରତ

**ନୂଆଦିଲ୍ଲୀ, ୩।୭**

ଅଷ୍ଟ୍ରେଲିଆ ପରେ ୨ୟ ଦଳ ଭାବେ ଭାରତ ଚଳିତ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ୨୮ ରନରେ ବାଂଲାଦେଶକୁ ପରାସ୍ତ କରି ଅନ୍ତିମ-୪ରେ ପ୍ରବେଶ କରିଛି। ତେବେ ସେମିଫାଇନାଲ ଲାଇନ୍‌ଅପ୍ ବର୍ତ୍ତମାନ ଚୂଡ଼ାନ୍ତ ହୋଇ ନ ଥିଲେ ମଧ୍ୟ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପକୁ ଅନ୍ତିମ-୪ରେ ଭେଟିବାର ସମ୍ଭାବନା ସୃଷ୍ଟି ହୋଇଛି। ଯଦି ଏହା ସମ୍ଭବ ହୁଏ ତେବେ ଚଳିତ ବିଶ୍ୱକପ୍‌ରେ ୨ୟ ଥର ଲାଗି ଉଭୟ ଦଳ ପରସ୍ପରକୁ ଭେଟିବେ। ଏଥିପୂର୍ବରୁ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ୮୯ ରନରେ ପାକିସ୍ତାନକୁ ହରାଇଥିଲା। ବିଶ୍ୱକପ୍‌ରେ ପାକିସ୍ତାନ ବର୍ତ୍ତମାନ ୮ ମ୍ୟାଚ୍ ଖେଳି ୪ ବିଜୟ ସହ ୯ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନରେ ରହିଛି। ଭାରତ ଓ ପାକିସ୍ତାନ ପରସ୍ପରକୁ ସେମିଫାଇନାଲରେ କେମିତି ଭେଟିପାରିବେ ତାହାର ଦୃଶ୍ୟପଟ-୧ ଓ ୨ ନିମ୍ନରେ ପ୍ରଦାନ କରାଗଲା...



### ଦୃଶ୍ୟପଟ-୧

- ଯଦି ବୁଧବାର ମ୍ୟାଚ୍‌ରେ ଇଂଲଣ୍ଡକୁ ନ୍ୟୁଜିଲାଣ୍ଡ ହରାଇ ଦିଏ ତେବେ କିୱି ଦଳ ୧୩ ପଏଣ୍ଟ ସହ ୩ୟ ଦଳ ଭାବେ ସେମିଫାଇନାଲ ଟିକେଟ୍ ହାସଲ କରିବ। ପରାଜୟ ସହ ଇଂଲଣ୍ଡ ୧୦ ପଏଣ୍ଟରେ ରହିବ।
- ସେହିଭଳି ପାକିସ୍ତାନ ଶୁକ୍ରବାର ଏହାର ଅନ୍ତିମ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରେ ତେବେ ସର୍ଫରାଜ ଅହମ୍ମଦଙ୍କ ଦଳ ମୋଟ୍ ୧୧ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହି ସେମିରେ ପ୍ରବେଶ କରିବ। ଫଳରେ ଇଂଲଣ୍ଡ ୧୦ ପଏଣ୍ଟ ସହ ପ୍ରତିଯୋଗିତାରୁ ବିଦାୟ ନେବ।
- ଏହାପରେ ଶନିବାର ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ମାତ୍ ଦିଏ ଏବଂ ସେହିଦିନ ହେବାକୁ ଥିବା ଅନ୍ୟ ଏକ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ଅଷ୍ଟ୍ରେଲିଆ ହାରିଯାଏ ତେବେ ବିରାଟ ବାହିନୀ ୧୫ ପଏଣ୍ଟ ସହ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହେବ। ଅଷ୍ଟ୍ରେଲିଆ (୧୪) ୨ୟ ସ୍ଥାନକୁ ଖସି ଆସିବ।
- ଫଳରେ ବିଶ୍ୱକପ୍ ନିୟମ ଅନୁଯାୟୀ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଥିବା ଭାରତ ୪ର୍ଥ ସ୍ଥାନରେ ଥିବା ପାକିସ୍ତାନକୁ ସେମିଫାଇନାଲରେ ଭେଟିବ।

### ଦୃଶ୍ୟପଟ-୨

- ଯଦି ବୁଧବାର ଇଂଲଣ୍ଡ ଏହାର ଅନ୍ତିମ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରେ ତେବେ ଆୟୋଜକ ଦଳ ୧୨ ପଏଣ୍ଟ ସହିତ ସହଜରେ ସେମିରେ ପହଞ୍ଚିବ। ନ୍ୟୁଜିଲାଣ୍ଡ ୧୧ ପଏଣ୍ଟ ସହ ୪ର୍ଥ ସ୍ଥାନକୁ ଖସି ଆସିବ।
- ସେହିଭଳି ଶୁକ୍ରବାର ମ୍ୟାଚ୍‌ରେ ଯଦି ପାକିସ୍ତାନ ବୃହତ ବ୍ୟବଧାନରେ ବାଂଲାଦେଶକୁ ମାତ୍ ଦିଏ ତେବେ ସର୍ଫରାଜଙ୍କ ଦଳ ୧୧ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ (୧୧) ସହ ସମକକ୍ଷ ହେବ। ଫଳରେ ଯଦି ନ୍ୟୁଜିଲାଣ୍ଡଠାରୁ ଭଲ ରନ୍‌ରେଟ୍ ରୁହେ ତେବେ ପାକିସ୍ତାନ ୪ର୍ଥ ସ୍ଥାନ ଲାଭ କରି ସେମିଫାଇନାଲ ଟିକେଟ୍ ହାସଲ କରିବ।
- ଦୃଶ୍ୟପଟ ୧ ପରି ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ସେମାନଙ୍କ ଅନ୍ତିମ ମ୍ୟାଚ୍‌ରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ଭାରତ ନିକଟରୁ ହାରିଲେ ଯାଇ ସେମିଫାଇନାଲରେ ବିରାଟ ବାହିନୀ ପାକିସ୍ତାନକୁ ଭେଟିବ।

> ବାଂଲାଦେଶ ବିପକ୍ଷରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନିଂସ ଗୁରୁତ୍ୱପୂର୍ଣ୍ଣ ଥିଲା। ଦଳର ଆବଶ୍ୟକତା ଅନୁସାରେ ସେ ଖେଳିଥିଲେ।
> —ସଚିନ ତେନ୍ଦୁଲକର, କ୍ରିକେଟ କିମ୍ବଦନ୍ତୀ



> ରିଷଭ ପନ୍ତଙ୍କ ଫିଲ୍ଡିଂରେ ଉନ୍ନତି ଆବଶ୍ୟକ। ବିଶେଷକରି ତାଙ୍କ ଥ୍ରୋଇଂ ଟେକ୍ନିକ୍‌ରେ ସୁଧାର ଆଣିବାକୁ ହେବ।
> —ଆର. ଶ୍ରୀଧର, ଭାରତୀୟ ଫିଲ୍ଡିଂ କୋଚ୍



## ସଂକ୍ଷେପରେ

### ଧୋନୀଙ୍କ ସପକ୍ଷରେ ସଚିନ

ବର୍ମିଂହାମ, ୩।୭ (ପି.ଟି.)- ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଭେଟେରାନ ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂରେ କୌଣସି ତ୍ରୁଟି ଦେଖିବାକୁ ମିଳି ନ ଥିଲା ବୋଲି କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କହିଛନ୍ତି। ନିକଟରେ ସଚିନ କିନ୍ତୁ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍ ପରେ ଧୋନୀଙ୍କୁ ତାଙ୍କ ଧିମା ବ୍ୟାଟିଂ ଲାଗି ସମାଲୋଚନା କରିଥିଲେ। ଧୋନୀଙ୍କର 'ଇଚ୍ଛା ଶକ୍ତିର ଅଭାବ' ରହିଛି ବୋଲି କହି ସଚିନ ସେତେବେଳେ ତାଙ୍କୁ ସମାଲୋଚନା କରିଥିଲେ।

ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଧୋନୀ ୩୩ ବଲରୁ ୩୫ ରନ କରିଥିବାବେଳେ ଭାରତ ଶେଷ ୧୦ ଓଭରରୁ ମାତ୍ର ୬୩ ରନ ସଂଗ୍ରହ କରିବାରେ ସଫଳ ହୋଇଥିଲା। ଏହି ଧିମା ବ୍ୟାଟିଂକୁ ନେଇ ସୋସିଆଲ ମିଡିଆରେ ପ୍ରଶଂସକମାନେ ଧୋନୀଙ୍କୁ ସମାଲୋଚନା କରିବା ଆରମ୍ଭ କରି ଦେଇଛନ୍ତି। କିନ୍ତୁ ସଚିନ ଏହି ଇନିଂସକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଧୋନୀଙ୍କ ସପକ୍ଷରେ ବାହାରିଛନ୍ତି। 'ମୋତେ ଲାଗୁଛି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଥିଲା। ସେ (ଧୋନୀ) ତାହା କରିଛନ୍ତି, ଯାହା ଟିମ୍ ପାଇଁ ଠିକ୍ ଥିଲା। ଯଦି ସେ ୫୦ ଓଭର ପର୍ଯ୍ୟନ୍ତ କ୍ରିଜରେ ରହୁଛନ୍ତି, ତେବେ ତାଙ୍କ ସାଥୀରେ ଖେଳୁଥିବା ଅନ୍ୟ ଖେଳାଳିଙ୍କୁ ସାହାଯ୍ୟ କରିପାରିବେ। ତାଙ୍କଠାରୁ ଯାହା ଆଶା କରାଯାଉଥିଲା ସେ ତାହ କରିଛନ୍ତି' ବୋଲି ସଚିନ ଏକ ସାକ୍ଷାତକାର ଅବସରରେ କହିଛନ୍ତି। ଏଥିସହ ଟିମ୍ ପ୍ରତି ଧୋନୀଙ୍କ ପ୍ରତିବଦ୍ଧତାକୁ ମଧ୍ୟ ସଚିନ ପ୍ରଶଂସା କରିଛନ୍ତି। 'ଟିମ୍ ପ୍ରତି ଧୋନୀଙ୍କର ଏହା ପ୍ରତିବଦ୍ଧତା। ଯେଉଁ ସମୟରେ ଯାହା ଆବଶ୍ୟକତା ହେଉଥାଏ ତାହା କରିବାକୁ ହିଁ ପଡ଼ିଥାଏ। ମଙ୍ଗଳବାର ସେ ତାହାହିଁ କରିଛନ୍ତି' ବୋଲି ମାଷ୍ଟର ବ୍ଲାଷ୍ଟର ଏହି ଅବସରରେ ପ୍ରକାଶ କରିଛନ୍ତି।

# ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ରାୟୁଡୁଙ୍କ ଅବସର

**ନୂଆଦିଲ୍ଲୀ,୩।୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳରୁ ବାଦ୍ ପଡ଼ିବା ପରେ ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥିନେଇ ସେ କୌଣସି କାରଣ ଦର୍ଶାଇ ନ ଥିବା ବିସିସିଆଇ ଅଫିସିଆଲ କହିଛନ୍ତି। ୩୩ ବର୍ଷୀୟ ଆନ୍ଧ୍ରପ୍ରଦେଶ ଖେଳାଳିଙ୍କୁ ବିଶ୍ୱକପ୍ ଲାଗି ଷ୍ଟାଣ୍ଡବାଇ ରଖାଯାଇଥିଲା। ହେଲେ ଅଲରାଉଣ୍ଡର ବିଜୟ ଶଙ୍କର ଆହତ ସମସ୍ୟା ଯୋଗୁ ବିଶ୍ୱକପ୍‌ରୁ ବାଦ୍ ପଡ଼ିବା ପରେ ମଧ୍ୟ ରାୟୁଡୁଙ୍କୁ ଉପେକ୍ଷା କରାଯାଇ ଓପନର ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଏଥିଯୋଗୁ ରାୟୁଡୁ ଦୁଃଖିତ ଥିଲେ। ଅବସର ସମ୍ପର୍କରେ ସେ ଖୁବ ଶୀଘ୍ର ଘୋଷଣା କରିବେ। କିନ୍ତୁ ନିଜ ନିଷ୍ପତ୍ତି ବିଷୟରେ ବିସିସିଆଇକୁ ଯୋଗାଯୋଗ କରି ଜଣାଇ ଦେଇଛନ୍ତି। ଆମେ ସକାଳେ ତାଙ୍କର ଏକ ମେଲ୍ ପାଇଥିଲୁ। ଅବସର ଲାଗି ନିର୍ଦ୍ଦିଷ୍ଟ କାରଣ ଦେଇନାହାନ୍ତି। ଯେଉଁ ଅଧିନାୟକଙ୍କ ନେତୃତ୍ୱରେ ତାଙ୍କୁ ଖେଳିବାକୁ ସୁଯୋଗ ମିଳିଛି, ସେମାନଙ୍କୁ ଓ ବିସିସିଆଇକୁ ରାୟୁଡୁ ଧନ୍ୟବାଦ ଜଣାଇଛନ୍ତି ବୋଲି ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦେଶ ପାଇଁ ୫୫ ଦିନିକିଆ ଖେଳି ୪୭.୦୫ ଆଭରେଜରେ ମୋଟ ୧୬୯୪ ରନ୍ କରିଛନ୍ତି। ତାଙ୍କୁ ଟେଷ୍ଟ ଦଳରେ କଦାପି ସ୍ଥାନ ମିଳିନାହିଁ। ପୂର୍ବରୁ ଶଙ୍କର ୩ ଡାଇମେନସନାଲ ଖେଳାଳି ହୋଇଥିବାରୁ ତାଙ୍କୁ ଦଳରେ ସ୍ଥାନ ଦିଆଯାଇଥିବା ଏମ୍.ଏସ୍.କେ. ପ୍ରସାଦ କହିଥିଲେ। ରାୟୁଡୁଙ୍କୁ ଷ୍ଟାଣ୍ଡବାଇ ଖେଳାଳିଙ୍କ ତାଲିକାରେ ରଖାଯାଇଥିଲା। ସେ ଦିନିକିଆ ଫର୍ମାଟକୁ ଗୁରୁତ୍ୱ ଦେବା ଲାଗି ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇସାରିଛନ୍ତି। ଘଟଣାକ୍ରମେ ବାସନ୍ଦ ୭୯ ଖେଳାଳିଙ୍କ ମଧ୍ୟରେ ରାୟୁଡୁ ସାମିଲ ଥିଲେ। ତାଙ୍କୁ ୨୦୦୯ରେ ବିସିସିଆଇ କ୍ଷମା କରିଥିଲା। ଏହାପରେ ୨୦୧୩ ଜିମ୍ବାୱେ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ।



## ଚୟନକର୍ତ୍ତାଙ୍କୁ ଗମ୍ଭୀରଙ୍କ ସମାଲୋଚନା, ସେହ୍ୱାଗଙ୍କ ଦରଦ

ଭାରତୀୟ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଅବସର ନେବା ପରେ ତାଙ୍କ ସପକ୍ଷରେ ବାହାରିଛନ୍ତି ପୂର୍ବତନ ଭାରତୀୟ ଓପନର ତଥା ଏମ୍‌ପି ଗୌତମ ଗମ୍ଭୀର ଓ ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗ। ଚଳିତ ବିଶ୍ୱକପ୍‌ରେ ଚୟନକର୍ତ୍ତାଙ୍କ ଅବହେଳାର ଶିକାର ହେବା ପରେ ରାୟୁଡୁ ଅବସର ନେଇଛନ୍ତି। ଏଥିପାଇଁ ଗମ୍ଭୀର ଚୟନକର୍ତ୍ତାଙ୍କୁ ଦାୟୀ କରିଛନ୍ତି। ଭାରତୀୟ କ୍ରିକେଟ ପାଇଁ ଏହା ଦୁଃଖଦାୟକ ବୋଲି ସେ କହିଛନ୍ତି। ଦେଶ ପାଇଁ ଓ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରାୟୁଡୁ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଆସିଛନ୍ତି। ରାୟୁଡୁ ୩ଟି ଶତକ ଓ ୧୦ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଅବସର ନେବାକୁ ପଡିଲା। ଏଥିପାଇଁ ଦୁଃଖିତ ବୋଲି ସେ କହିଛନ୍ତି। ଆଘାତ ସମସ୍ୟା କାରଣରୁ ବିଶ୍ୱକପ୍ ମଝିରେ ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲଙ୍କୁ ଦଳରେ ସୁଯୋଗ ଦିଆଗଲା। ରାୟୁଡୁଙ୍କ ସ୍ଥାନରେ ଯିଏ ବି ଥିଲେ ସେ ନିରାଶ ହୋଇଥାନ୍ତା। ଚୟନକର୍ତ୍ତାଙ୍କ କାରଣରୁ ରାୟୁଡୁ ଅବସର ନିଷ୍ପତ୍ତି ନେଲେ ବୋଲି ଗମ୍ଭୀର କହିଛନ୍ତି। ଉଲ୍ଲେଖଥାଉ କି, ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଫିଟ୍ ବୋଲି ଅଧିନାୟକ ବିରାଟ କୋହଲି ଏକଦା କହିଥିଲେ। କିନ୍ତୁ ବିଶ୍ୱକପ୍‌ରେ ଚୟନକର୍ତ୍ତା ତାଙ୍କୁ ନ ନେଇ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ଦଳରେ ସାମିଲ କରିଥିଲେ। ରାୟୁଡୁ ମଧ୍ୟ ସେତେବେଳେ ଚୟନକର୍ତ୍ତାଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଥିଲେ।

ଅବସର ନେବା ପରେ ସେହ୍ୱାଗ ରାୟୁଡୁଙ୍କୁ ସହାନୁଭୂତି ଜଣାଇଛନ୍ତି। ବିଶ୍ୱକପ୍‌ରୁ ବାଦ୍ ପଡିବା ରାୟୁଡୁଙ୍କ ପାଇଁ ନିଶ୍ଚିତ ଭାବେ ଯନ୍ତ୍ରଣାଦାୟକ। ଚଳିତ ବିଶ୍ୱକପ୍‌ରେ ତାଙ୍କୁ ଦୁଇଥର ଅଣଦେଖା କରାଯିବା ପରେ ରାୟୁଡୁ ଏଭଳି କଡ଼ା ନିଷ୍ପତ୍ତି ନେଇଛନ୍ତି। ତେବେ ଅବସର ପରେ ରାୟୁଡୁ ନିଜ ଜୀବନକୁ ଉପଭୋଗ କରନ୍ତୁ ଓ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେହ୍ୱାଗ ଟୁଇଟ୍ କରିଛନ୍ତି। ରାୟୁଡୁ ଭାରତ ପାଇଁ ୫୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି ଓ ୪୭. ୦୫ ହାରରେ ରନ ସଂଗ୍ରହ କରିଛନ୍ତି। ବିଶ୍ୱକପ୍‌ରେ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଥିଲେ ମଧ୍ୟ ଶେଷରେ ତାଙ୍କୁ ଉପେକ୍ଷା କରାଯାଇଛି।

### ଭାରତ ଏ' ଦଳରେ ଋତୁରାଜ, ଅନମୋଲପ୍ରୀତ, ଇଶାନ

**ନୂଆଦିଲ୍ଲୀ,୩।୭(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଭାରତ ଏ' ଦଳ ଘୋଷଣା କରିଛି। ଏହି ଦଳରେ କେତୋଟି ପରିବର୍ତ୍ତନ କରାଯାଇଛି। ଆଗାମୀ ୱେଷ୍ଟଇଣ୍ଡିଜ ଏ' ଗସ୍ତ ପାଇଁ ବୁଧବାର ଏକ ୧୫ଜଣିଆ ଦଳ ଘୋଷଣା କରାଯାଇଛି। ମହାରାଷ୍ଟ୍ରର ୨୨ ବର୍ଷୀୟ ବ୍ୟାଟ୍ସମ୍ୟାନ ଋତୁରାଜ ଦଳରେ ସ୍ଥାନ ପାଇଛନ୍ତି। ପୃଥ୍ୱୀ ଶ ଆହତ ହୋଇଥିବାରୁ ତାଙ୍କ ସ୍ଥାନରେ ଋତୁରାଜଙ୍କୁ ସୁଯୋଗ ମିଳିଛି। ସେହିପରି ମୟଙ୍କ ଅଗ୍ରୱାଲ ଓ ରିଷଭ ପନ୍ତଙ୍କ ସ୍ଥାନରେ ଅନମୋଲପ୍ରୀତ ଓ ଇଶାନ କିଷନଙ୍କୁ ଦଳରେ ସାମିଲ କରାଯାଇଛି। ମୟଙ୍କ ଓ ରିଷଭ ଏବେ ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ମନୀଷ ପାଣ୍ଡେଙ୍କୁ ଭାରତ ଏ' ଦଳରେ ନେତୃତ୍ୱ ପ୍ରଦାନ କରାଯାଇଛି। ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ଭାରତ ଏ' ଦଳ ୫ଟି ଅନ୍‌ଅଫିସିଆଲ ଦିନିକିଆ ଓ ୩ଟି ଟେଷ୍ଟ ଖେଳିବ। ଜୁଲାଇ ୧୧ ତାରିଖରୁ ଭାରତ ଏ' ଦଳ ଅଭିଯାନ ଆରମ୍ଭ କରିବ।

**ପରିବର୍ତ୍ତିତ ଭାରତ ଏ ଦଳ:** ମନୀଷ ପାଣ୍ଡେ (ଅଧିନାୟକ), ଋତୁରାଜ ଗାଏକ୍ୱାଡ, ଅନମୋଲପ୍ରୀତ ସିଂ, ଶୁବମନ ଗିଲ, ଶ୍ରେୟାସ ଆୟାର, ହନୁମା ବିହାରୀ, ଇଶାନ କିଷନ (ଉଇକେଟ କିପର), ରାହୁଲ ଚହର, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, କ୍ରୁନାଲ ପାଣ୍ଡ୍ୟା, ଦୀପକ ଚହର, ଖଲିଲ ଅହମଦ, ଆଭେସ ଖାଁ ଓ ନବଦୀପ ସଇନି।

# ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା

**ଲିଓନ,୩।୭(ଏଏଫ୍‌ପି)**

ଆଲେକ୍ସ ମୋର୍ଗାନଙ୍କ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଆମେରିକା ଚଳିତ ମହିଳା ଫିଫା ବିଶ୍ୱକପ୍ ଫାଇନାଲରେ ସ୍ଥାନ ପକ୍କା କରିଛି। ସେମିଫାଇନାଲରେ ଆମେରିକା ୨-୧ ଗୋଲରେ ଇଂଲଣ୍ଡକୁ ହରାଇ ଦେଇଛି। ମ୍ୟାଚ୍ ଆରମ୍ଭରୁ କ୍ରିଷ୍ଟେନ ପ୍ରେସ (୧୦ମ ମିନିଟ୍) ହେଡର ଜରିଆରେ ଗୋଲ ଦେଇ ଆମେରିକାକୁ ୧-୦ ଗୋଲରେ ଆଗୁଆ କରାଇଥିଲେ। ଏହାର ୯ ମିନିଟ୍‌ରେ ଇଲେନ ହ୍ୱାଇଟ୍‌ଙ୍କ ଗୋଲ ଯୋଗୁ ଇଂଲଣ୍ଡ ମ୍ୟାଚ୍‌କୁ ଫେରିଥିଲା। ମ୍ୟାଚ୍‌ର ୩୧ ତମ ମିନିଟ୍‌ରେ ମୋର୍ଗାନଙ୍କ ଗୋଲ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଇଂଲଣ୍ଡ ପକ୍ଷରୁ ୬୯ତମ ମିନିଟ୍‌ରେ ଗୋଲ କରାଯାଇଥିଲା। ଏହାକୁ ଅଫ୍‌ସାଇଡ୍ ଦର୍ଶାଇ ରେଫିର ଏଡିନା ଆଲଭେସ ବାତିସ୍ତା ଗୋଲକୁ ନାକଚ କରିଥିଲେ। ମ୍ୟାଚ୍‌ରେ ଇଂଲଣ୍ଡକୁ ଫେରିବା ଲାଗି ପେନାଲ୍ଟି ଦ୍ୱାରା ୮୪ ତମ ମିନିଟ୍‌ରେ ଆଉ ଏକ ସୁଯୋଗ ମିଳିଥିଲା। କିନ୍ତୁ ଅଧିନାୟିକା ଷ୍ଟିଫ ହଗଟନ ସ୍କୋର କରିବାରେ ସଫଳ ହୋଇ ନ ଥିଲେ। ତେବେ ଇଂଲଣ୍ଡ ଦଳ ଷ୍ଟାର ଖେଳାଳି ମେଗନ ରାପିନୋଙ୍କ ଅନୁପସ୍ଥିତି ଅନୁଭବ କରିଥିଲା। ଲିଗ୍ ଓ କ୍ୱାର୍ଟର ଫାଇନାଲରେ ମେଗନ ମୋଟ ୪ ଗୋଲ ଦେଇଥିଲେ। କିନ୍ତୁ ୩୩ ବର୍ଷୀୟ ଫରୱାର୍ଡ ମାଂସପେଶୀ ସମସ୍ୟା ଯୋଗୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଖେଳି ପାରି ନ ଥିଲେ। ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ସ୍ୱିଡେନ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ।



ଆମେରିକା ଖେଳାଳିଙ୍କ ସେଲିବ୍ରେଶନ।

**ଫିଫା ମହିଳା ବିଶ୍ୱକପ୍**

### ସାକିବଙ୍କ ରେକର୍ଡ

**ବର୍ମିଂହାମ,୩।୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ବାଂଲାଦେଶ ଅଲରାଉଣ୍ଡର ସାକିବ ଅଲ ହାସନ ଏକ ବିରଳ ସଫଳତା ହାସଲ କରିଛନ୍ତି। ସେ ପ୍ରଥମ କ୍ରିକେଟରଭାବେ ବିଶ୍ୱକପ୍ ଇତିହାସରେ ୫୦୦ରୁ ଉର୍ଦ୍ଧ୍ୱ ରନ ସ୍କୋର କରିବା ସହ ୧୦ରୁ ଅଧିକ ଉଇକେଟ ଅକ୍ତିଆର କରିଛନ୍ତି। ଭାରତ ବିପକ୍ଷ ମ୍ୟାଚ୍‌ରେ ୬୬ ରନ କରିବା ପରେ ସେ ଏହି ସଫଳତା ପାଇଛନ୍ତି। ଟୁର୍ନାମେଣ୍ଟରେ ସର୍ବାଧିକ ରନ୍ ସ୍କୋରର ତାଲିକାରେ ସାକିବ ଭାରତର ରୋହିତ ଶର୍ମାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୭ଟି ଇନିଂସରୁ ସେ ୫୪୨ ରନ ସଂଗ୍ରହ କରିଛନ୍ତି। ସେ ଏପର୍ଯ୍ୟନ୍ତ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ଏବଂ ମୋଟ ଉପରେ ୧୧ ଉଇକେଟ ହାସଲ କରିଛନ୍ତି।

### ଥିମ୍ ପରାସ୍ତ

**ଲଣ୍ଡନ, ୩।୭**

ଫ୍ରେଞ୍ଚ ଓପନ୍ ଫାଇନାଲିଷ୍ଟ ଡୋମିନିକ୍ ଥିମ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଆମେରିକାର ସାମ୍ କ୍ୱେରୀ ତାଙ୍କୁ ୬-୭ (୪-୭), ୭-୬ (୭-୧) ୬-୩, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି।

# ସେମିରେ ବ୍ରାଜିଲ: ଆର୍ଜେଣ୍ଟିନା ବିଦା





ଗୋଲ ସ୍କୋର ପରେ ବ୍ରାଜିଲର ଗାବ୍ରିଏଲ ଜିସସ। ପରାଜୟ ଗ୍ଲାନିରେ ଆର୍ଜେଣ୍ଟିନାର ଲିଓନେଲ ମେସି।

**ବେଲୋ ହରିଜୋଣ୍ଟେ,୩।୭(ଏଏଫ୍‌ପି)**

ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ବ୍ରାଜିଲ ପ୍ରବେଶ କରିଛି। ଗାବ୍ରିଏଲ ଜିସସ ଓ ରବର୍ଟ ଫିର୍ମିନୋଙ୍କ ଗୋଟିଏ ଲେଖାଏ ଗୋଲ ବଳରେ ଆୟୋଜକ ଦଳ ତା'ର ଚିର ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନାକୁ ୨-୦ ଗୋଲରେ ହରାଇ ଦେଇଛି। ଚିଲି ଓ ପେରୁ ମଧ୍ୟରେ ଖେଳାଯିବାକୁ ଥିବା ସେମିଫାଇନାଲର ବିଜେତାକୁ ବ୍ରାଜିଲ ଫାଇନାଲରେ ଭେଟିବ। ବିଶ୍ୱର ଲୋକପ୍ରିୟ ଫୁଟ୍‌ବଲ ଖେଳାଳି ଲିଓନେଲ ମେସି କୋପା ଆମେରିକା ଟୁର୍ନାମେଣ୍ଟରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ପ୍ରଥମାର୍ଦ୍ଧରେ ମେସି ସ୍କୋର ଦେବାର ନିକଟତର ହୋଇଥିଲେ। କିନ୍ତୁ ତାଙ୍କ ଶଟ୍ ଗୋଲ ବାରରେ ବାଜିଥିଲା। ତାଙ୍କ ସାଥୀ ଫରୱାର୍ଡ ସେର୍ଗିଓ ଅଗୁରୋଙ୍କୁ ମଧ୍ୟ ସମାନ ଅବସ୍ଥା ଭୋଗ କରିବାକୁ ପଡ଼ିଥିଲା। ୨୦୦୭ ପରେ ପ୍ରଥମ ଥର ପାଇଁ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଦଳ କୌଣସି ବଡ଼ ଟୁର୍ନାମେଣ୍ଟରେ ପରସ୍ପରକୁ ଭେଟିଥିଲେ। ଗତ ଥର ୨୦୦୭ କୋପା ଆମେରିକା ଫାଇନାଲରେ ବ୍ରାଜିଲ ୩-୦ ଗୋଲରେ ଆର୍ଜେଣ୍ଟିନାକୁ ମାତ୍ ଦେଇଥିଲା।

**କୋପା ଆମେରିକା**

# ଟିକେଟ୍ ଦେବାକୁ କୋହଲିଙ୍କ ପ୍ରତିଶ୍ରୁତି



ଚାରୁଲତା ପଟେଲଙ୍କ ସହ ବିରାଟ କୋହଲି।

**ବର୍ମିଂହାମ,୩।୭(ପିଟି)**

ବାଂଲାଦେଶ ବିପକ୍ଷରେ ଏଠାରେ ଖେଳାଯାଇଥିବା ମ୍ୟାଚ୍ ଦେଖିବା ଲାଗି ଚାରୁଲତା ପଟେଲ ନାମ୍ନୀ ଜଣେ ବୃଦ୍ଧା (୮୭) ଷ୍ଟାଡିୟମରେ ଉପସ୍ଥିତ ରହି ଭାରତୀୟ ଦଳକୁ ଉତ୍ସାହିତ କରିଥିଲେ। ଚାରୁଲତାଙ୍କୁ ଭାରତୀୟ ଦଳର ବଳକା ବିଶ୍ୱକପ୍ ମ୍ୟାଚ୍ ଲାଗି ବିରାଟ କୋହଲି ଟିକେଟ ପ୍ରଦାନ କରିବେ। ଏ ନେଇ ଅଧିନାୟକ କୋହଲି ପ୍ରତିଶ୍ରୁତି ଦେଇଥିବା ଚାରୁଲତା କହିଛନ୍ତି। ଭାରତୀୟ ଦଳର ପ୍ରତ୍ୟେକ ଚୌକାରେ ସେ ଭାରତୀୟ ପତାକା ଉଠାଉ ଦେଖାଉଥିଲେ। ଏହା କୋହଲିଙ୍କ ଧ୍ୟାନ ଆକର୍ଷଣ କରିଥିଲା। ମ୍ୟାଚ୍ ପରେ କୋହଲି ଓ ଉପଅଧିନାୟକ ରୋହିତ ଶର୍ମା ବୃଦ୍ଧା ଫ୍ୟାନଙ୍କ ଆଶୀର୍ବାଦ ନେଇଥିଲେ। ମ୍ୟାଚ୍ ପରେ କୋହଲି ମୋତେ ଭେଟିଥିଲେ। ମୁଁ ତାଙ୍କୁ ଭଲ ପ୍ରଦର୍ଶନ କରି ବିଶ୍ୱକପ୍ ଜିତିବାକୁ କହିଛି। ମୋତେ ଦଳର ବଳକା ଦୁଇରୁ ୩ଟି ମ୍ୟାଚ୍ ଉପଭୋଗ କରିବା ଲାଗି କୋହଲି କହିଥିଲେ। ହେଲେ ମୋ ପାଖରେ ଟିକେଟ୍ ନ ଥିବା ଜଣାଇଥିଲି। ଏହାପରେ ସେ ମୋତେ ଟିକେଟ୍ ସମ୍ପର୍କରେ ଚିନ୍ତା ନ କରିବାକୁ କହିଥିଲେ। ଏହି ଭାରତୀୟ ଦଳର ବଡ଼ ପ୍ରଶଂସକ ରାତାରାତି ସୋସିଆଲ ମିଡିଆରେ ପରିଚିତ ହୋଇଯାଇଛନ୍ତି।

# ଅଜୟ,ସୌରଭ, ଲକ୍ଷ୍ୟଙ୍କ ବିଜୟ ଅଭିଯାନ

**କାଲଗାରୀ,୩।୭(ପିଟି)**

ଭାରତୀୟ ଶଟଲର ଅଜୟ ଜୟରାମ, ସୌରଭ ବର୍ମା ଓ ଲକ୍ଷ୍ୟ ସେନ ଏଠାରେ ଚାଲିଥିବା କାନାଡା ଓପନ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଜୟରାମ ୨୧-୧୫, ୨୦-୨୨, ୨୧-୧୫ ଗେମ୍‌ରେ ହୁଆଙ୍ଗ ଗୁକ୍ସିଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ଆଗାମୀ ମୁକାବିଲାରେ ଇଂଲଣ୍ଡର ରାଜୀବ ଓସେଫଙ୍କୁ ଭେଟିବେ। ଜାତୀୟ ଚାମ୍ପିୟନ ସୌରଭ ଓ ପୂର୍ବତନ ଏସିଆନ ଜୁନିୟର ଚାମ୍ପିୟନ ଲକ୍ଷ୍ୟଙ୍କ ବିଜୟ ଲାଗି ଅଧିକ ପରିଶ୍ରମ କରିବାକୁ ପଡ଼ି ନ ଥିଲା। ସୌରଭ ୨୧-୧୮, ୨୧-୧୩ରେ କାନାଡାର ଆଣ୍ଟିନୋଙ୍କୁ ପରାସ୍ତ କରିଥିବାବେଳେ ଲକ୍ଷ୍ୟ ଇଂଲଣ୍ଡର ଟୁନ କର ଲୁଙ୍ଗଙ୍କୁ ୨୧-୭, ୨୧-୮ ବ୍ୟବଧାନରେ ପ୍ରଥମ ରାଉଣ୍ଡ ମ୍ୟାଚ୍‌କୁ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ଯଥାକ୍ରମେ କାନାଡାର ବି.ଆର୍. ସନକିର୍ଥ ଓ ଚାଇନାର ୱେଙ୍ଗ ହଙ୍ଗ ୟାଙ୍ଗଙ୍କ ସହ ମୁକାବିଲା କରିବେ।





ୱିମ୍ବେଲଡନ: ବିଜୟ ହାସଲ ପରେ ରାଫାଲ ନାଡାଲ ଓ ଆମେରିକାର ଆଲିସନ ରିସ୍କି ଖୁସି ମନାଉଛନ୍ତି।

## ବିସିସିଆଇ ଘରୋଇ କାର୍ଯ୍ୟସୂଚୀ

# ଏଥର ୨୦୩୬ ମ୍ୟାଚ୍

**ନୂଆଦିଲ୍ଲୀ, ୩।୭(ପି.ଟି.)**

ଆଗାମୀ ଘରୋଇ ସେସନ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ତା'ର ଘରୋଇ କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇ ସୁଧାର ଅଣାଯାଇଛି। ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳାଳି ନିଲାମ ପୂର୍ବରୁ ଜାତୀୟ ଟି୨୦ ଟୁର୍ନାମେଣ୍ଟ ତଥା ସୟଦ ମୁସ୍ତାକ ଅଲି ଟ୍ରଫି ଆୟୋଜନ ହେବ। ୨୦୧୯-୨୦ ଘରୋଇ କାର୍ଯ୍ୟସୂଚୀରେ ଏହି ଉଲ୍ଲେଖନୀୟ ପରିବର୍ତ୍ତନ କରାଯାଇଛି। ଏଥର ଘରୋଇ ସିଜନରେ ମୋଟ ୨୦୩୬ଟି ମ୍ୟାଚ୍ ଖେଳାଯିବ। ମୁସ୍ତାକ ଅଲି ଟୁର୍ନାମେଣ୍ଟ ନଭେମ୍ବର ୮ରୁ ଆରମ୍ଭ ହୋଇ ଡିସେମ୍ବର ୧ ତାରିଖରେ ଶେଷ ହେବ। ଗତଥର ଏହି ଟୁର୍ନାମେଣ୍ଟ ଫେବୃୟାରୀ-ମାର୍ଚ୍ଚରେ ଖେଳାଯାଇଥିଲା। ଆଇପିଏଲ୍ ଖେଳାଳିନିଲାମ ସାଧାରଣତଃ ଡିସେମ୍ବର-ଜାନୁୟାରୀରେ ଆୟୋଜନ ହୋଇଥାଏ।

ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫି ଡିସେମ୍ବର ୯ରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହେବ। ରଣଜୀ ଟ୍ରଫି ଫାଇନାଲ ମାର୍ଚ୍ଚ ୧୩ ତାରିଖରେ ଖେଳାଯିବ। ଗତ ସେସନ ଭଳି ଏଥରର ଫର୍ମାଟ ସମାନ ରହିଛି। ପ୍ଲେଟ ଗ୍ରୁପ୍‌ରୁ କ୍ୱାର୍ଟର ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ଦଳଗୁଡିକ ଏଲିଟ ଗ୍ରୁପ୍ ସି'କୁ ଉତ୍ତୀର୍ଣ୍ଣ ହେବେ। ସେହିପରି ଏଲିଟ୍ ଗ୍ରୁପ୍ ସି'ରୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଶ୍ରେଷ୍ଠ ଦୁଇଟି ଦଳ ଏଲିଟ୍ ଗ୍ରୁପ୍ ଏ' ଓ ଏଲିଟ୍ ଗ୍ରୁପ୍ ବି'କୁ ଆଗାମୀ ସେସନରେ ଉତ୍ତୀର୍ଣ୍ଣ ହେବେ। ପୂର୍ବପରି ଦୁଲୀପ୍ ଟ୍ରଫିରୁ ହିଁ ସେସନ ଆରମ୍ଭ ହେବ। ଏହାପରେ ବିଜୟ ହଜାରେ ୫୦ ଓଭର ଟ୍ରଫି, ଦେଓଧର ଟ୍ରଫି, ରଜଣୀ ଟ୍ରଫି ଓ ଇରାନୀ ଟ୍ରଫି ଖେଳାଯିବ।

ସେହିପରି ସିନିୟର ମହିଳା ଘରୋଇ ସେସନ ଟି୨୦ ଲିଗ୍ ସହିତ ଅକ୍ଟୋବରରୁ ଆରମ୍ଭ ହେବ। ଅଷ୍ଟ୍ରେଲିଆରେ ଫେବୃୟାରୀ ୨୧ରୁ ମାର୍ଚ୍ଚ ୮ ତାରିଖ ମଧ୍ୟରେ ଟି୨୦ ବିଶ୍ୱକପ୍ ଆୟୋଜନ ହେବ। ଏହି ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳର ମୁଖ୍ୟ କାର୍ଯ୍ୟ ହେଲା ଖେଳାଳିଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ କରିବା। ଗତ ସଂସ୍କରଣରେ ବିସିସିଆଇ ୯ଟି ନୂଆ ଦଳ ସାମିଲ କରିବା ଫଳରେ ମୋଟ ମ୍ୟାଚ୍ ସଂଖ୍ୟା ୨୦୧୭ରେ ପହଞ୍ଚିଥିଲା। ଚଳିତବର୍ଷ ୧୯ଟି ମ୍ୟାଚ୍ ଅଧିକ ଖେଳାଯିବ ବୋଲି ପ୍ରକାଶିତ କାର୍ଯ୍ୟସୂଚୀରୁ ସ୍ପଷ୍ଟ ହୋଇଛି।